ଅସ୍ତାରୁଣର ସୁରଭି



ସୌମ୍ୟା ସାରସ୍ୱତା ପଣ୍ଡା

Digitized by PPRACHIN, SOA

ଅସ୍ତାରୁଣର ସୁରଭି

Digitized by PPRACHIN, SOA

Digitized by PPRACHIN, SOA

ଅସ୍ତାରୁଣର ସୁରଭି

ସୌମ୍ୟା ସାରସ୍ୱତା ପଣ୍ଡା

CLASSICS

Digitized by PPRACHIN, SOA

ଅସ୍ତାରୁଣର ସୁରଭି

ସୌମ୍ୟା ସାରସ୍ୱତା ପଣ୍ଡା

ମହାବୀର ବିହାର, କଳାରାହାଙ୍ଗ

କିଟ, ଭୁବନେଶ୍ୱର- ୭୫୧୦୨୪

ମୋ- ୭୦୦୮୩୨୦୧୭୧

ପ୍ରଥମ ସଂସ୍କରଣ: ୦୪ ଜୁଲାଇ ୨୦୧୯(ଶ୍ରୀ ଗୁଣ୍ଡିଚା)

ASTARUNARA SURAVI

Saumya Saraswata Panda
Mahavir Vihar, Kalarahanga
KIIT, Bhubaneswar- 751024
Mo No- 7008320171
e mail- saumyasaraswata@yahoo.co.in

No part of this publication may be reproduced, transmitted or stored any retrieval system, in any form or by any means, electronic or mechanical, photocopying or otherwise, without permission in writing from the publishers.

Copyright © Author 2019

All rights reserved

ISBN: 978-93-87265-25-7

1st Edition : 04 July 2019 *(Sri Gundicha)*

Printed and bound in India

Published by
B.K. Publications Private Limited
967/2393, Shiva Nagar, Tankapani Road
Bhubaneswar – 751018, Odisha, India
Ph: +91 674 2971856 / 2433856
info@bkpublication.in
www.bkpublication.in

Digitized by PPRACHIN, SOA

ଉତ୍ସର୍ଗ

ମୋର ପରମ ପୂଜ୍ୟ ବାପା ବୋଉ ଓ
ଶାଶୂ ଶ୍ୱଶୁରଙ୍କ ଚରଣ କମଳରେ...

Digitized by PPRACHIN, SOA

Digitized by PPRACHIN, SOA

ଅଭିମତ

କଥା ଓ କାହାଣୀ କେବଳ ଚିତ୍ତ ବିନୋଦନ ପାଇଁ ନୁହେଁ; ଚିତ୍ତ ବିନୋଦନ ସହିତ ଉପଦେଶ ଦେବା ମଧ୍ୟ ତାହାର ଲକ୍ଷ୍ୟ- ଏକଥା ପୂର୍ବରୁ ଚଳି ଆସୁଥିଲା । କିନ୍ତୁ ଆଧୁନିକ ଜୀବନର ଶକ୍ତି ଓ ସାମର୍ଥ୍ୟକୁ ସ୍ୱୀକାର କରି ନାନା ପ୍ରକାର ସାମାଜିକ ସମ୍ପର୍କ ଓ ସମସ୍ୟା ଠିକ୍ ଭାବରେ ହୃଦୟଙ୍ଗମପୂର୍ବକ ଜୀବନର ବାସ୍ତବ ଛବି ଆଙ୍କିବା ଆଧୁନିକ ଉପନ୍ୟାସରେ ହିଁ ସମ୍ଭବ ହୋଇ ପାରିଛି । ଉପନ୍ୟାସ ଅଧ୍ୟୟନରେ ମନୋରଞ୍ଜନ ସହିତ ଉପଦେଶ ତ ମିଳିଯାଏ; କିନ୍ତୁ ଏହି ଉପଦେଶ ସ୍ଥାନରେ ଏବେ ଯେଉଁ ବହୁଳ ସମସ୍ୟା ଦେଖାଦେଇଛି ତାର ଉପସ୍ଥାପନାରୁ ଔପନ୍ୟାସିକ/ ଔପନ୍ୟାସିକାଙ୍କର ସୂକ୍ଷ୍ମ ଦୃଷ୍ଟି, ଜାଗୃତି ଓ ବୌଦ୍ଧିକତାର ପରିଚୟ ମିଳେ । ଉପନ୍ୟାସରେ ଆଜିକାଲି ଯେମିତି ଜୀବନ ଓ ଚରିତ୍ରକୁ ଉପସ୍ଥାପନ କରାଯାଏ ଓ ବିଷୟବସ୍ତୁକୁ କେନ୍ଦ୍ର କରି ବିଶ୍ୱାସଯୋଗ୍ୟ ଘଟଣାବଳୀ ଦ୍ୱାରା ପାରିପାର୍ଶ୍ୱିକ ଅବସ୍ଥାକୁ ଯେପରି ଭାବରେ ଚିତ୍ରିତ କରାଯାଏ, ତାହା ପ୍ରାଚୀନ କଥା ଓ କାହାଣୀ ଗୁଡ଼ିକରେ ଆଦୌ ନଥିଲା । ଆଜିର ଉପନ୍ୟାସର ପ୍ରଧାନ ପ୍ରଶ୍ନ ହେଉଛି- 'ପୁଣି କ'ଣ ହେଲା ?', 'କାହିଁକି ହେଲା ?', 'ବର୍ତ୍ତମାନ କ'ଣ ହେଉଛି !', 'ପୁଣି କ'ଣ ହେବ ?' ଏଠାରେ ଉଲ୍ଲେଖ କଲେ ଭୁଲ୍ ହେବନାହିଁ ଯେ ଏ ସମସ୍ତ ପ୍ରଶ୍ନ ଭିତରେ ଜୀବନର ମୌଳିକ ପ୍ରଶ୍ନ ମଧ୍ୟ ଅନ୍ତର୍ଭୁକ୍ତ ।

ଓଡ଼ିଆ ଉପନ୍ୟାସରେ ସାମାଜିକ ଓ ପାରିବାରିକ ବନ୍ଧନ ବାହାରେ ପ୍ରେମ, ପ୍ରଣୟର ଚିତ୍ର ଅଙ୍କନରେ ଔପନ୍ୟାସିକ/ ଔପନ୍ୟାସିକା ମାନଙ୍କର ବହୁ ଶକ୍ତି ବ୍ୟୟିତ ହେଉଛି । ହୁଏତ ସେମାନେ ନିର୍ବାଚିତ ଉପାଦାନକୁ ସୁଚତୁର ସଂଯୋଜନା ମାଧ୍ୟମରେ ଜୀବନ ଓ ଜଗତ ସହିତ ସମନ୍ୱିତ କରିବାର ପ୍ରଚେଷ୍ଟା କରିଥାନ୍ତି । ମନସ୍ତତ୍ତ୍ୱର ଅନ୍ଧକାର ମଧ୍ୟରୁ ଅଦୃଶ୍ୟ ଭାବସତ୍ତାକୁ ଆଲୋକକୁ ଆଣିବାର ପ୍ରୟାସ ହୁଏତ କେତେକାଂଶରେ ସଫଳ ହୋଇପାରେ । ଏହା ନିର୍ଭର କରେ ଔପନ୍ୟାସିକ/ ଔପନ୍ୟାସିକାଙ୍କର ବୋଧଗମ୍ୟ ଅଭିଜ୍ଞତା, ସାହସ ଓ ନିଷ୍ଠା ଏବଂ ସର୍ବୋପରି ଭାଷା ଓ ମିଥ୍‌ର ପ୍ରୟୋଗ ଉପରେ ।

Digitized by PPRACHIN, SOA

ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ସୌମ୍ୟା ସାରସ୍ୱତା ପଣ୍ଡାଙ୍କର ଉପନ୍ୟାସ 'ଅସ୍ତାରୁଣର ସୁରଭି'କୁ ବିଚାର କରାଯାଇପାରେ । ଶ୍ରୀମତୀ ପଣ୍ଡାଙ୍କର ଏହା ପ୍ରଥମ ସାରସ୍ୱତ ପ୍ରଚେଷ୍ଟା । ଉପନ୍ୟାସ ଲେଖିବାର ସମସ୍ତ କଳା କୌଶଳକୁ ଏଥିରେ ସେ ପ୍ରୟୋଗ କରିବାର ପ୍ରୟାସ କରିଛନ୍ତି । ଏହି ଉପନ୍ୟାସ ପ୍ରେମ, ପ୍ରଣୟର ଭାବବସ୍ତୁକୁ ନେଇ ଲିଖିତ । ପ୍ରତ୍ୟେକ ସାରସ୍ୱତ ସ୍ରଷ୍ଟାର ପ୍ରଥମ ପୁସ୍ତକ 'ପ୍ରେମ'ରୁ ହିଁ ଆରମ୍ଭ ହୋଇଥାଏ । ଅନୁଭୂତି ଓ ଅଭିଜ୍ଞତା ଯେତେ ପାକଳ ହୁଏ, ରଚନାର କ୍ୟାନ୍‌ଭାସ୍ ସେତେ ବ୍ୟାପକତା ଲାଭ କରେ ।

ଶ୍ରୀମତୀ ପଣ୍ଡାଙ୍କର ଏହି ଉପନ୍ୟାସ ତିନୋଟି ଚରିତ୍ରକୁ ନେଇ କେନ୍ଦ୍ରିତ । ନାୟିକା ସୁରଭି, ପ୍ରେମିକ ଅରୁଣ ଓ ସ୍ୱାମୀ ତାପସ୍ । ଏଇ ତ୍ରିଭୁଜକୁ ନେଇ ଗଢ଼ି ଉଠିଛି ଉପନ୍ୟାସର ବିଷୟବସ୍ତୁ । ଶ୍ରୀମତୀ ପଣ୍ଡା ଉପନ୍ୟାସର ଆରମ୍ଭ ନାୟିକା ସୁରଭିଙ୍କର ତାଙ୍କ ପ୍ରେମିକ ପ୍ରତି ମନୋଭାବକୁ ଡାଏରି ମାଧ୍ୟମରେ ଉପସ୍ଥାପନ କରିଛନ୍ତି । ସେଥିରେ ପ୍ରେମିକାର ପ୍ରେମିକ ପ୍ରତି ମନୋଭାବର ସ୍ଫୁରଣ ଘଟିଛି । ପ୍ରେମିକା ଡାଏରି ଆରମ୍ଭରୁ ଲେଖିଛି, 'ଅରୁଣ, ମୋ ଶବ୍ଦ ସବୁ ତୁମର ବହୁତ ପସନ୍ଦ ଥିଲା । ସେଇଥିପାଇଁ ତ ମୁଁ ଲେଖୁଛି । ତୁମ ଆଖିର ଗଭୀରତାକୁ ମାପିଛି ଅରୁଣ । ରାତ୍ରିର କବରୀରେ ମୋ ସ୍ୱପ୍ନକୁ ଅଧା ରଖି ଅସୀମ ପ୍ରତୀକ୍ଷା କରିଛି । ଜାଣିଛି, ତୁମେ କେବଳ ଆସ ସ୍ୱପ୍ନରେ । ଜାଣିଛ ଅରୁଣ, କେତେଥର କହିବି ବୋଲି ଭାବିଛି କେବେ ମୋ ସ୍ୱପ୍ନରେ ଆସିବନି... ।'

ସୁରଭି ବିବାହ କରନ୍ତି ତାପସ୍‌ଙ୍କୁ । କିନ୍ତୁ ସୁରଭିଙ୍କ ଅବଚେତନ ମନରେ ଅରୁଣ ବସା ବାନ୍ଧି ରହି ଯାଇଥିଲେ । ସେ ଏହି ବସାକୁ ଭାଙ୍ଗି ପାରୁ ନଥିଲେ କିମ୍ବା ସେଥିରୁ ମୁକୁଳି ପାରୁ ନଥିଲେ । ସେ ନିଜକୁ ପ୍ରଶ୍ନ କରିଥିଲେ- 'ନାରୀଟିଏ ସବୁବେଳେ ନିଜ ଭିତରେ ଏତେ ସଂକୁଚିତ ହୋଇଯାଏ କାହିଁକି ? କାହିଁକି ମୁହଁ ଖୋଲି କହି ପାରେନା ତା' ଅନ୍ତରର କଥା ? ପାର୍ଥ, ମୁଁ କେବଳ ତୁମର ବୋଲି ପାଟି ଖୋଲି ଥରେ କହିଥିଲେ ଯାଜ୍ଞସେନୀଙ୍କୁ ବହୁଭୋଗ୍ୟା ହେବାକୁ ପଡ଼ିନଥାନ୍ତା ବୋଧହୁଏ ?'

ସୁରଭିଙ୍କ ମନର ମନସ୍ତାତ୍ତ୍ୱିକ ଚିତ୍ର ବାରମ୍ବାର ଉପନ୍ୟାସରେ ଦେଖିବାକୁ ମିଳେ । କିନ୍ତୁ ତାଙ୍କର ଦାମ୍ପତ୍ୟ ଜୀବନରେ ଏହାର ପ୍ରତିକୂଳ ଅବସ୍ଥା କେବେ ପରିଲକ୍ଷିତ ହୋଇନାହିଁ । ତାପସ୍ ସୁରଭିଙ୍କୁ ଭଲ ପାଇଛନ୍ତି, ପ୍ରେମ କରିଛନ୍ତି ଓ ଜଣେ ଉତ୍ତମ ସ୍ୱାମୀର କର୍ତ୍ତବ୍ୟ ପାଳନ କରିଛନ୍ତି । ସୁରଭିଙ୍କର ଅରୁଣଙ୍କ ପ୍ରତି ମନରେ ଥିବା ଦୁର୍ବଳତା କେବେହେଲେ ସ୍ୱାମୀଙ୍କ ସମ୍ମୁଖରେ ପ୍ରକାଶ ପାଇନାହିଁ । ନାରୀଟି ତା'ର ପ୍ରଥମ ପ୍ରେମକୁ ଭୁଲି ପାରୁନାହିଁ, କିନ୍ତୁ ସ୍ୱାମୀ ପ୍ରତି ତା'ର ପ୍ରେମ ଓ କର୍ତ୍ତବ୍ୟରେ ସେ କେବେହେଲେ ଅବହେଳା କରିନାହିଁ ।

Digitized by PPRACHIN, SOA

ତାପସ୍‌ଙ୍କର କିଡ୍‌ନୀ ଖରାପ ହୋଇଛି । ଅରୁଣ ସୁରଭିଙ୍କ ପ୍ରତି ତାଙ୍କ ପ୍ରେମର ପ୍ରତିଦାନ ଭାବେ ତାପସ୍‌ଙ୍କୁ କିଡ୍‌ନୀ ଦାନ କରିଛନ୍ତି । ତଥାପି ତାଙ୍କୁ ବେଶୀ ଦିନ ପର୍ଯ୍ୟନ୍ତ ବଞ୍ଚେଇ ପାରିନାହାନ୍ତି । ସେତେବେଳକୁ ଅରୁଣ ଓ ସୁରଭି ବାର୍ଦ୍ଧକ୍ୟରେ । ନିଜ ନିଜର ସଂସାର, ପୁଅ, ଝିଅ, ନାତି ନାତୁଣୀଙ୍କ ମେଳରେ ଜୀବନର ଆନନ୍ଦ ଭୋଗ କରୁଛନ୍ତି ।

ଅରୁଣଙ୍କ ମନରେ ତଥାପି ରହିଛି ସୁରଭିଙ୍କୁ ପାଇବାର ଇଚ୍ଛା । ତାଙ୍କ ପତ୍ନୀ ସେତେବେଳକୁ ତାଙ୍କୁ ଛାଡ଼ି ଚାଲିଗଲେଣି । ତାପସ୍‌ଙ୍କ ମୃତ୍ୟୁରେ ସୁରଭି ହୋଇ ଯାଇଛନ୍ତି ଏକଲା । ସେମାନେ ପୁଣି ଦାମ୍ପତ୍ୟ ଜୀବନ ବାନ୍ଧିବାକୁ ଉଭୟ ପରିବାର ପକ୍ଷରୁ କାହାରି ଅଭିଯୋଗ ନାହିଁ ।

ଅରୁଣ ତାଙ୍କୁ ଚାହାଁନ୍ତି । କିନ୍ତୁ ସୁରଭି ? ସେ ଅରୁଣଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇପାରି ନାହାନ୍ତି । ସେ କହିଛନ୍ତି, 'ମୁଁ ତୁମର, ସବୁଦିନ ପାଇଁ ତୁମର ଅରୁଣ, କିନ୍ତୁ ମୁଁ ତୁମକୁ କେବଳ ମୋ ଅନୁଭବରେ ରଖିବାକୁ ଚାହେଁ... ।'

ଏହା ହେଉଛି ଉପନ୍ୟାସର ବିଷୟବସ୍ତୁ । ଔପନ୍ୟାସିକା ନିଜର ଭାଷା, ଭାବ ଓ ଶୈଳୀର ପରିପ୍ରକାଶରେ ମାର୍ଜିତ, ରୁଚିସମ୍ପନ୍ନ । ଉପନ୍ୟାସର ପ୍ରଧାନ ପ୍ରଶ୍ନ- 'କାହିଁକି ହେଲା ?'- ଖୋଜିବା ପାଇଁ ସେ ପାଠକମାନଙ୍କ ନିକଟରେ ଦ୍ୱାର ଉନ୍ମୁକ୍ତ କରିଛନ୍ତି ।

ଶ୍ରୀମତୀ ସୌମ୍ୟା ସାରସ୍ୱତା ପଣ୍ଡାଙ୍କର ଉପନ୍ୟାସ ଲେଖିବାର ଏହି ପ୍ରଥମ ପ୍ରୟାସକୁ ସ୍ୱାଗତ କରୁଛି ଏବଂ ଭବିଷ୍ୟତ ସୃଷ୍ଟି ତାଙ୍କର ଗୁଣ୍ଡିମନ୍ତ ହେବାର କାମନା କରୁଛି ।

ଡକ୍ଟର ସୌରୀବଂଧୁ କର
ତା ୧୧.୦୬.୨୦୧୯ରିଖ

ସଭାପତି
ଓଡ଼ିଶା ଲେଖକ ସମବାୟ ସମିତି ଲିଃ
ଭୁବନେଶ୍ୱର
ମୋ: ୯୪୩୭୦୩୬୩୪୨

Digitized by PPRACHIN, SOA

Digitized by PPRACHIN, SOA

ନିଜ କଥା

'ଅସ୍ତାରୁଣର ସୁରଭି' ପ୍ରଥମରୁ ଆଦୌ ଯୋଜନା କରାଯାଇ ନଥିବା, ଅଥଚ ପରବର୍ତ୍ତୀ ସମୟରେ ସାକାର ରୂପ ନେଇଥିବା ଏକ ପ୍ରେମ କାହାଣୀ ଆଧାରିତ ଉପନ୍ୟାସ । ପ୍ରେମର ଅନୁଭବ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଏବଂ ଏହାର ଅସୀମ ରୂପ ରହିଛି, ତେଣୁ ଏହାର ଏକ ଭିନ୍ନ ଦିଗକୁ ରୂପ ଦେବାକୁ ଉଦ୍ୟମ କରିଛି ମୋର ଏଇ ଉପନ୍ୟାସରେ । ମୋତେ ଲାଗେ ଯେ ପ୍ରାପ୍ତି କିମ୍ବା ଅପ୍ରାପ୍ତି ପ୍ରେମର ଅନୁଭବକୁ ପରିବର୍ତ୍ତନ କରିପାରେନି । ଆଉ ଏମିତି ଏକ ଖିଆଲ ମୁଣ୍ଡରେ ପଶିବା ପରେ ତା'ର ପରିପ୍ରକାଶ ପାଇଁ ତିଆରି କଲି ତିନୋଟି କାଳ୍ପନିକ ଚରିତ୍ର – ଅରୁଣ, ସୁରଭି ଏବଂ ତାପସ୍ । ସେମାନଙ୍କ ସହିତ ବି କିଛି ପାର୍ଶ୍ୱ ଚରିତ୍ର ।

ଖିଆଲକୁ ରୂପ ଦେବାକୁ ଅରୁଣ ଆଉ ସୁରଭିଙ୍କୁ ନେଇ କାହାଣୀ ଲେଖିବା ଆରମ୍ଭ କରିଦେଲି ସାମାଜିକ ଗଣମାଧ୍ୟମର ଫେସ୍‌ବୁକ୍ ପ୍ଲାଟ୍‌ଫର୍ମରେ । ସବୁଦିନ ସେଥିରେ ଛୋଟ ଏପିସୋଡ୍‌ଟିଏ ପୋଷ୍ଟ୍ କରିବାକୁ ଉଦ୍ୟମ କଲି । ପ୍ରଥମେ ପ୍ରଥମେ ଅଳ୍ପ କିଛି ପାଠକପାଠିକା ତାକୁ ପାଠ କରି ଲାଇକ୍ କଲେ ଓ ମନ୍ତବ୍ୟ ଦେଲେ । ସେମାନଙ୍କ ଲାଇକ୍ ଓ ମନ୍ତବ୍ୟ ମୋତେ ପ୍ରେରଣା ଯୋଗାଇଲା ଆଗକୁ ଆଗକୁ ଲେଖିବା ପାଇଁ । ଆଉ ଏମିତି ଏକ ସମୟ ଆସିଲା ଯେତେବେଳେ କି ପାଠକପାଠିକାଙ୍କ ସଂଖ୍ୟା ବଢ଼ିବା ସହିତ ମୋ ଲେଖାକୁ ସେମାନଙ୍କ ମଧ୍ୟରୁ କେତେଜଣ ଅପେକ୍ଷା କରି ରହୁଥିବା ଜାଣିବାକୁ ପାଇଲି । ଏହା ଅଧିକ ଉତ୍ସାହିତ କଲା ସାଧନାକୁ ଜାରି ରଖିବାକୁ । ଏମିତି କେତେଜଣ ଥିଲେ ଯେଉଁମାନେ ମୋତେ ପଚାରିବାକୁ ଆରମ୍ଭ କରି ଦେଇଥିଲେ- ଆଜି କ'ଣ ଲେଖି ନାହାନ୍ତି କି; ଆଜିର ଏପିସୋଡ୍ କେତେବେଳେ ପୋଷ୍ଟ୍ କରିବେ, ଇତ୍ୟାଦି ।

ଉପରୋକ୍ତ ମନ୍ତବ୍ୟ ମୋ ପାଇଁ ଲେଖାକୁ ନିଶା ବନାଇ ଦେଲା । ଲେଖି ଚାଲିଲି । ହଠାତ୍ ଦିନେ ଭାବିଲି, ଏଇ କାହାଣୀକୁ ଉପନ୍ୟାସରେ ରୂପାନ୍ତରିତ କରାଯାଇ ପାରିବ କି ! ସ୍ୱାମୀ ଜ୍ୟୋତିପ୍ରକାଶ ବ୍ରହ୍ମାଙ୍କୁ ମନର କଥା କହିଲି । ସେ ପ୍ରେରଣା ଦେଲେ ଆଗେଇ

Digitized by PPRACHIN, SOA

ଯିବାକୁ । ଏହାପରେ ଫେସ୍‌ବୁକ୍‌ରେ ଲେଖିବା ବନ୍ଦ କରି ମୋର ପାଠକପାଠିକାଙ୍କୁ ଅପେକ୍ଷା କରିବା ପାଇଁ ଅନୁରୋଧ କଲି । ସେମାନେ ବି ସାହଚର୍ଯ୍ୟ ଦେଲେ । ସଂଗଠିତ ରୂପ ନେଲା 'ଅସ୍ତାରୁଣର ସୁରଭି'- ଉପନ୍ୟାସ ଜଗତରେ ପ୍ରବେଶ କରିବା ପାଇଁ ମୋର ପ୍ରଥମ ପଦକ୍ଷେପ । ଅନୁଭବ କରୁଛି, ସ୍ୱାମୀଙ୍କ ଅକୁଣ୍ଠ ସହଯୋଗ ଓ ସମର୍ଥନ ବିନା ମୋ ସ୍ୱପ୍ନ ସ୍ୱପ୍ନରେ ହିଁ ରହି ଯାଇଥାନ୍ତା । ତେଣୁ ଏଇ ଉପନ୍ୟାସଟିର ପ୍ରକାଶ ଅବସରରେ ତାଙ୍କୁ କୃତଜ୍ଞତା ଜଣାଉଛି ।

ଏତଦ୍‌ବ୍ୟତୀତ ଚଲାପଥରେ ଆଗେଇ ଯିବାକୁ ଯେଉଁମାନେ ମୋତେ ଅକୁଣ୍ଠିତ ଚିତ୍ତରେ ପ୍ରେରଣା ଯୋଗାଇ ଆସିଛନ୍ତି, ସେମାନେ ହେଉଛନ୍ତି- ମୋ ଅଫିସ୍‌ର ନିର୍ଦ୍ଦେଶକ ଅଭୟ କୁମାର ମହାନ୍ତି, ସହକର୍ମୀ ସାଇପଲ୍ଲବୀ ଭୋଇ, ବୀଣାପାଣି ଦାସ, ହେମନ୍ତ କୁମାର ସାହୁ, ପାର୍ଥ ସାରଥି ଘୋଷ, ନଣନ୍ଦ ତିଳୋତ୍ତମା ପଣ୍ଡା, ଶୁଭ୍ରୀ ଓ ସ୍ୱାତୀ, ବାନ୍ଧବୀ ସୁଜାତା ସିଂହ, କଲ୍ୟାଣୀ ପଣ୍ଡା, ବନ୍ଦନା ପ୍ରଧାନ, ମଧୁସ୍ମିତା ପାତ୍ର, ରିଙ୍କି ପଟ୍ଟନାୟକ, ଜୟଶ୍ରୀ ପଣ୍ଡା । ଏମାନଙ୍କ ବ୍ୟତୀତ ହେମନ୍ତ ପରିଡ଼ା, ମଧୁସ୍ମିତା ନାୟକ, ମୋର ଛାତ୍ରଛାତ୍ରୀ ସନ୍ଦୀପ, ଗଣେଶ, ଅମର, କାମିନୀ, କାଜଲ୍, ସ୍ୱପ୍ନା, କରିସ୍ମା, ମଧୁ, ସୁଇଟି ତଥା ଆହୁରି ବେଶ୍ କିଛି ସଂଖ୍ୟକ ଛାତ୍ରଛାତ୍ରୀ ଯେଉଁମାନଙ୍କ ନାମ ସ୍ଥାନାଭାବ ଯୋଗୁଁ ଏଠାରେ ଲେଖିବା ସମ୍ଭବପର ନୁହେଁ, ସେ ସମସ୍ତଙ୍କୁ ମୋର ହୃଦୟଭରା ଧନ୍ୟବାଦ ଅର୍ପଣ କରୁଛି ।

ସାଙ୍ଗସାଥୀଙ୍କ ବ୍ୟତୀତ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସମ୍ପାଦକ କବି ବସନ୍ତ ମାଝି ଓ ରାଜ୍ୟର ଅନ୍ୟତମ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଡକ୍ଟର ଦିଗରାଜ ବ୍ରହ୍ମା ଏବଂ ନିତିଦିନର ସମ୍ପାଦକୀୟ ପରାମର୍ଶଦାତା ଅରବିନ୍ଦ ପରିଡ଼ାଙ୍କ ସୁପରାମର୍ଶ ଓ ମାର୍ଗଦର୍ଶନ ସହିତ କିଛି ବରିଷ୍ଠ ସାହିତ୍ୟିକଙ୍କ ଅନୁକୂଳ ମନ୍ତବ୍ୟ ମୋତେ ବାଟ କଢ଼େଇ ନେଇଥିଲା ଆଗକୁ । ମୋର ଏହି ଯାତ୍ରା ପଥରେ ଅନ୍ୟ ଯେଉଁମାନେ ମୋ ସାଙ୍ଗରେ ସବୁବେଳେ ରହି ଆସିଛନ୍ତି, ସେମାନେ ହେଉଛନ୍ତି ମୋର ବୋଉ ଶିକ୍ଷୟିତ୍ରୀ ବାସନ୍ତି ଦେବୀ, ବାବା ଶିକ୍ଷାବିତ୍ କାଶୀନାଥ ପଣ୍ଡା, ଭାଇ ଡାକ୍ତର ସୌମ୍ୟଶ୍ରୀ ପଣ୍ଡା, ଭାଉଜ ଲକ୍ଷ୍ମୀପ୍ରିୟା ତଥା ଭଉଣୀ ପ୍ରଜ୍ଞା ପାରମିତା, ସ୍ମିତା ସୁରଭିତା ଏବଂ ଶାଶୂ ଜ୍ୟୋତ୍ସ୍ନାରାଣୀ ବ୍ରହ୍ମା, ଶ୍ୱଶୁର ଡକ୍ଟର ଦିଗରାଜ ବ୍ରହ୍ମାଙ୍କ ସହିତ ମୋର ତିନି ଦିଅର ଦିପ୍ତୀପ୍ରକାଶ, ଶକ୍ତିପ୍ରକାଶ, କାନ୍ତିପ୍ରକାଶ ଓ ସାନଯାଆ ସନ୍ଧ୍ୟାରାଣୀ, ଏଲିନା, ଶ୍ୱେତା ।

ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ, ସଦାସର୍ବଦା ସେମାନେ ମୋତେ ପ୍ରୋତ୍ସାହନ ଯୋଗାଇ ଆସିଛନ୍ତି । ଆଉ ଉପରୋକ୍ତ ସମସ୍ତ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗ, ଅକୁଣ୍ଠିତ ପ୍ରେରଣା, ମାର୍ଗଦର୍ଶନ ଇତ୍ୟାଦି ହିଁ ମୋର ଉପନ୍ୟାସ 'ଅସ୍ତାରୁଣର ସୁରଭି'କୁ ମାତ୍ର ଆଠମାସ

Digitized by PPRACHIN, SOA

ଭିତରେ ସମ୍ପୂର୍ଣ୍ଣ କରିବାକୁ ମୋତେ ସାମର୍ଥ୍ୟ ପ୍ରଦାନ କରିଛି । ସମସ୍ତଙ୍କୁ ମୋର ଯଥାମାନ୍ୟ ଅର୍ପଣ କରୁଛି ।

ସର୍ବୋପରି ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ଏବଂ ସ୍ତମ୍ଭକାର ଡକ୍ଟର ସୌରୀବଂଧୁ କର ମୋର ଏଇ ପ୍ରଥମ ଉପନ୍ୟାସଟିର ମୁଖବନ୍ଧ ଲେଖି ମୋତେ ଚିର ବାଧିତ କରିଛନ୍ତି । ତାଙ୍କୁ ଯେତେ କୃତଜ୍ଞତା ଜଣାଇଲେ ବି କମ୍ ହେବ । ଏହି ଅବସରରେ ତାଙ୍କ ନିକଟରେ ମଥାନତ କରି ତାଙ୍କର ଆଶୀର୍ବାଦ ଭିକ୍ଷା କରୁଛି ।

ମୋ ପୁଅ ଦେବାଂଶୁ ବ୍ରହ୍ମା (ରିଷି) ବିଷୟରେ କିଛି ନ କହିଲେ ମୁଁ ତା' ପ୍ରତି ଅନ୍ୟାୟ କରୁଛି ବୋଲି ଅବସୋସ ରହିଯିବ । ତା'ର ପଦେ କଥା ମୋ ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଉପନ୍ୟାସଟି ଲେଖିବା ବେଳେ କିଛି ସମୟ ପାଇଁ ମୁଁ ଚରିତ୍ର ପାଲଟିଯାଏ । ଆବଶ୍ୟକ କରେ ନିର୍ଜନ ପରିବେଶଟିଏ । ଷଷ୍ଠ ଶ୍ରେଣୀରେ ପଢୁଥିବା ମୋର ପୁଅକୁ ତେଣୁ ଚୁପ୍ ହୋଇ ରହିବାକୁ ପଡ଼ିଥାଏ ମୋ ଲେଖିବା ସମୟତକ । ଦିନେ ସେ କହିଲା, 'ଲେଖିକାର ପୁଅ ହେବା ଭାରି କଷ୍ଟକର ନା ମାମା ?' ତାକୁ ସେତେବେଳେ କୋଳେଇ ନେଇଥିଲି । ପରବର୍ତ୍ତୀ ସମୟରେ ତା'ର ଏଇ କଥା ମୋ ମନରେ ଭାବାନ୍ତର ସୃଷ୍ଟି କରିଥିଲା । ସ୍ଥିର କଲି, ମୋ ଲେଖା ସେତିକି ଥାଉ । ପରେ ସେ ହିଁ ମୋତେ ଉତ୍ସାହିତ କରିଥିଲା ଲେଖା ଜାରି ରଖିବାକୁ । ତାକୁ କଷ୍ଟ ହେଉଥିଲେ ବି ମୁଁ ଲେଖିବା ସମୟରେ ସେ ଚୁପ୍ ରହୁଥିଲା । ଅପେକ୍ଷା କରୁଥିଲା- ମାମାର ଲେଖା କେତେବେଳେ ସରିବ । ତା'ର ଏଇ ଧୈର୍ଯ୍ୟ ଓ ସହନଶୀଳତା ମୋତେ ଢେର୍ ପ୍ରଭାବିତ କରିଛି । ଆଶା କରୁଛି, ଭବିଷ୍ୟତରେ ତା'ର ଏଇ ଗୁଣଗୁଡ଼ିକ ତାକୁ ଜୀବନର ଚଲାପଥରେ ସୁଖ ଶାନ୍ତିରେ ଯାତ୍ରା କରିବାକୁ ସାହାଯ୍ୟ କରିବ । ତାକୁ ମୋର ସମସ୍ତ ସ୍ନେହ ଓ ଆଶୀର୍ବାଦ ।

ଶେଷରେ ମୋର ପରମ ଆରାଧ୍ୟ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଚରଣ କମଳରେ ମଥାନତ କରି ପାଠକମାନଙ୍କ ହାତରେ ଏଇ ଉପନ୍ୟାସଟିକୁ ଅର୍ପଣ କରୁଛି । ଆଶା, ପାଠକମାନେ ଏହାକୁ ପାଠ କରି ସେମାନଙ୍କ ପାଠକୀୟ ମନ୍ତବ୍ୟ ଓ ସୁଚିନ୍ତିତ ପରାମର୍ଶ ପ୍ରଦାନପୂର୍ବକ ବାଧିତ କରିବା ହେବେ ।

ସୌମ୍ୟା ସାରସ୍ୱତା ପଣ୍ଡା

Digitized by PPRACHIN, SOA

Digitized by PPRACHIN, SOA

ଅପରାହ୍ନର ଡାହାଣିଆ ଖରାଟା କାଠଚମ୍ପା ଗଛ ଉପରେ ଲଦି ହୋଇ ପଡୁଥାଏ । ଧଳା କାଠଚମ୍ପା ଉପରେ ସୂର୍ଯ୍ୟ କିରଣ ପଡ଼ି ଲୋହିତ ବର୍ଣ୍ଣ ଧାରଣ କରିଥାଏ । ଏଇ ବେଳ ରତରତ ଖରାକୁ କେବେ ବି ହାତଛଡ଼ା କରିବାକୁ ଦିଅନ୍ତିନି ସୁରଭି । ଖୁବ୍ ମନଭରି ଉପଭୋଗ କରନ୍ତି । ଏଇଟା ତାଙ୍କର ସବୁଦିନିଆ ଅଫିସ୍‌ରୁ ଫେରିବାର ସମୟ । ଆଜି ରବିବାର, ଘରେ କେହି ନାହାନ୍ତି । ସେ ଏକୁଟିଆ ଅନ୍ୟମନସ୍କ ଭାବେ ବସିଥାନ୍ତି ବାଲକୋନିରେ । ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଭାରି ଭଲପାଆନ୍ତି । ଯେଉଁ ଦିନ ମେଘୁଆ ପାଗ ହୋଇଯାଏ, ସୂର୍ଯ୍ୟ ଲୁଚିଯାଆନ୍ତି, ସେଦିନ ଭାରି ଉଦାସ ହୋଇଯାଆନ୍ତି ସେ । ଆଜିର ସୂର୍ଯ୍ୟ କିନ୍ତୁ ନିଆରା ଲାଗୁଥିଲେ ତାଙ୍କୁ ।

ପଶ୍ଚିମାକାଶରେ ବିଛି ହୋଇ ଯାଇଥିଲା ଫଗୁର ରୋଷଣୀ । ତଲ୍ଲୀନ ହୋଇ ଯାଇଥିଲେ ସୁରଭି ସେ ଦୃଶ୍ୟକୁ ଦେଖୁ ଦେଖୁ । ହଜି ଯାଇଥଲେ କେଉଁ ଏକ ଅଜଣା ସ୍ୱପ୍ନ ରାଜ୍ୟରେ । ଭାବୁଥିଲେ, ସମୟ ସହିତ ତାଳ ଦେଇ ଚାଲିବାକୁ ଚେଷ୍ଟା କରୁକରୁ କେତେବେଳେ ଯେ କେଜାଣି ସିଏ ପାଦ ଥାପି ସାରିଲେଣି ଉତ୍ତର ଯୌବନର ଦେହଳୀରେ ! ସମୟ ସତରେ କେତେ ଶୀଘ୍ର ତାଙ୍କୁ ନେଇ ଆସିଲା ଏତେ ବାଟ ! ଚାକିରି, ସ୍ୱାମୀ, ଝିଅ, ଘର ସଂସାରର ଜଞ୍ଜାଳ ଭିତରେ ସେ ଭୁଲି ଯାଇଥିଲେ ନିଜକୁ ।

ଅଥଚ ଭୁଲି ପାରୁନଥିଲେ ଅରୁଣଙ୍କୁ । ପ୍ରତିଦିନ କେତେବେଳେ ନା କେତେବେଳେ ତାଙ୍କ ମନର ଝରକାରେ ଉଙ୍କି ମାରୁଥିଲା ଅରୁଣଙ୍କର ଛବି । ଧସେଇ ପଶି ଆସୁଥିଲେ ସେ । ତାଙ୍କ ଆସିବାର କିଛି ସମୟ ହିଁ ନଥିଲା । ଆଉ ଅପରାହ୍ନ ସମୟରେ ତ ସେ ନିଶ୍ଚୟ ଆସୁଥିଲେ ସୂର୍ଯ୍ୟ ଅସ୍ତ ହେବା ବେଳକୁ । ଦିନର ଶେଷ ସମୟ ବେଳକୁ କ୍ଳାନ୍ତଶ୍ରାନ୍ତ ଶରୀର ନେଇ ଯେତେବେଳେ ସ୍ଥିର ହୋଇ ବସିଯିବାକୁ ଟିକେ ଇଚ୍ଛା ହୁଏ ତାଙ୍କର, ସେତେବେଳେ ଅରୁଣଙ୍କ ସ୍ମୃତି ସୁରଭିଙ୍କ ମନକୁ ଦୋହଲାଇ ଦିଏ । ସ୍ଥିର ଜଳରାଶିରେ ସତେ ଯେମିତି କିଏ ଫିଙ୍ଗିଦିଏ ଟେକାଟିଏ, କୋଉ ଗୋଟେ ଚଗଲା ପିଲା ଗଡ଼ିଆକୁ ଟେକା ଫିଙ୍ଗିଲା ପରି । ଆଉ ତା'ପରେ ସୁରଭିଙ୍କ ମନରେ ଉଠେ ଭାବନାର ତରଙ୍ଗ । ସେ ହୋଇ ଯାଆନ୍ତି

Digitized by PPRACHIN, SOA

ଅରୁଣମନସ୍କ । ମନବୀଣାର ତନ୍ତ୍ରୀରେ ବାଜିଉଠେ ରାଗ ଅରୁଣ ମଲ୍ଲାର । ଭୁଲି ଯାଆନ୍ତି ଦିନର ସବୁ କର୍ମକ୍ଳେଶ । ବିଗତ ଦିନରେ ଅରୁଣଙ୍କ ସହିତ ତାଙ୍କର ସମ୍ପର୍କର ସ୍ମୃତିସବୁ ଆବୋରି ବସନ୍ତି ଭାବନା ରାଜ୍ୟକୁ । ଆକ୍ତାମାକ୍ତା ହୋଇ ହଜି ଯାଆନ୍ତି ସେ ସେଇ ସ୍ମୃତିର ନିବିଡ଼ ଆଶ୍ଳେଷ ଭିତରେ, ହଜି ଯିବାକୁ ଭଲ ପାଆନ୍ତି । ଏଇ ଆପଣାର ଅନୁଭବକୁ ହାତଛଡ଼ା କରିବାକୁ ଚାହାନ୍ତିନି କୌଣସି ବି ପରିସ୍ଥିତିରେ । ସୂର୍ଯ୍ୟାସ୍ତ ସମୟଟା ତାଙ୍କୁ ନେଇଯାଏ ସବୁଦିନ କାହିଁ କେତେ ବର୍ଷ ପଛକୁ ।

ସେଦିନ ସେମିତି ଅସ୍ତ ସୂର୍ଯ୍ୟଙ୍କୁ ଦେଖୁ ଦେଖୁ ସେ ହୋଇ ଯାଇଥିଲେ ଅରୁଣମନସ୍କ । ଏଇ ସମୟରେ ଦାଣ୍ଡରେ ଅଟକି ଥିଲା ଗୋଟେ ବାଇକ୍ । ଆଗରେ ବସିଥାଏ ବାଇକ୍ ଚଲାଉଥିବା ପିଲାଟି । ପଛ ପିଲାଟି ଗେଟ୍ ଖୋଲି ଭିତରକୁ ଆସିଲା । ସେ ଥିଲା ଗୋଟେ କୋରିଅର କମ୍ପାନୀର ସର୍ଭିସ ବୟ । ଡାକୁଥିଲା ମ୍ୟାଡାମ୍ ନେଇଯାଆନ୍ତୁ ଆପଣଙ୍କ ପାର୍ସଲ୍ । ସେ ତଳକୁ ଆସି ପାର୍ସଲ୍‌ଟା ତା ହାତରୁ ନେଉ ନେଉ ପାଣି ଗ୍ଲାସେ ମାଗିଥିଲା ସୁରଭିଙ୍କୁ ।

ସୁରଭି ମନେ ମନେ ବିରକ୍ତ ହେଉଥିଲେ ତା' ଉପରେ । କାରଣ, ସେ ତାଙ୍କର ସୂର୍ଯ୍ୟାସ୍ତକୁ ଉପଭୋଗ କରିବାରେ ବାଧା ସୃଷ୍ଟି କରୁଥିଲା । ସେ ପାର୍ସଲ୍‌ଟି ଧରି ଉପରକୁ ତରତର ହୋଇ ଚାଲିଆସିଥିଲେ । ସୂର୍ଯ୍ୟ ବୁଡ଼ିଯିବ ଯେ ! ଗେଟ୍ ବନ୍ଦ କରି ପିଲାଟି ଯାଉ ଯାଉ ପୁଣି ଥରେ ଯାଞ୍ଚ କରି ନେଉଥିଲା ତା'ର ପରବର୍ତ୍ତୀ ଗ୍ରାହକର ଠିକଣା । ବାଇକ୍ ଉପରେ ବସିଥିବା ପିଲାଟି ଡାକିଲା, ଏ ଅରୁଣ, ଜଲ୍‌ଦି ଆ, ରାତି ହୋଇଯିବ, ଆହୁରି କେତେ କଷ୍ଟମରଙ୍କ ଘରକୁ ଯିବାର ଅଛି ।

କାନରେ ପଡ଼ିଲା ସେ ପିଲାର ନାମ 'ଅରୁଣ' । ଚମକି ପଡ଼ିଲେ ସୁରଭି । ଏଇ ନାଁ ଧରି କିଏ କାହାକୁ ଡାକିଲା ! ପିଲା ଦୁହେଁ ଗାଡ଼ି ଚଲେଇ ଚାଲି ଯାଇଥିଲେ । କିନ୍ତୁ ତାଙ୍କ ଛାତି ତଳେ ଲୁଚି ରହିଥିବା ନିଆଁକୁ ଉଖାରି ଦେଇଥିଲେ । ଅରୁଣଙ୍କ କଥା ସବୁ ସ୍ପଷ୍ଟ ଭାସି ଉଠିଥିଲା ତାଙ୍କ ଆଖି ଆଗରେ । ଏମିତି ଏକ ସୂର୍ଯ୍ୟାସ୍ତରେ ଅରୁଣଙ୍କୁ ପଛ କରି ଚାଲି ଆସିବାକୁ ପଡ଼ିଥିଲା ତାଙ୍କୁ । ସେଥିପାଇଁ ତ ସେ ସବୁଦିନ ଏଇ ସମୟ ହେଲେ ଚାହିଁ ରହନ୍ତି ପଶ୍ଚିମାକାଶକୁ । ମନେ ପଡ଼େ ଅରୁଣଙ୍କ କଥା । ପୁଣି ଥରେ ଜୀବନକୁ ଆରମ୍ଭ କରନ୍ତି ଠିକ୍ ସେହିଠାରୁ, ଯେଉଁଠି ଅରୁଣ ତାଙ୍କ ଜୀବନରେ ଅସ୍ତ ହୋଇ ଯାଇଥିଲେ ।

ଅନ୍ଧାର କେତେବେଳେ କାୟା ବିସ୍ତାର କରି ସାରିଲାଣି, ସେ ଜାଣି ପାରିନଥିଲେ । ସ୍ୱାମୀ ଓ ଝିଅ ଆସିବାକୁ ବହୁତ ଡେରି ଥିଲା । ସନ୍ଧ୍ୟା ବି ଗଡ଼ି ଯାଇଥିଲା । ତରବର ହୋଇ ଧୂପ ଦେଇ ବସି ଯାଇଥିଲେ ଡାଏରି ଲେଖିବାକୁ । ଯଦିଓ ସେ ନିୟମିତ ଡାଏରି ଲେଖୁନଥିଲେ

Digitized by PPRACHIN, SOA

ତଥାପି ଏଇଟା ତାଙ୍କର ଗୋଟେ ଅଭ୍ୟାସ ଥିଲା । ଏକୁଟିଆ ସମୟ ପାଇଲେ ସେ କେତେବେଳେ କେମିତି ଡାଏରି ଲେଖନ୍ତି । ଆଜି କାହିଁକି ଅରୁଣଙ୍କ କଥା ସବୁ ବହୁତ ମନେ ପଡୁଥିଲା । ଲେଖି ବସିଲେ ହୃଦୟ ପଙ୍‌କ୍ତିର କିଛି ଧାଡ଼ି ।

୧୬/୧୧

ଅରୁଣ, ମୋ ଶବ୍ଦ ସବୁ ତୁମର ବହୁତ ପସନ୍ଦ ଥିଲା । ସେଇଥିପାଇଁ ତ ମୁଁ ଲେଖୁଛି । ତୁମ ଆଖିର ଗଭୀରତାକୁ ମାପିଛି ଅରୁଣ । ରାତ୍ରିର କବରୀରେ ମୋ ସ୍ୱପ୍ନକୁ ଅଧା ରଖି ଅସୀମ ପ୍ରତୀକ୍ଷା କରିଛି । ଜାଣିଛି, ତୁମେ କେବଳ ଆସ ସ୍ୱପ୍ନରେ । ଜାଣିଛ ଅରୁଣ, କେତେଥର କହିବି ବୋଲି ଭାବିଛି କେବେ ମୋ ସ୍ୱପ୍ନରେ ଆସିବନି । ତୁମେ ତ ଜାଣିଛ, ମୁଁ କେତେ ବ୍ୟସ୍ତ ମଣିଷ । ଦିନ ସାରା ଏତେ କାମ, ରାତିରେ ଟିକିଏ ଶୋଇବା ପାଇଁ ମିଳେ । ତୁମେ ଯଦି ଆସିବ, ରାତିର ଶୋଇବା ବି ଗଲା । ତୁମେ ଖାଲିଟାରେ ମୋ ନିଦ କାହିଁକି ଭାଙ୍ଗୁଛ କହିଲ । ତୁମେ ଆସ, କିନ୍ତୁ କିଛି ତ କୁହନି, ଖାଲି ମତେ ଦେଖ, ନିଦ ଭାଙ୍ଗ କାହିଁକି ? ସତ କହିଲ, ତୁମେ ଦିନର ଆଲୋକକୁ ଏତେ ଡର କାହିଁକି ? ଆମ ଦୁଇ ଜଣଙ୍କର ବାଟଚଲା ରାସ୍ତା କେବେଠାରୁ ଅଲଗା ହୋଇ ସାରିଛି । ତୁମଠାରୁ କିଛି ପାଇବା ପାଇଁ ଆଶା କରୁଛି ଅରୁଣ, ଦେଇ ପାରିବ ମତେ ? ଡରିଗଲ ନା ! ହାଃ... ହାଃ... ହାଃ... । ତୁମକୁ ଏମିତି ଚମକେଇ ଦେବା ଅଭ୍ୟାସ ତ ମୋର ବହୁତ ପୁରୁଣା । ପ୍ରଶ୍ନଟିଏ ପଚାରିବାକୁ ଇଚ୍ଛା ହେଉଛି । ଜଟିଳ ନୁହେଁ, ବହୁତ ସରଳ । ଉତ୍ତର ଦେବାକୁ କୁଣ୍ଠାବୋଧ କରିବନି ତ ?

୧୭/ ୧୧

କ'ଣ କରୁଛ ତୁମେ ଅରୁଣ ? ଆରେ ମୁଁ ସୁରଭି, ଜାଣି ପାରିଲ ନା । ହଠାତ୍ ଆଜି କ'ଣ ହେଲା ଜାଣିଛ, ମୋ ମନକୁ ଗୋଟେ ଅଦ୍ଭୁତ ଖିଆଲ ଆସିଲା, ଇଚ୍ଛା ହେଲା ତୁମକୁ ମନ ପୂରେଇ ଦେଖିବାକୁ । ତେଇଶି ବର୍ଷ ତଳେ ତୁମକୁ ଯାହା ଦେଖିଥିଲି, ଏବେ କେମିତି ଦିଶୁଥିବ ? ମୋତେ ଏବେ ଚାଳିଶ ଉପରେ, ବୟସ ଲୁଚେଇ ଲୁଚେଇ କେତେ ଆଉ ଲୁଚେଇବି ଯେ, ତଥାପି ବୋଧହୁଏ ୫/୭ ବର୍ଷ ଚୋରାଇ ଆଣିଛି ସମୟଠାରୁ । ତୁମ କଥା ଏବେ କାହିଁକି ବହୁତ ମନେ ପଡୁଛି । ଆଜିକାଲି କେତେ ପୁରୁଣା ସାଙ୍ଗ ଖୋଜିଲେ ମିଳୁଛନ୍ତି । ତୁମକୁ ଅନେକ ଖୋଜିଛି । ହେଲେ ପାଇଲିନି, କେଉଁଠି ଅଛ ଯେ ତୁମେ ? ଏବେ କେମିତି ଦିଶୁଛ ? ଆଖିରେ ଚଷମା ପିନ୍ଧିଲଣି ? ଚୁଟି କଳା କରୁଛ ନା ନାହିଁ ! ମୋଟା ହେଇଯିବଣି

Digitized by PPRACHIN, SOA

ତୁମେ, ପୂରା ଗୋଲୁମୋଲୁ । ମତେ ଖୋଜୁଛ ? ନା ଭୁଲିଗଲଣି, କିଏ ଗୋଟେ ସୁରଭି ଥିଲା ବୋଲି ! ତୁମ ସ୍ତ୍ରୀ ପିଲାମାନେ ସବୁ ତୁମର ଖୁବ୍ ଯତ୍ନ ନେଉଥିବେ । ତୁମେ ବହୁତ ସ୍ନେହ କାଙ୍ଗାଳ ଥିଲ, ଖାଲି ଭଲ ପାଇବା ଖୋଜୁଥିଲ । ଯିଏ ଭଲ ପାଉଥିଲା ଗୋଟାପଣେ ତା'ର ହେଇ ଯାଉଥିଲ । ତୁମକୁ ବାନ୍ଧି ପାରିନଥିଲି । ସେଥିପାଇଁ ବୋଧେ ଅଭିମାନ କରି ଚାଲିଗଲ । ଆଉ କାହାର ହୋଇ, ମୋ ଭାଗର ସବୁ ଖୁସି ଆଉ ଦୁଃଖକୁ ଆଉ କାହାକୁ ଦେଇଦେଲ । ଦିନର ଆଲୋକରେ ନିଜର କରିପାରିଲନି ବୋଲି, ଅନ୍ଧାରରେ ଚାଲିଆସୁଛ କି ? ମୋର ପରିପୂର୍ଣ୍ଣ ସଂସାର ଅରୁଣ, ସେଥିରୁ ଲୁଚେଇ କିଛି ସମୟ ଦେବା ବହୁତ କଷ୍ଟ । କିନ୍ତୁ ସତ କହିବି ତୁମ ପାଇଁ ରାତି ଅନିଦ୍ରା ଆଦୌ ବାଧେନି ।

୧୮/୧୧

ଦିନ ସାରା ଏତେ କାମ ଆଉ କାମ, ଗୋଟେ ମୁହୂର୍ତ୍ତ ସମୟ ପାଏନି । ତୁମ ସାଙ୍ଗରେ ନ ଗପିଲେ ମୋ ଦିନ ବି ଅଧା ଅଧା ଲାଗେ । ତୁମେ ଅପେକ୍ଷାରେ ଥିବ, କେତେବେଳେ ମୁଁ ଆସିବି, ମନ କଥା ଲେଖିବି । କେତେ ଗପି ଯାଉଛି ଦେଖନା ! ତୁମକୁ ଗୋଟେ ପ୍ରଶ୍ନ ପଚାରିବି କହି ଚାଲିଗଲି ଯେ, ଏହା ଭିତରେ ଦୁଇ ଦିନ ଚାଲି ଗଲାଣି । ତୁମେ ଅପେକ୍ଷା କରିଥିବ, କ'ଣ ମୋର ପ୍ରଶ୍ନ ହେବ ତୁମ ପାଇଁ । ହଉ, ଏବେ ମୋ ପ୍ରଶ୍ନର ଉତ୍ତର ଦିଅ । ଖାଲି ସତ କହିବ, ଅସ୍ତମିତ ସୂର୍ଯ୍ୟଙ୍କୁ ତୁମେ ଶେଷ ଥର ପାଇଁ କେବେ ଦେଖିଥିଲ ? ଅସ୍ତାରୁଣର କିରଣରେ କେବେ ବିମୋହିତ ହୋଇଥିଲ, ମନେ ଅଛି । ସେତେବେଳେ ଆକାଶର ରଙ୍ଗ କେମିତି ଥାଏ, କହିଲ ଦେଖି ? ମୁଁ ଜାଣିଛି, ତୁମେ ସେଇ ମୁହୂର୍ତ୍ତକୁ ବହୁତ ବର୍ଷ ହେଲା ଅନୁଭବ କରିନ । ସେହି ସମୟରେ ଦୂର ଦିଗ୍‌ବଳୟରେ ସୂର୍ଯ୍ୟର ଚୂନା ଚୂନା ରେଣୁ କେତେ ସୁନ୍ଦର ସତେ । ତୁମେ ଆଉ ଏସବୁ ଅନୁଭବ କରି ପାରୁଥିବ ବୋଲି ଭାବି ପାରୁନି । କିଏ ଜଣେ କହୁଥିଲା ତୁମ ବିଷୟରେ, ଖୁବ୍ ଗୋଟେ ବଡ଼ ପଦବୀରେ ଅଛ, ମୁଠା ମୁଠା ଟଙ୍କା ରୋଜଗାର କରୁଛ, ଆଜିକାଲି ଯନ୍ତ୍ର ମଣିଷଟିଏ ନ ପାଲଟିଲେ ଟଙ୍କା କାହା ପାଖକୁ ଆସୁଛି ଯେ ।

୨୧/ ୧୧

ତୁମେ ଆଉ ଲେଖାଲେଖି କରୁଛ ନା ନାହିଁ ? କରିପାରୁନଥିବ ବୋଧେ ସମୟ ଅଭାବରୁ । ତୁମେ ମାନ କି ନମାନ, ମୋତେ ଲେଖିବା ପାଇଁ କହି କହି ଛୋଟକାଟିଆ

Digitized by PPRACHIN, SOA

ଲେଖିକାଟିଏ ବନେଇଦେଲ, ଆଉ ନିଜେ ଲେଖାଠାରୁ ଦୂରେଇଗଲ । ସେଥିପାଇଁ ତ ଲେଖି ବସିଲେ ଖାଲି ତୁମ କଥା ମନରୁ କଲମର ସ୍ୟାହି ଦେଇ ଝରିଯାଏ । ତୁମେ ପାଖରେ ନାହଁ ବୋଲି କ'ଣ ଏତେ କଥା ଲେଖି ପାରୁଛି ତୁମକୁ ନେଇ ! 'ମୁଁ ତୁମକୁ ଭଲପାଏ' କହି ଦେଲେ କ'ଣ ସତରେ ପ୍ରେମ ହୋଇଯାଏ ? କେବେ ତ ଆମେ ଦୁହେଁ ଭଲପାଉ ବୋଲି କେହି କାହାକୁ କହି ପାରିନଥିଲେ, ତଥାପି କାହିଁକି ପରିଣତ ବୟସରେ ଏଇ ମନ ତୁମକୁ ଖୋଜୁଛି ? ଏଇ ଖୋଜିବାର ଅନ୍ୟ ନାମ ବୋଧହୁଏ ପ୍ରେମ ? ଯାଉଛି ରୋଷେଇ ଘରକୁ, ମୋ ହାତକୁ ସେପଟେ ସମସ୍ତେ ରହିଁ ରହିଥିବେ । ପରେ ତୁମକୁ କହିବି ଗୋଟେ ମିଛିମିଛିକା ରାଜକୁମାରୀର ଜୀବନର କଥା, ଯାହାଠୁ ଭଲ ପାଇବା ଶିଖିଛି ମୁଁ । ଖାଲି ନିଛକ ଭଲ ପାଇବା, ଯେଉଁଠି ଟିକେ ବି ଭେଜାଲ ନାହିଁ । ଚାଲୁଥିବା ନିର୍ଜୀବ ଗାଡ଼ିର ଜୀବନ ଥାଏ ବୋଲି ସେ କହେ, କେତେ ସତମିଛ ଅଭିମାନ ସେ ଗାଡ଼ି ସାଙ୍ଗରେ, ରାଗ, ରୁଷା, କଟି, ଗେହ୍ଲା । କାଠ ପଥର, କାନ୍ଥ, ଗଛ ପତ୍ର, କୁନି ଚଢ଼େଇ, କୁଁ କୁଁ କରୁଥିବା କୁକୁର ଛୁଆ ଭିତରେ ବି ଭଲ ପାଇବାକୁ ଖୋଜିନିଏ ନିଜେ ।

୨୩/ ୧୧

ଆଗେ ମୋ ରାଜକୁମାରୀ ବିଷୟରେ ଟିକେ ଶୁଣ । ଆଖିରେ ସେ କଥା କହେ । କେତେବେଳେ ବକ୍ ବକ୍ ହେଉଥାଏ ଠିକ୍ ଛନ୍ଦମୟୀ ଝରଣାଟେ ପରି, ଆଉ କେତେବେଳେ ପୂରା ଚୁପ୍ । ମୁଡ୍‌ର ରାଣୀ । ମନ ହେଲା ଯଦି ହସୁଥିବ, ଆଉ କେଉଁଠୁ କଥା ଆଣି ପାଖରେ ବସେଇ ଗପୁଥିବ ଘଣ୍ଟା ଘଣ୍ଟା । ଯଦି ମନ ହେଇନି, ତୁମେ ଗପି ଗପି ହାଲିଆ ହୋଇଯିବ, ଖାଲି ହୁଁ ହାଁରେ ଉତ୍ତର ଦେଉଥିବ । ମୋ ପାଇଁ ତ ଅବୋଧ ସେ, ମୁଁ ହଲପ ଦେଇ କହିପାରେ କେହି ତାକୁ ସମ୍ପୂର୍ଣ୍ଣ ଭାବେ ବୁଝିପାରି ନଥିବେ । ରୂପରେ ତାଙ୍କୁ ସୁନ୍ଦରୀ କୁହାଯାଇ ପାରିବ, ହେଲେ କେଉଁ କବିର କାବ୍ୟନାୟିକା ଭଳି ଚେହେରା ନୁହେଁ ବୋଧହୁଏ । କଳ୍ପନାର ଈଶ୍ୱରୀ, କାହାକୁ କେଉଁ କଥାରେ ଯୋଡ଼ି କିଛି ବି କହି ଦେଇପାରେ, କିନ୍ତୁ ଖାଲି ସତ ହିଁ କହେ । ତା' ବିନା ମୋ ଦିନ ଅଧା ଅଧା ଲାଗେ । ମୋ ରାଜକୁମାରୀର ବୟସ କେତେ କହିଲ, ୩୦ ଛୁଇଁ ସାରିଲାଣି କେବେଠାରୁ, ଆଖିକୁ ଜାଲୁଜାଲୁଆ ଦିଶିଲାଣି । ହେଲେ ଚଷମା ପିନ୍ଧିନି ଏବେ ଯାଏଁ । ଏତେ ବୟସରେ କାହାକୁ ରାଜକୁମାରୀ ବୋଲି କୁହା ଯାଇପାରେ, ଏଇ ପ୍ରଶ୍ନ ତୁମ ମନରେ ଆସୁଥିବ ନା ଅରୁଣ ? ତୁମେ ବି ତାକୁ ଦେଖିଲେ ମୋ କଥାର ସତ୍ୟତାକୁ ଅନୁଭବ କରିପାରିବ । କବିଟିଏ ଯଦି ଲେଖି ବସିବ,

Digitized by PPRACHIN, SOA

ମହାକାବ୍ୟଟେ ଲେଖି ଦେବ, ମୋ ରାଜକୁମାରୀକୁ ନେଇ । ଲଜ୍ଜାଶୀଳା ତାକୁ କହିହେବ, କିନ୍ତୁ କେବେକେବେ । ନାରୀ ସ୍ୱାଧୀନତାକୁ ନେଇ ପ୍ରଗଳ୍ଭ ହୋଇ ଗପିପାରେ । ହେଲେ ନିଜେ ନାରୀଟିଏ ହୋଇ ସମାଜରୁ ସହୁଥିବା ତାଡ଼ନା ବିଷୟରେ କେବେ ବି ଆଲୋଚନା କରିବା କେହି ଶୁଣିନଥିବେ । ତାକୁ ନେଇ ମୋ ମାନସାଙ୍କ ସବୁ ଗୋଳମାଳ ହେଇଯାଏ, ତାକୁ ବୁଝିବାକୁ ବର୍ଷ ମାସ ବିତି ଗଲାଣି, ହେଲେ ବୁଝିପାରିନି । କିନ୍ତୁ ଏକଦମ୍ ରାଜକୁମାରୀ ମିଜାଜର ଝିଅଟେ । ବିନ୍ଦାସ୍, ଅଫିସ୍‌କୁ ଆସେ ଆଉ ଯାଏ, ତା ଇଚ୍ଛାରେ, ହେଲେ କାମରେ ସମସ୍ତଙ୍କଠୁ ଆଗୁଆ ।

୨୬/ ୧୧

ଅରୁଣ, ମୋ ରାଜକୁମାରୀ କଥା କହି ବୋର୍ କରିଦେଲି ନା, କ'ଣ କରିବି ଯେ, ତା' ଘରିପଟେ ମୋ ଦୁନିଆ ଘୂରୁଥାଏ । ଠିକ୍ ତୁମ ପରି ମୋ ହୃଦୟ ସହିତ ଜଡ଼ିତ ମୋ ରାଜକୁମାରୀ । ଜୀବନକୁ ନେଇ ଖୁବ୍ ଅଭିଯୋଗ ତା'ର, କିନ୍ତୁ ସବୁ ଭିତରେ ଖୋଜି ନିଏ ସ୍ନେହ ଆଉ ଭଲପାଇବାର ଅଣଓସାରିଆ ବାଟକୁ । ମଣିଷ ଭିତରେ ଈଶ୍ୱରଙ୍କୁ ଖୋଜି ନେବାର କଳାରେ ସେ ପାରଙ୍ଗମ । ଏମିତିରେ ମନ୍ଦିର ଯାଇ ଠାକୁରଙ୍କୁ ଗୁହାରି କରି କିଛି ମାଗିବା ତା' ଦେଇ ହୁଏନା । କିନ୍ତୁ ମନ୍ଦିର ବାହାରେ ବସିଥିବା ଗରିବ ଭିକାରିଙ୍କୁ ପେଟପୂରା ଖୁଆଇ ଖୁବ୍ ଆନନ୍ଦିତ ହୁଏ । ଅଫିସ୍‌ରେ ତା' ଅଧୀନରେ କାମ କରୁଥିବା ଷ୍ଟାଫ୍‌ଙ୍କୁ ରାଗିଗଲେ ଗାଳି ତ ଦିଏ, ହେଲେ ଯେ ପର୍ଯ୍ୟନ୍ତ ସେମାନଙ୍କ ମୁହଁରେ ହସ ଟିକେ ନ ଦେଖିଛି ଖାଲିଟାରେ ଏପଟସେପଟ ହେଉଥାଏ । ଆଉ ମୁଁ କ'ଣ କରେ କହିଲ, ତାକୁ ବସି ଦେଖୁଥାଏ । ଆଉ ବୁଝିବାକୁ ଚେଷ୍ଟା କରେ ତା'ର ଅନ୍ୟମାନଙ୍କ ନିମନ୍ତେ ଏତେ ବ୍ୟାକୁଳତା, ବ୍ୟସ୍ତତା କ'ଣ ପାଇଁ । ଭାବେ ଗୋଟିଏ ମଣିଷ ଏକା ସାଙ୍ଗରେ ଏତେ ଭଲପାଇବା ଆଣୁଛି କେଉଁଠୁ ?

ଶୁଣିଛି, କୁଆଡ଼େ ସ୍ନେହ ପାଉନଥିବା ଲୋକଗୁଡ଼ା ଅନ୍ୟମାନଙ୍କୁ ଭାରି ଭଲପାଆନ୍ତି । ତା'ର ଜୀବନ କଥା ସେ ମତେ କେବେ କହିନି, କେମିତି ବା ମୁଁ ଜାଣିବି । ବିନା ମେକଅପ୍‌ରେ ଅଫିସକୁ ଆସେ ପ୍ରାୟ ସବୁ ଦିନ, କିନ୍ତୁ ଯଦି ମନ ହେଇଛି ଷୋଳ ଶୃଙ୍ଗାର କରିପକାଏ । ଡ୍ରେସ୍‌କୁ ମ୍ୟାଚ କରି ବିନ୍ଦି, ଚୁଡ଼ି, ତା' ସାଙ୍ଗକୁ ଗାଢ଼ ରଙ୍ଗର ଲିପଷ୍ଟିକ୍ । ଶାଢ଼ି ପିନ୍ଧିବାକୁ ବହୁତ ଭଲପାଏ ସେ । ସଜେଇ ହୋଇଗଲେ ଅପରୂପା ଦିଶେ । ମତେ ବି ଖୁବ୍ ସଜାଏ । କହେ ମୁଁ କୁଆଡ଼େ ବହୁତ ସୁନ୍ଦର ଦିଶେ ତାକୁ । କେଉଁ କଥା କୁଆଡ଼େ ନେଇ ପହଞ୍ଚେଇଲିଣି ଦେଖୁନ । ଏବେ ଆମ କଥାକୁ ଆସିବା । ପରିବାର କଥା । ଆମ ସଂସାର କଥା ।

Digitized by PPRACHIN, SOA

୨୮/ ୧୧

ମୋ ଝିଅ ତେଜୁ ଏବେ ଆଦ୍ୟ ଯୌବନରେ । କଥାବାର୍ତ୍ତା, ଚାଲିଚଳନରେ ବେଶ୍ ମାପଚୁପ, ଆବଶ୍ୟକତାଠାରୁ ଅଧିକ ଗୋଟେ ଶବ୍ଦ ବି ପାଟିରୁ ଖସେନି । ଠିକ୍ ତା’ ବାପାଙ୍କ ଭଳି । ଅତି ମାତ୍ରାରେ ଭଦ୍ର ଆଉ ନମ୍ର । ପିଲା ଦିନରୁ ସେମିତି, କେଉଁ କଥାରେ ଅଳିଅଝଟ କରେନି, କିଛି ବି ମାଗେନି ଜିଦ୍ କରି, ମୋ ସ୍ୱାମୀ ତାପସ୍ ବି ସେମିତି । ଜୋର୍ କରି କିଛି ମାଗନ୍ତିନି । ସବୁଥିରେ ସେମାନେ ଖୁସି, ହେଲେ ମୁଁ ଆଉ କିଛି ଚାହୁଁଥିଲି । ଯେମିତି ତାପସ୍ ମୋ ଉପରେ ସ୍ୱାମୀ ପଣିଆ ଜାହିର କରନ୍ତେ । ସାଙ୍ଗ ହୋଇ ଇନ୍ଦ୍ରଧନୁ ଦେଖନ୍ତେ । ତାଙ୍କ ପସନ୍ଦରେ ମତେ ପିନ୍ଧିବାକୁ ଜିଦ୍ କରନ୍ତେ । ଅଭିମାନ କରନ୍ତେ । ଝିଅ ଅଝଟ କରି କହନ୍ତା, ମମି, ଆଜି ଏଇଟା ଖାଇବିନି, ସେଇଟା ବନେଇକି ଦେ । ଏଇ ଡ୍ରେସ୍ ଚଳିବନି, ଗୋଟେ ବଦଳରେ ୪ଟା ଡ୍ରେସ୍ କିଣନ୍ତା । କିନ୍ତୁ କିଛି ସେମିତି ହୁଏନି ମୋ ସାଙ୍ଗରେ । ସେ ଯାହା ଦେଲେ ଖୁସି । ମନ ଭିତରର କଥା ଜାଣିବାକୁ ଅବକାଶ ଦିଅନ୍ତିନି ବାପଝିଅ ଦୁହେଁ ।

୩୦/ ୧୧

ତୁମେ କିନ୍ତୁ ଭାରି ଅଝଟିଆ ଥିଲ । ତୁମ ଇଚ୍ଛାର ବାଦଶାହ ବି । ଏବେ ଏଇଟା ଇଚ୍ଛା ହୋଇଛି ମାନେ ସେଇଟା ହିଁ ଦରକାର । କୋକାକୋଲା ପିଇବାକୁ ଇଚ୍ଛା, ମାନେ କେବଳ କୋକାକୋଲା, ପେପ୍‌ସୀ ନୁହେଁ; ନମିଳିଲେ ସାଙ୍ଗମାନଙ୍କୁ ନେଇ କୁଆଡ଼େ ଯେ ଚାଲିଯାଅ କୋକାକୋଲା ଅନୁସନ୍ଧାନରେ । ତୁମର ଏଇ ଅଦ୍ଭୁତ ଖିଆଲ ବହୁତ ମନେ ପଡ଼େ । ଟାଇମ୍ ମେସିନ୍‌ରେ ୨୨/୨୩ ବର୍ଷ ତଳକୁ ଚାଲିଯିବାକୁ ଇଚ୍ଛା ହୁଏ । ସେଇ ସମୟରେ ପୁଣି ଥରେ ବଞ୍ଚିବାକୁ ଇଚ୍ଛା ହୁଏ । ସେଇଠି ଖାଲି ଥାଆନ୍ତେ ଆମେ ଦୁହେଁ, ରଙ୍ଗୀନ୍ ପ୍ରଜାପତି, ଲମ୍ବା ଲମ୍ବା ରାସ୍ତା, ଯେଉଁଠି ଗୋଟେ ବି ଗାଡ଼ି ଆସୁନଥିବ, ବହୁତ ଦୂରରେ ଥିବା ମନ୍ଦିରକୁ ଆମେ ଯାଉଥିବା ତୁମର ସେ ବାଇକ୍‌ରେ, ସେଇଠି ମାଗିବା ଆମ ଇପ୍ସିତ ଇଚ୍ଛାକୁ ପୂରଣ କରିବାର ବର । ସେଇ ଚଣ୍ଡୀ ମନ୍ଦିରର ପୂଜକ କହୁଥିବ ନିଅ ଏଇ ଡେଉଁରିଆ, ଅଭିମନ୍ତ୍ରିତ ଦେବୀ ମା’ଙ୍କ ପାଖରେ । ତୁମେ ସବୁଦିନ ପାଇଁ ଏକାଠି ହୋଇଯିବ, ସଂସାରର କୌଣସି ଶକ୍ତି ତୁମକୁ ଅଲଗା କରି ପାରିବନି । ଆମେ ମୁଣ୍ଡିଆ ମାରି ଫେରୁଥିବା ହାତରେ ଡେଉଁରିଆ ଧରି । ତୁମେ ବାଇକ୍ ଷ୍ଟାର୍ଟ କରୁଥିବ । ମୁଁ ବସିବି ପଛରେ । ଆମ ଭିତରେ ଥିବ ତୁମ ବ୍ୟାଗ୍‌ର ପ୍ରତିବନ୍ଧକ । ଆମେ ଫେରୁଥିବା ବାସ୍ତବତାକୁ । ଦୁହେଁ ଥିବା ଚୁପଚାପ୍ । ବାଟରେ

Digitized by PPRACHIN, SOA

ପଡ଼ିବ ସେଇ ବୁଢ଼ୀମା କାହାଣୀର ପଦ୍ମ ପୋଖରୀ । ଆଉ ଏବେ ସେଠି ଫୁଲ ଫୁଟୁନି, ଖାଲି ଦଳ ଭର୍ତ୍ତି ରହିଆଡ଼େ । ଆମେ ବାହାର କରିବା ଡେଉଁରିଆକୁ ଅତି ସନ୍ତର୍ପଣରେ । ଥରେ ଚାହିଁବା ପରସ୍ପରର ମୁହଁକୁ । ଆଉ ଫୋପାଡ଼ି ଦେବା ସେ ଡେଉଁରିଆକୁ ପୋଖରୀ ଭିତରକୁ । ତା' ପରେ, ହସିବା ଆଉ ହସିବା, କାନ୍ଦିବା ପର୍ଯ୍ୟନ୍ତ । ପୋଖରୀ ପାହାଚରେ ବସି କାନ୍ଦିବା, ଅନେକ ସମୟ ଯାଏଁ । ଆମ ଭିତରେ ଥିବା ପାଚେରିଟା ପାଇଁ ଆମକୁ ପରସ୍ପରକୁ ଛୁଇଁବା ମନା । ତୁମେ ତୁମ ରୁମାଲ୍‌ରେ ଆଉ ମୁଁ ମୋ ଓଢ଼ଣିରେ ନିଜ ଲୁହ ପୋଛୁଥିବା । ଦେଖନା, କୋକାକୋଲା ଆଉ ପେପ୍‌ସୀ କଥାରୁ କୁଆଡ଼େ ଚାଲିଗଲି ।

୦୧/ ୧୨

କୋକାକୋଲା କଥାରୁ ମନେ ପଡ଼ିଲା, ତୁମେ ତ ଜାଣିଛ, ମୁଁ କୋଲ୍ଡ ଡ୍ରିଙ୍କ୍‌ସ ପିଇବାକୁ କେତେ ଭଲପାଏ । କିନ୍ତୁ ଏବେ ଜମାରୁ ସେସବୁ ଛୁଉଁନି । ଚା କଫିର ସ୍ୱାଦ ବି ଭୁଲିଗଲିଣି । ଭାବୁଥିବ, ଫ୍ରେସ୍ ଆଉ ଫିଟ୍ ରହିବାକୁ ମୁଁ ସେସବୁ ପିଉନି । ସେମିତି କିଛି ନୁହେଁ, ମୁଁ ଏବେ ବି ପୂର୍ବ ଭଳି ଖୁବ୍ ଆକ୍ଟିଭ ଅଛି । ଆରେ ଆମର କଫି ପିଇବା କଥା ମନେ ଅଛି ନା, ଆମେ ସାଙ୍ଗ ହୋଇ ମୋ ଅଫିସ୍ ପାଖ ରାଜୁ ଭାଇ ଦୋକାନରେ ଗରମ କଫି କପ୍ ସହ କେତେ ସନ୍ଧ୍ୟା ବିତେଇଥିବା କହିଲ । ଅଫିସ୍ ଛୁଟି ପରେ କଫିକୁ ଅପେକ୍ଷା କରିବା ବାହାନାରେ ସେଠି ଘଣ୍ଟାଏ ଗପିବାକୁ ସୁଯୋଗ ମିଳିଯାଏ । ତୁମେ ସାରା ଦିନର ଧାରା ବିବରଣୀ ଦେଇ ଦେଇ ଥକିଯାଅ, ହେଲେ ମୁଁ ଥକେନା । କିନ୍ତୁ ବେଶି ରାତି ହୋଇଗଲାଣି ବୋଲି କହି ଠକିଦେଇ ଚାଲିଆସେ, ଠିକ୍ ସେତିକି ବେଳେ ଯେତେବେଳେ ତୁମେ ମତେ ନେଇ ବେଶ୍ ଭାବପ୍ରବଣ ହୋଇ ଉଠ । ମୁଁ ତୁମକୁ ମଜାରେ ଠକୁଥିଲି ବୋଲି, ସତସତିକା ଠକିଦେଲ କି ଅରୁଣ ? ନା ଆଉ କିଛି ? ଏ ପ୍ରଶ୍ନକୁ ଅସମାହିତ ହୋଇ ରହିବାକୁ ଦିଆଯାଉ । ନ ହେଲେ ଏଇ ମନରେ ତୁମ ପ୍ରତି ଥିବା ଅନୁରାଗ ଅମାନିଆ ହୋଇ ଧାଇଁବ ଯେ । ଆଖିର କୋଣରୁ ବୁନ୍ଦା ବୁନ୍ଦା ଲୁହ ବାହାରକୁ ନିଗିଡ଼ି ଆସିବ । ଏଇ ବୟସରେ ତୁମ ପାଇଁ କାନ୍ଦୁଛି ବୋଲି କାହାକୁ କହିବି ଯେ । ମତେ ଲାଜ ଲାଗିବନି !

୦୩ / ୧୨

ଜାଣିଛ ମୋ ରାଜକୁମାରୀକୁ ଥରେ ଆମ କଥା କହିଥିଲି । ଠୋ ଠୋ ହୋଇ ହସିଲା, ଆଉ କହିଲା ତୁମେ ଜମାରୁ ତାଙ୍କୁ ଭଲ ପାଉନଥିଲ । ତାଙ୍କୁ ପାଇପାରିନ ବୋଲି ଏତେ

Digitized by PPRACHIN, SOA

କଷ୍ଟ ପାଉଛ ମନେ ମନେ, ନା ତାଙ୍କୁ ନିଜ ପାଖରେ ରଖିବାର ଜିଦ୍ ଅପୂରଣ ରହିଗଲା ବୋଲି ଏତେ କଷ୍ଟ । ପ୍ରେମକୁ ଏମିତି ଉଦାହରଣ ଦେଇ ବୁଝେଇଲା ଯେ ସେଦିନ ଠାରୁ ମୁଁ ତୁମ ପ୍ରତି ଥିବା ସବୁ ଅଭିମାନକୁ ମନରୁ କାଢ଼ି ଦେଲି ।

କ'ଣ କହିଲା ଜାଣିଛ, ତୁମେ କ'ଣ ସତରେ ଅରୁଣଙ୍କୁ ପାଇପାରିନ ? ତୁମ ଚିନ୍ତା ଚେତନାରେ ସେ ସର୍ବଦା ଜାଗ୍ରତ । ତୁମ ହୃଦୟର ପ୍ରତିଛବି ସେ । ନହେଲେ ମାତ୍ର କିଛି ଦିନର ସମ୍ପର୍କକୁ ନେଇ ତୁମେ ଅରୁଣଙ୍କ ପାଇଁ ଆଜି ବି ବାୟାଣୀ ଭଳି ହେଉଥାନ୍ତ ଏଇ ଉତ୍ତର ବୟସରେ ! ସେ ସତ ହିଁ କହୁଥିଲା ।

ମୋ ଠାରୁ ଏତେ ଛୋଟ ଝିଅଟା, ମୋତେ ହରେଇଦିଏ ତା ଯୁକ୍ତିରେ, ସେଦିନ ବି ତା ପାଖରେ ହାରିଲି । କହିଲା, ଥରେ କୃଷ୍ଣଙ୍କୁ ରୁକ୍ମିଣୀ ପଚାରିଲେ କାହ୍ନା, ତୁମେ ରାଧାଙ୍କୁ ଏତେ ଭଲ ପାଉଥିଲ । ବିବାହ କଲନି କାହିଁକି ? ରାଧାଙ୍କୁ ବିବାହ କରି ପାଟରାଣୀ କରି ଆଣିବାକୁ ଥରେ ପ୍ରସ୍ତାବ ବି ଦେଇଥିଲେ । ହସି ହସି କାହ୍ନା ଉତ୍ତର ଦେଇଥିଲେ, ବିବାହ କରିବା ପାଇଁ ଦୁଇଟି ଆତ୍ମାର ମିଳନ ଜରୁରୀ, ରାଧା ଆଉ ମୁଁ ଦୁହେଁ ଅଭିନ୍ନ, ଆମ ଦୁହିଁଙ୍କର ଗୋଟିଏ ଆତ୍ମା । ତେଣୁ ଆମ ଦୁଇ ଜଣଙ୍କର ବିବାହ ଅସମ୍ଭବ । ତୁମେ ମୋ ପାଖରେ ଅଛ, ସେ ମୋ ହୃଦୟରେ । ତୁମେ ବିଚାର କର କାହାର ସ୍ଥାନ ଶ୍ରେଷ୍ଠ । ସେ କୁଆଡ଼େ ଏଇ କଥା କେଉଁ ସାଧୁବାଣୀରୁ ଶୁଣିଥିଲା । ଆଉ ମୁଁ ବି ତା' କଥା ଶୁଣି ଅନୁଭବ କରିଥିଲି ଯେ, ଏତେ ଛୋଟ କଥା ଭିତରେ କେତେ ବଡ଼ କଥା ଲୁଚି ରହିଥିଲା । ସତରେ ଝିଅଟା ଜୀବନ ଦର୍ଶନକୁ ବଦଳେଇ ଦେଲା ମୋର ।

୦୫/ ୧୨

ଅରୁଣ, ଆମେ ସବୁ ଜୀବନ ରଙ୍ଗମଞ୍ଚର କଳାକାର । ପ୍ରତି ମୁହୂର୍ତ୍ତରେ ଆମକୁ ଅନ୍ୟମାନଙ୍କ ପାଖରେ କେତେ ଅଭିନୟ କରିବାକୁ ପଡୁଛି କହିଲ । ବଞ୍ଚିବାଶୈଳୀ ଆମ ସମସ୍ତଙ୍କର ଭିନ୍ନ ହୋଇପାରେ, କିନ୍ତୁ ଆମେ ସମସ୍ତେ ଜଣେ ଜଣେ ମୁଖା ପିନ୍ଧା ଅଭିନେତା । ମାତ୍ର କେତେଜଣ ଅନ୍ୟମାନଙ୍କ ଖୁସି ପାଇଁ ନିଜର ସବୁ ଇଚ୍ଛାକୁ ବଳି ଚଢ଼େଇ ଦିଅନ୍ତି । ଏଇ କଥାକୁ ଆମ ଦୁଇ ଜଣଙ୍କଠାରୁ କିଏ ଅଧିକ ବୁଝିପାରିବ କହିଲ । ଏବେ ତୁମ ପାଇଁ ମୋର ଆଉ ସେ ପାଗଳାମି ନାହିଁ, ତୁମକୁ କିନ୍ତୁ ମୁଁ ଭୁଲିନି । ତୁମକୁ କେବେ ହୃଦୟ ଦେଇଥିଲି ବୋଲି ମୁଁ ମନା ବି କରିପାରିବିନି । ଅଭିନୟ କ'ଣ ନିଜ ସାଙ୍ଗେ କରିହୁଏ ? କେହି କ'ଣ ନିଜକୁ ଧୋକା ଦେଇପାରେ । ମୁଁ ତ ପାରେନା । ତୁମେ କେଉଁ ପାର ଯେ !

Digitized by PPRACHIN, SOA

ମନେଅଛି କଲେଜ୍ ଫଙ୍କ୍ସନରେ ହେବାକୁ ଥିବା ଡ୍ରାମାରେ ତୁମକୁ ଗୋଟେ ଛୋଟ ଚରିତ୍ର ମିଳିଥିଲା, ଅଭ୍ୟାସର ଶେଷ ଦିନ ତୁମ ଭୟଙ୍କର ସଂଳାପ ଶୁଣି ନିର୍ଦ୍ଦେଶକ ତୁମକୁ ଡ୍ରାମାରୁ ବାହାର କରିଦେଇଥିଲେ । ଥମ୍ ଥମ୍ ହୋଇ ଯାଇଥିଲ ତୁମେ, ଭାରି ଅପମାନିତ ଅନୁଭବ କରିଥିଲ । ତୁମକୁ ବୁଝେଇବାକୁ ଯାଇ ଗାଳି ଖାଇଥିଲି ତୁମଠୁ । ଚୁପଚାପ୍ ଚାଲିଗଲ ଘରକୁ । ତୁମ ପାଇଁ ବହୁତ ବ୍ୟସ୍ତ ଲାଗୁଥିଲା ।

ରାତି ୧୦ଟା ବେଳେ ହଷ୍ଟେଲ୍ ଫୋନକୁ କଲ୍ କରିଥିଲ । ମୋ ପାଖ ରୁମ୍‌ର ମାନସୀ ମତେ ଫୋନ୍‌ଟା ଧରି ଡାକିଥିଲା । ପକା ଫୁଲେଇ ଥିଲା ସେ ଝିଅଟା । ଆଖି ନଚେଇ ନଚେଇ କହିଲା ସୁରଭି, ଅରୁଣ ତତେ କାହିଁକି ଫୋନ୍ କରୁଛି କିରେ, କାଇଁ, ଆମେ ସବୁ କ'ଣ ତାର ପସନ୍ଦ ନୁହେଁ । ତା' ହାତରୁ ଫୋନ୍ ଛଡ଼େଇ ନେଇଥିଲି, କିଛି ଉତ୍ତର ନଦେଇ । ଆମ ହଷ୍ଟେଲ୍‌ରେ ଗୋଟାଏ ହିଁ ଟେଲିଫୋନ୍ ଥିଲା, ଅତି ଦରକାର ହେଲେ ସେଥିରେ କଲ୍ କରିବା ପାଇଁ କହିଥିଲି । ତୁମେ କଣ କହିବ ବୋଲି ମୁଁ ଡରରେ ହ୍ୟାଲୋ କହିବା ବେଳେ ତୁମେ ଖୁବ୍ ସହଜ ଭାବେ କହିଥିଲ, କାଲି ଫଙ୍କ୍ସନରେ ମୋର ପ୍ରୋଗ୍ରାମ୍ ଅଛି, ତୁମେ ସେଇଠି ନିଶ୍ଚୟ ଥିବ । ଶୁଭରାତ୍ରି କହି କଲ୍ କାଟିଥିଲ । ମୁଁ କିଛି ବୁଝି ପାରିନଥିଲି । କିନ୍ତୁ ତା'ପର ଦିନ ସାରା ସନ୍ଧ୍ୟାକୁ ଅପେକ୍ଷା କରିଥାଏ । କି ସରପ୍ରାଇଜ୍ ପ୍ରୋଗ୍ରାମ ତୁମର ଥିବ ଭାବି ଭାବି କେତେବେଳେ ଫଙ୍କ୍ସନରେ ପହଞ୍ଚି ଯାଇଥିଲି ଜାଣେନା । ତୁମ ପ୍ରୋଗ୍ରାମରୁ ହିଁ ଫଙ୍କ୍ସନ ଆରମ୍ଭ ହୋଇଥିଲା । କି ସୁନ୍ଦର ପିଆନୋ ବଜେଇଥିଲ ତୁମେ ଜାତୀୟ ସଙ୍ଗୀତର ତାଳେତାଳେ ।

ତା' ପରେ ପରେ ଦର୍ଶକଙ୍କ ଡିମାଣ୍ଡରେ *'ଦିଲ୍ କେ ଝରୋକେ ମେଁ ତୁଝକୋ ବିଠା କର'* । ମୁଁ କେବେ ବି ତୁମକୁ ପିଆନୋ ବଜେଇବାର ଶୁଣି ନଥିଲି । ତୁମର ସେ ପିଆନୋର ଧୁନ୍ ଏବେ ବି ମୋର ମନେ ଅଛି । ତୁମର ମନେ ଅଛି ନା ! ଏବେ କ'ଣ ତୁମେ ଆଉ ପିଆନୋ ବଜାଉଛ ଅରୁଣ ? ଆଉ କାହାର ଛନ୍ଦରେ ବାନ୍ଧି ହେବା ପରେ ତୁମର ସେ ସୁରର ରାଗିଣୀ ମୋ ପାଇଁ ବେସୁରା ହୋଇ ଯାଇଛି କେବେଠୁ । ତଥାପି କିଛି ତ ଅଛି, ଆମ ଭିତରେ । ସେ ସମ୍ପର୍କର ନାମ କ'ଣ ହୋଇପାରେ ? ବନ୍ଧୁତା ନା ପ୍ରେମ ! ତୁମ ସହ ମୋର ଏବେର ସମ୍ପର୍କ ସମ୍ପୂର୍ଣ୍ଣ ଏକପାଖିଆ । ତଥାପି ମୋ ଫୁରୁସତରୁ କିଛି ସମୟ ବାଣ୍ଟି ଦିଏ ତୁମ ସହ ଗପି ଗପି । ତୁମ ପାଖରେ ମୋ ଗପ ଶୁଣିବାର ଅବକାଶ ବି ନାହିଁ । କିନ୍ତୁ କିଛି ସମୟ ଧରି ତୁମର ପ୍ରେମିକା ହେବାର ଅଭିନୟ ଖୁବ୍ ଚମତ୍କାର ସତରେ । ଏଥିରେ ତ ମୁଁ ବଞ୍ଚିବାର ରାହା ଖୋଜି ନିଏ । କିନ୍ତୁ ସତ କଥା ହେଉଛି, ମୁଁ ଏବେ ଭଲ ଅଭିନୟ କରିପାରୁଛି । ଏହା ଏକ

Digitized by PPRACHIN, SOA

କଳା ଅରୁଣ, ସେସବୁ ସମସ୍ତଙ୍କ ଦେଇ ହୁଏନା । ଘରେ ହେଉ ବା ମଞ୍ଚରେ । ମୁଁ କିନ୍ତୁ ସେଥିରେ ପାସ୍ କରିଯାଉଛି ସବୁଦିନ ।

୦୭/ ୧୨

ଆଜି ବହୁତ ବ୍ୟସ୍ତ । ପ୍ରଥମାଷ୍ଟମୀ ପୂଜା ପରା । ଘରର ବଡ଼ମାନଙ୍କ ପୂଜା । ମୁଁ କିମ୍ବା ତାପସ୍ କେହି ବି ବଡ଼ ନୁହେଁ । ତେଣୁ ଏ ଘରେ ପୋତୁଆ କହିଲେ ଝିଅ ତେଜୁ । ବଡ଼ି ଭୋରରୁ ଉଠି ବାସି କାମ ସାରି ହଳଦୀ ପତ୍ର ପିଠା, ଆଉ କ୍ଷୀରୀ କରି ସକାଳୁ ସକାଳୁ ତାକୁ ପୂଜା କଲି । ନୂଆ ଡ୍ରେସ୍ ପିନ୍ଧି ଖୁବ୍ ସୁନ୍ଦର ଦିଶୁଥାଏ ମା' ମୋର । ପ୍ରଥମାଷ୍ଟମୀ ଆଉ ରଜ ଏଇ ଦୁଇ ଦିନ ମୋ କଥା ମାନି ଅଳତା ଲଗାଏ ତେଜୁ । ଆଜି ବି ଲଗେଇ ଦେଲି ତା' ପାଦରେ, ଖୁବ୍ ସୁନ୍ଦର ଦିଶୁଥିଲା, ଠିକ୍ ଲକ୍ଷ୍ମୀ ପାଦ ପରି । ମୁଁ ବି ଲୋଭ ସମ୍ଭାଳି ପାରିଲିନି, ଦୁଇ ଧାର ଅଳତା ମାରିଦେଲି ନିଜ ପାଦରେ । ତାପସ୍ ବି ଭାରି ଲୋଭେଇଲେ ମୋ ଅଳତା ଲଗା ପାଦକୁ । ଏତେ ଚୁପ୍‌ଚାପ୍ ଲୋକଟା, କହି ପକେଇଲେ, ସୁରୁ *(ଏଇ ନାଁରେ ଡାକନ୍ତି ମତେ ସେ)* ପ୍ରଥମ କରି ନୂଆ ବୋହୂ ହୋଇ ଯେବେ ଆମ ଘରକୁ ଆସିଥିଲ, ଓଢ଼ଣା ତଳୁ ମୁହଁଟା ଦେଖି ପାରୁନଥିଲି, ହେଲେ, ତୁମ ଅଳତା ଝୁଣ୍ଟିଆ ଲଗା ପାଦଟା ଭାରି ଆକର୍ଷିତ କରୁଥିଲା ମୋତେ । ଆଜି ବି ତୁମ ପାଦଟା କେଉଁ ନୂଆ ବୋହୂ ପାଦଠାରୁ କମ୍ ଦିଶୁନି । ଲାଜେଇ ଯାଇଥିଲି ମୁଁ । ତାଙ୍କ ମୁହଁରେ ପ୍ରଶଂସା ଶୁଣିବାର ଅଭ୍ୟାସ ନାହିଁ ତ, ସେଥିପାଇଁ । ତୁମକୁ କିନ୍ତୁ ଅଳତାଠାରୁ ନେଲପଲିସ୍‌ର ରଙ୍ଗ ବହୁତ ପସନ୍ଦ ଥିଲା । ଆମ କ୍ଲାସ୍‌ର ସବୁଠୁ ଅସୁନ୍ଦରୀ ଝିଅ, ସେଇ ଯେଉଁ ତୃପ୍ତି ମିଶ୍ର ଭିନ୍ନ ଭିନ୍ନ ରଙ୍ଗର ନେଲ୍‌ପଲିସ, ଆଉ ଲିପ୍‌ଷ୍ଟିକ୍ ଲଗାଏ ତାକୁ ଦେଖି ଖୁସି ହେଇଯାଉଥିଲ । ଗଣେଶ ପୂଜାରେ ଅଳତା ଲଗେଇ ଯାଇଥିଲି ଯେ, କ'ଣ ମଫ ଭଳି ଏସବୁ ଲଗେଇଛ ବୋଲି କହିଥିଲ । ସବୁ ଭୁଲିଯିବଣି, ମୁଁ କଣ ଭୁଲିଛି କି ?

ସତରେ ଅରୁଣ, ଆଜି କିନ୍ତୁ ମୋ ପାଦ ଦେଖିଲେ ତୁମେ ବି ଲୋଭେଇଯିବ । ଦେଖୁନ, ମୁଁ କ'ଣ ଯେ ସବୁ କହୁଛି, ଝିଅକୁ ଅଳତା ପିନ୍ଧେଇ କନିଆ କରି ବିଦା କରିବାର ସମୟ ଯେତିକି ପାଖଉଛି ମୁଁ ସେତିକି କିଶୋରୀ ପାଲଟିଯାଉଛି । ତୁମ କଥା ଆସିଲେ ମତେ ତ ଗୋଟେ ପ୍ରଜାପତି ହୋଇ ଉଡ଼ିବାକୁ ଇଚ୍ଛା ହୁଏ । ଆଉ ତୁମକୁ ? ତୁମେ ତ ମୋ ପାଇଁ ଗୋଟେ କଳ୍ପନା ମାତ୍ର, ଯାହାର ଅସ୍ତିତ୍ୱକୁ ନେଇ ମୁଁ ନିଜେ ସନ୍ଦିହାନ । ତୁମଠାରୁ କିଛି ଉତ୍ତର କେମିତି ମିଳିବ ଯେ ମତେ । ମୁଁ ବି ବେଳେବେଳେ ଅଦ୍ଭୁତ ପ୍ରଶ୍ନ ପଚାରେ ତୁମକୁ ।

Digitized by PPRACHIN, SOA

ସେ ସବୁ ଛାଡ଼, ଏବେ ହଳଦୀ ପତ୍ର ପିଠା ଖାଉଛ ନା ନାହିଁ । ପ୍ରଥମାଷ୍ଟମୀରେ ତୁମ ମାମାଙ୍କଠୁ ସାଙ୍ଗମାନେ ଖାଇବେ ବୋଲି ମିଛ କହି ମୋ ପାଇଁ ଯେଉଁ ପିଠା ଆଣ, ହଳଦୀ ପତ୍ରର ବାସ୍ନା ତୁମର ପସନ୍ଦ ନଥିଲା ବୋଲି ନାକ ଟେକି ଟେକି ପଲିଥିନ୍‌ଟା ମୋ ହାତକୁ ବଢ଼େଇ ଦିଅ, ସତ କହୁଛି, ମୁଁ ସେଥିରୁ ଗୋଟେ ବି ଖାଏନି । କିନ୍ତୁ ତୁମକୁ ଚିଡ଼ାଏ ପୃଥିବୀରେ ଗୋଟିଏ ଲୋକ ଯାହାକୁ ଏଇ ପତ୍ରର ବାସ୍ନା ଭଲ ଲାଗେନା । ତମେ ଜାଣିଛ, ଆଉ ଗୋଟେ ଲୋକ ବି ଅଛି ପୃଥିବୀରେ । ସେ ହେଉଛି ମୁଁ ।

୦୯/ ୧୨

ଶୁଣ, ଆଜି କ'ଣ ହେଲା । ମୁଁ ଅଫିସ୍ ଯିବା ବାଟରେ, ମୋ ଗାଡ଼ିର ଖୋଲା ଡୋର୍ ଦେଇ ଭିତରକୁ ଗୋଟେ କୁନି ବଣି ଚଢ଼େଇଟେ ପଶି ଆସିଲା । ତାକୁ ଯେତେ ଉଡ଼େଇବାକୁ ଚେଷ୍ଟା କଲେ ବି ଗଲାନି, ସେମିତି ବସି ରହିଲା । ବାଧ ହୋଇ ଅଫିସ୍ ଭିତରକୁ ନେଇ ଯାଇଥିଲି । ଦିନ ସାରା ତା' ପଛରେ ବିତିଲା । ଅଫିସ୍‌ର ସବୁ ଷ୍ଟାଫ୍ ଥରେ ଥରେ ଆସି ତାକୁ ଦେଖି ଦେଇ ଯାଉଥାନ୍ତି । ସବୁଠାରୁ ବେଶୀ ସମୟ ତା' ସାଙ୍ଗେ କାଟିଥିଲା ମୋ ରାଜକୁମାରୀ । ଆଖି ପିଛୁଳାକେ ପାଖରେ ଥିବା ସାଙ୍ଗ ଘରୁ ତା' ପାଇଁ କ୍ଷୀର, ତୁଳା, ଖୁଦ ସବୁ ନେଇ ଆସିଲା । ତାକୁ ହାତରେ ଧରି ତୁଳାକୁ କ୍ଷୀରରେ ଭିଜାଇ ତଣ୍ଟି ଖୋଲି ଟୋପା ଟୋପା କ୍ଷୀର ପିଆଇ ଚାଲିଲା । ତା ପାଇଁ ଚିରା କାଗଜ, ଛିଣ୍ଡା ସୁତୁଲିରେ ଗୋଟେ ବସା ବନେଇଦେଲା । ସେଠି ଖୁଦ ବିଛେଇ ଦେଇଥିଲା । ଚଢ଼େଇଟା ଖୁଦକୁ ଖୁଣ୍ଟି ଖୁଣ୍ଟି ଖାଉଥାଏ । ରାଜକୁମାରୀ ଥରକୁ ଥର ଆଉଁସି ପକାଉଥାଏ ତାକୁ । ସେ ବି ସ୍ନେହର ପରଶ ପାଇ ଖୁବ୍ ଖୁସି ହେଉଥାଏ । ଆମକୁ ଦେଖି କିଚିରିମିଚିରି କରି ପକାଉଥାଏ । ତାକୁ ପାଇ ଅଫିସ୍ କାମରେ ଆମର ଜମା ମନ ଲାଗୁନଥିଲା । ତା ସହିତ ଯେମିତି ଗୋଟେ ମାୟା ଲାଗି ଯାଇଥିଲା । ମୁଁ ତ ଚଢ଼େଇ ଛୁଆକୁ ଘରକୁ ନେଇ ଆସିବାକୁ ଭାବିଥିଲି । ସେ କିନ୍ତୁ ମନା କଲା । କହିଲା ମୁକ୍ତ ଆକାଶର ପକ୍ଷୀ ସେ, ତାକୁ ବାନ୍ଧି ରଖିବା ଠିକ୍ ହେବନି । ଅଫିସ୍‌ରୁ ଫେରିବା ପୂର୍ବରୁ ତାକୁ ବୁଝେଇସୁଝେଇ ନୀଳ ଆକାଶକୁ ଉଡ଼େଇ ଦେଇଥିଲା । ସେ ଯିବା ବେଳେ ସେଠି କେତେ ଘେରା ଚକ୍କର କାଟି ପୁଣି ଫେରି ଆସୁଥାଏ । ତା ପରେ ବୁଲି ବୁଲି ଚାହୁଁଥାଏ ।

ତୁମେ ମନେ ରଖିଛ ନା, ତୁମେ ଯେଉଁ କଳା ରଙ୍ଗର ସ୍କୁଟି ସମ୍ଭୁରାଇ ଚଲାଉଥିଲ, ଥରେ ସେହି ଗାଡ଼ି ଆଗକୁ, ଗୋଟେ କୁକୁର ଛୁଆ ଚାଲି ଆସିଥିଲା । ଖଣ୍ଡିଆଖାବରା ହୋଇ ଯାଇଥିଲା ସେ । ତାକୁ ଧରି ଡାକ୍ତରଖାନା ଦୌଡ଼ିଥିଲ । ତା'ପରେ ୭/୮ ଦିନ

Digitized by PPRACHIN, SOA

କଲେଜ ବନ୍ଦ । ତା ପଛରେ ବିତୁଥିଲା ତୁମ ଦିନରାତି । ତୁମକୁ ଫୋନ୍ କଲେ ଖାଲି ସେଇ କୁକୁର ଛୁଆ କଥା । ମୁଁ ତ ରାଗି ଯାଇଥିଲି ତୁମ ଉପରେ । ଯେବେ କଲେଜ ଆସିଲ କଥା ବି ହୋଇନଥିଲି । ତୁମ ମୁହଁକୁ ବି ଚାହିଁଲିନି ରାଗରେ । ହେଲେ ତୁମେ ବି କିଛି କମ୍ ଥିଲ କି ? ଫେରିଟା ବେଳକୁ କୁକୁର ଛୁଆକୁ ଧରି ମୋ ହଷ୍ଟେଲ୍ ପାଖେ ହାଜର । ମତେ ଯାଇ ଡାକିଲା ସେ ଓ୍ୱାଚମ୍ୟାନ୍ । ତୁମ ସହ ତାକୁ ଦେଖି ମୋ ରାଗ ପାଣି ଫୋଟକା ପରି ମିଳେଇ ଯାଇଥିଲା ।

ତା ନାଁ ଦେଇଥିଲେ ରକି । ତୁମ ସାଙ୍ଗରେ କେବେକେବେ ସେ ଆସୁଥିଲା । ତାକୁ ବହୁତ ଭଲ ପାଉଥିଲେ ଆମେ ଦୁହେଁ । ଆଜି ଚଢ଼େଇ ଛୁଆଟା ପୁଣି ଅତୀତକୁ ତାଜା କରିଦେଲା । ମୋ ରାଜକୁମାରୀର ତା ପ୍ରତି ସ୍ନେହ ଆଉ ଭଲପାଇବା ଦେଖି ଖାଲି ତୁମେ ମନେ ପଡୁଥିଲ । ସେତେବେଳେ ଥିଲେ ତୁମେ, ମୁଁ ଆଉ ରକି । ଆଜି ମୁଁ, ମୋ ରାଜକୁମାରୀ ଆଉ ବଣି ଚଢ଼େଇ । ହେଲେ ଭଲପାଇବା ସମାନ ଥିଲା, ସେଦିନ ବି, ଆଉ ଆଜି ବି । ଦିନ ସିନା ଚାଲିଯାଏ, ହେଲେ ଚିହ୍ନ ଛାଡ଼ିଯାଏ, ଏଇ ହୃଦୟ ଭିତରେ, ଯାହାକୁ ଆମେ ଚାହିଁଲେ ବି ବାହାର କରିପାରୁନା । ଭଲପାଇବା କେବେ ବି ମରେନା । ସତ କହୁଛି ନା । ଏମିତି ରକିକୁ ମୋ ବଣି ଚଢ଼େଇ ସହ ତୁଳନା କରିବା ମୋର ପାଗଳାମି ହୋଇପାରେ । କିନ୍ତୁ ଅତୀତ ଯେତେବେଳେ ବର୍ତ୍ତମାନ ଆଗକୁ ଚାଲିଆସେ ଆମେ ଚାହିଁ ମଧ୍ୟ ସେହି ଭାବନାରୁ ନିଜକୁ ଅଲଗା କରିପାରୁନା ।

୧୨/ ୧୨

ଦିନେ ଏମିତି ବସି ଶୂନ୍ୟ ଆକାଶକୁ ଦେଖି କିଛି ଭାବୁ ଭାବୁ ଝିଅ କହିଲା, ମମି କଲେଜରେ ପିକନିକ୍ ଯିବା ପାଇଁ ତୁମ ଅନୁମତି ଦରକାର ଥିଲା । କଲେଜରୁ ଫର୍ମ ଦେଇଛନ୍ତି, ବାପା ମା'ଙ୍କ ଦସ୍ତଖତ ଦରକାର । ସହଜେ ଝିଅଟା କାହା ସାଙ୍ଗେ ମିଶେନି । ନିଜେ ଆଗ୍ରହ ଦେଖାଉଛି ଯିବା ପାଇଁ ମାନେ ତାକୁ ବିଲକୁଲ୍ ମନା କରିବାର ନାହିଁ । କିନ୍ତୁ ଆଜିକାଲି ଡର ଲାଗୁଛି, କେତେବେଳେ କେଉଁ କଥା । ଅରୁଣ, ତୁମର ଗୋଟେ ପୁଅ ନା । ସେ ଦେଖିବାକୁ କେମିତି । ତୁମ ରଙ୍ଗ ଆଣିଛି ନା, ତା ମା'ଙ୍କର । ଶୁଣିଥିଲି, ତୁମ ସ୍ତ୍ରୀ ବହୁତ ସୁନ୍ଦର ଆଉ ଗୋରା । ତୁମ ପୁଅକୁ ଥରେ ନିଶ୍ଚୟ ଦେଖିବାକୁ ଚାହିଁବି । ସେ ତୁମର ପ୍ରତିଛବି ହୋଇଥିବ ନା ?

ମୋ ଝିଅ ଅବିକଳ ତା ବାପାଙ୍କ ପରି । କୁହନ୍ତି ଝିଅ ବାପା ଭଳି ହେଲେ ଭାଗ୍ୟବାନ । କ'ଣ ସତରେ ଏମିତି ହୁଏ । ବାପାଙ୍କ ଚେହେରାର ସାଦୃଶ୍ୟ ଥିଲେ ଝିଅଟିର ଭାଗ୍ୟ ଉଚ୍ଚ

Digitized by PPRACHIN, SOA

ହୋଇଥାଏ । ମୋ ଚେହେରା ବି ମୋ ବାପାଙ୍କ ସହ ମିଶେ । ହେଲେ ମୋ ଭାଗ୍ୟଟା ଏତେ ଦୂର ଛଡ଼ା ହୋଇଗଲା କେମିତି । ସେହି ଭାଗ୍ୟରୁ ତୁମେ ଅଲଗା ହୋଇଗଲ । ହଉ, ଛାଡ଼, ସେକଥା, ବୋହି ଯାଇଥିବା ପାଣି କ'ଣ କେବେ ପଛକୁ ଫେରିପାରେ । ମୋ ଝିଅ କଥା ହେବା ଆମେ ।

ମୋ ଝିଅର ସ୍ୱରଟା କିନ୍ତୁ ମୋ ଭଳି । ମୋ ସ୍ୱର ତୁମର ଖୁବ୍ ପସନ୍ଦ ଥିଲା, ତୁମେ ତ ଚୁପ୍ ରହି ମୋ କଥା ଘଣ୍ଟା ଘଣ୍ଟା ଶୁଣୁଥିଲ । ମୋ ଅଫିସ୍‌କୁ ତୁମେ କେବେକେବେ ଖାଲିରେ ଫୋନ୍ କରୁଥିଲ, ମୋ ସ୍ୱର ଶୁଣିବାକୁ । କିନ୍ତୁ ତୁମ ନିରବତା ଥିଲା ମୋର ଅତି ପ୍ରିୟ । ତୁମେ ମୋ କଥା ଶୁଣିବାକୁ ଯେତିକି ଭଲ ପାଉଥିଲ, ତୁମ ନିରବତାକୁ ମୁଁ ସେତିକି ଉପଭୋଗ କରୁଥିଲି । ତୁମେ ଆଉ ମୁଁ ସବୁ ଗୁଣରେ ଜଣେ ଅନ୍ୟ ଜଣକଠାରୁ ଅଲଗା ଥିଲେ । ପରସ୍ପରକୁ ବୁଝି ପାରୁଥିଲେ ବିନା କିଛି କଥା କହି । ସମସ୍ତେ କୁହନ୍ତି ଭିନ୍ନ ଭିନ୍ନ ଗୁଣର ମଣିଷ ଏକାଠି ରହିବା ପାଇଁ ଈଶ୍ୱର ସେମାନଙ୍କ ଭିତରେ ସମ୍ପର୍କ ଗଢ଼ି ଦେଇଥାନ୍ତି । ଆମେ ଭିନ୍ନ ଭିନ୍ନ ଗୁଣର ଥିଲେ । ଭଲ ବି ପାଉଥିଲେ ପରସ୍ପରକୁ, ଚୁମ୍ବକୀୟ ଶକ୍ତି ବିପରୀତ ମେରୁକୁ ଟାଣିବା ପରି ପରସ୍ପର ପ୍ରତି ଆକର୍ଷିତ ହେଉଥିଲେ ପ୍ରତି ମୁହୂର୍ତ୍ତରେ । ସବୁ ଠିକ୍ ଥାଇ ବି କେମିତି ଅଲଗା ହୋଇଗଲେ ଆମେ । ବୋଧେ ଆମେ ନିଜେ ଚାହୁଁନଥିଲେ ଏକାଠି ରହିବାକୁ । ନା ଏହା ଥିଲା ଭାଗ୍ୟ, ଯାହାକୁ ତୁମେ କେବେ ବି ମାନୁ ନ ଥିଲ । କିନ୍ତୁ ଦେଖନା, ସେ କେମିତି ତା'ର ଖେଳ ଖେଳି ଦେଇଗଲା । ତା' ପରେ ପରେ ମୁଁ ଖୁବ୍ ଭାଗ୍ୟବାଦୀ ହୋଇ ପଡ଼ିଛି । ଆଉ ତୁମେ ?

୧୬/ ୧୨

ତୁମକୁ ଏତେ ନିକଟରୁ ଜାଣିଛି ଯେ, ଏ ପ୍ରଶ୍ନର ଆବଶ୍ୟକତା ନଥିଲା ବୋଧହୁଏ । କାରଣ ଜୀବନରେ ଯାହା ମିଳେ ତାକୁ ନେଇ ଆଗକୁ ବଢ଼ିବା ଉପରେ ହିଁ ତୁମେ ବିଶ୍ୱାସ ରଖୁଥିଲ । ଥିଲା ପ୍ରଚଣ୍ଡ ଆତ୍ମବିଶ୍ୱାସ ତୁମ ଭିତରେ । କିଛି ବି କରିପାରିବାର କ୍ଷମତା ଥିଲା ତୁମ ପାଖରେ । ତୁମର ଏଇ ସକାରାତ୍ମକ ଚିନ୍ତାଧାରା ମୋ ଭିତରକୁ ସଞ୍ଚରି ଯାଉଥିଲା । ମୁଁ ବି ପ୍ରତି ମୁହୂର୍ତ୍ତରେ ନୂଆ ନୂଆ ସ୍ୱପ୍ନ ଦେଖୁଥିଲି । କିନ୍ତୁ ସ୍ୱପ୍ନ ଆଉ ବାସ୍ତବତା ଉଭୟଙ୍କର ଓଜନକୁ ତଉଲୁ ତଉଲୁ ନିକିତିଟା ସ୍ୱପ୍ନକୁ ହାଲୁକା କରିଦେଲା । ସ୍ୱପ୍ନ ଭାଗଟା ମୋର, ବାସ୍ତବ ଭାଗଟା ଆଉ କାହାର ହେଇଗଲା ।

ଭାଗ ଆଉ ଭାଗ୍ୟର ରେଖା ଗୋଟେ ବିନ୍ଦୁରୁ ବାହାରି ବିପରୀତ ଦିଗକୁ ଚାଲିଗଲେ,

Digitized by PPRACHIN, SOA

ଉଭୟେ ଉଭୟଙ୍କୁ ପଛ କରି । ବାଟ ସିନା ଅଲଗା ହୋଇଗଲା, କିନ୍ତୁ ସେଇ ଗୋଟିଏ ବିନ୍ଦୁରେ ଅଟକିଗଲା ଦୁଇଟି ହୃଦୟ । ଗୋଟେ ସୁରଭିର ଆଉ ଗୋଟିଏ ତୁମର ନା ! କ୍ଷତବିକ୍ଷ ହୋଇଗଲେ ଉଭୟ ଏଇ ସମାଜର ଇଚ୍ଛାକୁ ସମ୍ମାନ ଦେବାକୁ ଯାଇ । କିନ୍ତୁ ଆଜି ବି ଯେତେବେଳେ କୌଣସି କଥାକୁ ନେଇ ବହୁତ କଷ୍ଟ ହୁଏ ସେତେବେଳେ ତୁମର ସେଇ କଥା ସବୁ ମନେପଡ଼େ । ମୁଁ ପୁଣି ଉଠେ, ଆଗକୁ ପାଦ ବଢ଼ାଏ । କିଛି ନୂଆ କରିବାର ଇଚ୍ଛା ନେଇ, ନ ହାରିବାର ପଣ କରି । ଯେଉଁଠି ଅଟକି ଯାଇଥାଏ, ସେଇଠୁ ଚାଲିବା ଆରମ୍ଭ କରେ । ଜୀବନର ରାସ୍ତା ଶେଷ ହେବା ପର୍ଯ୍ୟନ୍ତ ତ ତୁମ ବିନା ଏମିତି ଚାଲିବାକୁ ହେବ । ଶେଷ ଥର ଦେଖା ହେବା ବେଳେ ଏଇ କଥା କହିଥିଲ ତୁମେ । ତୁମ ବିନା ଜୀବନ ସୁନ୍ଦର ହୋଇପାରେ, କିନ୍ତୁ ଫିକାଫିକା । ଯେମିତି ସୂର୍ଯ୍ୟ ବିହୀନ ପାଣ୍ଡୁର ବର୍ଣ୍ଣର ଆକାଶ । ସତ କଥା ହେଲା, ତୁମ ସ୍ମୃତି କିନ୍ତୁ ଆକ୍ରାମାକ୍ରା କରେ ଏବେ ବି । କାହିଁକିର ଉତ୍ତର ପାଇବାକୁ ଅନେକ ଚେଷ୍ଟା କରିଛି, କିନ୍ତୁ ସବୁଥର ଅସଫଳ । ଆଉ ପ୍ରଶ୍ନର ଉତ୍ତର ଖୋଜୁନି । ଖୋଜୁଛି, ମୋ ନିଜକୁ, ମୋ ଭିତରେ, ଯେଉଁଠି ତୁମ ହୃଦୟଟା ବନ୍ଧା ପଡ଼ିଛି । ମୁକ୍ତ କରିପାରିଲିନି ଆଜି ପର୍ଯ୍ୟନ୍ତ ମୋ ଭିତରୁ ତୁମକୁ । ଆଉ ପାରିବିନି ବି । ତୁମେ ନିଜେ ନିଜକୁ ମୁକ୍ତ କରିନିଅ ଅରୁଣ ! ଆଉ ଏକ ସମାନ୍ତରାଳ ଜୀବନରୁ ମୁକ୍ତ କର ସୁରଭିକୁ, ଯିଏ କେବଳ ବଞ୍ଚିବାକୁ ଚାହେଁ ତୁମ ବିନା, ତୁମର ନ ହୋଇ ।

୨୦/ ୧୨

ମୋ ଭାବପ୍ରବଣତାକୁ ଦେଖି ତୁମେ ହସୁଥିବ, ସୁରଭିଟା ପାଗଳୀ ହୋଇଗଲାଣି ନା କ'ଣ । ଥରେ ତ କହିଛି ତୁମ ପାଇଁ ଆଉ ସେ ପାଗଳାମି ନାହିଁ । ତୁମେ ଦୂରରେ ଥିଲେ ହିଁ ମୋ ଅନୁଭବରେ ରୁହ, ଆତ୍ମାରେ ଥାଅ । ପ୍ରେମ ଆଉ କ'ଣ କି ? ଏକ ଅନୁଭବର ନାମ ହିଁ ତ ପ୍ରେମ । ଅରୁଣ, ତୁମେ ପାଖରେ ଥିଲେ ଏମିତି ଅନୁଭବ କରିବା ବୋଧେ ସମ୍ଭବ ହୋଇନଥାନ୍ତା । ଆମର ଛୁଆମାନେ ଥାଆନ୍ତେ । ସେମାନଙ୍କୁ ନେଇ ତୁମର ମୋର କଥା କଟାକଟି ହେଉଥାନ୍ତା । ପରିବା ଆଣିବା ପାଇଁ ତୁମକୁ ବ୍ୟାଗ୍ ଦେଉଥାନ୍ତି । ତୁମେ ମନା କରୁଥାନ୍ତ, ମୁଁ ଚିଡ଼ି ଯାଉଥାନ୍ତି, ତୁମେ ଇଚ୍ଛା ନଥାଇ ବି ଯାଇଥାନ୍ତ । ତୁମେ ଆସିବା ବେଳକୁ ମୁଁ ତୁମ ପସନ୍ଦର ଖାଇବା ରାନ୍ଧି ବସିଥାନ୍ତି । ଆମ ଜୀବନ କେତେ ଅଲଗା ପ୍ରକାରର ହୋଇଥାନ୍ତା । ତେଲଲୁଣ ସଂସାର ଭିତରେ ତୁମକୁ ନେଇ କ'ଣ ଲେଖି ପାରିଥାନ୍ତି ? ତୁମେ ମୋ ଜୀବନର ନାୟକ ହୋଇପାରିଲନି ସିନା, ମୋ ଉପନ୍ୟାସର ନାୟକ ହୋଇଗଲ । ତୁମକୁ ନେଇ ଏଇ ନିଚୋଳ ଅନୁଭବ ଟିକକ ବଞ୍ଚିବା ପାଇଁ ଯଥେଷ୍ଟ, ଅରୁଣ ।

Digitized by PPRACHIN, SOA

୨୨/ ୧୨

ଜାଣିଛ, ଝିଅର ପରୀକ୍ଷା ଚାଲିଛି । ବାର୍ଷିକ ପରୀକ୍ଷା । ମୁଁ ବେଷ୍ଟ ଅଫ୍ ଲକ୍ ନକଲେ ସେ ଘରୁ ଗୋଡ଼ କାଢ଼େନି । ଥରେ କହିଲି, କିରେ, ମମି ଶୁଭେଚ୍ଛା ନ ଜଣେଇଲେ ପରୀକ୍ଷା ଭଲ କରିବୁନି । ଇଏ କେମିତି କଥା । ସେ କ'ଣ କହିଲା ଜାଣିଛ, ମୁଁ କୁଆଡ଼େ ତା ପାଇଁ ଶୁଭ । ଆଉ ମୁଁ ବେଷ୍ଟ ଅଫ୍ ଲକ୍ ନକହିଲେ ତା'ର ଫଳ ଖରାପ ହୁଏ । ଏଇଟା ତା'ର ବାହାନା ମାତ୍ର । କିନ୍ତୁ ତାକୁ ଖୁସି କରିବାକୁ ଯାଇ ମୁଁ ବି ତାକୁ ଥମ୍ବସ୍ ଅପ୍ କରେ । ମୁଁ ବି ସେମିତି ଥିଲି । ପରୀକ୍ଷା ହଲ୍‌କୁ ଯିବା ପୂର୍ବରୁ ତୁମ ଶୁଭେଚ୍ଛାର ପ୍ରତୀକ୍ଷା କରୁଥିଲି । ଆମ ନାମ ଦୁଇଟା ଏମିତି ଯେ, ଜଣେ ରୋଲ୍ ନମ୍ବର ତାଲିକାରେ ସବା ଉପରେ ରହିବା ବେଳେ ଜଣେ ଶେଷରେ । ତେଣୁ ଗୋଟେ ହଲ୍‌ରେ ବସି ଆମେ ପରୀକ୍ଷା ଦେବାର ସୌଭାଗ୍ୟ ଲାଭ କରି ପାରୁନଥିଲେ । ହେଲେ, ସବୁ ବିଷୟ ପରୀକ୍ଷା ଦେବା ପୂର୍ବରୁ ତୁମକୁ ଦେଖିବାକୁ ଜିଦ୍ କରୁଥିଲି ।

ମୋର ବିଶ୍ୱାସ ଥିଲା ଯେ, ତୁମର ଗୋଟିଏ ଝଲକ୍ ହିଁ ମୋ ଖାତା ପୂରା କରିବାରେ ସାହାଯ୍ୟ କରିବ । ତୁମେ ପ୍ରତି ବିଷୟ ପୂର୍ବରୁ ମତେ ଦେଖା କରୁଥିଲ, ଯେମିତି ବି ହେଉ । କିନ୍ତୁ ପାଠ ଲେଖୁଥିଲି ମୁଁ ମୋ ପରିଶ୍ରମକୁ ନେଇ । ଦିନେ, ଘଣ୍ଟା ବାଜିଯାଇଥାଏ, ସବୁ ପିଲା ହଲ୍ ଭିତରେ । ହେଲେ ତୁମର ଦର୍ଶନ ନାହିଁ । ସାର୍‌ଙ୍କ ଗାଳି ପଡ଼ିବା ପର୍ଯ୍ୟନ୍ତ ବାହାରେ ଅପେକ୍ଷା କଲି । ତୁମେ କିନ୍ତୁ ଆସୁନଥାଅ । ତୁମ ଘର ପାଖ ସାଙ୍ଗମାନେ ବି କିଛି କହିପାରୁନଥାନ୍ତି ତୁମ ବିଷୟରେ । ହଲ୍ ଭିତରେ ଥାଇ ଖାଲି ଗେଟ୍ ଆଡ଼କୁ ବାରମ୍ବାର ଚାହୁଁଥାଏ । ତୁମେ ଦଶ ମିନିଟ୍ ପରେ ଆସି ଆମ ହଲ୍ ଭିତରେ । ସାର୍, କହୁଥାନ୍ତି ରହ, ରହ, ଏକ୍ସପ୍ରେସ ଟ୍ରେନ୍ ଭଳି କୁଆଡ଼େ ମାଡ଼ି ଯାଉଛୁ । ସରି ସରି କହି ସୁନା ପିଲା ଭଳି ହଲ୍ ବାହାରକୁ ଯାଉ ଯାଉ ଡାହାଣ ହାତର ବୁଢ଼ା ଆଙ୍ଗୁଠିଟା ଦେଖେଇ ଦେଇଥିଲ । ଅଟକି ରହିଥିବା କଲମଟା ମୋର ଖାତା ଆଡ଼କୁ ଅଗ୍ରସର ହୋଇଥିଲା । ସବୁବେଳେ ଫଳାଫଳ ଖାତାର ଲେଖା ଉପରେ ମୋଟାମୋଟି ଭାବରେ ନିର୍ଭର କରୁଥିଲା । କିନ୍ତୁ ସ୍ମୃତି ହୋଇଗଲା ଆମର ସେହି ଦିନ ସବୁ । ଆଉ ଆମେ ବି, ଜଣେ ଜଣଙ୍କ ପାଇଁ । ଏବେ ତୁମେ ନାହଁ, କିନ୍ତୁ ପରୀକ୍ଷା ଆସୁଛି, ଜୀବନର ପରୀକ୍ଷା, ଆଉ ମୁଁ ଦେଉଛି ମଧ, ତୁମ ଅନୁପସ୍ଥିତିରେ, ତୁମ ଥମ୍ବସ ଅପ୍ ବିନା । କେବେ ପାସ୍, ତ କେବେ ଫେଲ୍ । ହେଲେ ପରୀକ୍ଷା ଦେବା ସରୁନି ।

ମୋ ପାଇଁ ତୁମକୁ କେତେ ହଇରାଣ ହେବାକୁ ପଡୁଥିଲା, ଏବେ ତୁମେ ମୁକ୍ତ ମୋ

Digitized by PPRACHIN, SOA

ଜିଦ୍‌ରୁ, ମୋ ଅଭିମାନରୁ । ପରୀକ୍ଷା ଖାତାର ରୋଲ୍ ନମ୍ବର ଲେଖା ହେବାଠୁ ଶେଷ ଉତ୍ତରର ପୂର୍ଣ୍ଣଛେଦ ପର୍ଯ୍ୟନ୍ତ କେବଳ ନିଜେ ଲେଖୁଛି, ଆଉ ପ୍ରାରବ୍ଧକୁ ସାଙ୍ଗ କରିନେଇଛି । ଯାହା ସେ ଫଳ ଦେବ ସେତିକି ହିଁ ମୋର ପ୍ରାପ୍ୟ, ତୁମକୁ ମାଗିଥିଲି, ଭାଗ୍ୟ ମୋର ପରୀକ୍ଷା ନେଇଥିଲା । ଶହେରୁ ଶହେ ନହେଲା ନାହିଁ, ପଚାଶ ପ୍ରତିଶତ ବି ମିଳିଲାନି । ପୂରା ଫେଲ୍ । ଶୂନ୍ୟ ହୋଇଗଲା ଭାଗ୍ୟର ଫଳ । ତଥାପି ମୁଁ ବଞ୍ଚିଛି । ତୁମ ବିନା, ଆଉ ତୁମ ସହିତ ବି । ଆଶ୍ଚର୍ଯ୍ୟ ହୋଇଯାଉଛ ନା, ଏ କେମିତି ସମ୍ଭବ ! ସବୁ ସମ୍ଭବ ଅରୁଣ । ତୁମର ରକ୍ତମାଂସର ଶରୀରଟାକୁ ତୁମେ ଅଲଗା କରି ରଖିପାରିବ, ହେଲେ ମୋ ଭାବନାରୁ କୁଆଡ଼େ ଯିବ ?

୨୪/ ୧୨

ତୁମର କ'ଣ ଇଛା ହେଉନି ତାପସ୍‌ଙ୍କ ବାବଦରେ ଜାଣିବା ପାଇଁ । ସେ ମୋ ସ୍ୱାମୀ, ସେ ଏମିତି ଜଣେ ବ୍ୟକ୍ତି ଯାହାଙ୍କୁ ନେଇ ବେଶି କିଛି ଲେଖି ହେବନି । ତାଙ୍କୁ ପ୍ରୌଢ଼ତ୍ୱ ଛୁଇଁଲାଣି । ମୁହଁରେ ବୟସର ଛାପ, ଯୁବାବସ୍ଥାରେ ଏତେ ହ୍ୟାଣ୍ଡସମ୍ ନଥିଲେ, ଏବେ ତ ବାର୍ଦ୍ଧକ୍ୟ ଛୁଇଁବ ଛୁଇଁବ ହେଉଛି । ତାଙ୍କ ସୁନ୍ଦରତାକୁ ନେଇ ଆଲୋଚନାର ପ୍ରଶ୍ନ ଉଠୁନାହିଁ । ଆଖିରେ ଚଷମା, ବହୁତ ଗମ୍ଭୀର । ତେଣୁ ଏମିତି କିଛି ଖାସ୍ ନାହିଁ ତାଙ୍କ ବିଷୟରେ କହିବାକୁ । କିନ୍ତୁ ତାଙ୍କ ଚରିତ୍ରକୁ ଏଇଠି ଉପସ୍ଥାପନ କରିବା ଜରୁରୀ, କାରଣ ସେ ତୁମ ସୁରଭିର ସ୍ୱାମୀ । ତାଙ୍କ ଭିତରେ ଥିବା ସାଧାରଣ ଗୁଣ ସବୁ ତାଙ୍କୁ ଅସାଧାରଣ କରିଦିଏ । ତୁମ ଭଳି ସେ ବହୁତ କାର୍ଯ୍ୟ ବ୍ୟସ୍ତ ରୁହନ୍ତି । ଖୁବ୍ ସରଳ ଆଉ ସାଦାସିଧା ମଣିଷଟେ । ଅବସୋସ ବିହୀନ ଜୀବନ ତାଙ୍କର । ତାଙ୍କ ସାଙ୍ଗରେ ପାଖାପାଖି ୨୨ ବର୍ଷ ବିତିଗଲାଣି ଗୋଟେ ଛାତ ତଳେ । ମୋ ଜନ୍ମଦିନ, ଆମର ବିବାହବାର୍ଷିକୀ କିଛି ବି ମନେ ରଖି ଶୁଭେଚ୍ଛା ଜଣେଇନାହାନ୍ତି ନିଜ ଆଡୁ । ମନେ ପକେଇଲେ ୱିସ୍ କରନ୍ତି । ପ୍ରଥମେ ପ୍ରଥମେ ବହୁତ ଅଭିମାନ ହେଉଥିଲାନିଜ ଉପରେ । ସାଙ୍ଗମାନଙ୍କଠୁ ସେମାନଙ୍କ ସ୍ୱାମୀ କେମିତି ତାଙ୍କୁ ଉପହାର ଦେଉଛନ୍ତି, ଶୁଭେଚ୍ଛା ଜଣାଉଛନ୍ତି, ବାହାରେ ଡିନର କରାଉଛନ୍ତି, ପାର୍ଟି ଦେଉଛନ୍ତି, ସେସବୁ ଶୁଣି ଈର୍ଷା କରୁଥିଲି ମନେ ମନେ । କାନ୍ଦି ପକାଉଥିଲି ଅନ୍ୟମାନଙ୍କ ସହିତ ନିଜକୁ ତୁଳନା କରି । ତୁମେ ବି ସେମିତି ସବୁ କରୁଥିବ ନିଜ ସ୍ତ୍ରୀଙ୍କୁ ଖୁସି କରିବା ପାଇଁ, ଯେମିତି ସବୁ ସ୍ୱାମୀ କରନ୍ତି ।

କିନ୍ତୁ ତାପସ୍ ହେଉଛନ୍ତି ବ୍ୟତିକ୍ରମ । ଏସବୁ ତାଙ୍କର ମନେ ରହେନା । ମୋ ଅଭିମାନକୁ ଭାଙ୍ଗିବା ପାଇଁ ଛୋଟ ସରିଟିଏ କହି କ୍ଷମା ମାଗିନିଅନ୍ତି । ପର ଥରକୁ ପୁଣି ଭୁଲିଯାଆନ୍ତି । ପ୍ରତିଥର ସେଇ ସମାନ କଥା । ସେ ଜଣେ ଭଲ ଲୋକ । ଖାଇବା ପିନ୍ଧିବାକୁ ନେଇ ଖାସ୍

Digitized by PPRACHIN, SOA

ପସନ୍ଦ କିଛି ନାହିଁ । ଥରେ ବି ମତେ 'ଆଇ ଲଭ୍ ୟୁ' କହିନାହାନ୍ତି । ତୁମ ବିନା ବଞ୍ଚିପାରିବିନି ବୋଲି କେବେ ବି ସେ କହିବେନି ସେ କଥା ମୁଁ ଜାଣେ । କିନ୍ତୁ ମୁଁ ଆଖିବୁଜି କହିଦେଇ ପାରିବି ଯେ ମୋ ଅବର୍ତ୍ତମାନରେ ଯଦି କିଏ ମୋର ଅଭାବ ସବୁଠୁ ବେଶି ଅନୁଭବ କରିବେ ସେ ହେଉଛନ୍ତି ମୋ ତାପସ୍ । ଗୋଟେ ସତ କଥା ଶୁଣିବ, ମୋ ଅନ୍ତରାତ୍ମା ଭିତରୁ କେବଳ ଗୋଟିଏ ଶବ୍ଦ ପ୍ରତିଧ୍ୱନିତ ହୁଏ, ସେଇଟା ହେଉଛି ତୁମର ନାମ, କିନ୍ତୁ ସାତ ଜନ୍ମ ଛାଡ଼ି ଶହେ ଜନ୍ମ ବି ହୁଏ, ମୁଁ କେବଳ ତାପସ୍‌ଙ୍କୁ ସ୍ୱାମୀ ରୂପରେ ଚାହିଁବି । କାହିଁକି ପଚାରିବନି ? କାରଣଟା ହେଉଛି ବିଶ୍ୱାସ । ଯେଉଁ ସମ୍ପର୍କରେ ଲେଶ ମାତ୍ର ସନ୍ଦେହ ନାହିଁ । ତୁମେ ବୋଧେ ତାଙ୍କ ଭଳି କେବେ ବି ହୋଇ ପାରିନଥାନ୍ତ । କ୍ଷମା କରିବ ଅରୁଣ, ତୁମକୁ ମୁଁ ତାଙ୍କ ସହିତ ତୁଳନା କରୁଥିବାରୁ । ତରାଜୁର ଦୁଇ ପାଖରେ ତୁମ ଦୁହିଁଙ୍କୁ ବସେଇଲେ ସେ ନିଶ୍ଚୟ ଟିକେ ତଳକୁ ରହିବେ । କାରଣ କ'ଣ ଜାଣିଛ, ସେ ମୋତେ ମର୍ଯ୍ୟାଦା ଦେଇଛନ୍ତି, ଯାହା ମୁଁ ତୁମଠାରୁ ଆଶା କରୁଥିଲି । ତୁମେ ହାତ ଛାଡ଼ିଦେଲ, ଆଉ ସେ ହାତ ଧରି ବାଟ ଚାଲୁଛନ୍ତି ।

୩୧/ ୧୨

ବହୁତ ଶୀତ ସକାଳୁ ସକାଳୁ । ବାହାରେ ଧୂଆଁଳିଆ କୁହୁଡ଼ି । ଝରକାକୁ ଧୀରେ ଖୋଲି ମା, ଝିଅ ଦୁହେଁ ଅନାଉଥାଉ । ଭାରି ଅଳସୁଆ ଲାଗୁଥାଏ । ତାପସ୍ ବି ରେଜେଇ ଭିତରୁ ଜୁଲୁ ଜୁଲୁ କରି ଚାହୁଁଥାନ୍ତି । ଅପେକ୍ଷା କୁହୁଡି ଛାଡ଼ିବ କେତେବେଳେ । ବାହାରେ ଲଞ୍ଚ୍ ତ କରିହେବ, ହେଲେ ସକାଳର ନିତ୍ୟକର୍ମ, ଠାକୁର ପୂଜା, ଜଳଖିଆ ଏସବୁ ପାଇଁ ମତେ ଖଟ ଛାଡ଼ିବାକୁ ପଡ଼ିଲା । ଗାଧୁଆପାଧୁଆ ସାରି ଥରି ଥରି ଠାକୁର ଘରେ ପୂଜା ସାରିଲି । ରୋଷେଇ ଘରକୁ ଯାଉ ଯାଉ ଦୁଆର ପାଖରେ ତାପସ୍ ଶାଲଟିଏ ଆଣି ମୋ ଦେହରେ ପକେଇ କହୁଥାନ୍ତି ଏତେ ଶୀତରେ, କିଛି ବି ଗୋଟେ ଘୋଡ଼େଇ ହୋଇ କାମ କଲେ ହୁଅନ୍ତାନି । ମନେଅଛି, ୨୩ ବର୍ଷ ତଳେ ଠିକ୍ ଏମିତି ତୁମେ କହିଥିଲ ।

ଆମ କ୍ଲାସ୍‌ର ସମସ୍ତେ ସାଙ୍ଗମାନେ କଲେଜ୍‌ଠାରୁ ୫୦ କିଲୋମିଟର ଦୂରରେ ଥିବା ଏକ ଅନୁଷ୍ଠାନକୁ ଫିଲ୍ଡ ଭିଜିଟ୍‌ରେ ଯାଇଥିଲେ । ଫେରୁ ଫେରୁ ସନ୍ଧ୍ୟା । ଡିସେମ୍ବର ମାସ, ବହୁତ ଶୀତ । ଦାନ୍ତକୁ ଦାନ୍ତ ବାଜି ଯାଉଥାଏ । ବସ୍‌ର ଝରକାଗୁଡ଼ା ଠିକ୍‌ରେ ପଡୁନଥାଏ । ତୁହାକୁତୁହା ହେମାଳ ପବନ । ଓଢ଼ଣିଟା ଦେହରେ ଗୁଡ଼େଇ ହୋଇ ଶୀତକୁ ରୋକିବାର ବୃଥା ଚେଷ୍ଟା କରୁଥିଲି ମୁଁ । ସାଇଡ୍ ସିଟରୁ ଏସବୁ ଦେଖୁଥିଲ ବୋଧେ । ଧୀରେ ଚାଲି

Digitized by PPRACHIN, SOA

ଆସିଲ ମୋ ପାଖକୁ । ମୁଁ ଚାହୁଁଥାଏ ବାହାରକୁ, ଖୁବ୍ ଲୋଭନୀୟ ଦିଶୁଥାଏ ଚିକ୍ ମିକ୍ ଆଲୋକମାଳାରେ ତୁମ ସହରଟା । କେବେ ଦେଖିନଥିଲି ରାତିର ଏଇ ଦୃଶ୍ୟକୁ । ବିଭୋର ହେଉଥିଲି ସ୍ୱପ୍ନରେ, ଆଉ କିଛି ବର୍ଷ ମଧ୍ୟରେ ଏଇ ସହରରେ ତୁମ ସାଙ୍ଗରେ ମୁଁ ବି ଯାଉଥିବି ତୁମ ବାଇକ୍ ପଛରେ ବସି । ସେତେବେଳେ ଆମ ପାଖେ ଥିବ ସମାଜର ଅନୁମୋଦନ । କ'ଣ ଗୋଟେ କାନ୍ଧରେ ପଡ଼ିବାରୁ ଚମକି ପଡ଼ି ବୁଲି ଦେଖିବା ବେଳକୁ ତୁମେ ପିନ୍ଧିଥିବା ଜ୍ୟାକେଟ୍‌ଟା ମୋ କାନ୍ଧରେ ପକେଇ ଦେଇଥିଲ । ଆଉ କହିଥିଲ ଏତେ ଶୀତରେ ଥରୁଛ । ଘରୁ ଆସିବା ବେଳେ ସାଙ୍ଗରେ ସ୍ୱେଟର ଆଣିଥିଲେ ହୋଇନଥାନ୍ତା । ଏବେ ଏଇଟା ପିନ୍ଧି ନିଅ । ଆଉ ତୁମେ ? ପ୍ରଶ୍ନ ଥିଲା ମୋର । ମୋ କଥା ଚିନ୍ତା କରନି । ଆଖି ଇସାରାରେ ଚୁପ୍ ରହିବାକୁ କହିଥିଲ । ନାରୀ ଆଉ ପୁରୁଷ ଉଭୟଙ୍କୁ ସମାନ ଶୀତ ହୁଏ ନା ? ତୁମେ ବି ଥରିଯାଇଥିବ । ବସ୍‌ରୁ ଓହ୍ଲାଇ ୭ କିଲୋମିଟର ଦୂର ତୁମ ଘରକୁ ଯାଇଥିବ ବାଇକ୍ ଚଲେଇ । ହାତ ପାଦ ସବୁ ଥଣ୍ଡାରେ କାଲୁଆ ମାରିଯାଇଥିବ ତୁମର । ଛାଡ଼ିକି ଯିବାର ଥିଲା ତ, ଏତେ କଷ୍ଟ କାହିଁକି ସହୁଥିଲ ? ଓହୋ କି ଯନ୍ତ୍ରଣା ! ବାହାରେ ହାଡ଼ଭଙ୍ଗା ଶୀତ, ଆଉ ମନ ଭିତରେ ତୁମକୁ ନେଇ ଅନେକ ଯାତନା । କେତେ ଥର କହିଲିଣି ଅରୁଣ, ଚାଲିଯାଅ ମୋ ଚିନ୍ତା ଆଉ ଚେତନା ଭିତରୁ । ତାପସ୍‌ଙ୍କ ଭିତରେ ତୁମକୁ ଅନୁଭବ କରିବାର ସାମର୍ଥ୍ୟ ମୋର ନାହିଁ । ସବୁବେଳେ ସେମିତି ଜିଦିଆ ହିଁ ରହିଲ । ଯିବାର ନାଁ ଧରୁନ । କିନ୍ତୁ କାହିଁକି ଯେ ?

୦୫/ ୦୧

ଦିନସାରା କାର୍ଯ୍ୟ ବ୍ୟସ୍ତତାରେ ମୁଣ୍ଡଟା ଖୁବ୍ ଜୋରରେ ବିନ୍ଧୁଛି । ରୋଲ୍‌ଅନ୍ ବାମ୍‌କୁ ତିନି ଥର ଲଗେଇ ସାରିଲିଣି । ଏବେ ମୁଣ୍ଡରେ ଗୋଟେ ଚୁନରୀ ବାନ୍ଧି ବସିଛି । ମସଲା ଚା ଗ୍ୟାସ୍ ଉପରେ ବସି ଫୁଟୁଛି । ଟିକେ ପିଇଦେଲେ ଭଲ ଲାଗେ ମୋତେ । ଚା କପ୍ ଏବେ ତ ମୋ ହାତରେ । କି ସୁନ୍ଦର ବାସ୍ନା । ଏଇଟା ମୋର ସ୍ପେଶାଲ ଚା । ପ୍ରାୟ ସବୁ ପ୍ରକାର ଗରମ ମସଲା, ତୁଳସୀ, ତେଜପତ୍ର, ଅଦା, ଗୋଲମରିଚ ପକେଇ ପ୍ରସ୍ତୁତ କରେ ମୁଁ । ବାଲକୋନିରେ ମୁଁ ଆଉ ମୋ ଚା କପ୍ । ତା' ସାଙ୍ଗରେ ମେଞ୍ଚା ମେଞ୍ଚା ଶୂନ୍ୟତା । ତା' ଭିତରେ ପାଖ ଘରୁ ମଝିରେ ମଝିରେ ଶୁଣାଯାଉଛି ଗୋଟେ କୁନି ଛୁଆର କାନ୍ଦ । ଅନ୍ୟମନସ୍କ କଲା ଭଳି ତୁମର ଅଶରୀର ଉପସ୍ଥିତି । ହେଇ ତ, ତୁମେ ମୋ ଆଗରେ ବସିଛ ।

ଅରୁଣ- ସୁରଭି, ଗୋଟେ କପ୍ ଚା ମିଳିବ ।

Digitized by PPRACHIN, SOA

ସୁରଭି- *(ହାତରେ ଚା କପ୍‌ଟେ ଧରେଇ ଦେଇ)* ନିଅ, ଫ୍ରେସ୍ ଲାଗିବ ।

ଅରୁଣ – ଆଜି ମ୍ୟାଡାମ୍, ବହୁତ ହାଲିଆ ହୋଇ ଯାଇଛନ୍ତି ବୋଧେ । ମୁହଁରୁ ହସ ଲିଭି ଯାଇଛି ଯେ ।

ସୁରଭି – ନା, ସେମିତି କିଛି ନାହିଁ । ମୁଣ୍ଡ ବିନ୍ଧୁଥିଲା, ଏବେ କମିଲାଣି ।

ଅରୁଣ – ବଢ଼ିଆ ଚା ବନେଇଚ ।

ସୁରଭି – ଧନ୍ୟବାଦ ।

ଅରୁଣ – ମତେ ବହୁତ ମିସ୍ କରୁଛ ? ଏବେ ଲେଖାଲେଖି କରୁଛ ନା ଛାଡ଼ିଦେଲଣି ।

ସୁରଭି – ହଁ ଲେଖୁଛି, କିନ୍ତୁ ତୁମ ପାଇଁ ନୁହେଁ ।

ଅରୁଣ – କାହା ପାଇଁ ତାହା ହେଲେ ?

ସୁରଭି – ନିଜ ପାଇଁ ।

ଅରୁଣ – ମିଛ କହୁଛ । ଏଇତ, ତୁମ ଆଖିରେ ଲୁହ ।

ସୁରଭି – ତୁମ ପାଇଁ ଲୁହ ଝରେଇଲେ କ'ଣ ମିଳିବ ମତେ !

ଅରୁଣ – ମୁଁ ।

ସୁରଭି – ମତେ ତୁମେ ଦରକାର ନାହିଁ ।

ଅରୁଣ – ତେବେ, ଏତେ ଯନ୍ତ୍ରଣାକୁ ଛାତିରେ ରଖିଛ କାହିଁକି ? ଭୁଲିଯାଅ ମୋତେ ।

ସୁରଭି – ତୁମକୁ ଭୁଲି ପାରିବିନି ।

ଅରୁଣ – ମତେ କଷ୍ଟ ହେଉଛି ।

ସୁରଭି – ମୋ ପାଇଁ ଯନ୍ତ୍ରଣାର ଅନ୍ୟନାମ ତ ଅରୁଣ ।

ଅରୁଣ – ମତେ ଦୋଷ ଦେଉଛ ସୁରଭି ?

ସୁରଭି – କେମିତି ଦେଇ ପାରିବି ? ତୁମେ ଯେ ପୁରୁଷ । ତୁମେ କ'ଣ କେବେ ଭୁଲ୍ କରି ପାରିବ ? କେବଳ ମନେ ପକାଉଛି ତୁମକୁ । ଆଉ କିଛି ନୁହେଁ ।

ଅରୁଣ- ମୁଁ କେବଳ ଯନ୍ତ୍ରଣା ଦେଉଛି ତୁମକୁ । ଏଇଟା ସତ ନାଁ ସୁରଭି ?

ସୁରଭି- ବଞ୍ଚିବା ପାଇଁ ତୁମକୁ ମନେ ପକାଇବା ଜରୁରୀ । ମୃତ୍ୟୁ ସହ ତୁମେ ବି ଚାଲିଯିବ । ମୋ' ଠାରୁ ବଞ୍ଚିବାର ସେ ଅଧିକାର ଟିକକ ନେଇ ଯିବାକୁ ଚାହଁ କି ?

Digitized by PPRACHIN, SOA

ଅରୁଣ- ମୋର ଆଉ କିଛି କହିବାର ନାହିଁ ।

ସୁରଭି- ରାତି ଅନେକ ହେଲାଣି । ତୁମେ ଏବେ ଯିବା ଉଚିତ୍ । ସେପଟେ ତୁମ ପରିବାର ତୁମର ପ୍ରତୀକ୍ଷା କରିଥିବ ଯେ ।

ଅରୁଣ- ତୁମ ହାତକୁ ମୋ ଆଡ଼କୁ ବଢ଼େଇବ ସୁରଭି । ଟିକେ ଧରିବାକୁ ଚାହୁଁଛି ।

ସୁରଭି- ଥରେ ଛାଡ଼ିଦେବା ପରେ ଆଉ କାହିଁକି ? କ'ଣ, ମୋ ହସ୍ତରେଖା ଦେଖିବ, ମୋ ଭାଗ୍ୟରେ ତୁମେ ଅଛ କି ନାହିଁ *(ଜୋର୍‌ରେ ହସି ଉଠିଥିଲି)* ପଢ଼ା ଘରୁ ଦଉଡ଼ି ଆସିଥିଲା ଝିଅ । ମାମା, ଏମିତି ହସୁଛ ଯେ । କ'ଣ ହେଲା ?

ପ୍ରକୃତିସ୍ଥ ହୋଇଗଲି ମୁଁ । ଅରୁଣ ବି ଚାଲିଗଲେଣି । ହସ ଲାଗିଲା ବହୁତ । ଡାଏରି ଲେଖି ଲେଖି ସତରେ କଳ୍ପନା ରାଜ୍ୟରେ ହଜିଯାଉଛି ବେଳେ ବେଳେ । ତୁମର ଉପସ୍ଥିତି ବି ସେଇ କଳ୍ପନାର ଗୋଟିଏ ଉଦାହରଣ ବୋଧେ । କିନ୍ତୁ ତୁମେ ମୋ କଲମରେ ବାନ୍ଧି ହୋଇଯାଇଛ । ମୋ ଝିଅ ତେଜସ୍ୱିନୀ, ମୋ ତେଜୁ, ଠିଆ ହୋଇ ମତେ ଦେଖୁଥିଲା । ପଚାରୁଥିଲା, ମୁଣ୍ଡବିନ୍ଧା ଭଲ ହୋଇଗଲାଣି ମାମା ? ମନ ଖୋଲି ହସୁଛ ଯେ !

ସତରେ ତ ଆଉ ମୁଣ୍ଡ ବିନ୍ଧୁନି । ଏବେ ଭଲ ଲାଗିଲାଣି । ରାତି ପାଇଁ ରୋଷେଇ କରିବାକୁ ଉଠି ଯାଉ ଯାଉ ଝିଅ ସାଙ୍ଗେ ତା' ରୁମ୍‌କୁ ଗଲି । କେତେ ସଜାଡ଼ି ରଖିଛି ସବୁ ଜିନିଷ, ଟିକେ ବି ଅସଜଡ଼ା ତାକୁ ଭଲ ଲାଗେନି । ହେଲେ ମତେ ତା'ର ଏଇ ଅତ୍ୟଧିକ ଶୃଙ୍ଖଳିତ ଜୀବନ ବିଲକୁଲ୍ ପସନ୍ଦ ନୁହେଁ । ଆଉ କିଛି ଦିନ ଛୋଟ ହୋଇ ରୁହନ୍ତାନି ! ବହୁତ ଶୀଘ୍ର ବଡ଼ ହୋଇଗଲା ଝିଅଟା । ବେଳେବେଳେ ଭାବେ ଅଧା ରାତିରେ ଉଠି ମୋ ତେଜୁ ମୋ ସହ ଛାତ ଉପରେ ତାରା ଗଣିବାର ପାଗଳାମି କରନ୍ତା କି ? ସାଙ୍ଗ ହୋଇ ମୋ ସହ ବାଡ଼ିପଟ ବଗିଚାରେ ଲୁଚକାଳି ଖେଳନ୍ତା କି ? ପୋଖରୀ ପାଣିକୁ ଖପରା ଫିଙ୍ଗି ବେଙ୍ଗ ଡିଆଁ ଖେଳନ୍ତା କି ? ମୁଁ ଶୋଇବା ବେଳେ ମୋ ମୁହଁ ସାରା ସ୍କେଚ୍ ଧରି ରଙ୍ଗେଇ ପକାନ୍ତା କି ? ଦ୍ୱିପହରେ ସମସ୍ତେ ଶୋଇସାରିବା ପରେ ବାଡ଼ିପଟ ଆମ୍ବଗଛରେ ଯାଇ ଚଢ଼ି ବସନ୍ତା କି ?

ଠିକ୍ ମୋ ରାଜକୁମାରୀ ଭଳି, ଉଦୁଉଦିଆ ଖରାବେଳେ ଲଙ୍ଗରାଇଡ୍‌ରେ ଯିବାକୁ ଜିଦ୍ କରନ୍ତା । ଆଉ, ଯେମିତି ହେଉ ପଟେଇପାଟେଇ ଯାଆନ୍ତା ବି ।

୧୦/ ୦୧

ଜାଣିଛ ଅରୁଣ, ମୋ ରାଜକୁମାରୀ କାଲି ଗୋଟା ଦ୍ୱିପହରରେ ମତେ ତା' ସ୍କୁଟି ପଛରେ ବସେଇ ଲଙ୍ଗରାଇଡ୍‌ରେ ନେଇ ଯାଇଥିଲା । ଟ୍ରାଫିକ୍ ନିୟମକୁ ଫୁ କରି ଉଡ଼େଇ

Digitized by PPRACHIN, SOA

ଦେଲା । ଦୁଇଜଣ ଦାୟିତ୍ୱବାନ ଭାରତୀୟ ନାଗରିକ ଭାଙ୍ଗିଦେଲୁ ସବୁ ନିୟମକୁ କିଛି ସମୟ ପାଇଁ । ଉଡ଼ିଗଲୁ ଦୁହେଁ ମୁକ୍ତ ବିହଙ୍ଗ ପରି । ଗାଡ଼ି ହ୍ୟାଣ୍ଡଲ ଛାଡ଼ି ଦୁଇ ହାତ ଖୋଲା କରି ଗାଡ଼ି ଚଲେଇବାର ମଜା ଖୁବ୍ ନିଆରା ଥିଲା । କାଠଡବାରେ ଆଇସ୍‌କ୍ରିମ୍ ବିକୁଥିବା ଲୋକଠୁ ପାଞ୍ଚ ଟଙ୍କିଆ କମଳା ଆଇସ୍‌କ୍ରିମ୍ ଖାଇଲୁ । ସେଇ ଆଇସ୍‌କ୍ରିମ୍‌ର ସ୍ୱାଦ ଆଗରେ କେତେ ବଡ଼ ବଡ଼ ବ୍ରାଣ୍ଡ୍ ଫିକା ପଡ଼ିଯାଇଥିଲା । ପ୍ରାଣଭରି ଉପଭୋଗ କଲୁ ସେହି ମୁହୂର୍ତ୍ତ ସବୁକୁ । ତା’ ସାଙ୍ଗରେ ପ୍ରାଣୋଚ୍ଛ୍ୱୋଳ ହସ । ଏଇସବୁ ତ ଆମ ଜୀବନରେ ରଙ୍ଗ ଭରିଦିଏ, ନା କ’ଣ କହୁଛ, ଅରୁଣ ।

୧୧/ ୦୧

ତୁମେ କ’ଣ ମୋ ପାଇଁ ମୋଠାରୁ ଭିନ୍ନ ଯେ, ତୁମକୁ ମନେ ପକେଇବିନି ! ଚାଲ ଯିବା ଆଜି ଶୂନ୍ୟତାକୁ ମନ ଭରି ଉପଭୋଗ କରିବା, ଦିଗ୍‌ବଳୟ ସେପାରିକୁ ଯିବା ଲାଗି ଚେଷ୍ଟା କରିବା । ଆମେ ଜାଣିଛେ, ଆମେ ପାରିବାନି, ଆମେ ହାଲିଆ ହୋଇଯିବା, ହେଲେ ଆମେ ଆମ ପାଇଁ ଏତିକି ତ କରିପାରିବା । ଅନ୍ଧାର ଭିତରେ ଝୁଣ୍ଟିବା, ହାତ ପାଦ ଖଣ୍ଡିଆ କରିବା, କଣ୍ଟାଝଟାରେ ଆଞ୍ଚୁଡ଼ି ହୋଇଯିବ ଆମ ଦେହ, ତା’ ପାଇଁ ଚିନ୍ତା ତ ବିଲକୁଲ୍ କରିବାନି । ଜଣେ ଅନ୍ୟ ଜଣକ ଉପରେ ଖୁବ୍ ହସିବା, ବୋକାଙ୍କ ଭଳି । ଓଠ ଖୋଲି କିଛି ଗପିବାନି, କେବଳ ଆଖିରେ ଆଖିରେ କଥା ହେବା । ଖାଲି ଶୂନ୍ୟତାକୁ ଖୋଜିବା । ଏବେ ହାତ ଛାଡ଼ି ଦିଅ । ଆମେ ପୁଣି ମିଶିଯିବା ଗହଳି ଭିତରେ । ଅଚିହ୍ନା ହୋଇଯିବା, କେହି କାହାକୁ ନଚିହ୍ନିବାର ଅଭିନୟ କରିବା । ଖୁବ୍ ମଜା ଆସୁଛି ନା ଏମିତି ମିଛିମିଛିକା ଖେଳ ଖେଳି । ମୁଁ କିନ୍ତୁ ଖୁସି ହୋଇଯାଏ, ମିଛ ହେଉ ପଛେ ତୁମ ସାଙ୍ଗେ କିଛି ସମୟ ବିତେଇବା, କି ଅପୂର୍ବ ଅନୁଭବ ସତରେ !

୧୪/ ୦୧

ଆଜି ରବିବାର, ଘରେ କେତେ କାମ ପଡ଼ିଥିବ, ତୁମର ବି, ଆଉ ମୋର ମଧ୍ୟ । ସପ୍ତାହ ଯାକର ସବୁ କାମ, ତୁମକୁ ମନେ ପକାଇବାକୁ ଆଉ ସମୟ ମିଳିବନି । ଏବେ ଟିକେ ଗପି ଦେବା । ଜାଣିଛ, ଦୁଇ ଦିନ ତଳେ ଜଣେ ଲୋକ ମୋ ଘରକୁ ଆସିଥିଲେ । ଏଇ ଶରୀର ଦାନ ବିଷୟରେ ବୁଝେଇବାକୁ । ମୁଁ ତାଙ୍କୁ ହଁ କରିଦେବି ବୋଲି ଭାବୁଥିଲି । ତାପସ୍ କିନ୍ତୁ ମନା କରୁଛନ୍ତି ଶରୀର ଦାନ କରିବାକୁ । ତାଙ୍କ ଉପରେ ମୋ ନିଷ୍ପତ୍ତି ନିର୍ଭର କରେ । ଗୋଟାଏ ବୋଲି ଝିଅ ମୋର, ସବୁବେଳେ ତା’ ପାଖରେ ତ ରହିହେବନି ।

Digitized by PPRACHIN, SOA

କାହିଁକି ମୋ ପାଇଁ ତା'ର ହାତଗୋଡ଼ ବାନ୍ଧି ରଖିବ । ସେ ମୁକ୍ତ ପକ୍ଷୀଟିଏ ପରି ଉଡ଼ି ବୁଲୁ । ମୃତ୍ୟୁ ତ ଜୀବନର ସବୁଠାରୁ ବଡ଼ ସତ୍ୟ । କେତେବେଳେ ବି ଆସିଯିବ ସୂଚନା ନଦେଇ । ନିରବ ହୋଇଯିବ ଧମନୀରେ ରକ୍ତ ସଞ୍ଚାଳନ । ଥମ୍ କରି ଅଟକି ଯିବ ହୃଦୟର ସ୍ପନ୍ଦନ । ତୁମ କଥା ଭାବିବା ପାଇଁ ଆଉ ମୁଁ ବି ନଥିବି ।

ଲେଖନୀଟା ମୋର ପଡ଼ି ରହିଥିବ ଆଉ ଏକ ସୁରଭିକୁ ଅପେକ୍ଷା କରି । କିନ୍ତୁ ନିଶ୍ଚଳ ଶରୀରଟା ପଡ଼ିଥିବ କେଉଁ ଲାବୋରେଟୋରୀରେ ଛାତ୍ରମାନଙ୍କ ପାଇଁ ଏକ୍ସପେରିମେଣ୍ଟର ଗୋଟେ ଏଲିମେଣ୍ଟ୍ ହୋଇ । ଅରୁଣ, ଏମିତି ହୋଇ ପାରିବ ନା ? ସେତେବେଳେ ମୋ ନିଥର ଦେହଟା ଆଉ କାହାର ଦରକାରରେ ଆସିବ । ଏମିତି ନହେଲେ ପୋଡ଼ିଦେଲେ ମୁଠାଏ ପାଉଁଶ । ତୁମେ ସିନା ମୁଁ ବଞ୍ଚିଥିବା ବେଳେ ମତେ ଦେଖା କରି ପାରିବନି, ଡେଇଁ ପାରିବନି ସମାଜର ଲକ୍ଷ୍ମଣରେଖା, କିନ୍ତୁ ମୁଁ ମରିଯିବା ପରେ ଆସି ତ ପାରିବ ଦେଖିବାକୁ । ଛୁଇଁ ତ ପାରିବ ମୋ ଶବକୁ । କେମିକାଲ୍‌ର ଆସ୍ତରଣରେ ମୁଁ କେମିତି ଦିଶୁଥିବି କହିଲ ? ମତେ ଦେଖିବାକୁ ଆସିବ ନା ? ମୁଁ ବେଳେବେଳେ କ'ଣ ଯେ ଗପେ ।

୧୯/ ୦୧

ତୁମେ ଏବେ କ'ଣ କରୁଛ ? ମୁଁ କମ୍ପ୍ୟୁଟର ସାମନାରେ ବସିଛି । ଆଉ ମ୍ୟୁଜିକ୍ ଶୁଣୁଛି । ଅଲକା ୟାଗ୍ନିକ୍‌ଙ୍କୁ ଶୁଣିବାକୁ ଖୁବ୍ ଭଲଲାଗେ । ତୁମର ମନେ ଅଛି ନା, ଆମେ ସବୁ ଆଗରୁ କେମିତି କ୍ୟାସେଟ୍‌ରେ କିଛି ମନ ପସନ୍ଦର ଗୀତ ରେକର୍ଡ କରି ଶୁଣୁଥିଲେ । ଆଉ ଏବେ କମ୍ପ୍ୟୁଟରରେ ସବୁ ଗୀତ ଶୁଣିବାର ବ୍ୟବସ୍ଥା । ସମୟ ସାଙ୍ଗରେ ସବୁ ବଦଳି ଗଲାଣି । ତୁମେ ଆଉ ମୁଁ ମଧ୍ୟ । କିନ୍ତୁ ଗୋଟେ ଜିନିଷ ବିଲକୁଲ୍ ବଦଳିନି, ସେଇଟା ହେଉଛି ଅରୁଣର ଆଗମନରେ ହିଁ ଆରମ୍ଭ ହୁଏ ସୁରଭିର ସକାଳ । ସେଇଟା ସତ୍ୟ ହେଉ ବା ସ୍ୱପ୍ନ ।

ତୁମେ କୁହ ବାସ୍ତବତା ହିଁ ଜୀବନ, ମୁଁ କହେ ନା । ସ୍ୱପ୍ନ ହିଁ ବଞ୍ଚିବାର ମାଧ୍ୟମ । ସ୍ୱପ୍ନରେ ବଞ୍ଚିବା ସହଜ ନୁହେଁ ଅରୁଣ, କେହି ବି ସତ୍ୟକୁ ନେଇ ବଞ୍ଚି ଯାଇପାରେ । କିନ୍ତୁ ସ୍ୱପ୍ନ ଯାହାକୁ ତୁମେ ଫାଣ୍ଟାସି ବୋଲି କୁହ, ସେଥିରେ ବଞ୍ଚିବା ଦୁରୂହ । ତୁମେ ବାସ୍ତବତାକୁ ଉପଭୋଗ କର, କିନ୍ତୁ ମତେ ମୋ ସ୍ୱପ୍ନରେ ରହିବାକୁ ଦିଅ, କାରଣ ସେଥିରେ ଅଛ ତୁମେ ଆଉ ତୁମ ଉପସ୍ଥିତିର ବିରଳ ଅନୁଭବ । ହେଲେ ସେତିକି ବି ତୁମେ ଦେବାକୁ ନାରାଜ । ଦେଖ ମୁଁ କେମିତି ନେଇ ଯାଉଛି ତୁମକୁ ଏକ ସ୍ୱପ୍ନର ଦୁନିଆକୁ । ଆଖି ବନ୍ଦ କରି ଶୁଣ,

Digitized by PPRACHIN, SOA

ଅନୁଭବ କର । ତାପସ୍, ଆଉ ତୁମେ ନଦୀରେ ବୁଡ଼ିଯାଉଛ, ତୁମ ଦୁଇ ଜଣଙ୍କ ଭିତରୁ ମତେ ଜଣକୁ ଉଦ୍ଧାର କରିବାକୁ ଅଛି । ତୁମେ କ'ଣ ଭାବୁଛ, ତୁମକୁ ଉଦ୍ଧାର କରିବି । ନା, ମୁଁ ତାପସ୍‌ଙ୍କୁ ହିଁ ଉଦ୍ଧାର କରୁଛି । ତୁମେ ଚିତ୍କାର କରି କହୁଛ, ତୁମେ ଏମିତି କରି ପାରିବନି ସୁରଭି । ମୁଁ ଉତ୍ତର ଦେଉଥିବି, ତୁମେ ତ ଶିଖେଇଛ ଜୀବନର ସମୀକରଣ, କେବଳ ବାସ୍ତବତା । ତାପସ୍ ମୋ ବାସ୍ତବତା, ତୁମେ ମୋର ସ୍ୱପ୍ନ । ସେଥିପାଇଁ ତୁମେ ନୁହେଁ, ସେ । ତା' ପରେ ବୋଧହୁଏ ଅରୁଣ ସହିତ ସୁରଭି ବୁଡ଼ି ଯାଇପାରେ ନଦୀର ଗଭୀର ଜଳରେ । ଏବେ ଆଖି ଖୋଲି ଦିଅ ।

ସ୍ୱପ୍ନ ପସନ୍ଦ ଆସିନଥିବ ନିଶ୍ଚୟ । ପ୍ରଥମରୁ ତ କହିଥିଲି, ସ୍ୱପ୍ନାବିଷ୍ଟ ହୋଇ ବଞ୍ଚିବା ସହଜ ନୁହେଁ । କିନ୍ତୁ ସୁରଭି ବଞ୍ଚେ, ସ୍ୱପ୍ନକୁ ନେଇ, ଯେଉଁ ସ୍ୱପ୍ନରେ ଥାଆନ୍ତି, ତା'ର ପରିବାର, ତା'ର ଆଖପାଖର ସବୁ ମଣିଷ ଆଉ ତୁମେ । ସେଇ ସ୍ୱପ୍ନରେ ଖୋଜେ ତା'ର ଶୈଶବ, ଜୀବନ ପୃଷ୍ଠାର ବିତି ଯାଇଥିବା ଫର୍ଦ୍ଦ ସବୁ । ତା'ର ଦରଭଙ୍ଗା କଣ୍ଢେଇମାନଙ୍କୁ ଜୀବନ୍ୟାସ ଦେବାକୁ ଚେଷ୍ଟା କରେ ହେଲେ ପାରେନା । ହାରିଯାଏ । ଇନଭର୍ଟରରୁ ଚାର୍ଜ ସରିଗଲା ନା କ'ଣ ! କମ୍ପ୍ୟୁଟର ତ ବନ୍ଦ ହୋଇଗଲା, ତା' ସାଙ୍ଗରେ ଗୀତର ସ୍ୱର ମଧ୍ୟ ।

୨୩/ ୦୧

ତୁମ ସହରରେ ମୋ କଲେଜ ପଢ଼ା । ଯେଉଁ ଭଙ୍ଗା ବେଞ୍ଚରେ ଆମେ ବସୁଥିଲେ, ଆଉ କେବେ ସେପଟେ ଯାଇଛ ତୁମେ ? ମୋ ଘରର ବାଲକୋନିରେ ଠିଆ ହେଲେ ପାଖ କଲେଜ୍‌ଟା ଦିଶେ । ସେଇଠି କେତେ ବେଞ୍ଚ୍ ପଡ଼ିଛି, ସବୁ ନୂଆ ନୂଆ । କିଛି ଅରୁଣ ଆଉ ସୁରଭି ସେଇଠି ବସି ଗପନ୍ତି । ଆରେ ସେ ସମସ୍ତଙ୍କ ନା ଅରୁଣ, ସୁରଭି ନୁହେଁ ମ । ମୁଁ ସେମିତି କହୁଛି, ମୋ ପାଇଁ ପ୍ରେମର ନାମ ଅରୁଣ, ଆଉ ପ୍ରେମ କରୁଥିବା ସବୁ ପୁଅ ଝିଅ ଅରୁଣ ଆଉ ସୁରଭି । ଯଦିଓ ପ୍ରେମର ପରିଭାଷା ଏବେ ବଦଳି ଯାଇଛି ଆଜି ବି ମୁଁ ସମସ୍ତଙ୍କ ଭିତରେ ତୁମକୁ ଆଉ ମତେ ଦେଖେ । ଆମ ପ୍ରେମ ମହାନ୍ ହୋଇ ପାରିଲାନି ନା ଅରୁଣ ! ଯଦି ଆମେ ମରି ଯାଇଥାନ୍ତେ ଲୈଲା-ମଜନୁ, କେଦାର-ଗୌରୀ, ହୀର୍-ରାଞ୍ଝା ଭଳି, ତା'ହେଲେ ସମସ୍ତେ ଆମକୁ ମନେ ରଖିଥାନ୍ତେ । ସ୍ମୃତିସ୍ତମ୍ଭ କରିଥାନ୍ତେ । ସେମାନେ ପ୍ରସିଦ୍ଧି ପାଇଁ ଭଲ ପାଇନଥିଲେ, ଆମେ ବି ବୋଧେ ନୁହେଁ ।

Digitized by PPRACHIN, SOA

ମୁଁ ଭାବେ ମରିବା ସାଙ୍ଗରେ ପ୍ରେମ ବି ମରିଯାଏ । ଦେଖନା, ତୁମ ସୁରଭି ବଞ୍ଚିଛି ବୋଲି ତ ଆଜି ମନେ ପକାଉଛି ତୁମକୁ ଏତେ ବେଶି । ତୁମେ ଖାଇବା ବେଳେ ତୁମ ତଣ୍ଟିରେ ଲାଗୁଥିବ ନା ବାରମ୍ବାର । ମୁଁ ତୁମକୁ ମନେ ନପକାଇ କେଉଁ ରହିପାରିବି ଯେ, ତଣ୍ଟିରେ ଲାଗିଲେ ପାଣି ପିଇ ଦେଉଥିବ ।

୨୭/ ୦୧

ତୁମେ ଜାଣିଛ ଅରୁଣ, ଆଜି ବର୍ଷା ହେଲା ଖୁବ୍ ଜୋରରେ । ମୋ ରାଜକୁମାରୀ ଆସି ବର୍ଷାରେ ଭିଜିବାକୁ ଡାକିଲା । ମୁଁ ମନାକଲି, ତାକୁ ବି ଆକଟ କଲି ନଭିଜିବା ପାଇଁ । ସେ କିଛି ନକହି ଚାଲିଗଲା । ଅନେକ ଦିନ ପରେ ମୋ ସହରରେ ବର୍ଷା । ମୁଁ ମୋ ଚ୍ୟାମ୍ବର ଭିତରେ ବସି ଭିଜାମାଟିର ବାସ୍ନାକୁ ପ୍ରାଣଭରି ଉପଭୋଗ କରୁଥାଏ । ସେ ବାହାରୁ ଦୌଡ଼ି ଦୌଡ଼ି ଆସିଲା କିଛି ସମୟ ପରେ । ପୂରା ତିନ୍ତି ଯାଇଥାଏ । ଧଇଁସଇଁ ହୋଇ କହୁଥାଏ, ମ୍ୟାଡାମ୍, କିଏ ଜଣେ ଆପଣଙ୍କୁ ଖୋଜୁଛନ୍ତି । ସେ ଭିଜିଟର ରୁମ୍‌ରେ ଆପଣଙ୍କୁ ଅପେକ୍ଷା କରିଛନ୍ତି । ଏତେ ବର୍ଷାରେ ! ଠିକ୍ ଅଛି, ସେ ଅପେକ୍ଷା କରନ୍ତୁ, ବର୍ଷା ଛାଡୁ, ମୁଁ ଯିବି ଦେଖା କରିବାକୁ । ସେ କହିଲା ଏବେ ଚାଲନ୍ତୁ ମ୍ୟାଡାମ୍ । ଭିଜିଟର ରୁମ୍‌ଟା ମୋ ଅଫିସ୍‌ଠାରୁ ଟିକେ ଦୂରରେ ଥାଏ । ଏତେ ଜୋର ବର୍ଷାରେ ସେଠିକି ଗଲେ ମୁଁ ଓଦା ହୋଇଯିବି କହିବାରୁ ସେ କହିଲା ଠିକ୍ ଅଛି ସେ ଆଗନ୍ତୁକ ଚାଲିଯାଆନ୍ତୁ । ଆପଣ କିନ୍ତୁ ତାଙ୍କର ବହୁତ ଖାସ୍ ବୋଲି ସେ କହୁଥିଲେ । ତୁମ ପରେ ପରିବାର ଲୋକଙ୍କୁ ଛାଡ଼ି ମୁଁ କେବେ କାହାର ଖାସ୍ ଥିବା ମୋର ମନେ ପଡ଼ିଲାନି ।

ମୋତେ ଚିନ୍ତାରେ ବୁଡି ଯିବାର ଦେଖି ସେ ପୁଣି କହିବା ଆରମ୍ଭ କଲା, ସେ ଦେଖିବାକୁ ଏମିତି, ସେମିତି, ତାଙ୍କ ଆଖିରେ ଗୋଟେ ବିଶେଷ ଆକର୍ଷଣ ଅଛି । ଆପଣଙ୍କ କଥା କହିଲା ବେଳେ ସେ କେମିତି ଭାବପ୍ରବଣ ହୋଇ ଉଠୁଥିଲେ । ମୁଁ ବ୍ୟସ୍ତ ହୋଇ ପଚାରିଲି, ତାଙ୍କ ନାଁ କିଛି କହିଛନ୍ତି ।

ରାଜକୁମାରୀ ଉତ୍ତର ଦେଲା, ସେ କହୁଥିଲେ ସୁରଭିଙ୍କୁ କହିଦେବ, କେହି ଜଣେ ଅନେକ ବର୍ଷ ପରେ ଆସିଛି । ସେ ବୁଝିଯିବେ । ତା କଥାରୁ ବୁଝିବାକୁ ବାକି ନଥିଲା ତୁମେ ଆସିଛ ବୋଲି । ଆଖିବୁଜା ଦୌଡ଼ିଲି । ଦୌଡ଼ି ଦୌଡ଼ି ଭିଜିଲି ବର୍ଷାରେ, ପାଦରେ ନଥିଲା ଚପଲ । କାଦୁଅ ସରସର, ଦେହରେ ବର୍ଷା ଭିଜା ଶାଢ଼ି, ସୁରଭି ଦୌଡୁଥିଲା ଅରୁଣ ପାଖକୁ । କାହିଁ କେତେ ଦିନ ପରେ ଅରୁଣଙ୍କୁ ଦେଖିବି । ଛୁଇଁ ନପାରିଲେ ନାଇଁ, ମନ ପୂରେଇ

Digitized by PPRACHIN, SOA

ଦେଖିନେବି । ଭିଜିଟର ରୁମ୍ ଆଗରେ ଆଣ୍ଠୁଏ ଲେଖାଏଁ ପାଣି । ସେଠି ବସିଥିବା ସିକ୍ୟୁରିଟି ଗାର୍ଡ଼ କହିଲା, ମ୍ୟାଡାମ୍ ଦେଖିକି ଆସନ୍ତୁ, ପଡ଼ିଯିବେ । ତା କଥା କିଛି ଶୁଣିବା ସ୍ଥିତିରେ ନଥାଏ ମୁଁ ରୁମ୍‌ର କବାଟଟା ଆଉଜା ହୋଇଥାଏ, ବୋଧେ ବର୍ଷା ଛିଟା ପଡୁଛି ବୋଲି ଅରୁଣ କବାଟଟା ଆଉଜେଇ ବସିଛନ୍ତି । ଏତେ ଦିନ ପରେ ଆସିଛନ୍ତି, ତାଙ୍କୁ କେମିତି ଭେଟିବି, ଭାବୁ ଭାବୁ ସିକ୍ୟୁରିଟି ଗାର୍ଡ଼ ପଚାରୁଥାଏ, କିଛି ଦରକାର ଥିଲା ମ୍ୟାଡାମ୍ । ଡକେଇ ଦେଲେନି, ମୁଁ ଚାଲି ଯାଇଥାନ୍ତି । ଆପଣ ବର୍ଷାରେ ଆସିଲେ ? ସେ ମତେ ଏତେ ବାଟରୁ ଦେଖା କରିବାକୁ ଆସିଛନ୍ତି, ତାଙ୍କୁ ମୁଁ ଏଇଠିକି ଆସି ଦେଖା କରିପାରିବିନି । କିଏ ମ୍ୟାଡାମ୍ ? କେହି ତ ଆସି ନାହାନ୍ତି ଆପଣଙ୍କ ପାଖକୁ, ଏତେ ବର୍ଷ ଭିତରେ ଆପଣଙ୍କୁ ବ୍ୟକ୍ତିଗତ ଭାବେ କେବେ କେହି ଦେଖା କରିବାକୁ ଆସିବା ମୁଁ ଚାକିରି କରିବା ଦିନୁ ଦେଖିନି । ମୁଁ ପଚାରୁଥିଲି, ସତରେ କେହି ଆସି ନାହାନ୍ତି । ଗାର୍ଡ଼ ଭିଜିଟର ରୁମ୍ ଦୁଆର ଖୋଲି ଦେଖାଇ ଦେଉଥିଲା, ଦେଖୁନାହାନ୍ତି ।

ମୁଁ ରାଗୁଥିଲି ରାଜକୁମାରୀ ଉପରେ, ଖାଲିଟାରେ ମତେ ଓଦା କଲା, ଫେରୁଥିଲି ମୋ ଅଫିସ୍ ଚ୍ୟାମ୍ବରକୁ, କିଏ ଅଟକେଇଦେଲା ମୋ ହାତ ଧରି, ସୁରଭି, ଭିଜିବନି ବର୍ଷାରେ, ମୁଁ ତୁମ ପାଖରେ ଠିଆ ହୋଇଛି । ତୁମକୁ ଦେଖିପାରୁଛି, ହେଇ ଦେଖ ତୁମ ବାମ ପାଖ କାନ୍ଧ ପାଖରେ ତୁମ ଚୁଟିରୁ ମେଞ୍ଚାଏ ଶାଢ଼ି କ୍ଲିପ୍‌ରେ ଲାଖିଯାଇଛି । ମୁଁ ଦେଖୁଥିଲି ବୁଲିକି, ସତରେ ଚୁଟି ଲାଖି ଯାଇଥିଲା । ତୁମେ ସତରେ ପାଖରେ ଥିଲ, ହଁ ତୁମ ପରଫ୍ୟୁମ୍‌ର ବାସ୍ନା ମତେ ଆକ୍ରାମାକ୍ରା କରୁଥିଲା । ମୁଁ ଡାକୁଥିଲି ତୁମକୁ, ଆଉ ତୁମେ ଛପି ଯାଉଥିଲ ଗଛ ଉହାଡ଼ରେ । ମୁଁ ଦୌଡୁଥିଲି, ତୁମେ ମୋ ଆଗରେ ଥିଲ । ଆଞ୍ଜୁଳା ଆଞ୍ଜୁଳା ପାଣି ଛାଟୁଥିଲ ମୋ ଉପରକୁ । ଆମେ ଶିଶୁ ପାଲଟି ଯାଇଥିଲେ କିଛି ସମୟ ପାଇଁ ।

ମ୍ୟାଡାମ୍ ମୁଁ ଆପଣଙ୍କ ଉପରେ ରାଗିଛି । ଆପଣ ମୋ ସାଙ୍ଗରେ ବର୍ଷାରେ ଭିଜିଲେନି । ମୋ ଆଗରେ ଥିଲା ରାଜକୁମାରୀ, ଆଉ ମୋ ଅଫିସ୍ ଚ୍ୟାମ୍ବର ଭିତରେ ମୁଁ । ଦେଖି ନେଲି ନିଜକୁ, ଚୁଟି ଏବେ ବି ବନ୍ଧା ହୋଇଥିଲା, ଶୁଖିଲା ଦେହ, ଗୋଡ଼ରେ ଚପଲ । ଯାହା ଯେମିତି ରହିବା କଥା, ଠିକ୍ ସେମିତି ଥିଲା । ଅରୁଣ, ତୁମେ ସ୍ୱପ୍ନରେ ଆସିଥିଲ ନା ?

ମ୍ୟାଡାମ୍, କଣ ମନେ ମନେ ହସୁଛନ୍ତି, ପଚାରୁଥିଲା ରାଜକୁମାରୀ ।

ମୁଁ କହିଲି କିଛିନାହିଁ, ଚାଲ୍ ଯିବା ବର୍ଷାରେ ଭିଜିବାକୁ । ମୁଁ ଚାଲିଲି ତା ସାଙ୍ଗରେ । ଆଉ କିଛି ଷ୍ଟାଫ୍‌ଙ୍କୁ ବି ନେଇଗଲୁ ଟାଣି ଟାଣି । ବର୍ଷାରେ ଭିଜିଲୁ ଆଉ ଭିଜିଲୁ । ତୁମକୁ କିନ୍ତୁ ମୁଁ ଦେଖିପାରୁଥିଲି ବବୁଲ୍ ଗଛର ଉହାଡ଼ରେ, ଯେଉଁଠି ଠିଆ ହୋଇ ତୁମେ ମଜା ଦେଖୁଥିଲ ।

Digitized by PPRACHIN, SOA

ତୁମର ସେ ବାସ୍ନା ମୋ ଚାରିପାଖେ ଘୂରୁଥିଲା, ଠିକ୍ ଆବଦ୍ଧ ଠାକୁର ଘରେ ଧୂପଦାନୀର ବାସ୍ନା ପରି । ମତେ କିନ୍ତୁ ଆଜି ବହୁତ ଭଲ ଲାଗିଲା । ସ୍ୱପ୍ନରେ ହେଉ ପଛେ କିଛି ସମୟ ଚୋରେଇ ନେଲି ତୁମଠାରୁ । ମୋ ପାଖେ ପାଖେ ରହୁଛ ନା କଣ ? ସମୟ ଅସମୟରେ ଏମିତି ସାମନାକୁ ଚାଲି ଆସୁଛ ଯେ !

୩୦/ ୦୧

କାଲି ରାତିରେ ଗୋଟେ ଭୂତ ସ୍ୱପ୍ନ ଦେଖିଲି । ମୋ କଲେଜ କଥା ଆଖି ଆଗକୁ ଚାଲି ଆସିଲା । ମନେ ଅଛି ତୁମର ସେ ଭଙ୍ଗା ଘର କଥା ! କଲେଜ ଖେଳପଡ଼ିଆର ଗୋଟେ କୋଣରେ ଠିଆ ହୋଇଥିଲା ସେ ଘରଟା କେବେଠୁ, ଯେଉଁଠି ଖାଲି ଭୂତ ରହୁଥିଲେ ବୋଲି ତୁମେ ମତେ କହିଥିଲ । ମୁଁ ଦିନବେଳେ ବି ସେପଟକୁ ନଜର କରୁନଥିଲି, ଭାରି ଡର ଲାଗୁଥିଲା । ଆମ କ୍ଲାସ୍‌ର ଗୋପାଳ ସେ ଘର ପାଖ ହଷ୍ଟେଲରେ ରହୁଥିଲା । ସେ ଘରକୁ ନେଇ ତା'ର କେତେ ବର୍ଣ୍ଣନା । କେଉଁଦିନ ରାତିରେ ସେଠାରେ ଭୂତ ବାହାରୁଥିଲା, ଆଉ କେବେ ପିଶାଚ । ରାତି ସାରା କେଉଁ ଦିନ ବାଲି ପକାଉଥିଲା, ନହେଲେ ବାଟରେ ଯାଉଥିବା ଲୋକମାନଙ୍କୁ ଗୋଡ଼ ଲମ୍ୱାଇ ଅଟକାଉଥିଲା ।

ଗୋଟେ ଦିନ ତା' ହଷ୍ଟେଲରେ ମାଛ ହୋଇଥିଲା, ଆଉ ଭୂତ ମାଛ ଖାଇବ ବୋଲି ହଷ୍ଟେଲ୍ ଝରକା ବାଡ଼ଉଥିଲା । ତା କଥାକୁ ମନ ଦେଇ ମୁଁ ଶୁଣୁଥିଲି, କିନ୍ତୁ ସେଥିପାଇଁ କି କ'ଣ ତୁମେ ବି ମତେ ଡରାଉଥିଲ । ତୁମ ସହର ମୋର ଅତି ପ୍ରିୟ ଥିଲା, ତାକୁ ନେଇ ସ୍ୱପ୍ନାବିଷ୍ଟ ହେଉଥିଲି । ଖାଲି ସେ ଖାଁ ଖାଁ ନିର୍ଜନ ଘରଟା ଯାହା ମତେ ଡରାଉଥିଲା ବାରମ୍ୱାର ।

ତୁମେ ଚାଲିଗଲ, ତୁମ ସହିତ ଜଡ଼ିତ ପ୍ରତ୍ୟେକ ଜିନିଷ ସ୍ମୃତି ହୋଇଗଲେ । ସେ ଭଙ୍ଗା ଘରଟା ବି । ପରେ ଥରଟିଏ ମାତ୍ର ଯାଇଥିଲି, ତୁମ ସହରକୁ ମୋ ପାଠର ସ୍ୱୀକୃତି ମୋ ସାର୍ଟିଫିକେଟ୍ ପାଇଁ । ଯେଉଁଠି ତୁମେ ଆସି ଦେଖା କରୁଥିଲ, ସେଇ ସବୁ ସ୍ଥାନର ବିପରୀତ ଦିଗରେ ଯିବାକୁ ଅଟୋକୁ କହିଲି । ମନ କ'ଣ ହେଲା କେଜାଣି, ସେଇ ଭଙ୍ଗା ଘର ପାଖରେ ଅଟକେଇ ଦେଲି ଅଟୋକୁ । ସେ ଆଶ୍ଚର୍ଯ୍ୟ ହୋଇ ପଚାରୁଥିଲା, ମା' ଏଇଠି କାହିଁକି ? ତୁମେ ତ କଲେଜ୍ ଯାଇଥାନ୍ତ । ତାକୁ ବେଶି କିଛି ନ କହି ଚାଲିଗଲି ଭିତରକୁ, ସେ ହାଁ କରି ଠିଆ ହୋଇଥାଏ ।

ଘର ଭିତରଟା ଅଳନ୍ଧୁ ଭର୍ତ୍ତି । ନିରବତା ଛାଇ ରହିଥିଲା । କିଛି ଗଛର ଡାଳ ତା' ଭିତରକୁ ମାଡ଼ି ଯାଇଥିଲା । ୫/୬ ଟା କୁମ୍ଭାଟୁଆ ଡେଉଁଥିଲେ ଡାଳରୁ ଡାଳକୁ । ଆଉ କିଛି

Digitized by PPRACHIN, SOA

ନଥିଲା ସେଇଠି । ସେ ଭଙ୍ଗା ଘର ପାହାଚରେ ବସି ଥକ୍କା ମେଣ୍ଟାଇଲି । ପନ୍ଦର ମିନିଟ୍ ରହି ଚାଲିଆସିଲି । ଭୂତର ଭ୍ରମ ସୃଷ୍ଟି କରୁଥିବା ସେ ଘର ମତେ ଡରେଇ ପାରିନଥିଲା ସେଦିନ । କିନ୍ତୁ ତୁମ ପ୍ରେମର ଭ୍ରମକୁ ଜାଣିଶୁଣି ଚାହିଁ ବି ମୁଁ ମନରୁ ବାହାର କରି ପାରିଲିନି ଅରୁଣ ।

୦୨/ ୦୨

ଅରୁଣ, ତୁମେ କୁହ ନଜର ଲାଗିଯାଏ ସମ୍ପର୍କରେ । କେତେ ସତ କହୁଥିଲ ତୁମେ । କାହାର ନଜର ଲାଗିଗଲା ଆମ ସମ୍ପର୍କରେ, ଆମକୁ ରାସ୍ତା ଭାଙ୍ଗି ଭିନ୍ନ ଭିନ୍ନ ଦିଗରେ ଯିବାକୁ ପଡ଼ିଲା । ଏବେ ମୋ ତେଜୁକୁ ନଜର ଲାଗିଲେ ଶୁଖିଲା ଲଙ୍କା ଧୂଆଁ ବୁଲେଇ ଦେଉଛି ତା' ଦେହ ସାରା । ସେତେବେଳେ ଜାଣିଥିଲେ ଏମିତି ଲଙ୍କା ଧୂଆଁ ଦେଇଥାନ୍ତି ଯେ, ତୁମେ ବି ମୋ କାନିରେ ବନ୍ଧା ହୋଇ ରହି ଯାଇଥାନ୍ତ, ମୋ ଘରର ଚାବିନେନ୍ଥା ଭଳି । ମୁଁ ଭାବପ୍ରବଣ ହେଇଯାଉଛି ବେଶି ବେଶି । ଆଗରୁ ଝିଅ ପାଇଁ ବ୍ୟସ୍ତ ରହିଯାଉଥିଲି । ତୁମ କଥା ଭାବିବାକୁ ସମୟ ନଥିଲା । ଏବେ ସେ ବଡ଼ ହୋଇଗଲାଣି । ମୋ ପାଖେ ବି ଅଫିସ୍‌ରୁ ଫେରିବା ପରେ ଅନେକ ବଳକା ସମୟ । ଆଗରୁ ତୁମେ ଅଦିନିଆ ପାଣିଖରା ଭଳି ଆସୁଥିଲ, ଆଉ ଚାଲି ଯାଉଥିଲ । ଏବେ ତ ଯିବାର ନାଁ ଧରୁନା । ମୋର ଏଇ ବଳକା ସମୟ ସବୁ ତୁମରି ସାଙ୍ଗରେ କଟୁଛି ।

୦୮/ ୦୨

ଦିନେ କଲେଜ ପାଖ ବହି ଦୋକାନରୁ ମୁଁ କିଛି ବହି କିଣୁଥାଏ । ସେଇଠି ତୁମେ ପହଞ୍ଚି ଯାଇଥିଲ । ମୋ ପଛ ପଟେ ଠିଆହୋଇ ପଚାରୁଥିଲ, ଏତେ ବହି କ'ଣ କରିବ ? ସାରା ଦୋକାନ ଉଠେଇ ନେବ ନା କ'ଣ ? ଚମକି ପଡ଼ି ପଛକୁ ବୁଲି ଦେଖିଲି ତୁମେ ହସୁଥିଲ । ସାଙ୍ଗରେ ଯାଇଥିବା ପ୍ରଣତି ଉପରେ ପଡ଼ି କହୁଥିଲା, ବହି ଗଦା ଉପରେ ଶୁଏ ସୁରଭି । ତା'ର ସବୁଠୁ ବଡ଼ ଅଭ୍ୟାସ ପଢ଼ିବା । କ'ଣ ଭଲ ଲାଗେ କେଜାଣି ତାକୁ, ଯେତେବେଳେ ଦେଖ କିଛି ନା କିଛି ପଢୁଥିବ ।

ମୋ ହାତରେ ଥାଏ ବେଜାଏ ବହି । ଆମ ସହିତ ଚାଲି ଚାଲି ଆସିଲ ହଷ୍ଟେଲ୍ ପର୍ଯ୍ୟନ୍ତ । ବହିସବୁ ମୋ ହାତରୁ ନେଇ ଦେଖୁଥାଅ । ତୁମେ ଚାଲୁଥାଅ ମୋ ସାଙ୍ଗରେ, ଆଉ ପ୍ରଣତି, ମିତା ଆମକୁ ଛାଡ଼ିଦେଇ ଆଗକୁ ଚାଲି ଯାଉଥାନ୍ତି । ସେମାନଙ୍କ ସାଙ୍ଗରେ ଯିବାକୁ ମୁଁ ପାହୁଣ୍ଡକୁ ଯେତିକି ଲମ୍ବା ପକାଉଥାଏ, ତୁମେ ସେତିକି ଛୋଟ କରି ନେଉଥାଅ ।

Digitized by PPRACHIN, SOA

ମୁଁ କହୁଥାଏ, ବହି ପଢ଼ିବ ଯଦି ଘରକୁ ନେଇଯାଅ । ପରେ ମତେ ଦେବ । ସେମିତି ଚାଲୁଚାଲୁ ବହିକୁ ଦେଖି କହୁଥାଅ, ବହି ସାଙ୍ଗରେ ମୋର ଜମାରୁ ପଡ଼େନି । ମୁଁ ଯେମିତି ସେମିତି ପଢ଼ା ବହି ସାରିଦିଏ । ତୁମେ ଏଇସବୁ ପ୍ରତିଯୋଗିତା ମୂଳକ ବହି କାହିଁକି ପଢ଼ି ଏତେ କଷ୍ଟ କରୁଛ ? ତୁମେ କ'ଣ ଭାବୁଛ ମୁଁ ତୁମକୁ ଚଳେଇ ପାରିବିନି । ତୁମେ ଚାକିରି କରି ଘର ଚଳେଇବ । ତୁମେ ଚାକିରି କଲେ ମୋ କଥା କିଏ ବୁଝିବ ଯେ ? ଲାଜେଇ ଯାଇ କହିଥିଲି, ତୁମେ କ'ଣ ଛୁଆ ଯେ ତୁମ କଥା ବୁଝିବାକୁ ପଡ଼ିବ । ତୁମେ କହୁଥିଲ, ସୁରଭି, ତୁମ ପାଖରେ ଛୋଟ ଛୁଆଟେ ହୋଇଯିବାକୁ ଚାହୁଁଛି । ଗେହ୍ଲା କରିବ ନା ମତେ । ଧେତ୍ ଦୁଷ୍ଟ, କହି ବହିଗୁଡ଼ା ହାତରୁ ଛଡ଼େଇ ନେଇ ଯାଇଥିଲି ।

ଖଣ୍ଡେ ବହି ତୁମ ହାତରେ ରହି ଯାଇଥିଲା, ଗୋଟେ ପତ୍ରିକା, ଯେଉଁଥିରେ ଥିଲା ଅନେକ କ୍ଷୁଦ୍ରଗଳ୍ପ । ପଚାରିଲ, ଏସବୁ ଖୁବ୍ ଭଲ ଲାଗେ ତୁମକୁ । ମୁଁ ବି ଲେଖିବି ତୁମକୁ ନେଇ ଗପ । ଦେବି ଉପହାର ତୁମକୁ । ତୁମେ ଲେଖିଲ, ଅଳ୍ପକିଛି । କିନ୍ତୁ ମତେ ନେଇ ଗପ ଲେଖ୍ ପାରିଲନି । କିନ୍ତୁ ଉପହାର ଦେଲ ମତେ ଅନେକ ଶୂନ୍ୟ ପୃଷ୍ଠାର ଜୀବନୀଟିଏ । ତୁମ ବିନା ବଞ୍ଚିବା ଶିଖେଇଲା ସେ ବହି ଖଣ୍ଡକ । ଜାଣିଛ ଅରୁଣ, ବହି ପଢ଼ି ଚାକିରି କରି ତୁମକୁ ଚଳେଇବା ଦରକାର ପଡ଼ିଲାନି ମତେ, ମୋ ଚାକିରି ମତେ ଶୂନ୍ୟତାରୁ ବାହାର କରି ଆଣିଲା । ଆଉ ମୋ ବହିମାନେ ତୁମଭଳି ଅଧା ବାଟରେ ମତେ ଛାଡ଼ି ଦେଇନଥିଲେ । ସେମାନଙ୍କ ଭିତରେ ହଜିଯାଇ ମୁଁ ଭୁଲିବାକୁ ଚେଷ୍ଟା କରେ ଆଉ କାହା ପଣତ କାନିରେ ବନ୍ଧା ମୋର ଅରୁଣଙ୍କୁ ।

୧୩/୦୨

ମୃଗତୃଷ୍ଣା ଆଉ ମରୀଚିକା କଥା ଥରେ ପଢ଼ିଥିଲି ଗପରେ, ଖୁବ୍ ଛୋଟ ବେଳେ । ବୁଝି ପାରିନଥିଲି ସେତେବେଳେ । ବୟସରେ ବଡ଼ ଦିଦି ଜଣେ ରହୁଥିଲେ ମୋ ଘର ପାଖରେ । ସେ ବହୁତ ଭଲ ପଢୁଥିଲେ ବୋଲି ଶୁଣିଥିଲି । ତାଙ୍କ ପାଖକୁ ସେ ବହି ନେଇ ଯାଇଥିଲି । ସେ ବୁଝେଇ ଦେଇଥିଲେ ପ୍ରାଞ୍ଜଳ ଭାବେ ଗୋଟି ଗୋଟି କରି । କିନ୍ତୁ ଅବୋଧ୍ୟ ହୋଇ ରହିଯାଇଥିଲା ସେହି ଗପଟା ମୋ ପାଇଁ । ତାଠାରୁ ଅବୋଧ ଗପ ସବୁ ବୁଝି ଯାଉଥିଲି । କିନ୍ତୁ ମରୀଚିକା ଆଉ ମୃଗତୃଷ୍ଣା ଦୁହେଁ ମୋ ପାଇଁ ଅବୁଝା ହୋଇଗଲେ । କିନ୍ତୁ ଯେତେବେଳେ ସବୁଦିନ ପାଇଁ ଆମବାଟ ଅଲଗା ହୋଇଗଲା ସେଦିନ କାହାକୁ ବୁଝେଇବା ଦରକାର ନଥିଲା ମତେ, ମୃଗତୃଷ୍ଣା କଣ, ଆଉ ମରୀଚିକା କିଏ ? ଝିଅର ଇଂରାଜୀ

Digitized by PPRACHIN, SOA

ବାଧ୍ୟତାମୂଳକ ବିଷୟ, ସେଥିରେ ଗୋଟେ କବିତା ଥିଲା ମିରେଜ୍ । ଇଂରାଜୀରେ 'ମିରେଜ୍'ର ଅର୍ଥ ମରୀଚିକା ନା ଅରୁଣ । ତୁମେ ବି ତ ବୁଝିଯାଇଥିବ ମୁଁ ଏକଥା କାହିଁକି କହୁଛି, ମରୀଚିକାର ଅର୍ଥ ପାଖରେ ଦିଶୁଥିବା ଜିନିଷ, ଯାହା ପାଖକୁ ଆମେ ଦଉଡ଼ି ଯାଉ, ହେଲେ ସେ ସେଇଠି ନଥାଏ । ଯେମିତି ମୋ ପାଇଁ ତୁମେ ଆଉ ତୁମ ପାଇଁ ମୁଁ । ପାଖରେ ଥିବା ଭଳି ତ ପ୍ରତୀୟମାନ ହେଉ, ହେଲେ କେହି କାହା ପାଖରେ ନଥାଉ ।

ଝିଅକୁ ପଢ଼େଇବାବେଳେ ଉଦାହରଣ ଦେଇଥିଲି ମୃଗତୃଷ୍ଣା ଆଉ ମରୀଚିକାର । ସେ କିଛି ବୁଝିଲା କି ନା କେଜାଣି ମୁଣ୍ଡ ହଲେଇ ଚାଲିଥିଲା ମୋ ଗପ ସହିତ ତାଳ ଦେଇ ଦେଇ । ମୁଁ କିନ୍ତୁ ମହାଭାରତ ଯୁଦ୍ଧର ସଞ୍ଜୟ ଭଳି ମୋ ଦିବ୍ୟ ଦୃଷ୍ଟିରେ ଦେଖୁଥିଲି ଆଉ କିଛି । ଫ୍ଲାସ୍ ବ୍ୟାକ୍‌କୁ ଚାଲିଯାଇଥିଲି, ଯେଉଁଠି ଥିଲା ସେଇ ୨୩ ବର୍ଷ ତଳର ଅପରାହ୍ଣ, ଯେତେବେଳେ ଆମେ ଦୁହେଁ ଦୁହିଁଙ୍କ ପାଇଁ ମୃଗତୃଷ୍ଣା ଆଉ ମରୀଚିକା ପାଲଟି ଯାଇଥିଲେ । କିନ୍ତୁ ନିଜ ପାଇଁ କି ସମାଜ ପାଇଁ ଏବେ ବି ବୁଝିନି । ତୁମେ ଚାହିଁଥିଲ ମୁଁ ହେଇଯାଏ ସୁନାଝିଅ, ସମାଜର ଦ୍ୱାହି ଦେଇ ମତେ ମନେଇବାକୁ ଚେଷ୍ଟା କରିଥିଲ, ହେଲେ ତୁମ 'ନାହିଁ' ଶବ୍ଦ ବ୍ୟତୀତ ମୁଁ ଆଉ କିଛି ଶୁଣି ପାରିନଥିଲି । ଫେରି ଯାଇଥିଲି ତୁମକୁ ପଛ କରି, ମୃଗଟିଏ ହୋଇ ମରିଚୀକାକୁ ଭେଟିବାର ତୃଷ୍ଣାକୁ ସାଙ୍ଗରେ ନେଇ । ସେଇ ଶୋଷ ରହିଗଲା ବୋଧେ, ମରୀଚିକା ପାଇଁ । ସେଥିପାଇଁ ବି ଉତ୍ତର ବୟସରେ ଏଇ ମନଟା ତୁମକୁ ରଙ୍କୁଣୀ ଭଳି ଖୋଜୁଛି ।

୧୭/୦୨

ବାଡ଼ି ଆମ୍ବ ଗଛରେ ସକାଳୁ କୋଇଲିଟା ରାବୁଥାଏ କୁହୁ କୁହୁ କରି । କେଉଁଠି ଥିଲା କେଜାଣି ସେ ହଳଦୀବସନ୍ତଟା ଆସି ଆର ଡାଳରେ ବସିଲା । ଟିକେ ନିଜକୁ ଦେଖିଲା, ଆଉ କୋଇଲିକୁ ବି । କଣ କେଜାଣି ଦୁଇ ଜଣ ତାଙ୍କ ଭାଷାରେ କଥା ହେଲେ, ଦୁହେଁ ଏକା ସାଙ୍ଗେ ଉଡ଼ିଗଲେ ଫୁର୍ କରି । ମୁଁ ବି ମୋ କାମରେ ବ୍ୟସ୍ତ ହୋଇଗଲି । ୪ଟା ବେଳକୁ ବାଡ଼ି କବାଟଟା ଦେବାକୁ ଯାଉଛି, ଆଜିକାଲି ଯେଉଁ ମଶା, ସେଥିପାଇଁ କବାଟଟା ଜଲ୍‌ଦି ଦେଇ ଦେଇ ଝୁଣା ଧୂପ ଦେଇଦିଏ ଘରେ, ଦେଖିଲି ସେଇ କୋଇଲି ଆଉ ହଳଦୀବସନ୍ତ ବସିଛନ୍ତି ଗୋଟିଏ ଡାଳରେ । କୋଇଲି ଉପରେ ଲଦି ହୋଇପଡୁଛି ହଳଦୀବସନ୍ତ । କୋଇଲିଟା ତା ଥଣ୍ଟରେ ହଳଦୀବସନ୍ତର ପରକୁ ଝାଡ଼ି ଦେଉଛି । ଦୁହେଁ ଡେଉଁଛନ୍ତି ଡାଳ ସାରା ।

ସେମାନଙ୍କୁ ଦେଖି ବିଲ୍‌କୁଲ୍ ଭାବପ୍ରବଣ ହେଲିନି । ତଳୁ ଟେକାଟିଏ ନେଇ ଉଭୟଙ୍କ

Digitized by PPRACHIN, SOA

ଆଡ଼କୁ ଲକ୍ଷ୍ୟ କରି ମାରିଲି । ସେମାନେ ଉଡ଼ିଗଲେ ଆଉ ଗୋଟେ ଡାଳକୁ । ପୁଣି ଟେକା ମାରି ଚାଲିଲି, ଯେମିତି ପ୍ରତିଜ୍ଞାବଦ୍ଧ ଥିଲି ସେମାନଙ୍କୁ ସେଇଠୁ ହଟେଇ ଦେବାକୁ । ଏମିତି ବାରମ୍ବାର ଟେକା ମାରୁଥିଲି । ସେମାନେ ମୋ ଉପରେ ରାଗି ଚିଲେଇବା ଆରମ୍ଭ କରି ଦେଇଥିଲେ । ମୁଁ ବି ତାଙ୍କୁ ଚିଲ୍ଲେଇଲି । ସେମାନେ କଣ ବୁଝୁଥିଲେ କେଜାଣି ଜାଣିନି, କିନ୍ତୁ ମୁଁ କହି ଚାଲିଥିଲି, ପ୍ରେମ ଅନ୍ଧ ଭଳି କରନି ଦୁହେଁ, ସୁରଭି ପରି କଷ୍ଟ ପାଇବ । କାନ୍ଦିବ ଜୀବନ ସାରା । କୋଇଲିଟା କଳାକାହ୍ନୁ । ତାର ସ୍ୱରର ଯାଦୁରେ ପାଗଳ କରିଦେଉଛି ତତେ, ଠିକ୍ ରାଧାଙ୍କୁ କୃଷ୍ଣର ବଂଶୀସ୍ୱର ମତୁଆଲା କରିବା ଭଳି ।

ହଇଲୋ ହଳଦୀବସନ୍ତ ତାର ସ୍ୱରରେ କେତେ କିଏ ପାଗଳ, ତୁ କଣ ଭାବୁଛୁ ତୋ ରୂପର ଯାଦୁ ତାକୁ ବାନ୍ଧି ରଖିବ ସବୁଦିନେ । ନାଇଁ, ନୂଆ କିଏ ରୂପସୀ ଆସିଲେ ଚାଲିଯିବ ସେ ତୋତେ କିଛି ନକହି ନୂଆ ବାଟରେ । ସେ ପରା ପୁରୁଷ, ତୋ ହୃଦୟର ବ୍ୟଥାକୁ ବୁଝିବା ପାଇଁ ତା ଭିତରେ ଭାବପ୍ରବଣତା କାଇଁ ? ଯା ଛାଡ଼ି ଯା ଏବେଠୁ । ଆଗକୁ ନହେଲେ ଲୁହର ସାଗରରେ ଭାସିବୁ । ଏବେ ଆଉ ହଳଦୀବସନ୍ତଟା ଚିଲଉ ନଥିଲା ମୋ ଉପରେ, କୋଇଲିଟା କିନ୍ତୁ ବେଶି ରାଉ ରାଉ ହେଉଥାଏ । ମୁହଁଟା ଶୁଖେଇ ହଳଦୀବସନ୍ତ ଉଡ଼ିଯାଉଥିଲା ଦୂରକୁ, କୋଇଲିଟା କିନ୍ତୁ ସେଇଠି ବସି ପ୍ରତୀକ୍ଷା କରୁଥିଲା ଆଉ କାହାର । ମୁଁ ବିଜୟୀ ହୋଇ ଫେରୁଥିଲି, ପ୍ରତିସ୍ପର୍ଦ୍ଧାରେ, ଆଉ ଗୋଟେ ସୁରଭି ସୃଷ୍ଟି ହେବାକୁ ନଦେଇ । ସତ କହିଲି ନା ଅରୁଣ, ପୁରୁଷର ମନ ଏମିତି ଖୋଜେ ବାରମ୍ବାର ନୂଆ କିଛି ।

୨୫/୦୨

ଅରୁଣ ତୁମକୁ ମନା କରିଥିଲି, କେବେ ବି ନ ଆସିବାକୁ ଅନୁରୋଧ କରିଥିଲି, ହେଲେ ତୁମେ ଆସିଲ । ତୁମେ ତ ଜାଣିଛ, ତୁମେ ଦୂରରେ ରହିଲେ ହିଁ ମୋ କଲମ ଦେଇ ଝରିଆସେ ତୁମ ପ୍ରତି ଥିବା ନିଛକ ଅନୁଭବ ସବୁ ଶବ୍ଦ ହୋଇ । ତୁମେ ଆସିଲ ପୁଣି ଥରେ ସ୍ୱପ୍ନରେ, ତୁମ ଆଖିରେ ଦେଖି ପାରିଲିନି ସେହି ଭଲପାଇବା, ନଥିଲା ଚମକ, ଯେମିତି ସବୁବେଳେ ଥାଏ । ଶୁଖିଲା ମୁହଁରେ ଲମ୍ବି ଯାଇଥିଲା ଧଳାକଳା ଶ୍ମଶ୍ରୁ । ବିପର୍ଯ୍ୟସ୍ତ କେଶରାଶି । ତୁମେ କିଛି ବି କହିଲନି, ବସିଲ ପାଖରେ, ଖୁବ୍ ନିକଟରେ । ହାତକୁ ଧରିଲ ମୋର, ନଥିଲା ଆବେଗ ସେ ସ୍ପର୍ଶରେ । ମୋ ହାତର ଆଙ୍ଗୁଳିରେ ଥିବା ମୁଦିକୁ ଘୁରେଇବାରେ ଲାଗିଥିଲ । ମୁହଁରେ ଫୁଟି ଉଠୁଥିଲା ବେଦନା, ଶୁଖିଲା ଓଠ । କିଛି ବି ପଚାରିଲନି, ଯେତେ ଯାହା କହିଲି ଉତ୍ତର ବି ଦେଲନି । କିଛି ସମୟ ରହି ଚାଲିଗଲ । ଅରୁଣ ତୁମେ ବହୁତ ଦୁଃଖରେ ଅଛ ନା, ଜାଣେ, ମୋର ଅନୁଭବ ହିଁ ତୁମକୁ କଷ୍ଟ ଦେଇଛି । ତୁମେ ତ ତୁମର

Digitized by PPRACHIN, SOA

କେଉଁ ବି ଇଚ୍ଛାକୁ କାହା ଉପରେ ଲଦି ଦିଅନା, ଆଜି କେମିତି ପାଟି ଖୋଲି କହିଥାନ୍ତ ଯେ, ସୁରଭି ବନ୍ଦ କରିଦିଅ ଏଇ ଛାତି ତଳର ବେଦନାସିକ୍ତ ଆଲେଖ୍ୟ, ଯାହା ମୋତେ ତିଳ ତିଳ କରି ମାରିଦେଉଛି । ପ୍ରତି ମୁହୂର୍ତ୍ତରେ ନିଜେ ବି ଜଳୁଛ, ଆଉ ମତେ ବି ଜାଳୁଛ ।

ତୁମକୁ ମୁକ୍ତ କଲି ମୋ' ଭାବନାର ବଳୟରୁ । ମୋ' ସୀମାରେଖାକୁ ଅତିକ୍ରମ କରି ତୁମ ପାଖେ ପହଞ୍ଚିବନି ଆଉ ମୋର ଅନୁଭବ । ମୋ ସର୍ବସ୍ୱ କରି ରଖିବି ମୋ ପ୍ରେମକୁ । ବନ୍ଧନ ତ କେବେଠାରୁ ଛିଡ଼ି ଯାଇଥିଲା । ଏବେ ଅନୁଭବକୁ ସଙ୍କୁଚିତ କରିଦେଲି ମୋ ଚଉହଦୀ ଭିତରେ । ସମସ୍ତଙ୍କ ବିନା ତୁମେ ବଞ୍ଚିବା ଶିଖିଛ, ଏବେ ସୁରଭିକୁ ବଞ୍ଚିବାକୁ ହେବ, ଅରୁଣ ବିନା । ଏକ ସମାନ୍ତରାଳ ଜୀବନ କ'ଣ ଜିଇଁ ହୁଏ ଅରୁଣ ? ତୁମେ ପୁରୁଷ । ତୁମେ ପାରିଲନି, ମୁଁ କେମିତି ପାରିଥାନ୍ତି । ମନ ଭାଙ୍ଗିଯାଇଥିବା ଲୋକ କାହାକୁ ନୀଡ଼ହରା କେମିତି କରିପାରିବ ? ଏବେ ଟିକେ ହସିଦିଅ, ତୁମ ଶୁଖିଲା ମୁହଁଟା ଜମାରୁ ଭଲ ଦିଶୁନି । ଏଇ ଦେଖ ନା, ତୁମକୁ ପଛ କରି ତାପସ୍‌ଙ୍କ ସୁରଭି କେମିତି ଚାଲିଯାଉଛି । ଆଉ ନଫେରିବାର ରାସ୍ତାରେ । ସକାଳର ସୂର୍ଯ୍ୟଟା ନାଲି ରଙ୍ଗର ଚଦର ବିଛେଇଲାଣି ଯେ । ଯାଅ, ଜୀବନର ରଙ୍ଗ ମାଖି ହୋଇଯାଅ । ଦେଖୁନ ମୋ କପାଳରେ ନାଲି ରଙ୍ଗର ସିନ୍ଦୂର ଟୋପାଟା କେମିତି ଦାଉ ଦାଉ ହୋଇ ଜଳୁଛି । x x x

Digitized by PPRACHIN, SOA

ତାପସ୍‌ଙ୍କ ଆଖିରେ ମୋଟା କାଚର ଚଷମା । ଗାଡ଼ିଟା ଗ୍ୟାରେଜ୍‌ରେ ରଖି ଶିଡ଼ିରେ ଉଠୁଥିଲେ ଉପରକୁ । କଣ ମନ ହେଲା କେଜାଣି ଟିକେ ପଛକୁ ଫେରିଆସି ଗାଡ଼ିର ମିରର୍‌ରେ ମୁହଁଟାକୁ ଦେଖିନେଲେ । ଯେତେ ରଙ୍ଗ ମାଖିଲେ କଣ ହେବ କେଉଁଠି ଗୋଟେ ଅଧେ ଧଳା ଚୁଟି ବାହାରକୁ ବାହାରି ବୟସକୁ ଜଣେଇ ଦେବା ପାଇଁ ପ୍ରୟାସରତ । ସେହି ସମୟରେ ପାଖରେ ଗୋଟେ ବରଯାତ୍ରୀ ଦଳ ଯାଉଥିଲେ ରୋଷଣୀ କରି । ଶିଡ଼ିରେ ଚଢ଼ୁ ଚଢ଼ୁ ତାପସ୍ ଟିକେ ଠିଆ ହୋଇ ଭାବୁଥିଲେ ତେଜୁର ବାହାଘର କଥା । ଝିଅ ବାହାଘରକୁ ଦୁଇ ଦଶନ୍ଧି ବିତିଗଲାଣି ଏ ଭିତରେ । ସ୍ମୃତି ସବୁ ବହଳ ଆସ୍ତରଣ ତଳେ ଲୁଚିଗଲେଣି । କବାଟ ଖୋଲି ଭିତରକୁ ଯାଇ ଦେଖିଲେ ସୁରୁ ନାହାନ୍ତି

Digitized by PPRACHIN, SOA

ସୁରୁ..... ସୁରୁ.....ଏଇ ସୁରୁ, କେଉଁଠି ଅଛ ଯେ, ଏତେ ଡାକିଲିଣି । ପୂରା ଚୁପ୍ । ଦଶ ମିନିଟ୍ ପରେ ପୁଣି ସେଇ ଡାକ । ଏଥର ବ୍ୟସ୍ତତା ବଢ଼ି ଯାଇଥିଲା ତାପସ୍‌ଙ୍କର । ସ୍ୱର ଭାରି ହୋଇଯାଇଥିଲା ଯେମିତି । ଆଜି ଏ କି ବ୍ୟତିକ୍ରମ । ସୁରଭି କେବେ ନଜଣେଇ କୁଆଡ଼େ ଯାଆନ୍ତିନି । ସାରା ଘର ଖୋଜି ସାରିଲେଣି । ସୁରୁ, ସୁରୁ, ଡାକି ଡାକି ଦାଣ୍ଡବାଡ଼ି ସବୁ ତନ୍ନ ତନ୍ନ କରି ଦେଖି ପକେଇଲେଣି । ସୁରଭିଙ୍କ ମୋବାଇଲ୍‌ଟା ଶୋଇବା ଘର ଖଟ ଉପରେ । ଆଖିଟା ଓଦା ହେଇଗଲା ତାପସ୍‌ଙ୍କର । କିଏ ଗେଟ୍ ଖୋଲିଲା ବୋଧେ, ବୃଦ୍ଧ ତାପସ୍‌ଙ୍କ ଦେହରେ ଏତେ ଶକ୍ତି ଆସିଲା କେଉଁଠୁ କେଜାଣି । ତିନି ପାହୁଣ୍ଡରେ ବାଲକୋନିକୁ ଦଉଡ଼ି ଗଲେ । ପାଖ ଘରୁ କିଏ ଆସିଛନ୍ତି ନା କ'ଣ ?

ମାଉସୀ ଆସିନାହାନ୍ତି କି ମନ୍ଦିରରୁ । ଟିକେ କାମ ଥିଲା ତାଙ୍କ ପାଖରେ ପଚାରୁଥିଲା ପଡ଼ିଶା ଘର ଝିଅଟା । ତାପସ୍ ମୁଖ୍ୟ ଦରଜା ଖୋଲି ଏକା ଖେପାରେ ପହଞ୍ଚି ଯାଇଥିଲେ ସେ ଝିଅ ପାଖରେ । ପଚାରି ପକେଇଲେ ମାଉସୀ କେଉଁ ମନ୍ଦିର ଯାଇଥିଲେ କି ମା, କ'ଣ ତୁମ ସହ ଯାଇଥିଲେ, ଆଉ କିଛି କହୁଥିଲେ କି ? ସେ ଝିଅକୁ ପ୍ରଶ୍ନ ସବୁ ପଚାରି ବ୍ୟତିବ୍ୟସ୍ତ କରି ପକେଇଲେ । ସେ ବୋଧେ ଅଣନିଃଶ୍ୱାସୀ ହୋଇପଡ଼ିଲା, ଏକା ଥରେ ଏତେ ପ୍ରଶ୍ନ ଶୁଣି । ଏକା ନିଃଶ୍ୱାସରେ କହି ଦେଇଗଲା, ୫ଟା ବେଳେ ସାଙ୍ଗ ହୋଇ ପାଖ ଶିବ ମନ୍ଦିର ଯାଇଥିଲୁ । ସନ୍ଧ୍ୟା ଆଳତୀ ପରେ ସେ ରହିଲେ, ଆଉ ମୁଁ ଚାଲିଆସିଲି । ଘର ଦୁଆର ସବୁ ମେଲା କରି ଗାଡ଼ି ଷ୍ଟାର୍ଟ କରି ମନ୍ଦିର ଆଡ଼କୁ ମୁହାଁଇଲେ ତାପସ୍ । ରାତି ସାଢ଼େ ଆଠଟା, ଚାରିଆଡ଼େ ଶୂନ୍‌ଶାନ୍, ପୂଜାରୀ ନନା ବି ସୁରଭିଙ୍କର କିଛି ଖବର ଦେଇ ପାରିଲେନି । ସେଇଠି ବସିଗଲେ ତାପସ୍ । କେତେ କ'ଣ କହି ପକେଇଲେ ମନକୁ ମନ । ନାସ୍ତିକ ଲୋକଟାର ସବୁ ବିଶ୍ୱାସ ଆଉ ଦୃଢ଼ତା ଭାଙ୍ଗି ଯାଇଥିଲା । ଅବୋଧ ଶିଶୁଟିଏ ଭଳି ହାତ ପତେଇ ମାଗୁଥିଲେ ତାଙ୍କ ଅତି ପ୍ରିୟ ସୁରୁକୁ । ଦିଅ ପ୍ରଭୁ, ମୋ ପ୍ରାଣର ପିତୁଳାକୁ, ତା' ବିନା ଏଇ କିଛି ସମୟ, ଜୀବନରେ ସବୁ ହାରିଗଲା ପରି ଲାଗୁଛି । ଶିରାଳ ହାତ ଦୁଇଟିରେ ଆଞ୍ଜୁଳିପାତି ବସିଥିଲେ ଭୋଳା ବାବାଙ୍କ ଆଗରେ । ଲୁହ ଧାର ସବୁ ଗଡ଼ି ଯାଉଥିଲା ଗଣ୍ଡ

Digitized by PPRACHIN, SOA

ଦେଶ ଦେଇ । ଗୋଟେ ବେଳେ ବାହାରେ କିଛି କାମ ଅଛି କହି ଯାଇଥିଲେ, ସେତେବେଳେ ସୁରଭିଙ୍କୁ ଦେଖିଥିଲେ ଯାହା । ମାତ୍ର ଆଠ ଘଣ୍ଟାର ବ୍ୟବଧାନ । କେବେ ତ ଏତେ କଷ୍ଟ ଦେଇନଥିଲା । ଆଜି କ'ଣ ହେଲା, ସୁରଭିଙ୍କର କିଛି ହୋଇଯାଇନି ତ, ଏତେ ବ୍ୟସ୍ତ କାହିଁକି ଲାଗୁଛି ! ନନା ଡାକୁଥିଲେ, ବାବୁ ଘରକୁ ଯିବେନି କି, ରାତି ବହୁତ ହେଲାଣି ଯେ । ଘର, ସୁରୁ ବିନା ଘର ! ଭଙ୍ଗା ମନ ଆଉ ଅବଶ ଦେହକୁ ନେଇ ମନ୍ଦିର ହତା ଭିତରୁ ବାହାରି ଆସିଲେ ତାପସ୍ । କାଲି ଏତେ ବେଳକୁ ଚା କପ୍ ଧରି ବାଲ୍‌କୋନିରେ ବସିଥିଲେ ଦୁହେଁ । ମାତ୍ର ୨୪ ଘଣ୍ଟାରେ ସବୁ ଓଲଟପାଲଟ ହୋଇଗଲା । ଆହତ ହେଉଥିଲେ ମନେ ମନେ, ସୁରୁ କ'ଣ ତାଙ୍କୁ ଛାଡ଼ି ଚାଲିଗଲେ ! କେମିତି ଚାଲିଯିବେ, ଆଉ କାହିଁକି ଚାଲିଯିବେ । ସତରେ କ'ଣ ଏମିତି ହୋଇପାରିବ ? ଯିବେନି କାହିଁକି ଯେ, କେଉଁ ଖୁସିରେ ରଖିଥିଲେ ତାଙ୍କୁ ଯେ, ସବୁବେଳେ ନିୟମରେ ବନ୍ଧା ଜୀବନ । ଟିକେ ଟିକେ କଥାରେ ଗାଳି, କେବେ ସେ ସ୍ୱାମୀପଣିଆ ଜାହିର କରିବାକୁ ତାଙ୍କୁ ସୁଯୋଗ ଦେଇଥିଲେ ଯେ, ସବୁ ବେଳେ କଡ଼ା ଅନୁଶାସନ । ଭଲ ବୋହୂ, ଭଲ ମା, ସଂସ୍କାରୀ ସ୍ତ୍ରୀଟିଏ ରହିଥିଲେ । ଆଉ ସୁରଭି, ମନପ୍ରାଣ ଦେଇ ଏଇ ଭୂମିକା ନିର୍ବାହ କରୁଥିଲେ । ସେଥିରେ ସେ ଶହେରୁ ଶହେ ମାର୍କ ପାଇବାକୁ ହକଦାର । ଚୁଲ୍‌ବୁଲି ଯୁବତୀ ସୁରଭି ୪୦ ବର୍ଷ ତଳେ ଏଇ ଘରେ ପାଦ ଦେଇଥିଲେ । ତାଙ୍କ ପାଖରେ ରହି, ତାଙ୍କ ଅନୁସାରେ ଚଳିବାର ତାଗିଦ୍‌ରେ ଖୁବ୍ କମ୍ ବୟସରୁ ବୟସ୍କା ପାଲଟି ଯାଇଥିଲେ ଯେମିତି । ମନ ଖୋଲି ହସିବାର ଅଧିକାର ବି ନଥିଲା ତାଙ୍କର । କଇଁଛ ଖୋଳପାରେ ରହିବା ପରି ନିଜକୁ ସଂସ୍କାରର ଆବରଣ ଭିତରେ ଲୁଚେଇ ରଖିଥିଲେ !

ଇସ୍, ଏସବୁ କ'ଣ ହୋଇଗଲା ! ସବୁ ମୁଁ ଜାଣିଶୁଣି କରିଛି । ତୁମେ ନାହଁ ବୋଲି ନିଜକୁ ତର୍ଜମା କରିବାର ସୁଯୋଗ ପାଇଛି । ଏତେ ପାଖରେ ଥାଇ ତୁମକୁ ବୁଝିବାକୁ ଚେଷ୍ଟା କରିନି । ଥରେ ଖାଲି ଚାଲିଆସ ସୁରୁ, ମୁକ୍ତ ବିହଙ୍ଗ ଭଳି ଉଡ଼ିବା ଆମେ ଦୁହେଁ, ତୁମ ହଜି ଯାଇଥିବା ଅତୀତକୁ ଫେରେଇ ଦେବି । ଅରୁଣକୁ ଭୁଲିନ କି ସୁରଭି ? ଆଜି ଅନୁଭବ କରୁଛି ଆମ ପ୍ରିୟ ଲୋକମାନେ ଆମ ପାଖରୁ ଦୂରକୁ ଚାଲିଗଲେ କେତେ କଷ୍ଟ ହୁଏ । ତୁମେ ଅରୁଣଙ୍କଠାରୁ ଦୂରରେ ରହି କେତେ ଛଟପଟ ହେଉଥିବ । ତା' ସାଙ୍ଗକୁ ମୋର ପ୍ରଭୁପଣିଆ । ସ୍ୟାଣ୍ଡୱିଚ୍ ହେଇଯାଉଥିବ ନା ତୁମ ସ୍ୱପ୍ନ ଆଉ ବାସ୍ତବତା ଭିତରେ ।

ଯେଉଁ ଜୀବନ ଚାହୁଁଥିଲ ଅରୁଣ ସାଙ୍ଗରେ, ସେଇ ଭଳି ବଞ୍ଚିବା ଆମେ ଦୁଇ ଜଣ । ତୁମ ପାଇଁ ତୁମ ଅରୁଣ ପାଲଟିଯିବି । ଥରେ ତ ସୁଯୋଗ ଦିଅ । ଏତେ ବର୍ଷ ଭିତରେ ଥରେ ତ ଅରୁଣକୁ ଆମ ଭିତରେ ଆସିବାକୁ ଦେଲନି । କିନ୍ତୁ ୪୦ ବର୍ଷ ତଳେ ଅରୁଣ ଆଉ ତୁମର

Digitized by PPRACHIN, SOA

ସମ୍ପର୍କ ବିଷୟରେ ଜଣେ ବନ୍ଧୁଙ୍କଠାରୁ ଶୁଣି ତୁମ ପ୍ରତି କଠୋର ହୋଇଯାଇଥିଲି । ତୁମ କୋମଳ ମନକୁ ଭାଙ୍ଗିଛି ବାରମ୍ବାର । ଥରେ କ୍ଷମା ମାଗିବାର ସୁଯୋଗ ଦିଅ । ଆସ, ସୁରଭି, ଯେଉଁଠିକୁ ଯାଇଛ, ଫେରିଆସ । ତୁମ ତାପସ୍ ଭିତରେ ଅରୁଣଙ୍କୁ ଖୋଜିନ କେବେ, ଆଜି ଖୋଜ, ତାଙ୍କୁ ହିଁ ପାଇବ ।

ଏମିତି ସବୁ ଭାବୁ ଭାବୁ ତାପସ୍ କେତେବେଳେ ଯାଇ ଘରେ ପହଞ୍ଚି ଯାଇଥିଲେ । ଘର କବାଟ ଏବେ ବି ଖୋଲା । ଘର ସାରା ଲାଇଟ୍ ଜଳୁଛି । ଗାଡ଼ି ରଖିବା ବେଳେ ଅନୁଭବ କଲେ ଯେ ବିନା ଚପଲରେ ମନ୍ଦିର ଯାଇ ଫେରିଲେଣି । ଏବେ ସବୁ ବନ୍ଧୁବାନ୍ଧବଙ୍କୁ ଫୋନ୍ କରିବେ । ଏତେ ବର୍ଷ ଭିତରେ ସୁରଭି ତାଙ୍କୁ ଛାଡ଼ି କାହା ଘରକୁ ଯିବା କଥା ତାଙ୍କର ମନେ ନାହିଁ । ପ୍ରାୟ ସମ୍ପର୍କୀୟଙ୍କ ସହିତ ବନ୍ଧୁତା କାଟି ଦେଇଛନ୍ତି କହିଲେ ଚଳେ । ତାଙ୍କ 'ମୁଁ'ତ୍ୱକୁ ସୁରୁ ସମ୍ଭାଳି ଥିଲେ, ଅନ୍ୟମାନେ କାହିଁକି ଏସବୁ ସହିବେ । ଆଗରୁ ମା' ସହୁଥିଲା, ଏବେ ସୁରୁ । ଆଜିଠୁ କିଏ ସମ୍ଭାଳିବ ତାଙ୍କୁ । ଘର ଭିତରକୁ ପଶୁ ପଶୁ ସୋଫାରେ ଗୋଡ଼ଟା ଖୁବ୍ ଜୋରରେ ବାଜିଗଲା । ଓଃ କରି ବସିପଡ଼ିଲେ ସେଇଠି । କ'ଣ ହେଲା କି ? କହି ଘର ଭିତରୁ ଦଉଡ଼ି ଆସିଲେ ସୁରଭି । ସାମ୍ନାରେ ଭୂତ ଦେଖିବା ଭଳି ଚମକି ପଡ଼ିଲେ ତାପସ୍ । ଆଖିରେ ସମ୍ଭାବନା ସବୁ ପୁଣି ଗଜୁରିବା ଆରମ୍ଭ କଲେ । ଦିକ୍ ଦିକ୍ ହୋଇ ଜଳି ଉଠିଲା ବାତାୟନର ଲିଭିଯାଇଥିବା କଳ୍ପନାର ଦୀପସମୂହ ।

ଗୋଡ଼ର କଷ୍ଟ କୁଆଡ଼େ ଗଲିଗଲା । ସୁରୁ, ତୁମେ ଆସିଗଲ, ଆଉ ଛାଡ଼ିକି ଯିବନି ନା ମତେ କହି କୁଣ୍ଢେଇ ଧରି କାନ୍ଦି ପକାଉଥାନ୍ତି । ଲୁହ ସବୁ ଭିଜେଇ ଦେଉଥାଏ ଶାଗୁଆ ରଙ୍ଗର ଶାଢ଼ିଟାକୁ ଠିକ୍ କାନ୍ଧ ପାଖରୁ ।

ସୁରଭି – ହେ, ତୁମ ମୁଣ୍ଡ ଠିକ୍ ଅଛିଟି, ବିପି ଫିପି ବଢ଼ିଯାଇଛି ନା କ'ଣ ? ରୁହ ରୁହ, ମେଡ଼ିସିନ୍ ଆଣି ଦେଉଛି । ଟିକେ ପାଣି ପିଇ ଦିଅ । ତୁମର ଅଭ୍ୟାସ, ବାହାରୁ ବୁଲି ଆସିଲେ ଭୋକ । ରୁଟି ହେଇଗଲାଣି । ସକାଳ ତରକାରୀ ଗରମ କରିଦେଉଛି, ଖାଇଦେଲେ ମୁଣ୍ଡ ଥଣ୍ଡା ହୋଇଯିବ ।

ତାପସ୍ – ସୁରୁ, ମୁଁ ପୂରାପୂରି ଠିକ୍ ଅଛି । ମୋ ପାଖରେ ଟିକିଏ ବସ, ତୁମକୁ ମନଭରି ଦେଖିନିଏ । କିଛି ବି କୁହନି, ଆଜି ମୁଁ ମୋ ପ୍ରେମିକାକୁ ପାଇଛି । ମୋ ଭିତରର ପଥରଟା ତା'ର ପ୍ରେମର ସ୍ପର୍ଶରେ ଅହଲ୍ୟା ପାଲଟି ଯାଇଛି । ଏତେ ପ୍ରତୀକ୍ଷା କରେଇଲ । ଆଗରୁ ମତେ ଛାଡ଼ି କାହିଁକି ଗଲନି କିଛି ଘଣ୍ଟା ପାଇଁ, ମୋ ହୃଦୟକୁ ଅନୁଭବ କରିବାକୁ ଦେଲନି, ତୁମ ପାଇଁ ବ୍ୟାକୁଳତାକୁ ।

Digitized by PPRACHIN, SOA

ସୁରଭି - ଶୁଣ ତୁମେ ଏଇଠି ବସିଥାଅ । ମୁଁ ଯାଏ ଗେଟ୍ ତାଲା ଦେଇଆସେ । କୁଆଡ଼େ ପଳେଇଥିଲ ସବୁ ମେଲା ପକେଇ କହୁଥିଲେ ସୁରଭି ।

ତାପସ୍ - ଗୁହନା, କୁଆଡ଼େ ଯାଉଛ ? ତୁମକୁ ଛାଡ଼ିବାକୁ ଆଜି ଜମାରୁ ଇଚ୍ଛା ହେଉନି ।

ଭାବୁଥାନ୍ତି ସୁରଭି, ଇଏ ପାଗଳ ହେଇଗଲେ ବୋଧେ । ଫୋନ୍‌ଟା ଆସିଗଲା ଝିଅର ଏଇ ସମୟରେ । ସେଇ ବାହାନାରେ ଉଠି ଭିତର ଘରକୁ ଚାଲିଗଲେ ସେ ।

ଶୁଣାଯାଉଥାଏ, ବୁଝିଲୁ ମା', ତୋ ଡାଡିଙ୍କୁ ଭୂତ ଲାଗିଛି ନା କ'ଣ । ଯାଡୁସାଡୁ ସବୁ କହୁଛନ୍ତି । ତାଙ୍କୁ କ'ଣ ତ ଗୋଟେ ହେଇ ଯାଇଛି । ପରେ ସବୁ କହିବି ତତେ, ଏବେ ରଖୁଛି ।

ଏପଟେ ହସୁଥିଲେ ତାପସ୍ ମନେ ମନେ । ସତରେ ତ ମତେ କିଛି ହୋଇଯାଇଛି । ହଁ, ହଁ, ମତେ ପ୍ରେମ ହୋଇଯାଇଛି । ଯା.......ହୁ ।

ଡାଇନିଂ ଟେବୁଲ୍‌ରେ ଏବେ ସ୍ୱାମୀ ସ୍ତ୍ରୀ ମୁହାଁମୁହିଁ ବସିଥିଲେ । ତାପସ୍‌ଙ୍କ ଆଖିରେ ଥିଲା ଚମକ, ସୁରଭି କିନ୍ତୁ ଥିଲେ ସବୁଦିନ ଭଳି ସହଜ । ନିର୍ବାକ୍ ହୋଇଯାଇଥିଲା ସମୟ ଯେମିତି କିଛି କ୍ଷଣ ପାଇଁ । କଥା ଆରମ୍ଭ କଲେ ସୁରଭି ଆଜି ମନ୍ଦିରରୁ ଆସିବା ବେଳେ ୧୪/୧୫ ବର୍ଷର ଝିଅଟାର ସ୍କୁଟିକୁ କାର୍‌ଟା ଆସି ବାଡ଼େଇ ଦେଲା । ମୋ ଆଖି ଆଗରେ, ସେ ସ୍କୁଟି ସାଙ୍ଗରେ ଘୁଣୁଡ଼ି ଗଲା କିଛି ବାଟ । କାର୍ ଚାଳକଟା ନିହାତି ଅମଣିଷଟା, ଟିକେ ଗାଡ଼ି ଅଟକେଇଲାନି । ବ୍ୟସ୍ତ ଲାଗିଲା ମତେ, ଧାଇଁଗଲି ତା ପାଖକୁ । ନିଛାଟିଆ ରାସ୍ତା, କେହି କୁଆଡ଼େ ନାହାନ୍ତି, ଛୁଆଟା କିଛି କହି ପାରୁନଥାଏ, ନିଜେ ଠିଆ ହେବାର ଶକ୍ତି ନଥାଏ ଗୋଡ଼ରେ । ବହୁତ କଷ୍ଟରେ ତା'ରି ସ୍କୁଟିରେ ତାକୁ ନେଇ ପାଖ ଡାକ୍ତରଖାନାକୁ ଗଲି । ଘର ଠିକଣା କହିପାରୁ ନଥାଏ । ଫୋନ୍ ଲକ୍ ପଡ଼ିଛି, ଆଉ ସେ ଷ୍ଟ୍ରେଚର ଉପରେ । ଘରୋଇ ଡାକ୍ତରଖାନା, ବିନା ଟଙ୍କା ଜମାରେ ଚିକିତ୍ସା ଆରମ୍ଭ କରୁନଥାନ୍ତି । ତା' ପାଇଁ ଟଙ୍କା ଜମା, ଏକ୍ସରେ, ମେଡିସିନ୍, ତା' ବ୍ୟାଗ୍‌ରେ ଥିବା ଡାଏରିରୁ ନମ୍ବର କାଢ଼ି ତା' ଘରକୁ ଫୋନ୍ ଏସବୁ ଭିତରେ କେତେ ସମୟ ବିତିଗଲା । ଝିଅଟା କିଛି ସମୟ ପରେ କଥା କହିଲା । ହେଲେ ତା'ର ଗୋଟେ ଗୋଡ଼ ଭାଙ୍ଗିଯାଇଛି । ତା' ଘର ଲୋକ ଆସିବା ପରେ ମୁଁ ଚାଲିଆସିଲି ।

ସୁରଭି, ତୁମେ ସମସ୍ତଙ୍କୁ ଏତେ ନିଜର ଭାବ କେମିତି ? ଆଗପଛ ନଭାବି ଅନ୍ୟକୁ ସାହାଯ୍ୟ କରିବାକୁ ବାହାରି ପଡ଼ । ଏକୁଟିଆ ତୁମର ଯଦି କିଛି ଅସୁବିଧା ହୋଇଥାନ୍ତା !

ତୁମେ ଥରେ 'ମୁଁ' ଆଉ 'ମୋର' ଭିତରୁ ବାହାରିଆସ । ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଚିନ୍ତା କରିବାକୁ ପଡ଼ିବନି । ଗୁଣୁଗୁଣୁ ହୋଇ କହିଲେ, ଜଣେ କିଏ ଥିଲା,

Digitized by PPRACHIN, SOA

ଏସବୁ ମତେ ଶିଖେଇ ଦେଇଗଲା । ସେ ସିନା ରହିଲାନି, ତା'ର ସବୁ ଛାପ ଛାଡ଼ି ଦେଇଗଲା । ତାପସ୍ ଶୁଣି ପାରିଲେନି ବୋଧେ ।

ଖୁଆପିଆ ବି ସରି ଯାଇଥାଏ । ଏବେ ଶୋଇବାର ସମୟ ।

ତାପସ୍ - ସୁରୁ, କିଛି କହିବି ।

ସୁରଭି - କହୁନ । ଆଜି କଥା ନେଇ ରାଗିଛ ମୋ ଉପରେ ?

ତାପସ୍ - ନାଁ, ଭାବୁଛି, ତୁମକୁ ବୁଝିବାକୁ ଆଗରୁ ଚେଷ୍ଟା କଲିନି କାହିଁକି ?

ସୁରଭି - ୪୦ ବର୍ଷ ପରେ ଏ ପ୍ରଶ୍ନ କାହିଁକି ? ତୁମକୁ ନେଇ ମୋର କିଛି ଅଭିଯୋଗ ନାହିଁ ।

ତାପସ୍ - କାହିଁକି ନାହିଁ ? ମତେ ଏତେ ସହିଗଲ ସାରା ଜୀବନ, କାହିଁକି ?

ସୁରଭି - ସ୍ତ୍ରୀର ଧର୍ମ ପାଳନ କରିଛି ।

ତାପସ୍ - ଆଉ ପ୍ରେମ... ?

ସୁରଭି - ସନ୍ଦେହ ଅଛି, ନିଶ୍ଚିତ ଭାବରେ ତୁମକୁ ।

ତାପସ୍ - ତୁମକୁ ପ୍ରେମିକା ଭାବେ କେବେ ବି ପାଇନି ।

ସୁରଭି - ଡେଙ୍କୁ ଆମ ପ୍ରେମର ପ୍ରତୀକ ନୁହେଁ କି ?

ତାପସ୍ - ସବୁଦିନ ଖବରକାଗଜରେ ପ୍ରତାରଣାର ଶିକାର ହୋଇ ଯୁବତୀ ଅନ୍ତଃସତ୍ତ୍ୱା ହେବା, ଶାରୀରିକ ସମ୍ବନ୍ଧ ରଖି ପ୍ରେମିକ ଫେରାର, ବିବାହର ପ୍ରଲୋଭନ ଦେଇ ସମ୍ପର୍କ ରଖିଲେ ଯୁବକ, କୁଆଁରୀ ମା' ହେଲେ ଯୁବତୀ । ଏମିତି ଖବର ପଢୁଥିବ ନିଶ୍ଚୟ । ଏଇଠି ବିନା ପ୍ରେମରେ ସନ୍ତାନର ସୃଷ୍ଟି । ତେଣୁ ଡେଙ୍କୁ ଜନ୍ମହେବା ଆମ ପ୍ରେମର ପରାକାଷ୍ଠାକୁ ପ୍ରତିପାଦିତ କରେନା । ପୁରୁଷ ଆଉ ନାରୀର ସମ୍ପର୍କରୁ ହିଁ ତ ଏଇ ସୃଷ୍ଟିର ଗତିପଥ ଆଗକୁ ଆଗକୁ ଚାଲିଛି ।

ସୁରଭି - କ'ଣ କହୁଛ ତୁମେ ? ମୋ ଡେଙ୍କୁ କେବଳ ପୁରୁଷ ଆଉ ନାରୀର ଦୈହିକ ମିଳନର ପରିଣାମ । ସେଥିରେ ଲେଶମାତ୍ର ଭଲପାଇବା ନଥିଲା !

ତାପସ୍ - ସୃଷ୍ଟି ତ ମିଳନର ହିଁ ଆଧାର । ପ୍ରତ୍ୟେକ ବ୍ୟକ୍ତିର ଇତିହାସ ତ ଏଥିରୁ ହିଁ ଆରମ୍ଭ ହୋଇଥାଏ । ଡେଙ୍କୁ ସେଥିରେ ବ୍ୟତିକ୍ରମ ହୋଇଥାନ୍ତା କେମିତି ?

ସୁରଭି - ତୁମ କଥା ମତେ ଆହତ କରୁଛି ।

ତାପସ୍ - ତୁମେ ଜଣେ ଆଜ୍ଞାଧୀନ ଛାତ୍ରୀ ହୋଇ ରହିଗଲ ସୁରୁ । ତୁମ ପାଖରେ

Digitized by PPRACHIN, SOA

କ'ଣ ଭଲପାଇବା ନଥିଲା ? ଆମ ବୈବାହିକ ଜୀବନକୁ ଏତେ ଶୁଷ୍କ ଆଉ ନିରସ କାହିଁକି କରିଦେଲ । ଅନ୍ତରଙ୍ଗତା ଆଉ ପ୍ରେମ ଦୁଇଟି ଭିନ୍ନ କଥା ନୁହେଁ କି ?

ସୁରଭି - ତୁମେ ତ ସେମିତି ଜୀବନ ଋହିଁଥିଲ । ମୁଁ ତୁମ ଇଚ୍ଛାକୁ ମୋର କରିନେଲି ।

ତାପସ୍ - ମୋ ଜାଗାରେ ଯଦି ଆଉ କିଏ ଥାଆନ୍ତା, ତୁମେ କ'ଣ ଏତେ ଗମ୍ଭୀର ହୋଇପାରିଥାନ୍ତ ନିଜ ଜୀବନକୁ ନେଇ । ଇଚ୍ଛା ସବୁ ମାରିଦେଇଥାନ୍ତ ବିନା ବାକ୍ୟବ୍ୟୟରେ ।

ସୁରଭି - ଆଜି କ'ଣ ଋହୁଁଛ ମୋଠାରୁ ?

ତାପସ୍ - ତୁମକୁ ପ୍ରେମିକା ରୂପେ ପାଇବାକୁ ଋହେଁ । ଗୋଟେ ଛନ୍ଦମୟୀ ନଦୀ ହୋଇ ତୁମେ ବୋହିଯିବ, ତା'ର ସ୍ପର୍ଶରେ ମୁଁ ପୁଲକିତ ହେଉଥିବି । ପାରିବ ନା ?

ସୁରଭି - ଆଜି ଉତ୍ତର ବୟସରେ ଏ କି ପରୀକ୍ଷା ! ବୋଧହୁଏ ପାସ୍ କରି ପାରିବିନି ।

ତାପସ୍ - ତୁମେ ପାରିବ ।

ସୁରଭି - ପ୍ରେମର ରଙ୍ଗ ବୟସ ସହିତ ପୋଛି ହୋଇଯାଏ । ଏ ବୟସରେ ପ୍ରେମ ଲୋକଲଜ୍ଜା ନୁହେଁ କି ?

ତାପସ - ସମାଜକୁ ଭୟ କରିବା ଛାଡ଼ି ଦେଇଛି । ତୁମେ ବି ଛାଡ଼ିଦିଅ ।

ସୁରଭି - ସମାଜର ଭୟ ମଣିଷକୁ ଦୁର୍ବଳ କରେନି । ମନର ଭୟ ଯୋଗୁଁ ଆମେ ଅନେକ କିଛି ହରେଇ ଦେଉ । ଅନେକ କିଛି...

ତାପସ - ମୋ ଭିତରେ ତୁମ ଅରୁଣଙ୍କୁ ଅନୁଭବ କରିପାରିବ ?

ସୁରଭି - ଅ....ରୁ....ଣ

ସୁରଭି - କେଉଁ ଅରୁଣଙ୍କ କଥା କହୁଛ । *(ଜୋରରେ କାଶିବା ଆରମ୍ଭ କରିଦେଲେ)* ।

ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ ତାପସ୍ । କାଶ କମିବାର ନା ଧରୁନଥାଏ । ପାଣି ଗ୍ଲାସ୍‌ଟିଏ ଆଣି ପିଆଇ ଦେଲେ । ବେଶି କିଛି କୁହନା, ଚୁପ୍ ହୋଇ ଶୋଇଯାଅ ସୁରୁ । ଏଇ ମଉକା ଖୋଜୁଥିଲେ ସୁରଭି । ଅରୁଣ କିଏ ? କ'ଣ ବା ଉତ୍ତର ଦେବେ । ୪୦ ବର୍ଷ ତଳେ ତାଙ୍କ ବଡ଼ଭାଇ ଏହି ସମାନ ପ୍ରଶ୍ନ ପଋରିଥିଲେ । ଉତ୍ତର ଦେବାକୁ ଯାଇ ସମାନ ବାହାନା କରିଥିଲେ ସେ । ଭାଇଙ୍କ ଆଗରୁ ସେଦିନ ଖସିଗଲେ, ହେଲେ ଅରୁଣ ହାତଛଡ଼ା ହୋଇଗଲେ ସବୁଦିନ ପାଇଁ । ସେଦିନ ତ ସୁଯୋଗ ଉନ୍ମୁକ୍ତ ଥିଲା, ନିଜ ହାତରେ ସବୁ ବନ୍ଦ କରିଦେଲେ, ଆଉ ଆଜି ଏ ପ୍ରଶ୍ନର ଉତ୍ତର କ'ଣ ବା ଦିଆଯାଇପାରେ ? ତା'ର ମୂଲ୍ୟ ବା କ'ଣ ? ନାରୀଟିଏ ସବୁବେଳେ ନିଜ ଭିତରେ ଏତେ ସଙ୍କୁଚିତ ହୋଇଯାଏ କାହିଁକି ? କାହିଁକି ମୁହଁ

Digitized by PPRACHIN, SOA

ଖୋଲି କହିପାରେନା ତା' ଅନ୍ତରର କଥା । ପାର୍ଥ ମୁଁ କେବଳ ତୁମର, ବୋଲି ପାଟି ଖୋଲି ଥରେ କହିଥିଲେ ଯାଜ୍ଞସେନୀଙ୍କୁ ବହୁଭୋଗ୍ୟା ହେବାକୁ ପଡ଼ିନଥାନ୍ତା ବୋଧେ ।

ଏବେ ସ୍ୱାମୀ ସ୍ତ୍ରୀ ଦୁଇଜଣ ଚୁପ୍‌ଚାପ୍ ଶୋଇ ଯାଇଥିଲେ ଭିନ୍ନ ଭିନ୍ନ ଦିଗକୁ ମୁହଁ କରି । ନିଦ ନଥିଲା କାହାରି ଆଖିରେ ।

ତାପସ୍ କେମିତି ଜାଣିଲେ ତାଙ୍କ ଅତୀତର କଥା ! ସେ ତ କେବେଠୁ ଜଉମୁଦ ହୋଇ ରହି ଯାଇଥିଲା । କାଲି ସକାଳେ ସେଇ ସମାନ ପ୍ରଶ୍ନକୁ ପୁଣି ଦୋହରାଇବେନି ତ ! କେମିତି ସାମ୍ନା କରିବେ ସେ ତାପସ୍‌ଙ୍କୁ ।

ଆଜି ଏ ପ୍ରଶ୍ନର ଉତ୍ତର କ'ଣ ହୋଇପାରେ, ଅରୁଣଙ୍କ ସହ ତାଙ୍କର କ'ଣ ସମ୍ପର୍କ ଥିଲା । ସତରେ ସେ ସମ୍ପର୍କର କିଛି ନାମ ଥିଲା କି ? ବାପା ଭଳି ଦାୟିତ୍ୱ ନେଉଥିଲେ, ବଡ଼ଭାଇ ଭଳି ତାଗିଦ୍ କରୁଥିଲେ, ସାଙ୍ଗ ତ ଏମିତିରେ ଥିଲେ, ହୃଦୟର ରାଣୀ କରି ରଖିଥିଲେ । ସମ୍ପର୍କ ଦେହାତୀତ ଥିଲା, ଆତ୍ମାରେ ଘର କରି ନେଇଥିଲେ । କେତେଥର ଜୋରଜବରଦସ୍ତ ତାଙ୍କୁ ମନରୁ ବାହାର କରିବାକୁ ଚେଷ୍ଟା କରିଛନ୍ତି । ହେଲେ ପାରିନାହାନ୍ତି !

ଅଥଳ ସାଗର ଭିତରେ ଶାମୁକା ଖୋଜିବାକୁ ଚେଷ୍ଟା କରୁଥିଲେ ତାପସ୍ । ସୁରୁ, ଏବେ ବି କ'ଣ ଅରୁଣଙ୍କୁ ଭୁଲି ପାରିନାହାନ୍ତି । ଏମିତି କ'ଣ ଥିଲା ସେ ସମ୍ପର୍କରେ ? ନାରୀ ଆଉ ପୁରୁଷ ପରସ୍ପର ପ୍ରତି ଆକର୍ଷିତ ହେଲେ ପ୍ରେମ ହୁଏ । ଅରୁଣ-ସୁରଭିର ସମ୍ପର୍କ କ'ଣ ତା'ଠାରୁ ଅଧିକ ଥିଲା ? ନହେଲେ ଆଜିର ଏ ଅଭିନୟ କାହିଁକି ?

ମୁଣ୍ଡଟା ଗୋଳମାଳ ହୋଇଯାଉଥିଲା । ନିଜର ପୁରୁଷାକାର ଉପରେ ଜଣେ ନାରୀର ଏମିତି ପରୋକ୍ଷ ଲାଞ୍ଛନା ଅସହ୍ୟ ହେଉଥିଲା । ଏତେ ଜୋରରେ ଫ୍ୟାନ୍‌ଟା ବୁଲୁଥିଲା, ହେଲେ ସେ ଝାଳରେ ଗାଧୋଇ ପଡ଼ିଥିଲେ । କିଛି ସମୟ ତଳର ଅତି ପ୍ରିୟ ସୁରୁଙ୍କୁ ନେଇ ତାଙ୍କର କଳ୍ପନାର ତାସ୍ ଘର ଭୁଶୁଡ଼ିବାରେ ଲାଗିଥିଲା ।

ଉଦିତ ସୂର୍ଯ୍ୟର କିରଣ ଆସି ମୁହଁରେ ପଡ଼ିଲାଣି, ତଥାପି ଶୋଇଛନ୍ତି ସୁରଭି । କେତେ ସୌମ୍ୟ ଆଉ ସ୍ନିଗ୍ଧ ଦିଶୁଛନ୍ତି । କୋମଳ ଶିଶୁଟି ପରି ପ୍ରଶାନ୍ତି ମୁଦ୍ରାରେ ଶୋଇଛନ୍ତି । ଜମାରୁ ତାଙ୍କ ନିଦ ଭାଙ୍ଗିବାକୁ ଇଚ୍ଛା ହେଲାନି ତାପସ୍‌ଙ୍କର । ଦିନ ଆଠଟା ବାଜିଲାଣି । ଚା ବନେଇ ପିଇ ସାରିଲେଣି । ଚାକରାଣୀ ଆସି ଘର କାମ କଲାଣି । ସକାଳ ୬ଟାରୁ ଉଠିବା ଲୋକଟା ଶୋଇ ରହିଲେ ଓଜନ ଭଳି ମାଡ଼ିବସେ । ବାଜେ ଚିନ୍ତା ସବୁ ମନରେ ଆସେ । ସେଥିପାଇଁ ତ ଚାରିଥର ଯାଇ ସୁରୁଙ୍କ ନାକ ପାଖରେ ହାତ ଦେଇ ଦେଖି ସାରିଲେଣି, ହୃଦୟର ସ୍ପନ୍ଦନ ଠିକ୍ ଚାଲିଛି ନା ନାହିଁ ।

Digitized by PPRACHIN, SOA

ହଠାତ୍ ସୁରଭି ଆଖି ମଳି ମଳି ଉଠିଲେ, ଆଉ ସିଧାସଳଖ ତାପସ୍‌ଙ୍କୁ ପାଖକୁ ଡାକିଲେ । ତାଙ୍କର ଏଇ ଆଚରଣରେ ବିସ୍ମିତ ହୋଇ ପଡ଼ିଲେ ତାପସ୍ । ବସ, ମୋ ପାଖରେ । ଅରୁଣ କିଏ, ତାଙ୍କ ସହ ମୋ ସମ୍ପର୍କ କ'ଣ ଜାଣିବାକୁ ଚାହୁଁଥିଲ, ମୁଁ କହୁଛି ଶୁଣ ।

ତାପସ୍ - ଆରେ ତୁମେ ନିତ୍ୟକର୍ମ ସାର, ଏତେ ଡେରିରେ ଉଠିଲ । ସକାଳ ମେଡିସିନ୍ ନେଇସାର, ତା'ପରେ କହିବ । ମୁଁ କୁଆଡ଼େ ଚାଲିଯାଉଛି କି ?

ସୁରଭି - କାଳେ ମୁଁ ଚାଲିଯିବି, ସେଇ ଭୟରେ କହି ଦେବାକୁ ଚାହୁଁଛି ।

ତାପସ୍ - ମତେ ଛାଡ଼ି କୁଆଡ଼େ ଯିବ ? ଆଠ ଘଣ୍ଟା ପାଇଁ ଚାଲି ଯାଇଥିଲ, ଲାଗିଲା ମୋ ଦୁନିଆ ଉଜୁଡି ଗଲା । ଆଉ ଥରେ ଯଦି ଯିବା କଥା କୁହ, ତେବେ ଆଜିଠାରୁ ସବୁ ମେଡ଼ିସିନ୍ ଖାଇବା ବନ୍ଦ ।

ସୁରଭି - ହଉ, ଏବେ ଅରୁଣଙ୍କ କଥା ଶୁଣ । ଏମିତି ଏକ ସମ୍ପର୍କ ବିଷୟରେ କେବେ ଶୁଣିଛ । ଯେଉଁଠି ପ୍ରେମ ଥାଏ, କିନ୍ତୁ ସ୍ପର୍ଶ ନଥାଏ, ଅନୁଭବ ଥାଏ, ଅନୁଭୂତି ନଥାଏ । ତୁମକୁ ଭଲପାଏ ବୋଲି କେହି କୁହନ୍ତିନି, ମାତ୍ର ଜଣକୁ ଆଘାତ ହେଲେ ଅନ୍ୟଜଣେ ସହେ, ଯେଉଁଠି ପାଇବାର ବା ହରେଇବାର ବ୍ୟାକୁଳତା ବି ନଥାଏ । ଯେଉଁ ସମ୍ପର୍କ ଉପରେ ଦୂର କିମ୍ବା ନିକଟର କୌଣସି ପ୍ରଭାବ ନଥାଏ । ଯେଉଁଠି ପ୍ରତ୍ୟାଶା ନଥାଏ । ସେମିତି ସମ୍ପର୍କ ମୋର ଅରୁଣଙ୍କ ସହିତ । ଏବେ ତୁମେ ଆଉ କେଉଁ ପ୍ରଶ୍ନ ପଚାରିବାକୁ ଚାହିଁବ ତାପସ୍ ।

ତାପସ୍ - କେବେ ଅରୁଣଙ୍କ ପ୍ରତ୍ୟାବର୍ତ୍ତନର ପ୍ରତୀକ୍ଷା କରିନ ?

ସୁରଭି - ଚାଲିଯାଇଥିବା ଲୋକକୁ ପ୍ରତୀକ୍ଷା କରାଯାଏ । ସେ ଏଇଠି ଅଛନ୍ତି । ମୋ ପାଇଁ ଅରୁଣ ଏକ ବ୍ୟକ୍ତିବିଶେଷ ନୁହନ୍ତି । ମୋ ପାଇଁ ସେ ପ୍ରେମର ଏକ ନିଆରା ଅନୁଭବ । ଯେଉଁଠି ମତେ ଭଲ ପାଇବା ମିଳିଛି, ସେଇଠି ମୁଁ ଅରୁଣଙ୍କୁ ପାଇଛି । ସେ ମୋ ତାପସ୍ ହୁଅନ୍ତୁ ବା ତେଜୁ, କିମ୍ବା ଅନ୍ୟ କେହି । ସବୁବେଳେ ତୁମମାନଙ୍କ ଭିତରେ ତାଙ୍କୁ ପାଇଛି ।

ତାପସ୍ - ମୁଁ କିଏ ?

ସୁରଭି - ମୋ 'ଅରୁଣ' ହୋଇପାର !

ତାପସ୍ - ସୁରଭି, ତୁମେ କେବଳ ମୋର ।

ସୁରଭି - ନିଶ୍ଚୟ, ନାମ ଏକ ସମ୍ପର୍କର ସଂଜ୍ଞା ହୋଇନଥାଏ । ତୁମେ ବୁଝିବାକୁ ବହୁତ ଡେରି କରିଦେଲ ।

Digitized by PPRACHIN, SOA

ତାପସ୍ - ଆଉ କିଛି କହିବା ଦରକାର ନାହିଁ । ଏବେ ତ ଖଟରୁ ଉଠି ଯାଅ । ତୁମ ଠାକୁର, ଫୁଲ ବଗିଚା, ଏ ଘରର ପ୍ରତ୍ୟେକଟି ଜିନିଷ ତୁମ ଅପେକ୍ଷାରେ ଅଛନ୍ତି । ନା, ପୁଣି ଅରୁଣ ବିଷୟରେ କିଛି କହିବ ।

ସୁରଭି - କେଉଁ ଅରୁଣ, ଦାସ ବାବୁଙ୍କ ନାତି, ନା ଆମ କ୍ଷୀରବାଲା କଥା କହୁଛ ।

ଉଭୟେ ହୋ ହୋ ହୋଇ ହସୁଥିଲେ ।

ଗାଧୁଆଘର ମୁହାଁ ହେଉଥିଲେ ସୁରଭି । ଆଉ ତାଙ୍କ ଆଖିରୁ ଲୁହ ବୁନ୍ଦା ସବୁ ବାହାରିବାର ଉପକ୍ରମ କରୁଥିଲେ ।

ତାପସ୍ - ଶୁଣୁ ସୁରୁ, ଆଜି ଘରେ ଲଞ୍ଚ୍ ବନେଇବନି । ଆମେ ବାହାରେ ଖାଇବା । ଦେଖ, ଏବେ ତ ନଅଟା ବାଜିଲାଣି । ଜଳଖିଆ ଖାଇ ଦେଇ ରେଡି ହୋଇଯାଅ । ଗୋଟେ ଜାଗାକୁ ଯିବା ।

ସୁରଭି - କୁଆଡ଼େ ନବ ମତେ, ତୁମର କେଉଁ ପୁରୁଣା ସାଙ୍ଗ ଘରକୁ ନା କ'ଣ !

ତାପସ୍ - ଗଲା ପରେ ଜାଣିବ । ସୁନ୍ଦର ଡ୍ରେସ୍‌ଟେ ପିନ୍ଧିବ । ପୂରା ଗାଢ଼ ରଙ୍ଗର । ଆଜିକାଲି ଝିଅମାନେ ଯେମିତି ପିନ୍ଧୁଛନ୍ତି । ତୁମ ଝିଅ ଯେଉଁ ସବୁ ଡ୍ରେସ୍ ଆଣିଛି, ସେଥିରୁ ବାଛି ନେବ ।

ସୁରଭି - ଆଜି କିଛି ସ୍ପେଶାଲ ଅଛି ନା କ'ଣ ? ଗୋଟେ ପରେ ଗୋଟେ ଫରମାଇସ୍ । ଟିକେ ମୁଣ୍ଡ କୁଣ୍ଡେଇ ଖୋସାଟା କରିଦିଏ ।

ତାପସ୍ - ଖୋସା ତ ବିଲକୁଲ୍ ନୁହେଁ । ଯଦି ପାରୁଛ ଚୁଟି ଖୋଲିକି ଯିବ ମୋ ସାଙ୍ଗରେ ।

ସୁରଭି - କି ବାଜେ କଥା ସବୁ । ଏମିତି ମୁଁ କେବେ ସଜେଇ ହେବା ତୁମେ ଦେଖିଛ । ବୁଢ଼ୀ ବୟସରେ ଲୋକହସା କରିବ ନା କ'ଣ !

ତାପସ - କେବେ ପିନ୍ଧିନ, ଆଜିଠୁ କିନ୍ତୁ ପିନ୍ଧିବ, ମୋ ପସନ୍ଦରେ, ତୁମ ଅରୁଣ ଓରଫ ତାପସ୍‌ର ଇଚ୍ଛାରେ ।

ସୁରଭି - ଅରୁଣ, ସେ ପୁଣି କେଉଁଠୁ ଆସିଗଲେ ।

ତାପସ - ତୁମେ ତ କହିଲ ତୁମ ପାଇଁ ପ୍ରେମର ଅର୍ଥ ହିଁ ଅରୁଣ । ନାମ ପରିବର୍ତ୍ତନ ହେଇଗଲେ ପ୍ରେମର ସଂଜ୍ଞା ବଦଳିଯାଏନି । ତୁମ ପ୍ରେମ ପାଇଁ ଏତିକି ତ କରିପାରିବି ।

ସୁରଭି - ଏବେ କର୍ଣ୍ଣଫ୍ଲେକ୍ସ ଖାଇନିଅ । ବାହାରିବା ବେଳେ ଦେଖିବି କ'ଣ ପିନ୍ଧିବି ।

Digitized by PPRACHIN, SOA

ସୁରଭି ବ୍ୟସ୍ତ ହୋଇ ଆଲମାରୀରୁ ଗୋଟେ ପରେ ଗୋଟେ ଡ୍ରେସ୍ ବାହାର କରି ଚାଲିଥିଲେ । ଖଟ ଉପରେ ଗଦା ଗଦା ଡ୍ରେସ୍, କେଉଁଟା ପିନ୍ଧିବେ ତାକୁ ନେଇ ଚାଲିଥାଏ ଅଙ୍କକଷା । ସେ ଭାବୁଥିଲେ ଝିଅକୁ ଭିଡିଓ କଲ୍ କରି ପଚାରିଲେ ହେବ । ହେଲେ କ'ଣ କହିବେ ଯେ, ତା' ଡାଡି ବୁଢ଼ା ବୟସରେ ରସିକତା କରୁଛନ୍ତି ମମି ସହିତ । କି ଲାଜ କଥା ଲୋ ମା' ! ବହୁତ ବଛାବଛି ପରେ ଗୋଟେ କଳା ରଙ୍ଗର କୁର୍ତ୍ତି ପିନ୍ଧି ବାହାରିଲେ । ପଟେ ପଟେ ନାଲି ଶଙ୍ଖା ଦୁଇ ହାତରେ । କପାଳରେ ଖଇରିଆ ରଙ୍ଗର ବିନ୍ଦି, ଚୁଟି ଖୋଲା, ଓଠରେ ହାଲକା ଲିପଷ୍ଟିକ୍ । ନିଜ ମୁହଁକୁ ବାରମ୍ବାର ଦେଖୁଥିଲେ । କେବେ ତ ଏମିତି ସଜେଇ ହୁଅନ୍ତିନି, ନିଜ ମୁହଁଟା ତାଙ୍କୁ ବହୁତ ସୁନ୍ଦର ଦିଶୁଥିଲା । ନିଜକୁ ଭଲ ପାଇବାକୁ ଇଚ୍ଛା ହେଉଥିଲା ମନ ଭରି । ଏତେ ବର୍ଷ ଭିତରେ କେମିତି ଭୁଲିଗଲେ ଅରୁଣଙ୍କର ଏଇ ଗୋଟିଏ କଥା, କିଛି ବି ହେଇଯାଉ ସୁରଭି, ନିଜକୁ ଭଲ ପାଇବାକୁ ଭୁଲିବନି । ନିଜକୁ ନେଇ ବଞ୍ଚିବା ଶିଖିବ ।

ଏବେ ଆଇନା ସାମ୍ନାରେ ସେ, ଆଉ ତାଙ୍କ ପଛରେ ତାପସ୍ ।

ଏକ ଲୟରେ ଚାହିଁଥିଲେ ତାଙ୍କ ମୁହଁକୁ । କିଏ କହିବ, ତୁମ ନାତି କଲେଜ ପଢ଼ିଲାଣି । ଯିଏ ବି ଦେଖିବ, ଲୋଭେଇ ଯିବ ମୋ ସୁରୁକୁ । ଏଇ ଭିତରେ ତାପସ୍‌ଙ୍କ ହାତ କାନ୍ଧରୁ ହାତ ଯାଇ ସୁରଭିଙ୍କ ଅଣ୍ଟାରେ ହେଲାଣି ।

ସୁରଭି କହୁଥିଲେ, କ'ଣ ହେଉଛି, ଛାଡ଼ ନା । ଡେରି ହେଇଯିବ ଯେ ।

ରୋମାଣ୍ଟିକ ହୋଇ ପଡୁଥିଲେ ତାପସ୍ ।

ତାପସ୍‌ଙ୍କ ବାହୁବନ୍ଧନରୁ ନିଜକୁ ବାହାର କରିନେବାକୁ ଚେଷ୍ଟା କରୁଥିଲେ ସୁରଭି । କପାଳରେ ସରୁ ଚୁମ୍ବନଟିଏ ଆଙ୍କି ଦେଇ ତାପସ୍ କହୁଥିଲେ, ଆଜିଠାରୁ ତୁମେ ଆଉ ମୁଁ ଭଲ ସାଙ୍ଗ ହୋଇ ପାରିବା ନା ! ସବୁ କଥା ଦୁହେଁ ଦୁହିଁଙ୍କ ସାଙ୍ଗେ ବାଣ୍ଟି ପାରିବା । ଅରୁଣଙ୍କ କଥା ବି ତୁମେ ନିଃସଂକୋଚରେ କହିପାରିବ ମତେ, ସେମିତି ସମ୍ପର୍କ ଗଢ଼ି ପାରିବ ମୋ ସହିତ ?

ମୁଁ କଣ ମୋ ମୃତ୍ୟୁ ପର୍ଯ୍ୟନ୍ତ ଅରୁଣଙ୍କ ବିଷୟରେ ଶୁଣିବାକୁ ବାଧ୍ୟ । କେବଳ ଏଥିପାଇଁ ଯେ ମୁଁ ତାଙ୍କୁ କେବଳ ଭଲ ପାଇଥିଲି, କିନ୍ତୁ ପରିବାରର ସମ୍ମାନ ପାଇଁ, ନିଜର ସମସ୍ତ ଇଚ୍ଛାକୁ ଦଳିଦେଇ ତୁମ ସହ ମତେ ନୀଡ଼ ବାନ୍ଧିବାକୁ ପଡ଼ିଥିଲା । ସତ କୁହ, ତୁମେ ପ୍ରାଚୀଙ୍କୁ ଭୁଲିପାରିଛ ? କେବେ ସେ ପ୍ରଶ୍ନ ଆଇନା ସାମ୍ନାରେ ଠିଆ ହୋଇ ପଚାରିଛ ନିଜକୁ ? ପ୍ରାଚୀ, ଏବେ ବି ତୁମର ଜଣେ ଭଲ ବନ୍ଧୁ, ସେକଥା ବି ମୁଁ ଜାଣିଛି । କେବେ ସେ ପ୍ରଶ୍ନ କରିଛି କି ?

Digitized by PPRACHIN, SOA

ତୁମେ ଅରୁଣ- ସୁରଭିର ସମ୍ପର୍କ ପାଇଁ ସୁରଭିକୁ ଅନୁଶାସନର କଡ଼ା ଶୃଙ୍ଖଳ ଭିତରେ ବାନ୍ଧି ଦେଇଛ, ନା ତାପସ୍ – ପ୍ରାଚୀର ଭାଙ୍ଗି ଯାଇଥିବା ସମ୍ପର୍କ ପାଇଁ ପରୋକ୍ଷରେ ମତେ ଦାୟୀ କରିଛ । ସମୟର ଛାଟ ସବୁଠାରୁ ଯନ୍ତ୍ରଣାଦାୟକ, ଆମେ ଦୁଇ ଜଣ ତ ପରିସ୍ଥିତିର ଦାସ ଥିଲେ, ହେଲେ ଦୁଇ ପଟୁ ବେଶୀ କଷ୍ଟ ତ ମୋର ନା ! ଆଜି ଯଦି ସେ ସମ୍ପର୍କ ସୁଧାରିବାକୁ ଚାହୁଁଛ ପୁଣି ଅରୁଣ କାହିଁକି ?

ଥରେ କହିଛି ଅରୁଣଙ୍କ ବିନା ବଞ୍ଚିବା ଶିଖିନି, ମୋର ପ୍ରତ୍ୟେକ ଅନୁଭବରେ ସେ ଅଛନ୍ତି, ରହିବେ ମଧ୍ୟ । ତାଙ୍କ ମୁହଁ ମୋର ମନେ ନାହିଁ । ତାଙ୍କ ସ୍ୱର ବି ଭୁଲିଯାଇଛି । ତାଙ୍କ ପସନ୍ଦ ନାପସନ୍ଦ ମତେ କେବେ ଜଣାନଥିଲା । ମତେ ସେ ମନେ ରଖିଥିବେ ନିଶ୍ଚୟ, ଆଉ ମୁଁ ତାଙ୍କୁ ଭୁଲିନି । ଆମ ଭିତରେ ସମ୍ପର୍କ ତ କେବଳ ଏତିକି । ମୋ ମନ ଭିତରେ ସେ ଏକ ସୂକ୍ଷ୍ମ ରେଣୁ କଣିକା । ସେତିକି ଯାଗା ତାଙ୍କ ପାଇଁ ମାଗୁଛି, ଦେଇପାରିବ ?

ମନରେ ଭାବୁଥାନ୍ତି ତାପସ୍, ଆଜି ପ୍ରଥମଥର ପାଇଁ ସୁରୁ କିଛି ମାଗୁଛନ୍ତି ? କ'ଣ ମାଗିଲ ତୁମେ ? ମୁଁ ତ ତୁମକୁ ମୋର ସବୁ କିଛି ଦେବାକୁ ପ୍ରସ୍ତୁତ ଅଛି । ତୁମେ ଅରୁଣଙ୍କୁ ମାଗିଲ । କେମିତି ଦେଇ ପାରିବି ? ମୁଁ ପୁରୁଷ, ଅହଙ୍କାର ମୋର ସର୍ବସ୍ୱ, ତୁମେ ନାରୀ, କ୍ଷମା ଆଚରଣରେ ତୁମେ ପରିପୂର୍ଣ୍ଣ, ତୁମେ ପ୍ରାଚୀଙ୍କୁ ଗ୍ରହଣ କରି ନେଇପାର, ମୁଁ କିନ୍ତୁ ଅରୁଣଙ୍କୁ ଗ୍ରହଣ କରିପାରିବିନି, ବୋଧେ ଏ ଜନ୍ମରେ ନୁହେଁ !

କିଛି ସମୟ ପାଇଁ ସେ ଘର ଭିତରେ ସମ୍ପୂର୍ଣ୍ଣ ନିରବତା ରାଜୁତି କରୁଥିଲା । ଆଉ ଉଭୟେ ପରସ୍ପରକୁ ପ୍ରଥମେ କ'ଣ କହିବେ ତାକୁ ନେଇ ଉପକ୍ରମ କରୁଥିଲେ । ନହେଲେ ଫିଲ୍ମ ପାଇଁ ଡେରି ହୋଇଯିବ ଯେ !

ଏକା ସାଙ୍ଗରେ କହି ଉଠିଲେ, ଜଲ୍‌ଦି ଚାଲନା । ଗେଟ୍ ବନ୍ଦ କରି କାର୍ ଭିତରେ ବସି ଯାଇଥିଲେ, କିନ୍ତୁ ଅସହଜ ଭାବ ଏବେ ବି କଟିନଥିଲା ।

କିଛି ଅନାବନା କଥା ଆରମ୍ଭ କରିଥିଲେ ସୁରଭି । ଜାଣିଛ, ନୀରଜ (ଜ୍ୱାଇଁ) ଫୋନ୍ କରିଥିଲେ । ଆସନ୍ତା ମାସରେ ସେ ଓଡ଼ିଶା ଆସୁଛନ୍ତି । ଦୁଇଦିନିଆ ମିଟିଂରେ ଯୋଗ ଦେବାକୁ । ଅଶ୍ୱିନୀ (ନାତି)କୁ ସାଙ୍ଗରେ ଆଣିବାକୁ କହିଛି । ରିନି (ନାତୁଣୀ)ର କ'ଣ ଗୋଟେ ଜାତୀୟ ସ୍ତରର ପରୀକ୍ଷା ଅଛି, ସେଥିପାଇଁ ମା' ଝିଅ ଆସି ପାରିବେନି । ଟୋକାଟା ଏମ୍‌ବିଏ କରିବ କହୁଥିଲା ତା ମା' । ଆଉ ବର୍ଷେ ବି କମ୍ ସରିବ । ଜାଭିୟରରେ ଏମ୍‌ବିଏ କଲେ ହୁଅନ୍ତାନି । ଆମ ପାଖରେ ରହନ୍ତା । ତେଜୁ ଶାଶୂ ଘର ଯିବା ଦିନୁ ଘର ଖାଲି । ଏଇ ସହରରେ ଥିଲା, ପାଖରେ ରହୁଥିଲା, କେତେବେଳେ କେମିତି ଆସୁଥିଲା । ଅଶ୍ୱିନୀ, ରିନିକୁ ନେଇ ଯେଉଁ

Digitized by PPRACHIN, SOA

କିଛି ଦିନ ଆମ ଘରେ ରହୁଥିଲା, ଘରଟା ପୂରି ଉଠୁଥିଲା । ୫ ବର୍ଷ ହେଲା ନୀରଜ ସପରିବାର ଦିଲ୍ଲୀ ଯିବା ପରେ ଆମ ଜୀବନଟା ପୁଣି ନିଃସଙ୍ଗ ପାଲଟି ଯାଇଛି । ନା କ'ଣ କହୁଛ ?

ବୁଝିଲ ସୁରୁ, ତୁମ ସ୍ତ୍ରୀଲୋକ ମାନଙ୍କର ସମସ୍ତଙ୍କ କଥାରେ ମୁଣ୍ଡ ପୂରେଇବା ନିହାତି ଗୋଟେ ବାଜେ ଅଭ୍ୟାସ । ଅଶ୍ୱିନୀ କେଉଁଠି ପଢ଼ିବ, ତା ବାପା ମା' ବୁଝିବେନି । ସେ ନିଜେ ଯଥେଷ୍ଟ ବଡ଼ ହୋଇଗଲାଣି, କେଉଁଠି ପଢ଼ିଲେ ଠିକ୍ ହେବ, ତାକୁ ଜଣା ଅଛି । ସବୁବେଳେ ଯାଡୁସାଡୁ କଥା । ହଉ, ସେ ଆସୁ, ତାକୁ ଏଇ ପ୍ରସ୍ତାବଟା ଦେବ ।

ଗୋଟାଏ ବୋଲି ନାତି, ତା ବିଷୟରେ ଭାବିବାରେ ବି ପ୍ରତିବନ୍ଧକ । ସେ ଟୋକାଟା ବାପା ଭଳି ସ୍ମାର୍ଟ ହୋଇଛି । ହେଲେ ଓଡ଼ିଶା ତାକୁ ବହୁତ ଭଲ ଲାଗେ । ଏଇଠି ରହିଲେ ସେ ଖୁସିରେ ରହିବ । ତାକୁ ବାହା ଦେଇ ଆମ ପାଖରେ ରଖିବା । ଏମିତି ହେଲେ ଭଲ ହୁଅନ୍ତାନି ।

ହେ ଭଗବାନ, ତୁମେ ତା' ବାହାଘର କରିବା ସ୍ୱପ୍ନ ଦେଖିଲଣି । ଦେଖ, ଏଇ ଥର ଆସୁ ମୋ ନାତି ଟୋକା, ତୁମ ମନ ପସନ୍ଦର କନ୍ୟା ଠିକ୍ କରି ରଖିଥାଅ । ତା' ସାଙ୍ଗେ ହାତଗଣ୍ଠି ପକେଇ ଦେବ । ହସୁଥିଲେ ସ୍ୱାମୀ ସ୍ତ୍ରୀ ଉଭୟେ ।

ଏବେ ଦୁହେଁ ମନ ଖୋଲି ଗପିବାକୁ ଆରମ୍ଭ କରି ଦେଇଥିଲେ କପୋତକପୋତୀ ପରି । ମଝିରେ ମଝିରେ ଖୁମ୍ପାଖୁମ୍ପି ହେଇ ଯାଉଥିଲେ । ଅବସାଦ ବି ଧୀରେ ଧୀରେ ହଟିଯାଉଥିଲା । ଦୁହେଁ ବୁଝିବାକୁ ଆରମ୍ଭ କରିଥିଲେ ଜୀବନକୁ । ଅରୁଣ ହୁଅନ୍ତୁ ବା ପ୍ରାଚୀ, ଏମାନେ ସେମାନଙ୍କ ଦାମ୍ପତ୍ୟ ଜୀବନରେ କେବେଠାରୁ ଅପ୍ରସଙ୍ଗ ପାଲଟି ଯାଇଛନ୍ତି । ସେମାନଙ୍କୁ ନିଜ ଭିତରେ ସମାଧି ଦେଇଦେବା ହିଁ ଉଚିତ୍ ହେବ । ଉଭୟେ ବୋଧେ ଏକା କଥା ଭାବୁଥିଲେ । ଗାଡ଼ିଟା ଧୀରେ ଧୀରେ ଯାଇ ଫିଲ୍ମ ହଲ୍‌ର ପାର୍କିଂରେ ଅଟକିଥିଲା । ଗାଡ଼ି ରଖି ଦୁହେଁ ପାଖ ସ୍ନାକ୍ସ ଦୋକାନ ଆଡ଼କୁ ମୁହାଁଉଥିଲେ । ତାରୁଣ୍ୟକୁ ଉପଭୋଗ କରିବାକୁ ମନରେ ଖେଳୁଥିଲା ଅନେକ ଉନ୍ମାଦନା ।

ବୟସର ବାଧା ମାନିବାକୁ ପ୍ରସ୍ତୁତ ନଥିଲେ କେହି । ଚିପ୍ସ, କୋଲ୍ଡ୍ରିଙ୍କ୍ସ ନେଇ ଫିଲ୍ମ ହଲ୍ ଭିତରେ ପଶିଥିଲେ ଦୁହେଁ । ସୁପର ଡିଲକ୍ସ ସିଟ୍‌ରେ ବସି ଖୁବ୍ ଉପଭୋଗ କରିଥିଲେ ହାଲକଫୁଲକା ମୁଭିକୁ । ସୁରଭି ହସି ହସି ବେଦମ୍ ହୋଇ ଯାଉଥାନ୍ତି, ପାଖରେ ବସି ଲକ୍ଷ୍ୟ କରୁଥାନ୍ତି ତାପସ୍ । ବହୁତ ଦିନ ପରେ ଏମିତି ମନଖୋଲି ହସୁଥିଲେ ବୋଧେ । ଯେତିକି ଦିନ ସାଙ୍ଗରେ ରହିବେ ଖାଲି ଖୁସି ଲହଡ଼ି ଭାଙ୍ଗିବ ସୁରୁଙ୍କ ଜୀବନରେ, ତା'ର କାରଣ ସେ ନିଜେ ହିଁ ହେବେ ବୋଲି ପ୍ରତିଶ୍ରୁତିବଦ୍ଧ ହେଉଥିଲେ । ଫିଲ୍ମ ସରି ଯାଇଥିଲା, କିନ୍ତୁ ଏବେ ବି ଚେନାଏ ହସ ସୁରଭିଙ୍କ ମୁହଁରେ ଲାଗି ରହିଥିଲା ।

Digitized by PPRACHIN, SOA

ସବୁବେଳେ ନିଜ ଇଚ୍ଛା ମୁତାବକ ହୋଟେଲ୍ ଯିବାକୁ ଭଲ ପାଉଥିବା ତାପସ୍ ଆଜି ସ୍ତ୍ରୀଙ୍କ ପସନ୍ଦର ରେଷ୍ଟୁରାଣ୍ଟରେ ପହଞ୍ଚିଥିଲେ । ସମୟ ବି ଅନେକ ହୋଇ ଯାଇଥିଲା, ଉଭୟେ ଖାଇବାରେ ମନୋନିବେଶ କଲେ ।

ସୁରଭିଙ୍କ ପସନ୍ଦର ଖାଦ୍ୟ ଅର୍ଡର କଲେ ତାପସ୍ । ଏତେ ଡାଇବେଟିସ୍ ଥାଇ ଅନେକ ବାରଣ ସତ୍ତ୍ୱେ ହଟ୍ ଚକୋଲେଟ୍ ଆଇସ୍କ୍ରିମ ବି ଖାଇ ଯାଉଥାନ୍ତି । ତାଙ୍କ ଇଚ୍ଛା ଅନିଚ୍ଛାକୁ ଏତେ ଭଲ ଭାବରେ କେମିତି ଜାଣିଛନ୍ତି ତାଙ୍କ ସ୍ୱାମୀ ? ସେ ନିଜେ ଆଶ୍ଚର୍ଯ୍ୟ ହେଉଥିଲେ । ଏକାଠି ରହିଲେ ଏସବୁ ହୁଏ ସମସ୍ତଙ୍କ ସାଙ୍ଗରେ ! ନା ?

ଖୁସି ହେଉଥିଲେ ସୁରଭି । ବିଲ୍ ପଇଠ କରି ରେଷ୍ଟୁରାଣ୍ଟରୁ ବାହାରି ଆସିଲେ ଉଭୟେ । ମନ ସିନା ତରୁଣ, ହେଲେ ବୟସ ହାର ମାନୁଥିଲା । ଭାରି ଥକ୍କା ଅନୁଭବ ହେଉଥିଲା । ଘରକୁ ଫେରୁଥିଲେ ଦୁହେଁ । କାର୍ ଭିତରେ କେତେବେଳେ ଆଖି ଲାଗିଯାଇଥିଲା, ତାପସ୍ଙ୍କ ଡାକରେ ନିଦ ଭାଙ୍ଗିଲା, ସୁରୁ, ଘର ହୋଇଗଲା ।

ଆରେ ହଁ ତ, ମୁଁ ଜାଣିପାରିଲିନି । ଶୋଇ ଯାଇଥିଲି । ଘରେ ଯାଇ ଫ୍ରେସ୍ ହୋଇ ସାରିବା ପରେ ଖଟ ଉପରେ ଲୋଟି ପଡ଼ିଲେ ତାପସ୍ । ବାଲକୋନିରୁ ଲୁଗାପଟା ତୋଳି ସଜାଡ଼ି ରଖୁଥିଲେ ସେ ।

ଆରମ୍ଭ କଲେ ତାପସ୍, ସ୍ତ୍ରୀ ଲୋକମାନେ ଏତେ ତ୍ୟାଗ କେମିତି କରିପାରନ୍ତି । କେବେ ବାପାମାଙ୍କ ପାଇଁ ତ କେବେ ସ୍ୱାମୀ, ଆଉ କେବେ ଛୁଆମାନଙ୍କ ପାଇଁ ସବୁ ଛାଡ଼ିଦିଅନ୍ତି । ତାଙ୍କୁ କ'ଣ କଷ୍ଟ ହୁଏନା ! ମୋ ତେଜୁକୁ ଦେଖୁନ, ପରିବାର ପାଇଁ ରାଜ୍ୟ ସରକାରଙ୍କ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ଚାକିରି ଛାଡ଼ି ଦିଲ୍ଲୀ ଚାଲିଗଲା । ସେ ବି ଲୁଚେଇ ଲୁଚେଇ କାନ୍ଦିଥିବ ନା ! ସେ ଚାକିରି ପାଇବା ଦିନ କେତେ ଖୁସି ହେଉଥିଲା କହିଲ । ତୁମେ ବି ଏଇ ପରିବାର ପାଇଁ, ତୁମ ବାପାମା'ଙ୍କ ପାଇଁ ଜୀବନରେ ଅନେକ ତ୍ୟାଗ କରିଥିବ । ତୁମେ କେତେ କାନ୍ଦିଥିବ ନା ? ଏବେ ଲୁଚେଇକି ନୁହେଁ, ସମସ୍ତେ ଦେଖିବା ଭଳି କିଛି ଲୁହ ଟୋପା ଖସି ପଡୁଥିଲା ସୁରଭିଙ୍କ ଆଖିରୁ ।

ଆଜି ଲାଗୁଛି ମୁଁ ସବୁ ଖୁସିକୁ ତୁମ ଭିତରେ ପାଇଛି । ସମୟ ବିତିଗଲା ପରେ ଏବେ ଆମେ ବୟସର ଅପରାହ୍ଣରେ । ଅନେକ ଦିନ ପରେ ସ୍ୱପ୍ନସବୁ ପୂରା ହେବାକୁ ଲାଗିଛି । ତୁମ ନାକ କାନ୍ଦୁରୀ ସୁରୁ ଚୁଟିର ରଙ୍ଗରେ ଅଭିଜ୍ଞତାର ଛାପ । ଯେତେ ରଙ୍ଗର ପ୍ରଲେପ ଦେଇ ଲୁଚେଇଲେ କ'ଣ ହେବ, ମଝିରେ ମଝିରେ ସେମାନେ ବି ନିଜ ଉପସ୍ଥିତିକୁ ଜାହିର କରିବାକୁ ଉଦ୍ୟମରତ । ଦେଖୁନ, ମୁଁ କ'ଣ ଆଉ କାନ୍ଦୁଛି !

Digitized by PPRACHIN, SOA

ଆଖିରୁ ଲୁହ ପୋଛି ଦେଉଥିଲେ ତାପସ୍ । ଟିକେ ଟିକେ କଥାରେ ସୁଁ ସୁଁ ହେବା, ଆଉ ନାକ ଫୁଲେଇ କାନ୍ଦିବା ଅଭ୍ୟାସ ଛାଡ଼ିଲଣି କେଉଁଠି ? ତୁମ ନାଁ ସୁରଭି ନହୋଇ କାନ୍ଦୁରୀ ହୋଇଥିଲେ କେମିତି ହୋଇଥାନ୍ତା କହିଲ ? ଫେଁ କରି ହସି ଉଠିଥିଲେ ସୁରଭି ।

କଲିଂବେଲ୍‌ଟା ବାଜି ଉଠିଲା । କବାଟ ଖୋଲିବାକୁ ଚାଲିଗଲେ ତାପସ୍ । ଆଗନ୍ତୁକା ଥିଲେ ମଧ୍ୟବୟସ୍କା । ସୁନ୍ଦର ପରିପାଟୀ, ମାର୍ଜିତ, ରୁଚିସମ୍ପନ୍ନ ।

ଆଗନ୍ତୁକା - ପ୍ରଣାମ ସାର୍, ଏଇଠି ସୁରଭି ମିଶ୍ର ରୁହନ୍ତି ?

ତାପସ୍ - ହଁ, ଏଇଟା ତାଙ୍କ ଘର । ଆପଣ କିଏ ?

ଆଗନ୍ତୁକା - ମ୍ୟାଡାମ୍‌ଙ୍କୁ ଟିକେ ଡାକିଦେବେ । ତାଙ୍କୁ କିଛି ଫେରାଇବାକୁ ଥିଲା, ଆଉ କୃତଜ୍ଞତା ଜଣେଇବାର ଥିଲା ।

ତାପସ୍ - ଆପଣଙ୍କ ନାଁ, କେଉଁଠୁ ଆସିଛନ୍ତି, କ'ଣ କହିବି ତାଙ୍କୁ ।

ଆଗନ୍ତୁକା - ସେ ବି ମୋତେ ଚିହ୍ନି ନାହାନ୍ତି । ତାଙ୍କୁ ଡାକି ଦିଅନ୍ତୁ ନା, ପ୍ଲିଜ୍ । ସେ ଆସିଯାନ୍ତୁ, ମୁଁ ସବୁ କହିବି ।

ତାପସ୍ - ସୁରୁ, ତୁମକୁ କିଏ ଖୋଜୁଛନ୍ତି ।

ଘର ଭିତରୁ ସୁରଭି ଆସୁଛି, ଆସୁଛି କହି କିଛି ସମୟ ପରେ ବାହାରକୁ ଆସିଥିଲେ ।

ଆଗନ୍ତୁକା - ପ୍ରଣାମ ମା' *(ପାଦ ଛୁଇଁ କହୁଥିଲେ ସେ)* । ମୁଁ ଚିତ୍ରଲେଖା ପାଣିଗ୍ରାହୀ । ଚିତ୍ରା ବୋଲି ଡାକିପାରିବେ । ମୋ ଝିଅ ସାନିକୁ ଆପଣ ନୂଆ ଜୀବନ ଦେଇଛନ୍ତି । ଆପଣଙ୍କ ପାଖରେ କୃତଜ୍ଞ ରହିବି ଜୀବନସାରା ।

ସୁରଭି - ଭିତରକୁ ଆସନ୍ତୁ । ସେଇଠି ବସି କଥା ହେବା ।

"ବାହାରେ ଏତେ ସୁନ୍ଦର ଝିଅଟାକୁ ଠିଆ କରିଛ କେତେବେଳୁ",ତାପସ୍‌ଙ୍କୁ ଚାହିଁ କହିଲେ ସୁରଭି ।

ସୋଫା ଉପରେ ବସି ଗପିବାକୁ ଆରମ୍ଭ କରିଲେ ଦୁହେଁ, ଯେମିତି କେବେଠାରୁ ଉଭୟେ ଉଭୟଙ୍କୁ ଜାଣିଥିଲେ ।

ସୁରଭି - ତୁମେ ତା' ହେଲେ ସାନିର ମା, ଏବେ ସେ କେମିତି ଅଛି ? ଗୋଡ଼ ଭାଙ୍ଗିଥିଲା, ଠିକ୍ ହେବାକୁ ସମୟ ତ ଲାଗିବ । ଖୁବ୍ ଡରି ଯାଇଥିଲା ସେଦିନ । ମୃତ୍ୟୁକୁ ପାଖରେ ଦେଖିଲେ କିଏ ବା ଭୟ କରିବନି ! ଭାବିଥିଲି ମଝିରେ ଯାଇ ଦେଖା କରିବି ତାକୁ, ଯାଇପାରିନି । କିଛି ଦିନ ତ ହସ୍ପିଟାଲରେ ରହିବ ବୋଧେ ।

Digitized by PPRACHIN, SOA

ଚିତ୍ରା - ନା ମା', ତାକୁ କାଲି ଡିସଚାର୍ଜ କରି ନେଇଯିବୁ । ଆପଣ ତା' ପାଇଁ ଟଙ୍କା ଜମା କରିଥିଲେ, ସେଇଟା ଫେରେଇବାକୁ ଆସିଛି । ଆପଣ ଡେବିଟ କାର୍ଡ୍ ପେମେଣ୍ଟ କରିଥିଲେ, ସେଥିରୁ ବ୍ୟାଙ୍କର ଠିକଣା ଖୋଜିବାକୁ ଚେଷ୍ଟା କଲୁ । ସେଇ ବ୍ୟାଙ୍କ ମ୍ୟାନେଜର ସାନି ବାପାଙ୍କ ବନ୍ଧୁ । ବହୁତ ଅନୁରୋଧ ପରେ ଆପଣଙ୍କ ଠିକଣା ସେ ଦେଲେ । ସେଦିନ ଆମେ ଆସି ପହଞ୍ଚିଲା ପରେ ଆପଣ ଚାଲିଆସିଲେ, ଦେଖା ବି ହୋଇ ପାରିନଥିଲା । ମୋ ଝିଅକୁ ନୂଆ ଜୀବନ ଦେଇଛନ୍ତି, ସାରା ଜୀବନ ଆପଣଙ୍କ ନିକଟରେ ଆମ ପରିବାର ଋଣୀ ହୋଇ ରହିବ ।

ସୁରଭି - ଟଙ୍କା ତ ମୁଁ ନିଶ୍ଚୟ ନେବି । ଆଉ ରହିଲା ଋଣୀ ହେବା କଥା, ତୁମ ଝିଅ ଜାଗାରେ ଯିଏ ବି ଥିଲେ ମୁଁ ତାକୁ ଏମିତି ସାହାଯ୍ୟ କରିଥାନ୍ତି । ମତେ ମା' ନୁହେଁ, ସୁରଭି ମ୍ୟାଡାମ୍ ବୋଲି ଡାକନ୍ତୁ, ଭଲ ଲାଗିବ । ସମ୍ପର୍କ ସବୁ ପୂର୍ବ ନିର୍ଦ୍ଧାରିତ, କିଏ କାହା ସହ କେଉଁ ଭଳି ଯୋଡ଼ି ହୋଇଯିବ ସେ ସବୁ ଈଶ୍ୱର ହିଁ ନିଷ୍ପତ୍ତି ନିଅନ୍ତି । ମଣିଷ ଗଢ଼ିଥିବା ସମ୍ପର୍କର ଆୟୁଷ ଖୁବ୍ କମ୍ ହୋଇଥାଏ । ତାଙ୍କ ଉପରେ ସବୁ ଛାଡ଼ି ଦିଅ ।

ଚିତ୍ରା- ମ୍ୟାଡାମ୍ ନୁହେଁ, ମୁଁ ମା' ବୋଲି ଡାକିବି । ମା'ଟିଏ ହିଁ ଜୀବନ ଦେଇଥାଏ । ମୋ ମା' କେବେଠାରୁ ଚାଲି ଯାଇଛନ୍ତି, ଶାଶୂଙ୍କ ପାଖରୁ ମା'ର ସ୍ନେହ ପାଇଛି । ସେ ବି ଆଉ ନାହାନ୍ତି । ତାଙ୍କ ଭଳି ଆପଣ ବି ମୋର ମା' । ଝିଅଟା ମୋର ବହୁତ ଭାବପ୍ରବଣ । ଘର, ପରିବାରକୁ ଛାଡ଼ି ରହିବା ବହୁତ କଷ୍ଟ ତା ପାଇଁ । ତା' ଜେଜେଙ୍କର ହୃଦୟ ସ୍ପନ୍ଦନ ଅଟକି ରହିଛି ତା'ରି ପାଖରେ । ମୋ ଶ୍ୱଶୁର ହାର୍ଟ ପେସେଣ୍ଟ । ସାନିକୁ ଏମିତି ହସ୍‌ପିଟାଲରେ ଦେଖି ବ୍ୟସ୍ତ ହୋଇ ପଡ଼ିବେ । ତାଙ୍କ ପାଖରେ ସାନି ରହିଲେ ବେଶି ଭଲ ହେବ । ତେଣୁ ଝିଅକୁ କାଲି ଘରକୁ ନେଇଯିବୁ ।

ସୁରଭି - ଆଉ ଦେଖା ହୋଇ ପାରିବନି ତା' ହେଲେ ସାନି ସହିତ ।

ଚିତ୍ରା - ଏଇ କାର୍ଡ଼ଟା ରହିଲା । ଯେତେବେଳେ ଚାହିଁବେ ଆମ ଘରକୁ ଆସିବେ, ନହେଲେ ଫୋନ୍ କରି ଦେଲେ, କିଛି ଅସୁବିଧା ହେଲେ ଆମେ ଯିଏ ହେଲେ ଆସିବୁ । ଆପଣ ମନା କଲେ ବି ମୁଁ ଆପଣଙ୍କ ଘରକୁ ଆସିବି । ଏଇ ଝିଅ ପାଇଁ କେବେ ବି ଆପଣଙ୍କ ଘରର ଦରଜା ବନ୍ଦ କରିବେନି, ଏତିକି ଅନୁରୋଧ ।

ଏଗାର ହଜାର ଟଙ୍କା ଆଉ ଭିଜିଟିଂ କାର୍ଡ ଟିପୟ ଉପରେ ରଖି ଧୀରେ ଧୀରେ ସେ ଆଖି ଆଗରୁ ଅପସରି ଯାଇଥିଲେ । ସୁରଭି କବାଟ ବନ୍ଦ କରିବାକୁ ଉଠୁଥିଲେ । x x x

Digitized by PPRACHIN, SOA

ତାପସ୍ - ବୁଝିଲ ନା ସୁରୁ, ତୁମେ ଖୁବ୍ ଚିଡ଼ଚିଡ଼ା ହୋଇଗଲଣି । ସେ ଝିଅଟା ତୁମକୁ କେତେ ଶ୍ରଦ୍ଧାରେ ମା' ଡାକୁଥିଲା, କିନ୍ତୁ ତୁମେ ରୁକ୍ଷ ହୋଇଯାଉଥିଲ ତା' ପାଖରେ । ଆମ ତେଜୁ ଭଳି ଲାଗୁଥିଲା ସେ, ତା ମୁହଁରେ ଥିଲା ବିନୟର ଭାବ । ବେଶ ପରିପାଟୀରୁ ବହୁତ ବଡ଼ ଘରର ଲାଗୁଥିଲା, ନମ୍ରତା ବାରି ହୋଇ ପଡୁଥିଲା ତା' ବ୍ୟବହାରରେ । ଆମେ ତା' ଘରକୁ ଯିବା । ନୂଆ ବର୍ଷରେ, ନୂଆ ସମ୍ପର୍କଟିଏ ଯୋଡ଼ିବା ପାଇଁ, ଆମ ନୂଆ ଝିଅ ସାଙ୍ଗରେ ।

ପରକୁ ଆପଣାର କରିବାର କଳା ତୁମେ କେବେଠୁ ଶିଖିଲଣି, ହସି ହସି କହୁଥିଲେ ସୁରଭି ।

ସନ୍ଧ୍ୟା ନଇଁ ଆସୁଥିଲା, ତାପସ୍ କଫି ମଗ୍‌ଟା ଧରି ଗାର୍ଡ଼େନର ଚେୟାର ଆଡ଼କୁ ମୁହାଁଉଥିଲେ । ସୁରଭି ସନ୍ଧ୍ୟା ଆଳତି ପାଇଁ ପ୍ରସ୍ତୁତି କରୁଥିଲେ ଠାକୁର ଘରେ । ଆଗରେ ଭୋଳାବାବା ବସିଥିଲେ । ଅର୍ଦ୍ଧ ନିମିଳୀତ ଆଖି । ଓଠରେ ଲାଖିରହିଛି ପ୍ରାପ୍ତିର ଚେନାଏ ହସ । ସାରା ବ୍ରହ୍ମାଣ୍ଡକୁ ଖୁସି ଦେବାକୁ ନିଜେ ଗରଳ ପିଇ ଯାଇଥିଲେ । ଅନ୍ୟର କଷ୍ଟକୁ ନିଜେ ସହି ନେଇ ଯାହା ପ୍ରାପ୍ତ ହୁଏ ତାହା ବୋଧେ ସୁଖ । ଅପ୍ରାପ୍ତି ତ ବେଦନା ଜର୍ଜରିତ କରେ, ମନକୁ ବିଦାରୁଥାଏ ବାରମ୍ବାର । ହେଲେ ପ୍ରାପ୍ତି ଆଣିଦିଏ ଶାନ୍ତି । ସେଥିପାଇଁ ଭୋଳା ବାବାଙ୍କ ମୁହଁରେ ଏତେ ପ୍ରଶାନ୍ତି ।

ଆରେ, ମୋର ଏତେ ଧୃଷ୍ଟତା, ତୁମକୁ ବିଚାର କରୁଛି । କ୍ଷମା ଦିଅହେଁ ପ୍ରଭୁ । ପ୍ରାପ୍ତି ଦିଅହେଁ, ମନେ ମନେ ଗୁଣୁଗୁଣୁ ହେଉଥିଲେ ସେ । ଏବେ ଘଣ୍ଟ ଶବ୍ଦ ଶୁଭୁ ନଥିଲା । ତା' ସାଙ୍ଗକୁ ଶ୍ଳୋକ ଆବୃତ୍ତି ବନ୍ଦ ହୋଇଯିବା ଆଳତି ସମ୍ପୂର୍ଣ୍ଣ ହେବାର ସୂଚନା ଦେଉଥିଲା ।

କାଲି ସକାଳେ କଲୋନୀର ସମସ୍ତେ ପୁରୀ ଯିବାର ଅଛି । ସବୁବର୍ଷ ଯାଆନ୍ତି ସେମାନେ । ତାପସ୍‌ଙ୍କୁ ଗହଳି ପସନ୍ଦ ନୁହେଁ । ସେଥିପାଇଁ ସେମାନେ କଲୋନୀ ସୋସାଇଟିକୁ ଟଙ୍କା ଦେଇଦିଅନ୍ତି, କିନ୍ତୁ କେବେ ଯାଆନ୍ତିନି । ଏଥର ଯିବା ପାଇଁ କାହିଁକି ସୁରଭିଙ୍କର ବହୁତ ମନ ହେଉଥିଲା । ତାଙ୍କ ଇଚ୍ଛାର କିଛି ମୂଲ୍ୟ ଅଛି ଯେ ! ଭାବିକି ଚୁପ୍ ରହିଲେ ସେ ।

ତଳୁ ଡାକୁଥିଲେ ତାପସ୍ । ସୁରୁ ! ମହାପାତ୍ର ବାବୁଙ୍କ ପାଇଁ କଫି ନେଇ ତଳକୁ ଆସିଲ । ଘର କାମ କରୁଥିବା ନଟକୁ କଫି ବନେଇବାକୁ କହି ସେ ତଳକୁ ଚାଲିଗଲେ ।

ମହାପାତ୍ର ବାବୁ କହୁଥିଲେ ମ୍ୟାଡାମ୍, ଏଥର ଆପଣମାନେ ସାଙ୍ଗରେ ଯିବେ । ଭଲ ଲାଗିବ । ସେଇ କଥା କହିବାକୁ ସାର୍ ମତେ ଡାକିଥିଲେ । ସକାଳ ୮ଟାରେ ବାହାରିଯିବା । ଦିନ ସାରା ବୁଲାବୁଲି, ରାତିରେ ହୋଟେଲରେ ରହିବା । ପର ଦିନ ସକାଳେ ଚନ୍ଦ୍ରଭାଗାରେ

Digitized by PPRACHIN, SOA

ସୂର୍ଯ୍ୟୋଦୟ ଦେଖି ଫେରିବା । କଫି ନେଇ ନଟ ଆସି ଯାଇଥିଲା । ମା, ମୋ ପାଇଁ ଶଙ୍ଖ ଆଣିବ ପୁରୀରୁ, ସେ କହିଲା । ଯଦି ଯାଏ ତେବେ ଆଣିବି, କହୁଥିଲେ ସୁରଭି ।

ତାପସ୍ - ଯଦି ଯାଏ ମାନେ, ନିଶ୍ଚୟ ଯିବ । ଗଲୁ ନଟ, ମା'ଙ୍କୁ ପ୍ୟାକିଂରେ ସାହାଯ୍ୟ କରିବୁ ।

ତାଙ୍କ ମନର କଥାକୁ କେମିତି ପଢ଼ିନେଲେ ତାପସ୍ । ଠିକ୍ ଅରୁଣଙ୍କ ଭଳି । ନିଜ ସ୍ୱାମୀଙ୍କ ମୁହଁରେ ଅରୁଣଙ୍କ ପ୍ରତିଛବି ଦିଶୁଥିଲା । ଗାର୍ଡେନର ଲାଇଟ୍ ଆଲୋକ ଖୁବ୍ ଉଜ୍ଜ୍ୱଳ ଥିଲା । ସେ ଚଷମା ପିନ୍ଧିଥିଲେ । ତେଣୁ ଭୁଲ୍ ଦେଖୁନଥିଲେ ନିଶ୍ଚୟ ।

ସୁରଭି ଫେରି ଯାଉଥିଲେ ଅତୀତକୁ । କେତେ ସୁନ୍ଦର ଥିଲା ସ୍ୱପ୍ନ ସବୁ । ସ୍ୱପ୍ନ ଦେଖି ଖୁସି ବି ହୋଇଥିଲେ, ଭଙ୍ଗା ସ୍ୱପ୍ନକୁ ପାଖରୁ ଅନୁଭବ କରିଥିଲେ । ଆଜି ତ ସବୁ ବାସ୍ତବ ଥିଲା । ସ୍ୱପ୍ନାବିଷ୍ଟ ହେବା ପାଇଁ ଅରୁଣ ନଥିଲେ ସାଙ୍ଗରେ । ସେ ନିଜେ କ'ଣ ସତରେ ସମ୍ମୋହନରେ ଥିଲେ । ଏମିତି କ'ଣ ଥିଲା ତାଙ୍କ ପାଖରେ, ଆଜି ବି ତାଙ୍କୁ ଖୋଜନ୍ତି ସେ ପ୍ରତ୍ୟେକ ବସ୍ତୁରେ, ତାଙ୍କୁ ଅନୁଭବ କରନ୍ତି ସମଗ୍ର ଜୀବସତ୍ତାରେ । କିନ୍ତୁ ଏତେ ବର୍ଷରେ ଥରେ ତାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା ତ କରିନାହାନ୍ତି ସେ । କାହିଁକି ? ଭୟ କରୁଛନ୍ତି, ସମାଜର ପ୍ରଶ୍ନକୁ ? ଯଦି କିଏ ପଚାରେ ସେ ତୋ'ର କିଏ ? କାହିଁକି ଖୋଜୁଛୁ ତାଙ୍କୁ ? କ'ଣ ଉତ୍ତର ଦେବେ ସେ ? କିଏ ଅରୁଣ ?

ତାପସ୍ - ଆରେ କ'ଣ ଭାବୁଛ ସୁରୁ ? ଏତେ ଥଣ୍ଡାରେ ବାହାରେ ଠିଆ ହୁଅନା । ଆର୍ଥ୍ରାଇଟିସ୍ ଅଛି, ବାହାରି ଯିବ । କାଲି ପୁରୀ ଯିବାର ଅଛି ଯେ । ସ୍ୱେଟର, ଜ୍ୟାକେଟ୍ ସବୁ ନେଇଯିବା । ଦରକାର ହେଲେ ୩/୪ ଦିନ ସେଠାରେ ରହିଯିବା । ମେଡିସିନ୍‌ଗୁଡ଼ା ରଖିଥିବ ପାଖରେ । ତେଜୁକୁ ଫୋନ୍ କରି କହିଦିଅ ।

ଭାବନା ରାଜ୍ୟରୁ ବାସ୍ତବତା ଆଡ଼କୁ ଫେରି ଆସିଥିଲେ ସୁରଭି ।

ସୁରଭି - ମୋ ଆର୍ଥ୍ରାଇଟିସ୍ କଥା ମନେ ଅଛି, ତୁମ ଇସୋନୋଫିଲିଆ କଥା ଭୁଲି ଯାଉଛ କି ? ଉପରକୁ ଚାଲିଆସ । ମହାପାତ୍ର ବାବୁ ଚାଲିଗଲେଣି କେତେବେଳୁ । ଉଭୟେ ଆଗପଛ ହୋଇ ଘରକୁ ପ୍ରବେଶ କଲେ । ନଟ ଡାକୁଥିଲା ମା' କଣ ପ୍ୟାକିଂ କରିବା କହିଲ ? ସବୁ ସରିଲେ ପୁଣି ରୋଷେଇରେ ଲାଗିବି ଯେ ।

ବଡ଼ିଭୋରରୁ ଉଠି ତାପସ୍ କହିଲେ, ଆରେ ଉଠ, ପୁରୀ ଯିବାନି କି ?

ସୁରୁ - ରାତି ସାରା ଶୋଇନ ନା କ'ଣ ଯେ ?

Digitized by PPRACHIN, SOA

ତାପସ୍ - ଆଜି ତୁମ ସହ କାଳିଆ ଦର୍ଶନ କରିବାର ଅଛି ପରା । ତୁମେ କୁହ, ଖାଲି ପେଟରେ ଠାକୁର ଦର୍ଶନ କଲେ ଭଲ । ଆଜି କିଛି ଖାଇବିନି । କାଳିଆକୁ ଦେଖି ସାରିବା ପରେ ଯାଇ ଖାଦ୍ୟ ଗ୍ରହଣ ।

ସୁରୁ - ତୁମ ସୁଗାର ବଢ଼ିଯିବ ଯେ । ଠାକୁରଙ୍କ ଦର୍ଶନ ପାଇଁ ଓପାସ ରହିବା କ'ଣ ଜରୁରୀ । ଏଇ ବୁଢ଼ା ବୟସରେ ଆଉ କ'ଣ ମାଗିବ, ଶୁଣେ ! ଆହୁରି କିଛି ପାଇବାକୁ ଲୋଭ ଅଛି ନା କ'ଣ ?

ତାପସ୍ - ହଁ, ଜଣେ ଅତି ନିଜର ଲୋକକୁ, ଯିଏ ମୋ ପାଖରେ ରହେ, ହେଲେ ସେ ମୋର ନୁହେଁ । ତାକୁ ହିଁ ମାଗିବି ।

ସୁରଭି - ମୁଁ ଜାଣିଛି, ମୋ କଥା କହୁଛ । ମୁଁ ସମ୍ପୂର୍ଣ୍ଣ ଭାବେ ତୁମର । ସମସ୍ତଙ୍କ ସ୍ଥାନ ଜୀବନରେ ଭିନ୍ନ ଭିନ୍ନ ହୋଇଥାଏ । ତୁମେ ସ୍ୱତନ୍ତ୍ର ତାପସ୍ ।

ଭାବୁଥିଲେ ଯଦି ଦୁନିଆରେ କିଏ ମୋ ପାଇଁ ସବୁଠାରୁ ମୂଲ୍ୟବାନ ବୋଲି ପଚରାଯାଏ ତେବେ ମୋ ଉତ୍ତର ହେବ 'ତୁମେ' । ତା' ପରେ ବି ତୁମେ ଭାବୁଛ ଯେ ମୁଁ ତୁମର ନୁହେଁ ।

କିଛି ଭିନ୍ନ ପରିସ୍ଥିତି ଉପୁଜିବା ପୂର୍ବରୁ ଚୁପ୍ ରହି ଉଭୟ ସକାଳର ନିତ୍ୟକର୍ମ ସାରିଲେ । ତାପରେ ଗାଡ଼ିରେ ବସି ସମସ୍ତଙ୍କ ସାଙ୍ଗରେ ପୁରୀ ବାହାରିଲେ । ବସ୍ ଅଟକିଲା, ସମସ୍ତେ ଖାଲି ପାଦରେ ଚାଲି ଚାଲି ମନ୍ଦିର ଆଡ଼କୁ ମୁହେଁଇଲେ ।

ସୁରୁ, ହେଇ ଦେଖ ନା, କାଳିଆର ମନ୍ଦିର ସାମ୍ନାରେ ଆମେ । ଝିଅ ବାହାଘର କାର୍ଡ଼ ଦେବାକୁ ଆସିଥିଲେ କେତେ ବର୍ଷ ତଳେ, ତାହା ପୁଣି ତୁମର ବାଧ୍ୟବାଧକତାରେ । ଏତେ ବର୍ଷ ପରେ କାଳିଆ କେମିତି ଦିଶୁଥିବ । ଡୋରି ଲାଗିବାକୁ ଏତେ ବର୍ଷର ବ୍ୟବଧାନ ହୋଇଗଲା ବୋଲି କହୁଥିଲେ ତାପସ୍ । ସାରା କଲୋନୀର ଲୋକ ସାଙ୍ଗରେ ଥିଲେ । ଛୋଟରୁ ବଡ଼ ପର୍ଯ୍ୟନ୍ତ, ଶ୍ରୀଜଗନ୍ନାଥଙ୍କୁ ଦେଖିବାକୁ ସମସ୍ତେ ଖୁବ୍ ଉତ୍ସାହିତ ।

ବଡ଼ଦାଣ୍ଡରେ ଏତେ ଗହଳିରେ କିନ୍ତୁ ଏକୁଟିଆ ହୋଇଯାଉଥିଲେ ସୁରଭି, ସବୁ ଭିଡ଼ କାଟି ଚାଲି ଯାଉଥିଲେ କେଉଁ ଏକ ଆକର୍ଷଣରେ । କାଳିଆର ଡୋରି ଟାଣି ନେଉଥିଲା ନା ନିଜ ସ୍ୱାର୍ଥ ପୂରଣ ପାଇଁ ଧାଇଁଥିଲେ ସେ ଆଗକୁ ଆଗକୁ ନିଜେ ବି ଜାଣି ପାରୁନଥିଲେ । ଗରୁଡ଼ ସ୍ତମ୍ଭକୁ ଅତିକ୍ରମ କରି ସିଂହଦ୍ୱାରରେ ପ୍ରବେଶ କଲେ । ଝୁଣ୍ଟି ପଡୁ ପଡୁ ହାତ ଧରି ସମ୍ଭାଳି ନେଇଥିଲେ ସ୍ୱାମୀ । ଜୀବନସାରା ସମ୍ଭାଳିବା ପାଇଁ ବିବାହ ବେଦୀରେ ଦେଇଥିବା କଥା ରଖି ଆସୁଛନ୍ତି ଆଜି ପର୍ଯ୍ୟନ୍ତ । କିନ୍ତୁ ସେ ନିଜେ କ'ଣ କେବଳ ତାପସ୍ଙ୍କର ହୋଇ

Digitized by PPRACHIN, SOA

ପାରିଛନ୍ତି । ଆଜି ବି ଅରୁଣଙ୍କ ପାଇଁ ସେଇ ଅବୁଝା ପ୍ରିୟତମା ସେ । ପ୍ରତ୍ୟେକ ସୁଖଦୁଃଖକୁ ତାଙ୍କ ଅବର୍ତ୍ତମାନରେ ବି ତାଙ୍କ ସହ ବାଣ୍ଟିଛନ୍ତି । ତାପସ୍‌ଙ୍କ ସହ ବିତିଥିବା ପ୍ରତି ମୁହୂର୍ତ୍ତ, ତାଙ୍କ ରାଗ ଓ ଅଭିମାନ, ଜୀବନର ନିରବ ଯନ୍ତ୍ରଣା, ସ୍ନେହ, ଭଲପାଇବା, ତେଜୁର ଜନ୍ମ, ତା'ର ପିଲାଦିନ, ପାଠପଢ଼ା, ତା'ର ଛୋଟରୁ ବଡ଼ ହେବା, ସେ ଚାକିରି କରିବା, ବାହାଘର, ନିଜେ ଆଈ ହେବା କଥା ସବୁ ତ ସେ ଜଣେଇଛନ୍ତି, ପ୍ରତି ମୁହୂର୍ତ୍ତରେ ତାଙ୍କ ସହ ଥିବା ଅରୁଣଙ୍କ ଛାଇକୁ ।

ଆଜି କ'ଣ ଭାବୁଛନ୍ତି ସେ । ଅନ୍ୟାୟ କରିଛନ୍ତି ନିଜ ସ୍ୱାମୀଙ୍କ ପ୍ରତି । ନା, ଆଉ କିଛି । ମନର ଏଇ ଆଲୋଡ଼ନକୁ ପ୍ରଶମିତ କରିବାକୁ ସେ ବୋଧେ ଏମିତି ଦଉଡୁଛନ୍ତି । କାଳିଆ ଆଗରେ ବଖାଣିବେ ମନର ସବୁ ମାନଅଭିମାନକୁ । ବାଇଶି ପାହାଚ ପାରି ହୋଇ ତୁଳସୀର ହାର ହାତରେ ଧରି କାଳିଆ ଆଗରେ ଠିଆ ହୋଇଥିଲେ ସ୍ୱାମୀ ସ୍ତ୍ରୀ ।

କେତେ କଥା କିଏ ମାଗି ପକାଉଥାନ୍ତି ।

ସେ ତ ଅନ୍ତର୍ଯ୍ୟାମୀ, ତାଙ୍କୁ କ'ଣ ଅଛପା ଯେ... ?

ତାପସ୍ ମାଗୁଥିଲେ ସମ୍ପର୍କରେ ପୂର୍ଣ୍ଣତା,

ହେଲେ ସୁରଭିଙ୍କର ଦରକାର ମୋକ୍ଷ ପ୍ରାପ୍ତି ।

ହେ ଈଶ୍ୱର, ତୁମେ କରୁଣାର ଅବତାର । ପ୍ରାରବ୍ଧକୁ କିଏ ପରିବର୍ତ୍ତନ କରିପାରିଛି ? ଜୀବନରେ କିଛି ଭିନ୍ନତା ଘଟେଁନା । କେବଳ ମାତ୍ର ପ୍ରାର୍ଥନା କରୁଛି । ଆଉ ପାରୁନି ପ୍ରଭୁ । ମତେ ମୁକ୍ତି ଦିଅ । ହାତ ଯୋଡ଼ି ସୁରଭି କରୁଣା ଭିକ୍ଷା କରୁଥିଲେ ।

ତାପସ କିନ୍ତୁ ମାଗୁଥିଲେ ସୁରଭିଙ୍କ ଖୁସି । କହୁଥିଲେ ତାଙ୍କ ବିନା କିଛି ଆବଶ୍ୟକ ନାହିଁ । ତାଙ୍କର ଇଚ୍ଛା ପୂରଣ କର, ହେ ମହାବାହୁ ।

କ'ଣ ମାଗୁଥିଲେ ଉଭୟେ ! ସୁରଭିଙ୍କୁ ମୁକ୍ତି ମିଳିଗଲେ, କାହାକୁ ନେଇ ସମ୍ପର୍କରେ ପୂର୍ଣ୍ଣତା ପାଇବେ ତାପସ୍ । ଈଶ୍ୱରଙ୍କ ବିଚାର ସର୍ବୋପରି । କାହାର ମାଗିବାରେ କ'ଣ ଅଛି ? ଯାହାର ଯାହା ପ୍ରାପ୍ୟ ସବୁ ହିସାବ କରି ଦିଅନ୍ତି ସେ । ମନ୍ଦିର ବାହାରକୁ ବାହାରି ଆସିଥିଲେ ସମସ୍ତେ, ସୁଗାର କମ୍ ହେଉଥିଲା ତାପସ୍‌ଙ୍କର, ଅଳ୍ପ ଅଳ୍ପ ମୁଣ୍ଡ ବୁଲାଉଥିଲା । ଆନନ୍ଦ ବଜାର ଭିତରୁ ଖଜା କିଣି ଖଣ୍ଡେ ପାଟିରେ ଖୁଆଇ ଦେଉଥିଲେ ସୁରଭି । ମଣ୍ଡପ ଉପରେ ବସି ପାଣି ଟିକେ ପିଇବା ପରେ ସେ ସାଷ୍ଟାମ ହୋଇଥିଲେ । ମହାପ୍ରସାଦ ଉଠିନଥିଲା, ଶୁଖିଲା ଭୋଗ ନେଇ ହୋଟେଲକୁ ମୁହାଁଇଲେ । ବାଟରେ ଡେରିମିଲ୍କ ଚକୋଲେଟ୍ ଗୋଟେ ଖଣ୍ଡ ଖଣ୍ଡ କରି ହାତକୁ ଦେଉଥାନ୍ତି ତାପସ୍‌ଙ୍କ ବାରଣ ସତ୍ତ୍ୱେ ।

Digitized by PPRACHIN, SOA

ଭାବୁଥାନ୍ତି ତାପସ୍, ଏଇ କ'ଣ ଅରୁଣଙ୍କ ସୁରଭି, କେମିତି ? ଗୋଟିଏ ମୁହୂର୍ତ୍ତ ବି ଭୁଲ୍‌ରେ ଭୁଲ୍ ହୋଇନି ସୁରୁଙ୍କର ସ୍ତ୍ରୀ ଆଉ ମା' ପଣିଆ ନିଭାଇବାରେ । କେଉଁ ସମୟରେ ସେ ଅରୁଣକୁ ମନେ ପକାନ୍ତି ? ଏତେ ଆତ୍ମସମ୍ମାନ ସମ୍ପନ୍ନ ନାରୀଟିଏ ହୋଇ ବି ସମସ୍ତ ଲଜ୍ଜାକୁ ପଛରେ ପକାଇ ମାନିନିଅନ୍ତି ଯେ ଆଜି ବି ଚାହାନ୍ତି ତାଙ୍କ ପ୍ରେମିକକୁ ।

ସୁରଭି - କ'ଣ ଭାବୁଛ ? ହୋଟେଲ୍ ହୋଇଗଲା । ଚାଲ, ଜିନିଷ ରଖିଦେଇ ବ୍ରେକ୍‌ଫାଷ୍ଟ କରିନେବା ।

ସମୁଦ୍ରକୁ ମୁହଁ କରି ଠିଆ ହୋଇଥାଏ ହୋଟେଲ୍‌ଟି, ଯେଉଁଠାରୁ ରାତିରେ ସମୁଦ୍ରକୁ ମନ ଭରି ଦେଖିହେବ । ଖୁବ୍ ଖୁସି ହେଉଥିଲେ ସୁରଭି । କଲୋନୀର ସମସ୍ତେ ରୁମ୍‌ରେ ଜିନିଷପତ୍ର ରଖିବାକୁ ଚାଲିଗଲେ । ତାପସ୍ ହୋଟେଲ୍ ବୟକୁ ଡାକି ରୁମ୍‌କୁ ଲଗେଜ୍ ପଠାଇ ଦେଇଥିଲେ । ମହାପାତ୍ର ବାବୁ ସବୁ ବୟସ୍କ ଲୋକମାନଙ୍କ ଖାଇବା କଥା ବୁଝୁଥିଲେ ।

ତାପସ୍ ଓ ସୁରଭି ଦୋସା ଖାଇ ଚାବି ନେଇ ରୁମ୍ ଖୋଲିଥିଲେ । ରୁମ୍ ଭିତରୁ କାଚ ଝରକା ଦେଇ ସମୁଦ୍ରଟା ବହୁତ ସୁନ୍ଦର ଦିଶୁଥିଲା । ସବୁ ଜିନିଷକୁ ବ୍ୟାଗ୍‌ରୁ ବାହାର କରି ଉଭୟେ ଧୁଆଧୋଇ ହୋଇ ଫ୍ରେସ୍ ହୋଇଥିଲେ ।

ବେଡ୍ ଉପରେ ସମୁଦ୍ରକୁ ଚାହିଁ ବସିଥାନ୍ତି ତାପସ୍ । ଖୁବ୍ ପାଖରେ ବସିଥିଲେ ସୁରଭି । କାନ୍ଧରେ ମୁଣ୍ଡ ରଖିଥିଲେ ଅଳସୀ ପ୍ରିୟାଟେ ପରି । ତାପସ୍ ବି କେଉଁ କମ୍ ରୋମାଣ୍ଟିକ୍ ଥିଲେ ଯେ । ଚିବୁକରେ ଆଙ୍କି ଦେଇଥିଲେ ମଧୁର ଚୁମ୍ବନ । ଲାଜରେ ଝାଉଁଳି ଯାଇଥିଲେ ସୁରଭି । ଆଲିଙ୍ଗନ କରି ନେଇଥିଲେ ସ୍ୱାମୀ । କହୁଥିଲେ, ସୁରୁ ବଞ୍ଚି ପାରିବିନି ତୁମକୁ ଛାଡ଼ି । କଥା ଦିଅ, ମତେ ଛାଡ଼ି କେବେ ଯିବନି ।

ସୁରଭି - ଯଦି ତୁମକୁ ଛାଡ଼ି ଯିବାର ଥାଆନ୍ତା, ତେବେ ଆଗରୁ ଛାଡ଼ି ଯାଇନଥାନ୍ତି ।

ତାପସ୍ - ହେଲେ.......

ସୁରଭି - ସିନ୍ଦୂର ଆଉ ପ୍ରେମର ରଙ୍ଗ ଭିତରେ ସିନ୍ଦୂରର ରଙ୍ଗ ଗାଢ଼ ବୋଲି ତ ସବୁଦିନ ପାଇଁ ତୁମର ହୋଇଗଲି । ଆଉ କେବେ ବୁଝିବ !

ସ୍ୱାମୀଙ୍କ ଛାତିରେ ମୁଣ୍ଡ ଗୁଞ୍ଜି ଦେଇଥିଲେ ସୁରଭି । ଅନେକ ଦିନ ପରେ ପରମ ଶାନ୍ତି ଉପଲବ୍ଧି କରୁଥିଲେ । ଅନନ୍ତ ନିଦ୍ରାରେ ଶୋଇ ଯିବାକୁ ଇଚ୍ଛା ହେଉଥିଲା ଏମିତି ସ୍ୱାମୀଙ୍କ ପାଖରେ ।

ତାପସ୍ - ସୁରୁ, ଶୋଇଗଲ ନା କ'ଣ ? ଦେଖ ନା, ସମୁଦ୍ରଟା କେମିତି ମାଡ଼ି ଆସୁଛି,

Digitized by PPRACHIN, SOA

ଆଉ କୂଳରୁ ଫେରି ଚାଲିଯାଉଛି । ଠିକ୍ ଆମମାନଙ୍କ ଜୀବନ ଭଳି । ଆମେ ବି ଜୁଆର ଭଳି ମାଡ଼ି ଚାଲୁ, ବୟସର ଅପରାହ୍ନ କିନ୍ତୁ ଆମକୁ ପୁଣି ପଛକୁ ଫେରେଇ ନିଏ । ଯେଉଁଠୁ ଆରମ୍ଭ ହୋଇଥାଏ ଆମର ଚାଲିବା, ପୁଣି ସେଠାକୁ ପଛେଇ ପଛେଇ ଯିବାକୁ ହୁଏ ।

ସୁରଭି – ତୁମେ ସତ କହୁଛ । ପିଲାଦିନେ ଖାଲି ଆଗକୁ ଯିବାର ସ୍ୱପ୍ନ ଦେଖି ଦେଖି ଏତେ ଆଗରେ ପହଞ୍ଚିଗଲେ । ଏବେ ଆଗକୁ ନୁହେଁ, ପଛକୁ ଦେଖିବାକୁ ଇଚ୍ଛା ହେଉଛି । ପାଦ ଚିହ୍ନକୁ ନିରେଖି ଦେଖିବାକୁ ମନ ହେଉଛି । କେତେ ଦିନ କିଏ ଆମ ସାଙ୍ଗରେ ଚାଲିଛି ? ବାପା, ମା, ପରିବାର, ଭାଇ, ଭଉଣୀ, ତୁମେ, ତେଜୁ ଓ ଅନ୍ୟମାନଙ୍କ ପାଦ ଚିହ୍ନ ବି ସ୍ପଷ୍ଟ ଦିଶୁଛି । କିନ୍ତୁ ଦୁଇଟି ପାଦ ଚିହ୍ନ ଜନ୍ମଠାରୁ ଆଜି ପର୍ଯ୍ୟନ୍ତ ସାଙ୍ଗରେ ଅଛନ୍ତି, ସେଇ ଦୁଇଟି କେବଳ ନିଜର । ତୁମେ ବି ଦେଖ, ସେଇ ସମାନ ଜିନିଷ ହିଁ ଦେଖିବ ।

ତାପସ୍ – ତୁମେ ସବୁବେଳେ ଅବୋଧ ସୁରୁ । ମୁଁ ବୁଝି ପାରେନି ତୁମକୁ । ହଉ, ଏବେ କୁହ ଲଞ୍ଚ୍ ପରେ ସମସ୍ତଙ୍କ ସାଙ୍ଗରେ ବୁଲିଯିବା ନା ରୁମ୍‌ରେ ରହିବ ।

ସୁରଭି – ସନ୍ଧ୍ୟାବେଳେ ସମୁଦ୍ର କୂଳରେ ବୁଲି ଆସିବା । ଟିକେ ରେଷ୍ଟ ନେବା ଏଇଠି । ରୁମ୍‌ରେ ଲଞ୍ଚ୍ କରିଦେବା ।

ମହାପାତ୍ର ବାବୁଙ୍କୁ ଫୋନ୍ କରି ଜଣେଇ ଦେଇଥିଲେ ତାପସ୍ । ଦେହ ବ୍ୟସ୍ତ ଲାଗୁଛି ବୋଲି ବାହାନା କରି ନେଲେ, ହେଲେ ମନରେ ଥିଲା ଆଉ କିଛି । ଆଜିର ଦିନକୁ ସ୍ୱତନ୍ତ୍ର କରିବାକୁ ଚାହୁଁଥିଲେ ।

ଗତାନୁଗତିକ ଭାବେ ସରିଯାଇଥିଲା ମଧ୍ୟାହ୍ନଭୋଜନ । ସାଦାସିଧା ଖାଦ୍ୟରେ ଆପ୍ୟାୟିତ କରିଥିଲେ ନିଜକୁ ସେମାନେ । କିଛି ସମୟ ଶୋଇ ଯାଇଥିଲେ ।

୫ଟା ବେଳକୁ ସମସ୍ତଙ୍କ ସାଙ୍ଗରେ ସମୁଦ୍ର କୂଳରେ ଦେଖା ହେବ ବୋଲି ପୂର୍ବରୁ କହି ଦେଇଥିଲେ । ତାପସ୍‌ଙ୍କ ପସନ୍ଦର ଡ୍ରେସ୍ ପିନ୍ଧିଥିଲେ ସୁରଭି । ମ୍ୟାଚିଂ ବିନ୍ଦିଟା ମୁହଁକୁ ଖୁବ୍ ମାନୁଥିଲା । ତୁମେ ଆସ, ମୋର ହୋଟେଲ କାଉଣ୍ଟରରେ କାମ ଅଛି କହି ବାହାରକୁ ଚାଲିଗଲେ ତାପସ୍ । ହୋଟେଲ୍ ରୁମ୍‌ଟାକୁ ବୋହୂଟିଏ ପରି ସଜେଇ ଦେବାକୁ ଅର୍ଡର ଦେଉଥିଲେ । ସରପ୍ରାଇଜ ଦେବେ ପ୍ରାଣପ୍ରିୟା ପତ୍ନୀଙ୍କୁ ।

ମିରର୍ ଆଗରେ ଠିଆ ହୋଇ ଚୁନରୀଟା ସଜାଡୁ ସଜାଡୁ କାହାର ପ୍ରତିଛବି ଦିଶୁଥିଲା ସୁରଭିଙ୍କୁ । ମୁହଁଟା ଠିକ୍ ଭାବରେ ଦେଖା ଯାଉନଥିଲା, ହେଲେ ସେଇ ସମାନ ଅବୟବ, ଆରେ ଇଏ ତ ଅରୁଣ । ତାଙ୍କ ଅରୁଣ । ସେ କହୁଥିଲେ ମୋ ପସନ୍ଦ ଆଉ ତାପସ୍‌ଙ୍କ ପସନ୍ଦ ତୁମେ ସୁରଭି । ଡ୍ରେସ୍‌କୁ ଟିକେ ଭଲ କରି ଦେଖ, ଏଇଟା ବି ମୋର ପସନ୍ଦର ରଙ୍ଗ ।

Digitized by PPRACHIN, SOA

ଜାଣିଛ, ଅଭିମାନ କରିଛି ତୁମ ଉପରେ । କେମିତି ଏତେ ସହଜରେ ତୁମ ସ୍ୱାମୀଙ୍କୁ କହି ଦେଇ ପାରିଲ ଯେ, ପ୍ରେମର ରଙ୍ଗ ଫିକା ବୋଲି ମୁଁ ତୁମକୁ ଛାଡ଼ି ଚାଲିଗଲି । ସିନ୍ଦୂର ପିନ୍ଧେଇ ପାରିଲିନି ବୋଲି ଏତେ କଷ୍ଟ ଦେଉଛ ନିଜକୁ । ଆସିବି, ନିଶ୍ଚୟ ତୁମ ସିନ୍ଦୂର ହୋଇ, ମନା କରିବନି ମୋତେ । ସମୟ ଛଡ଼େଇ ନେଇଥିଲା, ସେ ହିଁ ଏକାଠି କରିବ । ପ୍ରତିଛବିଟା ଅପସରି ଯାଉଥିଲା ଧୀରେ ଧୀରେ ।

ଯିବାକୁ ଡେରି ହେଉଥାଏ । ଏପର୍ଯ୍ୟନ୍ତ କାହିଁକି ସୁରୁ ତଳକୁ ଆସିଲେନି ବୋଲି ବ୍ୟସ୍ତ ହୋଇ ରୁମ୍‌କୁ ଫେରିଲେ ତାପସ୍ । ସ୍ଥାଣୁ ହୋଇ ବସିଥାନ୍ତି ସୁରଭି, ପଥର ମୂର୍ତ୍ତି ପରି । ସ୍ୱାମୀଙ୍କ ଡାକ ଶୁଣା ଯାଉନଥାଏ । ହଲେଇ ଦେଲେ ତାପସ୍ । ଡେରି ହେଲାଣି, ସମୁଦ୍ର କୂଳ ଆଡ଼େ ଯିବନି କି ?

ସଂଜ୍ଞା ଫେରିପାଇଲେ ସୁରଭି । ସାମ୍ନାରେ ସ୍ୱାମୀଙ୍କୁ ଦେଖି ଚମକି ପଡ଼ିଲେ ।

ସୁରଭି – କିଛି କହୁଛ କି ?

ତାପସ୍ – ହଁ, ଏବେ ତ ଚାଲ, କେତେ ଆଉ ସଜେଇ ହେବ ?

ସୁରଭି – ନା ନା, କେତେବେଳୁ ରେଡି ହୋଇ ଗଲିଣି । ଏମିତି ବସି ଯାଇଥିଲି । ରୁମ୍‌ଟା ଭଲ କରି ଦେଖିନେଲେ ସେ ଆଉ ଥରେ । କାଇଁ, ଅରୁଣ ତ କେଉଁଠି ନଥିଲେ । ଅରୁଣଙ୍କ କଥା କିନ୍ତୁ ତାଙ୍କ କାନରେ ବାଜୁଥିଲା ବାରମ୍ବାର, ସିନ୍ଦୂର ହୋଇଆସିବି । ସେ ଡରି ଯାଉଥିଲେ, ତାପସ୍‌ଙ୍କୁ ଦେଖୁଥିଲେ ବାରମ୍ବାର ।

ଅନ୍ୟମନସ୍କ ଭାବେ ସ୍ୱାମୀଙ୍କ ସହିତ ତଳକୁ ଚାଲିଗଲେ । ସାମ୍ନାରେ ସମୁଦ୍ର, ଚାଲି ଚାଲି ସେଇଠି ପହଞ୍ଚି ଯାଇଥିଲେ ଉଭୟ । କଲୋନୀର ମିଶ୍ର ବାବୁ, ନାୟକ ବାବୁ, ଆୟାର ବାବୁ ଇତ୍ୟାଦିଙ୍କ ପରିବାର ଲୋକଙ୍କ ସହ ଦେଖାହେଲା ସେଇଠି । ପ୍ରାୟ ଘଣ୍ଟାଏ ପାଖାପାଖି ସେମାନଙ୍କ ସହ କାଟିବା ପରେ ତାପସ୍ ଚାଲି ଯାଇଥିଲେ ବେଳାଭୂମିର ନିକାଞ୍ଚନ ସ୍ଥାନକୁ, କିଛି ସମୟ ଏକାକୀ ବିତାଇବା ପାଇଁ । ସେ ଭଲପାଆନ୍ତି ନିରବତାକୁ । କିଛି ସମୟ ପରେ ତାଙ୍କୁ ଖୋଜି ଖୋଜି ସେଇଠି ପହଞ୍ଚି ଯାଇଥିଲେ ସୁରଭି ।

ସୁରଭି – ଏଇଠି, ଏକୁଟିଆ କ'ଣ କରୁଛ ଯେ, ଭିଡ଼ ଭିତରୁ ବାହାରି ଆସିଲ କାହିଁକି ? ଏକାକୀତ୍ୱ ମଣିଷକୁ ଖାଇ ଗୋଡ଼ାଏ, ଭଲ ଲାଗୁନି ଯଦି ଚାଲ ରୁମ୍‌କୁ ଫେରିଯିବା ।

ତାପସ୍ – ମୋ ପାଖରେ ବସ ସୁରୁ, ତୁମେ ବି ନିରବରେ ଶୁଣ ସମୁଦ୍ରକୁ । ସେ କ'ଣ କହୁଛି, ଆମେ ଆସିଛେ, ଆଉ ନିଶ୍ଚୟ ଫେରିଯିବା, ଯାହା ଏଠାରୁ ପାଇଛେ, ସବୁ ଏଇଠି ଛାଡ଼ି ଯିବାକୁ ପଡ଼ିବ ।

Digitized by PPRACHIN, SOA

ସୁରଭି - ସେକଥା ସବୁ ରଖ ତୁମ ପାଖରେ । ଟିକେ ଦୂରରେ ଲେମନ୍ ଟି ବାଲା ବୁଲୁଛି । ମୁଁ ଦୁଇଟା ନେଇ ଆସେ, ଶୀତୁଆ ସନ୍ଧ୍ୟାରେ ସମୁଦ୍ର କୂଳରେ ଚ'ର ମଜା, ଆହାଃ ।

ଏହା କହୁ କହୁ ସେଠାରେ ଲେମନ୍ ଟି ବାଲା ଆସି ପହଞ୍ଚିଲା । ତା'ଠାରୁ ଚା' ଦୁଇ କପ୍ ନେଇ ବସି ପଡ଼ିଲେ ଦୁହେଁ ।

ତାପସ୍ - ଖୁବ୍ ରଙ୍ଗୀନ୍ ମିଜାଜ, କଥା କ'ଣ !

ସୁରଭି - ତୁମର ଯେଉଁ କଥା ! ଏବେ ବେଶି ଥଣ୍ଡା ଲାଗିଲାଣି, ଚାଲ, ରୁମ୍‌କୁ ପଳେଇବା ।

ଘଣ୍ଟାକୁ ଦେଖୁଥିଲେ ତାପସ୍ । ଆଠଟା ବାଜିଛି । ଆହୁରି ଅଧ ଘଣ୍ଟାଏ ପରେ ରୁମ୍‌କୁ ସଜେଇବାକୁ ସମୟ ନେଇଛନ୍ତି ହୋଟେଲ ବାଲା । ଗୋଟେ ଜାଗାରେ ଦୁଇଟା ଚା ପିଇ ନେଇଥିଲେ ସେ । ଆଉ କିଛି ସମୟ ବୁଲିଥିଲେ ଏପଟସେପଟ ହୋଇ । ସମୟ ହୋଇ ଯାଇଥିଲା, ହୋଟେଲ୍ ଆଡ଼କୁ ମୁହାଁଇଥିଲେ । ମାତ୍ର ଦଶ ମିନିଟ୍‌ର ବାଟ । ମନେ ମନେ ପୁଲକିତ ହେଉଥାନ୍ତି ତାପସ୍ । କେମିତି ଦିଶୁଥିବ ରୁମ୍‌ଟା । ବୋହୂଟିଏ ଭଳି, ନା ପରୀଟିଏ ଭଳି । ରୁମ୍‌ର କବାଟ ଖୋଲିବାକୁ କହିଥିଲେ ସୁରଭିଙ୍କୁ । କବାଟ ଖୋଲୁ ଖୋଲୁ ରକ୍ତ ଗୋଲାପ ସବୁ ଅପେକ୍ଷା କରିଥିଲେ ସ୍ୱାଗତ କରିବାକୁ ଯେମିତି । ହାଲକା ମ୍ୟୁଜିକ୍ ସାଙ୍ଗକୁ ଗୋଲାପ ଆଉ ରଜନୀଗନ୍ଧାର ବାସ୍ନା ମୁଗ୍ଧ କରି ଦେଉଥିଲା । ଲାଇଟ୍‌ର ସାଜସଜ୍ଜା ରୁମ୍‌କୁ ରମଣୀୟ କରି ତୋଳୁଥିଲା । ଓଇଣ୍ଡଚାମ୍‌ର ଶବ୍ଦ ସବୁ ଗୁଞ୍ଜରିତ ହେଉଥିଲା ମଝିରେ । ସୁରଭି ଆଶ୍ଚର୍ଯ୍ୟ ହୋଇ ଚାହୁଁଥିଲେ । ଆଉ ତାଙ୍କୁ ଦେଖୁଥିଲେ ତାପସ୍ । ସୁରଭି ତାଙ୍କୁ ଦିଶୁଥିଲେ ଅଭିଶପ୍ତ ଗନ୍ଧର୍ବୀଟେ ପରି ।

ଖୁବ୍ ରୋମାଞ୍ଚିତ ହେଉଥିଲେ ସୁରଭି । ସାଙ୍ଗରେ ହାତ ଧରାଧରି ହୋଇ ରୁମ୍ ଭିତରକୁ ପ୍ରବେଶ କରିଥିଲେ ।

ସୁରଭି - ଏସବୁ କ'ଣ ତାପସ୍ ।

ପାଟିରେ ଆଙ୍ଗୁଠି ଦେଇ ଚୁପ୍ କରାଇ ଦେଇଥିଲେ ତାପସ୍ ।

ତାପସ୍ - ଆଜି କିଛି ବି କୁହନା, କେବଳ ଶୁଣ, ତୁମ ସ୍ୱାମୀଙ୍କଠାରୁ, ଅନୁଭବ କର ତାଙ୍କୁ, ତୁମ ଭିତରର ଅହଲ୍ୟାକୁ ପୁନର୍ଜନ୍ମ ଦିଅ ସୁରୁ, ପାଷାଣ ହୋଇ ଯାଇଥିବା ହୃଦୟକୁ ତରଳେଇବାକୁ ଚେଷ୍ଟା କର ।

ସ୍ୱାମୀଙ୍କର ଏତେ ବିନୟଭରା ଅନୁରୋଧକୁ କେଉଁ ସ୍ତ୍ରୀ ବା ଏଡ଼େଇ ଦେଇ ଯାଇପାରିବ । ନିଜକୁ ସମ୍ଭାଳି ପାରିନଥିଲେ ସୁରଭି । ହାତ ଧରି ନେଇଥିଲେ ସ୍ୱାମୀଙ୍କର ।

Digitized by PPRACHIN, SOA

କ'ଣ କହିଯାଉଛ ତୁମେ । ଏମିତି ସ୍ୱର୍ଗୀୟ ପରିବେଶରେ ତୁମେ କ'ଣ କିଛି ଅନୁଭବ କରିବାକୁ ଚାହୁଁନା । ମନ୍ତ୍ରମୁଗ୍ଧ ହୋଇ ଚାହୁଁଥିଲେ ସ୍ତ୍ରୀଙ୍କୁ ତାପସ୍ । ରୁମ୍‌ର କବାଟ ବନ୍ଦ ହୋଇଯାଇଥିଲା କେତେବେଳୁ, ଆଶ୍ଳେଷର ସହ ବାହୁ ବନ୍ଧନରେ ଜଡ଼େଇ ଧରିଥିଲେ ଉଭୟ ଉଭୟଙ୍କୁ । ବଢୁଥିଲା ହୃଦୟର ସ୍ପନ୍ଦନ । ବୟସ ସବୁ ପଛକୁ ମୁହଁ କରି ଦଉଡ଼ିବାକୁ ଆରମ୍ଭ କରିଥିଲେ ।

ଧୀମା ଧୀମା ସଙ୍ଗୀତର ତାଳେ ତାଳେ ହଲୁଥିଲେ ଉଭୟ । ନିରବତା ହିଁ କଥା କହୁଥିଲା । କେହି କାହାର ବାହୁ ବନ୍ଧନ ଭିତରୁ ମୁକୁଳିବାକୁ ଚାହୁଁ ନଥିଲେ ଯେମିତି । ନାଚି ନାଚି ଥକିଯିବା ପରେ ଖଟ ଉପରେ ଚିତ୍ ହୋଇ ପଡ଼ି ଯାଇଥିଲେ କିଛି ସମୟ । ଦୁହିଁଙ୍କର ପାଦ ଓହଳି ଥିଲା ତଳକୁ । ସେମାନେ ବି ଆଉ ନିଜ ଆୟତ୍ତରେ ରହିବାକୁ ଚାହୁଁ ନଥିଲେ ।

ତାପସ୍ – କିଛି କହିବନି ସୁରୁ ?

ସୁରଭି – ଅନେକ କିଛି !

ତାପସ୍ – କୁହ ନା, ତୁମ ହୃଦୟର କଥା ଶୁଣିବା ପାଇଁ ତ ମୋର ଏ ପ୍ରତୀକ୍ଷା । ଆଉ କେତେ ଦିନ ଆମେ ବଞ୍ଚିବା ଯେ ।

ସୁରଭି – ତୁମର ନିରବତା ହିଁ ତୁମ ହୃଦୟର କଥା କହିଯାଏ । ମୋର ସବୁଠାରୁ ପସନ୍ଦ ତୁମ ନିରବତା ତାପସ୍ । ସେଥିପାଇଁ ତ ତାକୁ ମୋର ସାଙ୍ଗ କରିନେଲି ।

ତାପସ୍ – ବାହାରି ଆସ ସେ ନିରବତା ଭିତରୁ । ପ୍ରଗଳ୍ଭା ହୋଇଯାଅ । ମତେ ତାପସ୍‌ର ସୁରଭି ନୁହେଁ, ଅରୁଣର ସୁରଭି ଦରକାର । ସ୍ତ୍ରୀ ନୁହେଁ, ପ୍ରେମିକାଟେ ଦରକାର ।

ସୁରଭି – ଉଠ ଖଟ ଉପରୁ । ଧର ମୋର ହାତ ।

ତାପସ୍ ଆଉ ସୁରଭି ଏବେ ଚକା ଚକା ଭଉଁରୀ ଖେଳୁଥିଲେ । ମନ ଖୋଲି ହସୁଥିଲେ ଠୋ ଠୋ ହୋଇ । ତାପସ୍ ଛୁଇଁବାକୁ ଚାହୁଁଥିଲେ ସୁରଭିଙ୍କୁ, ହେଲେ ସେ ହାତପାଆନ୍ତାରୁ ଖସି ଯାଉଥିଲେ । କେତେବେଳେ ବେସିନ୍ ଖୋଲି ପାଣି ଛାଟି ଦେଉଥିଲେ, ଆଉ ଆଞ୍ଜୁଳା ଭର୍ତ୍ତି ଫୁଲ ପାଖୁଡ଼ା ବିଞ୍ଚି ଦେଉଥିଲେ ତାପସ୍‌ଙ୍କ ଉପରେ । ଓଢ଼ଣିରେ ଆଖି ଉପରେ ପଟି ବାନ୍ଧି ମତେ ଛୁଇଁ ଦେଖାଅ ବୋଲି ସ୍ୱାମୀଙ୍କୁ ଚିଡ଼ାଉଥିଲେ । ଖଟରୁ ବେଡସିଟ୍ ଟାଣି ଆଣି ଦୁଇ ଜଣ ତା' ତଳେ ଲୁଚି ଯାଉଥିଲେ । ଏସବୁ ଖୁବ୍ ଉପଭୋଗ କରୁଥିଲେ ତାପସ୍ । ତାଙ୍କୁ ସୁରଭି ଦିଶୁଥିଲେ ପ୍ରାଚୀଙ୍କ ଭଳି । କିଛି ବି ଫରକ ନଥିଲା ଦୁଇ ଜଣଙ୍କ ଭିତରେ । ପ୍ରଗଳ୍ଭ ହେବା ଆରମ୍ଭ କରିଥିଲେ ତାପସ୍, ଗମ୍ଭୀର ହେଉଥିଲେ ସୁରଭି ।

Digitized by PPRACHIN, SOA

ସ୍ୱାମୀଙ୍କ ସୁଗାର କମ୍ ହୋଇଯିବ ଏବେ ନଖାଇଲେ, ମନେ ପକାଉଥିଲେ ତାପସ୍‌ଙ୍କୁ କ୍ୟାଣ୍ଡେଲ ଲାଇଟ୍ ଡିନର କରିବା ପରା । ବାଥରୁମ୍ ଯାଇ ଫ୍ରେସ୍ ହୋଇଯାଅ । ମୁଁ ଖାଇବା ଅର୍ଡର କରୁଛି ।

ଏପଟେ କିନ୍ତୁ ପ୍ରେମ ରଙ୍ଗରେ ବୁଡି ଯାଉଥିଲେ ତାପସ୍ । ତାଙ୍କୁ ରୁମ୍‌ଟା ସୁରଭିମୟ ଦିଶୁଥିଲା ।

କ୍ୟାଣ୍ଡେଲ ଲାଇଟ୍ ଡିନର ପାଇଁ ରେଡ଼ି ହୋଇ ଯାଇଥିଲେ ଉଭୟ । ଡାଇନିଂ ଟେବୁଲ ଉପରେ ଖାଦ୍ୟ ସଜା ହୋଇ ରହିଥିଲା । ଖାଇବା ବାଢୁଥିଲେ ସୁରଭି, ତାଙ୍କ ମୁହଁକୁ ଚାହିଁ ରହିଥିଲେ ତାପସ୍ । ଖାଇବା ଆରମ୍ଭ କର ନା- ସ୍ୱାମୀଙ୍କ ମୁହଁକୁ ଚାହିଁ କହୁଥିଲେ । ଚାରି ଆଖିର ମିଳନ ହୋଇଗଲା । ଲାଜେଇ ଯାଇଥିଲେ ସେ । ଆଖିପତା ତଳକୁ ହୋଇ ଯାଇଥିଲା । ସାମ୍ନାରୁ ଉଠି ସ୍ତ୍ରୀଙ୍କ ପାଖକୁ ଚାଲି ଯାଇଥିଲେ । ବେକ ଚାରିପାଖେ ହାତ ଗୁଡ଼େଇ ଗେହ୍ଲା ହୋଇଥିଲେ କିଛି ସମୟ । ପାଖରେ ବସି ହାତରେ ଖୁଆଇ ଦେଇଥିଲେ ମନ ଭରିବା ପର୍ଯ୍ୟନ୍ତ । ଆଉ ସ୍ତ୍ରୀଙ୍କ ହାତରୁ ଖାଇ ରାତ୍ରିଭୋଜନ ଶେଷ କରିଥିଲେ ।

ତାପସ୍ - ସୁରୁ, ଆଜି ମୋ ସାଙ୍ଗରେ ସେଲିବ୍ରେଟ୍ କରୁଥିବା ମୁହୂର୍ତ୍ତ ସବୁ କେମିତି ଲାଗୁଛି ?

ସୁରଭି - ବହୁତ ଭଲ ।

ତାପସ୍ - ଆଉ କିଛି କରିବାକୁ ଚାହେଁ, ତୁମର ହଁ ଦରକାର ।

ସୁରଭି - ମୁଁ କ'ଣ ତୁମକୁ କିଛି ମନା କରେ । ଆଜି ଅନୁମତି ମାଗୁଛ ଯେ !

ତାପସ୍ - ମନା କରିବନି । ସାଙ୍ଗଟେ ଆବଶ୍ୟକ ସେଥିପାଇଁ । ମୋ ସାଥ୍ ଦେବ ନା ? ଅନୁରୋଧ କରୁଛି, ପ୍ଲିଜ୍ ।

ସୁରଭି - ଆଜି ତୁମର ସବୁ କଥାରେ ରାଜି । ହେଲା ।

ତାପସ୍ - ଲା... ଲା... ଲା... ଲେଟ୍‌ଅସ୍ ହାଭ୍ ସାମ୍ପେନ୍ ସେଲିବ୍ରେସନ୍ ।

ସୁରଭି - ଆରେ ଶୁଣ ନା ।

ତାପସ୍ - ଆଜି ମତେ କିଛି ଶୁଣାଯାଉନି ।

ଏହା କହି ସେ ସାମ୍ପେନ୍ ପାଇଁ ଅର୍ଡ଼ର ଦେଇଥିଲେ ।

କିଛି କ୍ଷଣ ପରେ ବାହୁରେ ଟେକି ନେଇଥିଲେ ସ୍ତ୍ରୀଙ୍କୁ । ଯୁବକ ପାଲଟି ଯାଇଥିଲେ କିଛି ସମୟ ପାଇଁ । ସୁରୁ, ମୋ ସୁରୁ, ବହୁତ ଖୁସି ମୁଁ ଆଜି । ସାମ୍ପେନ୍ ଆସି ଯାଇଥିଲା ।

Digitized by PPRACHIN, SOA

ଏବେ ଥିଲା ପାର୍ଟି ଟାଇମ୍ । ସାମ୍ପେନ୍ ବଟଲ୍‌କୁ ହଲେଇ ସାରିବା ପରେ ଖୋଲୁ ଖୋଲୁ ଅଧାରୁ ଅଧିକ ଓଦା ହୋଇ ଯାଇଥିଲେ ଦୁହେଁ । ବୋଧହୁଏ ଏସବୁ ଘଟୁଥିଲା ତାପସ୍‌ଙ୍କ ଜାଣତରେ । ବେଶୀ କିନ୍ତୁ ଭିଜିଥିଲେ ସୁରଭି । ସ୍ତ୍ରୀଙ୍କୁ ଗୋଟେ ଛୋଟ ପେଗ୍ ଧରେଇ ଦେଇ ନିଜେ ଦୁଇ ପେଗ୍ ନେଇ ଯାଇଥିଲେ । ସୁରଭିଙ୍କ ବାରଣ ଶୁଣିବାକୁ ଜମାରୁ ପ୍ରସ୍ତୁତ ନଥିଲେ । ନିଜ ହାତରେ ସ୍ତ୍ରୀଙ୍କୁ ପିଆଇ ଦେଇଥିଲେ ଦୁଇଟା ଛୋଟ ପେଗ୍ । କେବେ ଏସବୁର ଧାର୍ ଧାରି ନଥିବା ସୁରଭିଙ୍କୁ ରୁମ୍‌ର ସବୁକିଛି ଘୂରିବା ଭଳି ଲାଗୁଥିଲା । କିନ୍ତୁ ତାପସ୍ ଥିଲେ ପୂରା ହୋସ୍‌ରେ ।

ସୁରଭି – ତାପସ୍, ମତେ ତୁମର ଆହୁରି ପାଖକୁ ନିଅନା । ତୁମର ସ୍ପର୍ଶସବୁ ଆଜି କେମିତି କେମିତି ଲାଗୁଛି । ଆଖିପତା ବୁଜି ହୋଇ ଯାଉଥିଲା ତାଙ୍କର ।

ତାପସ୍ ଦୁଇ ହାତରେ ଟେକି ଧରି ଖଟ ଉପରେ ଶୁଆଇ ଦେଇଥିଲେ ସୁରଭିଙ୍କୁ । ମଖମଲି ଚାଦରଟେ ସ୍ତ୍ରୀଙ୍କୁ ଘୋଡ଼େଇ ଦେଇ ତା' ଭିତରେ ନିଜ ପାଇଁ ସ୍ଥାନ ଖୋଜି ନେଇଥିଲେ । ଓଦା ପୋଷାକରେ ଶୋଇ ଯାଇଥିଲେ ଦୁହେଁ । ଥଣ୍ଡା ଧରିବାର ଚିନ୍ତା ବି ନଥିଲା ।

ପାହାନ୍ତି ତାରା ଆକାଶରେ ଧୀରେ ଧୀରେ ବୁଡ଼ିବାକୁ ବସିଲାଣି । ଗଭୀର ନିଦରେ ଶୋଇ ଯାଇଥିଲେ ଉଭୟେ । ମହାପାତ୍ର ବାବୁଙ୍କ ଫୋନ୍ ରିଙ୍ଗ୍‌ରେ ଉଠିଥିଲେ । ଚନ୍ଦ୍ରଭାଗା ଯିବାର ଅଛି ଯେ । ସୁରଭିଙ୍କ ମୁଣ୍ଡଟା ବିନ୍ଧୁଥାଏ ଅଳ୍ପ ଅଳ୍ପ । ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟ ଉପଭୋଗ କରିବାର ଇଚ୍ଛା ତାଙ୍କୁ ଅଟକେଇ ପାରି ନଥିଲା । ଖୁବ୍ ଜଲ୍‌ଦି ଗାଧୋଇପାଧୋଇ ପ୍ରସ୍ତୁତ ହୋଇ ଯାଇଥିଲେ । ତାଙ୍କ ପରେ ପରେ ଟାୱେଲ୍ ଧରି ଗାଧୁଆ ଘରେ ପଶିଥିଲେ ତାପସ୍ । ଗୋଟି ଗୋଟି କରି ସବୁ ପ୍ୟାକିଂ କରି ରଖି ଦେଉଥାନ୍ତି ସୁରଭି ।

ତାପସ୍ – *(ମୁଣ୍ଡ ପୋଛୁ ପୋଛୁ)* ଆରେ ସବୁ ପ୍ୟାକିଂ କରି ଦେଲଣି ଯେ ? ତିନି/ଚାରି ଦିନ ରହିଥାନ୍ତେ ଏଇଠି । କୋଣାର୍କ ବୁଲି ଫେରି ଆସିଥାନ୍ତେ ।

ସୁରଭି – ନାଇଁ ଘରକୁ ଚାଲିଯିବା ସମସ୍ତେ ସାଙ୍ଗ ହୋଇ । ନଟଟା କ'ଣ କରୁଥିବ କେଜାଣି ? ନୂଆବର୍ଷ ପୂରା ପାଖେଇ ଆସିଲାଣି । ନୂଆ ଝିଅ ଘରକୁ ଯିବା । ମନେନାହିଁ କି ?

ତାପସ୍ – ସ୍ତ୍ରୀଲୋକଙ୍କୁ ଘର ଛଡ଼ା ଆଉ କିଛି ଦିଶେ ନା କ'ଣ ? ହଉ, ତୁମ କଥା ରହିଲା । ମହାପ୍ରସାଦ ନେଇଛ ନା ମୋ ଝିଅମାନଙ୍କ ପାଇଁ ?

ସୁରଭି – ଝିଅ ମାନେ ?

ତାପସ୍ – ଟେକୁ ଆଉ ଚିତ୍ରା ।

Digitized by PPRACHIN, SOA

ସୁରଭି - ଆରେ, ଥରଟିଏ ଦେଖାରେ ଚିତ୍ରା ତୁମର ଏତେ ପସନ୍ଦ ହୋଇ ଯାଇଛି ? ଚିତ୍ରା ପାଇଁ ମୋ ଡେଜ୍ଜୁ ଭାଗର ସ୍ନେହ କମ୍ ନହୁଏ ଯେମିତି ।

ତାପସ୍ - ତୁମେ ବି ସୁରୁ ! କ'ଣ ଯେ ଭାବ ?

ସବୁ ଜିନିଷ ପ୍ୟାକିଂ କରି ରୁମ୍ ଚେକ୍ କରେଇ ବାହାରି ଆସିଲେ ସମସ୍ତେ । ମେରାଇନ୍ ଡ୍ରାଇଭ୍‌ରେ ଗାଡ଼ି ଚାଲୁଥାଏ । ଥଣ୍ଡା ପବନ ବାଜୁଥାଏ ଦେହରେ ଶିର୍ ଶିର୍ ହୋଇ । ସମସ୍ତେ ମାତିଥାନ୍ତି ଅନ୍ତାକ୍ଷରୀରେ । ଖୁବ୍ ମଜା ଲାଗୁଥାଏ ।

ସିନ୍ଦୂରା ଫାଟୁଥାଏ ଧୀରେଧୀରେ । ଅରୁଣ ତାଙ୍କର ଅରୁଣିମାକୁ ବିଛେଇବା ପାଇଁ ଥାଆନ୍ତି ପ୍ରୟାସରତ । ହେଇ ତ ଆଗରେ ଚନ୍ଦ୍ରଭାଗା । ବସ୍ ଅଟକିଲା ଗୋଟେ ପାଖକୁ ଯାଇ । ଖପ୍‌ଖାପ୍ ଡେଇଁ ପଡ଼ିଲେ ସମସ୍ତେ । ତାପସ୍ ବି ଆଗରୁ ବାହାରି ଯାଇଥିଲେ । ସବା ପଛରେ ରହି ଯାଇଥାନ୍ତି ସୁରଭି ।

ପାଟି କରି ଡାକୁଥାନ୍ତି ସ୍ୱାମୀ- ସୁରୁ, ହେଇ ସୂର୍ଯ୍ୟ ବାହାରି ଆସିଲେ । ତୁମେ ମିସ୍ କରିଦେଲ । ଜଲ୍‌ଦି ବାହାରି ପାରିଲନି ଗାଡ଼ିରୁ !

ଆରେ ଆରେ, କେଉଁଠି ଥିଲା ବାଦଲଟା, ସୂର୍ଯ୍ୟ ମୁହଁ କାଢ଼ିବା ପୂର୍ବରୁ ଲୁଚେଇ ଦେଲା ! ପାଟି କରୁଥିଲେ ସମସ୍ତେ । ସୁରଭି ଗାଡ଼ିରୁ ବାହାରି ଯାଇଥିଲେ । ବାଦଲଟା ହଟି ଯାଉଥିଲା । ସୂର୍ଯ୍ୟ ବି ଯେମିତି ସତେ ଅପେକ୍ଷା କରିଥିଲେ କାହାକୁ । ସୁରଭି ବିନା ଅରୁଣ କାହାକୁ ତାଙ୍କ ରଙ୍ଗରେ ରଙ୍ଗାୟିତ କରିଥାନ୍ତେ ଯେ ! ଏବେ ସେ ହସି ହସି ବାହାରି ଆସୁଥିଲେ ! ତାଙ୍କ ରଙ୍ଗର ଲାଲିମାରେ ସୁରଭିଙ୍କ ମୁହଁ ଲାଲ୍ ଦିଶିଲା- ସତେ ଯେମିତି ସବୁ ଅରୁଣିମା ତାଙ୍କ ମୁହଁରେ ନେସି ହୋଇ ଯାଇଥିଲା ! କେମିତି ଗୋଟେ ଅଲଗା ଦିଶୁଥିଲେ ସୁରଭି । ଲାଜକୁଳୀ ପ୍ରେମିକାଟେ ପରି । x x x

ସମୟ କ'ଣ କାହା ପାଇଁ ଅଟକେ ? ଏ ଭିତରେ ନୂଆବର୍ଷ ଆସି ଯାଇଥିଲା । ସକାଳୁ ସକାଳୁ ଡେଜ୍ଜୁର ଫୋନ୍ । ଝିଅ, ଜ୍ୱାଇଁ, ନାତି, ନାତୁଣୀ ସମସ୍ତେ ଶୁଭେଚ୍ଛା ଦିଆନିଆ ହୋଇଗଲେ । ମନ୍ଦିର ହୋଇ ଚିତ୍ରା ଘରକୁ ଯିବେ । ସୁରଭିଙ୍କ ତାଗିଦ୍ ଖାଲି ପେଟରେ କୁଆଡ଼େ ଯାଇ ପାରିବେନି । ତାଙ୍କ ମନ ପସନ୍ଦର ଟିଫିନ୍ ବନେଇ ଦୁହେଁ ଖାଇବା ପରେ ମନ୍ଦିର ବାହାରିଲେ । ତାପସ୍‌ଙ୍କର ଦେହଟା ବିଲ୍‌କୁଲ୍ ଭଲ ଲାଗୁ ନଥାଏ । ପେଟରେ ଦରଜ । ବାରମ୍ବାର ପରିସ୍ରା ଲାଗୁଛି । ଏସବୁ ଗୁଡ଼ାଏ ଦିନ ହେଲା ଅନୁଭବ ହେଉଥିଲା । ସେ ଗୁରୁତ୍ୱ

Digitized by PPRACHIN, SOA

ଦେଉ ନଥିଲେ । ଏବେ କିନ୍ତୁ ବହୁତ ଅସୁସ୍ଥ ଲାଗୁଥିଲା । ଚିତ୍ରା ଘରୁ ଫେରିଲେ ସୁରଭିଙ୍କୁ କହିବେ ବୋଲି ମନେ ମନେ ନିଷ୍ପତ୍ତି ନେଇଥିଲେ ।

ନୂଆବର୍ଷ ବୋଲି ନୂଆ ଶାଢ଼ି ପିନ୍ଧି ପ୍ରସ୍ତୁତ ହୋଇଗଲେଣି ସୁରଭି ବାହାରକୁ ଯିବାକୁ । ଗାଡ଼ି ଗୋଟେ ବୁକ୍ କଲେ ତାପସ୍ । କାର୍ ଚଲେଇ ଯାଇ ପାରିବେ କି ନାହିଁ ସନ୍ଦେହ ହେଉଛି ନିଜ ଉପରେ । ଠାକୁରଙ୍କ ପାଇଁ ଭୋଗ ଓ ଚିତ୍ରା ଘର ପାଇଁ ଡ୍ରାଏ ଫ୍ରୁଟ୍ସର ଗୋଟେ ବଡ଼ ପ୍ୟାକେଟ୍ ଓ ମହାପ୍ରସାଦ ଧରି ବାହାରିଲେ ସୁରଭି । ନୂଆବର୍ଷ ପାଇଁ ନଟର ବି ଛୁଟି ।

ମନ୍ଦିରରେ ପ୍ରବଳ ଭିଡ଼ । ବାହାରୁ ଠାକୁରଙ୍କୁ ପ୍ରଣାମ କରି ଭୋଗ ସାରି ନନାଙ୍କୁ ଦକ୍ଷିଣା ଦେଇ ଦୁହେଁ ଚିତ୍ରାର ଘର ଆଡ଼କୁ ମୁହାଁଇଲେ ।

ସୁରଭି – ପ୍ରଥମ ଥର ନୂଆ ଝିଅ ଘରକୁ ଯିବା, ଆଉ କିଛି ମିଠା, ଫଳ, ଫୁଲତୋଡ଼ା ନେଇ ଆସୁଛି ?

ତାପସ୍ – *(ଦେହର ଅବସ୍ଥା ବିଗୁଡୁଥିଲା)* ତୁମେ ନେଇଆସ । ମୁଁ ସୁଲଭ ଶୌଚାଳୟ ଯାଇ ଆସୁଛି । ମତେ ବାରମ୍ବାର ପରିସ୍ରା ଲାଗୁଛି । ଦେହଟା ଭଲ ଲାଗୁନି । ଚିତ୍ରା ଘର ଲୋକଙ୍କୁ ଖାଲି ଶୁଭେଚ୍ଛା ଜଣେଇ ଚାଲି ଆସିବା ।

ସୁରଭି – ଠିକ୍ ଅଛି ।

କିଛି ସମୟ ଭିତରେ ମିଠା, ଫଳ ଇତ୍ୟାଦି ପ୍ୟାକ୍ କରି ନେଇ ଆସିଲେ । ବାଇଗଣୀ ରଙ୍ଗର ଟୁଲିପ୍ ଫୁଲର ତୋଡ଼ା ଥାଏ ହାତରେ । ଏଇ ରଙ୍ଗର ସବୁ ଫୁଲ ସୁରଭିଙ୍କର ପସନ୍ଦ ।

ସୁରଭି – ଦେଖିଲ, ସୁନ୍ଦର ହୋଇଛି ନା ?

ତାପସ୍ – ହଁ, ଠିକ୍ ତୁମ ପରି । *(ଓଠରେ ଶୁଖିଲା ହସ)*

କିଛି ସମୟ ଭିତରେ ଚିତ୍ରା ଦେଇଥିବା ଠିକଣାରେ ସେମାନେ ପହଞ୍ଚି ଯାଇଥିଲେ । ଗେଟ୍ ଖୋଲି ଭିତରକୁ ଗଲେ । କବାଟ ଖୋଲା ଥାଏ । ସେଇଠୁ ଡାକିଲେ- ଚିତ୍ରା, ମା' ଚିତ୍ରା ।

ରୋଷେଇ ଘରୁ ବାହାରି ଆସିଲେ ଚିତ୍ରା । ଏତେ ଶ୍ରଦ୍ଧାରେ କିଏ ଡାକୁଛି, ପୂରାପୂରି ମା'ଟିଏ ଭଳି ? ମା' ତ କେବେଠୁ ଚାଲି ଯାଇଛନ୍ତି । ଶାଶୂଙ୍କ ପରେ ଏମିତି ଡାକ ବହୁତ ବର୍ଷ ବ୍ୟବଧାନରେ ଶୁଣିବାକୁ ମିଳିଲା । ସାମ୍ନାରେ ସେମାନଙ୍କୁ ଦେଖି ଖୁସି ହୋଇ କହି ପକେଇଲେ ସେ, ସୁରଭି ମା' ଆପଣ ଆଉ ଅଙ୍କଲ୍ ଭିତରକୁ ଆସନ୍ତୁ । ମୋ' ଘରକୁ ଆସିଛନ୍ତି ବୋଲି ମୋର ବିଶ୍ୱାସ ହେଉନି ।

Digitized by PPRACHIN, SOA

ତାପସ୍ - ତୁ ପରା ଆମର ଝିଅ । ନୂଆବର୍ଷରେ ଶୁଭେଚ୍ଛା ଜଣେଇବାକୁ ଆସିଥିଲୁ । ମୋ ଦେହ ଆଜି ଭଲ ଲାଗୁନି । ଆମେ ସାଙ୍ଗେ ସାଙ୍ଗେ ଚାଲିଯିବୁ । ପରେ କେବେ ଆସିବୁ ।

ଚିତ୍ରାର ସ୍ୱାମୀ ଆଉ ଝିଅ ସାନି ଆସି ସେମାନଙ୍କୁ ଶୁଭେଚ୍ଛା ଜଣେଇଲେ ।

ଭିତରୁ ପୁରୁଷ କଣ୍ଠର ସ୍ୱର ଶୁଣାଗଲା । ସେ ପଚାରୁଥିଲେ, କିଏ ଆସିଛନ୍ତି ?

ଚିତ୍ରା - ଡାଡି, ଆସନ୍ତୁ ଦେଖିବେ । ମୋ ସୁରଭି ମା' ଆସିଛନ୍ତି । ଆଉ ତାପସ୍ ଅଙ୍କଲ୍ ବି ସାଙ୍ଗରେ ଅଛନ୍ତି ।

ଡାଡି - ତୁମ ସୁରଭି ମା' ? ଠିକ୍ ଅଛି, ମୁଁ ଆସୁଛି ।

ସୁରଭିଙ୍କୁ ସ୍ୱରଟା ଚିହ୍ନା ଚିହ୍ନା ଲାଗୁଥିଲା ।

ପରଦା ଆଡ଼େଇ ଯାଉ ଯାଉ ଚିତ୍ରାଙ୍କ ଶ୍ୱଶୁର ଅରୁଣ ଦେଖୁଥିଲେ ମହିଳାଙ୍କ ଡାହାଣ ପାଦର ବୁଢ଼ା ଆଙ୍ଗୁଠି ଆଗରେ ତିଳଚିହ୍ନ । କେଉଁ ସୁରଭି ଇଏ ? ସେଇ ସମାନ ଜାଗାରେ ସମାନ ତିଳଚିହ୍ନ କେବଳ ସମାନ ଲୋକର ହିଁ ହୋଇ ପାରିବ । ଚିତ୍ରା ହାତରେ ବାଇଗଣୀ ରଙ୍ଗର ଫୁଲତୋଡ଼ା ।

ନିଶ୍ଚୟ ମୋ ସୁରଭି; ଅରୁଣର ସୁରଭି । ମୋର ଏତେ ନିକଟରେ ! ଆଗକୁ ବଢ଼ି ଆସୁଥିବା ପାଦକୁ ସେ ଫେରେଇ ନେଇଥିଲେ । ତାଙ୍କ କାନ ପାଖରେ କିଏ ଯେମିତି କହୁଥିଲା- ସେ ତୋର ନୁହେଁ, ତାପସ୍‌ଙ୍କର । ତାଙ୍କ ସାମ୍ନାକୁ ନଯିବା ପାଇଁ ଅରୁଣ ଫୋନ୍‌ରେ କଥା ହେବାର ବାହାନା ଖୋଜୁଥିଲେ ।

ତାପସ୍ ଅସୁସ୍ଥତା ଯୋଗୁଁ ଫେରିବା ପାଇଁ ବିଦାୟ ନେଇ ସୋଫାରୁ ଉଠି ସାରିଥିଲେ । ଆଉ ସୁରଭି ସେଇ ଚିହ୍ନା ସ୍ୱରକୁ ମନେ ପକାଇବାକୁ ଚେଷ୍ଟା କରୁଥିଲେ ବାରମ୍ବାର ।

ତାପସ୍ ମର୍ମଭେଦୀ ଯନ୍ତ୍ରଣାରେ ଛଟପଟ ହୋଇ ମୁଣ୍ଡକୁ ସୁରଭିଙ୍କ କାନ୍ଧରେ ରଖି କହି ଉଠୁଥିଲେ, ଓଃ ସୁରୁ, ସହି ହେଉନି ଯନ୍ତ୍ରଣା । ବହୁତ କଷ୍ଟ ହେଉଛି । ମୋ ଭିତରଟା କ'ଣ ହୋଇ ଯାଉଛି । ମୁଁ ବୋଧେ ଆଉ ବଞ୍ଚିବିନି । ତାଙ୍କ ଅଣ୍ଟାକୁ ଧରି ଧରି ସୁରଭି ଆଗକୁ ପାଦ ବଢ଼ାଉଥିଲେ । ଚିତ୍ରା ବି ବ୍ୟସ୍ତ ହୋଇ କାର୍ ପର୍ଯ୍ୟନ୍ତ ଆସିଥିଲେ । ଅରୁଣ ଛାତ ଉପରୁ ଦେଖୁଥିଲେ ଲୁଚି ଲୁଚି । ପାଖକୁ ଯିବାକୁ ଚାହିଁ ବି ଯାଇ ପାରୁନଥିଲେ ସେ ।

ସୁରଭି - ସେମିତି କୁହନା । କ'ଣ ଲାଗୁଛି କହିଲ ? *(ସୁରଭି ତାପସ୍‌ଙ୍କ ମୁଣ୍ଡ ଦେହ ଆଉଁସି ପକାଉଥାନ୍ତି)* ଡାକ୍ତରଙ୍କ ପାଖକୁ ଯିବା ଏଇଠୁ ସିଧା । ସବୁ ଠିକ୍ ହୋଇଯିବ ।

Digitized by PPRACHIN, SOA

ତାପସ୍ - ନାଇଁ ସୁରୁ, ମୋର କିଛି ଗୋଟାଏ ବଡ଼ ରୋଗ ହୋଇଛି । ବୋଧେ ବେଶି ଦିନ ନୁହେଁ । ମୁଁ ଚାଲିଗଲେ ଏକୁଟିଆ ରହିବନି । ଝିଅ ପାଖକୁ ଚାଲିଯିବ ।

ସୁରଭି - ଚୁପ୍ ରୁହ ଟିକେ ତୁମେ । ଡ୍ରାଇଭର, ପାଖ ହସ୍‌ପିଟାଲକୁ ଚାଲ ।

ତାପସ୍ - ମୋ ପାଇଁ ବ୍ୟସ୍ତ ହୁଅନି ।

ସୁରଭି - ଟିକେ ଚୁପ୍ ରହିବ । ପ୍ଲିଜ୍, ମୋ କାମ ମୋତେ କରିବାକୁ ଦିଅ ।

ଯନ୍ତ୍ରଣା କାତର ତାପସ୍‌ଙ୍କ ମୁହଁଟା ଖୁବ୍ କରୁଣ ଦିଶୁଥିଲା । ସବୁ ଗାମ୍ଭୀର୍ଯ୍ୟ ହଜି ଯାଇଥିଲା ମୁହଁରୁ । ଗୋଟେ ବଡ଼ ବେସରକାରୀ ହସ୍‌ପିଟାଲ୍ ଆଗରେ ଅଟକି ଯାଇଥିଲା କାର୍‌ଟା । ଡ୍ରାଇଭର ସହାୟତାରେ ସୁରଭି ଭିତରକୁ ନେଇ ଯାଇଥିଲେ ସ୍ୱାମୀଙ୍କୁ । ଧନ୍ୟବାଦ ସହ ଭଡ଼ା ଟଙ୍କା ଦେଇ ବିଦା କରିଥିଲେ ଡ୍ରାଇଭରକୁ । ଏବେ ସମ୍ପୂର୍ଣ୍ଣ ଏକାକୀ ସଂଘର୍ଷ କରିବାକୁ ହେବ ତାଙ୍କୁ- ତାପସ୍‌ଙ୍କ ବିନା, ତାପସ୍‌ଙ୍କ ପାଇଁ । ଷ୍ଟ୍ରେଚର ଉପରେ ଡାକ୍ତରଖାନାର କର୍ମଚାରୀ ତାପସ୍‌ଙ୍କୁ ଶୁଆଇ ଆଉଟ୍‌ଡୋର୍‌କୁ ନେଇ ଯିବାର ଉପକ୍ରମ କରୁଥିଲେ । ଆଉ ଡାକ୍ତରଖାନାର ଫର୍ମାଲିଟିଜ୍ ପୂରଣ କରି ସୁରଭି ମଧ୍ୟ ଧାଇଁଥିଲେ ସେମାନଙ୍କ ପଛେ ପଛେ ।

ଛାତି ସାରା ଷ୍ଟେଥୋ ପକାଉଥାନ୍ତି ଡାକ୍ତର । ପ୍ରଶ୍ନ ପରେ ପ୍ରଶ୍ନ । ବ୍ଲଡ୍‌ପ୍ରେସର, ଡାଇବେଟିସ୍ ଅଛି ? କିଛି ଆଲର୍ଜି ? ଏବେ କେଉଁ ଜାଗାରେ କଷ୍ଟ ହେଉଛି ? ଦିନରେ କେତେ ଥର ପରିସ୍ରା ହେଉଛି ? କେତେଦିନ ହେଲା ହେଉଛି ? ଏମିତି ଅନେକ ପ୍ରଶ୍ନ । ଦୁହେଁ ମିଶି ଉତ୍ତର ଦେଉଥାନ୍ତି ।

ସୁରଭି - କିଛି କରନ୍ତୁ ଡାକ୍ତର । ତାଙ୍କୁ ଭଲ କରି ଦିଅନ୍ତୁ ।

ଡାକ୍ତର - କଷ୍ଟ କମ୍ ହେବାକୁ ଏବେ ଇଞ୍ଜେକ୍‌ସନ୍ ଆଉ ସାଲାଇନ୍ ଦେଇଦେବା । ୱାର୍ଡ଼ରେ ରହିବେ । ଟେଷ୍ଟ୍ ହେବା ପରେ ଜଣାପଡ଼ିବ କ'ଣ ହୋଇଛି । କିଡ୍‌ନୀରେ କିଛି ଅସୁବିଧା ଅଛି ବୋଧେ ।

ସୁରଭିଙ୍କୁ କିଛି ଶୁଣା ଯାଉନଥିଲା ଆଉ । ଯନ୍ତ୍ରଣାରେ ଶିହରି ଯାଉଥିଲେ ତାପସ୍ । ୱାର୍ଡ଼ରେ ନର୍ସମାନେ ତାପସ୍‌ଙ୍କୁ ସାଲାଇନ୍ ଆଉ ନିଦ ଇଞ୍ଜେକ୍‌ସନ୍ ଦେଇ ଶୁଆଇ ଦେଇଥିଲେ । ପାଖ ଚଉକି ଉପରେ ବସିଥିଲେ ସୁରଭି । ତେଜୁକୁ ଫୋନ୍ କରି ସେ କହି ସାରିଲେଣି । ସେ ସନ୍ଧ୍ୟା ଫ୍ଲାଇଟ୍‌ରେ ଜ୍ୱାଇଁଙ୍କ ସାଙ୍ଗରେ ଆସୁଛି । ନଟ ଗାଁରୁ ଆସି ପହଞ୍ଚିବ ସନ୍ଧ୍ୟା ସୁଦ୍ଧା । ଆଉ କାହାକୁ କିଛି କହି ନାହାନ୍ତି ସେ । ନିଜ ବାପଘର ଆଉ ଶାଶୂଘର ଲୋକଙ୍କୁ କହିଲେ ସମସ୍ତେ ବ୍ୟସ୍ତ ହୋଇ ଆସିଯିବେ । ଟେଷ୍ଟ୍ ସରୁ, ରିପୋର୍ଟ ଆସୁ । ତା'ପରେ ଯାହାକୁ କହିବେ ।

Digitized by PPRACHIN, SOA

ଦିନ ପ୍ରାୟ ଦୁଇଟା । ନିଦ ଭାଙ୍ଗିଲା ତାପସ୍‌ଙ୍କର ।

ତାପସ୍ - ଆଉ କଷ୍ଟ ହେଉନି । ଏବେ ଘରକୁ ଯିବା ସୁରୁ । ତୁମେ ଖାଇ ନଥିବ । ବାହାରେ ଖାଇନେବା ।

ସୁରଭି - ତୁମର କିଛି ପରୀକ୍ଷା ହେବ । ତା'ପରେ ଘର କଥା ।

ନର୍ସ ଆସି ପହଞ୍ଚି ଯାଇଥିଲେ । ତାପସ୍‌ଙ୍କୁ ଭିତରକୁ ନେଇଗଲେ । ପରିସ୍ରା ଆଉ ରକ୍ତ ପଠେଇ ଦିଆଗଲା ଲାବୋରେଟୋରୀ । ଇସିଜି ଆଉ ଏମ୍‌ଆର୍‌ଆଇ ବି ହୋଇଗଲା । ଆଉ କିଛି ପରୀକ୍ଷା ଆସନ୍ତା କାଲି ହେବ । ନଖାଇ ନପିଇ ସେମିତି ବସି ରହିଥାନ୍ତି ସୁରଭି । ଆଖି ଆଗରେ ସେଇ ଭୋଳା ଶଙ୍କରଙ୍କ ଛବି । ଡାକୁଥାନ୍ତି ଠାକୁରଙ୍କୁ ବିକଳ ହୋଇ- ମୋ ତାପସ୍‌ଙ୍କ ଜୀବନ ତୁମ ହାତରେ ପ୍ରଭୁ ।

କିଛି ସମୟ ପରେ ୱାର୍ଡ଼କୁ ଫେରି ଆସିଥିଲେ ତାପସ୍ ।

ସେପଟେ ଅରୁଣ ତାପସ୍‌ଙ୍କ ଦେହ କଥା ପଚାରି ବୁଝିବାକୁ ଚିତ୍ରାଙ୍କୁ କହୁଥିଲେ । ବ୍ୟସ୍ତତା ଭିତରେ ଫୋନ୍ ନମ୍ବର ରଖି ପାରି ନଥିବାରୁ ଦୁଃଖ ପ୍ରକାଶ କରୁଥିଲେ ସେ । ସୁରଭି ମା' ଗଲାବେଳେ ଅଙ୍କଲ୍ ତାଙ୍କ କାନ୍ଧରେ ମୁଣ୍ଡ ରଖିଥିଲେ । ନିଶ୍ଚୟ ବେଶୀ ଯନ୍ତ୍ରଣା ହେଉଥିଲା । ଶ୍ୱଶୁର ଦେଖି ନେଇଛନ୍ତି ପଛରୁ ବୋଧେ । ଶ୍ୱଶୁରଙ୍କ ବ୍ୟସ୍ତତା ଦେଖି ଚିତ୍ରା ଚାରିଟା ବେଳକୁ ନିଜେ ବାହାରି ଗଲେ କାର୍ ଧରି । ସୁରଭିଙ୍କ ଘର ତାଲା ପଡ଼ିଥିଲା । ମନକୁ ପାପ ଛୁଉଁଥିଲା । ଘରକୁ ଫେରିଲେ ଭଙ୍ଗା ମନ ନେଇ । ଚାତକ ଭଳି ଚାହିଁ ରହିଥିଲେ ଶ୍ୱଶୁର ।

ଅରୁଣ - ତାଙ୍କ ଦେହ ଭଲ ଅଛି ନା ? ସବୁ ଠିକ୍ ନା ?

ଚିତ୍ରା - ଘର ତାଲା ପଡ଼ିଛି । କେହି ନାହାନ୍ତି । ଅଙ୍କଲ୍‌ଙ୍କର ବେଶୀ ଦେହ ଖରାପ ହେଲା ନା କ'ଣ !

ଅରୁଣ - *(ମୁହଁ ଶୁଖି ଯାଇଥିଲା)* ହଉ, କାଲି ଯାଇ ବୁଝିନେବ ।

ଚିତ୍ରା - ଡାଡି, ଆପଣ କାହିଁକି ଏତେ ବ୍ୟସ୍ତ ହେଉଛନ୍ତି ? ତାପସ୍ ଅଙ୍କଲ୍‌ଙ୍କୁ ଆପଣ ଜାଣିଛନ୍ତି ?

ଅରୁଣ - ହଁ ।

ଚିତ୍ରା - କେବେଠୁ ?

ଅରୁଣ - ସେ ଯେବେଠାରୁ ସୁରଭିଙ୍କର ହୋଇ ଯାଇଛନ୍ତି ।

Digitized by PPRACHIN, SOA

ଚିତ୍ରା – ସୁରଭି ମା'ଙ୍କୁ ବି ଆପଣ ଜାଣିଛନ୍ତି ?

ଅରୁଣ – ଜୀବନ ରାସ୍ତାରେ ଅନେକ ଲୋକ ଆସନ୍ତି ଆଉ ଚାଲିଯାଆନ୍ତି । କିଛି ଲୋକ ଏମିତି ଥାଆନ୍ତି, ସେମାନେ ଆସନ୍ତି, କିନ୍ତୁ ତାଙ୍କ ଯିବା ବାଟଟା ହୃଦୟରେ ହିଁ ସରି ଯାଇଥାଏ ।

ଚିତ୍ରା – ଛଳ ଛଳ ହୋଇ ଯାଇଥିଲେ । ଠିକ୍ ଅଛି ଡାଡି, କାଲି ଯାଇ ବୁଝିଆସିବି ।

ଅରୁଣ – ହଁ ମା' ଚିତ୍ରା, ତାଙ୍କ ଆଗରେ ମୋ ପରିଚୟ ଲୁଚେଇ ରଖିବ ।

ଚିତ୍ରା – ଖାଲି ତାଙ୍କଠାରୁ ନୁହେଁ, ଏ ସମାଜଠାରୁ – ଯେଉଁ ପର୍ଯ୍ୟନ୍ତ ଆପଣ ଚାହିଁ ନାହାନ୍ତି ।

ଛାତ ଉପରକୁ ଚାଲି ଯାଇଥିଲେ ଅରୁଣ; ବୋଧହୁଏ ଛାତି ଭିତରର ଯନ୍ତ୍ରଣା କମ୍ କରିବାକୁ ।

ହସ୍‌ପିଟାଲ୍‌ରେ ଡାକ୍ତର ଆସି ରିପୋର୍ଟ ଦେଖିବା ପରେ ସୁରଭିଙ୍କୁ ଚ୍ୟାମ୍ବର ଭିତରକୁ ଡକେଇ ପଠେଇଥିଲେ । ତାପସ୍‌ଙ୍କୁ ଏକୁଟିଆ ୱାର୍ଡ଼ରେ ଛାଡ଼ି ଯିବାକୁ ଇଚ୍ଛା ହେଉ ନଥାଏ । ଏଇ ଭିତରେ କେତେ କଥା ଗପି ସାରିଲେଣି । ଘର, ଜମି, ବ୍ୟାଙ୍କ୍ ବାଲାନ୍ସ, ଡେଜ୍, ଗାଁର ସମ୍ପର୍କୀୟମାନେ ବି ବାଦ୍ ପଡ଼ି ନାହାନ୍ତି ସେଇ କଥା ସବୁରୁ । ତାଙ୍କ କଥାରେ ସେ ଖାଲି ମୁଣ୍ଡ ଟୁଙ୍ଗାରି ହଁ ମାରି ଚାଲିଛନ୍ତି । ନଟ ଆସି ଘରେ ପହଞ୍ଚିବା ପରେ ଫୋନ୍ କରିଥିଲା । ତାକୁ କହି ସନ୍ଧ୍ୟାରେ ଅଖଣ୍ଡ ଦୀପଟିଏ ଜଳେଇ ଦେଇଛନ୍ତି । ଯେମିତି ସେ ଦୀପ ଅକ୍ଷତ ରହେ, ସେଥିପାଇଁ କଡ଼ା ତାଗିଦ୍ ବି କରିଛନ୍ତି ।

ସନ୍ଧ୍ୟା ସାତଟା ପାଖାପାଖି । ଡାକ୍ତରଙ୍କ ସାମ୍ନାରେ ସୁରଭି । ସବୁ ରିପୋର୍ଟକୁ ଆଉଥରେ ତନ୍ନ ତନ୍ନ କରି ଦେଖୁଥାନ୍ତି ଡାକ୍ତର ।

ଡାକ୍ତର – ଆପଣଙ୍କର ଆଉ କିଏ ସବୁ ଅଛନ୍ତି ? ସେମାନେ କେତେବେଳେ ଆସିବେ ?

ସୁରଭି – ମୋ ଝିଅ- ଜ୍ୱାଇଁ । ଆଉ ଦୁଇ ଘଣ୍ଟା ଭିତରେ ଆସି ପହଞ୍ଚି ଯିବେ ।

ଡାକ୍ତର – ସେମାନେ ଆସିଲେ ସେମାନଙ୍କୁ କହିବେ ମୋତେ ଦେଖା କରିବାକୁ ।

ସୁରଭି – ଆପଣ ଯାହା କିଛି କହିବାକୁ ଚାହୁଁଛନ୍ତି, ଚାହିଁଲେ ସେସବୁ ମୋତେ କହି ପାରିବେ । ମୁଁ ବ୍ୟସ୍ତ ହେବିନି । ମୋ ଝିଅ କିନ୍ତୁ ବ୍ୟସ୍ତ ହୋଇ ପଡ଼ିବ । ବେଶୀ କିଛି ଅସୁବିଧା ହୋଇଛି କି ?

Digitized by PPRACHIN, SOA

ଡାକ୍ତର – ହଁ, ପେସେଣ୍ଟଙ୍କର ଅନ୍ୟସବୁ ରିପୋର୍ଟ ଆସିବା ପରେ ହିଁ ସଠିକ୍ ରୂପେ ଜାଣିହେବ । ବର୍ତ୍ତମାନ ପର୍ଯ୍ୟନ୍ତ ଯେତିକି ରିପୋର୍ଟ ଆସିଛି, ସେଥିରୁ ଜଣା ପଡୁଛି ତାଙ୍କର ଦୁଇଟାଯାକ କିଡ୍‌ନୀ ଖରାପ ହୋଇ ଯାଇଛି । ତାଙ୍କୁ ବଞ୍ଚେଇ ରଖିବା ପାଇଁ ନୂଆ କିଡ୍‌ନୀ ଆବଶ୍ୟକ । ଏବେଠୁ ସାଙ୍ଗେ ସାଙ୍ଗେ ଡାଏଲିସିସ୍ କରିବା ଦରକାର ।

ସୁରଭି – ଚିକିତ୍ସା ଆରମ୍ଭ କରନ୍ତୁ ଡାକ୍ତର ।

ଦୃଢ଼ ହେଉଥିଲେ ସୁରଭି । ନିଜର ଗୋଟେ କିଡ୍‌ନୀ ସ୍ୱାମୀଙ୍କୁ ଦେବାକୁ ମନେ ମନେ ସ୍ଥିର କରି ସାରିଥିଲେ ସେ । ଆଶାର କ୍ଷୀଣ ରେଖାଟିଏ ତାଙ୍କୁ ଆଗେଇ ଯିବା ପାଇଁ ବାଟ ଦେଖାଉଥିଲା ।

ସେ ୱାର୍ଡ଼କୁ ଫେରିଥିଲେ । ସ୍ୱାମୀଙ୍କୁ କ୍ୟାବିନ୍‌କୁ ସ୍ଥାନାନ୍ତର ପରେ ଡାଏଲିସିସ୍ ହେବ । ଚିକିତ୍ସା ଆରମ୍ଭ ପାଇଁ ସବୁ ପ୍ରସ୍ତୁତି ସରିଥିଲା । ପଚାରୁଥିଲେ ତାପସ୍– ମୋର କ'ଣ ହୋଇଛି ସୁରୁ ? ତୁମେ ଏତେ ଗମ୍ଭୀର ଯେ ?

ସବୁବେଳେ ସିଧାକଥା କହୁଥିବା ସୁରଭି କହି ଦେଇଥିଲେ, ତୁମର ଦୁଇଟାଯାକ କିଡ୍‌ନୀ ଖରାପ ହୋଇଯାଇଛି ।

ତାପସ୍ – ମୋର ଶେଷ ସମୟ ଆସିଗଲା ସୁରୁ ।

ସୁରଭି – ଆମେ ନିଜକୁ ସବୁଠୁ ଅଧିକ ଭଲପାଉ । ସେଇ ସକାଶେ ତ ନିଜ ପାଇଁ ବଞ୍ଚିଥାଉ । ତୁମକୁ ନିଜ ପାଇଁ ବଞ୍ଚିବାକୁ ହେବ । ଜୀବନ ପାଇଁ ଲଢ଼ିବାକୁ ହେବ । ତୁମେ ବ୍ୟସ୍ତ ହୁଅନି । ମୁଁ ଅଛି । ନିଶ୍ଚୟ କିଛି ବନ୍ଦୋବସ୍ତ କରିବା ।

ନିଜ ଶବ୍ଦସବୁ ବିସ୍ମିତ କରୁଥିଲା ସୁରଭିଙ୍କୁ । ସେ ନିଜେ କ'ଣ କୃଷ୍ଣ ! ଜୀବନ ଯୁଦ୍ଧରେ ସେ ବାଛି ନେଇଥିଲେ ଅର୍ଜୁନଙ୍କ ରଥରେ ସାରଥିର ସ୍ଥାନ– ଠିକ୍ କୃଷ୍ଣଙ୍କ ଭଳି ତାଙ୍କ ସ୍ୱାମୀଙ୍କ ପାଇଁ । x x x

ମାମା, ଡାଡିଙ୍କର କ'ଣ ହୋଇଛି ? ଧଇଁସଇଁ ହୋଇ ପଚାରୁଥିଲା ଟେଜୁ । ବ୍ୱାଇଁ ନୀରଜ ବି ଆସି ପହଞ୍ଚି ଯାଇଥିଲେ । ସାରାଦିନ ନଖାଇ ନପିଇ ମୁଣ୍ଡ ଘୂରେଇ ଦେଉଥାଏ ସୁରଭିଙ୍କର । ଯା ଭିତରେ ନର୍ସ ଆସି କେତେଥର କହି ଗଲାଣି– ଯାଆନ୍ତୁ ଖାଇନେବେ । ହେଲେ ମୁହୂର୍ତ୍ତଟିଏ ସେ ତାପସ୍‌ଙ୍କୁ ଛାଡ଼ି ଯାଇ ପାରିନାହାନ୍ତି । ଏବେ ସେ ଡାଏଲିସିସ୍ ରୁମ୍‌ରେ ।

Digitized by PPRACHIN, SOA

ସୁରଭି – ଚାଲ ମା', ଆପଣ ବି ଆସନ୍ତୁ କିଛି ଖାଇନେବା । ମୁଁ କିଛି ଖାଇନି । ଡାଏଲିସିସ୍ ସରୁ ସରୁ ଘଣ୍ଟାଏ ଲାଗିବ । ଡାଡିଙ୍କର ଦୁଇଟାଯାକ କିଡ୍‌ନୀ ନଷ୍ଟ ହୋଇ ଯାଇଛି । ଚାରିଦିନ ଭିତରେ ନୂଆ କିଡ୍‌ନୀ ଦରକାର । କାଲି ସକାଳ ସୁଦ୍ଧା ସବୁ ରିପୋର୍ଟ ଆସିବା ପରେ ଆଉ ଯାହା ଜଣା ପଡ଼ିବ ।

ପାଦ ତଳୁ ମାଟି ଖସି ଯାଉଥିଲା ତେଜୁର । କାନ୍ଦି ପକାଇଲା ସେ କଇଁ କଇଁ ହୋଇ । ଜ୍ୱାଇଁ ବି ଗୁମ୍‌ସୁମ୍ ହୋଇ ଯାଇଥିଲେ ।

ତେଜୁ – ମାମା, ଏବେ କ'ଣ କରିବା ?

ନୀରଜ – ତୁମେ ପିଲାଙ୍କ ଭଳି ହେଲେ କେମିତି ହେବ ? ଚାଲନ୍ତୁ, ଖାଇନେବା ମାମା । ପରେ ଚିନ୍ତା କରିବା ଆଗକୁ କ'ଣ ହେବ ।

ସୁରଭି – ପିଲାମାନେ ଏବେ କେଉଁଠି ?

ତେଜୁ – ଶାଶୂ ଶ୍ୱଶୁର ଏୟାରପୋର୍ଟ ଆସିଥିଲେ । ତାଙ୍କ ସାଙ୍ଗରେ ପଠେଇ ଦେଇଛୁ । ସାଙ୍ଗରେ ଆସିବେ ବୋଲି ବ୍ୟସ୍ତ ହେଉଥିଲେ । ବହୁତ ବୁଝେଇଲା ପରେ ମାନିଲେ । ପାଖ କ୍ୟାଣ୍ଟିନ୍‌ରେ ଖାଇ ଫେରିଥିଲେ ସମସ୍ତେ । ଡାଏଲିସିସ୍ ସରିଲାଣି । ଆଉ କିଛି ସମୟ ପରେ କ୍ୟାବିନ୍‌କୁ ଫେରିବେ । କଥା ଆରମ୍ଭ କଲେ ସୁରଭି- ମୁଁ କିଡ୍‌ନୀ ଦେବି ତୋ ଡାଡିଙ୍କୁ । କିଡ୍‌ନୀ ପ୍ରତ୍ୟାରୋପଣ ପରେ ସେ ଠିକ୍ ହୋଇଯିବେ । ଚିନ୍ତା କରନା । ବୁଢ଼ାବୁଢ଼ୀ ଗୋଟେ ଗୋଟେ କିଡ୍‌ନୀ ନେଇ ବଞ୍ଚିଯିବୁ ଆଉ କିଛିଦିନ ।

ତେଜୁ – ସେମିତି ହୁଏନି । ତୁମର ତାଙ୍କ ସହ ରକ୍ତ, ଟିସ୍ୟୁ ମ୍ୟାଚ୍ ନହେଲେ କିଡ୍‌ନୀ ଦେଇ ପାରିବନି । ମୁଁ ତାଙ୍କ ଝିଅ । ମୋର ତାଙ୍କ ସହ ମ୍ୟାଚ୍ ହେବ । ମୁଁ ଦେଇ ପାରିବି ।

ନୀରଜ – ସମସ୍ତଙ୍କର ପରୀକ୍ଷା ପରେ ଯାହାର ମ୍ୟାଚ୍ ହେବ, ସେ ଦେବ । ମୁଁ ବି ପ୍ରସ୍ତୁତ ଅଛି ।

କ୍ୟାବିନ୍‌କୁ ଫେରିଲେ ତାପସ୍ । ଦେହ ମୁହଁ ଶେଥା ପଡ଼ି ଯାଇଥାଏ । ମାତ୍ର ଗୋଟିଏ ଦିନରେ କେମିତି ଦିଶୁଛନ୍ତି ! ଯନ୍ତ୍ରଣାରେ ଆଖି ଓଦା ହୋଇ ଯାଉଛି ବାରମ୍ବାର । ତେଜୁକୁ ଦେଖି ସେଇ ବେଦନାଭରା ଚେହେରାରେ ମଝିରେ ମଝିରେ ହସର ଧାରେ ରେଖା ଖେଳି ଯାଉଥାଏ ତାପସ୍‌ଙ୍କ ମୁହଁରେ । ଏତେ କଷ୍ଟରେ କେବେ ବି ତାପସ୍‌ଙ୍କୁ ଦେଖି ନଥିବା ସୁରଭି ମୁହଁ ଲୁଚେଇ ଲୁଚେଇ କାନ୍ଦୁଥାନ୍ତି । ତେଜୁର ଆଖି ଲୁହ ଡବ ଡବ ।

ରାତିରେ ଘରକୁ ଚାଲି ଯିବାକୁ ଝିଅ ଜ୍ୱାଇଁଙ୍କୁ କହି ସାରିଲେଣି । ସେମାନେ ସୁରଭିଙ୍କୁ

Digitized by PPRACHIN, SOA

ରାତିରେ ଯାଇ ବିଶ୍ରାମ ନେବାକୁ କହୁଛନ୍ତି । ବହୁ ବାଦାନୁବାଦ ପରେ ତେଜୁ ଏକୁଟିଆ ଘରକୁ ଗଲା । ନଟକୁ ଖାଇବା ତିଆରି କରିବା ପାଇଁ କହି ଦେଇଥିଲେ ସୁରଭି । କଷ୍ଟ ଲାଘବ ଇଞ୍ଜେକ୍‌ସନ୍ ନେଇ ଶୋଇ ଯାଇଛନ୍ତି ତାପସ୍ । ନୀରଜ ବି ଗଭୀର ନିଦରେ । କିନ୍ତୁ ପଲକ ପଡୁନଥାଏ ସୁରଭିଙ୍କ ଆଖିରେ । ଯଦି କାହାର କିଡ୍‌ନୀ ମ୍ୟାଚ୍ ନହୁଏ, ତା'ହେଲେ କ'ଣ ହେବ ତାପସ୍‌ଙ୍କର !

ମଝିରେ ମଝିରେ ସକାଳର ଚିହ୍ନା ଚିହ୍ନା ସ୍ୱରଟା ବ୍ୟତିବ୍ୟସ୍ତ କରି ପକାଉଥାଏ ତାଙ୍କୁ । କାହାର ସେ ସ୍ୱର ? ବହୁତ ଥର ଶୁଣିବା ଭଳି ମନେ ହେଉଥାଏ । ଖୁବ୍ ନିଜର ନିଜର ଲାଗୁଥାଏ । କିଏ ସେ ? କାହିଁକି ଆସିଲେନି ସାମ୍ନାକୁ ? ଅରୁଣ ନୁହନ୍ତି ତ ? ଭୂତ ଦେଖିବା ଭଳି ଉଠି ବସିଲେ ସେ ବିଛଣାରୁ । ସ୍ୱପ୍ନ ଦେଖୁ ନାହାନ୍ତି ତ ?

ଅରୁଣ ବି କେଉଁ ଶାନ୍ତିରେ ଶୋଇ ପାରୁଥିଲେ ! ଛଟପଟ ହେଉଥିଲା ମନ, ଉଜାଣି ବୋହୁଥିଲା କଳ୍ପନାର ସୁଅ । ସୁରଭିଙ୍କୁ ନେଇ ଆଉ ସ୍ୱପ୍ନ ବି ଦେଖି ପାରୁନଥିଲେ । ସ୍ତ୍ରୀ ଦୁଇ ବର୍ଷ ହେଲା ଚାଲିଗଲେଣି । ସୁରଭିଙ୍କ ବିଷୟରେ ସେ ଜାଣିନଥିଲେ । ଆଜି ଯଦି ଆଆନ୍ତେ ତାଙ୍କ ସହିତ ସୁରଭିଙ୍କ ସମ୍ପର୍କରେ କିଛି କଥା ହୋଇ ପାରିଥାନ୍ତେ, ହୋଇ ବି ପାରିନଥାନ୍ତେ ! ବହୁତ ଚିନ୍ତାଗ୍ରସ୍ତ ହୋଇ ପଡୁଥିଲେ । ବ୍ଲଡ୍‌ପ୍ରେସର ଔଷଧ ଖାଇନେଲେ, କିନ୍ତୁ ନିଦ ଆସୁନଥିଲା

ସବୁ ଦିନ ଭଳି ସକାଳ ହୋଇ ଯାଇଥିଲା, ଚିତ୍ରା କାହାକୁ କିଛି ନଜଣେଇ ଘରୁ ବାହାରି ଯାଇଥିଲେ ସୁରଭିଙ୍କ ଘରଆଡ଼େ । ଗେଟ୍ ଖୋଲୁ ଖୋଲୁ ତେଜୁ ସହିତ ଦେଖା ହେଲା । ସେଠାରୁ ତାପସ୍ ଅଙ୍କଲ୍‌ଙ୍କ ଦେହ କଥା ଏବଂ ତାଙ୍କର କିଡ୍‌ନୀ ଆବଶ୍ୟକ ଖବର ନେଇ ସେ ଫେରି ଆସିଥିଲେ । ଶ୍ୱଶୁରଙ୍କୁ କିନ୍ତୁ କିଛି ବି କହି ପାରୁନଥିଲେ ।

ତେଜୁ ଆଉ ନୀରଜ ପାଳି କରି ଡାକ୍ତରଖାନାରେ ରହୁଥିଲେ, ହେଲେ ସୁରଭି, କ୍ଷଣକ ପାଇଁ ମଧ୍ୟ ସ୍ୱାମୀଙ୍କୁ ଏକୁଟିଆ ଛାଡ଼ି ଯାଉନଥିଲେ । ଡାକ୍ତର ନିୟମିତ ଭାବେ ଚିକିତ୍ସା ଜାରି ରଖିଥିଲେ । କିନ୍ତୁ ବାରମ୍ବାର କିଡ୍‌ନୀ ଯୋଗାଡ଼ କରିବା କଥା ଚେତେଇ ଦେଉଥିଲେ ।

ସୁରଭି ଆଉ ତେଜୁ ନିଜ ତରଫରୁ କିଡ୍‌ନୀ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ସନ୍ଧ୍ୟାବେଳେ ସେମାନଙ୍କର ଟେଷ୍ଟ ହେଲା ପରେ ହିଁ ଜଣାପଡ଼ିବ କିଡ୍‌ନୀ ଦେଇପାରିବେ କି ନାହିଁ । ଦ୍ୱିପ୍ରହରରେ ନାତି ଅଶ୍ୱିନୀ, ଆଉ ନାତୁଣୀ ରିନିକୁ ନେଇ ସମୁଦିସମୁଦୁଣୀ ପହଞ୍ଚିଲେ । ଅଶ୍ୱିନୀ କହୁଥାଏ, ତୁମେ ଭଲ ହୋଇଯିବ ଅଜା । ସାଲାଇନ୍ ଚାଲିଥାଏ, ନିସ୍ତେଜ ହୋଇ ପଡ଼ିଥାନ୍ତି ତାପସ୍ । ଗହଳି ନକରିବାକୁ ନର୍ସ ମନା କରୁଥାନ୍ତି ବାରମ୍ବାର । ସମସ୍ତେ ଅଳ୍ପ ସମୟ ରହି ଚାଲି ଯାଉଥାନ୍ତି । ହୃଦ୍‌ସ୍ପନ୍ଦନ ବଢୁଥାଏ ସୁରଭିଙ୍କର, ଆଉ କିଛି ସମୟ ପରେ

Digitized by PPRACHIN, SOA

ପରୀକ୍ଷା, ଜୀବନର ପରୀକ୍ଷା । ଯଦି ତାଙ୍କ କିଡ୍‌ନୀ ମ୍ୟାଚ୍ ନହୁଏ...., ତେଜୁ ଆଉ ନୀରଜଙ୍କଠାରୁ କିଡ୍‌ନୀ ନେବାକୁ ମନା କରିଛନ୍ତି ତାପସ୍ । ନିଜେ ବଞ୍ଚିବା ପାଇଁ ନିଜ ଛୁଆଙ୍କୁ ଅଧା ମାରି ଦେଇ ପାରିବେନି ସେ ! କିନ୍ତୁ ତେଜୁକୁ ସେ ମନେଇ ପାରୁନଥାନ୍ତି ।

ତାପସ୍ ଅଙ୍କଲ୍‌ଙ୍କ କଥା ଶୁଣିବା ବେଳଠାରୁ ଚିତ୍ରା ଅନ୍ୟମନସ୍କ ଥାଆନ୍ତି, ଶ୍ୱଶୁରଙ୍କୁ କହିବେ କି ନାହିଁ, ମନରେ ଆଲୋଡ଼ନ । ବ୍ଲଡ଼ପ୍ରେସର୍ ସାଙ୍ଗକୁ ହାର୍ଟ ପେସେଣ୍ଟ ସେ । ଦୁଇ ଥର ଆର୍ଟାକ ହୋଇସାରିଛି । ରୋଷେଇବାସ ସାରି ସେ ସୁରଭି ମା'ଙ୍କ ଘରକୁ ଯାଉଛନ୍ତି କହି ବାହାରିଲେ । ସ୍ୱାମୀ ଅଫିସ୍‌ରେ, ଝିଅ ସ୍କୁଲ୍ ଯାଇଛି । ଅଙ୍କଲ୍‌ଙ୍କୁ ଦେଖା କରି ଫେରିଆସିବେ । ସେ ପ୍ରସ୍ତୁତ ହୋଇ ବାହାରୁ ବାହାରୁ କାର୍ ଚାବି ଧରି ଶ୍ୱଶୁର ଆଗେ ଆଗେ ଚାଲିଲେ ।

ଚିତ୍ରା – କୁଆଡ଼େ ବାହାରିଲେ ଡାଡି ?

ଅରୁଣ – ସୁରଭିଙ୍କ ପାଖକୁ, ସେ ବିପଦରେ ପଡ଼ିଛନ୍ତି । ମତେ ଖୋଜୁଛନ୍ତି, ମୁଁ ଯିବି । ମୋର ଏତେ ବର୍ଷର ଅଭିଜ୍ଞତାରୁ ଏତିକି ଜାଣିଛି ଯେ ତୁମେ ସକାଳୁ ଖବର ନେଇସାରିଛ ସୁରଭି କେଉଁଠି ଅଛନ୍ତି, ତାପସ୍‌ଙ୍କର କଣ ହୋଇଛି ? କିନ୍ତୁ ମତେ କାହିଁକି କହିନ ମୁଁ ଜାଣିନି ।

ଚିତ୍ରା – କ୍ଷମା କରନ୍ତୁ । ଆପଣଙ୍କ ଦେହ କାଳେ ବେଶି ଖରାପ ହୋଇଯିବ ସେଥିପାଇଁ ।

ଅରୁଣ – ହାର୍ଟ ଆଟାକ୍‌ରେ ମରିଯିବି, ଏଇ ଭୟରେ । ତାଙ୍କର କିଛି ହୋଇଗଲେ କଣ ବଞ୍ଚିପାରିବି କି ? ସୁରଭି ମୋ ହୃଦୟର ସ୍ପନ୍ଦନ । ସାନିର ଦୁର୍ଘଟଣା ଘଟିବା, ସୁରଭି ତାକୁ ସାହାଯ୍ୟ କରିବା, ମୋର ସୁରଭିଙ୍କ ସହ ଏତେ ବର୍ଷ ପରେ ଦେଖା ହେବା, ତାଙ୍କ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ମୋ ଘରୁ ଖରାପ ହେବା କଣ ସଂଯୋଗ ମାତ୍ର । ଏଇଟା ବିଧି ନିର୍ଦ୍ଦିଷ୍ଟ ନୁହେଁ କି ? ତୁମେ ଜାଣିନ ମା', ସେ ବି ଚିହ୍ନି ନେଇଥିବେ ମତେ । ମୋ ସ୍ୱରରୁ, ମୋ ପାଦ ଶବ୍ଦରୁ , ବାରି ନେଇଥିବେ ନିଶ୍ଚୟ । ଭାରି ଅଭିମାନିନୀ । ପାଟି ଖୋଲି କିଛି କହିବେନି । ମନରେ ଭାବୁଥିବେ, ମୋର ଅସୁବିଧା ବେଳେ ଅରୁଣ କେମିତି ଆସିଲେନି ?

ଚିତ୍ରା – ଆଉ ଲଜ୍ଜିତ କରନ୍ତୁନି । ଚାଲନ୍ତୁ । ସେଇଠି ବୁଝିନେବା ସବୁ କିଛି ।

ଗାଡ଼ି ଚାଲିଲା ଆଗକୁ ଆଗକୁ । ଦୁଇଟି ଦୁର୍ଲଭ ହୃଦୟ ଏକାଠି ହେବାର ସୁଯୋଗ ସୃଷ୍ଟି ହେଉଥିଲା ପୁଣି ଥରେ । ସେମାନେ ସାମ୍ନାସାମନି ହେଲେ କଣ ହେବ ଭାବୁଥାନ୍ତି ଚିତ୍ରା ।

ଡାଏଲିସିସ୍ ପରେ ତାପସ୍‌ଙ୍କ ଦେହ ବେଶି ଖରାପ ହେଉଥାଏ । ଭେଣ୍ଟିଲେଟର୍‌ରେ ତାଙ୍କୁ ରଖାଯାଇଥାଏ । ଡାକ୍ତର କହି ସାରିଥାନ୍ତି ଅତି ବେଶିରେ ତିନି ଦିନ । ତା ଭିତରେ

Digitized by PPRACHIN, SOA

ନୂଆ କିଡ୍‌ନୀ ଦରକାର, ନହେଲେ ତାଙ୍କ ଆଶା ଛାଡ଼ିଦେବା ଉଚିତ୍ । ଭାବୁଥାନ୍ତି ସୁରଭି, ନିଜର କିଡ୍‌ନୀ ଯଦି ମ୍ୟାଚ୍ ନହୁଏ । ଭଗବାନଙ୍କୁ ଡାକୁଥାନ୍ତି, ଯେମିତି ତେଜୁର କିଡ୍‌ନୀ ମ୍ୟାଚ୍ ନହେଉ । ଗୋଟାଏ ବୋଲି ଛୁଆ, ତା ପାଖରେ ତା ଡାଡି କେମିତି ଯେ ଋଣୀ ହେବେ । ମନ ଭିତରେ କୋହ ଉଠୁଥାଏ ତାପସ୍‌ଙ୍କ ପାଇଁ । କେତେ ଭାଙ୍ଗି ପଡ଼ିଛନ୍ତି ତାଙ୍କ ସ୍ୱାମୀ ଏଇ ଦୁଇ ଦିନ ଭିତରେ । ଆଇସିୟୁ ବାହାରେ ତେଜୁ ସେମିତି ବସି ରହିଥାଏ । ସେ ଏକୁଟିଆ କ୍ୟାବିନ୍‌ରେ । ଆଜି କାହିଁକି ଏତେ ଖାଲି ଖାଲି ଲାଗୁଥିଲା ସେ ନିଜେ ବୁଝି ପାରୁନଥାନ୍ତି । ଯେମିତି ସେ ନିଜେ ଶୂନ୍ୟ, ମହାଶୂନ୍ୟରେ ଭାସୁଛନ୍ତି ।

ଅରୁଣ ଡାକ୍ତରଖାନା ଗେଟ୍ ପାଖରେ ଜୋତା ଖୋଲୁ ଖୋଲୁ ଭାବୁଥାନ୍ତି ସୁରଭି ତାଙ୍କୁ ଭୁଲି ଯାଇନଥିବେ ତ । କେମିତି ଦିଶୁଥିବେ ସେ ଏବେ । ବୋହୂଟା ସାଙ୍ଗରେ ଅଛି, ଯଦି ସୁରଭି ତାଙ୍କ ଅସ୍ତିତ୍ୱକୁ ପ୍ରତ୍ୟାଖ୍ୟାନ କରନ୍ତି ! ସେ ରିସେପ୍‌ସନରୁ ତାପସ୍‌ଙ୍କ କ୍ୟାବିନ୍ ନମ୍ବର ବୁଝିନେଲେ । କ୍ୟାବିନ୍ ସାମନାରେ ଠିଆ ହୋଇଥିଲେ ଅରୁଣ । ସୁରଭି ଆଉ ତାଙ୍କ ଭିତରେ ଗୋଟେ କାଚ କବାଟର ବ୍ୟବଧାନ । ଏଇ ଦୂରତ୍ୱ ମନେ ହେଉଥାଏ ଯୋଜନ ଯୋଜନର । ଦୁଇ ମିନିଟ୍ ଚାଲିଗଲାଣି ଏଇ ଭିତରେ । କବାଟକୁ ଆଘାତ କରି ପାରୁନଥାନ୍ତି କେହି । ଶ୍ୱଶୁରଙ୍କ ଦ୍ୱନ୍ଦ୍ୱ ଦେଖି ଚିତ୍ରା କହିଲେ ଡାଡି, ମୁଁ ରିସେପ୍‌ସନରେ ବସିଛି । ଆପଣ ଯାଆନ୍ତୁ, ଡେରି କରନ୍ତୁନି । ନହେଲେ ବହୁତ ଡେରି ହୋଇ ଯାଇପାରେ । ଚିତ୍ରା ଚାଲି ଯାଇଥିଲେ । କବାଟ ଠକ୍ ଠକ୍ କରିଥିଲେ ଅରୁଣ ।

ସୁରଭି – କିଏ ? କବାଟ ଖୋଲା ଅଛି । ଭିତରକୁ ଆସନ୍ତୁ । *(ଚଷମା ପିନ୍ଧୁଥିଲେ ସେ)*

ଅରୁଣ – ସୁରଭି, ମୁଁ ଆସିଛି ।

ସୁରଭି – ତାପସ୍ ଏବେ କ୍ୟାବିନ୍‌ରେ ନାହାନ୍ତି ।

ଅରୁଣ – ଆରେ, ମୁଁ ଅରୁଣ ।

ସୁରଭି – *(ମୁହଁ ଉଠେଇ ଦେଖିଲେ)* ତୁମେ ଆସିଛ ? ଏତେ ଦିନ ପରେ । ତୁମ ଆଖିରୁ ଚଷମା କାଢ଼ିଲ, ଟିକେ ଭଲ କରି ମୁହଁଟାକୁ ଦେଖିବି । କେମିତି ଦିଶୁଛ ଏବେ ।

ଚଷମା କାଢ଼ିଦେଲେ ଅରୁଣ । ଆଖିରେ ଥିଲା ଅଶ୍ରୁ । ତାଙ୍କୁ ଦେଖି ସୁରଭି ପଚାରୁଥିଲେ ଆରେ କାନ୍ଦୁଛ କାହିଁକି ?

ଅରୁଣ – ନାଁ, ତୁମକୁ ଦେଖି ଭାବପ୍ରବଣ ହୋଇଗଲି । କେମିତି ଅଛ ? ଚିତ୍ରା ମୋ ବୋହୂ । ମୋ ନାତୁଣୀ ସାନିକୁ ତୁମେ ନୂଆ ଜୀବନ ଦେଇଛ । ତୁମ ପାଖରେ ବହୁତ କୃତଜ୍ଞ ।

ସୁରଭି – କେବଳ କୃତଜ୍ଞତା ଜଣେଇବା ପାଇଁ ଆସିଥିଲ ।

Digitized by PPRACHIN, SOA

ଅରୁଣ – ତାପସ୍ କେମିତି ଅଛନ୍ତି ?

ସୁରଭି – ଭଲ ନାହାନ୍ତି । ମୃତ୍ୟୁ ସହିତ ଲଢୁଛନ୍ତି ।

ଅରୁଣ – ହେ ଭଗବାନ । କଣ ହୋଇଛି ତାଙ୍କର ?

ମାମା, ମାମା, ଆସ ଏବେ ଆମ କିଡ୍‌ନୀର ପରୀକ୍ଷା ହେବ । ତାଙ୍କୁ ସାଇଡ୍ କରି କବାଟ ଖୋଲି ଧସେଇ ପଶୁଥିଲା ପାଖାପାଖି ଚାଳିଶ ବର୍ଷର ସ୍ତ୍ରୀ ଲୋକଟିଏ ।

ପ୍ରକୃତିସ୍ଥ ହେଲେ ଅରୁଣ । ଏପର୍ଯ୍ୟନ୍ତ ସେ କବାଟ ବାହାରେ ଠିଆ ହୋଇଥିଲେ । କବାଟ ବାଡ଼େଇ କହି ପାରିନଥିଲେ ମୁଁ ଆସିଛି ସୁରଭି, କେବଳ ତୁମ ପାଖକୁ । ତୁମ ପାଇଁ । ଏବେ ଭାବୁଥିଲେ ଇଏ ତାହେଲେ ସୁରଭିଙ୍କ ଝିଅ । ଆଡ଼େଇ ହୋଇଗଲେ ସେ । ମନେ ମନେ ସ୍ଥିର କରୁଥିଲେ ପରେ ସୁରଭିଙ୍କୁ ଦେଖା କରିବେ । କାନରେ ବାଜୁଥିଲାମା' ଝିଅଙ୍କ କଥା ।

ତେଜୁ – ମାମା, ଡାଡିଙ୍କର ଦେହ ବେଶି ଖରାପ ହେଉଛି ।

ସୁରଭି – ଆଜି ରାତିକ କଥା । କାଲି ମୋ କିଡ୍‌ନୀ ତାଙ୍କଠାରେ ଲାଗିଗଲେ, ସେ ଭଲ ହୋଇଯିବେ । ତୁ ବ୍ୟସ୍ତ ହୁଅନା ।

ତେଜୁ – ମାମା, କେବେ ବୁଝିବ ତୁମେ । କିଡ୍‌ନୀ ମ୍ୟାଚ୍ ନହେଲେ ଦେଇ ପାରିବେନି କେହି ।

ସୁରଭି – ଦେଖିବୁ ତାଙ୍କଠାରେ ମୋ କିଡ୍‌ନୀ ହିଁ ଲାଗିବ । କୁଆଡ଼େ ଯିବେ ସେ ମୋତେ ଏକା କରି । ତୁ ପାଗଳୀଟା ବୁଝି ପାରିବୁନି ।

କ୍ୟାବିନ୍‌ରୁ ବାହାରି ଯାଇଥିଲେ ମା, ଝିଅ । ଅରୁଣ ଦେଖୁଥିଲେ ସୁରଭିଙ୍କୁ ଅନେକ ବର୍ଷ ପରେ । ମନକୁ ମନ ପ୍ରଶ୍ନ କରୁଥିଲେ, ଇଏ କଣ ତାଙ୍କ ସୁରଭି । ଅବିନ୍ୟସ୍ତ କେଶ ରାଶି । ସିନ୍ଥିରେ ଲିଭି ଆସୁଥିବା ସିନ୍ଦୂରର ରେଖା । ଶାଲ୍‌ଟା ତଳେ ଘୁଶୁଡ଼ି ଘୁଶୁଡ଼ି ଯାଉଥାଏ ତାଙ୍କ ପଛେ ପଛେ । ଆଖିର ଲୁହ ସବୁ ଓଠରେ ପଶୁଥାଏ । ଦେଖୁଥିଲେ ପ୍ରିୟତମାକୁ ଏତେ ପାଖରେ । ଭାବୁଥିଲେ ଇଏ ଅରୁଣର ନୁହେଁ, ତାପସ୍‌ଙ୍କ ସୁରଭି । ସ୍ୱାମୀ ପାଇଁ ବଞ୍ଚୁଥିବା ସାଧାରଣ ସ୍ତ୍ରୀ ଲୋକଟିଏ । କେବଳ ତା ସ୍ୱାମୀ ପାଇଁ ଇଏ ବାୟାଣୀ ହୋଇଯାଇଛି । ଅରୁଣର କିଛି ବି ଅସ୍ତିତ୍ୱ ନାହିଁ ତା ପାଖରେ । କିଛି ବି ନୁହେଁ । ଅରୁଣ ଚଷମା କାଢ଼ି ଲୁହ ପୋଛି ପୋଛି ପାଦ ବଢ଼ାଉଥିଲେ ରିସେପ୍‌ସନ ଆଡ଼କୁ । ସେଇଠି କିଛି ସମୟ କଥା ହେବା ପରେ ଚିତ୍ରାକୁ ଘରକୁ ଯିବା ପାଇଁ କହିଥିଲେ ।

ଅରୁଣ – ଘରକୁ ଚାଲ ମା' ।

Digitized by PPRACHIN, SOA

ଚିତ୍ରା କହୁଥିଲେ ଡାଡି, ମୁଁ ଟିକେ ଅଙ୍କଲ୍‌ଙ୍କୁ ଦେଖା କରିଥାନ୍ତି । ଏଇଠୁ ଫେରିଯିବାକୁ ମନ କହୁନି । ଅରୁଣ କିନ୍ତୁ ରହିବାକୁ ଚାହୁଁ ନଥିଲେ ।

ଅରୁଣ – ପରେ ଆସିବ । ମୁଁ ଏବେ ଏଇଠି ରହିବାକୁ ଚାହୁଁନି ।

ଶ୍ୱଶୁରଙ୍କ ପଛେ ପଛେ ଚିତ୍ରା ଯାଇ କାର୍‌ରେ ବସିଲେ । କାର୍ ଚାଲୁଥାଏ, କିନ୍ତୁ ଦୁହେଁ ବାଟ ସାରା ଚୁପ୍‌ଚାପ୍ । କେହି କାହାକୁ କିଛି କହୁନଥାନ୍ତି ।

ଆସିବା ବେଳଠାରୁ ନିଜ ରୁମ୍ ଭିତରୁ ବାହାରି ନାହାନ୍ତି ସେ । ନାତୁଣୀ ସାନି ବହୁତ ବାଧ୍ୟ କରିବା ପରେ ରୁମ୍ ଭିତରକୁ ଖାଇବା ନେଇ ଆସିବାକୁ କହିଥିଲେ । କାରଣ କ'ଣ ପଚାରିବାକୁ ସାହାସ ହେଉ ନଥାଏ ପୁଅ ବୋହୂଙ୍କର । ସାରା ରାତି ସେମିତି କବାଟ ବନ୍ଦ । ସକାଳୁ ଉଠି ଲନ୍‌ରେ ବସିଥାନ୍ତି, ଯେମିତି କିଛି ଘଟିନି ।

ଚିତ୍ରା – ଡାଡି, କିଛି କହୁନାହାନ୍ତି ଯେ ?

ଅରୁଣ – ଗୋଟେ ଫୋନ୍ କଲ୍‌କୁ ଅପେକ୍ଷା କରିଛି ।

ଚିତ୍ରା – କାହାର କଲ୍‌କୁ ।

ଅରୁଣ – କଲ୍ ଡାକ୍ତରଖାନାରୁ ଆସିବ ।

ଚିତ୍ରା – କଣ ହୋଇଛି ଆପଣଙ୍କର । ଡାକ୍ତରଖାନା ଯିବା ଚାଲନ୍ତୁ । ମୁଁ ଆପଣଙ୍କ ପୁଅଙ୍କୁ ଡାକୁଛି ।

ଅରୁଣ – ଆଠଟା ପରେ ଯିବା, ଯଦି ଦରକାର ହୁଏ । ସୁରଭିଙ୍କର କିଡ୍‌ନୀ ମ୍ୟାଚ୍ ନହେଲେ ମୁଁ କିଡ୍‌ନୀ ଦେବି ।

ଚିତ୍ରା – ଆପଣ କଣ ସୁରଭି ମା'ଙ୍କୁ ଏକଥା କହିଛନ୍ତି ।

ଅରୁଣ – ତାଙ୍କ ସହିତ ଦେଖା ହେଲା କେଉଁଠି ?

ଚିତ୍ରା – ତା' ହେଲେ ।

ଅରୁଣ – ତାଙ୍କୁ କେଉଁ ପରିଚୟ ନେଇ ଦେଖା କରିଥାନ୍ତି । ସାହସ ହେଲାନି ।

ଫୋନ୍‌ଟା ବାଜିଉଠିଲା । ସୁରଭି ତାଙ୍କ ଜୀବନ ଯୁଦ୍ଧର ପ୍ରଥମ ସୋପାନରେ ହାରି ଯାଇଥିଲେ । ଅରୁଣ ପୁଅକୁ ଡାକି ଦେବାକୁ ଚିତ୍ରାଙ୍କୁ କହୁଥିଲେ ।

ଡାକ୍ତର ରିପୋର୍ଟ ଦେଇ ସାରିଥିଲେ । ସୁରଭି କିମ୍ୱା ତେଜୁ କାହାର କିଡ୍‌ନୀ ମ୍ୟାଚ୍ କଲା ନାହିଁ । ସୁରଭିଙ୍କୁ ମୁଣ୍ଡ ଛୁଆଇଁ ନିୟମ କରିଥାନ୍ତି ତାପସ୍, ଜ୍ୱାଇଁଙ୍କର କିଡ୍‌ନୀ ସେ ନେବେନି । ଭୋଳା ବାବାଙ୍କ ଉପରେ ବିଶ୍ୱାସ ଉଠି ଯାଉଥିଲା ସୁରଭିଙ୍କର । ଆଗକୁ କିଛି ଭାବି ପାରୁନଥାନ୍ତି ।

Digitized by PPRACHIN, SOA

ଝିଅ ତେଳୁ ସବୁ ବନ୍ଧୁବାନ୍ଧବଙ୍କୁ ଫୋନ୍ କରି କେତେ କାକୁତିମିନତି ହେଉଥାଏ । ହେଲେ ସବୁଠୁ ନିରାଶାର ବାଣୀ । ତାପସ୍‌ଙ୍କ ଫୋନ୍ ଆଣି, ତାଙ୍କର ସବୁ ସାଙ୍ଗମାନଙ୍କୁ ଫୋନ୍ କରି ସାରିଲାଣି । ଅରୁଣଙ୍କ ବାନ୍ଧବୀ ପ୍ରାଚୀଙ୍କ ବ୍ୟତୀତ ସମସ୍ତେ ବିଭିନ୍ନ କାରଣ ଦର୍ଶେଇ ମନା କରିସାରିଲେଣି । ପ୍ରାଚୀ ଏବେ କାଶ୍ମୀରରେ । ଆସିବାକୁ ଆହୁରି ଦୁଇ ତିନି ଦିନ ଲାଗିବ ।

ଡାକ୍ତରଙ୍କ କଥା ଅନୁସାରେ ହାତରେ ଆଉ ମାତ୍ର ଦୁଇ ଦିନ । ପ୍ରାଚୀ ତା ଭିତରେ ଆସି ପାରିଲେ ହେଲା । ଡାକ୍ତରଖାନା ତରଫରୁ ଚେଷ୍ଟା ଚାଲିଛି । ଖବରକାଗଜରେ ଇସ୍ତାହାର ଦେବାକୁ ସମୟ ନାହିଁ । ନୀରଜ ବି ଚେଷ୍ଟା କରୁଥାନ୍ତି । ତାପସ୍ ସୁରଭିଙ୍କୁ ଦେଖୁଥାନ୍ତି । ଆଉ କହୁଥାନ୍ତି, ମାତ୍ର ଦୁଇ ଦିନ ଆମ ପାଖରେ ଅଛି, ମତେ ଛାଡ଼ି କୁଆଡ଼େ ଯାଅନି । ତା ପରେ ଏକା ଏକା ବଞ୍ଚିବ । ତାଙ୍କ ପାଖରେ ବସି କାନ୍ଦୁଥାନ୍ତି ସୁରଭି ।

ଏପଟେ ଅରୁଣଙ୍କ ଜିଦ୍, ସେ ତାପସ୍‌ଙ୍କୁ କିଡ୍‌ନୀ ଦେବେ । ତାଙ୍କୁ ଏଥିରୁ ନିବୃତ୍ତ ହେବାକୁ ପୁଅ ମହେଶ ବାରମ୍ବାର ବୁଝେଇବାରେ ଲାଗିଥାଏ । ସେ କିନ୍ତୁ ବୁଝିବାକୁ ନାରାଜ ।

ଅରୁଣ – ମୁଁ କିଡ୍‌ନୀ ଦେବି ।

ମହେଶ – କିଛି ଦରକାର ନାହିଁ ।

ଅରୁଣ – ସେ ମୋ ନାତୁଣୀର ଜୀବନ ବଞ୍ଚେଇଛନ୍ତି । ଏଇଟା ତାଙ୍କର ପ୍ରତିଦାନ ।

ମହେଶ – ତୁମେ ନିଜେ ହାର୍ଟ ପେସେଣ୍ଟ । ତୁମେ କିଡ୍‌ନୀ ଦେଲେ ତୁମ ଦେହ ବେଶି ଖରାପ ହେବ ।

ଅରୁଣ – ମୁଁ ସ୍ଥିର କରିସାରିଛି । ଏହି ପ୍ରସଙ୍ଗ ଉପରେ ଆଉ କିଛି ବି ଆଲୋଚନା କରିବାକୁ ଚାହୁଁନି ।

ମହେଶ – ତୁମେ କେବେ ଆଉ କାହା କଥା ଶୁଣ ଯେ !

ଏହା କହି ସେ ସେଠାରୁ ରାଗିକି ଚାଲିଗଲେ ।

ଚିତ୍ରା – ଡାଡି, ଆଉ ଥରେ ଚିନ୍ତା କରନ୍ତୁ । ସୁରଭି ମା' ଆପଣଙ୍କ ଦେହ କଥା ଜାଣିଲେ ମନା କରିବେ । ମମି ଥିଲେ ଆପଣଙ୍କୁ ଏମିତି କରିବାକୁ ଦେଇନଥାନ୍ତେ ।

ଅରୁଣ – ଆଜି ସୁରଭିଙ୍କୁ ତାଙ୍କ ହକ୍ ଦେବାର ସମୟ ଆସିଛି । ମୋ ଉପରେ, ଏଇ ଘର ଉପରେ, ମୋ ସ୍ୱାକ୍ଷରକୁ ଧାରଣ କରିବା ଉପରେ ତାଙ୍କର ପ୍ରଥମ ଅଧିକାର ଥିଲା । ତମେମାନେ ସମସ୍ତେ ସବୁ ପାଇଲ, ସେ କଣ ପାଇଲେ ମୋଠାରୁ ? ତାଙ୍କୁ ତାଙ୍କ ସିନ୍ଦୂର ଦେବାକୁ ଯାଉଛି । ଖାଲି ମଥାରେ ସେ ଜମାରୁ ଭଲ ଦିଶୁନଥିଲେ । ଗୋଟେ ଅନୁରୋଧ

Digitized by PPRACHIN, SOA

କରିବି, ମୋର ଆଉ ସୁରଭିଙ୍କର ସମ୍ପର୍କର କଥା ତୁମ ଆଉ ମୋ ଭିତରେ ସୀମିତ ରହିଲେ ଭଲ । ଏଇ ପରିଣତ ବୟସରେ ମୋ ପୁଅ ଏସବୁ ଜାଣିଲେ ମୁଁ ତା ମା'ଙ୍କୁ ସାରା ଜୀବନ ଧୋକା ଦେଇଛି ବୋଲି ଭାବିପାରେ, କିନ୍ତୁ ସେମିତି ନୁହେଁ ମା' ।

ଚିତ୍ରା – ନିଶ୍ଚିତ ରୁହନ୍ତୁ । କେହି ଜାଣିବେନି । ଚାଲନ୍ତୁ ଯିବା ଡାକ୍ତରଖାନା ।

ସୁରଭି ଯାଇ ମନ୍ଦିରରେ । ସବୁ ଆଶା ଆଜି ପାଣି ଫୋଟକା ଭଳି ଫାଟିଯାଇଛି । ଶୂନ୍ୟ ହସ୍ତରେ ଆସିଛନ୍ତି ସେ । ଗୁହାରି କରୁଥାନ୍ତି, ମୋର ଆଞ୍ଜୁଳା ଭରିଦିଅ ପ୍ରଭୁ । ମୋ ସାରା ଜୀବନ ତପସ୍ୟାର ମାନ ରଖ । ଆଜି ମୋ ତାପସ୍‌ଙ୍କୁ କାନି ପତେଇ ମାଗୁଛି । ସେଇଠି ସେମିତି ବସିଥାନ୍ତି, ପୂଜାରୀ ବାଧ କରି ନଉଠେଇବା ପର୍ଯ୍ୟନ୍ତ । ଜ୍ୱାଇଁ ଆଉ ନାତି ଆସି ତାଙ୍କୁ ନେଇ ଯାଇଥିଲେ ଡାକ୍ତରଖାନାକୁ ।

କିଡ୍‌ନୀ ମ୍ୟାଚ୍ ପାଇଁ ସବୁ ପରୀକ୍ଷା ସରିଲା ଅରୁଣଙ୍କର । ଏହା ସମ୍ପୂର୍ଣ୍ଣ ଗୋପନୀୟ ରଖିବାକୁ ଚିତ୍ରା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି । ପୁଅ ମହେଶ ମଥାରେ ଚିନ୍ତାର ରେଖା ସ୍ପଷ୍ଟ ବାରି ହୋଇ ପଡୁଥାଏ । ଡାଡି ଜାଣିଶୁଣି ଆତ୍ମହତ୍ୟା କରିବାକୁ ଯାଉଛନ୍ତି । ଡାକ୍ତରଙ୍କୁ ହାର୍ଟ ସମସ୍ୟା ନେଇ କିଛି ବି ନକହିବାକୁ ଦେହ ଛୁଆଁଇ ଶପଥ କରିଛନ୍ତି । ରାତିକୁ ରିପୋର୍ଟ ଆସିଲେ ଜଣାପଡ଼ିବ, କିଡ୍‌ନୀ ମ୍ୟାଚ୍ ହେବ କି ନାହିଁ । ସେ ବସି ଭାବୁଥାନ୍ତି ଡାଡିଙ୍କର ଏ ଜିଦ୍ କାହିଁକି ? ଅରୁଣ ସବୁ ପରୀକ୍ଷା ସରିବା ପରେ ପୁଅ ବୋହୂଙ୍କ ସହିତ ଘରକୁ ଫେରୁଥିଲେ । ସେ ପୂର୍ବାପେକ୍ଷା ବହୁତ ସହଜ ଥିଲେ । କେତେ କଥା ଗପି ଯାଉଥିଲେ । ସାନିର ଗୋଡ଼ ପୂରା ଠିକ୍ କରିବା ପାଇଁ ଫିଜିଓଥେରାପିଷ୍ଟ ସାଙ୍ଗେ କଥା ହେବାକୁ କହୁଥାନ୍ତି । ସେ ଟିକେ ଛୋଟେଇ ଚାଲୁଛି ବୋଲି ବ୍ୟସ୍ତ ହେଉଥାନ୍ତି । ଅରୁଣ ଆଉ ଚିତ୍ରାଙ୍କୁ ଘରେ ଛାଡ଼ି ଦେଇ ମହେଶ ଅଫିସ୍ ଚାଲିଗଲେ । ସାନିକୁ ଆୟା ଆଗରୁ ସ୍କୁଲ୍‌କୁ ପଠେଇ ଦେଇଥିଲା ।

ଖାଇବା ଟେବୁଲ୍‌ରେ ସାମନାସାମନି ବସିଥିଲେ ଶ୍ୱଶୁର ଓ ବୋହୂ ।

ଅଳ୍ପ ଟିକେ ତରଳ ଖାଦ୍ୟ ଖାଇବାର ଥିଲା ଅରୁଣଙ୍କୁ । ସେ ଖାଇ ଦେଇ ଉଠି ଯାଉ ଯାଉ ଚିତ୍ରା ପଚାରୁଥିଲେ, ଡାଡି, ଅନୁମତି ଦେଲେ ଗୋଟେ କଥା ପଚାରନ୍ତି । ଅନ୍ୟମନସ୍କ ହୋଇପଡ଼ିଲେ ସେ । ଯଦି ସୁରଭିଙ୍କ କଥା ବୋହୂ ପଚାରେ ସେ କଣ କହିବେ । ସ୍ଥିତପ୍ରଜ୍ଞ ଲୋକ ସେ । ବସିଗଲେ ସ୍ଥିର ହୋଇ, ବୋହୂ ଯାହା ପଚାରିବ ସବୁ ସିଧା ସିଧା କହିବେ ବୋଲି ନିଷ୍ପତ୍ତି ନେଇ ଯାଇଥିଲେ ।

ଅରୁଣ – କୁହ, ସୁରଭିଙ୍କ କଥା ପଚାରିବ ନା ?

ଚିତ୍ରା – ହଁ ।

Digitized by PPRACHIN, SOA

ଅରୁଣ - କଣ ପଚାରିବ, ପଚାର ?

ଚିତ୍ରା - ଆପଣ ତାଙ୍କୁ ଏତେ ଭଲ ପାଆନ୍ତି । ବିବାହ କରିଲେନି କାହିଁକି ?

ଅରୁଣ - ସମୟର ସ୍ରୋତ ଉଜାଣି ବୋହିଲେ ମଣିଷ କିଛି କରିପାରେନି । ଭାଗ୍ୟର ବିଡ଼ମ୍ବନା ଥିଲା ।

ଚିତ୍ରା - ଏକୁଟିଆ ରହି ପାରିଥାନ୍ତେ । ବିବାହ କରିବା ଆବଶ୍ୟକ ଥିଲା କି ?

ଅରୁଣ - ହଁ ଥିଲା, ମଣିଷ ତାର ଅନେକ ସମ୍ପର୍କ ଅନ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ଗଢ଼ିଥାଏ । ସେହି ସମ୍ପର୍କ ଧୀରେ ଧୀରେ ବନ୍ଧନ ପାଲଟିଯାଏ । ସେଥିରୁ ସେ ବାହାରି ପାରେନା, ତାକୁ ଆମେ ପ୍ରେମର ନାମ ଦେଉ ।

ଚିତ୍ରା - ତାହା ହିଁ ତ ପ୍ରେମ ।

ଅରୁଣ - ନା, କିଛି ପାଇବାର ଆଶା ନରଖି ଯଦି କାହାକୁ ପାଗଳ ଭଳି ଭଲ ପାଇହୁଏ, ସେଇଟା ହିଁ ପ୍ରେମ । ତୁମ ଶାଶୂ ଅସାମାନ୍ୟ ସୁନ୍ଦରୀ ଥିଲେ । ତାଙ୍କ ସୁନ୍ଦରତାରେ ମୁଁ ବିମୁଗ୍ଧ ହେବା, ତାଙ୍କୁ ବିବାହ କରିବା ଏସବୁ ପ୍ରେମ ହୋଇ ନପାରେ । କାହାର ସାନିଧ୍ୟ ବିନା ତାକୁ ଅନୁଭବ କରିବା, 'ସେ' ଆଉ 'ମୁଁ' ନହୋଇ 'ଆମେ' ହୋଇଯିବା, କାହାର ଅନୁଭବକୁ ହୃଦୟରେ ଧରିରଖିବା, ବିନା କିଛି ପ୍ରତିବଦ୍ଧତାରେ, କିଛି ପ୍ରତିଶ୍ରୁତିରେ ତାକୁ ଚାହିଁବା ହିଁ ପ୍ରେମ । ସୁରଭି ମୋ ପାଇଁ ସେମିତି ।

ଚିତ୍ରା - ସେ କଣ ଆପଣଙ୍କୁ ଏମିତି ପାଗଳଙ୍କ ଭଳି ଚାହୁଁଥିବେ ।

ଅରୁଣ - ସେ କଣ ମୋଠାରୁ ଭିନ୍ନ ଯେ ଅଲଗା କିଛି ଚାହିଁବେ ? ମୋ ହୃଦୟର କମ୍ପନକୁ ସେ ଅନୁଭବ କରୁଥିବେ ପ୍ରତି ମୁହୂର୍ତ୍ତରେ । ଆମ ଭିତରେ ଟିକେ ବି ଫରକ ନାହିଁ ମା' । ସମସ୍ତେ ପ୍ରାପ୍ତିରେ ପୂର୍ଣ୍ଣତ୍ୱ ପାଆନ୍ତି, ଆଉ ଆମେ ଅପ୍ରାପ୍ତିରେ ପୂର୍ଣ୍ଣ । ଆମେ କେବେ ବି ଅଲଗା ହୋଇନଥିଲୁ । ଆଉ ରହିଲା ସୁରଭିଙ୍କ ଚାହିଁବା କଥା, ଥରେ ପରୀକ୍ଷା କରି ଦେଖି ନିଅ ।

ଚିତ୍ରା - ପ୍ରେମର ଅନ୍ୟ ନାମ କ'ଣ ଯନ୍ତ୍ରଣା ?

ଅରୁଣ - ନା, ସେ ଏକ ଅପୂର୍ବ ଅନୁଭବ । ସମୟ ସହିତ ସେ ବଦଳେନି । ମୃତ୍ୟୁ ବି ତା ବାଟରେ ଚାଲିଯାଏ, କିନ୍ତୁ ପ୍ରେମ ଅମର ହୋଇଯାଏ । ସେ ବଞ୍ଚି ରହେ ସମାଧି ଭିତରେ । ମୁଁ ଚାଲିଯିବା ପରେ ସୁରଭିଙ୍କ ସମାଧି ପାଖରେ ମୋ ସମାଧି ତୋଳିଦେବ ମା' । ତାଙ୍କ ସହିତ ଅନେକ କଥା ରହିଗଲା ଏ ଜନ୍ମରେ ।

Digitized by PPRACHIN, SOA

ଚିତ୍ରା ଯାଇ ଶ୍ୱଶୁରଙ୍କ କାନ୍ଧକୁ ଧୀରେ ହଲେଇ ଦେଇ କହୁଥିଲେ ଡାଡି, କ'ଣ ଭାବୁଛନ୍ତି । ଝିଅକୁ ଏବେ ଗୋଟେ ସପ୍ତାହ ପାଇଁ ତା ମାମୁଘରେ ଛାଡ଼ିବାକୁ ଭାବୁଥିଲି । ଆପଣଙ୍କ ଅନୁମତି ଆବଶ୍ୟକ । ସମ୍ବିତ୍ ଫେରି ପାଇଥିଲେ ଅରୁଣ । ସେ କେତେ କଥା ଭାବି ଗଲେଣି ଏ ଭିତରେ । ବୋହୂକୁ କହୁଥିଲେ, ଠିକ୍ ଅଛି ଯଦି ମୋ କିଡ୍‌ନୀ ମ୍ୟାଚ୍ କରିଯାଏ, ମୁଁ ଡାକ୍ତରଖାନାରେ ରହିବା ବେଳେ ସାନିକୁ ମାମୁଘରେ ଛାଡ଼ିଦେବ । x x x

ତେଜୁ - କାନ୍ଦନା ମାମା, ଡାକ୍ତରଖାନା ତରଫରୁ ବହୁତ ଚେଷ୍ଟା କରାଯାଉଛି । ଜଣେ କିଏ ଆସି କିଡ୍‌ନୀ ଦେବା ପାଇଁ ସବୁ ଟେଷ୍ଟ କରି ଯାଇଛନ୍ତି । ସନ୍ଧ୍ୟା ବେଳେ ଜଣାପଡ଼ିବ । ଈଶ୍ୱରଙ୍କ ଉପରେ ଭରସା ରଖ । ମୋ ମନ କହୁଛି ସବୁ ଠିକ୍ ହୋଇଯିବ ।

ସୁରଭି - କିଏ ସିଏ ? କିଡ୍‌ନୀ ପାଇଁ ଯେତେ ଟଙ୍କା ନେବେ ନିଅନ୍ତୁ, ଯଦି ମ୍ୟାଚ୍ କରିଯିବ ଯାହା ମାଗିବେ ତାହା ଦେଇଦେବା ।

ତେଜୁ - ସେ ତାଙ୍କ ପରିଚୟ ଗୋପନ ରଖିଛନ୍ତି ।

ସୁରଭି - କାହିଁକି ?

ତେଜୁ - ବୋଧେ ଟଙ୍କା ଦରକାର ଅଛି ଘରେ ମନା କରୁଥିବେ, ସେଥିପାଇଁ କାହାକୁ ପରିଚୟ ଦେଉନଥିବେ । ତୁମେ ଭଗବାନଙ୍କୁ ଡାକ, ତାଙ୍କ କିଡ୍‌ନୀ ମ୍ୟାଚ୍ ହୋଇଯାଉ ।

ଅରୁଣଙ୍କ ନିଃସର୍ତ୍ତ ପ୍ରେମର ପ୍ରାର୍ଥନା ବିଫଳ ହୋଇ ନଥିଲା । ସନ୍ଧ୍ୟାବେଳେ ଡାକ୍ତରଖାନାରୁ ଖବର ଗଲା କିଡ୍‌ନୀ ମ୍ୟାଚ୍ ହୋଇଛି । ରାତିରେ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିବ । ସକାଳୁ ସକାଳୁ ଅପରେସନ୍ । ରୋଗୀର ଅବସ୍ଥା ଖରାପ ହେଉଛି ।

ଖୁସିର ଲହରୀ ଖେଳି ଯାଉଥିଲା ସୁରଭିଙ୍କ ମନରେ, ଏବେ ତାଙ୍କ ସ୍ୱାମୀ ଭଲ ହୋଇଯିବେ । ସେଇ ମହାନ ବ୍ୟକ୍ତିଙ୍କ ବଦାନ୍ୟତା ପାଖରେ ସେ ନତମସ୍ତକ ହେଉଥିଲେ । ଟଙ୍କା ପାଇଁ ହେଉ ପଛେ ସେ ଲୋକ ଜଣକ ତାଙ୍କ ସ୍ୱାମୀଙ୍କ ଜୀବନ ବଞ୍ଚେଇ ଦେଲେ ।

ଚିତ୍ରା ଅରୁଣଙ୍କୁ ଶେଷ ଥର ପାଇଁ ଚିନ୍ତା କରିବାକୁ କହୁଥାନ୍ତି । ସାନି, ମହେଶ ମଧ ବାରମ୍ବାର ଦୋହରାଉଥାନ୍ତି ସେଇ ଗୋଟିଏ କଥା । ଅରୁଣ କିନ୍ତୁ ଅଟଳ । ସେ ତରବର କରାଉଥାନ୍ତି ପୁଅ ବୋହୂଙ୍କୁ ଜଲ୍‌ଦି ଚାଲ ଡାକ୍ତରଖାନା, ନହେଲେ ମୁଁ ଏକୁଟିଆ ଚାଲିଯିବି । ତାଙ୍କ ଉପରେ କେବେ ବି କାହାର ଜୋର୍ ଚାଲେନି । ସମସ୍ତେ ଡାକ୍ତରଖାନା ଆଡ଼କୁ ମୁହାଁଇଲେ । ସେଇଠି ପହଞ୍ଚି ସବୁ ଦରକାରୀ କାମ ଶେଷ କରି ସାନି ଆଉ ମହେଶ ଘରକୁ ଫେରିଥିଲେ ସକାଳେ ପୁଣି ଆସିବେ କହି ।

Digitized by PPRACHIN, SOA

ଅରୁଣ ଚିତ୍ରାଙ୍କୁ ଗୋଟେ ଲଫାପା ଧରେଇ କହୁଥାନ୍ତି ଏଇ ଚିଠିଟା ରଖ, ଆମେ ଡାକ୍ତରଖାନାରୁ ଫେରିବା ପୂର୍ବରୁ ସୁରଭିଙ୍କୁ ଦେଇଦେବ । ଯଦି ମୋର କିଛି ହୋଇଯାଏ ତଥାପି ଦେଇଦେବ । ବହୁତ ରାତି ହେଲାଣି, ମୁଁ ଶୋଉଛି, ତୁମେ ଏବେ ଶୋଇଯାଅ ।

ଚିତ୍ରା ଚିଠିଟା ଶ୍ୱଶୁରଙ୍କ ହାତରୁ ନେଇ ପାଖରେ ରଖିଥିଲେ ।

ସମସ୍ତେ ସକାଳର ପ୍ରତୀକ୍ଷା କରୁଥାନ୍ତି । କିଛି ନୂଆ ଘଟଣାକୁ ଅପେକ୍ଷା । ପ୍ରତୀକ୍ଷିତ ସମୟ ବି ଆସିଗଲା । ଡାକ୍ତରମାନଙ୍କ ପରିଶ୍ରମ ସଫଳ ହେଲା । ଅରୁଣଙ୍କ କିଡ୍‌ନୀ ତାପସ୍‌ଙ୍କୁ ନୂଆ ଜୀବନ ଦେଲା । ସୁରଭିଙ୍କ ପରିବାରରେ ହସ ଖେଳିଗଲା । କିନ୍ତୁ ଅରୁଣଙ୍କ ପୁଅ, ବୋହୂ, ନାତୁଣୀଙ୍କ ଆଖିରେ ଲୁହ । ଚେତନା ଫେରି ନଥାଏ କାହାର । ସମସ୍ତେ ଅପେକ୍ଷା କରିଥାନ୍ତି । ସନ୍ଧ୍ୟା ଆସନ୍ନପ୍ରାୟ, ଆଖି ଖୋଲିଲେ ଅରୁଣ । ପ୍ରଥମ ପ୍ରଶ୍ନ, ତାପସ୍ କେମିତି ଅଛନ୍ତି ?

ସେ ଭଲ ଅଛନ୍ତି ଡାଡି, କହିଲେ ଚିତ୍ରା । ଆଉ ଥରେ ବୁଝି ଆସୁଛି କହି ସେ ବାହାରି ପଡ଼ିଲେ ତାପସ୍‌ଙ୍କ କ୍ୟାବିନ୍ ଆଡ଼କୁ । ଶ୍ୱଶୁର ଦେଇଥିବା ଚିଠିଟା ହାତରେ ଲୁଚେଇ ଧରିଥାନ୍ତି । ତାଙ୍କ ଉପରେ ପ୍ରଚଣ୍ଡ ଅଭିମାନ ହେଉଥାଏ । ୪୦ ବର୍ଷ ତଳର ପ୍ରେମିକା ପାଇଁ ନିଜ କଥା ଥରେ ଚିନ୍ତା କଲେନି । ଆଜି ଶ୍ୱଶୁରଙ୍କୁ ଦେଖିବାକୁ ହେବ ନାରୀ କେବେ ପ୍ରେମକୁ ମନେ ରଖେନି । ସେ ଗୋଟେ ପାରାସାଇଟ୍, ପରିବେଶ ଅନୁସାରେ ସେ ନିଜକୁ ଖାପ ଖୁଆଇ ନିଏ । ସୁରଭି ମା' ବି ଜଣେ ନାରୀ । ସେ ମଧ୍ୟ ତାଙ୍କ ପ୍ରେମକୁ କେବେଠାରୁ ଭୁଲି ଯାଇଥିବେ ।

ଆଇସିୟୁ ବାହାରେ ସୁରଭି ଆଉ ତାଙ୍କ ଘର ଲୋକମାନେ ସବୁ ଅପେକ୍ଷା କରିଥାନ୍ତି । ଚିତ୍ରାଙ୍କ ଆଖିରେ ଆଖିଏ ଲୁହ । ସେ ପଚାରୁଥାନ୍ତି ଅଙ୍କଲ କେମିତି ଅଛନ୍ତି ? ଘରୁ ନଟ ପାଖରୁ ଖବର ପାଇ ସିଧା ଏଠିକି ଆସିଲି । ସୁରଭିଙ୍କ ହାତକୁ ଚିଠିଟା ବଢ଼େଇ ଦେଉ ଦେଉ କହିଲେ, ମା' ଏଇ ଚିଠିଟା ଆପଣଙ୍କ ପାଇଁ କେହି ଜଣେ ପଠେଇଛନ୍ତି । ବହୁତ ଜରୁରୀ ଅଛି, ପଢ଼ନ୍ତୁ ।

ସୁରଭି ଲଫାପା ଖୋଲିବାକୁ ଯାଉଛନ୍ତି, ନର୍ସ ଖବର ଦେଲେ ତାପସ୍ ଆଖି ଖୋଲିଲେଣି । ଚିଠି ଖୋଲା ସେଇଠି ରଖିଲେ ସେ । ସମସ୍ତେ ତାପସ୍‌ଙ୍କୁ ଦେଖିବାକୁ ବ୍ୟଗ୍ର । ସେ ଚାହୁଁଥାନ୍ତି ଜୁଳୁ ଜୁଳୁ ହୋଇ । ଆଇସିୟୁ ବାହାରକୁ ଚାଲିଯିବାକୁ ଡାକ୍ତରଙ୍କ ନିର୍ଦ୍ଦେଶ ।

ଡାକ୍ତର - କିଡ୍‌ନୀ ପ୍ରତ୍ୟାରୋପଣ ସଫଳ ହୋଇଛି ସୁରଭି ମ୍ୟାଡାମ୍ । ଈଶ୍ୱର ଆପଣଙ୍କ ଡାକ ଶୁଣିଛନ୍ତି । କିଡ୍‌ନୀ ଦେଇଥିବା ଲୋକ ବି ଭଲ ଅଛନ୍ତି । ସେ ତୃତୀୟ ମହଲାରେ ଅଛନ୍ତି । ତାଙ୍କ ଗୋପନୀୟତା ବଜାୟ ରଖିବାକୁ ପଡୁଛି । ଆପଣମାନେ ଆମକୁ ସହଯୋଗ କଲେ ଭଲ ହେବ ।

Digitized by PPRACHIN, SOA

ସୁରଭି – ତାଙ୍କୁ ଟିକେ ଦେଖିହେବ । ସେ କିଡ୍‌ନୀ ବଦଳରେ କଣ ମାଗିଛନ୍ତି ? ତାଙ୍କ ସହିତ କଥା ହେବାକୁ ଅନୁମତି ଦିଅନ୍ତୁ ।

ଡାକ୍ତର – ଆପଣମାନେ ବିଶ୍ରାମ ନିଅନ୍ତୁ । କାଲି ସକାଳେ କଥା ହେବା ।

ତାପସ୍ ଓ ସୁରଭି ଆଉ ଚିତ୍ରା ଓ ଅରୁଣଙ୍କୁ ଛାଡ଼ି ସମସ୍ତେ ଘରକୁ ଚାଲି ଯାଇଥିଲେ । ତାପସ୍ ଶୋଇଥାଆନ୍ତି । ଆଇସିୟୁ ଭିତରେ ତାଙ୍କ ପାଖେ ବସିଥାନ୍ତି ସୁରଭି, ଚିତ୍ରା ଦେଇଥିବା ଚିଠି କଥା ମନେ ପଡ଼ିଲା । ସେଇଟା ଖୋଲି ପଢ଼ିଲେ । ଲେଖାଥିଲା "ସିନ୍ଦୂର ଦେଇ ପାରିନଥିଲି ବୋଲି ଅଭିମାନ କରି ସାରା ଜୀବନ ପାଇଁ କାନ୍ଦିଲ ଆଉ କନ୍ଦେଇଲ । ଛୋଟ ଚେଷ୍ଟାଟିଏ କରିଛି ତୁମ ଭାଗ ସିନ୍ଦୂର ତୁମକୁ ଫେରାଇ ଦେବାକୁ" ।

ସୁରଭିଙ୍କର ମନେ ପଡ଼ିଗଲା ସେଦିନର ସ୍ୱର । ଚିତ୍ରା ଘରେ ସେ ଶୁଣିଥିଲେ ସେଇ ଅତି ଆପଣାର ସ୍ୱରକୁ । ଚିତ୍ରାର ଶ୍ୱଶୁର ତାହେଲେ ଅରୁଣ, ମୋ ଅରୁଣ । ସେ କିଡ୍‌ନୀ ଦେଇଛନ୍ତି ! ତାଙ୍କର ହାର୍ଟ ସମସ୍ୟା ଥିଲା ବୋଲି ଥରେ ଚିତ୍ରା କହୁଥିଲା । ହେ ଭଗବାନ, ସେ ତା ହେଲେ କାଲି ଅରୁଣଙ୍କ କିଡ୍‌ନୀ ତାପସ୍‌ଙ୍କ ସହ ମ୍ୟାଚ୍ ହେବା ପାଇଁ ଏତେ ଡାକିଥିଲେ ଈଶ୍ୱରଙ୍କୁ । କଣ କରିଦେଲେ ସେ ଭାବି ମୁଣ୍ଡଟା କ'ଣ ହୋଇଗଲା ତାଙ୍କର ।

କୌଣସି ବାଧାବନ୍ଧନ ତାଙ୍କୁ ଅଟକେଇ ପାରିନଥିଲା । ଚାଳିଶ ବର୍ଷ ପରେ ସବୁ ଅଭିମାନ ଲୁହ ହୋଇ ବୋହି ଯାଉଥିଲା । ଡାକ୍ତରଖାନା ତରଫରୁ ଅରୁଣଙ୍କ ପରିଚୟ ଲୁଚେଇ ରଖିବାର କଡ଼ା ସୁରକ୍ଷା ବ୍ୟବସ୍ଥାକୁ ଭାଙ୍ଗି ଦଉଡୁଥିଲେ ସେ । ପ୍ରଥମ ମହଲାରୁ ତୃତୀୟ ମହଲାକୁ ଯିବା ପାଇଁ ଆଥ୍ରାଇଟସ୍ ରୋଗୀ ସୁରଭିଙ୍କୁ ଲିଫ୍ଟ ଦରକାର ପଡ଼ିନଥିଲା । ଆଇସିୟୁ ରୁମ୍ ଖୋଲି ପଶି ଯାଇଥିଲେ ସେ । ନିଶ୍ଚଳ ହୋଇ ବେଡ୍‌ରେ ଶୋଇ ରହିଥିଲେ ଅରୁଣ । ତାଙ୍କ ହାତକୁ ଧରି ପକାଇ ସୁରଭି କହି ପକେଇଲେ, ଏ କ'ଣ କଲ ଅରୁଣ ? ତୁମେ ମୋ ପାଇଁ ନିଜ ଜୀବନକୁ ବାଜି ଲଗେଇ ଦେଲ । କିନ୍ତୁ କାହିଁକି ?

ଅରୁଣ – ସୁରଭି, ତୁମେ ଖବର ପାଇଗଲ, ତାହେଲେ । ଏଇ ଜୀବଦ୍ଦଶାରେ ତୁମକୁ ମୁହାଁମୁହିଁ ଭେଟିବାକୁ ଚାହୁଁନଥିଲି ।

ସୁରଭି – ତାପସ୍‌ଙ୍କ ପାଇଁ ନିଜ କଥା ଥରେ ଭାବିଲନି । ତାଙ୍କୁ ବଞ୍ଚେଇ ରଖି ତୁମର ଲାଭ କଣ ହେଲା । ଯଦି ଆଜି ବି ମତେ ଏତେ ଚାହଁ, ମୋ ଖୁସି ପାଇଁ ଏତେ ବଡ଼ ତ୍ୟାଗ କରି ଦେଇପାର ତେବେ ତାଙ୍କୁ ମରିବାକୁ ଛାଡ଼ି ଦେଇ ପାରିଥାନ୍ତ ! ତାଙ୍କ ମୃତ୍ୟୁ ପରେ ମତେ ନିଜର କରି ପାରିଥାନ୍ତ ?

Digitized by PPRACHIN, SOA

ଅରୁଣ - ତୁମେ ମତେ ସ୍ୱାର୍ଥପର କହିନଥାନ୍ତ ! ୪୦ ବର୍ଷ ତଳେ ମୋ ପାଖେ ରୋଜଗାରର ପନ୍ଥା ନଥିଲା ବୋଲି ଘର ଲୋକଙ୍କୁ ଆମ ବିଷୟରେ କହି ପାରିନଥିଲି । ତୁମେ ଘର ଛାଡ଼ି ମୋ ସାଙ୍ଗରେ ଚାଲିଯିବାକୁ ବାହାରିଥିଲ । ମୁଁ ମନା କରିଥିଲି ବୋଲି ସ୍ୱାର୍ଥପର ହୋଇ ଯାଇଥିଲି । *(ଅରୁଣଙ୍କ ମୁହଁରେ ଲାଖି ରହିଥିଲା ଧୀରେ ଶୁଖିଲା ହସ)* ।

ସୁରଭି - ମୋ ଆଞ୍ଜୁଳାକୁ ଭର୍ତ୍ତି କରିବାକୁ ଯାଇ ନିଜକୁ ନିଃସ୍ୱ କରିଦେଲ !

ଅରୁଣ - କେମିତି କହୁଛ ମୁଁ ନିଃସ୍ୱ । ତୁମେ ସବୁ ମୁହୂର୍ତ୍ତରେ ମୋ ସାଙ୍ଗରେ ଅଛ ।

ସୁରଭି - ତୁମେ ତ କହିଥିଲ, ପ୍ରେମ କେବଳ ବିବାହରେ ପୂର୍ଣ୍ଣତା ପାଏନା । ଯେଉଁ ପର୍ଯ୍ୟନ୍ତ ଆମେ ଉଭୟ ଉଭୟଙ୍କୁ ଅନୁଭବ କରୁଥିବା ସେପର୍ଯ୍ୟନ୍ତ ଆମ ସମ୍ପର୍କରେ ଦାଗଟିଏ ପଡ଼ିବନି ।

ଅରୁଣ - ଠିକ୍ କଥା ନୁହେଁ କି ? ତୁମେ ଯାଇଥିଲ କେଉଁଠି ? ମନରେ ଏମିତି ଘର କରି ରହିଗଲ ଯେ ଆଉ କେହି ସେ ସ୍ଥାନ ନେଇ ପାରିଲେନି ।

ସୁରଭି - ତୁମେ ବି କେଉଁ ଯାଇଛ ଯେ ! ପ୍ରତି ମୁହୂର୍ତ୍ତରେ ତୁମକୁ ଅନୁଭବ କରିଛି । ତୁମ ସହ ବାଣ୍ଟିଛି ମୋ ଖୁସି ଆଉ ଦୁଃଖ ସବୁ । ଜାଣିଛ, ତୁମେ ବି ଚମକେଇ ଦିଅ, କେବେ କେବେ ଆସିଯାଅ । ନିଦରୁ ବିଳିବିଳେଇ ଉଠେ, କିନ୍ତୁ ତୁମେ ପାଖରେ ନଥାଅ । କେତେବେଳେ କାନ୍ଦେ, ତ ଆଉ କେତେବେଳେ ବେଦମ୍ ହସେ ।

ଅରୁଣ - ତୁମେ କିନ୍ତୁ କୁଆଡ଼େ ଗଲେ ସିନା ଆସିବ । ଏଇଠି ଥାଅ ସବୁବେଳେ ।

ସୁରଭି - ଯଦି କହେ ଆଜି ମୁଁ ଆସିଛି, ଆଉ ନଫେରିବାକୁ !

ଅରୁଣ - ସୁରଭି ମୁଁ ଟିକେ ଆଉଜି ବସିବାକୁ ଚାହୁଁଛି । ଟିକେ ବେଡ୍‌ର ହ୍ୟାଣ୍ଡେଲଟା ମୋଡ଼ିଦିଅ *(ଆଉଜି ବସିଲେ ଅରୁଣ)* ମୋ ପାଖକୁ ଆସ । ଏଇ ପାଖରେ ବସ । ମୋ ହୃଦୟର ସ୍ପନ୍ଦନକୁ ଶୁଣିବାକୁ ଚେଷ୍ଟା କର ! ସେଇଠି କେବଳ ତୁମର ନାଁ ଶୁଣିବାକୁ ପାଇବ । ୪୦ ବର୍ଷ ତଳେ ଯାହା ଥିଲା, ଆଜି କିଛି ପରିବର୍ତ୍ତନ ହୋଇନି । ସେତେବେଳେ ତୁମର ଥିଲି, ଆଜି ବି ତୁମର ।

ସୁରଭି - ହାର୍ଟ ସମସ୍ୟା ଆଉ ଆଉ କିଡ୍‌ନୀ ଦେବା ଉଚିତ୍ ଥିଲା କି ତୁମର ?

ଅରୁଣ - କଣ ବା ମୁଁ କରିଛି ? ମୋ ସୁରଭିଙ୍କ ସିନ୍ଦୂରର ରକ୍ଷା ପାଇଁ କିଡ୍‌ନୀଟେ ଦେଇଛି । ଦରକାର ପଡ଼ିଥିଲେ ତୁମ ଅରୁଣ ପାଇଁ ତୁମେ କ'ଣ ଏତିକି କରି ପାରିନଥାନ୍ତ । ତୁମେ ତାପସ୍‌ଙ୍କ ସ୍ତ୍ରୀ, ମର୍ଯ୍ୟାଦା ଉଲ୍ଲଂଘନ ତୁମକୁ ଶୋଭା ପାଏନା । ନିଜ ଦେହରୁ ଶାଲ୍‌ଟା

Digitized by PPRACHIN, SOA

ବାହାର କରି ସୁରଭିଙ୍କୁ ଘୋଡ଼େଇ ଦେଇଥିଲେ । ବିନା ଓଢ଼ଣିରେ ପର ପୁରୁଷ ସାମ୍ନାରେ ଠିଆ ହେବା ତୁମ ପାଇଁ ଲଜ୍ଜାର କଥା । ମୁଁ ତୁମ ପାଇଁ ପର ସୁରଭି । ଏବେ ଯାଅ, ତାପସ୍ ତୁମକୁ ଅପେକ୍ଷା କରିଥିବେ ।

ସୁରଭି – ପୁଣି ଥରେ ମତେ ଫେରେଇ ଦେଉଛ ?

ଅରୁଣ – ମୃତ୍ୟୁ ପର୍ଯ୍ୟନ୍ତ ଅପେକ୍ଷା କର, ସେତେବେଳେ ଫେରିଯିବା କଥା ଜମାରୁ କହିବିନି ।

ସୁରଭି – ଏତେ ନିଷ୍ଠୁର ।

ଅରୁଣ – ନିଷ୍ଠୁର ସତ୍ୟକୁ ମାନିବାକୁ ହେବ ଆମକୁ । ଆଉ କିଛି ବର୍ଷ ମାତ୍ର ।

ସୁରଭି – ଯଦି କେବଳ ମୃତ୍ୟୁର ପ୍ରତୀକ୍ଷା, ଏଇ ମୁହୂର୍ତ୍ତରେ ମୃତ୍ୟୁ ମୋର କାମ୍ୟ ହେବ ।

ଅରୁଣ – ନା, ସେମିତି ଭାବିବା ପାପ, କଥା ଦେଉଛି, ସବୁଦିନ ତୁମ ପାଖକୁ ଆସିବି ସୁରଭି । ଗୋଟେ ବାଇଗଣୀ ରଙ୍ଗର ଫୁଲ ରଖିଦେବ ତମ ଗେଟ୍ ପାଖରେ । ମୁଁ ନେଇଯିବି । ଯେଉଁ ଦିନ ସେ ଫୁଲ ନେବାକୁ ଆସିବିନି ଜାଣିବ ମୁଁ ଆଉ ନାହିଁ ।

ସୁରଭି – ଯଦି ମୁଁ ଆଗେ ଚାଲିଯାଏ, ଫୁଲ କିଏ ରଖିବ ଯେ ?

ଅରୁଣ – ସମାଧିରେ ଅପେକ୍ଷା କରିବ ମୁଁ ଆସିବି, ନିଶ୍ଚୟ ଆସିବି । ଏବେ ଯାଅ, ସୁନାଟା ପରା ।

ସୁରଭି – ବାଇଗଣୀ ରଙ୍ଗର ଫୁଲ ତୁମର ପ୍ରତୀକ୍ଷା କରିବ, ଅରୁଣ ।

ଶାଲ୍‌ଟାକୁ ଦେହରେ ଜୋର୍‌ରେ ଜଡ଼େଇ ଧରି ଆଇସିୟୁ ଭିତରୁ ଭୋ ଭୋ କାନ୍ଦି ଚାଲି ଯାଇଥିଲେ ସେ, ତାପସ୍‌ଙ୍କ ପାଖକୁ ।

ଅରୁଣ – ସୁରଭି, ତୁମେ ତାପସ୍‌ଙ୍କର, ଅରୁଣର ଲାଲିମାରେ ରଙ୍ଗାୟିତ ହେବାକୁ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡ଼ିବ ଆମକୁ । ହାତ ହଲେଇ ବିଦାୟ ଦେଉଥିଲେ ।

କଇଁ କଇଁ ହୋଇ ଅରୁଣ କାନ୍ଦୁଥିଲେ ଛୋଟ ଛୁଆଟେ ପରି । କହୁଥିଲେ ତୁମକୁ ପୁଣି ଥରେ ହରେଇ ଦେଲି । ଚିତ୍ରା ପରଦା ଆଢୁଆଳରେ ଠିଆ ହୋଇ ସବୁ ଶୁଣୁଥିଲେ । ଆର୍ଦ୍ର ଆଖିକୁ ପୋଛି ପୋଛି ବାହାରି ଆସୁଥିଲେ । ମନେ ମନେ କହୁଥିଲେ ଇଏ ତା'ହେଲେ ପ୍ରେମ । ଅତି ବିନୀତ ହୋଇ ଡାକୁଥିଲେ ଈଶ୍ୱରଙ୍କୁ ଏମାନଙ୍କୁ ତୁମ ପାଖକୁ ନେଇଯାଅ ପ୍ରଭୁ । x x x

Digitized by PPRACHIN, SOA

ଏ ଭିତରେ ତିନି ବର୍ଷ ବିତିଗଲାଣି । ବାଇଗଣୀ ରଙ୍ଗର ଫୁଲ ପ୍ରେମର ସାକ୍ଷୀ ହୋଇଛି । ସବୁଦିନ ସୁରଭି ତାଙ୍କ ଗେଟ୍ ପାଖରେ ରଖନ୍ତି ଫୁଲ । ଆଉ ଅରୁଣ ଆସି ତାକୁ ନେଇଯାଆନ୍ତି । ପ୍ରେମ କଣ କେବେ କାହାଣୀ ହୋଇପାରେ । ସେ ଚିରନ୍ତନ ସତ୍ୟ । ତାକୁ କାହାଣୀର ରୂପ ଦିଆଯାଏ । ଯେଉଁଠି ନାମ ବଦଳିଯାଏ, ଚରିତ୍ର ବଦଳି ଯାଆନ୍ତି । କିନ୍ତୁ ପ୍ରେମ କେବେ ମରେନା, ସେ ବଞ୍ଚିରହେ ଏଇ ସୁରଭି ଆଉ ଅରୁଣଙ୍କ ଭଳି ପ୍ରେମପକ୍ଷୀଙ୍କ ହୃଦୟରେ...

Digitized by PPRACHIN, SOA

ଆଈ, ଲନ୍ ସାରା ବାଇଗଣୀ ରଙ୍ଗର ଫୁଲ ଭର୍ତ୍ତି କରି ଦେଲଣି । ଅଜାଙ୍କ ପସନ୍ଦର କିଛି ଧଳା ଗୋଲାପ ଫୁଲ ଗଛକୁ ଛାଡ଼ିଦେଲେ ଲନ୍‌ସାରା ବାଇଗଣୀ ରଙ୍ଗର ଟୁଲିପ୍, ମର୍ଣ୍ଣିଂ ଗ୍ଲୋରି, ଲାଇଲାକ୍ । ତୁମକୁ ପାରି ହେବନି, କେତେବେଳେ ବଜାରରୁ ଏସବୁ ନେଇ ଆସୁଛ କେଜାଣି ? ଏତେ ରଙ୍ଗ ଥାଉ ଥାଉ ଏଇ ରଙ୍ଗଟା କାହିଁକି ଯେ ପସନ୍ଦ ତୁମର, କହୁଥିଲା ନାତି ଅଶ୍ୱିନୀ ।

କିରେ କ'ଣ ହେଲା କି ? ଏତେ ବ୍ୟସ୍ତ କାହିଁକି ହେଉଛୁ । ହଷ୍ଟେଲ ଯିବୁନି କି ? ଯା, ଗାଡ଼ି ପାଖେ ତୋ ଅଜା ଆଉ ଡ୍ରାଇଭର ଅପେକ୍ଷା କରିଛନ୍ତି । ଆଜି ସୋମବାର, ହେଲା । ଶନିବାର ରାତିରେ ଚାଲି ଆସିବୁ । ତତେ ଅନେଇ ବସିଥିବୁ ଆମେ ବୁଢ଼ାବୁଢ଼ୀ ଦୁହେଁ, କହୁଥିଲେ ସୁରଭି ।

ହଁ, ଆସିବି ଯେ ଆଈ, ତୁମକୁ କିନ୍ତୁ କହିବାକୁ ପଡ଼ିବ ଏଇ ବାଇଗଣୀ ଫୁଲର ରହସ୍ୟ । ହସି ହସି ଚାଲି ଯାଇଥିଲା ଅଶ୍ୱିନୀ ଆଈଙ୍କୁ ପ୍ରଣାମ କରି ।

ଅଶ୍ୱିନୀ ଜାଭିଅରରେ ଏମ୍‌ବିଏ କରୁଥିଲା । ଅଜା ଘରୁ ମାତ୍ର ୧୦ କିଲୋମିଟର ଦୂରରେ ତା'ର କଲେଜ । କିନ୍ତୁ ସେଇଠି ହଷ୍ଟେଲ୍‌ରେ ରହିବାକୁ ପଡୁଥାଏ ତାକୁ । ସବୁ ଶନିବାର ରାତିରେ ଆସି ସୋମବାର ଚାଲିଯାଏ ସେ ।

ସବୁ ପରିବର୍ତ୍ତନ ହୁଏ ସିନା, ଦିନର ସେଇ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ସୁରଭିଙ୍କର ଫୁଲ ରଖିବା ବନ୍ଦ ହୁଏନି । ବିଗତ ତିନି ବର୍ଷ ଭିତରେ ସେ ସବୁ ଦିନ ଫୁଲ ରଖନ୍ତି, ଆଉ ସେ ଫୁଲ କିଛି ସମୟ ପରେ ସେଠି ନଥାଏ । ସେ କିନ୍ତୁ ଅପେକ୍ଷା କରନ୍ତିନି ଅରୁଣଙ୍କ ଆସିବାକୁ । ସେ ଜାଣିଛନ୍ତି ଅରୁଣ ଅଛନ୍ତି ମାନେ ନିଶ୍ଚୟ ଆସିବେ । ବାଇଗଣୀ ଫୁଲରେ ତାଙ୍କ ସୁରଭିର ସ୍ପର୍ଶକୁ ସେ ନିଶ୍ଚୟ ଅନୁଭବ କରିବାକୁ ଚାହିଁବେ ।

ଆରେ ସୁରୁ, ଆଜି ସୋମବାର, ରୋଷେଇ କରିବନି । ପାଖ ମନ୍ଦିରରେ ଖାଇନେବା । ଗାଡ଼ିରେ ବସୁ ବସୁ କହୁଥିଲେ ତାପସ୍ ।

Digitized by PPRACHIN, SOA

ସକାଳର ସବୁ କାମ ସାରି ନଟ ଏଇ ସହରରେ ରହୁଥିବା ତା'ର ଭଉଣୀ ଘର ଆଡ଼େ ଯାଇଛି, ସନ୍ଧ୍ୟା ପୂର୍ବରୁ ଫେରିବାର ନାହିଁ ତା'ର । ଏବେ ବି ଘରେ କିଛି କାମ ନାହିଁ । କାହା ସହିତ ଗପିବାକୁ ଇଚ୍ଛା ହେଉନି । ଖବରକାଗଜଟା ଏପଟସେପଟ କରିବାରେ ଲାଗିଲେ । ଶ୍ରଦ୍ଧାଞ୍ଜଳି ଆଉ ଜନ୍ମଦିନ ବାହାରେ ଖବରକାଗଜରେ, ସେଇଟା ଦେଖିବାକୁ ଭୁଲନ୍ତିନି ସୁରଭି । କେଉଁ ପ୍ରିୟ ଲୋକ କେତେବେଳେ ଚାଲିଯିବ, ସେଇଟା ଏଥିରୁ ଜାଣିହେବ ।

ଜନ୍ମଦିନ ଶୁଭେଚ୍ଛା ଦେଖି ସେ ମନେ ମନେ ହସନ୍ତି । ଘର ଲୋକମାନେ କ'ଣ ଘରେ ଶୁଭେଚ୍ଛା ଜଣେଇ ପାରୁନାହାନ୍ତି ଯେ, ଖବରକାଗଜରେ ବାହାର କରୁଛନ୍ତି । ଏମିତି ଭାବୁ ଭାବୁ ସୁରଭିଙ୍କ ମନରେ ଗୋଟେ ଅଦ୍ଭୁତ ଖିଆଲ ଆସିଲା । ଏଇ ମାସରେ ଅରୁଣଙ୍କ ଜନ୍ମଦିନ । ତାଙ୍କ ପାଇଁ ଶୁଭେଚ୍ଛା ବାର୍ତ୍ତା ପଠେଇଲେ କେମିତି ହୁଅନ୍ତା ? କେଉଁ ଖବରକାଗଜରେ ଛପେଇବେ ସେ ? ଅରୁଣ କ'ଣ ପଢ଼ନ୍ତି, ସେ କେମିତି ଜାଣିବେ । ଚିତ୍ରାକୁ ପଚାରିଲେ ହୁଅନ୍ତା, ହେଲେ ସେ ନିଜେ ଅରୁଣଙ୍କ ନାଁ ତା' ସାମ୍ନାରେ ନେବାକୁ ପସନ୍ଦ କରନ୍ତିନି ।

ତାପସ୍ କେବେକେବେ ଚିତ୍ରା ଘରକୁ ଯାଆନ୍ତି, କିନ୍ତୁ ସେ କେବେ ବି ଅରୁଣଙ୍କ କଥା କହିବାର ସୁରଭି ଶୁଣି ନାହାନ୍ତି । ତେଣୁ ଚିତ୍ରା ପରିବାର ବିଷୟରେ ସେ ଆଗ୍ରହୀ ହୋଇ କିଛି ପଚାରିବାକୁ ସାହସ କରିନାହାନ୍ତି । ଆଜି ତା' ଘରର ଖବରକାଗଜ ବିଷୟରେ କ'ଣ ପଚାରିବେ ସେ । ତାଙ୍କୁ ତ ଚିତ୍ରାର ଏଗୁଣ୍ଠି ଡେଇଁବା ମନା । କାରଣ ସୁରଭି ତାପସଙ୍କର । କେବେ ବି ତାଙ୍କର ଏଇ ଜନ୍ମରେ ଦେଖା ନହେବା ପାଇଁ ଅରୁଣ ନେଇଛନ୍ତି ଅଲିଖିତ ପ୍ରତିଶ୍ରୁତି । ଚିତ୍ରାକୁ ବୁଲେଇବଙ୍କେଇ ପଚାରିଲେ ହୁଅନ୍ତା, ଯେମିତି କି ତା' ଘରକୁ କେଉଁ ଖବରକାଗଜ ଆସେ । ହେଲେ ଯଦି ଶୁଭେଚ୍ଛା ବାର୍ତ୍ତା ପ୍ରକାଶ ପାଇବା ପରେ ଚିତ୍ରା ବି ଜାଣିନିଏ, ଆଉ ଅରୁଣଙ୍କୁ ତାଙ୍କ କଥା କହିଦିଏ, ସେ ଛୋଟ ହୋଇ ଯିବେନି ତାଙ୍କ ଆଗରେ । ଚିତ୍ରା ନ କହିଲେ ବି ଅରୁଣ ନିଶ୍ଚୟ ଠଉରେଇ ନେବେ ଯେ ଏଇଟା ହେଉଛି ତାଙ୍କ ସୁରଭିର କାମ । ସେ ଏତେ ପ୍ରଚାରପ୍ରସାରକୁ ଭଲ ପାଆନ୍ତିନି । ନିଜ ଭିତରେ ନିଜେ ରହିବାକୁ ପସନ୍ଦ କରୁଥିବା ଲୋକ ସେ । ନା ଥାଉ, ଯେମିତି ସେ ତାଙ୍କର ସବୁ ଜନ୍ମଦିନରେ ମନ୍ଦିର ଯାଉଛନ୍ତି, ସେମିତି ଯିବେ ଏଥର । ସେ ଭଲରେ ରୁହନ୍ତୁ ପ୍ରଭୁ, ମୋ ଆୟୁଷ ତାଙ୍କୁ ଲାଗିଯାଉ, କହୁଥିଲେ ସୁରଭି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ।

ଝିଅ ତେଜୁ ସାଙ୍ଗରେ ଫୋନ୍‌ରେ ଗପୁ ଗପୁ କେତେବେଳ ହେଲାଣି ଜଣା ନାହିଁ । ତାପସ୍ ଆସି ପହଞ୍ଚିଲେ ।

Digitized by PPRACHIN, SOA

ତାପସ୍ - ସୁରୁ, ଆଜି ମିଶ୍ର ବାବୁଙ୍କ ସାଙ୍ଗରେ ଦେଖା ହେଲା । ଆମ ସାଙ୍ଗେ ଅଫିସ୍‌ରେ କାମ କରୁଥିଲେ । ଏବେ ସେ ଚିତ୍ରା ଘର ପାଖରେ ରହୁଛନ୍ତି ।

ସୁରଭି - ତୁମେ ଆଜି ଚିତ୍ରା ଘରକୁ ଯାଇଥିଲ କି ? କେମିତି ଅଛି ସେ । ଆଉ ସାନି ଭଲ ଅଛି ନା ?

ଆରେ ନା ନା, ତା' ଶ୍ୱଶୁର ଦେଖା ହୋଇଥିଲେ । ବାଟରେ ଆମ ଘର ପାଖ ଗଳିରେ କଥା ହେଉଥିଲୁ ଠିଆ ହୋଇ, ମିଶ୍ରବାବୁ ବି ତାଙ୍କ ସାଙ୍ଗ । ଭେଟ ହୋଇଗଲା, ଗପିଲୁ କିଛି ସମୟ । ଡେରି ହୋଇଗଲା । ଏବେ ବାହାରିପଡ଼, ମନ୍ଦିର ଯାଇ ଖାଇଦେଇ ଆସିବା । ଡାକୁଥିଲେ ତାପସ୍ ।

ଚିତ୍ରାର ଶ୍ୱଶୁର କ'ଣ ଏଇଠି ରୁହନ୍ତି ? କେବେ ତ କୁହନା ତାଙ୍କ ବିଷୟରେ ? ସେ କ'ଣ କରନ୍ତି ?

ଅରୁଣ ବାବୁଙ୍କ କଥା କ'ଣ କହିବି ? ଚିତ୍ରା ଘରକୁ ଯାଏ ବେଶି ତାଙ୍କ ସହ ଦେଖା କରିବାକୁ । ତୁମେ ତ ଚିତ୍ରା ଉପରେ ଏତେ ରାଗିଛ ଯେ, ମୋ ଅପରେସନ ପରଠାରୁ ତା' ଘରକୁ ଯାଉନ କେବେ ବି । ସେ କେଉଁ କାରଣରୁ ସେତେବେଳେ ଆସି ପାରି ନଥିବ ତୁମେ ସେହି କାରଣକୁ ନେଇ ଅଭିମାନ କରି ବସିଛ । ତୁମେ ବି ଆଗ୍ରହରେ ତା ବିଷୟରେ କେଉଁ ଶୁଣ ଯେ, ସେଥିପାଇଁ ମୁଁ ତା' ଶ୍ୱଶୁରଙ୍କ କଥା ତୁମକୁ କହିପାରିନି । ଚମତ୍କାର ଲୋକ ଜଣେ । ତାଙ୍କ ଜୀବନ ଦର୍ଶନ ସମ୍ପୂର୍ଣ୍ଣ ଭିନ୍ନ । ତାଙ୍କର ଜୀବନାଦର୍ଶ ତୁମକୁ ବି ପ୍ରଭାବିତ କରିବ । କେତେବେଳେ ମୋ ସାଙ୍ଗରେ ଚାଲ, ତାଙ୍କୁ ଭେଟିବ, ଜୀବନକୁ ଏତେ ସକାରାତ୍ମକ ଦୃଷ୍ଟିକୋଣରୁ ଦେଖନ୍ତି ଯେ, ତାଙ୍କ ସହ କିଛି ସମୟ ବିତେଇବା ପରେ ବଞ୍ଚିବାର ଇଚ୍ଛା ଦ୍ୱିଗୁଣିତ ହୁଏ, କହୁଥିଲେ ତାପସ୍ ।

ମୋ ଅରୁଣଙ୍କ ବିଷୟରେ ମୁଁ ତୁମଠାରୁ କ'ଣ ଶୁଣିବି ତାପସ୍ ! ଅନୁଭବକୁ କହିହୁଏ କି ? ସେ ମୋ ପାଇଁ ଯେ କେବଳ ମୋର ନିଜସ୍ୱ ଅନୁଭବ । ତୁମେ କେତେ ବା ଜାଣିଛ ତାଙ୍କୁ, ମନେ ମନେ କହୁଥିଲେ ସୁରଭି ।

ସେଠାରୁ ଉଠି ଚାଲି ଯାଇଥିଲେ ସେ । କିଛି ସମୟ ଭିତରେ ପ୍ରସ୍ତୁତ ହୋଇ ମନ୍ଦିର ବାହାରିଲେ ସ୍ୱାମୀଙ୍କ ସହିତ । ଡୋର୍‌ଟା ଦେଇ ଯାଉ ଯାଉ ଆଗରେ ଗେଟ୍ ପାଖରେ ପହଞ୍ଚି ଯାଇଥିଲେ ତାପସ୍ । ଲାଭେଣ୍ଡର ଫୁଲର ଲଟାଟା ଲନ୍ ବାହାରକୁ ବାହାରି ଆସିଥିଲା ନା କ'ଣ । ସୁରଭି ଝୁଣ୍ଟି ପଡ଼ିଲେ ସେଥିରେ ।

Digitized by PPRACHIN, SOA

ତାଙ୍କ ପାଖକୁ ଧାଇଁ ଆସିଲେ ସ୍ୱାମୀ । କହିଲେ, ସବୁବେଳେ କହୁଛି, ଏଇ ଗଛଗୁଡ଼ା କାଟି ଦିଅ । ଏସବୁ ଲଗେଇ କି ଲାଭ ପାଉଛ କେଜାଣି ଲନ୍‌ସାରା ବାଇଗଣୀ ଫୁଲ, ସେଥିରେ ମନ ଭରିଲାନି ଯେ ପାଚେରୀର ଏକ ନିର୍ଦ୍ଦିଷ୍ଟ ଖୋପରେ ସବୁଦିନ ଫୁଲ ରଖୁଛ ।

ସୁରଭି - ତୁମେ ମୋ ଫୁଲମାନଙ୍କ ବିଷୟରେ କିଛି ବି କୁହନି । ଆଉ ସେଇ ଯେଉଁ ଫୁଲ ରଖେ, ସେଇଟା ତ ମୋ ଈଶ୍ୱରଙ୍କ ପାଇଁ ।

ତାପସ୍ - ତୁମ ଈଶ୍ୱର କ'ଣ ସବୁଦିନ କେବଳ ତୁମର ଫୁଲକୁ ଅପେକ୍ଷା କରିଥାନ୍ତି । ତୁମେ ବି କିଛି ଜିନିଷକୁ ନେଇ ଏତେ ଭାବପ୍ରବଣ ହୋଇ ପଡ଼ ଯେ, ତୁମେ ମୋ ସୁରୁ କି କ'ଣ ଜାଣିପାରେନା ।

ସୁରଭି - ଭାବପ୍ରବଣ କେତେବେଳେ ହେଲି ଯେ । ସତ କଥା ତ କହୁଛି । ସେ କେବଳ ମୋ ଈଶ୍ୱର ନୁହନ୍ତି, ତୁମର ମଧ୍ୟ । ସେ ତୁମକୁ ଜୀବନ ଦେଇଛନ୍ତି । ମୃତ୍ୟୁକୁ ତୁମେ ତାଙ୍କ ଯୋଗୁଁ ପରାଜିତ କରିଛ ।

ତାପସ୍ - ହଁ ସୁରୁ, ଈଶ୍ୱର ହିଁ ମତେ ଜୀବନ ଦେଇଛନ୍ତି । ସେ ଆମ ସମସ୍ତଙ୍କ ଈଶ୍ୱର । କିନ୍ତୁ ତାଙ୍କ ପାଇଁ ମନ୍ଦିରରେ ଫୁଲ ନଦେଇ ଏଇଠି ଦେବାର ଅର୍ଥ ବୁଝିପାରେନି । ସେ ପୁଣି ବାଇଗଣୀ ରଙ୍ଗର । ଲନ୍‌ଟା ଅଜବ ଦିଶୁନି ସୁରୁ । ଟିକେ ଭଲ କରି ଦେଖ ନା ।

ସୁରଭି - ଆଉ ବେଶି ବୁଝନି । ଜୋର୍‌ରେ ଭୋକ ହେଲାଣି । ମୋ ଫୁଲମାନଙ୍କ ପଛରେ ପଡ଼ିଲେ ଓପାସ ରହିବାକୁ ପଡ଼ିବ ଯେ ।

ତାପସ୍ - ନା, ବାବା ଥାଉ । ଚାଲ ଯିବା । ଅଶ୍ୱିନୀକୁ ଛାଡ଼ି ଆସିବା ବେଳେ ବାଟରେ ଦୁଇଟା ବରା ଖାଇଥିଲି ବୋଲି ପ୍ରାଣଟା ଅଛି । ନହେଲେ...

ସୁରଭି - ବରା କାହିଁକି ଖାଉଛ ? ଅପରେସନ୍ ପରଠୁ ଡାକ୍ତର ମନା କରିଛନ୍ତି । ମାନୁନ କିଛି ।

ତାପସ୍ - ଆରେ ନା ନା, ମିଶ୍ରବାବୁ ବାଧ୍ୟ କରିବାରୁ ମୁଁ ଖାଇଦେଲି । ଅରୁଣ ବାବୁଙ୍କର କ'ଣ ଗୋଟେ ବଡ଼ ଅପରେସନ ହୋଇଛି ତିନି ବର୍ଷ ତଳେ, ପ୍ରାୟ ସେଇ ସମୟରେ, ମୋର ଯେତେବେଳେ କିଡ୍‌ନୀ ପ୍ରତିରୋପଣ ହୋଇଥିଲା । ସେ ଖାଇଲେନି । ଏସବୁ ଜିନିଷରେ ସେ ଭାରି ପକ୍କା । ନାହିଁ ମାନେ ନାହିଁ, ହଁ ମାନେ ହଁ ।

ହଁ, ଜାଣିଛି, ବହୁତ ଭଲ ଭାବରେ । ଅନ୍ୟମନସ୍କ ହୋଇ କହୁଥିଲେ ସୁରଭି ।

ତାପସ୍ - ତାଙ୍କୁ ଜାଣିଛ ! ମନା କରୁଥିଲ ଆଗରୁ ।

ସୁରଭି - ମୁଁ କିଛି କହିଲି କି ? ଟିକେ ଅନ୍ୟମନସ୍କ ହୋଇ ଯାଇଥିଲି ।

Digitized by PPRACHIN, SOA

ତାପସ୍ - ତୁମେ ବି ନା ସୁରୁ !

ଆଗପଛ ହୋଇ ମନ୍ଦିର ଆଡ଼କୁ ପାଦ ବଢ଼ାଉଥିଲେ, ସ୍ୱାମୀ ସ୍ତ୍ରୀ ଉଭୟେ ।

ଜୀବନ ଗ୍ଭଲିଯାଏ ତା' ବାଟରେ । ସମୟ ବି ଅପେକ୍ଷା କରେନା । ଦିନ ପରେ ଦିନ ବିତି ଯାଉଥାଏ । କି ଖରା, ବର୍ଷା ଆଉ ଶୀତ, ସୁରଭି ଫୁଲ ରଖିବାକୁ ଭୁଲନ୍ତିନି, ଅରୁଣ ମଧ୍ୟ ସମସ୍ତଙ୍କ ଅଲକ୍ଷ୍ୟରେ ଫୁଲ ନେବା ବନ୍ଦ କରନ୍ତିନି ।

କିଏ କାହାକୁ ଦେଖିବା ମନା । ବେଳେବେଳେ ସୁରଭି ଭାବନ୍ତି, କେଉଁଠି ଲୁଚି ଟିକେ ଦେଖି ନିଅନ୍ତେ ଅରୁଣଙ୍କୁ । ମନେପଡ଼େ ତାଙ୍କ ବଜ୍ର ଗମ୍ଭୀର କଥା, ତୁମେ ତାପସ୍‌ଙ୍କ ସ୍ତ୍ରୀ, ତୁମକୁ ବିନା ଓଢ଼ଣିରେ ପରପୁରୁଷ ପାଖକୁ ଆସିବା ମନା, ମୁଁ ତୁମ ପାଇଁ ପର ସୁରଭି ।

ଅଟକି ଯାଏ ପାଦ ସେଇଠି, ଦୁଇ ହାତ ପଛକୁ ଫେରିଯାଏ ଭାବନାର ଖିଅ । ପୁଣି ସ୍ୱାମୀମନସ୍କ ହୁଅନ୍ତି ସେ ।

ଉତ୍ତର ଭାରତ ଆଡ଼େ ବୁଲି ଯିବାକୁ ବାହାରିଛନ୍ତି, କାଲିଠାରୁ ୧୫ ଦିନ ରହିବେନି । ଫୁଲ କିଏ ରଖିବ ଯେ, ନଟକୁ କହିଦେଇ ଗଲେ ହେବ ।

ଯଦି ସେ ନରଖେ । କଥା ଦେଇଛନ୍ତି ସେ, ଯଦି ଫୁଲ ରହିଲାନି, ତେବେ ସେ ବି ଆଉ ନାହାନ୍ତି ବୋଲି ଧରି ନେବାକୁ ହେବ । ସେ ନାହାନ୍ତି ଭାବି ଯଦି ଅରୁଣଙ୍କର କିଛି ହୋଇଯାଏ । ନା ନା, କେବେ ବି ସେମିତି ହେବାକୁ ଦେବେନି ।

ଈଶ୍ୱରଙ୍କୁ କ'ଣ ଯାହା ନାହିଁ ତା ହାତରୁ ଶ୍ରଦ୍ଧା ସୁମନ ଅର୍ପଣ କରିହୁଏ । ୧୫ଟା ବାଇଗଣୀ ବଟରକପ୍ ଫୁଲରେ ସବୁ ବାରର ନାମ ଲେଖିଲେ । ସବୁ ନେଇ ରଖି ଦେଇ ଆସିଲେ ସେଇ ଜଳା ବାଟରେ । ଦେଖା ହେବା ପରେ ପ୍ରଥମ ଥର ଅରୁଣଙ୍କୁ ଏଇ ସହରରେ ଏକୁଟିଆ ଛାଡ଼ି ଯାଉଛନ୍ତି । ଆସିବା ପର୍ଯ୍ୟନ୍ତ ସେ ଭଲରେ ଥାଆନ୍ତୁ । ଭାବୁଥିଲେ ତାଙ୍କର କ'ଣ କୁଆଡ଼େ ବୁଲି ଯିବାକୁ ଇଚ୍ଛା ହେଉନଥିବ ? ଏକୁଟିଆ ବହୁତ କଷ୍ଟ ପାଉଥିବେ ।

ଶୁଣୁଛ, ଚିତ୍ରାକୁ କହି ଦେଇଥିଲେ ଭଲ ହୋଇଥାନ୍ତା, ଆମେ ଏତେ ଦିନ ବାହାରେ ରହିବା । ନଟଟା ଏକୁଟିଆ ରହିବ, ସେ ମଝିରେ ଆସି ବୁଲି ଦେଇଯାଆନ୍ତା, କହୁଥିଲେ ସୁରଭି ।

ତାପସ୍ - ବୁଝିଲ, ତୁମେ ସ୍ତ୍ରୀ ଲୋକମାନେ ଭାରି ସ୍ୱାର୍ଥପର । ତିନି ବର୍ଷ ହେଲାଣି, ତା' ସାଙ୍ଗେ ଥରେ କଥା ହେଇନ, ଏତେ ଅଭିମାନ ଯେ । ଆଉ ଏବେ ଦରକାର ବୋଲି ତାକୁ କହିବାକୁ କହୁଛ ।

Digitized by PPRACHIN, SOA

ସୁରଭି - ଆରେ, ମୁଁ କ'ଣ କହୁଥିଲି କି !

ତାପସ୍ - ଆଉ କ'ଣ ବାକି ରଖିଛି, କହିଛି ତାକୁ । ସେ ଆମ ଘର ବୁଲି ଦେଖିବ, ଆଉ ଅଶ୍ୱିନୀକୁ ବି ମଝିରେ ଦେଖା କରିବ ବୋଲି କଥା ଦେଇଛି ।

ସୁରଭି - ଅଶ୍ୱିନୀ ସାଙ୍ଗରେ କି କଥା ହେବ ସେ, ତୁମେ ବି !

ତାପସ୍ - ବୁଝିଲ ସୁରୁ, ଚିତ୍ରାର ଝିଅ ସାନି, ଯାହାର ଗୋଡ଼ ଭାଙ୍ଗିଥିଲା ଆଉ ତୁମେ ଡାକ୍ତରଖାନାରେ ତାକୁ ଚିକିତ୍ସା କରେଇଥିଲ, ମନେ ଅଛି ତା କଥା । ଏବେ କଲେଜ୍‌ରେ ପଢୁଛି, ତାକୁ ଅଶ୍ୱିନୀ ପାଇଁ ମୁଁ ମନେ ମନେ ପସନ୍ଦ କରେ । ଆଉ ୪/୫ ବର୍ଷର କଥା, ସମୟ କୁଆଡ଼େ ପଳେଇବ । ଅରୁଣ ବାବୁଙ୍କ ପରିବାର ବହୁତ ଭଲ । ସେଇଠୁ ଝିଅ ଆଣିଲେ ମୋ ତେଜୁଟା ବି ଭଲରେ ରୁହନ୍ତା । ଚିତ୍ରା ବି ମନରେ ସେଇ କଥା ଭାବେ ବୋଧେ । ସେଥିପାଇଁ ଟିକେ ଘରୋଇ ସମ୍ପର୍କ ମଜଭୁତ କରିବାକୁ ଚିତ୍ରାକୁ ଆମ ଅନୁପସ୍ଥିତିରେ ଅଶ୍ୱିନୀକୁ ଦେଖା କରିବାକୁ କହିଛି ।

ହାଁ ହୋଇ ଶୁଣୁଥିଲେ ସୁରଭି । ଓଠରୁ ଧାଡ଼ିଏ କଥା ବାହାରିଥିଲା କେବଳ, ଆଉ ଗୋଟେ ଜୋଡ଼ି ଅରୁଣ-ସୁରଭି ତିଆରି ହେବାକୁ ମୁଁ କେବେ ବି ଦେବିନି । ସମାନ୍ତରାଳ ଜୀବନ ଜିଇଁବାର କଷ୍ଟ ମୋ'ଠାରୁ କିଏ ଅଧିକ ବୁଝିବ । ସାନି ଦେହରେ ଅରୁଣଙ୍କର ଆଉ ଅଶ୍ୱିନୀ ଦେହରେ ସୁରଭିର ରକ୍ତ । ସେଇ ସମାନ ଘଟଣାର ପୁନରାବୃତ୍ତି ହେବନି ତ !

ଆଲମାରୀ କବାଟର ଧଡାସ୍ ଶବ୍ଦ ତାପସ୍‌ଙ୍କୁ କିଛି ଶୁଣିବାକୁ ଦେଇ ନଥିଲା ।

ସୁରଭି - ସମୟ ଉପରେ ସବୁ ଛାଡ଼ି ଦିଅ ତାପସ୍, ସ୍ୱପ୍ନ ଆମେ ଦେଖୁ କିନ୍ତୁ ବିଧିର ବିଧାନକୁ ଆମକୁ ମାନିନେବାକୁ ପଡ଼େ । ସ୍ୱପ୍ନ ଭାଙ୍ଗିଗଲା ପରେ ଯେଉଁ ଯନ୍ତ୍ରଣା, ତାକୁ କେବଳ ଅନୁଭବ କରିହୁଏ, ଦିନ ଦିନ, ମାସ ମାସ, ବର୍ଷ ବର୍ଷ, ବୋଧ ହୁଏ ସାରା ଜୀବନ । ସେମାନେ ତାଙ୍କର କଅଁଳିଆ ମନ ନେଇ କେତେ ସ୍ୱପ୍ନ ବୁଣୁଥିବେ । ମନର ପକ୍ଷୀ ଏବେ ଖଣ୍ଡିଉଡ଼ା ଦେଉଥିବ । ଆଘାତ ଯଦି ଥରେ ଲାଗିଗଲା !

ତାପସ୍ - ଓହୋ ସୁରୁ, ଜୀବନକୁ ସକାରାତ୍ମକ ଭାବେ ଗ୍ରହଣ କର । ସବୁବେଳେ ଭୟ, ଦୁଇ ପାଦ ଆଗକୁ ହେଲେ, ପାଦେ ପଛକୁ । ତୁମକୁ ଥରୁଟିଏ ନେଇଯିବି ଅରୁଣ ବାବୁଙ୍କ ପାଖକୁ, ତାଙ୍କଠାରୁ ଶିଖିଯିବ ଜୀବନ କେମିତି ସୂକ୍ଷ୍ମ ଅନୁଭବ ସବୁକୁ ନେଇ ବଞ୍ଚିହୁଏ । ସକାରାତ୍ମକ ଭାବେ ପ୍ରତି ମୁହୂର୍ତ୍ତକୁ ଆପଣାର କରିହୁଏ ।

ସୁରଭି - କେଉଁ ଅରୁଣଙ୍କ କଥା କହୁଛ ତାପସ୍ । ଯିଏ ସମୟର ଦ୍ୱାହି ଦେଇ, ପରିସ୍ଥିତିର ଦାସ ପାଲଟି ଯାଇ ସୁରଭି ଭାଗ୍ୟର ଖୁସିକୁ ଆଉ କାହାକୁ ଦେଇଦେଲେ । ସକାରାତ୍ମକ

Digitized by PPRACHIN, SOA

ଭାବେ ଅନ୍ୟମାନଙ୍କ ଆଗରେ ବଞ୍ଚିହୁଏ, ହେଲେ ନିଜ ଭିତରର ପୀଡ଼ାକୁ କେବଳ ନିଜକୁ ସହିବାକୁ ପଡ଼େ ତାପସ୍ ।

ତାପସ୍ - ତୁମେ ଭାବପ୍ରବଣ ହୋଇଯାଉଛ ସୁରୁ, କେଉଁ ଅରୁଣଙ୍କ କଥା କହୁଛ ତୁମେ । ନାଁ ସମାନ ହୋଇଗଲେ, ମଣିଷ ସମାନ ହୁଅନ୍ତିନି ।

ସୁରଭି କିନ୍ତୁ ଖୁବ୍ ଅଭିମାନରେ ଅମାନିଆ ଲୁହକୁ ଆଖି ଭିତରେ ଲୁଚେଇବାକୁ ଚେଷ୍ଟା କରୁଥିଲେ, ତୁମକୁ କହି ପାରିବିନି ତାପସ୍, ତୁମ ଅରୁଣ ବାବୁ ହିଁ ଏଇ ସୁରଭିର ଅରୁଣ । x x x

ଏରୋପ୍ଲେନ୍‌ରେ ବସି ସ୍ୱାମୀ ସ୍ତ୍ରୀ ଦୁହେଁ ଯାଉଥାନ୍ତି । ତିନିଟିକିଆ ସିଟ୍‌ରେ ଝରକା ପାଖରେ ବସିଥାନ୍ତି ସୁରଭି । ପାଖରେ ତାପସ୍ । ତାଙ୍କ ପାଖକୁ ବସିଥାନ୍ତି ଆଉ ଜଣେ ସମବୟସ୍କ ସହଯାତ୍ରୀ । ହାତରେ ଥାଏ ଖଣ୍ଡେ ଇଂରାଜୀ ବହି । ଉପନ୍ୟାସ ହେବ ନା କ'ଣ !

ସୁରଭି ବାହାରକୁ ଦେଖୁଥାନ୍ତି । ଆଉ ଟିକେ ପରେ ସୂର୍ଯ୍ୟ ବୁଡ଼ିଯିବେ ପରା । ଅସ୍ତାରୁଣର ଏଇ ଦୃଶ୍ୟ ଖୁବ୍ ପସନ୍ଦ ତାଙ୍କର । ଚାରିଆଡେ ଲାଲ୍ ରଙ୍ଗର ଫୁଆରା । ଆଜି ତ ଆହୁରି ସୁନ୍ଦର ଦିଶୁଥିଲା । ଭସା ବାଦଲ ଭିତରେ ରେଣୁ ରେଣୁ କିରଣ ବିଛେଇ ହୋଇ ଯାଇଥିଲା । ସୂର୍ଯ୍ୟ ହାତ ଠାରି ଡାକୁଥିଲେ ଯେମିତି ।

ଏଇ ଦେଖନା ଏପଟକୁ, ସୂର୍ଯ୍ୟ କେମିତି ଅସ୍ତ ହୋଇ ଯାଉଛନ୍ତି । ରାତିଟା କଳା ଚାଦର ମେଲେଇ ଧରିଲାଣି । ଆଉ ଟିକେ ପରେ ମାଡ଼ି ଆସିବ, ସାରା ଆକାଶକୁ ଗ୍ରାସ କରିଦେବ, କହୁଥିଲେ ସୁରଭି ।

ତାପସ - ସୁରୁ, ତୁମେ ବି ଅଦ୍ଭୁତ, ସବୁଦିନ ସୂର୍ଯ୍ୟ ଅସ୍ତ ହୁଅନ୍ତି । ଆଜି ବାଦଲ ଭିତରେ ଟିକେ ଅଲଗା ଦିଶୁଥିବେ । ଏଥିରେ ଏତେ ଭାବପ୍ରବଣ ହେବାରେ କ'ଣ ଅଛି ।

ପାଖରେ ବସିଥିବା ଭଦ୍ରଲୋକ ସ୍ୱାମୀ ସ୍ତ୍ରୀଙ୍କ କଥା ଶୁଣୁଥିଲେ । ବହିରୁ ମୁହଁ ଉଠାଇ ସେମାନଙ୍କୁ ଦେଖି ପୁଣି ପଢ଼ିବା ଆରମ୍ଭ କରିଲେ ।

ସୁରଭିଙ୍କର ନଜର ତଳକୁ ହୋଇଗଲା ଲାଜରେ । ତାଙ୍କ ପିଲାଳିଆମି ପାଇଁ ତାପସ୍‌ଙ୍କୁ ବି ବାହାରେ ଅପଦସ୍ତ ହେବାକୁ ପଡ଼ିଲା । ସେ ଭଦ୍ରଲୋକ କ'ଣ ଭାବୁଥିବେ ।

Digitized by PPRACHIN, SOA

ବେଶି କିଛି ନ କହି ପ୍ଲେନ୍ ଦିଲ୍ଲୀରେ ପହଞ୍ଚିବା ପର୍ଯ୍ୟନ୍ତ ସେ ଚୁପ୍ ରହିଲେ । ମଝିରେ ଯାହା ଲେମ୍ବୁ ପାଣି ଦୁଇଟା ଅର୍ଡ଼ର କରିବା ପାଇଁ କଥାବାର୍ତ୍ତା ।

ସେ ଭଦ୍ରବ୍ୟକ୍ତି କିନ୍ତୁ ବାରମ୍ବାର ଦେଖୁଥିଲେ ତାଙ୍କୁ । ସୁରଭି ଖୁବ୍ ସଙ୍କୋଚ କରୁଥିଲେ ସେଥିପାଇଁ । ତାଙ୍କ ହାତରେ ଥିବା ବହିର ମଲାଟଟା ମନୋଲୋଭା ହୋଇଥାଏ । ନଜର ହଟୁନଥାଏ ତା ଉପରୁ ।

ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚି ଯାଇଥିଲେ ସମସ୍ତେ । ଆଗପଛ ହୋଇ ବାହାରକୁ ବାହାରୁଥିଲେ ସବୁ ଯାତ୍ରୀ । ସୁରଭି ଓହ୍ଲେଇ ପଡ଼ିଥିଲେ ଆଗରେ । ଲଗେଜ୍ ନେଇ ଆସିବାକୁ ଡେରି ହେଉଥିଲା ତାପସ୍‌ଙ୍କର ।

ଏକ୍ସକ୍ୟୁଜ୍ ମି, ଆପଣଙ୍କୁ କିଛି କହିବାକୁ ଚାହୁଁଛି ।

ବୁଲି ଦେଖିଲେ ସୁରଭି । ପଛରେ ଠିଆ ହୋଇଥିଲେ ଏରୋପ୍ଲେନ୍‌ର ସହଯାତ୍ରୀ, ସେହି ଭଦ୍ରବ୍ୟକ୍ତି ।

ମ୍ୟାଡାମ୍, ଆପଣ ଏଇ ବହିଟା ରଖନ୍ତୁ ।

ନା, ମୁଁ ତ ଆପଣଙ୍କୁ ବହି ମାଗିନି ।

ମୁଁ ଦେଉଛି । ଆପଣଙ୍କ କଥାବାର୍ତ୍ତାରୁ ଜଣା ପଡୁଥିଲା ଆପଣ ଜଣେ ସାହିତ୍ୟ ଅନୁରାଗୀ । ସୂର୍ଯ୍ୟ ଅସ୍ତର ଦୃଶ୍ୟକୁ ଉପଭୋଗ କରିବାର ନିଆରା ଦୃଷ୍ଟିଭଙ୍ଗୀ କେବଳ ଜଣେ କବି ଲେଖକ ପାଖରେ ଥାଏ । ବହିଟା ରଖନ୍ତୁ, ଓଡ଼ିଶାର ଜଣେ ଲେଖକ ଲେଖିଛନ୍ତି, ଇଂରାଜୀ ଭାଷାରେ । ବହିଟା ଆଜି ପର୍ଯ୍ୟନ୍ତ ଲୋକପ୍ରିୟ କେମିତି ହୋଇନି କେଜାଣି । ଲେଖକ ଅରୁଣ ଲେଖିଛନ୍ତି ତାଙ୍କ ପ୍ରେମିକାର କଥା । କେଉଁ ଏକ ସୂର୍ଯ୍ୟ ଅସ୍ତ ସମୟରେ ଅଲଗା ହୋଇଥିଲେ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି । ବାକି ଆପଣ ପଢ଼ିଲେ ଜାଣିପାରିବେ । ପ୍ରେମ ଯଦି ଏମିତି ହୁଏ, ସବୁ ପ୍ରେମିକା ଅରୁଣର ଆରତୀ ହେବାକୁ ଚାହିଁବେ ।

ବହିଟାକୁ ତାଙ୍କ ହାତରୁ ଝାମ୍ପି ନେଇଥିଲେ ସୁରଭି । କିଏ ସେ ଅରୁଣ, ଆଉ କିଏ ତାଙ୍କ ଆରତୀ । ଜାଣିବା ପାଇଁ ସେ ବ୍ୟାକୁଳ ହୋଇ ଉଠୁଥିଲେ ।

ଲେଖିବାକୁ ନିଶ୍ଚୟ ଚେଷ୍ଟା କରିବି, ବହିଟା ପଢ଼ିବି ମଧ୍ୟ । ଧନ୍ୟବାଦ ।

ଭଦ୍ରଲୋକଙ୍କୁ ହାତ ହଲେଇ ବିଦାୟ ଦେଇଥିଲେ ।

ତାପସ୍ ପଚାରୁଥିଲେ ସୁରୁ, କାହାକୁ ହାତ ହଲେଇ ବିଦାୟ ଦେଉଛ ?

ଆରେ, ମୋର ଜଣେ ପୁରୁଣା ବନ୍ଧୁଙ୍କ ସହ ଦେଖା ହୋଇଗଲା ତ । ତୁମର ଆସିବାରେ

Digitized by PPRACHIN, SOA

ଡେରି ହେଲା, ସେ ଚାଲିଗଲେ । ଓଡ଼ିଶା ଫେରିଲେ ସେ ଆମ ଘରକୁ ଆସିବେ କହିଛନ୍ତି କହୁଥିଲେ ସୁରଭି ।

ଠିକ୍ ଅଛି । ଏବେ ଚାଲ । ଡେକୁ ଏୟାରପୋର୍ଟ ବାହାରେ ଅପେକ୍ଷା କରିଛି । ସବୁ ଜିନିଷ ଦେଖିନିଅ । ତୁମ ଝିଅର ଜିନିଷ ଟିକେ ଭଲରେ ଦେଖ । ଆରେ ଧରୁନ ।

ଡାହାଣ ହାତରେ ଥିଲା ଭଦ୍ରଲୋକ ଦେଇଥିବା ବହିଟି । ସୁରଭି ଭ୍ୟାନିଟି ବ୍ୟାଗ୍‌ର ଚେନ୍ ଖୋଲି ବହିଟା ରଖୁ ରଖୁ କହୁଥିଲେ, ସେ ଯେଉଁ ଭଦ୍ରଲୋକ ଆମ ପାଖେ ବସିଥିଲେ, ତାଙ୍କ ବହିଟା ଛାଡ଼ିଦେଇ ଗଲେ ବୋଧେ । ମୁଁ ଦେଖିଲି ସିଟ୍‌ରେ ପଡ଼ିଛି, ନେଇ ଆସିଥିଲି ତାଙ୍କୁ ଦେବା ପାଇଁ, ହେଲେ ସେ କୁଆଡ଼େ ଚାଲିଗଲେ ।

ଛାଡ଼, ସେ ବହିଟା ନେଇ ଚାଲ, ଘରେ ପଢ଼ିବ, ନହେଲେ ଏୟାରପୋର୍ଟରେ ରଖିଦିଅ, କେହି ବି ପଢ଼ିବ । ସମସ୍ତଙ୍କ କଥାରେ ମୁଣ୍ଡ ପୂରେଇବା ତୁମର ଗୋଟେ ବାଜେ ଅଭ୍ୟାସ ସୁରୁ ।

ସୁରଭିଙ୍କ ଉପରେ ତାପସ୍‌ଙ୍କ କଥାର କିଛି ପ୍ରଭାବ ପଡୁନଥିଲା ।

ସେ ଅତି ଶ୍ରଦ୍ଧାରେ ବହିଟିକୁ ରଖି ଦେଇଥିଲେ ତାଙ୍କ ବ୍ୟାଗ୍ ଭିତରେ । ମନ ତ ହେଉଥିଲା ଏବେ ପଢ଼ିପକାନ୍ତେ କି, ଲେଖକ ଅରୁଣଙ୍କୁ । ସେ ତାଙ୍କ ଅରୁଣ ନୁହନ୍ତି ତ, ଲେଖକର କଲମରେ କାଳି ହୋଇ ଝରିଯିବା, ପୁଣି ପ୍ରେମିକାଟିଏ ହୋଇ, ସେ ମନେ ମନେ ଅପୂର୍ବ ରୋମାଞ୍ଚ ଅନୁଭବ କରୁଥିଲେ ।

କି ବେକାର ଭାବନା ସବୁ ଆସୁଛି ମୁଣ୍ଡରେ । କେଉଁ ଅରୁଣ ଲେଖିଛନ୍ତି ଜଣା ନାହିଁ, ସେ ଆରତୀ ହୋଇଗଲେଣି ମନେ ମନେ । ହେ ପ୍ରଭୁ । ହସ ଟେନାଏ ଖେଳି ଯାଉଥିଲା ତାଙ୍କ ଓଠରେ ।

ଲଗେଜ୍ ଧରି ସ୍ୱାମୀଙ୍କ ପଛେ ପଛେ ଚାଲିଲେ । ଝିଅ ଘରେ ରହିବେ । କିଛି ନୂଆ ସ୍ଥାନ ପରିଭ୍ରମଣ କରିବେ । ଚିରାଚରିତ ଜୀବନ ଭିତରୁ ସମୟ ବାହାର କରି ବୁଲି ଆସିଲେ କେତେ ଭଲ ଲାଗେ । ତାଙ୍କୁ ଭାରି ହାଲକା ଲାଗୁଥିଲା ।

ତା' ପର ଦିନ ସନ୍ଧ୍ୟାରେ କନ୍ନଟ ପ୍ଲେସ୍‌ରେ ବୁଲୁଥାନ୍ତି ସ୍ୱାମୀ ସ୍ତ୍ରୀ । ହାତରେ ଥାଏ କୋନ୍ ଆଇସ୍‌କ୍ରିମ୍ । ଅନେକ ଦିନ ପରେ ବୁଲି ବୁଲି ଆଇସ୍‌କ୍ରିମ୍ ଖାଉଥାନ୍ତି । ବୟସ ବଢ଼ିବା ସାଙ୍ଗକୁ ରୋଗ ବି ବଢ଼ିଛି । ସେଥିପାଇଁ ଇଚ୍ଛା ନଥାଇ ବି ଅନେକ ଖାଦ୍ୟ ଉପରେ କଟକଣା । ବୁଲି ବୁଲି ଥକି ଗଲେ ଦୁହେଁ । ପାଖରେ ପଡ଼ିଥିବା ଗୋଟେ ବେଞ୍ଚ୍ ଉପରେ ବସି ଗଲେ ହାଲିଆ ହୋଇ ।

Digitized by PPRACHIN, SOA

ତାପସ୍ କହୁଥାନ୍ତି, କେତେ ବଦଳି ଗଲାଣି ଦିଲ୍ଲୀ ଏଇ ଭିତରେ, ଏଇଠି ମୋର ପ୍ରଥମ ଚାକିରି ଥିଲା, ସାଙ୍ଗମାନେ ଏକାଠି ବୁଲୁଥିଲୁ, ଘଣ୍ଟା ଘଣ୍ଟା । ଆଜିକାଲି ଭଳି ଏତେ ବେଶି ଦୋକାନ ନଥିଲା । ରାତିଅଧ ଯାଏଁ ଏଇଠି ବୁଲିବା ବେଳେ ପୁଲିସ୍ ଆମକୁ କେତେ ଥର ଧରିଥିବ । ହେଲେ ପାଖରେ କିଛି ନଥିବ, କ'ଣ ନେବ ଆମଠାରୁ । ସବୁଦିନ ଆମକୁ ଧରି ନେଇ ଆମ ବସାରେ ଛାଡ଼ି ଛାଡ଼ି ସେଇଟା ବି ପୁଲିସ୍‌ର ନିତିଦିନିଆ କାମ ହୋଇଗଲା । ସେମାନେ ବି ଶୀତ ରାତିରେ ପ୍ରାୟ ସବୁଦିନ ଆମେ ସାଙ୍ଗରେ ଚା କପ୍‌ର ଚୁମକ୍ ନେଲେ ଧୀରେ ଧୀରେ । ପରେ ସେମାନଙ୍କ ସାଙ୍ଗରେ ଆମର ଦୋସ୍ତି ହୋଇ ଯାଇଥିଲା ।

ସେଇଠି ବାମ ପାଖରେ ଏଇ ଯେଉଁ ଗେମ୍ ପାର୍ଲର ଦେଖୁଛ, ସେଇଠି ଆଗରୁ ଗୋଟେ ଗଛ ଥିଲା, ବୋଧ ହୁଏ ବଉଳ କୋଳି ଗଛ ନା କ'ଣ, ତା ମୂଳରେ ଚା ଦୋକାନ କରିଥିଲା ଆୟାଙ୍ଗାର ବୁଢ଼ା । ସେଇଠି ଆମ ଭିଡ଼ ଜମେ । ଦରମା ପାଇଲେ ତା' ଟଙ୍କା ଦିଆହୁଏ । ଅତି ଭାବପ୍ରବଣ ହୋଇ ପଡୁଥିଲେ ତାପସ୍ ।

ଆଜି ଖୁବ୍ ପାଖରୁ ତାଙ୍କୁ ଦେଖୁଥିଲେ ସୁରଭି, ବୁଝିବାକୁ ଚେଷ୍ଟା କରୁଥିଲେ ତାଙ୍କ ଯୁବସୁଲଭ ଚପଳତାକୁ । ଆଗରୁ ଅନେକ ଥର ଦେଖିଛନ୍ତି, ସେ ନକହିବା ପୂର୍ବରୁ ମନର କଥା ବୁଝି ନେଇଛନ୍ତି ପ୍ରତି ମୁହୂର୍ତ୍ତରେ । ହେଲେ ଆଜି ସେ ସମ୍ପୂର୍ଣ୍ଣ ଅଲଗା ମଣିଷକୁ ଦେଖୁଥିଲେ । ଚଷମା ତଳର ସେ ଦାଗ କହୁଥିଲା ବୟସର ଆୟୁଷ, କିନ୍ତୁ ଭାବନା ତାଙ୍କୁ କରି ଦେଇଥିଲା ଅତି ବେଶିରେ ୨୫/ ୨୬ବର୍ଷର ଏକ ତରୁଣ ଯୁବକ ।

ଆଗରୁ ବି ସେମାନେ କେତେଥର ଦିଲ୍ଲୀ ଆସିଛନ୍ତି, ହେଲେ ତାପସ୍‌ଙ୍କ ଅଫିସ୍ କାମରେ । ମା ଝିଅ ହୋଟେଲ ରୁମ୍‌ରେ ଦିନସାରା ବନ୍ଦ । ସନ୍ଧ୍ୟା ବେଳେ ତାପସ୍‌ଙ୍କ ସହ ମାର୍କେଟ ଗଲେ ଅଳ୍ପ ସମୟ ପରେ ଫେରି ଆସୁଥିଲେ । କାମର ଚାପରେ ତାପସ୍ କେଉଁ ଉପଭୋଗ କରି ପାରୁଥିଲେ ଜୀବନକୁ, ଏବେ କିନ୍ତୁ ସମୟର ବାଧା ନାହିଁ, କିନ୍ତୁ ବୟସ ଆଉ କଥା ମାନୁନି ।

କହୁଥିଲେ ସୁରଭି, ଆଜି ପୁଲିସ୍ ହାତରେ ଧରା ପଡ଼ିବ ନା କ'ଣ, ରାତି ଅଧିକ ହେଉଛି ଯେ ।

ଆରେ ନା ନା କହି ମନଖୋଲି ହସୁଥିଲେ ତାପସ୍ ।

ଗାଡ଼ି ବୁକ୍ କରି ଝିଅ ଘରକୁ ଫେରିଯିବାକୁ ବାହାରିଲେ ଉଭୟେ ।

ସୁରଭି କହୁଥିଲେ, କାଲି ସକାଳ ଟ୍ରେନ୍‌ରେ ଜୟପୁର ଯିବାର ଅଛି ଯେ । ବହୁତ ସୁନ୍ଦର ସହର ବୋଲି ତେଜୁ କହୁଥିଲା । ଆଉ କେବେ ଆସିହେବ କି ନାହିଁ ସନ୍ଦେହ । କଷ୍ଟ

Digitized by PPRACHIN, SOA

ଲାଗୁ ପଡ଼େ, ବୁଲି ନେଲେ ଭଲ । ସେଇଠି ରହିବା ପାଇଁ ହୋଟେଲ ବୁକ୍ ସରିଛି । ଆଜିକାଲି ଏସବୁ ବ୍ୟବସ୍ଥା ହେବାରୁ ବୁଲାବୁଲି କରିବା ସହଜ ହୋଇଗଲାଣି ।

ହଁ, ଖାଲି କ'ଣ ବୁଲିବା, ତୁମ ଭଳି ସୁନ୍ଦର ସ୍ତ୍ରୀ ଥିଲେ ଏଇ ବୟସରେ ହନିମୁନ କରିବାକୁ ଇଚ୍ଛା ହେବ ।

ସୁରଭି - ଧେତ୍, ବାଜେ ଲୋକ । ସେ କ୍ୟାବ୍ ଡ୍ରାଇଭର ଶୁଣିବ ।

ତାପସ୍ - ଶୁଣୁ, ସେ କ'ଣ ଆମ ଭାଷା ବୁଝୁଛି । ବୁଝିଲେ ବୁଝୁ, ମୁଁ ମୋ ସ୍ତ୍ରୀକୁ କହୁଛି । ତା'ର କ'ଣ ଯାଏ ।

ସୁରଭି - ବୟସ ୭୦ ଟପିଲାଣି, କହିଲେ କ'ଣ ନା ହନିମୁନ୍ । ଦୁଷ୍ଟ ... x x x

ଟ୍ରେନ୍‌ଟା ଚାଲୁଥାଏ ଖୁବ୍ ଜୋରରେ । ସକାଳୁ କିଛି ନଖାଇ ଘରୁ ଚାଲି ଆସିଥିଲେ । ତେଜୁ, ଜ୍ୱାଇଁ କେତେ ବାଧ କରୁଥାନ୍ତି କିଛି ନହେଲେ ହର୍ଲିକ୍ସ ଗ୍ଲାସ୍‌ଟେ ଲେଖାଏଁ ପିଇ ଦେଇ ଯିବାକୁ । ଟ୍ରେନ୍ ପାଇଁ ଡେରି ହୋଇଯିବ ବୋଲି ଜଲ୍‌ଦି ଜଲ୍‌ଦି ବାହାରି ଆସିଲେ । ଜ୍ୱାଇଁ ଷ୍ଟେସନ୍‌କୁ ଛାଡ଼ିବାକୁ ଆସିଥିଲେ ।

ଜୟପୁରରେ ଚାରି ଦିନର ରହଣି । ଦୁଇଟା ଲଗେଜ୍ ବି ଥାଏ ସାଙ୍ଗରେ । ଟ୍ରେନ୍‌ରେ ବ୍ରେକ୍‌ଫାଷ୍ଟ ତ କରିବାକୁ ହେବ । ଏସିଟା ଖୁବ୍ ଜୋରରେ ଚାଲୁଥିଲା, ଥଣ୍ଡା ଲାଗୁଥାଏ । ୱେଟର୍ ଆସି ଚା, ବିସ୍କୁଟ୍, ସ୍ୟାଣ୍ଡୱିଚ୍ ଦେଇ ଚାଲିଗଲା । ଚା ପିଅନ୍ତିନି ସେ । ହେଲେ ସ୍ୱାମୀ ବାଧ କରିବାରୁ ଚା କପ୍ ଉଠେଇଲେ । ବାହାରଟା ବହୁତ ଶୁଖାଶୁଖା ଦିଶୁଥିଲା । ମରୁଭୂମିର ରାଜ୍ୟ ରାଜସ୍ଥାନ । ଝରକା କାଚରେ ସେ ଦେଖୁଥିଲେ ବାହାରର ଦୃଶ୍ୟ । ଚାରିଆଡ଼େ ଟାଙ୍ଗରା ଭୂଇଁ । ଠାଏ ଠାଏ ପିଆଜ, କପା ଚାଷ ହୋଇଥାଏ । ସେଠାର ଲୋକଙ୍କ ଜୀବନଧାରଣର ମାନ ଥିଲା ସାଧାରଣ ।

ଟ୍ରେନ୍ ଲାଇନ୍‌ର ଅନତି ଦୂରରେ ଧାଡ଼ିଧାଡ଼ି ଘର, ଲୋକମାନଙ୍କ ବେଶଭୂଷା ବି ବେଶି କିଛି ଭିନ୍ନ ନଥିଲା । ସ୍ତ୍ରୀ ଲୋକମାନେ ତାଙ୍କର ପାରମ୍ପରିକ ପୋଷାକ ଘାଗରା ଚୋଲି ପିନ୍ଧିଥିଲେ । ପୁରୁଷ ଲୋକ ସାର୍ଟ ପ୍ୟାଣ୍ଟ, ଝିଅମାନେ କୁର୍ତ୍ତି ଆଉ ଲେଗିନ୍ସ ପିନ୍ଧିଥାନ୍ତି । ଆଉ ଛୋଟ ପୁଅମାନେ ଖଣ୍ଡେ ଖଣ୍ଡେ ହାଫ୍ ପ୍ୟାଣ୍ଟ ଓ ଛୋଟ ଝିଅମାନେ ଖଣ୍ଡେ ଲେଖାଏଁ ଫ୍ରକ୍ ପିନ୍ଧି ଦାଣ୍ଡରେ ଖେଳୁଥାନ୍ତି । ସାରା ଭାରତର ଦୃଶ୍ୟ ବୋଧେ ସେମିତି । ଏମିତି ଦୃଶ୍ୟ ଆମର ବି ଏଠି ତ ଦେଖିବାକୁ ମିଳେ ନା । ଓଡ଼ିଶାକୁ ସେ ତୁଳନା କରୁଥାନ୍ତି ରାଜସ୍ଥାନ ସହିତ ।

Digitized by PPRACHIN, SOA

ଓଡ଼ିଶା ସବୁଜିମା ଭରା ରାଜ୍ୟଟିଏ । ଯେଉଁ ଆଡ଼େ ଆଖି ଯାଏ ଦେଖିବାକୁ ମିଳେ ସବୁଜ ବନାନୀ, ବିସ୍ତୃତ କୃଷିକ୍ଷେତ୍ର । ମଝିରେ ମଝିରେ ଚପଳଛନ୍ଦା ନଈ । କେତେ ସୁନ୍ଦର ସତେ ତାଙ୍କ ରାଜ୍ୟ । ରାଜସ୍ଥାନ କିନ୍ତୁ ବାରି ହୋଇ ପଡୁଥିଲା, ତା'ର ଧୂସର ରଙ୍ଗର ଶୁଖିଲା ଭୂଇଁ ପାଇଁ । ପ୍ରାୟ ପ୍ରତି ଗାଁ ମୁଣ୍ଡରେ ଗୋଟେ ନଳକୂପ ଠିଆ ହୋଇଥିଲା ସଦର୍ପେ ।

ତାପସ୍ – ସୁରୁ, ବାହାରକୁ ଚାହିଁ କ'ଣ ଦେଖିଯାଉଛ କି ? କପ୍‌ରୁ ଚା କେତେବେଳୁଁ ସରିଲାଣି । ତାକୁ ହାତରେ ଧରି ନିରବରେ କ'ଣ ଭାବୁଛ । ତୁମେ ଗୋପବନ୍ଧୁଙ୍କ ଚିଲିକା ଦର୍ଶନ ଭଳି ରାଜସ୍ଥାନ ଦର୍ଶନ ଲେଖିବ ନା କ'ଣ ?

ସୁରଭି – ଦେଖୁଛି, ଏଇ ଲଣ୍ଡା ଗଛଗୁଡ଼ାକୁ, ଏଥିରେ କେବେ ପତ୍ର କଅଁଳିବ । ଲେଖିକାଟିଏ ହୋଇଥିଲେ ନିଶ୍ଚୟ ଲେଖିଥାନ୍ତି 'ରାଜସ୍ଥାନ ଦର୍ଶନ' ।

ଆରେ, ଜାଣିଛ ନା, ଚିତ୍ରାର ଶ୍ୱଶୁର ଅରୁଣ ବାବୁ ବି ଲେଖାଲେଖି କରନ୍ତି । ମୁଁ ଅଳ୍ପ କିଛି ପଢ଼ିଛି । ଭାରି ଦରଦଭରା ଲେଖା ସବୁ । ସମାଜର ସବୁ ଯନ୍ତ୍ରଣା ଯେମିତି ତାଙ୍କ କଲମରେ ଲେଖି ହୋଇଯାଏ । ଜୀବନକୁ ଯେତିକି ସକାରାତ୍ମକ ଭାବେ ନିଅନ୍ତି, ଲେଖାକୁ ସେତିକି ବେଦନାସିକ୍ତ କରିଦିଅନ୍ତି । ଲୋକଟା ଅଦ୍ଭୁତ ସତରେ । ତାଙ୍କର ଗୋଟେ ଗପ ପଢ଼ିଥିଲି 'ଭିକାରି' ଆଖିରେ ଲୁହ ଚାଲି ଆସିଲା, କହୁଥିଲେ ତାପସ୍ ।

ଝରକା ପଟୁ ମୁହଁ ନଫେରାଇ ସୁରଭି କହୁଥିଲେ ସତରେ, କେବେ ତାଙ୍କ ଲେଖା ନେଇ ଆସିବ, ପଢ଼ିବି । ସ୍ୱରଟା ଓଦା ହୋଇ ଯାଉଥିଲା ଶେଷ ଆଡ଼କୁ ।

ଭଦ୍ର ବ୍ୟକ୍ତି ଦେଇଥିବା ବହି କଥା ମନେ ପଡୁଥିଲା ତାଙ୍କର । ସେହି ବହିଟା ବି ଓଡ଼ିଶାର ଜଣେ ଲେଖକ ଅରୁଣ ଲେଖିଥିଲେ ବୋଲି ସେ କହୁଥିଲେ । ବହିଟାକୁ ସେ ବାହାର କରିନାହାନ୍ତି, କାଳେ ତାପସ୍ ଦେଖିନେବେ ସେଇ ଭୟରେ । ସେ ନିଜେ ଆଉ ଅରୁଣଙ୍କ ଆରତୀ ନୁହନ୍ତି ତ ! ଅରୁଣଙ୍କ ସ୍ମୃତି ସବୁ ମନ ଉହାଡ଼ରେ ଉଙ୍କି ମାରିବାକୁ ଲାଗିଲା । ଅତୀତ ବୋଧେ ସେମିତି । ଜୀବନରେ କେଉଁଠି ନା କେଉଁଠି ସାମନାରେ ଆସି ଠିଆ ହୋଇଯାଏ । ଯେତେ ଦୂରକୁ ଯିବାକୁ ଆମେ ଚେଷ୍ଟା କରୁ ସେ ସେତିକି ପାଖେଇ ଆସେ । ଏବେ ଜୟପୁର ମୁଖ୍ୟ ଷ୍ଟେସନ୍ ପାଖେଇ ଆସୁଥିଲା । ଗାଡ଼ିର ଗତି ବି ଧିମେଇ ଗଲା ।

ସୁରୁ, ତୁମେ କଣ ମୋ ସାଙ୍ଗେ କଟି କରିଛ କି ? ଆଜି କିଛି ଗପୁନ ଯେ । ନା ରାଜସ୍ଥାନର ଏଇ ଟାଙ୍ଗରା ମରୁଭୂମି ତୁମକୁ ଏତେ ପସନ୍ଦ ଆସିଯାଇଛି ଯେ ଝରକା ସେପଟୁ ମୁହଁ ଫେରାଇବାକୁ ଇଚ୍ଛା ହେଉନି । ଷ୍ଟେସନ୍ ହୋଇଗଲାଣି, ଏବେ ଉଠ, ଯିବା, କହୁଥିଲେ ତାପସ୍ । ଟ୍ରେନ୍‌ରୁ ଓହ୍ଲାଇ ଦୁହେଁ କ୍ୟାବ୍‌ରେ ବସି ହୋଟେଲ୍‌ମୁହାଁ ହେଉଥିଲେ ।

Digitized by PPRACHIN, SOA

ସୁରଭି – ସତରେ ଏଇ ଜୟପୁର ସହରରେ ଗୋଟେ ଆକର୍ଷଣ ଅଛି ବୋଧେ, ନହେଲେ ମରୁ ସହରଟା ଏତେ ଭାବପ୍ରବଣ କରୁଥାନ୍ତା କାହିଁକି ! ତୁମର ସୁଗାର କମିଯିବ । ଏଇ ଚକୋଲେଟ୍‌ଟା ଖାଇ ନିଅ ।

ସୁରଭିଙ୍କ ହାତରୁ ଚକୋଲେଟ୍‌ଟା ନେଉଥିଲେ ତାପସ୍ ।

ତାପସ୍ – ତୁମର ଏଇ ଗୁଣ ମୋର ଭାରି ପସନ୍ଦ, ତୁମେ ଯେତେ ଅନ୍ୟମନସ୍କ ଥାଅ ନା କାହିଁକି, କିନ୍ତୁ ଯେତେବେଳେ ମୋ ଦେହ କଥା ଆସେ, ସେତେବେଳେ ତୁମେ ସତର୍କ ହୋଇଯାଅ । ତୁମେ ନଥିଲେ କିଛି ବର୍ଷ ତଳୁ ମୁଁ ଆଉ ନଥାନ୍ତି ନା ସୁରୁ । ତୁମେ ଏକୁଟିଆ ସ୍ତ୍ରୀ ଲୋକ କେମିତି ଏତେ ଜିନିଷ ସମ୍ଭାଳି ନେଲ କେଜାଣି ତେଜୁକୁ ଧରି । ମୁଁ ପାରିନଥାନ୍ତି । ସତରେ ଲୋକମାନେ କୁହନ୍ତି ସ୍ତ୍ରୀ ଚାହିଁଲେ ଯମରାଜାଙ୍କଠାରୁ ବି ସ୍ୱାମୀର ଜୀବନକୁ ଛଡ଼େଇ ନେଇ ଆସେ, ମୋ କ୍ଷେତ୍ରରେ ଶତ ପ୍ରତିଶତ ଠିକ୍ ।

ସୁରଭି – ମୁଁ କିଛି କରିନି, ମିଛ ପ୍ରଶଂସା କାହିଁକି କରୁଛ । ଜନ୍ମ ହେଉ ବା ମୃତ୍ୟୁ, ସବୁ ସେଇ ଈଶ୍ୱରଙ୍କ ଇଚ୍ଛା । ସେ ନ ଚାହିଁଲେ କିଛି ବି ହୁଏନି ।

କେଉଁ ଈଶ୍ୱରଙ୍କ କଥା କହୁଛ । ତୁମର ସେହି ବାଇଗଣୀ ରଙ୍ଗର ଫୁଲକୁ ଭଲ ପାଉଥିବା ଈଶ୍ୱର, ଯାହା ପାଇଁ ପ୍ରତିଦିନ ଫୁଲଟିଏ ରଖ, କଟାକ୍ଷ କରୁଥିଲେ ତାପସ୍ । କହୁଥିଲେ ସତରେ ସୁରୁ, ବେଳେବେଳେ ଈର୍ଷା ହୁଏ ସେ ଲୋକ ଉପରେ, ଯାହା ପାଇଁ ତୁମର ଏତେ ଶ୍ରଦ୍ଧା, କିନ୍ତୁ ତୁମର ଇଚ୍ଛାକୁ ସମ୍ମାନ ଦେଇ ମୁଁ କେବେ ତାଙ୍କୁ ଦେଖିବାକୁ ଚେଷ୍ଟା କରିନି । ପର ଜନ୍ମରେ ମୁଁ ବିଶ୍ୱାସ କରେନି, କିନ୍ତୁ ଯଦି ପର ଜନ୍ମ ଥାଏ ତେବେ ମୁଁ ସେଇ ମଣିଷ ଭଳି ହେବାକୁ ଚାହିଁବି, ଯାହା ପାଇଁ ମୋ ସୁରୁଙ୍କ ହୃଦୟରେ ଏତେ ମମତା ଭରି ରହିଛି ।

ହୋଟେଲରେ ପହଞ୍ଚି ଦୁହେଁ ଟିକେ ଫ୍ରେସ୍ ହୋଇ ଖାଇବା ମଗେଇ ନେଇଥିଲେ । ଯୋଜନା ଥିଲା ଦ୍ୱିପ୍ରହରରେ ଟିକେ ବିଶ୍ରାମ ନେଇ ସନ୍ଧ୍ୟା ବେଳକୁ ଚୋଖୀଧାନୀ ଯିବେ । ଏଠିକୁ ଆସିବା ପୂର୍ବରୁ ନେଟ୍‌ରେ କେତେ ସର୍ଚ୍ଚ କରିଛନ୍ତି ଏଇ ଜୟପୁର ସହର ବିଷୟରେ । ଚୋଖୀଧାନୀ କୁଆଡ଼େ ଭାରି ପ୍ରସିଦ୍ଧ, ସେଇଠି ରାଜସ୍ଥାନର ସମସ୍ତ ସଂସ୍କୃତିର ସମାହାର ଦେଖିବାକୁ ମିଳେ । ସନ୍ଧ୍ୟାରେ ଖୋଲେ ଦର୍ଶକଙ୍କ ପାଇଁ । ସେହି ଜାଗାକୁ ମିନି ରାଜସ୍ଥାନ ବୋଲି କୁହନ୍ତି ପର୍ଯ୍ୟଟକ । ଖାଇବା ଶେଷ ହେବା ପରେ ଦୁହେଁ ଶୋଇ ଯାଇଥିଲେ ନିଦରେ । ୪ଟା ବେଳକୁ ବାହାରି ପଡ଼ିଲେ ଗନ୍ତବ୍ୟ ସ୍ଥଳ ଅଭିମୁଖେ । ଗାଡ଼ିର ଡ୍ରାଇଭର ସାଙ୍ଗେ ଜୟପୁର ସହରକୁ ନେଇ କେତେ କଥା ଗପୁଥାନ୍ତି ତାପସ୍ । ମନ ଦେଇ ଶୁଣୁଥାନ୍ତି ସୁରଭି ।

Digitized by PPRACHIN, SOA

ଚାରିଆଡ଼େ ଖାଲି ଗୋଲାପି ରଙ୍ଗର କୋଠାଘର ଧାଡ଼ି ଧାଡ଼ି । କ୍ୱଚିତ୍ ଅନ୍ୟ ରଙ୍ଗ କେଉଁଠି ଦେଖିବାକୁ ମିଳୁଥାଏ । ସେ ପଚାରିଦେଲେ, ଏଇଠି କଣ ଲୋକମାନେ ଏଇ ଗୋଲାପି ରଙ୍ଗକୁ ହିଁ ପସନ୍ଦ କରନ୍ତି । ଯେଉଁଆଡ଼େ ଦେଖିବ ଖାଲି ସେହି ରଙ୍ଗର କୋଠା । ଡ୍ରାଇଭର ହିନ୍ଦୀ ମିଶା ରାଜସ୍ଥାନୀ ଭାଷାରେ କହୁଥାଏ, ମ୍ୟାଡାମ୍ ଏଠିକି ଯିଏ ବି ପର୍ଯ୍ୟଟକ ଆସନ୍ତି, ସମସ୍ତେ ଏଇ ପ୍ରଶ୍ନ ପଚାରନ୍ତି । ଏଇ ଗୋଲାପି ରଙ୍ଗର କୋଠା ପାଇଁ ଗୋଲାପ ସହର ନାମରେ ଜୟପୁର ବେଶ୍ ପ୍ରସିଦ୍ଧ । ସମସ୍ତେ ଭାବନ୍ତି ଏଇଠି କୁଆଡ଼େ ଗୋଲାପର ବଗିଚା ରହିଛି, ତେଣୁ ସହରର ନାଁ ଗୋଲାପ ସହର । ଇଂରେଜ ଶାସନ ଅମଳରୁ ପ୍ରାୟ ଘରର ରଙ୍ଗ ଗୋଲାପି ହିଁ ଥିଲା । ତା ପରେ ଲୋକମାନେ ମଧ୍ୟ ସେହି ରଙ୍ଗରେ ନିଜ ଘରକୁ ରଙ୍ଗେଇଲେ । ତାପସ୍ ହସୁଥିଲେ ସୁରଭିଙ୍କୁ ଚାହିଁ । କହୁଥିଲେ, ମୁଁ ବି ତୁମଭଳି ଭାବୁଥିଲି, ଏଇଠି ଥିବ ଗୋଲାପର ବିସ୍ତୀର୍ଣ୍ଣ ବଗିଚା, ଯେଉଁଠି ଫୁଟିଥିବ ହରେକ ରଙ୍ଗର ଗୋଲାପ । *(ଅଳ୍ପ ଅଳ୍ପ ହସୁଥିଲେ ଦୁହେଁ ନିଜର ବୋକାମି ଉପରେ)*

ଏମିତି ଗପରେ ଗପରେ ଚୋଖୀଧାନୀ ଗେଟ୍ ସାମ୍ନାରେ ଗାଡ଼ି ରଖିଲା ଡ୍ରାଇଭର । ସେହି ଗେଟ୍‌ର କାରୁକାର୍ଯ୍ୟରୁ ଜଣା ପଡୁଥିଲା ରାଜସ୍ଥାନୀ ପରମ୍ପରାକୁ କେତେ ପରିମାଣରେ ଜାବୁଡ଼ି ଧରିବାକୁ ଚେଷ୍ଟା କରିଛି ଚୋଖୀଧାନୀ । ଭିତରେ ପଶୁ ପଶୁ ରାଜସ୍ଥାନୀ ପୋଷାକରେ ସଜ୍ଜିତ ହୋଇ ଅଭିବାଦନ ଜଣେଇଲେ ଦୁଇ ଜଣ ପରିଚାରକ । ସେଠି ଟିକେଟ୍ କରି ଭିତରକୁ ଯିବାକୁ ପଡ଼େ । ତାପସ୍ ଟିକେଟ୍ କରୁ କରୁ ସୁରଭି ନଜର କରୁଥାନ୍ତି ଚାରିଆଡ଼େ । ଟିକେଟ୍ କାଉଣ୍ଟର ପାଖକୁ ରୋଷଶାଳା, ଟିକେଟ୍‌ରେ ରାତିର ଖାଇବା ବାଧ୍ୟତାମୂଳକ, ଗ୍ରାହକ ଖାଉ ବା ନଖାଉ । ବିଭିନ୍ନ ପାରମ୍ପରିକ ରାଜସ୍ଥାନୀ ଖାଦ୍ୟର ବାସ୍ନା ଭାସି ଆସୁଥାଏ । ସୁରଭି ଦେଖୁଥାନ୍ତି, ବଡ଼ ବଡ଼ ବାସନରେ ରୋଷେଇ ଚାଲିଥାଏ । ଆଗରେ ଟେବୁଲ୍ ସଜା ହୋଇ ପଡ଼ିଥାଏ । ଏବେ ସେପଟୁ ନଜର ହଟାଇ ତାପସ୍‌ଙ୍କ ସହିତ ଭିତର ଆଡ଼କୁ ଗଲେ । ସେ ପର୍ଯ୍ୟନ୍ତ ପୂରା ଅନ୍ଧାର ହୋଇ ନଥାଏ । ଲାଇଟ୍ ଗୋଟେ ଅଧେ କେଉଁଠି ଜଳିବା ଆରମ୍ଭ କରୁଥାଏ ।

ପାଖରେ କଣ୍ଢେଇ ନାଚ ଚାଲିଥାଏ । ସେଇଠି ଠିଆ ହୋଇ ଦେଖୁ ଦେଖୁ ନଜର ପଡ଼ିଲା ମେହେନ୍ଦି କରୁଥିବା ସ୍ତ୍ରୀ ଲୋକମାନଙ୍କ ଉପରେ । ଅତିଶୟ ଆଗ୍ରହରେ ସେମାନଙ୍କ ପାଖକୁ ଯାଇ ବସିପଡ଼ିଲେ ସୁରଭି । ବୟସ ସାଙ୍ଗରେ ନାରୀର ଶୃଙ୍ଗାର କେବେ ବି କମ୍ ହୁଏନି । ସେ ଯେଉଁ ବୟସର ସ୍ତ୍ରୀ ଲୋକଟିଏ ହେଉନା କାହିଁକି ନିଜକୁ ସଜେଇବା କଥା ଆସିଲେ ସେ ସବୁବେଳେ ଆଗୁଆ । ମେହେନ୍ଦିବାଲୀ ସ୍ତ୍ରୀ ଲୋକଟି କହୁଥାଏ ରାମ ରାମ

Digitized by PPRACHIN, SOA

ଜୀ । ସୁରଭି ବି ସେମିତି କହୁଥାନ୍ତି, ରାମ ରାମ ଜୀ । ମା, ଡାହାଣ ହାତଟା ଦେଖାନ୍ତୁ । ଆରେ ନା, ଆଗେ ବାମ ହାତରେ ଲଗାଅ । ସେ ଉତ୍ତର ଦେଲା, ତୁମେ ସେ ଜ୍ୟୋତିଷ ପାଖରେ ହାତ ଦେଖାଇବନି କି ମା' । ବାମ ହାତରେ ମେହେନ୍ଦି ଲଗେଇଲେ କେମିତି ଦେଖେଇବ । ଡାହାଣ ହାତ ଦେଖେଇ ନିଅ ଆଗେ, ତା ପରେ ତୁମ ଆର ହାତରେ ମେହେନ୍ଦି ଲଗେଇ ଦେବି । ଲଗେଇ ସାରି ପଚାରିଲେ ସୁରଭି, କେତେ ଟଙ୍କା ହେଲା ତୁମର । ନାହିଁ ମା', ତୁମ ଇଚ୍ଛାରେ ଯାହା ଦେବ ନେବି । ଆମେ ଏଇଠି ଖୁସିରେ ମେହେନ୍ଦି ଲଗାଉ ।

ତାପସ୍ ୧୦୦ ଟଙ୍କିଆ ନୋଟ୍‌ଟା କାଢ଼ି ଧରେଇଦେଲେ ତା ହାତକୁ । କୃତକୃତ୍ୟ ହୋଇ ଯାଉଥାଏ ସେ । କହୁଥାଏ ମା', ଜ୍ୟୋତିଷ ପାଖରୁ ଫେରି ଆସିଲେ ମୁଁ ଆର ହାତରେ ଲଗେଇଦେବି । ଗୋଟେ ନୂଆ ଡିଜାଇନ୍ ଶିଖିଛି, ସେଇଟା ତୁମ ହାତରେ ଆଙ୍କିଦେବି । ତୁମ ରାଜ୍ୟକୁ ଗଲା ଯାଏଁ ହାତରେ ଥିବ, ସମସ୍ତଙ୍କୁ କହିବ ରମା ମେହେନ୍ଦିବାଲୀ ଏଇଟା ଲଗେଇ ଦେଇଛି ମୋ ହାତରେ ।

ହଉ ରମା, ମୁଁ ଫେରିବା ବେଳେ ତୁମ ପାଖ ହୋଇ ଯିବି ବୋଲି କହୁଥିଲେ ସୁରଭି । ଏବେ ଥିଲା ଜ୍ୟୋତିଷର ପାଳି । ତା ପାଖକୁ ଯିବାକୁ ବାହାରିଲେ ସେ । ସେସବୁର ଧାର ଧରନ୍ତିନି ତାପସ୍ । ସେ ବୁଲି ବୁଲି ଦେଖୁଥାନ୍ତି, ଦେବୀ ମନ୍ଦିର, ନୌକା ସନ୍ତରଣ, ସପ୍ତଫେଣୀ ସାପର ମୂର୍ତ୍ତି । ଧନୁତୀର ଧରି ଲକ୍ଷ୍ୟ ଭେଦ କରିବାକୁ ଚେଷ୍ଟା କରୁଥାନ୍ତି ଯୁବ ସୁଲଭ ମନରେ । କେଉଁଠି ଥାଏ କିମ୍ବଦନ୍ତୀର ରାକ୍ଷସ ପ୍ରତିମୂର୍ତ୍ତି ତ କେଉଁଠି ଥାଏ ଅନ୍ଧାରିଆ ଗୁମ୍ଫା । ଆକାଶରେ ଜହ୍ନ ଉଇଁ ସାରିଲେଣି କେତେବେଳୁ । ଚାରିଆଡ଼େ ଲାଇଟ୍ । ତଥାପି କିଛି ଜାଗାର ପରିବେଶକୁ ଏମିତି କରାଯାଇଥାଏ ଯେ ମନରେ ଭୟ ସଞ୍ଚାର ହେଉଥାଏ । ମାଟି ହାଣ୍ଡି ଗଢ଼ିବାରେ ଲାଗି ପଡ଼ିଥାନ୍ତି ତାପସ୍ ଆଣ୍ଠେଇ ପଡ଼ି, କୁନି ଛୁଆଟେ ଭଳି । ପାଖରେ ଥିବା ଦୋକାନରୁ ଝିଅ, ନାତୁଣୀ ଆଉ ନିଜ ପାଇଁ କିଛି ବାନ୍ଧନୀ ଡ୍ରେସ୍ କିଣୁଥାନ୍ତି ସୁରଭି । ମାଟି ହାଣ୍ଡି ଗଢ଼ି ସାରି ଫେରି ଆସିଲେଣି ତାପସ୍, ଗୋଟେ ପଗଡ଼ି ମୁଣ୍ଡରେ ପିନ୍ଧି କହୁଥାନ୍ତି ଦେଖିଲ, ମୁଁ କେମିତି ଦିଶୁଛି । ତାଙ୍କୁ ଦେଖି ହସି ପକାଉଥାନ୍ତି ସୁରଭି, ପାଖରେ ଥିବା ଅନ୍ୟମାନେ ବି ହସୁଥାନ୍ତି ମୁହଁ ତଳକୁ କରି ।

ଏତେ ସବୁ ଭିତରେ କିନ୍ତୁ ସେ ଭୁଲିନଥାନ୍ତି ଜ୍ୟୋତିଷ କଥା, ସବୁ ବୁଲିବାଲି ସାରି ଖାଇବାକୁ ଯିବା ପୂର୍ବରୁ ସେ ଆଉ ତାପସଙ୍କୁ ଅପେକ୍ଷା ନକରି ଚାଲି ଯାଇଥିଲେ ସେହି ରାଜସ୍ଥାନୀ ଜ୍ୟୋତିଷ ପାଖକୁ । ମୁଣ୍ଡରେ ନାଲି ରଙ୍ଗର ପଗଡ଼ି, ହାତରେ ଲୁହାର ବଳା, ଲମ୍ବା ଲମ୍ବା ପାଚିଲା ନିଶ । ଆଖି ପତାର ବାଳର ଲମ୍ବା ଦୁଇ ସେଣ୍ଟିମିଟର ଲେଖାଏଁ ହୋଇଥିବ

Digitized by PPRACHIN, SOA

ବୋଧେ । ଭୟଙ୍କର ଦିଶୁଥାଏ ମୁହଁଟା । ଏଇଟା ଗୋଟେ ଜ୍ୟୋତିଷ ନା ତାନ୍ତ୍ରିକ । ଏମିତି କଣ ଦିଶୁଛି ଭାବି ପଛକୁ ଦୁଇ ପାହୁଣ୍ଡ ଫେରି ଆସୁଥିଲେ ସୁରଭି । ଶୁଣିବାକୁ ପାଇଲେ ଖୁବ୍ ମଧୁର ସ୍ୱର, ମା' କୁଆଡ଼େ ଯାଉଛ, ଭାଗ୍ୟ ପରଖିବାକୁ ଆସିଛ ପରା, ସେମିତି ଚାଲିଯିବ ? ସ୍ୱର ଥିଲା ସେହି ଜ୍ୟୋତିଷଙ୍କର, ଚେହେରା ଯେତିକି ଭୟଙ୍କର ସ୍ୱର ସେତିକି ମିଠା । କଣ ଥିଲା ସେ ସ୍ୱରରେ କେଜାଣି, ଯନ୍ତ୍ରବତ୍ ତା ପାଖରେ ବସି ଯାଇଥିଲେ ସୁରଭି, ବାମ ହାତଟା ଦେଖେଇ ।

ଦୂରରେ ଠିଆ ହୋଇଥିଲେ ତାପସ୍, ପାଖକୁ ଆସିବାକୁ ଡାକିଲେ ସେଇ ଜ୍ୟୋତିଷ ଜଣକ । ସେଠି କାହିଁକି ଠିଆ ହୋଇଛ ବାବା, ଜୀବନ ଡୋରିରେ ବନ୍ଧା ହୋଇଛ ଦୁହେଁ, ଏତେ ଦୂରତ୍ୱ କାହିଁକି । ଏଇଠି ବସ, ମୋ ପାଖରେ । ସୁରଭିଙ୍କ ହାତଟାକୁ ଏପଟ ସେପଟ କରି ଦେଖୁଥାନ୍ତି, ମନଟା ତୁମର ଅତି କୋମଳ ମା' ଅତି ଦୟାଶୀଳା । ଜୀବନରେ ସବୁ ପାଇଛ, ସୁଖୀ ଦାମ୍ପତ୍ୟ ଜୀବନ କାଟୁଛ ଦୁହେଁ, ସ୍ୱାମୀର ଗୋଟେ ବଡ଼ ଦଶା ଥିଲା କଟିଯାଇଛି । ସୌଭାଗ୍ୟବତୀ ତୁମେ । ଭବିଷ୍ୟତକୁ ଅଙ୍ଗେ ନିଭେଇଲେ ତାର ମାଦକତାକୁ ଅନୁଭବ କରିବ । ତେଣୁ ସେଇଟା ନିଜ ଭିତରେ ସାଇତି ରଖ । ସମୟ ସ୍ରୋତରେ ବୋହିଯିବାକୁ ଦିଅ ନିଜକୁ । ଆଉ ତୁମେ ବି ଭାଗ୍ୟବାନ ବାବା, ତୁମର ସ୍ୱଭାବ ଯେମିତି ତୁମ ସହିତ ଚଳିବା କଷ୍ଟ, ଏଇ ମା ତୁମ ଜୀବନରେ ଆସି ତୁମକୁ ପୂର୍ଣ୍ଣ କରିଛି । ଭଗବାନଙ୍କୁ ଧନ୍ୟବାଦ ଦିଅ । ଆଉ ଯେତିକି ଦିନ ବଞ୍ଚିବ ବହୁତ ଖୁସିରେ ରହିବ ଦୁହେଁ ।

ତଥାପି ହାତଟାକୁ ଏପଟସେପଟ କରି ଦେଖୁଥାନ୍ତି ଜ୍ୟୋତିଷ ମହାରାଜ । ଆଉ କ'ଣ ଅଛି ମୋ ଭାଗ୍ୟରେ ବାବା, ପଚାରୁଥାନ୍ତି ସୁରଭି । ସ୍ୱାମୀଙ୍କ ହାତ ଦେଖିବାକୁ ଅନୁରୋଧ କରୁଥାନ୍ତି । ତାପସ୍ କିନ୍ତୁ ହାତ ଦେଖାଇବାକୁ ନାରାଜ । କହୁଥାନ୍ତି ଦେଖ ତୁମେ ହାତ ଦେଖାଇଲ, ମୋର କିଛି କହିବାର ନାହିଁ । କିନ୍ତୁ ମୋତେ ବାଧ୍ୟ କରନି । ମୁଁ ଟିକେ ସେପଟେ ବୁଲିଆସେ କହି ହାତ ଠାରି ଦେଖାଇଲେ ଶେଷନାଗ ମୂର୍ତ୍ତିଆଡ଼କୁ । ଆଉ ସେଆଡ଼କୁ ପାଦ ବଢ଼େଇଲେ । ହାତର ମେହେନ୍ଦି ଶୁଖି ଯାଇଥିଲା, ଟଙ୍କା ଦେବାକୁ ପର୍ସ ଚେନ୍ ଖୋଲିବା ପାଇଁ ଉଦ୍ୟତ ହେଉଥିଲେ ସୁରଭି । ଜ୍ୟୋତିଷ କହୁଥିଲେ, ମା' ଯାହା ଶୁଣିବାକୁ ଚାହୁଁଥିଲ ନଶୁଣି ଚାଲିଯିବ । ଯାହା ପାଇଁ ତୁମେ ଏବେ ବି ସ୍ୱପ୍ନ ସଜାଅ ସେ ଏ ଜନ୍ମରେ କେବେ ବି ତୁମର ହୋଇ ପାରିବନି, କିନ୍ତୁ ମୃତ୍ୟୁ ତୁମ ଦୁହିଁଙ୍କୁ ଚାହିଁଲେ ବି ଅଲଗା କରି ପାରିବନି । ମୃତ୍ୟୁ ପରେ ସେ କେବଳ ତୁମର । ମା, ତୁମ ଦୁହିଁଙ୍କର ଅଲଗା ହେବା ବିଧି ନିର୍ଦ୍ଦିଷ୍ଟ ଥିଲା, ହେଲେ ସେ ତୁମକୁ ତା ନିଜଠାରୁ ବି ଅଧିକ ଚାହେଁ । ପୂର୍ବ ଜନ୍ମର ଅଭିଶାପ

Digitized by PPRACHIN, SOA

ବୋଧେ, ଯେଉଁ କାରଣରୁ ତୁମେ ଅଲଗା ହୋଇଗଲ । ହେଲେ ଦୁହିଁଙ୍କର ଆତ୍ମା ଏବେ ବି ଜଣେ ଅନ୍ୟ ଜଣକୁ ଖୋଜେ । ସୁରଭିଙ୍କ ଆଖିର ଲୁହ ଦୁଇ ଟୋପା ଯାଇ ଜ୍ୟୋତିଷଙ୍କ ହାତରେ ପଡ଼ିଥିଲା । ମା' କାନ୍ଦୁଛ କାହିଁକି ? ଈଶ୍ୱର ଯାହା କରନ୍ତି ସବୁ ଆମର ମଙ୍ଗଳ ପାଇଁ । ସେ ଯଦି ତୁମକୁ ଅଲଗା କରିଛନ୍ତି, ନିଶ୍ଚୟ କିଛି ଭଲ ଉଦ୍ଦେଶ୍ୟ ନେଇ । ତାଙ୍କ ଇଚ୍ଛାକୁ ନେଇ ଲୁହ ଗଡ଼ାଇବା ଅର୍ଥ ହେଉଛି ତାଙ୍କୁ ଅବମାନନା କରିବା । ସ୍ୱାମୀଙ୍କର ଅନୁଗାମୀ ହେବା ପ୍ରତ୍ୟେକ ସ୍ତ୍ରୀର କର୍ତ୍ତବ୍ୟ, ଆଜି ପର୍ଯ୍ୟନ୍ତ ଯେମିତି ସ୍ତ୍ରୀର ଗୁରୁଦାୟିତ୍ୱକୁ ତୁଲେଇଛ ସେମିତି ଆଗକୁ କରିବ । ଜ୍ୟୋତିଷଙ୍କ ପାଦ ଛୁଇଁ ବିଦାୟ ନେଉଥିଲେ ସୁରଭି । ଟଙ୍କାଟିଏ ବି ପାଉଣା ନେବାକୁ ମନା କରି ଦେଇଥିଲେ ଜ୍ୟୋତିଷ ।

ଖାଇବାକୁ ଯିବାନି କି ? ରାତି ବଢୁଛି ଧୀରେ ଧୀରେ । ଖାଇ ସାରିଲେ ହୋଟେଲକୁ ଫେରିବାକୁ ହେବ ଯେ । ଗୋଡ଼ ହାତ ସବୁ ଧରି ନେଲାଣି, ଚାଲ ଏବେ । ସ୍ୱାମୀଙ୍କୁ ହଲେଇ ଦେଇ କହୁଥିଲେ ସୁରଭି ।

ଡାଇନିଂ ଟେବୁଲ ଆଡ଼କୁ ଅଗ୍ରସର ହେଉଥିଲେ ଏବେ ସେମାନେ । ବାଟରେ ରମା ମେହେନ୍ଦିବାଲୀକୁ ଭେଟିବାକୁ ଭୁଲି ନଥିଲେ ସେ । କଥା ଦେଇ କଥା ନରଖିପାରିଲେ ବହୁତ ବ୍ୟସ୍ତ ହୋଇ ପଡ଼ନ୍ତି ସେ ।

ପାଖ ବେସିନ୍‌ରେ ହାତ ଧୋଇସାରି ଖାଇବା ଟେବୁଲରେ ବସି ଯାଇଥିଲେ । ଲାଲ୍ ରଙ୍ଗର ରାଜସ୍ଥାନୀ ପୋଷାକ ପରିଧାନ କରି ମୁଣ୍ଡରେ ପଗଡ଼ି ବାନ୍ଧିଥିବା ଦୁଇ ତିନି ଜଣ ୱେଟର ଆସି ପାଖରେ ପହଞ୍ଚି ଯାଇଥିଲେ । ଜଣେ ବହୁତ ବଡ଼ ବଡ଼ ଗ୍ଲାସ୍‌ରେ ଲସି ନେଇ ଆସିଥିଲା । ରାତିରେ ଦହି ଖାଇବେନି କହି ସୁରଭି ମନା କରିଦେଲେ, କିନ୍ତୁ ତାପସ୍ ଭାରି ଶ୍ରଦ୍ଧାରେ ଗ୍ଲାସ୍‌କୁ ସଫା କରିଦେଲେ । ତାପରେ ବଡ଼ ବଡ଼ କଂସା ଥାଳିରେ ରାଜସ୍ଥାନର ପାରମ୍ପରିକ ଖାଦ୍ୟ ଡାଲବାଟି ଚୁରମା, ଗଟେ କି ସବ୍‌ଜି, ମୁଗ ଡାଲିର ଗୋଟ କଣ ଆଇଟମ୍, ପିଆଜର ତରକାରୀ, ଆଉ ଗୋଟେ ମିଠା, ଏମିତି କେତେ କଣ ପରଷି ଦେଇଗଲେ । ଏଥିରୁ ଅଳ୍ପ କିଛି ଖାଇବା ପରେ ଦୁହେଁ ଉଠି ଯାଇଥିଲେ ତୃପ୍ତିରେ । ଆସିବା ସମୟରେ ସେମାନଙ୍କ ଆତିଥ୍ୟତାକୁ ଧନ୍ୟବାଦ ଦେବାକୁ ଭୁଲିନଥିଲେ ଦୁହେଁ । ଫେରିବା ବେଳେ ଡ୍ରାଇଭରକୁ କହି ସ୍ମୃତିର ସନ୍ତକ ସ୍ୱରୂପ ଚୋଖୀଧାନୀର ଗେଟ୍ ପାଖରେ ଫଟୋଟିଏ ଉଠାଇ ନେଇଥିଲେ ।

ହୋଟେଲକୁ ଯିବା ବାଟରେ ଭାବୁଥାନ୍ତି ସୁରଭି, ଏଇ ଜ୍ୟୋତିଷ ବାବା କଣ ତ୍ରିକାଳଦର୍ଶୀ । ସେ କେମିତି ଜାଣିପାରିଲେ ଯେ ଅରୁଣ ଏବେ ବି ତାଙ୍କ ମନର କେଉଁ ଏକ

Digitized by PPRACHIN, SOA

କୋଣରେ ଘର କରି ରହିଛନ୍ତି । ତାପସ୍‌ଙ୍କ କାନ୍ଧରେ ମୁଣ୍ଡ ଥୋଇ ଆଉ ଟିକେ ଜାକି ହୋଇ ଯାଉଥିଲେ ସେ, ଯେମିତି ଅରୁଣଙ୍କ ଭାବନା ଚାଲିଯିବ ଆହୁରି ଦୂରକୁ ।

ଆରେ ଶୀତ ଲାଗୁଛି ନା କଣ, ଏମିତି ଜାକି ହୋଇଯାଉଛ ଯେ, ଏସି ବନ୍ଦ କରିବାକୁ ଡ୍ରାଇଭରକୁ କହିବି କି ? ପଚାରୁଥିଲେ ତାପସ୍ ।

ନାଇଁ, ଶୀତ ହେଉନି, ସେମିତି ଧରି ପାରିବିନି କି ତୁମକୁ ।

ଆଉ ଟିକେ ଲାଗି ଯାଉଥିଲେ ତାପସ୍ । ନିଶ୍ଚୟ, କାହିଁକି ନୁହେଁ ।

ହୋଟେଲ୍‌ରେ ପହଞ୍ଚୁ ପହଞ୍ଚୁ ରାତି ଏଗାରଟା ଉପରେ । ଖଟ ଉପରେ ଗଡ଼ି ଗଡ଼ି ପ୍ରଶ୍ନ କରୁଥିଲେ ତାପସ୍, ମୁଁ ଆସିବା ପରେ ସେ ଜ୍ୟୋତିଷ ଆଉ କଣ କହୁଥିଲା ତୁମକୁ, ଭାରି ଗମ୍ଭୀର ଦିଶୁଥିଲା ତା ମୁହଁ । ମୁଁ ତାକୁ ଦୂରରୁ ଲକ୍ଷ୍ୟ କରୁଥିଲି ।

ଏଇ ଝିଅ କଥା, ମୋ ଦେହ କଥା । ଦେହଟା ଟିକେ ଖରାପ ରହିବ କିଛି ଦିନ, ଏମିତି ସବୁ କହୁଥିଲେ । *(ବାଆଁରେଇବାକୁ ଚେଷ୍ଟା କରୁଥିଲେ ସୁରଭି)*

ତାପସ୍ – ତୁମକୁ ସେମାନଙ୍କ କଥା ବିଶ୍ୱାସ ହୁଏ ସୁରୁ । ମତେ କିନ୍ତୁ ହୁଏନି ।

ସୁରଭି – ଅବିଶ୍ୱାସ କରିବାର କ'ଣ ଅଛି । ସେମାନେ ଏତେ ଲୋକଙ୍କ ହାତ ଦେଖୁଛନ୍ତି ମାନେ କିଛି ତ ପଢ଼ାପଢ଼ି କରିଥିବେ, ନହେଲେ ଖାଲିଟାରେ କଣ ବସିଥାନ୍ତେ ସେଇଠି । ସେ କଥା ଛାଡ଼ ମ, କାଲି ସକାଳେ, ହାୱା ମହଲ, ଜଲ୍ ମହଲ, ଆମ୍ବେର ଫୋର୍ଟ, ସିଟି ପ୍ୟାଲେସ୍ ଦେଖିବାକୁ ଯିବା ପରା ।

ତାପସ୍ – ହଁ, ଶୋଇଯାଅ । ସକାଳ ଜଳଖିଆ କରି ସାରି ବାହାରିଯିବା, ନହେଲେ ଡେରି ହୋଇଯିବ । ଫୋର୍ଟ ଉପରେ ଚାଲିବାକୁ ପଡ଼ିପାରେ ବେଶି, ମେଡ଼ିସନ୍ ଅଛି ନା । ଗୋଟେ ନେଇଯାଅ ।

ଅତ୍ୟଧିକ ହାଲିଆରୁ ସୁରଭି ଶୋଇ ଯାଇଥିଲେ । ତାଙ୍କ ପରେ ପରେ ତାପସ୍ ବି ।

ସକାଳୁ ଚିତ୍ରା ଫୋନ୍ କଲ୍‌ରେ ନିଦ ଭାଙ୍ଗିଲା ତାପସ୍‌ଙ୍କର । ସେପଟୁ କହୁଥାଏ ଚିତ୍ରା, ଅଙ୍କଲ୍ ମା' ନାହାନ୍ତି କି ? କୁଆଡ଼େ ଯାଇଛନ୍ତି ? ତାଙ୍କ ଦେହ ଭଲ ଅଛି ନା ?

ଆରେ ସକାଳୁ ଫୋନ୍ କରି ମା' କଥା କାହିଁକି ପଚାରୁଛୁ । ଆମେ ରାଜସ୍ଥାନରେ, ଆଉ ଛଅ ଦିନ ପରେ ଓଡ଼ିଶା ଫେରିବୁ । ନେ ମା'ଙ୍କ ସହିତ କଥା ହେବୁ ।

ହ୍ୟାଲୋ ମା' ପ୍ରଣାମ, ଭଲ ଅଛନ୍ତି ନା ! କାଲି ରାତିରେ ଶ୍ୱଶୁର ଆପଣଙ୍କୁ ନେଇ କ'ଣ ଗୋଟେ ସ୍ୱପ୍ନ ଦେଖିଲେ । ସକାଳୁ ଉଠି ଆସି ମତେ ଆପଣଙ୍କୁ ଫୋନ୍ କରିବାକୁ କହିଲେ ।

Digitized by PPRACHIN, SOA

ସେ କହିଛନ୍ତି ଟିକେ ସତର୍କ ଥିବେ ମା । ହଉ, ମୋ ପାଇଁ ଗୋଟେ ଜୟପୁରୀ ଶାଢ଼ି ଆଣିବେ, ସମାନ ତେଜୁ ଭଳି । ସେ ନିଜ ଝିଅ ବୋଲି ତାର ଅଲଗା ଆଣିବେନି, ମୁଁ ରୁଷିବି ।

ଫୋନ୍ ରଖୁଥିଲେ ସୁରଭି । ପ୍ରାୟ ତିନି ବର୍ଷ ତଳେ ଅରୁଣଙ୍କ ସହିତ ଶେଷ ଦେଖା, ସେଇ ଡାକ୍ତରଖାନାରେ, ତାଙ୍କ ଭିତରର ସମ୍ପର୍କ କହିଲେ ସେଇ ବାଇଗଣୀ ରଙ୍ଗର ଫୁଲ । ଆଉ ତ କେବେ କିଛି କଥା ହୋଇନାହାନ୍ତି ସେମାନେ । ହେଲେ ଆଜି କାହିଁକି ଏ ପରିବର୍ତ୍ତନ ଅରୁଣଙ୍କ ଭିତରେ । କଣ ସ୍ୱପ୍ନ ଦେଖିଲେ ଏମିତି ଯେ ଚିତ୍ରାକୁ କହି ଫୋନ୍ କରାଉଛନ୍ତି । ସେ ଭଲ ଅଛନ୍ତି ନା । ଚିନ୍ତିତ ହୋଇ ପଡୁଥିଲେ ସୁରଭି ।

ତାପସ୍ - କଣ କହୁଥିଲା ଚିତ୍ରା, ସକାଳୁ ସକାଳୁ ଫୋନ୍ କରି ତୁମକୁ ଖୋଜୁଥିଲା ଯେ । କଣ କିଛି ଦରକାର ଥିଲା, ଅଶ୍ୱିନୀ ପାଖକୁ ଯାଇଥିଲା କି ?

ସୁରଭି - ଆରେ ନା ନା, କଣ ଗୋଟେ ଖରାପ ସ୍ୱପ୍ନ ଦେଖିଥିଲା ମତେ ନେଇ, ସେଥିପାଇଁ ବ୍ୟସ୍ତ ହୋଇ ଫୋନ୍ କରୁଥିଲା ।

ତାପସ୍ - ଦେଖିଲ, ସେ ତୁମକୁ କେତେ ଭଲ ପାଏ । ବୁଝିଲ ସୁରୁ, ରକ୍ତ ସମ୍ପର୍କ ନ ଥିଲେ କଣ ହେଲା, ହୃଦୟର ସମ୍ପର୍କ ଯୋଗୁଁ ଚିତ୍ରା ଆମକୁ ଏତେ ଭଲ ପାଏ । ତୁମେ ତା ଉପରେ କିନ୍ତୁ ଖୁସି ହୋଇ ପାରିଲନି କେବେ । ଗୋଟେ ସହରରେ ରହି ବି ଦ୍ୱିତୀୟ ଥର ପାଇଁ ତା ଘରକୁ ଯାଇନ । ହଉ, ଏଥର ତା ପାଇଁ ଗୋଟେ ସୁନ୍ଦର ଜୟପୁରୀ ଶାଢ଼ି ନେଇ ତା ଘରେ ଯାଇ ଦେଇ ଆସିବ । ସେ ଖୁସି ହୋଇଯିବ ।

ଦେଖିବି । କହୁଥିଲେ ସୁରଭି ।

ମନେ ମନେ କହୁଥିଲେ ସୁରଭି ସେଇଟା ଖାଲି ଚିତ୍ରାର ଘର ନୁହେଁ, ଅରୁଣଙ୍କର ବି । ମୁଁ ଆଉ ଅରୁଣ ଗୋଟେ କାନ୍ଥର ଦୁଇ ପାଖରେ ଥିବା ଦୁଇ ଜଣ ମଣିଷ । ଆମ ପାଇଁ ପରସ୍ପରର ଛାଇ ବି ଛୁଇଁବା ମନା । କେମିତି ଯିବି ମୁଁ ତା ଘରକୁ । ସେ ମୋ ପାଇଁ ପର । ସମ୍ପୂର୍ଣ୍ଣ ଅଜଣା ।

କୁଆଡ଼େ ଭାବନା ରାଜ୍ୟରେ ହଜିଗଲ । ଜଲ୍‌ଦି ରେଡ଼ି ହୁଅ, ଯିବା ପରା ବୁଲିବାକୁ । ତା ପରେ ସକାଳ ଜଳଖିଆ ଖାଇ ଦେଇ ଗୋଟେ ପରେ ଗୋଟେ ସ୍ଥାନ ବୁଲି ଦେଖି ନେଇଥିଲେ । ସେତେବେଳକୁ ଦିନ ଗୋଟାଏ । ମଧ୍ୟାହ୍ନଭୋଜନ ସାରି ଦୁଇଟା ବେଳକୁ ଆମ୍ବେର ଫୋର୍ଟ ଚଢ଼ିଲେ ସମସ୍ତେ । ପର୍ଯ୍ୟଟକମାନଙ୍କୁ ନେଇ ଫୋର୍ଟର ମୁଖଶାଳା ପାଖରେ ଛାଡ଼ି ଆସିବା ପାଇଁ କିଛି ଜିପ୍ ଠିଆ ହୋଇଥାନ୍ତି । ତଳୁ ଫୋର୍ଟକୁ ନଜର ପାଉନଥାଏ । ଏତେ ଉପରକୁ ଯାଇପାରିବେ କି ନାହିଁ ସନ୍ଦିହାନ ହେଉଥାଆନ୍ତି ସ୍ୱାମୀ ସ୍ତ୍ରୀ । ସାହାସ ଦେଉଥାଏ ଗୋଟେ ଜିପ୍‌ର ଡ୍ରାଇଭର । ସବୁଦିନ କେତେ ଲୋକଙ୍କୁ ନେଇ ହେପାଜତରେ

Digitized by PPRACHIN, SOA

ଛାଡ଼ୁଛୁ ଆଜ୍ଞା, ଆପଣଙ୍କୁ ବି ସୁବିଧାରେ ନେଇ ପହଞ୍ଚାଇ ଦେବୁ । ଜିପ୍‌ରେ ବସି ଉପରକୁ ଉଠିଥିଲେ ଦୁହେଁ । ମାତ୍ର ୧୫ ମିନିଟ୍ ଲାଗିଥିଲା ।

କି ସୁନ୍ଦର ନିର୍ମାଣ ଶୈଳୀ ଥିଲା ପୂର୍ବ କାରିଗର ମାନଙ୍କର । ଏତେ ବର୍ଷ ପରେ ବି ଅତୁଟ ଥିଲା ସେହି କାରିଗରୀ । ପାଖରେ ସବୁଜ ବନାନୀ, ତା ଭିତରେ ଥିବା ବଗିଚା, ରୋଷ ଘର, କୂଅ, ରାଣୀମାନଙ୍କ କୋଠି, ପ୍ରତ୍ୟେକ ଦିଗକୁ ଯିବା ପାଇଁ ଗୋଟିଏ କୋଠରୀରୁ ଅନ୍ୟ ଏକ କୋଠରୀକୁ ଲମ୍ବିଥିବା ବାରଣ୍ଡା ଥିଲା ଆକର୍ଷଣୀୟ । ସବୁଠୁ ସୁନ୍ଦର ଥିଲା ଶିଶ୍‌ମହଲ । ଛୋଟ ବଡ଼, ରଙ୍ଗବେରଙ୍ଗ ଦର୍ପଣ ଖଞ୍ଜି ହୋଇ ଯାଇଥିଲା କାନ୍ଥ ସାରା । ଏକା ସହିତ ହଜାର ହଜାର ପ୍ରତିବିମ୍ବ ଦେଖିବାକୁ ମିଳୁଥିଲା । ବିଦେଶୀ ପର୍ଯ୍ୟଟକଙ୍କ ମେଳା ବସିଥାଏ । ସନ୍ଧ୍ୟା ଆସିବା ପୂର୍ବରୁ ସବୁ ପର୍ଯ୍ୟଟକଙ୍କୁ ଜାଗା ଖାଲି କରିବାକୁ କହୁଥାନ୍ତି ସେଠାରେ ନିଯୁକ୍ତ କର୍ମଚାରୀମାନେ । କାହିଁକି ପଚାରିବାରୁ ଓଠରେ ଖେଳି ଯାଉଥାଏ ରହସ୍ୟମୟ ହସ । ସତେ ଯେମିତି ସନ୍ଧ୍ୟା ପରେ ସେଠିକୁ ଓହ୍ଲାଇ ଆସିବେ ଇନ୍ଦ୍ର ତାଙ୍କର ଦରବାରକୁ ଉଠେଇ ନେଇ । ରମ୍ଭା, ମେନକା, ଉର୍ବଶୀ ସବୁ ଅପ୍ସରାମାନେ ନୃତ୍ୟ କରିବେ ଏଇ ମର୍ତ୍ତ୍ୟର ସ୍ୱର୍ଗାଲୋକରେ । ଅଥବା ଅଶରୀରୀମାନେ ସାରା ରାତି କରିବେ ତାଣ୍ଡବ । କେଉଁ ଯୁଗରୁ ଶୋଷିଲା ଥିବା ଅତୃପ୍ତ ଆତ୍ମାଗୁଡ଼ାକ ଶୋଷିନେବେ ତଣ୍ଟିକଣା କରି ମଣିଷମାନଙ୍କ ରକ୍ତ ।

ସବୁ ପର୍ଯ୍ୟଟକଙ୍କ ଭଳି ସୁରଭି ଆଉ ତାପସ୍ ପଛ କରି ଚାଲି ଅସୁଥିଲେ ଆମ୍ବେର ଫୋର୍ଟକୁ । ସୂର୍ଯ୍ୟ ଅସ୍ତ ହେଉଥିଲେ । ତା'ର ଲାଲିମାରେ ଫୋର୍ଟଟା ଖୁବ୍ ମନଲୋଭା ଦିଶୁଥିଲା । ଜିପ୍‌ରେ ତଳକୁ ଓହ୍ଲାଇ ଯିବା ପରେ କାର୍‌ରେ ବସି ବାହାରି ଯାଉଥିଲେ ସେ ଅଞ୍ଚଳରୁ । ପଛରେ ରହି ଯାଉଥିଲା ଆମ୍ବେର ଫୋର୍ଟ ଆଉ ନିକଟରେ ଥିବା ଆଉ କିଛି ଫୋର୍ଟ । ସନ୍ଧ୍ୟା ନଇଁ ଆସୁଥିଲା । ଡ୍ରାଇଭରକୁ ଗାଡ଼ି ଅଟକେଇବାକୁ କହିଥିଲେ ସୁରଭି । ସେଇଠି ଓହ୍ଲେଇ ପଡ଼ି ଦେଖୁଥିଲେ ଫୋର୍ଟକୁ ବାରମ୍ବାର । ସତରେ ଏବେ ଫୋର୍ଟଟା ପରିବର୍ତ୍ତିତ ହେଉଥିଲା କେଉଁ ଏକ ଭିନ୍ନ ରୂପକୁ । ଭାରି ନିଛାଟିଆ ଲାଗୁଥିଲା ।

ହୋଟେଲ୍‌କୁ ଫେରି ସେଇ ଚିରାଚରିତ ଭାବେ ଖାଇବା ଆଉ ବିଶ୍ରାମ ନେବା ପରେ ତା ପର ଦିନ ସିଟି ପ୍ୟାଲେସ୍, ଆଲବର୍ଟ ମ୍ୟୁଜିଅମ୍, ସୁପର ମଲ୍ ବୁଲି ବାପୁ ବଜାରରୁ କିଛି କିଣାକିଣି କରିବା ପରେ ସିଧା ଚାଲି ଆସିଥିଲେ ଷ୍ଟେସନକୁ । ସାଙ୍ଗରେ କିନ୍ତୁ ଆଣିବାକୁ ଭୁଲିନଥିଲେ ରାଜସ୍ଥାନୀ କଣ୍ଢେଇ ଦୁଇଯୋଡ଼ା । ଗୋଟେ ତେଜୁର, ଆରଟା ଚିତ୍ରାର । କଣ୍ଢେଇ କିଣିବା ବେଳେ କହୁଥିଲା ବୁଲା ବେପାରୀଟା, ସେଇ କଣ୍ଢେଇକୁ ଘରେ ରଖିଲେ କୁଆଡ଼େ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସମ୍ପର୍କ ମଜଭୁତ ରହେ । ଦୁଇ ଜଣଙ୍କ ପାଇଁ ସମାନ ରଙ୍ଗର ଶାଢ଼ି କିଣିବାକୁ ବି ଭୁଲିନଥିଲେ ।

Digitized by PPRACHIN, SOA

ଠିକ୍ ସମୟରେ ଟ୍ରେନ୍ ଆସି ଯାଇଥିଲା । ଉଦ୍ଦିଷ୍ଟ ବଗିରେ ଦୁହେଁ ବସିଥିଲେ । ଉଭୟଙ୍କୁ ବହୁତ ଥକ୍କା ଲାଗୁଥିଲା । ଏସି ପବନରେ ଦୁହେଁ ଶୋଇ ଯାଇଥିଲେ । ସନ୍ଧ୍ୟା ସ୍ନାକ୍ସ ଦେବାକୁ ଆସିଥିବା ୱେଟରର ଡାକରେ ନିଦ ଭାଙ୍ଗିଥିଲା । ଭିତରେ ଡିମ୍ ଲାଇଟ୍, ବାହାରେ କିଟି କିଟି ଅନ୍ଧାର । ଶୀତ ଶୀତ ଲାଗୁଥାଏ । ବେଶି କିଛି ଗପିବାକୁ ଇଚ୍ଛା ହେଉନଥାଏ ଉଭୟଙ୍କୁ । ସାଇଡ୍ ସିଟ୍‌ରେ ବସିଥିବା କୁନି ଝିଅଟିର କଥା ବସି ଶୁଣୁଥାନ୍ତି ସୁରଭି । ବକ୍ ବକ୍ ହେଉଥାଏ, ବନ୍ଦ ହେବାର ନାଁ ଧରୁନଥାଏ । ତା ଦୁଷ୍ଟାମି ମନେ ପକେଇ ଦେଉଥାଏ ନାତି ଆଉ ନାତୁଣୀଙ୍କ ପିଲାଦିନ । ଏମିତି ସମୟ କେତେବେଳେ ବିତିଗଲା, ରାତି ଏଗାରଟା ପରେ ଝିଅ ଘରେ ପହଞ୍ଚି ଶୋଇ ଯାଇଥିଲେ ସେମାନେ । ସକାଳୁ କୁଆଡ଼େ ବୁଲିବାକୁ ଯିବାର ନଥିଲା ।

ନାତୁଣୀ ରିନି କିନ୍ତୁ ଅଜା ଆଇଙ୍କ ଉପରେ ଖୁବ୍ ଅଭିମାନ କରିଥିଲା । ସକାଳୁ ସକାଳୁ ମାମା ଆଗରେ ଫେରାଦ ଦେଲା ଯେ ଆସିବା ଦିନଠୁ ଖାଲି ବଦ୍ରିନାଥ, ତାଜମହଲ, ମଥୁରା, ଜୟପୁର, ଫତେପୁରସିକ୍ରି ବୁଲା ଚାଲିଛି । ଏଇଠି ନାତୁଣୀଟା ଅଛି, ତା ସାଙ୍ଗେ ଟିକେ ସମୟ ବିତେଇବାକୁ ଇଚ୍ଛା ହେଉନି କାହାର । ନାତୁଣୀର ପାଟିରେ ଅଜାଙ୍କର ନିଦ ଭାଙ୍ଗିଲା । କହୁଥିଲେ ସେ, ମୋ ସୁନା ମା' ସାଙ୍ଗେ ଏବେ ସମୟ କାଟିବା । ଆଉ କୁଆଡ଼େ ବୁଲି ଯିବାର ନାହିଁ । ସାରା ଦିଲ୍ଲୀ ତ ବୁଲା ସରିଛି । ଏବେ ଆମେ ଆମ ଗେହ୍ଲା ନାତୁଣୀ ସାଙ୍ଗେ ସମୟ ବିତେଇବା । ଖୁସି ତ ।

ଠିକ୍ ଅଛି, ଏବେ ମୋ ସାଙ୍ଗରେ ଚାଲ ମର୍ଣ୍ଣିଂ ୱାକ୍ ।

ସୁରଭି ଉଠିଲେ କିଛି ସମୟ ପରେ । ତାହା ପୁଣି ଡେଜୁ ଡାକିବାରୁ । ମମି, ଉଠିବନି କି ? କେତେବେଳ ହେଲାଣି । ସେତେବେଳକୁ ଜ୍ୱାଇଁ ବି ଉଠି ଅଫିସ୍ ଚାଲି ଯାଇଥିଲେ । ଭାରି ଖରାପ ଲାଗୁଥାଏ ତାଙ୍କୁ । କହୁଥାନ୍ତି ଝିଅକୁ, ଗୋଡ଼ହାତ ବହୁତ ଦରଜ ମା' ଥକା ବି ଲାଗୁଥିଲା, ସେଥିପାଇଁ ଶୋଇ ଯାଇଥିଲି । ତୋ ଡାଡ଼ି କୁଆଡ଼େ ଗଲେ ? ରିନିର ବି ପାଟି ଶୁଣାଯାଉନି ଯେ ।

ସେମାନେ ମର୍ଣ୍ଣିଂ ୱାକ୍‌ରେ ଯାଇଛନ୍ତି । ତୁମେ ସେଇଠି ବସିଥାଅ, ମୁଁ ଯାଉଛି, ପାଦରେ ଟିକେ ମସାଜ୍ କରିଦେବି, ତୁମକୁ ଭଲ ଲାଗିବ । ତା ପରେ ଯାଇ ଗାଧୋଇବ ।

ନା, ଥାଉ, ଏବେ ଏତେ ଦରଜ ନାହିଁ ମା, କାହିଁକି ବ୍ୟସ୍ତ ହେଉଛୁ । ଏତିକି କହୁ କହୁ ସୋରିଷ ତେଲରେ ରସୁଣ ପକାଇ ଫୁଟାଇ ଆଣି ଗରମ ଗରମ ତେଲ ମାଲିସ୍ କରିବା ଆରମ୍ଭ କରି ଦେଇଥିଲା ଡେଜୁ ।

Digitized by PPRACHIN, SOA

କିଛି ସମୟ ମସାଜ୍ କରିବା ପରେ ପଚାରୁଥିଲା ଟିକେ ଆରାମ ଲାଗୁଛି ନା ମମି । ମା' ଝିଅ କଥା ପେଡ଼ି ଖୋଲି ଦେଇଥିଲେ । ତୁମେ ଜୟପୁର ଯିବା ପରେ ଲଗେଜ୍ ସବୁ କାଢ଼ିଥିଲି । ଅସନା ଡ୍ରେସ୍ ସବୁ ସଫା କରିଦେଇଛି ତୁମର ଆଉ ଡାଡିଙ୍କର । ମମି, ବ୍ୟାଗ୍ ଭିତରୁ ଗୋଟେ ବହି ପାଇଲି । ବହିଟା ସେଇ ଥାକରେ ରଖିଛି । ତୁମେ ପଢ଼ିସାରଛ ନା ! ମୁଁ ରଖି ନେଉଛି ସେଇଟା, ସମୟ ମିଳିଲେ ପଢ଼ିବି । ପଢ଼ିବା ଗୋଟେ ଅଭ୍ୟାସ ତୁମର, କେତେ ବହି ପଢ଼ିଲଣି ମମି । ମୁଁ ଛୁଆ ବେଳୁ ଦେଖୁଛି, ତୁମେ କେବଳ ପଢ଼ । ତୁମ ମୁଣ୍ଡଟା ଗୋଟେ ଛୋଟ ଲାଇବ୍ରେରୀ ହେଇଯିବଣି । ହସି ଉଠୁଥିଲା ।

ସୁରଭି - ଏବେ ଛାଡ଼ ମା, ମୁଁ ଟିକେ କାମ ସାରି ଭୋଳା ବାବାଙ୍କୁ ଡାକେ । ଏଇ ବୁଲାବୁଲି ଚକ୍କରରେ ତାଙ୍କୁ ଠିକ୍‌ରେ ପୂଜା ବି କରିପାରିନି । ଆଜି ତାଙ୍କ ବାର ପରା, ଏତେ ଡେରି ଯାଏଁ ଶୋଇଛି, ସେ ରାଗିବେ ।

ତେଜୁ - ମମି, ଏତେ ଠାକୁର ଥାଉ ଥାଉ ତୁମକୁ ଏଇ ଶିବ ଠାକୁର କାହିଁକି ପସନ୍ଦ ?

ସୁରଭି - କାହିଁକି ନା, ତାଙ୍କର ଆଦର୍ଶ ଓ ସିଦ୍ଧାନ୍ତରେ ମୁଁ ଅନୁପ୍ରାଣିତ । ମଣିଷ ତା ଜୀବନରେ ଅନୁଶାସନକୁ ଗୁରୁତ୍ୱ ଦେଇ ଶିଖିଲେ ଜୀବନ ବଞ୍ଚିବା ସୁଗମ ହୋଇଥାଏ । ସେ ପ୍ରଚଣ୍ଡ ଭାବେ ଅନୁଶାସନ ପ୍ରିୟ । ସେଇ ଆଦର୍ଶ ମତେ ଭଲ ଲାଗେ । ଆଉ ଗୋଟେ କଥା ହେଉଛି, ଈଶ୍ୱରଙ୍କୁ ତର୍ଜମା କରିବା ଧୃଷ୍ଟତା । ଏସବୁର ଅର୍ଥ ତାଙ୍କ ଉପସ୍ଥିତିକୁ ଅବମାନନା କରିବା । ତେଣୁ କେଉଁ ଠାକୁର କାହା ପାଇଁ ଆରାଧ୍ୟ ହୋଇଯାନ୍ତି, କାହିଁକି ହୋଇଯାନ୍ତି ସେଥିପାଇଁ ଆଲୋଚନାର କୌଣସି କାରଣ ନାହିଁ ବୋଧ ହୁଏ ।

ହଉ, ମମି, ଏବେ ଯାଅ, ଗାଧୋଇ ତୁମ ଭୋଳା ବାବାଙ୍କ ଶରଣରେ ପଶିଯାଅ । ମୁଁ ଚାଲିଲି ରୋଷେଇ ଘରକୁ । ଆଜି ସବୁ ତୁମ ମନ ପସନ୍ଦର ବନେଇ ଖୁଆଇବି । *(ଚାଲି ଯାଉଥିଲା ତେଲ ଗିନା ଧରି)*

ସୁରଭି ଉଠି ଯାଇଥିଲେ ସେଲ୍ଫ ପାଖକୁ ଯେଉଁଠି ଲେଖକ ଅରୁଣଙ୍କ ବହିଟା ଥୁଆ ହୋଇଥିଲା । ଶାଲ୍ ଭିତରେ ଗୁଡ଼େଇ ନେଇ ଆସିଥିଲେ ସେ, ଯେମିତି ଝିଅର ନଜର ନଆସେ । ବ୍ୟାଗ୍ ଖୋଲି ଭଙ୍ଗା ହୋଇଥିବା ଡ୍ରେସ୍ ଭିତରେ ରଖି ବ୍ୟାଗର ଲକ୍ କୋଡ୍ ବି ବଦଳେଇ ଦେଇଥିଲେ । ମନେ ମନେ ଝିଅ ଉଦ୍ଦେଶ୍ୟରେ କହୁଥିଲେ ମା', କ୍ଷମା କରିଦେବୁ, ମା' ହୋଇ ଝିଅର ଏଇ ସାମାନ୍ୟ ଇଚ୍ଛାକୁ ପୂରଣ କରି ପାରିଲିନି ।

ସକାଳର ସବୁ କାମ ସାରି ବସିଥିଲେ ସୁରଭି । ଅଜା ନାତୁଣୀ ବି ଫେରି ଆସିଥିଲେ । ଲୁଡ଼ୋର ଆସର ଜମିଲା କିଛି ସମୟ ପର୍ଯ୍ୟନ୍ତ । କାଲି ଛାଡ଼ି ପର ଦିନ ଓଡ଼ିଶା ଫେରିବାକୁ

Digitized by PPRACHIN, SOA

ହେବ । ନାତୁଣୀ ଆଉ ଝିଅ ପାଇଁ ଜୟପୁରରୁ ଯାହା ଆଣିଥିଲେ ସବୁ ବାହାର କରି ରଖୁଥିଲେ ସୁରଭି । ଆଗକୁ ଥିଲା ତେଜୁର ଜନ୍ମ ଦିନ । କିଛି ସୁନା ଜିନିଷ କିଣି ଉପହାର ଦେବାକୁ ସ୍ୱାମୀଙ୍କ ଆଗରେ ଇଚ୍ଛା ପ୍ରକାଶ କରିଥିଲେ ।

ତାପସ୍ କହୁଥିଲେ, ଆଜି ଡିନର ବାହାରେ କରିବା । ସେତେବେଳେ ଟିକେ ଗହଣା ଶୋ' ରୁମ୍‌କୁ ଯିବା । ସେଇଠି ଆଉର କିଛି କିଣିବାର ଅଛି, କିଣିବା । ରିନି ଖୁବ୍ ଖୁସି ହୋଇ ଯାଇଥିଲା ।

ଏମିତିରେ ଲଞ୍ଚ୍ ଟାଇମ୍ ହୋଇ ଯାଇଥିଲା । ଖାଇବା ଟେବୁଲ୍ ଉପରେ ଥିଲା ଘାଣ୍ଟ ତରକାରୀ, ବଡ଼ି ଆଳୁ ବେସର, ସଜନା ଛୁଇଁ ମସଲା ଦିଅ ଭଜା, ରନ୍ଧା ଆମ୍ବ ଖଟା, ସାଙ୍ଗରେ କଖାରୁ ଫୁଲ ବରା । ମନେ ପଡୁଥିଲା ସୁରଭିଙ୍କର ବୋଉ ଆଉ ଭାଉଜଙ୍କ କଥା । ବାହାଘର ପୂର୍ବରୁ ଶେଷ ଥର ପାଇଁ ସେ ଏଇ ସବୁ ଜିନିଷ ଏକା ସାଙ୍ଗରେ ଖାଇଥିଲେ । ବୋଉ ଆଉ ଭାଉଜ ବଳେଇ ବଳେଇ ଖୁଆଇ ଦେଇଥିଲେ । ପରେ ସେ ଖାଇଛନ୍ତି, କିନ୍ତୁ ନିଜେ ପ୍ରସ୍ତୁତ କରି ଖାଇବାକୁ ପଡ଼ିଛି । ଅନୁଶାସନ ପ୍ରିୟ ତାପସ୍ ତାଙ୍କର ଏକୁଟିଆ ବାପ ଘରକୁ ଯିବା ଏତେ ପସନ୍ଦ କରନ୍ତିନି । ସେଥିପାଇଁ ଯେତେବେଳେ ଯାଆନ୍ତି ତାଙ୍କ ସାଙ୍ଗରେ । ଜ୍ୱାଇଁଙ୍କ ଚର୍ଚ୍ଚାରେ ସମସ୍ତେ ଏତେ ବ୍ୟସ୍ତ ହୋଇଯାଆନ୍ତି ଯେ ତାଙ୍କ କଥା ପଚାରେ କିଏ । ଝିଅ ଆଗରେ କେତେବେଳେ କେମିତି କହିଛନ୍ତି ତାଙ୍କର ପସନ୍ଦ ସବୁ । ସେ ମନେ ରଖିଛି ଗୋଟି ଗୋଟି କରି । ତାଙ୍କୁ ଲାଗୁଥିଲା ଯେମିତି ତାଙ୍କ ବୋଉ ବସିଥିଲା ପାଖରେ, ତେଜୁକୁ ଦେଖୁଥିଲେ ସୁରଭି । ଝିଅମାନେ ବଡ଼ ହୋଇଗଲେ ମା' ଭଳି ବ୍ୟବହାର କରନ୍ତି ବୋଧେ । ସମସ୍ତେ ଖାଇ ଉଠିଗଲେ ।

ଝିଅ ସାଙ୍ଗରେ ଗପୁଥାନ୍ତି ସୁରଭି । କେଉଁଠୁ କଥା ସବୁ ଆସି ଯାଉଥାଏ ସେମାନଙ୍କ ଆଲୋଚନା ପରିସରକୁ ।

ଝିଅ କହୁଥାଏ, ମମି, ତମେ ଆଉ ସେ ଲୋକର କିଛି ଖବର ପାଇଲ ।

ସୁରଭି – କାହାର ?

ତେଜୁ – ସେଇ ଯେଉଁ ଲୋକ ଡାଡିଙ୍କୁ ତାଙ୍କ କିଡ୍‌ନୀ ଦେଇଥିଲେ । ସେତେବେଳେ ସେ ଲୋକ ଆସିନଥିଲେ ପରିସ୍ଥିତି ଭିନ୍ନ କିଛି ହୋଇଥାନ୍ତା ।

ସୁରଭି – ନା, ତାଙ୍କର ଠିକଣା ଗୋପନୀୟ ରଖିବାକୁ ସେ କହିଥିଲେ । ସେଥିପାଇଁ ଯେତେଥର ମୁଁ ଡାକ୍ତରଖାନାରୁ ବୁଝିବାକୁ ଚାହିଁଛି ସେମାନେ ମତେ ନିରାଶ କରିଛନ୍ତି ।

Digitized by PPRACHIN, SOA

ଟେଳୁ – ଏମିତି ବଦାନ୍ୟ ବ୍ୟକ୍ତି ଥାଆନ୍ତି ମମି ! ସେ ଆମର କିଛି ନୁହନ୍ତି, ତଥାପି ସେ ଏମିତି ସାହାଯ୍ୟ କଲେ କାହିଁକି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ତାଙ୍କ ଋଣ ଏ ଜନ୍ମରେ ଶୁଝି ହେବନି ମମି । ସେ ଲୋକଙ୍କୁ ଏ ଜନ୍ମରେ ଦେଖିବାକୁ ନିଶ୍ଚୟ ଚାହିଁବି, ପିତୃ ଋଣ ପରିଶୋଧ କରିବାର ଅଛି, ସେଥିପାଇଁ ।

ଏମିତି ବି ଭଗବାନ ମଣିଷ ରୂପରେ ଆସି ସାହାଯ୍ୟ କରନ୍ତି, ସେ ଆମ ପାଇଁ ଭଗବାନ ବୋଲି ଭାବିନେଇଛି ମୁଁ । ଯଦି ଆମର ତାଙ୍କ ସାଙ୍ଗରେ ଦେଖା ହେବାର ଥିବ ନିଶ୍ଚୟ ଦେଖା ହେବ । ନହେଲେ ନାହିଁ । ତୁ ବ୍ୟସ୍ତ ହେଇ ମନଦୁଃଖ କରନା କହୁଥିଲେ ସୁରଭି ।

ମନେ ମନେ ଭାବୁଥିଲେ, କି ସମ୍ପର୍କ ଦେଲ ପ୍ରଭୁ, ଯାହା ବିଷୟରେ କାହା ଆଗରେ ବି କହିବାକୁ ମନା ମତେ, ନାରୀଟିଏ ପାଇଁ କାହିଁକି ଏତେ ଯନ୍ତ୍ରଣା, ଆଖି ମୁଦି ପଡ଼ି ଯାଇଥିଲେ ମା' ଝିଅ କିଛି ସମୟ ।

ସନ୍ଧ୍ୟା ପୂର୍ବରୁ ଜ୍ୱାଇଁ ଫେରିଥିଲେ । ୬ଟା ବେଳକୁ ସମସ୍ତେ ଏକା ସାଙ୍ଗରେ ବାହାରି ଯାଇଥିଲେ । ଜ୍ୱାଇଁଙ୍କ ପାଖରେ ବସି ତାପସ୍ ଗପୁଥାନ୍ତି ତାଙ୍କ ଅଫିସ୍ କଥା, ଓଡ଼ିଶାକୁ ଫେରିବା କଥା । ଅଶ୍ୱିନୀର ପଢ଼ାପଢ଼ି କଥା । ଏମ୍‌ବିଏ ସରିଲେ ସେ କଣ କରିବ, ଚାକିରି କରିବ ନା ଆଉ କିଛି ପଢ଼ିବ । ଦିଲ୍ଲୀ ସହରକୁ ନେଇ ଅନେକ ଚର୍ଚ୍ଚା । କାର୍ ପଛରେ ବସି ରିନି ଗପୁଥାଏ ଚବର ଚବର ହୋଇ ସୁରଭିଙ୍କ ସହିତ । ଇଣ୍ଡିଆ ଗେଟ୍ ପାଖରେ ଗାଡ଼ି ଅଟକିଲା । ସେଇଠି କିଛି ସମୟ ବିତେଇଥିଲେ ସମସ୍ତେ, ଶହୀଦ ସ୍ମୃତି ସ୍ତମ୍ଭକୁ ବୁଲି ଦେଖିଲେ । କି ଗହଳି ଲାଗିଥାଏ ସେଠି ଯେମିତି ଯାତ୍ରା ଲାଗିଛି । ଅଧିକାଂଶ ଲୋକ ସପରିବାର ସେଇଠି ସତରଞ୍ଜି ବିଛେଇ ବସିଥାନ୍ତି । ଏକାଠି ଖାଉଥାନ୍ତି, ସେମାନଙ୍କୁ ଦେଖି ଲାଗୁଥିଲା ଯେମିତି ସେମାନେ ପିକନିକ୍ କରିବାକୁ ଆସିଛନ୍ତି । ସେଇଠି ଗୁପ୍‌ଚୁପ୍ ଠେଲା ପାଖରେ ଠିଆ ହୋଇ ଖାଇବାର ମଜା ଉଠେଇଲେ ସମସ୍ତେ । ତାପରେ ଗହଣା ଶୋ ରୁମ୍ ଭିତରେ ପଶିଲେ । ଝିଅ ଆଉ ନାତୁଣୀକୁ ତାଙ୍କ ପସନ୍ଦରେ କିଛି କିଣିବାକୁ କହି ଚେନ୍‌ର ବିଭିନ୍ନ ଡିଜାଇନ୍ ଦେଖୁଥାନ୍ତି ସୁରଭି । ସେଥିରୁ ଗୋଟେ ସୁନ୍ଦର ଡିଜାଇନ୍‌ର ଚେନ୍ ବାଛି ଟେଳୁ ବେକରେ ପକାଇ ଦେଖିନେଲେ ।

ଟେଳୁ – ସୁନା ମୋର କଣ ହେବ, ମୁଁ ଭାବିଲି ତୁମେ କିଛି କିଣିବ ମମି, ସେଥିପାଇଁ ଆସିଲେ ।

ସୁରଭି – ଆରେ ମା, ଏଇ ଚେନ୍‌ଟା ତତେ ପସନ୍ଦ ଆସୁଛି ନା ।

ଟେଳୁ – ବହୁତ ସୁନ୍ଦର, ତୁମର ପସନ୍ଦ ସବୁବେଳେ ନମ୍ବର ୱାନ୍ ।

Digitized by PPRACHIN, SOA

ସୁରଭି – ଏଇଟା, ତୋ ଜନ୍ମ ଦିନରେ ପିନ୍ଧିବୁ ।

ଗୋଟେ ମୁଦି କିଣିଥିଲେ ନାତୁଣୀ ପାଇଁ ।

ବିଲ୍ ପଇଠ କରୁ କରୁ ତାପସ୍ କହୁଥିଲେ ତୁମ ପାଇଁ କିଛି କିଣ ସୁରୁ ।

ସୁରଭି – ଯାହା ସୁନା ଅଛି ତା ପରେ ଆଉ କିଣି ବୋଝ ବୋହିବାକୁ ଚାହୁଁନି । ଏବେ ଗୋଟେ ଭଲ ରେଷ୍ଟୁରାଣ୍ଟକୁ ଚାଲ । ଭୋକ ହେଲାଣି । x x x

କାର୍‌କୁ ରେଷ୍ଟୁରାଣ୍ଟ ଆଡ଼କୁ ମୁହାଁଇଲେ ନୀରଜ । କାର୍‌ରେ ବସି ସୁରଭିଙ୍କୁ କହୁଥାଏ ରିନି ତୁମେ ଏଇଠି ରହିଯାଅ ଆଇ, ସେଠି କାହିଁକି ଘର ଜଗି ରହୁଛ ?

ତୁ ବି କିଛି ବର୍ଷ ପରେ ସେଠିକି ଆସି ରହିବୁ, ସେଥିପାଇଁ ସେ ଘରଟା ଜଗିଛି ।

ଆଇ, ତୁମେ ସେ ଲନ୍ ସାରା ଯେଉଁ ବାଇଗଣୀ ରଙ୍ଗର ଫୁଲଗଛ ଲଗେଇଛ, ସେସବୁ ମରିଯାଉ, ତା'ପରେ ମୁଁ ଆସିବି । ମତେ ଜମାରୁ ସେ ରଙ୍ଗର ଫୁଲ ଭଲ ଲାଗେନା ।

ଏକଥା ଶୁଣି ଆଖି ଛଳ ଛଳ ହୋଇଗଲା ସୁରଭିଙ୍କର । ମନେ ପଡୁଥିଲା ଅରୁଣଙ୍କ କଥା । ଚାଳିଶ ବର୍ଷ ତଳକୁ ଚାଲି ଯାଇଥିଲେ ସେ । ଅତୀତ ଉଙ୍କି ମାରିଲା ମନ ଭିତରେ । ହଷ୍ଟେଲ୍ ପାଖରେ ବଟର କପ୍ ଗଛର ଲତାରୁ ଝୁଲି ରହିଥିଲା ପେନ୍ଥା ପେନ୍ଥା ବାଇଗଣୀ ଫୁଲ । ସେଇଠି ଦିନେ ସେ ଠିଆ ହୋଇ ଅପେକ୍ଷା କରୁଥିଲେ ସାଙ୍ଗକୁ । ମେଞ୍ଚାଏ ଫୁଲ ତୋଳି ହାତରେ ଧରିଥାନ୍ତି । ଅରୁଣଙ୍କ ସହ ସମ୍ପର୍କକୁ ମାତ୍ର ଦୁଇ ମାସ ହୋଇଥାଏ । ବେଶି କିଛି ଜାଣିନଥାନ୍ତି ସେ ତାଙ୍କ ବିଷୟରେ । ସାଙ୍ଗ ଆସିବା ପୂର୍ବରୁ ଅରୁଣ ଆସି ପହଞ୍ଚିଗଲେ ଓ ତାଙ୍କ ସାଙ୍ଗରେ ପାଖ ମନ୍ଦିରକୁ ଯିବାକୁ ଡାକିଲେ ।

ସୁରଭି ମନା କରି କହୁଥାନ୍ତି ସାଙ୍ଗକୁ ଅପେକ୍ଷା କରିଛି, ସେ ଆସିଲେ ବ୍ୟସ୍ତ ହେବ ।

ତୁମେ ନ ଗଲେ ମୁଁ ମନ୍ଦିର ଯିବିନି, କହିଲେ ଅରୁଣ ।

ସୁରଭି – ଆଉ ପରେ କେବେ ଯିବା ।

ଅରୁଣ – ଆଜି ମନ୍ଦିର ଯିବା ଦରକାର, ମା' କହିଛନ୍ତି ।

ସୁରଭି – ଠିକ୍ ଅଛି, ବାଇକ୍‌ରେ ନୁହେଁ, ଆମେ ଚାଲି ଚାଲି ଯିବା, କିଏ ଦେଖିଲେ କଣ ଭାବିବ ?

ଅରୁଣ – କ'ଣ ଭାବିବ କିଏ ? ପ୍ରେମ ବି କରିବ, ଆଉ ଲୋକଙ୍କ କଥାକୁ ବି ଡରିବ । ଡରିଗଲେ ସବୁ ହରେଇଦେବ । *(ସତରେ ସେ ଡରିକି ସବୁ ହରେଇଦେଲେ)*

Digitized by PPRACHIN, SOA

ତଳକୁ ମୁହଁ କରି ସେ ନଖରେ ଗାର ଟାଣୁଥିଲେ ।

ଅରୁଣ – ହେଲା, ତୁମ ଇଚ୍ଛା । ଆମେ ଚାଲିକି ଯିବା ।

ଫୁଲ ସବୁ ତୋଳି ଓଢ଼ଣିରେ ଧରି ନେଇଥିଲେ ସୁରଭି ।

ମନ୍ଦିରରେ ପହଞ୍ଚି ଅରୁଣ ପୂଜକଙ୍କୁ କହିଲେ, ନନା, ମୋ ନାମରେ ପାଣି ଲାଗି କରିଦିଅ ! ଆଜି ମୋର ଜନ୍ମଦିନ, ମା' କହିଛନ୍ତି ପୂଜା କରିଦେବାକୁ । ଏଇ ଏକାବନ ଟଙ୍କା ରଖ ।

ଆଗରୁ କହିଲନି ତୁମର ଜନ୍ମଦିନ ବୋଲି, ମୁହଁ ଫୁଲେଇ କହୁଥିଲେ ସୁରଭି ।

ଅରୁଣ – କହିଥିଲେ କ'ଣ କରିଥାନ୍ତ ।

ସୁରଭି – ତୁମ ପାଇଁ ଉପହାର ଆଣିଥାନ୍ତି ।

ଅରୁଣ – ତୁମେ ମୋ ସାଙ୍ଗରେ ମନ୍ଦିର ଆସିବା ମୋ ପାଇଁ ବଡ଼ ଉପହାର ନୁହେଁ କି ?

ରୁହ, ତୁମକୁ ମୁଁ ଗୋଟେ ଜିନିଷ ଦେଉଛି । ଓଢ଼ଣିରୁ କାଢ଼ି ବାଇଗଣୀ ରଙ୍ଗର ଗୋଟେ ବଟର କପ୍ ଫୁଲ ସେ ଦେଇଥିଲେ ଅରୁଣଙ୍କୁ । ଆଉ ବାକି ଫୁଲ ଠାକୁରଙ୍କୁ ଚଢ଼େଇ ଦେବା ପାଇଁ ନନାଙ୍କୁ କହିଲେ ।

ନନା କହୁଥିଲେ ଆଜି ଶନିବାର, ଏଇ ପାର୍ଶ୍ୱରେ ଶନି ଦେବଙ୍କ ଆସ୍ଥାନ, ତାଙ୍କର ଏହା ପ୍ରିୟ ଫୁଲ । ସେଇଠି ନିଜେ ଚଢ଼େଇ ଦିଅ, ସବୁ ମଙ୍ଗଳ ହେବ ଏଇ ବାବାର । *(ଅରୁଣଙ୍କ ଉଦ୍ଦେଶ୍ୟରେ)*

ଅରୁଣ କହୁଥିଲେ ମୋର ବି ଏଇ ରଙ୍ଗର ଫୁଲ ବହୁତ ପ୍ରିୟ ସୁରଭି । ମତେ ଯେବେ ଦେବ ଏଇ ରଙ୍ଗର ଫୁଲ ସବୁ ଦେବ ।

ସେବେଠୁ ଅରୁଣ କାହିଁକି, ଆଉ କାହା ପାଇଁ ବି ସେ ଅନ୍ୟ ରଙ୍ଗର ଫୁଲ କିଣିନାହାନ୍ତି । ଯେତେବେଳେ ସେ ଏଇ ଫୁଲମାନଙ୍କ ସଂସ୍ପର୍ଶରେ ଆସନ୍ତି ତାଙ୍କୁ ଲାଗେ, ଯେମିତି ଅରୁଣ ଏଇଠି କେଉଁଠି ପାଖରେ ଅଛନ୍ତି । ହେଲେ ଆଜି ଝିଅଟା କହୁଛି ସେ ଗଛ ସବୁ ମରିଯିବା ପରେ ସେ ଆଈ ଘରକୁ ଯିବ ।

ସେ ଗଛ ମରିଗଲେ, ତୋ ଆଈ ବି ଚାଲିଯିବରେ ମା, କହୁଥିଲେ ତାପସ୍ ।

ସୁରଭି ଚୁପ୍ ହୋଇ ଯାଇଥିଲେ ଅସମ୍ଭବ ଭାବେ, ରିନି କହୁଥିଲା, ମନଦୁଃଖ କରନି ଆଈ, ଆଉ ସେମିତି କେବେ କହିବିନି ।

Digitized by PPRACHIN, SOA

ଓଠରେ ଶୁଖିଲା ହସ ଧାରେ ଫୁଟେଇବାକୁ ଚେଷ୍ଟା କରୁଥିଲେ ସେ ।

କାଲି ଦିନ ସାରା ଆଉ କୁଆଡ଼େ ଯିବାନି, ଘରେ ରହିବା, ଭାରି ହାଲିଆ ଲାଗିଲାଣି । ଦିନେ ଝିଅଟା ପାଖରେ ରହିହେଲାନି କହୁଥିଲେ ସୁରଭି ।

ମମି, କାଲି ଆମେ ସମସ୍ତେ ଅକ୍ଷରଧାମ ମନ୍ଦିର ଯିବା । ମୁଁ ଛୁଟି ନେଇଯାଇଛି ସେଥିପାଇଁ । ବହୁତ ସୁନ୍ଦର ଜାଗା, କାଲି ସକାଳୁ ବାହାରିଯିବା, ସେଠି ଲାଇନ୍‌ରେ ଠିଆ ହୋଇ ଟିକେଟ୍ କରିବା ପାଇଁ ବହୁତ ସମୟ ଲାଗେ । କହୁଥାନ୍ତି ଜ୍ୱାଇଁ ।

ହଁ ବାବା, ଆମେ ନିଶ୍ଚୟ ଯିବା କହୁଥାନ୍ତି ତାପସ୍ ।

ଅରୁଣ ବି ମନରୁ ବାହାରି ଯାଇଥାନ୍ତି କେତେବେଳୁ । ସୁରଭିଙ୍କୁ ହାଲକା ଲାଗୁଥାଏ । ମୁଣ୍ଡ ହଲାଇ ହଁ କରୁଥାନ୍ତି ତାପସ୍‌ଙ୍କ କଥାରେ । ଘରେ ପହଞ୍ଚି ଫ୍ରେସ୍ ହୋଇ ଯିଏ ଯାହା ରୁମ୍‌କୁ ଚାଲିଗଲେ । ସୁରଭି କିନ୍ତୁ ବସିଥିଲେ ଚୁପ୍‌ଚାପ୍, ବାଲକୋନିରେ । ଏମିତି ସେ ବେଳେବେଳେ ବସନ୍ତି, ତେଣୁ ତାପସ୍‌ଙ୍କର କିଛି ପଚାରିବାର ନଥିଲା । ଝିଅ ଜ୍ୱାଇଁ ସେମାନଙ୍କ ରୁମ୍‌ରେ । ରିନି ଅଜାଙ୍କ ପାଖରେ ବସି ଟିଭି ଦେଖୁଥିଲା ।

ସୁରଭି କିନ୍ତୁ ମନ ଭରି ଉପଭୋଗ କରୁଥାନ୍ତି ଦିଲ୍ଲୀର ଶରତ ରାତିକୁ । ପାଣ୍ଡୁର ଜହ୍ନଟା ମଝାମଝି ଅଛି ଆକାଶର । ଆଜି ସେ ଖାଲି ଭାବୁଥାନ୍ତି ନିଜ କଥା, ଯେଉଁଥିରେ କେତେ ପାଇଲେ, ନପାଇଲେ ତାର ହିସାବ ନଥିଲା, ଜୀବନକୁ ନେଇ ଅଭିମାନ ଆଉ ଅଶ୍ରୁର ପ୍ରଶ୍ନ ନଥିଲା । ଯେଉଁଠି ତାପସ୍ ବି ନଥିଲେ, କି ଅରୁଣଙ୍କ ଛାଇ ସୁଦ୍ଧା ନଥିଲା । ଖାଲି ସୁରଭି ଥିଲେ ନିଜେ, କେବଳ ସୁରଭି । ସମସ୍ତଙ୍କ ବିନା ସୁରଭି । ନାରୀଟିଏ କଣ ପୁରୁଷ ବିନା ବଞ୍ଚି ପାରେନା । ସୁରଭି କଣ ଅରୁଣ ବିନା, ତାପସ୍‌ଙ୍କ ଅନୁପସ୍ଥିତିରେ ବଞ୍ଚିପାରେନା, କିନ୍ତୁ କାହିଁକି ବଞ୍ଚିପାରେନା । ନା ସେ କେବେ ଚେଷ୍ଟା କରିନାହାନ୍ତି ବଞ୍ଚିବାକୁ ? ବୋଧ ହୁଏ ସେ ଅରୁଣ କିମ୍ବା ତାପସ୍‌ଙ୍କ ବିନା ବଞ୍ଚିବା ଶିଖିନାହାନ୍ତି ।

ଦାର୍ଶନିକ ହୋଇ ଯାଉଥିଲେ ଆସ୍ତେ ଆସ୍ତେ ସେ । ଜହ୍ନଟା କିନ୍ତୁ ତାରା ମେଳରେ ଲୁଚକାଳି ଖେଳୁଥିଲା, ଆଖିମିଟିକା ମାରି କହୁଥିଲା ଏ ପ୍ରଶ୍ନ ଆଜି ଆଉ କାହିଁକି ? କାହା ବିନା ବଞ୍ଚିବାକୁ ଶିଖିବା, ଆଉ ସ୍ୱତସ୍ଫୁର୍ତ୍ତ ଭାବେ କାହାର ଅନୁପସ୍ଥିତିକୁ ଗ୍ରହଣ କରିନେଇ ଜୀବନ ଜିଇଁବା ଏକ କଳା, ସୁରଭି । ତୁମେ ପାରିଲନି, ସେ କଳାରେ ନିପୁଣ ହେବା ପାଇଁ ଯେଉଁ ଉପାଦାନ ଲୋଡ଼ା ଥିଲା, ସେଥିରୁ ଗୋଟେ ଭାଗ କମ୍ ହୋଇଗଲା ତୁମ ପାଖରେ । ତୁମେ ପ୍ରେମକୁ ଶାଶ୍ୱତ କରିଦେଲ, ସେଥିପାଇଁ ତ ଆଜି ଜଳି ଜଳି ମରୁଛ । ଥରେ ଖାଲି,

Digitized by PPRACHIN, SOA

ଅରୁଣଙ୍କୁ ଧୋକାବାଜ ଭାବିନିଅ, ତୁମ ପାଇଁ ଜୀବନ ସାବଲୀଳ ହୋଇଯିବ । କେମିତି, ଆଉ କାହିଁକି ଏ ପ୍ରଶ୍ନ ପଚାରନି ନିଜକୁ, ପୁରୁଷ କେବଳ ଧୋକା ଦେଇ ଜାଣେ ସୁରଭି ।

ମତେ ଏଇ ପ୍ରଶ୍ନ ପଚାରିବା ପୂର୍ବରୁ ନିଜକୁ ପଚାର ଜହ୍ନ, ଏତେ ଦୂରରେ ଥାଇ ବି ସରସୀ ଜଳରୁ କଇଁ କାହିଁକି ଅନେଇ ରହିଥାଏ, ତୁମର ଏଇ ଜୋସ୍ନା ବିଧୌତ ରଜନୀକୁ । ଆଉ ତୁମେ କଣ ତାରା ମେଳରେ ଥାଇ କଇଁକୁ ଭୁଲିଯାଅ ? ଚୁପ୍ ରହିଲ ଯେ, ତୁମେ ବି ସେଇଠି ନିରବରେ ପ୍ରତୀକ୍ଷା କର କଇଁର । ସେଇଭଳି ମୁଁ କେମିତି ଭାବିବି ଅରୁଣ ଧୋକାବାଜ । ଟୋପା ଜହ୍ନ ଆଲୁଅ ବିଚ୍ଛୁରିତ ହେଉଥିଲା । ସେଇଠି ଥାଇ ଜହ୍ନଟା କହୁଥିଲା ତୁମେ ଜିତିଗଲ ସୁରଭି ।

ବାଲକୋନିରେ ଆସି ତାଙ୍କ ପାଖ ଚେୟାରରେ କେତେବେଳୁ ବସି ତାଙ୍କ ଦାର୍ଶନିକା ପତ୍ନୀଙ୍କୁ ଦେଖୁଥିଲେ ତାପସ୍ । ହାତକୁ ମୁଠେଇ ଧରୁଥିଲେ, ଆଉ ତାଙ୍କ ହାତର ମୁଦିକୁ ଗୋଲ ଗୋଲ୍ ଘୂରେଇ ଦେଉଥିଲେ ଅରୁଣଙ୍କ ଭଳି । ସେ ପୁଣି ପ୍ରୀତିଲଗ୍ନା ହେଉଥିଲେ, ତାପସ୍‌ଙ୍କ କୋମଳ ସ୍ପର୍ଶରେ । ଅନ୍ଧାରରେ ତାପସ୍‌ଙ୍କ ଭିତରେ ଅରୁଣଙ୍କୁ ଦେଖି ଘାବରେଇ ଯାଇ ହାତଟା ଛଡ଼େଇ ଆଣୁଥିଲେ ସୁରଭି ।

ଆରେ ଏମିତି କାହିଁକି ଚମକି ପଡୁଛ, ଚାଲ ଶୋଇବ, ଆଉ କେତେ ରାତି ଯାଏଁ ଏଇଠି ବସିବ, ସ୍ୱାମୀଙ୍କ ସ୍ୱରରେ ସମ୍ବିତ୍ ଫେରି ପାଇଥିଲେ ସୁରଭି । ଭିତରକୁ ଆସି ନାତୁଣୀ ରିନି ପାଖରେ ସେ ଶୋଇ ଯାଇଥିଲେ ।

ତାପସ୍ କିନ୍ତୁ ସେଇଠି ବସି ଯାଇଥିଲେ କିଛି ସମୟ । ମନେ ପକାଉଥିଲେ ପ୍ରାଚୀଙ୍କ କଥା । ସୁରଭି ଆଉ ପ୍ରାଚୀଙ୍କ ଭିତରେ ତୁଳନା କରୁଥିଲେ । ସେ ଜାଣିଥିଲେ ସୁରଭି ଏମିତି ଏକାକୀ ବସି ଅରୁଣଙ୍କ କଥା ହିଁ ଭାବୁଥିଲେ । ସେ ନିଜ କଥା ଚିନ୍ତା କରୁଥିଲେ । ଏବେ ବି ସେ ନିଜେ ପ୍ରାଚୀଙ୍କୁ ଭୁଲି ପାରିନାହାନ୍ତି । ଭାବୁଥିଲେ ଯଦି ପ୍ରାଚୀ ଏବେ ବି ତାଙ୍କ ଖିଆଲ ଭିତରୁ ବାହାରି ପାରୁନାହାନ୍ତି, ତେବେ ସୁରଭି ଅରୁଣଙ୍କୁ ଭୁଲି ନପାରିବା ସ୍ୱାଭାବିକ କଥା । କିଛି ସମୟ ସେଇଠି ଚୁପ୍‌ଚାପ୍ ବସି ରୁମ୍‌କୁ ଫେରି ଆସିଥିଲେ ।

ସକାଳୁ ଉଠି କାମ ସାରି ସବୁ ବାହାରି ପଡ଼ିଲେ ଅକ୍ଷରଧାମ ମନ୍ଦିର । ନାତୁଣୀ ସେଲ୍ଫି ଉଠେଇ ନେଉଥାଏ ମଝିରେ ମଝିରେ । କେତେବେଳେ ସମସ୍ତଙ୍କ ସହିତ, କେତେବେଳେ ପୁଣି ଏକୁଟିଆ, ଭାରି ଚଞ୍ଚଳ ସ୍ୱଭାବର ଝିଅଟା । ବହୁତ ଚୁଲ୍‌ବୁଲି, ଟେଲୁର ବିପରୀତ ସ୍ୱଭାବ ତାର । ପିଲାଦିନେ ସୁରଭି ଏମିତି ଥିଲେ । ତାପସ୍‌ଙ୍କ ଅନୁଶାସନ ତାଙ୍କୁ କେତେ ବଦଳେଇ ଦେଇଛି, ସେ ଭାବୁଥିଲେ ମନେ ମନେ । କେତେ ଦୁଷ୍ଟାମି କରୁଥିଲେ, ସବୁ

Digitized by PPRACHIN, SOA

ଦୁଷ୍ଟାମି ପରେ ବାପାଙ୍କ ପଛପଟେ ଠିଆ ହୋଇ ଗଲେ ବୋଉର ଗାଳିରୁ ବଞ୍ଚି ଯାଉଥିଲେ । ସେଇ ବାପାଙ୍କୁ ଭରସି କରି କହି ପାରିଲେନି ଅରୁଣଙ୍କ କଥା । ଥରଟିଏ କହିଥିଲେ ବାପା ବି ଅପେକ୍ଷା କରି ପାରିଥାନ୍ତେ ଆଉ କିଛି ବର୍ଷ, ଅରୁଣ ନିଜ ଗୋଡ଼ରେ ଠିଆ ହେବା ପର୍ଯ୍ୟନ୍ତ ବୋଧେ, କିନ୍ତୁ ସେ କହି ପାରିନଥିଲେ ।

ଅରୁଣ ବି କେଉଁ ଭରସା ଦେଇ କହିଥିଲେ କି, ନାଇଁ ସୁରଭି, ମୋର ପ୍ରତୀକ୍ଷା କର ସେ ବି ତ ସେତିକି କହିନଥିଲେ । କାହାକୁ କଣ ଉତ୍ତର ଦେଇଥାନ୍ତେ, କିଛି ବି କହିବା ଆଉ ଶୁଣିବା ପାଇଁ କିଏ ଥିଲେ ପାଖରେ । ଆତ୍ମହତ୍ୟା କରି ପାରିନଥାନ୍ତେ ସେ, ବହୁତ ଡର ଲାଗେ ସେସବୁ ଶୁଣିଲେ, ନିଜେ କେମିତି କରିଥାନ୍ତେ ? ମଣିଷ ପରିସ୍ଥିତିରେ ପଡ଼ି କେତେ ପରିବର୍ତ୍ତନ ହୋଇ ଯାଇପାରେ, ନିଜର ପିଲାଦିନ ଆଉ ବର୍ତ୍ତମାନକୁ ତୁଳନା କରି ସେ ବିଚାର କରୁଥିଲେ ।

ଟିକେଟ୍ କାଉଣ୍ଟରରେ ସ୍ତ୍ରୀ ଆଉ ପୁରୁଷ ଧାଡ଼ିରେ ଠିଆ ହେବାକୁ ପଡ଼ିଲା ପ୍ରାୟ ଅଧ ଘଣ୍ଟା । କିଛି ସମୟ ପରେ ଟିକେଟ୍ ନେଇ ସମସ୍ତେ ଚାଲିଲେ ଭିତରକୁ । ମୋବାଇଲ୍ ଫୋନ୍, କ୍ୟାମେରା କିଛି ବି ଭିତରକୁ ନେବାକୁ ଅନୁମତି ନଥିଲା । ସେସବୁ ଥିଲେ ସାଙ୍ଗରେ କିଛି ବି ଭଲରେ ଦେଖି ଅନୁଭବ କରିହୁଏନା । ଖାଲି ଫୋନ୍ ଆଉ ଫଟୋ । ତା ଭିତରେ ଥାଏ କେତେ ସୁନ୍ଦର ମନ୍ଦିର ସନ୍ଥଙ୍କର । ସେସବୁ ବୁଲି ଦେଖୁଥାନ୍ତି, ତାପସ୍ । ମନ୍ଦିରକୁ ଲାଗି ରହିଥିବା ମନ୍ଦିର ପୁଷ୍କରିଣୀରେ ପଡ଼ିଥାଏ ଅନେକ କଏନ୍, ସେଠି ଥାଆନ୍ତି ଛୋଟ ଛୋଟ କଇଁଛ । କାଚ କେନ୍ଦୁ ପାଣି, କଏନ୍ ଗୁଡ଼ା ଚକ୍ ଚକ୍ କରୁଥାଏ ଖରା ପଡ଼ି । ସୁରଭି କିଛି କଏନ୍ ପକାଉଥାନ୍ତି ରହି ରହି । ରିନି ଯାଇ ଆଇସ୍କ୍ରିମ୍ ନେଇ ଆସିଥିଲା ଭିତରେ ଥିବା ଦୋକାନରୁ ସମସ୍ତଙ୍କ ପାଇଁ । ଖରାଟା କାଟୁଥାଏ, ଆଇସ୍କ୍ରିମ୍ ଖାଇ ମଜା ନେଉଥିଲେ ସବୁ ।

ତା ପରେ ସେମାନେ ଗଲେ ସନ୍ଥ ସ୍ୱାମୀ ନାରାୟଣଙ୍କ ଜୀବନ ଚରିତ ଦେଖିବା ପାଇଁ । ସନ୍ଥଙ୍କ ଜୀବନ ସମ୍ପର୍କିତ ଏକ ଫିଲ୍ମ ଦେଖିଲେ । ତାଙ୍କର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟକୁ ବିଭିନ୍ନ ପର୍ଯ୍ୟାୟରେ ଉପସ୍ଥାପନା ହୋଇଥିବାର ଦେଖିବାକୁ ପାଇଲେ । ସବୁଠୁ ଭିନ୍ନ ଅନୁଭବ ଦେଇଥଲା ତା ଭିତରର ନୌକା ବିହାର । ନୌ ବିହାର ସମୟରେ ଭାରତର ସମସ୍ତ ସଂସ୍କୃତି ପରମ୍ପରା, ପୂର୍ବସୁରୀ, ଐତିହ୍ୟ ସମ୍ପର୍କରେ ଅନେକ କିଛିଦେଖିବାକୁ ମିଳିଥିଲା ।ଏସବୁ ଦେଖି ଅରୁଣଙ୍କୁ ଖୁବ୍ ମନେ ପକାଉଥିଲେ ସୁରଭି । ଥରେ କଲେଜ ପଢ଼ିବା ବେଳେ କେଉଁ ଏକ ରାଜବାଟୀର ପରିଦର୍ଶନ ସମୟରେ ଦେଶର ଐତିହ୍ୟକୁ ନେଇ ଅରୁଣଙ୍କ ବର୍ଣ୍ଣନା ତୁହାକୁ ତୁହା ମନେ ପଡ଼ି ସୁରଭିଙ୍କୁ ଆନମନା କରୁଥିଲା । ସେ ଭାବୁଥିଲେ ଅରୁଣ ପାଖରେ ଥାଆନ୍ତେ

Digitized by PPRACHIN, SOA

କି ? ଏମିତି କେତେବେଳେ ସମୟ ସରି ଯାଇଥିଲା । ମନ୍ଦିର ଭିତରେ ସମସ୍ତେ ଲଞ୍ଚ୍ କରି ବାହାରି ଆସିଥିଲେ । ତା ପରେ ଗୋଟେ ଥ୍ରୀ-ଡ଼ି ଫିଲ୍ମ ଦେଖିବାକୁ ହଲ୍ ଚାଲିଯାଇଥିଲେ । ସେଠି ପ୍ରାୟ ଦୁଇ ଘଣ୍ଟା ବିତେଇ ସନ୍ଧ୍ୟାଆଠଟା ବେଳେ ସବୁ ଘରେ ପହଞ୍ଚି ଥିଲେ । ସନ୍ଧ୍ୟା ଧୂପ ଦେଇ ତେଜୁ ଲାଗି ପଡ଼ିଥିଲା, ମମି ଆଉ ଡାଡ଼ିଙ୍କର ଲଗେଜ୍ ପ୍ୟାକିଂ କରିବାରେ ।

କାଲି ସକାଳ ନଅଟାରେ ଫ୍ଲାଇଟ୍ । କେମିତି କେମିତି ୧୫ ଦିନ ବିତିଗଲାଣି ଏ ଭିତରେ । ସେପଟେ ନଟ ଘରର ଯତ୍ନ ଠିକ୍ ଭାବେ ନେଉଛି କି ନାହିଁ କେଜାଣି । ମଝିରେ ସେ କେତେ ତାଗିଦ୍ କରିଛନ୍ତି ତାକୁ, ସବୁ ଠିକ୍ ଭାବେ ଦେଖିବାକୁ । ଠାକୁର ପୂଜା ପାଇଁ ଜଣେ ନନାଙ୍କୁ କହି ଦେଇଥିଲେ । ସେ ସବୁଦିନ ଆସି ପୂଜା କରି ଯାଉଛନ୍ତି ବୋଲି ନଟ କହୁଥିଲା । ଫୁଲ ଗଛରେ ପାଣି ଦେଉଥିବ କି ନାହିଁ । ସେ ନାହାନ୍ତି ମାନେ ଅପରାଜିତା, ବଟରକପ୍, ଜିନିଆ ସବୁ କେତେ ଖୋଜୁଥିବେ ତାଙ୍କୁ । ଭାରି ଆପଣାର ସେ ଗଛଗୁଡ଼ା, ସବୁବେଳେ ଖୋଜନ୍ତି ତାଙ୍କୁ । ଗୋଟେ ଦିନ ବଗିଚାକୁ ଯିବାରେ ଡେରି ହୋଇଗଲେ, ଝାଉଁଳି ଯାଆନ୍ତି ସେମାନେ । ସେମାନଙ୍କ ସାଙ୍ଗରେ ବି ବହୁତ ସମୟ ବିତାନ୍ତି ସୁରଭି । ଏମିତି କେତେ ଭାବନା ଭିତରେ ବୁଡ଼ି ଯାଇଥିଲେ ସେ ଘରେ ଥିବା ଆକ୍ୱାରିୟମ୍‌ର ମାଛମାନଙ୍କୁ ଦେଖୁ ଦେଖୁ । କେତେ ରଙ୍ଗର ମାଛ ଖେଳୁଥାନ୍ତି ତା ଭିତରେ, ସମସ୍ତେ ଆକ୍ୱାରିୟମ୍ ଭିତରେ ଜଳୁଥିବା ବଲ୍ ପାଖକୁ ଯିବା ପାଇଁ ପ୍ରତିଯୋଗିତା ଚଳେଇଥାନ୍ତି ନିଜ ଭିତରେ । ହେଲେ ବଲ୍ ପାଖକୁ ଯିବା ପରେ ସେମାନେ ପୁଣି ପଛକୁ ଚାଲି ଆସୁଥାଆନ୍ତି । ମାଛମାନେ ଏପଟସେପଟ ହୋଇ ଖୁବ୍ ମଜା ଉଠାଉଥାନ୍ତି । ଆଈ ସେଠି କଣ କରୁଛ, ମମି ଡାକୁଛି, ଏପଟକୁ ଆସ ବୋଲି କହୁଥାଏ ନାତୁଣୀ । ସେ ଚାଲିଗଲେ ତେଜୁ ପାଖକୁ । ଆଉ ରୁମ୍‌ର ଖଟ ଉପରେ ବସିଥାନ୍ତି ତେଜୁ ଆଉ ନାତୁଣୀ ।

ତେଜୁ - ମମି, ଦେଖ ଏସବୁ ତୁମ ପାଇଁ ଆଣିଛି । *(ପ୍ରାୟ ଡଜନେ ହେବ କୁର୍ତ୍ତି ଆଉ ଲେଗିନ୍ସ । ତାକୁ ମ୍ୟାଚ୍ କରି ସୁନ୍ଦର ସୁନ୍ଦର ଚୁନରୀ ।)* ଦେଖିଲ, ତୁମକୁ ଏସବୁ ପସନ୍ଦ ହେଉଛି ନା ନାହିଁ ।

ସୁରଭି - ଏସବୁ କାହିଁକି ଆଣିଲୁ । ଏତେ ଡ୍ରେସ୍ ପଠଉଛୁ ସେସବୁ ପିନ୍ଧି ପାରୁନି । ପୁଣି ଏସବୁ, ମୁଁ କୁଆଡ଼େ ବାହାରକୁ ଯାଉଛି ଯେ । ଘର ଭିତରେ କେତେ ପନ୍ଧିବି ।

ରିନି - ଆଈ, ତୁମେ ସବୁଦିନ ମର୍ଣ୍ଣିଂ ୱାକ୍ ଆଉ ଇଭିନିଂ ୱାକ୍ ଯାଉଥିବ, ସେତେବେଳେ ଏସବୁ ପିନ୍ଧି ବାହାରିବ । ତୁମ ପାଖେ ଏତେ ସୁନ୍ଦର ସୁନ୍ଦର ଡ୍ରେସ୍ ଅଛି ଦେଖିକି ତୁମ ସାଙ୍ଗମାନେ ଈର୍ଷା କରିବେ ।

Digitized by PPRACHIN, SOA

ସୁରଭି - ତୁ ଆସି ପ୍ଲସ୍ ଟୁ ପଢ଼ିଲୁଣି, ବୁଦ୍ଧିଶୁଦ୍ଧି କିଛି ନାହିଁ, ମୁଁ ଏଇ ବୁଢ଼ୀ ବୟସରେ ସାଙ୍ଗମାନଙ୍କ ସହିତ ଡ୍ରେସ୍ ପିନ୍ଧା ପ୍ରତିଯୋଗିତା କରିବି ବୋଲି କହୁଛୁ ।

ରିନି - ଆଈ, ତୁମେ ଏତେ ବୁଢ଼ୀ ହୋଇନ, ତୁମର କିଛି କଥା ଶୁଣାଯିବନି, ତୁମେ ସେ ଡ୍ରେସ୍ ସବୁ ନେବ ଆଉ ପିନ୍ଧିବ । ମୁଁ ଆଉ ମମି ସବୁ ତୁମ ପାଇଁ ବାଛି ଆଣିଛୁ । ନହେଲେ ମୁଁ ରାଗିବି । *(ମୁହଁ ଫୁଲେଇ ବସିଥିଲା ସେ)*

ସୁରଭି - ହେଲା, ସବୁ ଡ୍ରେସ୍ ନେଲି, ସବୁ ପିନ୍ଧିବି । ତୁ ଯେମିତି ସେଲ୍‌ଫି ଉଠାଉ ସେମିତି ମୁହଁକୁ ବଙ୍କା କରି, ତୋ ପାଖକୁ ଫଟୋ ପଠେଇବି ।

ଆଈ, ତୁମେ ବଦମାସ୍ କହି ସେ ସୁରଭିଙ୍କୁ କୁଣ୍ଢେଇ ପକାଉଥିଲା । ସମସ୍ତେ ହସି ହସି ଗଡ଼ି ଯାଉଥିଲେ । ସବୁ ଡ୍ରେସ୍ ଭାଙ୍ଗି ବ୍ୟାଗ୍ ଭିତରେ ରଖୁଥିଲା ତେଜୁ । କହୁଥିଲା, ଦେଖ ମମି, ଏସବୁ ଡାଡିଙ୍କର, ତାଙ୍କୁ ଦେଖେଇଲେ ନନେବା ପାଇଁ ହଜାର ବାହାନା କରିବେ । ତାଙ୍କ ସାଇଜ୍‌ର ଆଉ ସେ ଯେଉଁ ବ୍ରାଣ୍ଡ ସବୁ ପସନ୍ଦ କରନ୍ତି ସେଇ ବ୍ରାଣ୍ଡର ଡ୍ରେସ୍ । ଘରେ ଯାଇ ଦେଖିଲେ ଆଉ କିଛି କରିପାରିବେନି । ଫୋନ୍‌ରେ ତାଙ୍କ କଥା କିଏ ଶୁଣୁଛି ।

ସୁରଭି - ତୋ ପୁଅ ପାଇଁ କିଛି ଦେବୁନି ?

ତେଜୁ - ସେ ତା' ଅଜାଆଈଙ୍କ ପାଖରେ ଅଛି । ମୁଁ ଜାଣିଛି, ଯାହା ମୁଁ ଦେଇ ପାରିବିନି ସେମାନେ ତା ପାଇଁ କରୁଥିବେ ସେଇଠି ନିଶ୍ଚୟ । ସାଙ୍ଗମାନଙ୍କ ସହିତ କଥା ହେବାକୁ ରିନି ଉଠି ଚାଲି ଯାଇଥିଲା ।

ସୁରଭି ଟିକେ ଗମ୍ଭୀର ହୋଇ ଯାଇଥିଲେ । କହୁଥିଲେ, ମା'ରେ ତୋତେ ଗୋଟେ କଥା କହିବାର ଥିଲା । ଯଦି ଚିତ୍ରଲେଖା ପାଣିଗ୍ରାହୀ ତା' ଝିଅ ସାନି ନିମନ୍ତେ କେବେ ଅଶ୍ୱିନୀ ପାଇଁ ପ୍ରସ୍ତାବ ଆଣେ, ଆଉ ଅଶ୍ୱିନୀର ସେଥିରେ ସହମତି ଥାଏ, ତେବେ ଖୁସିରେ ସେହି ପ୍ରସ୍ତାବକୁ ଗ୍ରହଣ କରିବୁ ।

ତେଜୁ - ମମି, ଅଶୁନ୍ (ଅଶ୍ୱିନୀ) ସାନି ବୋଲି କେଉଁ ଝିଅକୁ ପସନ୍ଦ କରିଛି କି ?

ସୁରଭି - ନା, ସେ ସାନିକୁ ଜାଣିନି, ସମୟ କିନ୍ତୁ ତାକୁ ଜଣେଇ ଦେବ ।

ତେଜୁ - ଏମିତି କଣ କହୁଛ । ଏବେ ଅଶୁନ୍‌ର ବିବାହ ବୟସ ହୋଇନି ମମି । ସେଥିପାଇଁ ଏବେଠୁ ଚିନ୍ତା କାହିଁକି । ତୁମେ କିଛି କହିବାକୁ ଚାହିଁ ବି କହିପାରୁନ ବୋଧହୁଏ । ସ୍ପଷ୍ଟ ଭାବେ କୁହ ମମି, ମୁଁ ତୁମକୁ ବୁଝେ, ଯେମିତି ତୁମେ ମତେ ବୁଝିପାର ।

ସୁରଭି - ପିତୃ ଋଣ ଶୁଝିବା ପାଇଁ ଯଦି ସେଇ ଗୋଟିଏ ସୁଯୋଗ ତୋ ପାଖକୁ ଆସେ ତେବେ ସେ ସୁଯୋଗକୁ ହାତଛଡ଼ା କରିବୁନି । ଖାଲି ଏତିକି ମନେରଖ, ଆଉ କିଛି ପଚାରନା ।

Digitized by PPRACHIN, SOA

ତେଜୁ – ଠିକ୍ ଅଛି, ତୁମେ ମନା କରୁଛ ମାନେ ଆଉ ପଚାରିବିନି, ମୋ ମନରେ କିନ୍ତୁ ପ୍ରଶ୍ନବାଚୀ ସୃଷ୍ଟି କରିଦେଲ ମମି ।

ସୁରଭି – କିଛି ପ୍ରଶ୍ନର ଉତ୍ତର ପାଇବା ପାଇଁ ସମୟକୁ ଅପେକ୍ଷା କରିବା ଉଚିତ୍ । ଏବେ ରାତି ପାଇଁ କିଛି ଖାଇବା ପ୍ରସ୍ତୁତ କରିଦେବା ଚାଲେ, ହାଲକା କିଛି ଖାଇଦେଲେ ଭଲ । କାଲି ଆମକୁ ଯିବାର ଅଛି ।

ତେଜୁ – ତୁମେ ବସ, ମୁଁ କରି ଦେଉଛି ମମି ।

ସୁରଭି – ଚାଲ୍, ମୁଁ ଟିକେ ତତେ ସାହାଯ୍ୟ କରି ଦେଉଛି ।

ତା ପର ଦିନ ସକାଳ ୬ରୁ ବାହାରିଗଲେ ସୁରଭି ଆଉ ତାପସ୍ । ଜ୍ୱାଇଁ ଏୟାରପୋର୍ଟ ପର୍ଯ୍ୟନ୍ତ ଛାଡ଼ିବାକୁ ଯାଇଥିଲେ । ଅଶ୍ରୁଳ ଆଖିରେ ବିଦାୟ ଦେଇଥିଲେ ଦୁହେଁ ।

ଫ୍ଲାଇଟ୍‌ରେ ବସି କିଛି ଘଣ୍ଟା ପରେ ଓଡ଼ିଶାରେ ପହଞ୍ଚିଲେ । ଅଶ୍ୱିନୀ ଆସିଥିଲା ଏୟାରପୋର୍ଟ । ସାଙ୍ଗ ହୋଇ ସବୁ ଘରକୁ ଚାଲିଲେ । ଦାଣ୍ଡ ଦୁଆରେ କ୍ୟାବ୍‌ଟା ଠିଆ ହେଉ ହେଉ ସୁରଭି ଗାଡ଼ି ଭିତରୁ ବଗିଚାରୁ ଘର ଯାଏଁ ସବୁଆଡ଼େ ନଜର ପହଁରାଇ ଆଣିଲେ । ସବୁ ତ ବାହାରୁ ଠିକ୍ ଦିଶୁଛି । ନଟ ଗାଡ଼ି ଶବ୍ଦ ଶୁଣି ଦଉଡ଼ି ଆସିଲା । ବାବୁ ଆଉ ମା'ଙ୍କୁ ନମସ୍କାର କରି ଗାଡ଼ିରୁ ଜିନିଷ ସବୁ ବାହାର କରି ଆଣିଲା ଗୋଟେ ପରେ ଗୋଟେ । ଗପି ଯାଉଥାଏ କେତେ କଥା । ମା, ଦେଖିଲ ସବୁ ଜିନିଷ ଠିକ୍ ରଖିଛି ନା, ବାଡ଼ି ଭିତରକୁ ଦିନେ ଗୋଟେ ଛେଳି ଛୁଆ ପଶି ଆସୁଥିଲା, ତାକୁ ବାହାର କରି ଦେଇନଥିଲେ ଗଛ ସବୁ ଖାଇ ଦେଇଥାଆନ୍ତା । ଆହୁରି କେତେ କଣ ଗପୁଥାଏ । ସୁରଭିଙ୍କ କାନରେ କିଛି ପଡୁନଥାଏ । ସେ ଚାରିଆଡ଼େ ତନ୍ନ ତନ୍ନ କରି ଦେଖି ପକାଉଥାନ୍ତି । ଅଜା ନାତି ଯାଇ ବାଥ୍‌ରୁମ୍ ଭିତରେ । ବେସିନ୍‌ରେ ମୁହଁ ଧୋଇ ପାଣି ଗ୍ଲାସ୍‌ଟେ ନଟ ହାତରୁ ନେଇ ପିଇବାରୁ ଶାନ୍ତି ଲାଗିଲା ସୁରଭିଙ୍କୁ । ସୋଫାରେ ଆଉଜି ପଡ଼ିଲେ କିଛି ସମୟ ।

ନଟ – ମା' ଭୋକ କରୁଥିବ କିଛି ଖାଇବାକୁ ଦେଉଛି ।

ସୁରଭି – ନା, ଟିକେ ବସିଯାଏ । ଅଜା, ନାତି କିଏ ଜଣେ ଗୋଟେ ବାଥ୍‌ରୁମ୍ ଖାଲି କଲେ ଯାଇ ଗାଧୋଇ ପଡ଼ିଲେ ଭଲ ଲାଗିବ । ବହୁତ ବୁଲା ହୋଇଗଲା, ଆଉ ମରିବା ଯାଏଁ କୁଆଡ଼େ ଯିବିନି । ବହୁତ କଷ୍ଟ ଲାଗୁଛି ।

ନଟ – ମା' ପଖାଳ, ବାଇଗଣ ଭରତା, ବଡ଼ି ଚୁରା, ଛୁଇଁ ଭଜା, ସାଲାଡ୍ କରିଛି । ଆଉ କ'ଣ କହିଲେ କରିବି ।

Digitized by PPRACHIN, SOA

ସୁରଭି – ନାଇଁ ଥାଉ, ସେମାନେ ଗାଧୋଇ ଆସିଲେ ତାଙ୍କୁ ଖାଇବାକୁ ଦେବୁ । ମୋ ପାଇଁ ରଖି ନିଜେ ଖାଇଦେବୁ । ନନା ସବୁଦିନେ ଆସୁଥିଲେ ନା ନାହିଁ ? ମୁଁ ଟିକେ ପୂଜା ସାରି ଖାଇବି ।

ନଟ – ଯାଉନ ଦେଖିବ, ନନା କେତେ ସୁନ୍ଦର କରି ସଜେଇ ଫୁଲ ଦେଇ ଠାକୁର ପୂଜା କରୁଛନ୍ତି ସବୁଦିନ । ଦେଖିଲେ ଜାଣିପାରିବ ଯେ । ସେ ରୋଷେଇ ଘରକୁ ଚାଲି ଯାଉଥିଲା ।

ତାପସ୍ ବାଥରୁମ୍‌ରୁ ଆସିବା ପରେ ସୁରଭି ପଶିଥିଲେ ଭିତରକୁ । ସାୱାରଟା ଖୋଲି ଠିଆ ହୋଇପଡ଼ିଲେ ତଳକୁ । ମୁଣ୍ଡ ଉପରେ ସାୱାରରୁ ପାଣି ପଡ଼ି ଧାର ଧାର ତଳକୁ ନିଗିଡ଼ି ପଡୁଥାଏ । ମୁଣ୍ଡଟା ଥଣ୍ଡା ଲାଗିଲା କିଛି ପରିମାଣରେ ।

ପୋଛାପୋଛି ହୋଇ ଠାକୁର ଘରକୁ ପଶିଲେ ଶୁଖିଲା ପୋଷାକରେ । ଗୁଡ଼ାଏ ଦିନ ହେଲା ଭୋଳାବାବାଙ୍କୁ ଦେଖିନାହାନ୍ତି । କେମିତି ଗୋଟେ ଡୋରି ଲାଗିଯାଇଛି ତାଙ୍କ ସହ । ତାଙ୍କୁ ଗେହ୍ଲାରେ ଦୁଇ ପଦ ନକହିଲେ, ରାଗିକି ଗାଳି ନକଲେ, ଅଭିମାନ କରି ତାଙ୍କ ଆଗରେ ନକାନ୍ଦିଲେ ଦିନ ସରେନା ସୁରଭିଙ୍କର । ଦୀପର ଆଲୋକ ପ୍ରତିଫଳିତ ହେଉଥାଏ କାଚ ଫ୍ରେମ୍ ବାଲା ଫଟୋଟି ଉପରେ । ତୃତୀୟ ନୟନରୁ ଯେମିତି ହେଉଥାଏ ଆଲୋକର ବିଚ୍ଛୁରଣ । କେମିତି ଗୋଟେ ଭିନ୍ନ ଅନୁଭବ ହେଲା । କିଛି ବିପତ୍ତି ଘଟିବାକୁ ଯାଉନି ତ । ଆଖିବୁଜି ସ୍ମରଣ କରୁଥିଲେ ପ୍ରଭୁଙ୍କୁ । ଯାହା କଷ୍ଟ ଦେବ ମତେ ଦିଅ । ଅନ୍ୟମାନଙ୍କୁ ଭଲରେ ରଖ ।

ବାହାରି ଆସିଲେ ପୂଜା ଘରୁ । ଅଜା ଆଉ ନାତି ଖାଇ ସାରି ଉଠିଲେଣି । ନଟ ଅପେକ୍ଷା କରିଛି । ସେ ଖାଇଲେ ନଟ ଖାଇବ । ମା, ଏବେ ତୁମ ପାଇଁ ବାଢୁଛି । ଖାଇଦିଅ, ତାପରେ ଯାହା କରିବ ।

ହଉ ବାଢ଼, କହି ସୁରଭି ଖାଇବାକୁ ବସିଥିଲେ ।

ପାଖରେ ବସି ନଟ କହୁଥାଏ, ମା ତୁମେ ନଥିଲା ବେଳେ ଚିତ୍ରା ମ୍ୟାଡାମ୍ ଆସିଥିଲେ । ଅଶ୍ୱିନୀ ବାବାଙ୍କୁ ଦେଖା କରିବାକୁ ଯିବେ ବୋଲି କହୁଥିଲେ । ମା’ ଛୋଟ ମୁହଁ ବଡ଼ କଥା । ତାଙ୍କ ଝିଅ ଭାରି ସୁନ୍ଦରୀଟେ । ଆମ ଅଶ୍ୱିନୀ ବାବୁଙ୍କ ପାଇଁ ଠିକ୍ ହେବ ।

ସୁରଭି – ଆରେ ସେମାନଙ୍କର କ’ଣ ବାହାଘର ବୟସ ହେଲାଣି ।

ନଟ – ମା’ ଆଉ ପାଞ୍ଚ ବର୍ଷ ଗଲେ କରିବା ବାହାଘର । ଏବେଠୁ ଠିକ୍ କରିଦେଲେ ଅସୁବିଧା କଣ । ସେ ଦୁଇ ଜଣ ଉଭୟଙ୍କୁ ଜାଣିବେ, ଚିହ୍ନିବେ ।

Digitized by PPRACHIN, SOA

ସୁରଭି - ହଉ, ବାବୁଙ୍କ ସାଙ୍ଗରେ କଥା ହୁଏ ।

ମନଟା ପଚାରିବାକୁ ହେଉଥାଏ, ଆଉ କିଏ ଆସିଥିଲେ ମୋ ଅନୁପସ୍ଥିତିରେ । ଜିଭ ଓଲଟିନଥିଲା । ଚୁପ୍‌ଚାପ୍ ଖାଇଥିଲେ ଉଭୟେ ।

ଦିନ ଯାଇ ରାତି ପାହିଲା । ୧୫ ଦିନର କଷ୍ଟ ପୂରି ଯାଇଥିଲା । ମେଞ୍ଚାଏ ବାଇଗଣୀ ରଙ୍ଗର ଫୁଲ ତୋଳିନେଇ ଅତି ଶ୍ରଦ୍ଧାରେ ରଖୁଥିଲେ ସୁରଭି । କାନ୍ଥ ଆରପଟେ କାହାର ପଦଧ୍ୱନି ଶୁଣା ଯାଉଥିଲା । ଅରୁଣ ନୁହେଁ ତ ! ଅଟକି ଯାଇଥିଲା ପାଦ, ହାତକୁ ନେଇ ଆସିଥିଲେ ସେଇ ଜଳାବାଟ ପାଖରୁ । ଅରୁଣ ସେପଟୁ ହାତ ବଢ଼େଇ ଫୁଲଗୁଡ଼ା ନେଇ ଯାଉଥିଲେ । ତିନି ବର୍ଷ ପରେ ଅରୁଣଙ୍କ ହାତ ଦେଖୁଥିଲେ ସେ । କାନ୍ଥ ଆରପଟୁ ତାଙ୍କ ନିଶ୍ୱାସକୁ ଅନୁଭବ କରୁଥିଲେ । ନିଜେ କିନ୍ତୁ ଅଟକେଇ ଦେଇଥିଲେ ନିଜର ନିଶ୍ୱାସକୁ କିଛି ସମୟ ପାଇଁ । ଅରୁଣ ଯଦି ଜାଣିଯିବେ, ସେ ଏଇଠି ଅଛନ୍ତି, ତେବେ ତାଙ୍କର କଥା ଭାଙ୍ଗିଯିବ । ସେ ତାଙ୍କ ପାଇଁ ପର । ଅନ୍ୟ କାହାକୁ ଆଖି ଉଠେଇ ଦେଖିବା ତାଙ୍କ ପାଇଁ ପାପ । ମୁଣ୍ଡରେ ତାପସ୍‌ଙ୍କ ସିନ୍ଦୂର ଥିବା ପର୍ଯ୍ୟନ୍ତ ସୁରଭି ଲଂଘନ କରିପାରିବେନି ସେହି ଲକ୍ଷ୍ମଣରେଖା ।

ଶାଶ୍ୱତ ପ୍ରେମକୁ ବଞ୍ଚେଇ ରଖିବା ପାଇଁ ଦୁଇ ଜଣଙ୍କର କି କୃଚ୍ଛ୍ର ସାଧନା । କାନ୍ଦି ପକାଉଥିଲେ ସୁରଭି । ଆଉ ପରୀକ୍ଷା ନିଅନି ପ୍ରଭୁ । ମନରୁ ଅରୁଣଙ୍କୁ ବାହାର କରିବାକୁ ଯେତେ ଚେଷ୍ଟା କରିଛନ୍ତି, ସେତିକି ଜାଗା ମାଡ଼ି ବସିଛନ୍ତି ସେ ହୃଦୟରେ । ଧୀରେ ଧୀରେ ପାଦ ଶବ୍ଦ କାନ୍ଥଠାରୁ ଦୂରେଇ ଯାଉଥିଲା । ସେ ବି ଭିତରକୁ ଚାଲି ଆସିଥିଲେ ।

ଆଇ, ପୁଣି ସେଇ ଫୁଲ ରଖା ଅଭିଯାନ ଚାଲିଲା । ଗ୍ୟାରେଜ୍ ପାଖେ ଠିଆ ହୋଇ କହୁଥିଲା ଅଶ୍ୱିନୀ ।

ସୁରଭି - ଆରେ, ଚିତ୍ରା ଆଣ୍ଟି ତତେ ହଷ୍ଟେଲ୍ ଦେଖା କରିବାକୁ ଯାଇଥିଲା । କଣ କହୁଥିଲା ।

ଅଶ୍ୱିନୀ - କିଛି ନାହିଁ । ଆଇ, ମୁଁ କଣ ଛୋଟ ପିଲା ହୋଇଛି । ତୁମେ ଯାହାକୁ ନାହିଁ ତାକୁ ଦେଖା କରିବା ପାଇଁ ହଷ୍ଟେଲ୍‌କୁ ପଠଉଛ । ସେ ଆଣ୍ଟି, ଅଙ୍କଲ୍ ଆଉ ତାଙ୍କ ଝିଅ ଯାଇଥିଲେ ମତେ ଦେଖା କରିବାକୁ । ମୁଁ ବହୁତ ବ୍ୟସ୍ତ ହୋଇପଡ଼ିଲି ।

ସୁରଭି - ଗୋଟେ କଥା ପଚାରିବି ତତେ, ସେ ଝିଅ ଦେଖିବାକୁ କେମିତି ?

ଅଶ୍ୱିନୀ - ସବୁ ଝିଅଙ୍କ ଭଳି । ସୁନ୍ଦର ଦେଖିବାକୁ । ହେଲେ ମତେ ଏସବୁ କାହିଁକି କହୁଛ । ମୁଁ କିଛି ବୁଝି ପାରୁନି ।

Digitized by PPRACHIN, SOA

ସୁରଭି – ତତେ ପସନ୍ଦ ଆସିଲା ?

ଅଶ୍ୱିନୀ – ମାନେ, ତୁମେ ତାଙ୍କୁ ମୋ ପାଖକୁ ପ୍ଲାନ୍ କରି ପଠେଇ ଥିଲ ।

ସୁରଭି – କହୁନୁ, ତତେ କେମିତି ଲାଗିଲା ସେ ଝିଅ ।

ଅଶ୍ୱିନୀ – ଆଇ, କି ବାଜେ କଥା । ତୁମେ କଣ କହୁଛ ଜାଣିଛ ।

ଅରୁଣଙ୍କ ନାତୁଣୀକୁ ଅଶ୍ୱିନୀ ସହ ବିବାହ କରିବା ପାଇଁ ତାପସ୍‌ଙ୍କ ପ୍ରସ୍ତାବକୁ ସେ ନାପସନ୍ଦ କରୁଥିଲେ । ହେଲେ ଆଜି ସେ କଣ କହୁଛନ୍ତି ! ସୁରଭିଙ୍କ ମୁଣ୍ଡଟା ଗୋଳମାଳ ହୋଇ ଯାଉଥିଲା । ନିଜକୁ ଦୋଷୀ ଦୋଷୀ ଲାଗୁଥିଲା ତାଙ୍କୁ । ତାପସ୍ ଆଖି ବଡ଼ ବଡ଼ କରି ଚାହୁଁଥିଲେ ସୁରଭିଙ୍କୁ ।

ଅଶ୍ୱିନୀ ଚିଡ଼ିଯାଇ ତା ମାମାକୁ ଫୋନ୍‌ରେ କହୁଥାଏ, ମାମା, ଆଇଙ୍କ ମୁଣ୍ଡ ଖରାପ ହୋଇଗଲାଣି । ସେ କେଉଁ ଗୋଟେ ଚିତ୍ରା ଆଣ୍ଟିଙ୍କ ଝିଅ ସାଙ୍ଗେ ମୋ ବାହାଘର କରିବାକୁ କହୁଛନ୍ତି । ମୁଁ ଏବେ ହଷ୍ଟେଲ୍ ବାହାରି ଯାଉଛି । ଏଇଠି ଗୋଟେ ମୁହୂର୍ତ୍ତ ରହିବାକୁ ଚାହୁଁନି । ରାଗ ତମ୍ ତମ୍ ହୋଇ ଫୋନ୍ କାଟିଦେଲା ।

ତାପସ୍ ଯାଇ ବସିଲେ ତା ପାଖରେ, କଣ ହୋଇଛି ପଚାରିଲେ । ସେ ସବୁକଥା ଆମୂଳଚୂଳ ବର୍ଣ୍ଣନା କରିଗଲା । ହଉ ସବୁ ବୁଝିବା, ଏତେ ରାଗନା ବୋଲି ମୁଣ୍ଡ ଆଉଁସି କହୁଥାନ୍ତି । ତା ଆଗରେ ଝିଅ ତେଜୁକୁ ଫୋନ୍ କରି କହିଦେଲେ ଯେ ସେ ସବୁ ବୁଝିବେ । ଅଶ୍ୱିନୀର ରାଗ ଶାନ୍ତ ହେଉଥିଲା ଧୀରେ ଧୀରେ ।

ଏପଟେ ସୁରଭି ଚୁପ୍ ହୋଇ ବସିଥାନ୍ତି ନିଜ ରୁମ୍‌ରେ । ସ୍ତ୍ରୀ ଲୋକ ବୋଲି କିଛି ମନରେ ରଖି ପାରିଲେନି । ତାପସ୍ ତ ଏଇ ପ୍ରସ୍ତାବ ନିଜେ ଦେଇଥିଲେ । ସାନି କେଉଁ ଗୁଣରେ କମ୍ ଯେ ଅଶ୍ୱିନୀଠାରୁ, ଟୋକାଟା ଏତେ ନାଟ କରିବ ବୋଲି ତାଙ୍କୁ କଣ ଜଣାଥିଲା । ସେ ଭାବୁଥାନ୍ତି ଏକଥା ଜ୍ୱାଇଁଙ୍କ କାନକୁ ନଯାଉ । ନହେଲେ ଖାଲି ବଦନାମ୍ ହେବା ସାର ହେବ । ତାପସ୍‌ଙ୍କୁ ଏବେ କେମିତି ସମ୍ଭାଳିବେ ତାଙ୍କୁ ସେଇ ଡର ଖାଇ ଯାଉଥାଏ ।

ଅଶ୍ୱିନୀକୁ ଟିକେ ଶାନ୍ତ କରିବା ପରେ ତାପସ୍ ଆସିଥିଲେ ସୁରଭିଙ୍କ ପାଖକୁ । ପୂରା ଚୁପ୍ ହୋଇ ଯାଇଥିଲେ ସେ, କେତେ ଗାଳି ଶୁଣିବାକୁ ହେବ ଏବେ । କିନ୍ତୁ ସେମିତି କିଛି ହେଲାନି । ଖୁବ୍ ଧୀର ସ୍ୱରରେ ଡାକିଲେ ତାପସ୍ । ସୁରୁ, ଏମିତି ଚୁପ୍ ହୋଇଯାଇଛ କାହିଁକି ? ମୁଁ ଜାଣେ, ତୁମେ ସାନିକୁ ପସନ୍ଦ କର । ମୋ ଆଗରେ ସେଦିନ ମନା କରିଥିଲ, କିନ୍ତୁ ମନ ଭିତରେ ତୁମେ ବି ଚାହଁ ସେ ତେଜୁ ଘରକୁ ଆସୁ । କିନ୍ତୁ ସେମାନେ ଏବେ ପିଲା, ସେକଥା

Digitized by PPRACHIN, SOA

ସେମାନଙ୍କ ଆଗରେ ଏବେ ପ୍ରକାଶ କରିଦେବା ଫଳରେ ସେମାନେ ତାକୁ କେଉଁ ଭଳି ଗ୍ରହଣ କରିବେ ସେଇଟା ସମସ୍ୟା । ତୁମେ ଅଶ୍ୱିନୀର ମନସ୍ତତ୍ତ୍ୱକୁ ନବୁଝି ତା'ଆଗରେ ଏଭଳି ଗପି ଦେବା ଠିକ୍ ହେଲାନି ।

ସୁରଭି କହୁଥିଲେ ସ୍ୱାମୀଙ୍କୁ, ବହୁତ ବଡ଼ ଭୁଲ୍ ହୋଇଗଲା । କେତେ ଖରାପ ଭାବୁଥିବ ଅଶ୍ୱିନୀ ମତେ । ଏଇ କଥା ଏଇଠି ରହିଲା, ଆଉ କେବେ ଉଠେଇବିନି ।

ଆରେ ନା ସୁରୁ, ଭୁଲ୍‌ରେ ବି ହେଉ ତୁମେ ଗୋଟେ ଭଲ କାମ କରିଛ, ଅଶ୍ୱିନୀ ଏବେ ସିନା ରାଗିଛି । କିନ୍ତୁ ସେ ଝିଅ କଥା ନିଶ୍ଚୟ ତା ମନରେ ଆସିବ । ଆମେ କେହି ବି ଆଗକୁ ତା ସହିତ ଏ ସମ୍ପର୍କରେ ଆଲୋଚନା କରିବାନି । ସେ ପରେ କହିବନି ।

ସୁରଭି ଉଠୁଥିଲେ ବସିବା ସ୍ଥାନରୁ । ଏବେ ନାତି ଟୋକାକୁ ବୁଝେଇବାକୁ ପଡ଼ିବ । ଯାଉଥିଲେ ଧୀରେ ଧୀରେ ତା ରୁମ୍ ଆଡ଼କୁ । ଦରଆଉଜା କବାଟକୁ ଖୋଲି ଖଟ ଉପରେ ବସିପଡ଼ିଲେ ତା ପାଖରେ । କହିଲେ ରାଗିଛୁ କି ଅଶ୍ୱିନୀ । ଆଈ ଉପରେ ରାଗିଲେ ଆଈ ଖାଇବନି ପିଇବନି । ନଖାଇ ନପିଇ ମରିଯିବ ।

ଆଈ, ତୁମେ ଜାଣିଛ ମୁଁ ମାମା ପରେ ତୁମକୁ ସବୁଠୁ ବେଶି ଭଲ ପାଏ । ମରିବା କଥା କୁହନି । ତୁମେ ସେମିତି କହିଲେ କଷ୍ଟ ହେଉଛି ।

ଅଶ୍ୱିନୀଠାରେ ଆଧୁନିକତାର ଛାପ ବାରି ହୋଇପଡ଼େ । କିନ୍ତୁ ସେ ବହୁତ ପରିମାଣରେ ସମ୍ବେଦନଶୀଳ । କହୁଥାଏ ଆଈ, ଆଜି ପର୍ଯ୍ୟନ୍ତ ମୁଁ କୌଣସି ଝିଅ ବିଷୟରେ ଭାବିନି । ଚିତ୍ରା ଆଣ୍ଟିଙ୍କ ଝିଅକୁ ମୋ ପାଇଁ ତୁମର ବାଛିବା କିଛି ଗୋଟେ ନୂଆ କଥା ନୁହେଁ । ମତେ ଏବେ ଚାକିରି କରିବାର ଅଛି । ମୋ ନିଜ ଜୀବନକୁ ଉପଭୋଗ କରିବାକୁ ସମୟ ପାଇନି କେବଳ ପାଠପଢ଼ା ଭିତରେ । ଯଦି ମୋ ଜୀବନରେ କୌଣସି ଝିଅ ନଆସନ୍ତି ତେବେ ମୁଁ ତୁମ କଥା ଉପରେ ନିଶ୍ଚୟ ବିଚାର କରିବି ।

ସେକଥା ଛାଡ଼ । ଚିତ୍ରା ଝିଅ ପାଇଁ ନୁହେଁ, ମୋ ନାତି ପାଇଁ ମୁଁ ବ୍ୟସ୍ତ । ଏବେ ଆଉ ସେ କଥା ମୋ ପାଟିରୁ ବାହାରିବନି, ହେଲା । ଏବେ ଖୁସି ତ । ତୋ ମାମାକୁ କହିଦେ ତୋର ମୋର ରାଗରୁଷା ସବୁ ସମାଧାନ ହୋଇଗଲା, ନହେଲେ ସେ ମତେ ପାଟି କରିବ ।

ଆଈ, ତୁମେ ମାମାକୁ କେବେଠୁ ଡରିଲଣି । ସେ ତ ଏବେ ବି କିଛି ଭୁଲ୍ କରିଦେଲେ କୁହେ ଯେ, ମମି ଜାଣିଲେ ଖୁବ୍ ପାଟି କରିବ ।

ହସୁଥିଲେ ସୁରଭି । ପିଲାଦିନୁ ତାଙ୍କ ଦେଇକୁ ସେମିତି, ଟିକେ ଭୁଲ କରିଦେଲେ ତାର ଭୟ, ମମି କିଛି କହିବନି ତ, ଏଡ୍ଡିଟିଏ ହେଲାଣି, ତଥାପି ଡରୁଛି ।

Digitized by PPRACHIN, SOA

ଅଶ୍ୱିନୀ କହୁଥିଲା, ଆଈ, ଆଜି ସନ୍ଧ୍ୟାରେ ହଷ୍ଟେଲ୍ ଚାଲିଯିବି । ଦୁଇ ଦିନ ପରେ ୩ୟ ସେମିଷ୍ଟର ପରୀକ୍ଷା । ପଢ଼ାପଢ଼ି କରିବାକୁ ହେବ ।

ହଉ, ତୋ ପାଇଁ କିଛି ଜିନିଷ ତୋ ମମି ପଠେଇଛି, ସେସବୁ ତତେ ଦେଇ ଦେଉଛି । ଆଉ କଣ ସବୁ ନେବୁ କହ, ଅଜାଙ୍କୁ କହି ମଗେଇ ଦେବି । ନହେଲେ ନଟ ଯାଇ ନେଇ ଆସିବ ।

କିଛି ଦରକାର ନାହିଁ ଆଈ ।

ନାତି ସାଙ୍ଗେ କଥା ହେଉ ହେଉ ସୁରଭି ଲଗେଜ୍ ଖୋଲିବା ଆରମ୍ଭ କରିଦେଲେ । କାଲିଠାରୁ ଆସିଲେଣି, ହେଲେ ଲଗେଜ୍ ଖୋଲା ହୋଇନି । ଗୋଟିଏ ବ୍ୟାଗ୍‌କୁ ଛାଡ଼ି, ସବୁ ବ୍ୟାଗ୍ ଖୋଲା ହୋଇଗଲା । ନିଜର କୁର୍ତ୍ତି, ତାପସ୍‌ଙ୍କ ଡ୍ରେସ୍ ସବୁ କାଢ଼ି ନେଇ ୱାର୍ଡ୍‌ରୋବରେ ରଖିଲେ । ଅସନା ଡ୍ରେସ୍ ସବୁ ୱାସିଂମେସିନ୍‌ରେ ଭର୍ତ୍ତି କରିଲେ, କାଲି ଆସିଲେ ଚାକରାଣୀ ସେସବୁ ଧୋଇବ । ତାପସ୍ କହୁଥାନ୍ତି, ମା ଝିଅ ସବୁ ମତେ ନକହି ମୋ ପାଇଁ ଡ୍ରେସ୍ ବ୍ୟାଗ୍‌ରେ ରଖିଛ ନା, ତୁମ ଦୁଇଜଣଙ୍କୁ ମାନିବାକୁ ପଡ଼ିବ । ଯାହା କୁହ ପଛେ ସୁରୁ, ମୋ ଝିଅର ପସନ୍ଦ ଏ ୱାନ୍ । ସବୁ ଡ୍ରେସ୍‌ଗୁଡ଼ା ବଢ଼ିଆ ହୋଇଛି ।

ତୁମେ ପାଟି କରିବ ବୋଲି ସେ ଲୁଚେଇ ରଖିଦେଲା ବ୍ୟାଗ୍‌ରେ । ବୁଝିଲ ତେଜୁକୁ କହିଦିଅ ଜ୍ୱାଇଁଙ୍କ ପାଇଁ ଗୋଟେ ଆଇ ଫୋନ୍ କିଣିବ, ମୁଁ ଟଙ୍କା ଦେବି । ଝିଅ ଡ୍ରେସ୍ ଦେଇଛି ବୋଲି ଖୁସି ହୋଇଯାଉଛ । ଗୋଟେ ବୋଲି ଜ୍ୱାଇଁ ମୋର କିଛି ଉପହାର ଦେଇ ଆସିବାକୁ ମନ ହେଲାନି ତୁମର । ସେଠି ସେଥିପାଇଁ କିଛି କହିଲିନି । ଦେଖୁଥିଲି ତୁମେ ନିଜ ଆଡୁ କିଛି ଦେଉଛ ନା ନାହିଁ । ତୁମର ତ ଅଭ୍ୟାସ ନାହିଁ, କିଛି କିଣିକି ଉପହାର ଦେବାକୁ ।

ସେପଟୁ ଉଠି ଆସିଲା ଅଶ୍ୱିନୀ । କହିଲା ଆଈ, ତୁମେ ମୋତେ ଗୋଟେ ଆଇ ଫୋନ୍ ଦିଅ । ପାପାଙ୍କର ସେଗୁଡ଼ା କଣ ହେବ । ଅଜା ତ ମୋତେ ସବୁ କିଣି ଦିଅନ୍ତି, ତାଙ୍କୁ କାହିଁକି ପାଟି କରୁଛ ।

ଟେଲା ଆସିଗଲା, କିରେ ତତେ କ'ଣ ଏମିତି କିଣିକି ଦିଅନ୍ତି, ଏତେ ତୋ ଅଜାଙ୍କ ସପକ୍ଷରେ କହୁଛୁ ।

ତାପସ୍ ମୋବାଇଲ୍ ଖେଳେଇ ଖେଳେଇ ଆଈ ନାତିଙ୍କ ଲଘୁ ଝଗଡ଼ାକୁ ଉପଭୋଗ କରୁଥାନ୍ତି ।

ତାପସ୍ – ବୁଝିଲୁ ଅଶ୍ୱିନୀ, ତୋ ଆଈ ମତେ ମଝିରେ ମଝିରେ ଏମିତି ନଶୁଣେଇଲେ ତାଙ୍କର ବ୍ଲଡ୍‌ପ୍ରେସର ହାଇ ହୋଇଯିବ । ତାଙ୍କୁ କହିବାକୁ ଦେ । ତୁ କହିଦେଉନୁ ମୁଁ ତତେ କଣ ସବୁ କିଣିକି ଦିଏ ।

Digitized by PPRACHIN, SOA

ସୁରଭି - ଥାଉ, ନାତିଟାକୁ କଣ ଦେଇଛ ହିସାବ କରି ରଖିଛ । ସେ ଆଜି ସନ୍ଧ୍ୟା ବେଳେ ହଷ୍ଟେଲ ଚାଲିଯିବ । ପରୀକ୍ଷା ସରିଲେ ଯାଇ ମାସେ ପରେ ଆସିବ । ତା ପାଇଁ ସବୁ କିଣାକିଣି କରି ତାକୁ ହଷ୍ଟେଲ୍‌ରେ ଛାଡ଼ିଆସିବ ।

ଯଥା ଆଜ୍ଞା ମ୍ୟାଡାମ୍, କହୁଥିଲେ ତାପସ୍ । ହସୁଥିଲେ ସମସ୍ତେ ।

ଯେଉଁ ବ୍ୟାଗ୍‌ରେ ବହିଟା ଥିଲା ତାକୁ ନଖୋଲି ରଖିଦେଲେ ସୁରଭି । ନାତିଟା ଯିବ ସନ୍ଧ୍ୟାବେଳକୁ । ତା ପାଇଁ ତା ମାମା ଯାହା ପଠେଇଥିଲା ସବୁ ଅଲଗା କରି ରଖିଥିଲେ । ଗୋଟେ ଲମ୍ବା ତାଲିକା ପ୍ରସ୍ତୁତ କରୁଥିଲେ ସେ ଆଉ କ'ଣ ନେବ ।

ଛାଇ ଲେଉଟୁଥିଲା । ବାଲକୋନିରୁ ସବୁ ଲୁଗାପଟା ତୋଳି ନେଇ ଭାଙ୍ଗୁଥିଲେ ସୁରଭି । ଏସବୁ ତାଙ୍କର ନିତିଦିନିଆ କାମ । ବଗିଚା ମଝିରେ ଥିବା ଛୋଟ ଆମ୍ବ ଗଛରେ ଘରଚଟିଆ ପକ୍ଷୀଟେ ବସା ବାନ୍ଧିଛି ଏ ଭିତରେ । ବାଲକୋନି ପାଖ ଝରକାରୁ ଦିଶୁଥିଲା ତାର ବସା । ଲୁଗା ଭାଙ୍ଗୁ ଭାଙ୍ଗୁ ମା ଘରଚଟିଆକୁ ଦେଖୁଥିଲେ ସେ । କୁଟା କାଠି ସବୁ ସଜେଇ କେତେ ସୁନ୍ଦର ବସାଟିଏ କରିଛି, ଅଣ୍ଡା ଦେବ । ଏଇଠି ତା ଛୁଆମାନେ ବଡ଼ ହେବେ । ଶରତ ସରି ଶୀତ ଆସୁଛି । ଥଣ୍ଡା ଲାଗିବ ତାକୁ ବାହାରେ ରହିଲେ । ଟିକେ ଉଷୁମ ଲୋଡ଼ା, ସେଥିପାଇଁ ଏଇ ବସା । ପକ୍ଷୀଟିଏ ହେଲେ କଣ ହେଲା ନିଜ ଘରକୁ ସମସ୍ତେ ଭଲ ପାଆନ୍ତି ।

ନିଜ କଥା ଭାବୁଥିଲେ ସୁରଭି, ୧୫ ଦିନ ବାହାରେ ବୁଲିଲେ, ବଡ଼ ବଡ଼ ହୋଟେଲ୍‌ରେ ରହିଲେ । ଝିଅ ଜ୍ୱାଇଁଙ୍କ ଆଦର ଅଭ୍ୟର୍ଥନା କିଛି କମ୍ ନଥିଲା । ହେଲେ ତାଙ୍କ ମନ ଏଇ ନୀଡ଼କୁ ଝୁରୁଥିଲା । ଝିଅ ନାମ ଅନୁସାରେ ତାଙ୍କ ଘରର ନାଁ 'ତେଜସ୍ୱିନୀ' । ତାପସ୍ ଆଉ ସେ ଏଇ ଘର ତିଆରି କରିଛନ୍ତି । ଦୁଇ ଜଣଙ୍କ ନିଷ୍ପତ୍ତି ଅନୁସାରେ ଘରର ନାମକରଣ ହୋଇଥିଲା । ସେ ଭାବୁଥିଲେ ଘରଚଟିଆ ବି ତା ନୀଡ଼ ରଚନା କରିବା ବେଳେ ନାଁଟିଏ ଦେବା କଥା ଚିନ୍ତା କରୁଥିବ । କଣ ଦେଇଥିବ ସେ ତା ବସାର ନାଁ । ମିନିର ଘର, କୁନିର କୁଟୀର, ସ୍ପାରୋ ଭିଲ୍ଲା । ହେ ହେ ହେ । ମନେ ମନେ ହସୁଥିଲେ ସେ । କି କାମ କରୁଛନ୍ତି ସେ ଏଇଠି ଠିଆ ହୋଇ । ତାପସ୍ ତାଙ୍କୁ ଦୂରରୁ ଦେଖୁଥିଲେ ବୋଧେ । ପାଖକୁ ଆସି ପଚାରୁଥିଲେ, ଲୁଗା ତ କେତେବେଳୁ ଭାଙ୍ଗି ସାରିଲଣି । ଏଇଠି କଣ କରୁଛ । ମନେ ମନେ ହସୁଛ ଯେ ।

ଦେଖୁନ ଏଇ ଘରଚଟିଆ ଯେଉଁ ବସା କରିଛି ତାକୁ ଦେଖୁଥିଲି । ସେ ଘରର ନାଁ କଣ ଦେଇଥିବ, ଠିଆ ହୋଇ ଭାବୁଥିଲି । ଅଲଗା ଦିନ ହୋଇଥିଲେ ଏଇ କଥା ଶୁଣି ତାପସ୍ ଚିଡ଼ି ଯାଇଥାନ୍ତେ । କହିଥାନ୍ତେ ଯେତେ ସବୁ ଫାଲ୍‌ତୁ କଥା ତୁମ ମୁଣ୍ଡକୁ କେମିତି ଆସେ

Digitized by PPRACHIN, SOA

ସୁରୁ । ଆଜି କିନ୍ତୁ ସେମିତି କିଛି ପ୍ରତିକ୍ରିୟା ନଥିଲା ତାଙ୍କର । କହୁଥିଲେ ସେ ନୀଡ଼ର ନାଁ 'ସୁରଭିର ଘର' ।

ତାଙ୍କ ମୁହଁକୁ ଚାହିଁଲେ ସୁରଭି । କହିଲେ ଆଉ କିଛି ନାଁ ଦେଲନି ।

ତାପସ୍ - ତୁମ ମନକୁ ନାଁ କ'ଣ ପାଇଲାନି କି ?

ସୁରଭି - ବହୁତ ପସନ୍ଦ ହେଲା । ସେଇ ଘରଚଟିଆକୁ ଆଜିଠୁ ସଙ୍ଗାତ ଡାକିବି ।

ଲୁଗାପଟା ଧରି ସେଇଠୁ ଚାଲି ଆସୁଥିଲେ ସୁରଭି, କିନ୍ତୁ ଠିଆ ହୋଇ ନୀଡ଼କୁ ଲକ୍ଷ୍ୟ କରୁଥିଲେ ତାପସ୍ ।

ଦେଖୁଥିଲେ ଦିଗ୍‌ବଳୟକୁ, ଭାବୁଥିଲେ ସୁରଭିଙ୍କ କଥା । ସ୍ତ୍ରୀ ଭାବେ ନୁହେଁ, ଖାଲି ମଣିଷଟିଏ ରୂପରେ । କେତେ ଭାବପ୍ରବଣ ସତରେ ତାଙ୍କ ସ୍ତ୍ରୀ ସବୁ ସମ୍ପର୍କକୁ ନେଇ । ସେ ଜାଣିଥିଲେ ବାଇଗଣୀ ରଙ୍ଗର ଫୁଲ ପରେ ପରେ ଏଇ ଘରଚଟିଆକୁ ସାଙ୍ଗ କରି କିଛି ଦିନ ବିତେଇଦେବେ ତାଙ୍କ ସୁରଭି । ମଣିଷକୁ ବଞ୍ଚିବା ପାଇଁ ଯେଉଁ ମାଧ୍ୟମ ଲୋଡ଼ା, ସୁରଭି ସେସବୁ ଯେକୌଣସି ଜିନିଷରୁ ଖୋଜି ନିଅନ୍ତି । ଏବେ ଏଇ ଘରଚଟିଆ ତାଙ୍କୁ ବଞ୍ଚିବା ପାଇଁ କିଛି ଖୋରାକ ଯୋଗାଇଦେବ । ଦେଖାଯାଉ, କାଲି ସକାଳେ ଚଢ଼େଇ ପାଇଁ କ'ଣ କ'ଣ ସବୁ ବଜାରରୁ ନଟ ହାତରେ ମଗାଯାଉଛି । ମନେ ପଡ଼ି ଯାଉଥିଲା ତାଙ୍କର, ଅଶ୍ୱିନୀକୁ ନେଇ ହଷ୍ଟେଲରେ ଛାଡ଼ିବାକୁ ହେବ । ବାଲକୋନିରୁ ଆସି ନଟ ହାତ ତିଆରି ଜୁସ୍ ଗ୍ଲାସେ ଲେଖାଏଁ ପିଇ ଯିବାକୁ ଅଜା ନାତି ଦୁହେଁ ବାହାରି ପଡ଼ିଲେ ।

ସନ୍ଧ୍ୟା ହେବାକୁ ଆହୁରି ଘଣ୍ଟାଏ ବାକି ଥାଏ । ସେମାନେ ଯିବା ପରେ ଘରଚଟିଆ ପାଇଁ ବିଭିନ୍ନ ସରଞ୍ଜାମ ଆଣିବା ଉଦ୍ଦେଶ୍ୟରେ ନଟ ବି ପାଖକୁ ଯାଇଥାଏ । ଖାଲି ଘରଟାରେ ସୁରଭି ଏକା । ବ୍ୟାଗ୍ ଖୋଲି ବହିଟାକୁ କାଢ଼ିଲେ । ଉପରେ ଗୋଟେ ରେଖାଙ୍କିତ ମହିଳାର ଚିତ୍ର । ଯିଏ ଯାଉଛି ଆଗକୁ, କେବଳ ଆଗକୁ । ଆଉ ପ୍ରଚ୍ଛଦରେ ଅରୁଣଙ୍କ ସମ୍ପର୍କରେ କିଛି । ଫଟୋଟାକୁ ଦେଖି ବିଲକୁଲ୍ ଚିହ୍ନି ହେବନି ସେ ଅରୁଣ । ମୁହଁ ସାରା ମେଞ୍ଚାଏ ଦାଢ଼ି । ଯେମିତି ପରିଚୟ ଲୁଚେଇବା ପାଇଁ ଜୋର ଜବରଦସ୍ତ ଦାଢ଼ି ରଖି ଫଟୋଟି ଉଠାଯାଇଛି । ସେଥିରେ ଯେଉଁ ଠିକଣା ଦିଆଯାଇଛି ସେଇଟା ତାଙ୍କ ପୂର୍ବର କିମ୍ବା ଏବେର ଠିକଣା ମଧ୍ୟ ନୁହେଁ । ମୋଟାମୋଟି ଭାବେ ଦେଖିବାକୁ ଗଲେ ତାଙ୍କୁ ଅତି ନିକଟରୁ ଜାଣିନଥିବା ଲୋକ ବିଲକୁଲ୍ ସେ ଅରୁଣ ବୋଲି ଚିହ୍ନି ପାରିବ ନାହିଁ । ବହିଟିର ନା ଅତି ଚମତ୍କାର, 'ଆଫ୍ଟର ୟୁ' ।

Digitized by PPRACHIN, SOA

ବହିଟି ସମର୍ପଣ କରାଯାଇଛି ଆରତୀଙ୍କ ଉଦ୍ଦେଶ୍ୟରେ । କିଏ ସେ ଆରତୀ । ଛାତିର ସ୍ପନ୍ଦନ ବଢୁଥିଲା ଧୀରେ ଧୀରେ ସୁରଭିଙ୍କର । କଣ ଲେଖିଛନ୍ତି ଅରୁଣ ସେଥିରେ । କାହାକୁ ଇଙ୍ଗିତ କରିଛନ୍ତି । ତାଙ୍କ ସ୍ତ୍ରୀଙ୍କ ଯିବା ପରେ ପରେ ତାଙ୍କ ଜୀବନ ବିଷୟରେ ଲେଖିନାହାନ୍ତି ତ ଆଉ ! ଏଥିରେ ଏତେ ଆଶ୍ଚର୍ଯ୍ୟ ହେବାର କଣ ଅଛି । ତାଙ୍କ ସ୍ତ୍ରୀଙ୍କ ବିଷୟରେ ଲେଖନ୍ତୁ । ତାଙ୍କ ପାଇଁ ତାଙ୍କ ସ୍ତ୍ରୀ କେମିତି ଥିଲେ ସେ ବିଷୟରେ ଜାଣିବା ପାଇଁ ବି ଆଗ୍ରହ ବଢୁଥିଲା ସୁରଭିଙ୍କର । ବୋଧହୁଏ ସବୁ ସ୍ତ୍ରୀଲୋକ ଏମିତି । ଆଗୁଆ ଅନେକ କିଛି ଚିନ୍ତା କରିଯାଆନ୍ତି ।

ଏବେ ସତକୁ ସତ ସେ ପ୍ରଥମ ପୃଷ୍ଠା ଖୋଲୁଥିଲେ । ଆରତୀଙ୍କ ଉଦ୍ଦେଶ୍ୟରେ ଚିଠିଟିଏ ଲେଖା ହୋଇଥିଲା । ପ୍ରଥମ ଧାଡ଼ିରେ ଲେଖାଥିଲା, ମତେ କ୍ଷମା କରିଦେବ ଆରତୀ । ତୁମକୁ କଷ୍ଟରେ ଦେଖି ପାରିବିନି ବୋଲି ତୁମଠାରୁ ଦୂରେଇ ଯିବାର ଅଭିନୟ କରୁଛି ଏବେ ବି । ଆଉ କରିବି ମଧ୍ୟ । ଆରତୀ, ସୂର୍ଯ୍ୟାସ୍ତ ସମୟରେ ତୁମେ ବହୁତ ମନେ ପଡ଼ । କିନ୍ତୁ ତୁମେ ଯିବା ପରେ ଥରେ ବି ସୂର୍ଯ୍ୟାସ୍ତକୁ ଦେଖିନି, ଏଥିପାଇଁ ନୁହେଁ ଯେ ସୂର୍ଯ୍ୟାସ୍ତ ଦେଖିବାକୁ ସମୟ ପାଇନି । କେବେ ଦେଖିବାକୁ ଚାହିଁନି । ଯେଉଁ ଦିନ ସୂର୍ଯ୍ୟାସ୍ତରେ ତୁମକୁ ମୋ ଠାରୁ ଅଲଗା କରିବାର ଅଭିନୟ ଆରମ୍ଭ କରିଥିଲି ସେବେଠାରୁ ବହୁତ ଡର ଲାଗେ ସେହି ସମୟକୁ ସାରା ଦିନ ଭିତରେ ସାମନା କରିବାକୁ ।

ତୁମେ ଦେଖୁଥିବ କେଉଁଠି ନା କେଉଁଠି ସୂର୍ଯ୍ୟାସ୍ତକୁ । ସୂର୍ଯ୍ୟଙ୍କର ଚୂନା ଚୂନା କିରଣ ଯଦି ଖବର ଦେଇଯିବ ତୁମର, କେମିତି ମୁଁ ଅଟକିବି, କେମିତି ମୁଁ ରହିବି ସ୍ଥିର ହୋଇ । ଏଇ ଅମାନିଆ ପାଦ ଦୁଇଟା ଟାଣି ହୋଇଯିବ ତୁମ ପାଖକୁ । ତୁମ ସିନ୍ଦୂରରେ କାଳିମା ଲାଗିଯିବନି ? ତୁମେ ବଦନାମ ହୋଇଯିବନି ? ତୁମକୁ କଷ୍ଟରେ ଦେଖି ପାରିବିନି ବୋଲି ତ ଦୂରେଇ ଯାଇଥିଲି । ତୁମକୁ ବଦନାମ କରିପାରିବି କେମିତି ? ତୁମେ ମତେ ଦେଖି ସବୁ ବନ୍ଧନ ଛିଣ୍ଡେଇ ଦଉଡ଼ି ଆସିବ । ମାନିବନି ରୀତିନୀତି, ପରମ୍ପରା । ଭୁଲିଯିବ ତୁମେ ବିବାହିତା, କାହାର ସ୍ତ୍ରୀ । ଅରୁଣ ପାଖକୁ ଆସିବା ପାଇଁ କେବଳ ତୁମକୁ ଜଣେ ଅଟକେଇ ପାରିବ, ସେ ହେଉଛି ତୁମ ଅରୁଣ । ଆରତୀ, ତୁମକୁ ଦୂରେଇ ଦେବା ପାଇଁ ଅନେକ ଚେଷ୍ଟା କରିଛି, ହେଲେ ପାରିଲିନି ଶେଷ ପର୍ଯ୍ୟନ୍ତ । ଜୀବନରେ ସ୍ତ୍ରୀ, ଛୁଆ, ପଦପଦବୀ ସବୁ ଆସିଲା, କିନ୍ତୁ ତୁମର ଅଭାବ କେହି ପୂରଣ କରି ପାରିଲେନି । ମନରେ ଅନେକ ଦିନ ପର୍ଯ୍ୟନ୍ତ ଏସବୁ ଚାପି ରଖିଥିଲି, ହେଲେ ଯେଉଁଦିନ ମତେ ଏହା ଭାରାକ୍ରାନ୍ତ କଲା ସେଦିନ ଏସବୁ ଶବ୍ଦ ହୋଇ ବାହାରିଗଲେ । ଲେଖୁ ଲେଖୁ ବହିଟିଏ ହୋଇଗଲା । ତୁମରି ସ୍ମୃତିରେ ଛପେଇ ଦେଲି । ଗୋଟେ ଅନୁରୋଧ ଆରତୀ, ଯଦି କେବେ ମୋ ମୃତ୍ୟୁ ପୂର୍ବରୁ ଏହି ବହି ପାଇଯିବ, ତେବେ ଏହା ମୋ ମୃତ୍ୟୁ ପରେ ହିଁ ପଢ଼ିବ ।

Digitized by PPRACHIN, SOA

ବହିଟାକୁ ବନ୍ଦ କରି ଦେଇଥିଲେ ସୁରଭି । ଓଦା ହୋଇ ଯାଇଥିଲା ତକିଆ । ଅରୁଣ ମନା କରିଛନ୍ତି, ସେ ପଢ଼ିବେନି ଆଉ । ବହିଟାକୁ ଆଉ ଥରେ ଛୁଇଁଥିଲେ ମନ ଭରିବା ପର୍ଯ୍ୟନ୍ତ । ସମସ୍ତେ ଆସିବା ପୂର୍ବରୁ ନେଇ ରଖି ଦେଇଥିଲେ ଗୋଟେ ପୁରୁଣା ଆଲମାରୀ ଉପରେ । ସୂର୍ଯ୍ୟାସ୍ତକୁ ଦେଖିବାକୁ ଆସିଥିଲେ ବାଲକୋନିକୁ । ମୁଠାଏ କିରଣ ବିଞ୍ଚି ଅସ୍ତଗାମୀ ହେଉଥିଲେ ସୂର୍ଯ୍ୟ । ଦଉଡ଼ି ଆସିଥିଲେ ଘର ଭିତରକୁ ସେ, ଅରୁଣ ଦେଇଥିବା ଶାଲ୍‌ଟାକୁ ଘୋଡ଼େଇ ହୋଇ ଚାଲି ଆସିଥିଲେ ପୁଣି ବାଲକୋନିକୁ । ଅନୁଭବ କରୁଥିଲେ ଅରୁଣଙ୍କୁ, ଯେଉଁଥିରେ ନଥିଲା ଆଶ୍ଳେଷ, କେବଳ ଥିଲା ତାଙ୍କ ଉପସ୍ଥିତିର ଅନୁଭବ । ଘରଚଟିଆକୁ ଦେଖୁଥିଲେ, ତା' ଘରେ ସେ ବି ବସି ଝୁଲୁଥିଲା କାହାର ପ୍ରତୀକ୍ଷାରେ । ଲୁହ ଶୁଖିନଥିଲା ସୁରଭିଙ୍କ ଆଖିରୁ ଏବେ ବି ।

ନିଜକୁ ତଉଲୁଥିଲେ ସମାଜ ଆଖିରେ । ସେ ନାରୀ, ସେ ଆଉ କାହାର ସ୍ତ୍ରୀ । ସେ ପରିଣୀତା । ସେ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ସ୍ୱାମୀ ତାପସ୍‌ଙ୍କ ପ୍ରତି ମାନସିକ, ଶାରୀରିକ, ଆତ୍ମିକ ଭାବେ ବିଶ୍ୱସ୍ତ ରହିବେ ବୋଲି ପ୍ରତିଜ୍ଞା କରିଛନ୍ତି । ହେଲେ ସେ କ'ଣ କରୁଛନ୍ତି ! ସାରା ଜୀବନ ସେ ତାପସ୍‌ଙ୍କ ସହିତ ଛଳନା କରୁନାହାନ୍ତି ତ' । ହେ ଈଶ୍ୱର, ଅରୁଣଙ୍କୁ ବାହାର କରିଦିଅ ଏଇ ଚିନ୍ତା ଚେତନା ଭିତରୁ । ତାପସ୍‌ଙ୍କୁ ବିବାହ କରିବା ପରେ ଅରୁଣଙ୍କ ବିଷୟରେ ଭାବିବା ତାଙ୍କ ପାଇଁ ପାପ ! ସେ ହୋଇ ଯାଉଥିଲେ ଗୋଟେ ଅକ୍ଟୋପସ୍ । ନିଜକୁ ନିଜ ଭିତରେ ଗୁଡ଼େଇ ତୁଡ଼େଇ ଛନ୍ଦି ଦେଉଥିଲେ ଅନେକ ପ୍ରଶ୍ନବାଣରେ । ସୀତା ହେବାକୁ ଚେଷ୍ଟା କରୁଥିଲେ । ଦ୍ରୌପଦୀ ହୋଇ ପାରୁନଥିଲେ ସେ । ଅରୁଣ ଅଧ୍ୟାୟକୁ ଏଇଠି ଶେଷ କରିଦେବାକୁ ଚାହୁଁଥିଲେ ।

ପ୍ରଶ୍ନ ପଚାରୁଥିଲେ ନିଜକୁ, କିଏ ସେ ଅରୁଣ ? ଗୋଟେ ଧୋକାବାଜ । ଯିଏ ତାଙ୍କୁ ଅଧା ବାଟରେ ଛାଡ଼ି ଚାଲିଗଲେ । ଆଜିଠୁ ସୁରଭି ଜୀବନରେ ଅରୁଣ ଅସ୍ତ ହୋଇଯାଇଛନ୍ତି । ଏମିତି ଗୋଟେ ନିଷ୍ପତ୍ତି ନେବା ପାଇଁ ସେ ଦୃଢ଼ ହେଉଥିଲେ । ସନ୍ଧ୍ୟା ଧୂପ ଦେଉ ଦେଉ କହୁଥିଲେ ହେ ଭୋଳା ବାବା, ମତେ ଶକ୍ତି ଦିଅ, ଅରୁଣଙ୍କଠାରୁ ଦୂରେଇ ଯିବା ପାଇଁ । ନହେଲେ ମୃତ୍ୟୁ ଦିଅ । ନିଜକୁ ସତୀତ୍ୱର ନିକିତିରେ ତଉଲୁ ତଉଲୁ ମୁଁ ବେଶି ଅରୁଣଙ୍କ ଆଡ଼କୁ ଝୁଲି ରହୁଛି । ଏହା ପାପ ପ୍ରଭୁ, ମତେ ମୁକ୍ତ କର ଏହି ସମାନ୍ତରାଳ ସମ୍ପର୍କରୁ ।

ଅରୁଣଙ୍କୁ ଭୁଲିବାକୁ ଚେଷ୍ଟା ଆରମ୍ଭ କରି ଦେଇଥିଲେ ସେ । ଆବଶ୍ୟକତାଠାରୁ ଅଧିକ ଗପୁଥିଲେ । ହୋ ହୋ ହୋଇ ହସୁଥିଲେ । ଟିଭି ଲଗେଇ ଗୁଣୁ ଗୁଣୁ ହୋଇ ଗୀତ ଗାଉଥିଲେ । ତାଙ୍କ ପ୍ରଦତ୍ତ ଶାଲ୍‌ଟିକୁ ଭାଙ୍ଗିଭୁଙ୍ଗି ଆଲମୀରା ଭିତରେ ରଖୁଥିଲେ । ବାଇଗଣୀ ରଙ୍ଗର ଫୁଲ ଆଉ ସେଠି ରଖିବେନି ବୋଲି ମନେ ମନେ ସ୍ଥିର କରି ନେଇଥିଲେ ।

Digitized by PPRACHIN, SOA

ତାଙ୍କୁ ଦେଖି ତାପସ୍ କହୁଥିଲେ ସୁରୁ, ତୁମେ ଏମିତି ବ୍ୟବହାର କାହିଁକି କରୁଛ । ତୁମେ ଯେମିତି ନୁହେଁ ସେମିତି । ସ୍ୱାମୀଙ୍କୁ ବାଆଁରେଇ ଦେଉଥିଲେ ।

ସକାଳ ହେଲା, ସବୁ ଦିନ ପରି ଫୁଲ ରଖିବାର ସମୟ ଉପନୀତ ହେଲା । କିନ୍ତୁ ସେ ଯାଉନଥିଲେ ଫୁଲ ରଖିବାକୁ । ବାରମ୍ବାର ପଚାରୁଥିଲେ ତାପସ୍, ଆଜି କଣ ତୁମ ଈଶ୍ୱର ଆସିବେନି କି ? ନା ତାଙ୍କ ଉପରେ ରାଗ ହୋଇଛି । ଫୁଲ ଦେବା ବନ୍ଦ । ସୁରଭି ଘର କାମ କରୁଥାନ୍ତି । ବହି ଥାକ, ଲୁଗା ଆଲମାରୀ ସଜାଡୁଥାନ୍ତି । ମଝିରେ ମଝିରେ ଝରକା ଦେଇ ଘରଚଟିଆର ବସାକୁ ଦେଖୁଥାନ୍ତି । ବେଳ ଗଡୁଥାଏ, କିନ୍ତୁ ସେ ବାହାରକୁ ଯାଉନଥାନ୍ତି । ଦିନ ବାରଟା ହେଲାଣି, ମନଟା ଥୟ ଧରୁନଥାଏ । ଏବେ ଭିତରୁ ବାହାରକୁ ଆଉ ବାହାରୁ ଭିତରକୁ ହେଉଥାନ୍ତି । ଚଷମା ଫାଙ୍କରୁ ତାଙ୍କୁ କଣେଇ କଣେଇ ଚାହୁଁଥାନ୍ତି ତାପସ୍ । କହୁଥାନ୍ତି, ସକାଳୁ ଫୁଲ ଦେଇନ ବୋଲି ଏ ପର୍ଯ୍ୟନ୍ତ ପାଣି ଟୋପେ ପାଟିକୁ ନେଇନ । ତୁମ ଈଶ୍ୱର ସେପଟେ କେତେ ବ୍ୟସ୍ତ ମୁଁ ଜାଣିନି, କିନ୍ତୁ ତୁମ ଅବସ୍ଥା ଦେଖି ମତେ ବ୍ୟସ୍ତ ଲାଗିଲାଣି । ତୁମେ ମନା କରିଛ ବୋଲି ମୁଁ କେବେ ଯାଇ ଦେଖିନି ମୋ ସ୍ତ୍ରୀଙ୍କର କାହା ପାଇଁ ଏ ତପସ୍ୟା । ଯଦି କହିବ ସେ ଲୋକର ଘରେ ମୁଁ ଫୁଲ ଦେଇ ଆସିବି, ଠିକଣାଟା ଦିଅ । ରାଗୁଥିଲେ ସୁରଭି ତାପସ୍‌ଙ୍କ ଉପରେ ।

ଯେତେ ସବୁ ବାଜେ କଥା । ଫୁଲ ରଖୁଥିଲି ମୋ ଇଚ୍ଛାରେ, ରଖିନି ଆଜି ମୋ ଇଚ୍ଛାରେ, ତୁମେ କାହିଁକି ମୁଣ୍ଡ ଖେଳଉଛ । ଠିକ୍ ଅଛି, ତୁମ ଇଚ୍ଛା କହୁଥିଲେ ତାପସ୍ । ସେ ଖାଇ ପିଇ ଶୋଇବାକୁ ଚାଲି ଯାଇଥିଲେ । ବାଲକୋନିକୁ ଯାଇ ବାହାରକୁ ଦେଖୁଥିଲେ ସୁରଭି । କାହିଁ କେଉଁଠି ତ କେହି ନାହାନ୍ତି । ଫୁଲ ନପାଇ ଅରୁଣ ଫେରି ଯାଇଥିବେ । ଯାଆନ୍ତୁ ସେ, ତାଙ୍କୁ ଧୋକାବାଜ୍ ବୋଲି ମନେ ମନେ କହୁଥିଲେ ସୁରଭି । କିଛି ସମୟ ପରେ ପୁଣି ଥରେ ଉଠି ବାଲକୋନିକୁ ଗଲେ । କେହି ବି ତ ଦିଶୁନାହାନ୍ତି ।

କଥା ଦେଇଥିଲେ ଦୁହେଁ ଏଇ ଫୁଲ ହିଁ ସେମାନଙ୍କ ଉପସ୍ଥିତିକୁ ପରସ୍ପର ପାଖେ ବଞ୍ଚେଇ ରଖିବ । ଆଜି ଭାଙ୍ଗି ଦେବେ ତାଙ୍କ ପ୍ରତିଜ୍ଞାକୁ । ଅରୁଣ କିଏ କି ? କିନ୍ତୁ ଖାଇବା ଥାଳି ପାଖରେ ବସି ପାରିନଥିଲେ ଏ ପର୍ଯ୍ୟନ୍ତ ସେ । କେବେ ବି ଚିତ୍ରାକୁ ଫୋନ୍ କରୁନଥିବା ସୁରଭି ଆଜି ଫୋନ୍ କରି ପଚାରୁଥିଲେ ସାନିର କଥା, ଉଦ୍ଦେଶ୍ୟ ଥିଲା ଅରୁଣଙ୍କ ବିଷୟରେ ଜାଣିବା । ଚିତ୍ରା ବି ମନ କଥା ଜାଣିବା ପରି କହୁଥିଲା ଜାଣିଛନ୍ତି ମା', ଆଜି ଶ୍ୱଶୁର ସକାଳୁ କୁଆଡ଼େ ଯାଇଛନ୍ତି ଏ ପର୍ଯ୍ୟନ୍ତ ଘରକୁ ଫେରିନାହାନ୍ତି । ଯେତେଥର ପଚାରିଲେ କହୁଛନ୍ତି, ଅଧ ଘଣ୍ଟାରେ ପହଞ୍ଚୁଛି । ପାଦ ତଳୁ ମାଟି ଖସି ଯାଉଥିଲା ତାଙ୍କର । ଅରୁଣ ଏଇ ଆଖପାଖରେ

Digitized by PPRACHIN, SOA

କେଉଁଠି ନାହାନ୍ତି ତ । ମନରୁ କିଏ କହୁଥିଲା, ସୁରଭି, ତୁ ଧୋକାବାଜ୍ । ତୁ କଥା ଦେଇ କଥା ରଖିପାରୁନା । ଆଜି ସେ ଅରୁଣ ନଥିଲେ, ତୋ ସ୍ୱାମୀ ନଥାନ୍ତା । ସମୟ ଆଉ ପରିସ୍ଥିତିକୁ ବୁଝିବାକୁ ଚେଷ୍ଟା କର । ଅରୁଣ କିଏ ତୋ ପାଇଁ ତୁ କଣ ଜାଣିନୁ ?

ମନ କଣ ହେଲା କେଜାଣି, ଦଉଡ଼ିଗଲେ ବଗିଚାକୁ, ତୋଳିଆଣିଲେ ମେଞ୍ଚାଏ ଫୁଲ । ନେଇ ରଖିଦେଲେ ସେଇ ଜଳା ବାଟରେ । ଆଉ ପ୍ରତୀକ୍ଷା କଲେନି ସେଇଠି ଠିଆ ହୋଇ । ଘର ଭିତରକୁ ଚାଲିଗଲେ । ପନ୍ଦର ମିନିଟ୍ ପରେ ବାହାରକୁ ଆସି ଦେଖୁଥିଲେ, ଗୋଟେ ଅଟୋ ତାଙ୍କ ଦୁଆର ମୁହଁରୁ ଚାଲି ଯାଉଥିଲା । ଫୁଲଗୁଡ଼ା ବି ଆଉ ସେ ଜାଗାରେ ନଥିଲା । ଭାବୁଥିଲେ ସେ, ଅରୁଣଙ୍କ ବିନା ବଞ୍ଚିବା ବୋଧେ ଏଇ ଜନ୍ମରେ ସମ୍ଭବ ନୁହେଁ ତାଙ୍କ ପାଇଁ । ସମାଜର ସବୁ ଆକ୍ଷେପକୁ ଗ୍ରହଣ କରିନେବେ ବୋଲି ସ୍ଥିର କରୁଥିଲେ । ମନଟାକୁ ବାଣ୍ଟୁଥିଲେ ସେ ତାପସ୍ ଓ ଅରୁଣଙ୍କ ମଧ୍ୟରେ । ହୃଦୟର କେଉଁ ଏକ କୋଣରେ ଅରୁଣ ଅଛନ୍ତି, ରହିବେ । କାହ୍ନା ପାଇଁ ସେ ମୀରା ପାଲଟୁଥିଲେ ଧୀରେ ଧୀରେ । x x x

Digitized by PPRACHIN, SOA

ଏମିତି ଚାଲିଥିଲା ଜୀବନ ଉତ୍ତାଳ ତରଙ୍ଗ ଦେଇ । ଚାହୁଁ ଚାହୁଁ ଦୁଇ ବର୍ଷ ବିତି ଯାଇଥିଲା । ଖୁବ୍ ଖୁସି ଥିଲେ ଦୁହେଁ ନିଜ ସଂସାରକୁ ନେଇ । ସବୁ ଦିନ ସମାନ ଯାଏନା । ଭାଗ୍ୟ ଏବଂ ଭଗବାନଙ୍କଠାରୁ ବଡ଼ ହୋଇଯାଏ ସମୟ । ଯେତେ କାନ୍ଦିଲେ, ମାଗିଲେ, ଭକ୍ତିରେ ଡାକିଲେ ବି ଭଗବାନ ପଥର ହୋଇଯାନ୍ତି । ସେମିତି ସମୟ ଆସିଥିଲା ସେମାନଙ୍କ ଜୀବନରେ

Digitized by PPRACHIN, SOA

ଭଗବାନ ପଥର ହୋଇ ଯାଇଥିଲେ ସୁରଭିଙ୍କ ପାଇଁ, ଯେଉଁଦିନ ତାପସ୍‌ଙ୍କ କିଡ୍‌ନୀ ସମ୍ପୂର୍ଣ୍ଣ କାମ କରିବା ବନ୍ଦ କରି ଦେଇଥିଲା । ଡାକ୍ତରଖାନାକୁ ନେଇ ଯାଇଥିଲେ ସ୍ୱାମୀଙ୍କୁ । ଡାକ୍ତର ନାସ୍ତିବାଣୀ ଶୁଣେଇ ଦେଇଥିଲେ ତାଙ୍କୁ । କିନ୍ତୁ ଡାଏଲିସିସ୍ କରି କିଛି ଦିନ ବଞ୍ଚେଇ ରଖିବାର ଭରସା ଦେଇଥିଲେ । ଡାକ୍ତରଖାନା ହୋଇ ଯାଇଥିଲା ସେମାନଙ୍କ ପାଇଁ ନୂଆ ଘର । ଦୁହେଁ ଜାଣି ସାରିଥିଲେ ବହୁତ କମ୍ ଦିନ ଥିଲା ସେମାନଙ୍କ ପାଖରେ ଏକାଠି ରହିବା ପାଇଁ ।

ଏଇ କିଛି ଦିନ ଜୀବନର ପ୍ରତି ମୁହୂର୍ତ୍ତକୁ ବଞ୍ଚିବାକୁ ଚେଷ୍ଟା କରିଥିଲେ ଦୁହେଁ । ମୁହୂର୍ତ୍ତଟିଏ ଛାଡ଼ି ନଥିଲେ କେହି କାହାକୁ । ଯନ୍ତ୍ରଣା ଭିତରେ ବି ହସେଇବାକୁ ଚେଷ୍ଟା କରୁଥିଲେ ତାପସ୍ ସୁରଭିଙ୍କୁ । କହୁଥିଲେ ସୁରୁ ଏତେ ବର୍ଷ ଏକାଠି ରହିଲେ ଆମେ ଦୁହେଁ । ସବୁ କଥା ତୁମେ ଜାଣିଛ ମୋ ବିଷୟରେ । ଆଉ ତୁମ ବିଷୟରେ ବି ସବୁ କହିଛ ମୋତେ । ତୁମେ ବି ଜାଣିଛ, ତୁମେ ଅନେକ କଥା ଚାହିଁ ମଧ୍ୟ ସତ କହି ପାରିନ ମତେ । ଏସବୁ ଭାଗ୍ୟର ବିଡ଼ମ୍ବନା ଯେ, ତୁମେ ନ ଚାହିଁ ମତେ ବିବାହ କରିଥିଲ । କିନ୍ତୁ ମୁଁ ତୁମକୁ କେବେ ସନ୍ଦେହ କରିନି । ତୁମେ ଜଣେ ଭଲ ମଣିଷ ସୁରୁ । ତମେ ଚାହିଁଥିଲେ ମତେ ଛାଡ଼ି ଯାଇପାରିଥାନ୍ତ । କିନ୍ତୁ ତୁମେ ସେମିତି କରିନଥିଲ । ଅରୁଣଙ୍କୁ ଭୁଲି ବି ନଥିଲ । ବେଳେ ବେଳେ ଅବସୋସ ହୁଏ ମୁଁ ତାପସ୍ ନହୋଇ ଅରୁଣ ହୋଇଥାଆନ୍ତି କି ? ପୁଣି କଥା ଯୋଡୁଥିଲେ ସୁରୁ, ମୋ ଅବର୍ତ୍ତମାନରେ ଯଦି କେବେ ଅରୁଣ ଆସନ୍ତି, ତେବେ ତାଙ୍କୁ ତୁମର ଗ୍ରହଣ କରିନେବାରେ ମୋର ଆପତ୍ତି ରହିବ ନାହିଁ ।

ଏସବୁ କଥାର କୌଣସି ଉତ୍ତର ଦେଉନଥିଲେ ସୁରଭି । ଚୁପ୍ ରହୁଥିଲେ, ଖାଲି ଭଲ କଥା ସବୁ ଗପୁଥିଲେ ସ୍ୱାମୀଙ୍କ ସହ । ଡାକ୍ତରଙ୍କୁ ଅନୁରୋଧ କରୁଥିଲେ ଯଦି ଆଉ କେଉଁ ବାଟ ଅଛି ତାପସ୍‌ଙ୍କ ଚିକିତ୍ସା ପାଇଁ କରିବାକୁ । ହେଲେ ଡାକ୍ତର ନାସ୍ତିବାଣୀ ଶୁଣେଉଥିଲେ ବାରମ୍ବାର । ଡାକ୍ତରଖାନା ବେଡ୍ ପାଖରେ ତାଙ୍କ ପାଖେ ପାଖେ ରହୁଥିଲେ ତେଜୁ, ଚିତ୍ରା, ଅଶ୍ୱିନୀ, ସାନି, ଜ୍ୱାଇଁ ସମସ୍ତେ । ହେଲେ ସମସ୍ତଙ୍କ ଭିତରେ ନିଜକୁ ଏକୁଟିଆ ହିଁ ପାଉଥିଲେ ସୁରଭି ।

Digitized by PPRACHIN, SOA

ତାପସ୍‌ଙ୍କ ଆସନ୍ନ ମୃତ୍ୟୁ ତାଙ୍କୁ ଡରାଉଥିଲା ଭିନ୍ନ ବାଗରେ । ସେ କାନ୍ଦୁନଥିଲେ । ସେ ସ୍ୱାମୀଙ୍କ ସହ ବଞ୍ଚିବାକୁ ଚେଷ୍ଟା କରୁଥିଲେ । ଆଉ କିଛି ନିବିଡ଼ ମୁହୂର୍ତ୍ତ ସବୁକୁ ଉପଭୋଗ କରୁଥିଲେ । ହୃଦୟର କଷ୍ଟକୁ ବାହାରକୁ ଆସିବାକୁ ଦେଉନଥିଲେ । ଏମିତି ମାସେ ପରେ ଦିନେ ସକାଳୁ ସକାଳୁ ତାଙ୍କ ହାତ ଛାଡ଼ି ଦେଇଥିଲେ ତାପସ୍ ।

ଏବେ ସବୁ ଶୂନ୍ୟ ହୋଇ ଯାଇଥିଲା ସୁରଭିଙ୍କ ପାଇଁ । ସେ ହୋଇ ଯାଇଥିଲେ ରିକ୍ତହସ୍ତା । ଆଖିରେ ଥିଲା ଲୁହର ଶ୍ରାବଣ । ସବୁ ଖୁସି ଆଉ ଦୁଃଖ ବାଣ୍ଟିବା ପାଇଁ ମନର ମଣିଷଟା ଆଉ ନଥିଲା ପାଖରେ । ଚାଲି ଯାଇଥିଲା କେଉଁ ଅଫେରା ରାଇଜକୁ । ଶ୍ମଶାନକୁ ସେ ଧାଉଁ ନଥିଲେ ଶବ ପଛେ ପଛେ । କିନ୍ତୁ ମନଟା ଧାଉଁଥିଲା ଅମାନିଆ ହୋଇ, ସେହି ଶ୍ମଶାନ ଆଡ଼କୁ । ଯେଉଁଠି ତାଙ୍କ ତାପସ୍‌ଙ୍କ ଶରୀର ମୁଠାଏ ପାଉଁଶ ପାଲଟିଥିଲା ଅଗ୍ନିନୀର ମୁଖାଗ୍ନିରେ । ସମସ୍ତେ ରାଇ ଶୀତଳଉଥିଲେ, ହେଲେ ତାଙ୍କ ଭିତରେ ଜଳୁଥିବା କୋହ ଶୀତଳ ହେଉନଥିଲା । କାନ୍ଦିବାକୁ ଇଚ୍ଛା ହେଉଥିଲା, ସେ କିନ୍ତୁ କାନ୍ଦୁନଥିଲେ ସମସ୍ତଙ୍କ ଆଗରେ, ଲୁଚି ଲୁଚି ଲୁହ ଗଡ଼ାଉଥିଲେ । କିଛି ଦିନ ତଳେ ସାମାନ୍ୟ ଝଡ଼ପବନରେ ତାଙ୍କ ବଗିଚାରେ ନୀଡ଼ ବାନ୍ଧିଥିବା ଘରଚଟିଆର ଘର ଭାଙ୍ଗି ଯାଇଥିଲା ବୋଲି ସେ କେତେ କାନ୍ଦିଥିଲେ । ତା' ପାଇଁ ଗ୍ୟାରେଜ୍ ଘରେ ସେ ଓ ତାପସ୍ ନିଜ ହାତରେ ନୀଡ଼ଟିଏ ପ୍ରସ୍ତୁତ କରିଥିଲେ । ପୁରୁଷ ପକ୍ଷୀଟି ଆସି ରହିଥିଲା ତା ସାଥୀ ସହିତ । କେତେ ଖୁସି ହୋଇଥିଲେ ସେମାନେ । ତାଙ୍କ ଚାରିପଟେ ଉଡ଼ି ଉଡ଼ି ଘରଚଟିଆଟା କୃତଜ୍ଞତା ଜଣାଉଥିଲା । ସାଥୀ ଥିଲା ବୋଲି ଘରଚଟିଆ ନୂଆ ଘରକୁ ନିଜର କରି ନେଇଥିଲା । ଆଜି ତ ତାଙ୍କ ତାପସ୍ ନାହାନ୍ତି । ସେ ସାଥୀହରା । ମନେ ପଡୁଥିଲା ଘରଚଟିଆର କଥା । ତାପସ୍‌ଙ୍କ ମୃତ୍ୟୁ ସହିତ ସତକୁ ସତ ସୁରଭିର ଘରଟା ଭାଙ୍ଗି ଯାଇଥିଲା । ତେଜୁ ଆଉ ଚିତ୍ରା ଚାହିଁଲେ ବି ତାଙ୍କ ପାଇଁ ନୂଆ ଘରଟିଏ ବନେଇ ପାରିବେନି । ସାଥୀ ବିନା ଘର କଣ ଘର ହୋଇଥାଏ ?

ଦର୍ପଣ ଦେଖୁନଥିଲେ ସେ । ବିନା ସିନ୍ଦୂରରେ ତାଙ୍କ ମୁହଁଟା ଲକ୍ଷ୍ମୀଛଡ଼ା ଭଳି ଦିଶେ ବୋଲି ଥରେ ଶାଶୂ କହିଥିଲେ । ତେଜୁର ପିଲାବେଳ କଥା ମନେ ପଡୁଥିଲା । ଦିନେ ଗାଧୋଇ ଆସି ତେଜୁକୁ ଖାଇବାକୁ ଦେଉ ଦେଉ ଡେରି ହୋଇଯାଇଥିଲା ତାଙ୍କର । ସିନ୍ଦୂର ପିନ୍ଧିବାକୁ ଡେରି ହୋଇ ଯାଇଥିଲା । ଶାଶୂଙ୍କ ନଜର ପଡ଼ିଥିଲା ଖାଲି ସିନ୍ଥି ଉପରେ । ଏଇ କଥା ପଦକ କହିଥିଲେ ସେଦିନ ସେ, ସତରେ ତାଙ୍କ ମୁହଁଟା ଭଲ ଦିଶୁନଥିଲା ବିନା ସିନ୍ଦୂରରେ । ସେବେଠାରୁ କେବେ ବି ସେ ସିନ୍ଥି ଖାଲି କରିନଥିଲେ । ହେଲେ ଆଜି ସେଇ ସିନ୍ଦୂର ଟୋପାକ ବି ପର ହୋଇ ଯାଇଥିଲା । ସବୁ ଶିରୀ ତୁଟେଇ ଚାଲି ଯାଇଥିଲେ

Digitized by PPRACHIN, SOA

ତାପସ୍ । ବନ୍ଧୁବାନ୍ଧବଙ୍କୁ ଡକେଇ ସ୍ୱାମୀ ପୁଅଙ୍କୁ ଧରି ତା ଡାଡିଙ୍କର ମୃତାହ କାମ ସାରୁଥିଲା ତେଜୁ । ଯେଉଁଦିନ ଦଶ ତୁଠରୁ ଧଳା ଲୁଗା ପିନ୍ଧି ଖାଲି ପାଦରେ ବିନା ଝୁଣ୍ଟିଆରେ, ବିନା ଆଭୂଷଣରେ ସୁରଭିଙ୍କୁ ଚାଲି ଚାଲି ଆସିବାକୁ ପଡ଼ିଥିଲା ସେଦିନ ସ୍ୱାମୀଙ୍କ କଥା ବହୁତ ମନେ ପଡୁଥିଲା ତାଙ୍କର ।

ଆଉ ଜଣେ କାନ୍ଦୁଥିଲେ, ଯାହାର ଲୁହକୁ ଖାଲି ଚିତ୍ରା ଦେଖି ପାରୁଥିଲେ । ଦୂରରେ କାର୍ ଅଟକେଇ ଅରୁଣ ଆଉ ଚିତ୍ରା ଦେଖୁଥିଲେ ସୁରଭିଙ୍କୁ । ଭାଙ୍ଗି ପଡ଼ିଥିବା ଅରୁଣଙ୍କ ଲୁହ ସବୁ ବୋହି ଯାଉଥିଲା ଅମାନିଆ ହୋଇ । ବୁଝେଇ ଚାଲିଥିଲେ ଚିତ୍ରା । ହେଲେ ବୁଝୁନଥିଲେ ଅରୁଣ । ସୁରଭିଙ୍କୁ ଏମିତି ବେଶରେ ଦେଖିପାରୁ ନଥିଲେ ସେ । କହୁଥିଲେ, ସିନ୍ଦୂର ନହେଲା ନାହିଁ, ରଙ୍ଗୀନ୍ ଶାଢ଼ି ଖଣ୍ଡେ ତାଙ୍କୁ ପିନ୍ଧେଇ ଦିଅ । ଖାଲି କପାଳଟା ଭଲ ଦିଶୁନି ତାଙ୍କର, ବିନ୍ଦିଟିଏ ଲଗେଇ ଦିଅ ମା', କେହି ଜଣେ ଯାଅ ମା', ତାଙ୍କୁ ଏମିତି ହତଲକ୍ଷ୍ମୀ କରି ସଜାଅନି । ଏବେ ବି ତାଙ୍କ ଅରୁଣ ବଞ୍ଚିଛି । ସେ ଖାଲି ତାପସ୍‌ଙ୍କର ସ୍ତ୍ରୀ ନଥିଲେ, ସେ ଅରୁଣର ପ୍ରେମିକା ବି । ସେ ବିଧବା ନୁହନ୍ତି, ସ୍ତ୍ରୀ ନ ହେଲା ନାହିଁ, ପ୍ରେମିକାଟେ ଭଳି ସଜେଇ ଦିଅ ମା' । ସୁରଭିଙ୍କୁ ଏମିତି କରି ରଖନି ।

କାର୍ ବୁଲେଇ ବଜାର ଆଡ଼କୁ ଯାଇଥିଲେ ଚିତ୍ରା, ତାଙ୍କ ଆଖିରୁ ବି ଲୁହ ବୋହି ଯାଉଥିଲା । କାହା ପାଇଁ କେଜାଣି, ସୁରଭିଙ୍କୁ ଦେଖି ନା, ଶ୍ୱଶୁରଙ୍କ ବ୍ୟାକୁଳତା ପାଇଁ । ଗାଡ଼ି ଅଟକେଇଥିଲେ ଗୋଟେ ଶାଢ଼ି ଦୋକାନ ଆଗରେ । ଦୁଇଟା ଶାଢ଼ି କିଣିଥିଲେ ଗୋଟେ ସବୁଜ ଆଉ ଗୋଟେ ବାଇଗଣୀ ରଙ୍ଗର । ପାଖ ଦୋକାନରୁ ରଙ୍ଗୀନ୍ ବିନ୍ଦି ପ୍ୟାକେଟ୍‌ଟେ କିଣିଥିଲେ । ଶ୍ୱଶୁରଙ୍କୁ ପଚାରିଥିଲେ, ସେ ଏସବୁ ଦେବାକୁ ଯିବେ ନା, ତାଙ୍କୁ ଯିବାକୁ ପଡ଼ିବ । ଅରୁଣଙ୍କ ଉତ୍ତର ଥିଲା ନାଲି ପାଟ ନେଇ ଯାଇ ପାରିଲିନି ତାଙ୍କ ଦୁଆରକୁ ବୋଲି ଜୀବନ ସାରା ପାଇଁ ସେ ଆଉ କାହାର ହୋଇଗଲେ । ଆଜି ଆଉ ଏସବୁ ନେଇ ତାଙ୍କ ପାଖକୁ ଯିବାର ସାହାସ ନାହିଁ । ତୁମେ ଯାଅ ।

ଶ୍ୱଶୁରଙ୍କୁ ଘରେ ଛାଡ଼ି ଚିତ୍ରା ବାହାରି ଯାଇଥିଲେ ତେଜସ୍ୱିନୀ ନିବାସ ଆଡ଼କୁ । ଧରେଇ ଦେଇଥିଲେ ତେଜୁ ହାତରେ ଏସବୁ । କହୁଥିଲେ, ସୁରଭି ମା'ଙ୍କୁ ରଙ୍ଗୀନ ଶାଢ଼ିଟିଏ ପିନ୍ଧେଇ ଦେବାକୁ । ତେଜୁ ବି ମମିଙ୍କୁ ଧଳା ଶାଢ଼ିରେ ଦେଖି ପାରୁନଥିଲା । ହେଲେ କାଳେ କିଏ କଣ କହିବ ସେହି ଭୟରେ ଚୁପ୍ ରହିଥିଲା । ଗାଁରୁ ଆସିଥିବା ସୁରଭିଙ୍କ ଖୁଡ଼ି ଶାଶୁ ଯିଏକି ସବୁଠାରୁ ବୟସ୍କା ଅନତି ଦୂରରେ ଶୁଣୁଥିଲେ ସେମାନଙ୍କ କଥା । ସୁରଭିଙ୍କ ରଙ୍ଗୀନ୍ ଶାଢ଼ି ପିନ୍ଧିବା ଉପରେ ସେ ମୋହର ମାରିଥିଲେ । କହିଥିଲେ, ଧଳା ଶାଢ଼ି ପିନ୍ଧି ରହିବା ଜରୁରୀ

Digitized by PPRACHIN, SOA

ନୁହେଁ । ଆଜିକାଲି ସମସ୍ତେ ରଙ୍ଗୀନ୍ ଶାଢ଼ି ପିନ୍ଧିଲେଣି । ସେ ବି ପିନ୍ଧିବ । ଅତି ଆଗ୍ରହରେ ତେଜୁ ଆଉ ଚିତ୍ରା ଶାଢ଼ି ନେଇ ପହଞ୍ଚି ଯାଇଥିଲେ ସୁରଭିଙ୍କ ପାଖରେ । ତାଙ୍କୁ ଧଳା ଶାଢ଼ିର ଆବରଣରୁ ବାହାର କରିବାକୁ କିଛି ସମୟ ଲାଗିଥିଲା, ଶେଷରେ ସେମାନେ କିନ୍ତୁ ସଫଳ ହୋଇଥିଲେ । ତାପସ୍‌ଙ୍କ ପସନ୍ଦର ରଙ୍ଗ ସବୁଜ ଶାଢ଼ିଟିକୁ ପିନ୍ଧିଥିଲେ ସେ । ଶ୍ୱଶୁରଙ୍କ ଇଚ୍ଛା ପୂରଣ କରିପାରିଛନ୍ତି ବୋଲି ତାଙ୍କୁ ଦେଖି ଖୁବ୍ ଖୁସି ହୋଇଥିଲେ ଚିତ୍ରା ।

ମୃତାହ କାମ ସରିଯିବା ପରେ ସମସ୍ତେ ଗୋଟି ଗୋଟି ହୋଇ ଚାଲି ଯାଇଥିଲେ । ଅଶ୍ୱିନୀ, ନୀରଜ ତାଙ୍କ କାମ ଜାଗାକୁ ଫେରି ଯାଇଥିଲେ । ରିନିକୁ ବି ପଠେଇ ଦେଇଥିଲା ତେଜୁ ତା' ବାପା ସାଙ୍ଗରେ । ତାର ପାଠପଢ଼ା ବନ୍ଦ ହେଲେ ସେ ହଇରାଣ ହେବ, ସେଥିପାଇଁ । ମଝିରେ ମଝିରେ ଚିତ୍ରା ଆସୁଥିଲେ ତାଙ୍କ ଝିଅ ସାନିକୁ ଧରି । ଏ ଭିତରେ ସାନି ଆଉ ଅଶ୍ୱିନୀ ବି ନିକଟତର ହେଉଥିଲେ । ଧୀରେ ଧୀରେ ସାବଲୀଳ ହେଉଥିଲା ସେମାନଙ୍କ ଜୀବନ ।

ସୁରଭି କିନ୍ତୁ ଘର ଛାଡ଼ି ତେଜୁ ସହିତ ଦିଲ୍ଲୀ ଯିବାକୁ ପ୍ରସ୍ତୁତ ନଥିଲେ । ନଟ ପାଖରେ ଥିଲା । ଗାଁରୁ ଝିଅଟିଏ ଆସି ରହୁଥିଲା, ସୁରଭିଙ୍କ ଏକାକୀତ୍ୱ ଦୂର କରିବା ପାଇଁ । ସ୍ୱାମୀ ପିଲାଙ୍କ ପାଖକୁ ଫେରିଯିବା ପାଇଁ ତେଜୁକୁ ବାରମ୍ବାର ବାଧ କରୁଥିଲେ ସୁରଭି । କିନ୍ତୁ ସେ ଆଜି ଯିବ କାଲି ଯିବ କହି ପ୍ରାୟ ତିନି ମାସ ରହି ଯାଇଥିଲା । ଏବେ ସୁରଭି ସତରେ ତା ଉପରେ ବିରକ୍ତ ହେଉଥିଲେ, ତାକୁ ବାଧ କରୁଥିଲେ ଦିଲ୍ଲୀ ଫେରିଯିବା ପାଇଁ । ସେ ବି ଆଉ ବେଶି ଦିନ ରହି ପାରିନଥିଲା ମମିଙ୍କ ପାଖରେ ନିଜ ସଂସାରକୁ ଛାଡ଼ି । ସେ ବି ଦିନେ ବାହାରିଲା ଯିବାକୁ, ସୁରଭିଙ୍କୁ ସାଙ୍ଗରେ ନେଇ ଯିବା ପାଇଁ ବହୁତ ବାଧ୍ୟ କଲା । ହେଲେ ସେ ତା ଡାଡିଙ୍କ ସ୍ମୃତିକୁ ଛାଡ଼ି ଯାଇ ପାରିବେନି ବୋଲି ବହୁତ ବୁଝେଇବା ପରେ ତେଜୁ ତା ଘରକୁ ଫେରି ଯାଇଥିଲା । ତେଜୁ ଥିବା ପର୍ଯ୍ୟନ୍ତ ଫୁଲ ରଖିବା କାମଟି ନିଜ ଉପରକୁ ନେଇଥିଲା । ସେ ଯିବା ବେଳେ ନଟକୁ ଦାୟିତ୍ୱ ହସ୍ତାନ୍ତର କରିଥିଲା । କେହି ଜାଣିନଥିଲେ କାହା ପାଇଁ ଫୁଲ ରହୁଛି, କିଏ ନେଉଛି । କିନ୍ତୁ ସେଇଟା ଯେ ରୁଟିନ୍ ଅନୁସାରେ କରିବା ଦରକାର ସେ କଥା ସମସ୍ତେ ବୁଝିଥିଲେ ।

ସୁରଭି ଫୁଲ ରଖିବା ପାଇଁ କେବେ ବି ଯାଉନଥିଲେ । ତାପସ୍‌ଙ୍କ ଯିବାକୁ ପ୍ରାୟ ୬ ମାସ ହେଲାଣି । ହେଲେ ସେ ଘର ଭିତରୁ ବାହାରୁ ନଥିଲେ । ଠାକୁର ଘର, ତାଙ୍କ ବେଡ୍‌ରୁମ୍, ଗାଧୁଆ ଘର ହିଁ ତାଙ୍କ ପାଇଁ ଚଳପ୍ରଚଳର ପରିସର ପାଲଟି ଯାଇଥିଲା । ଗାଁରୁ ଆସିଥିବା ଝିଅଟି (ମିନି) କେତେ ଚେଷ୍ଟା କରୁଥାଏ ତାଙ୍କ ମନ ଭୁଲେଇବାକୁ, ହେଲେ ପାରୁନଥିଲା ସେ । ବ୍ୟାଙ୍କରୁ ପଇସା ଉଠେଇବାକୁ ପଡ଼ିଲେ ନିଜେ ନଯାଇ ନଟ ହାତରେ ଟଙ୍କା ଉଠେଇ

Digitized by PPRACHIN, SOA

ନେଇ ଆସୁଥିଲେ । ଅରୁଣ ବି ଜାଣିଥିଲେ ସୁରଭି ଆଉ ରଖୁନାହାନ୍ତି ଫୁଲ, ତଥାପି ସେ ଆସୁଥିଲେ ଭରସାରେ । ତାଙ୍କର ବିଶ୍ୱାସ ଥିଲା ସୁରଭି ଦିନେ ନା ଦିନେ ଆସି ପୁଣି ଥରେ ତାଙ୍କ ପାଇଁ ଫୁଲ ରଖିବେ । ସେ ସବୁଦିନ ଆସୁଥିଲେ, ନଟ ବି ତା କାମରେ ଅବହେଳା କରୁନଥିଲା । ସେ ବି ଫୁଲ ରଖୁଥିଲା । ଫୁଲମାନେ ବଗିଚାରେ ଅପେକ୍ଷା କରୁଥିଲେ ସୁରଭିଙ୍କୁ, ସେ କିନ୍ତୁ ସେମାନଙ୍କ ପାଖକୁ ଯାଉନଥିଲେ । ଆଉଁସି ଦେଉନଥିଲେ ଶ୍ରଦ୍ଧାରେ । ଆଗରୁ ଯେଉଁ ବଗିଚା କୁଢ଼େଇ ହୋଇ ଯାଉଥିଲା ଫୁଲରେ, ଏବେ ସେଠି ନଟର ବହୁତ ଯତ୍ନ ସତ୍ତ୍ୱେ ଗଛଗୁଡ଼ା ଶୁଖି ଯାଉଥିଲା ।

ଅରୁଣ ଆଉ ଲୁଚି ଲୁଚି ଚାଲି ଯାଉନଥିଲେ । ସେ ବାହାରେ ରହି ସୁରଭିଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିଲେ । କିନ୍ତୁ ସୁରଭି ଘରୁ ବାହାରୁ ନଥିଲେ । କେତେ ଥର ଚିତ୍ରା ତାଙ୍କ ଘରକୁ ଆସି ଗଲେଣି, ହେଲେ ଦିନଟିଏ ସେ ଅରୁଣଙ୍କ ବିଷୟରେ ପଚାରି ବୁଝୁନଥିଲେ । ଯେତେ ବହି ସବୁ ରଖିଥିଲେ, ଚିତ୍ରା ମଝିରେ ମଝିରେ ସେସବୁ ନେଇ ପଢ଼ି ଆଣି ପୁଣି ରଖି ଦେଉଥିଲେ ସେଇ ଜାଗାରେ ତାଙ୍କ ଆଲମାରୀ ଭିତରେ । ଅନ୍ୟମନସ୍କ ଭାବେ ଯେଉଁଦିନ ସେ ଚିତ୍ରାଙ୍କୁ ହଁ କରି ଦେଇଥିଲେ ତାଙ୍କର ହାତଲେଖା ଡାଏରି 'ସୁରଭିର ଅରୁଣ' ନେଇଯିବାକୁ ସେଦିନ ତାଙ୍କ ଭିତରେ ଥିବା ଅରୁଣଙ୍କ ପ୍ରତିଛବି ଚିତ୍ରା ମାଧ୍ୟମରେ ପହଞ୍ଚି ଯାଇଥିଲା ଅରୁଣଙ୍କ ପାଖରେ । ସୁରଭି ଜାଣିନଥିଲେ ସେ ତାଙ୍କ ଅଜାଣତରେ ଚିତ୍ରାଙ୍କୁ କ'ଣ ଦେଇଛନ୍ତି । ଯେଉଁ ଡାଏରି ସମସ୍ତଙ୍କ ପାଇଁ ନିଷେଧ ଥିଲା ସେଇଟା ପଡ଼ି ଯାଇଥିଲା ଅରୁଣଙ୍କ ହାତରେ । ଚାଳିଶ ବର୍ଷ ବୟସରେ ଅରୁଣଙ୍କ ପାଇଁ ଲେଖିଥିବା ଡାଏରି ପଢ଼ିବା ପରେ ଅରୁଣଙ୍କ କାନ ପାଖରେ କେବଳ ସୁରଭିଙ୍କ ଶବ୍ଦ ସବୁ ଗୁଞ୍ଜରିତ ହେବାରେ ଲାଗିଥିଲା । ସେ ଭାବୁଥିଲେ, ତା'ହେଲେ ସୁରଭି ତାଙ୍କୁ କେବେ ବି ଭୁଲି ପାରିନାହାନ୍ତି ଜୀବନ ସାରା ।

ଅରୁଣ ବସି ଭାବୁଥିଲେ କ'ଣ କରିଦେଲେ ସେ ସୁରଭିଙ୍କ ଜୀବନକୁ । ତାଙ୍କୁ ଖୁସି କରିବାକୁ ଯାଇ ନିଜକୁ ଦୂରେଇ ନେଲେ, ହେଲେ ଏଇ ସାରା ସଂସାରରେ ସୁରଭିଙ୍କ ପାଇଁ ଏକମାତ୍ର ଖୁସି ସେ ନିଜେ ଥିଲେ । ସାରା ଜୀବନ ଅସୁଖୀ କରିଦେଲେ ତାଙ୍କୁ । ମନକୁ ମନ କହୁଥିଲେ ଏତେ ଅନୁଭବର କଥାକୁ ଲେଖି ପାରିଲେ ସେ କେମିତି, ସତରେ କ'ଣ ସେ ମତେ ନେଇ ଏମିତି ସ୍ୱପ୍ନ ଦେଖୁଥିଲେ । ଆଉ ତାଙ୍କର ପ୍ରତ୍ୟେକ ସ୍ୱପ୍ନ ମୋଠାରେ ଆରମ୍ଭ ହୋଇ ମୋ ଠାରେ ହିଁ ଶେଷ ହେଉଥିଲା । ସ୍ୱପ୍ନରେ ବାସ୍ତବତାକୁ ଅନୁଭବ କରିବା କେତେ କଷ୍ଟ, ସେଇ କଷ୍ଟକୁ ମୋ ସୁରଭି ସହୁଥିଲେ ସବୁଦିନ । କଣ କରିଛି ମୁଁ ତାଙ୍କ ପାଇଁ, ତାଙ୍କଠାରୁ ଦୂରେଇ ଯାଇ ଖୁସି ଦେବାକୁ ଚେଷ୍ଟା କରିବା ଥିଲା ମୋର ପ୍ରଥମ ଭୁଲ୍ । ଆଉ ତାଙ୍କ ପାଇଁ ମୋର ଛାଇ ସୁଦ୍ଧା ଦେଖିବା ପାପ ବୋଲି ତାଙ୍କୁ କହିବା ତାଙ୍କଠାରୁ ଜୀବନ

Digitized by PPRACHIN, SOA

ମାଗିନେବା ସହ ସମାନ । କଣ କରିଦେଲି ମୁଁ । ସମାଜର ଦୁହାଇ ଦେଇ ସମ୍ପୂର୍ଣ୍ଣ ଏକୁଟିଆ କରିଦେଲି ମୁଁ ତାଙ୍କୁ ଜୀବନ ସାରା । ମତେ କେତେ ଭଲରେ ବୁଝିଥିଲେ ସେ, ମୁଁ କେମିତି ବୁଝିପାରିଲିନି ।

ଚିତ୍ରା ପଚାରୁଥିଲେ ଡାଡି, ଏବେ କଣ କରିବେ ? ଆପଣ ସବୁ ପଢ଼ିଲେ । ସୁରଭି ମା'ଙ୍କୁ ଚାହିଁଲେ ଆମେ ପାଖକୁ ନେଇ ଆସିପାରିବା । ତାପସ୍ ଅଙ୍କଲ୍ ବି ନାହାନ୍ତି । ସମାଜକୁ ଆଉ କେତେ ଡରିବେ । ଆପଣଙ୍କ ପୁଅଙ୍କୁ ବୁଝେଇବା ଦାୟିତ୍ୱ ମୋର । ନେଇ ଚାଲିଯାଆନ୍ତୁ ତାଙ୍କୁ ଏଇଠୁ ବହୁ ଦୂରକୁ, ଯେଉଁଠି ସମାଜର ବନ୍ଧନ ଆଉ ବେଡ଼ି ହୋଇ ରହିବନି ଆପଣଙ୍କ ପାଦରେ । ଏମିତି କିଏ କଣ କାହାକୁ ଚାହେଁ, ନିଜଠାରୁ ଅଧିକ ! କଥାକୁ ପଥରର ଗାର କରିଦିଏ । ମୁଁ ନାରୀଟିଏ ବାପା, ବୁଝେ ନାରୀର ମନକୁ । ସେ ସମସ୍ତଙ୍କୁ ଖୁସିରେ ରଖିବା ପାଇଁ ସାରା ଜୀବନ ଅଭିନୟ କରିପାରେ । ହେଲେ ନିଜକୁ ପ୍ରକାଶିତ କରେନା କାହା ଆଗରେ, କେବଳ ଅନ୍ୟର ସମ୍ମାନ ପାଇଁ, କେବେ ବାପାର, ଭାଇର ତ କେବେ ସ୍ୱାମୀ ଓ ପିଲାଙ୍କର ।

ଯଦି ନେଇଯିବାର ଥିଲା ତାଙ୍କୁ ପଇଁଚାଳିଶ ବର୍ଷ ତଳେ ନେଇ ଯାଇ ପାରିନଥାନ୍ତି । ସେ ତ ସବୁ ଛାଡ଼ି ମୋ ସାଙ୍ଗେ ଚାଲିଯିବାକୁ ପ୍ରସ୍ତୁତ ଥିଲେ । ହେଲେ ମୁଁ ପାରିନଥିଲି । ସେତେବେଳେ ଭାବିଥିଲି ସୁରଭି ଓ ତାଙ୍କ ବାପାଙ୍କର ସମ୍ମାନର କଥା । ଆଜି ତାପସ୍ ଚାଲିଗଲେ ବି ସୁରଭି ତାଙ୍କ ସ୍ତ୍ରୀ, ଅମୁକର ସ୍ତ୍ରୀ ଆଉ କାହା ସହ ପଳେଇଛି, ବହୁତ ଖରାପ ଶୁଣାଯିବ ମା' । ମୁଁ ପାରିବିନି ।

କିନ୍ତୁ ଗୁମୁରି ଗୁମୁରି କାନ୍ଦି ପାରିବେ ଛାତ ଉପରେ ଏକୁଟିଆ, କହି ଚାଲି ଯାଇଥିଲେ ଚିତ୍ରା ।

ଅରୁଣଙ୍କର ମନେ ପଡ଼ି ଯାଉଥିଲା କଲେଜ୍ ସମୟର କଥା, ସୁରଭିଙ୍କ ଲେଖା ପଢ଼ିବା ପରେ ସେମାନେ ବିତାଇଥିବା ପ୍ରତି ମୁହୂର୍ତ୍ତ ତାଙ୍କ ଆଖି ସାମନାରେ ନାଚି ଯାଉଥିଲା । ସେ ସ୍ୱପ୍ନରେ ପୁଣି ଥରେ ହୋଇ ଯାଉଥିଲେ ଯୁବକ । ତାଙ୍କ ପାଖରେ ଥିଲେ ତାଙ୍କ ମନର ମାନସୀ ସୁରଭି । ସେମାନେ ଏକାଠି କାଟିଥିବା ସବୁ ମୁହୂର୍ତ୍ତର ଅନୁଭବକୁ ଆକଣ୍ଠ ପାନ କରୁଥିଲେ ସେ ଛାତ ଉପରେ ବସି ବସି । ଇଚ୍ଛା ହେଉଥିଲା ସୁରଭିଙ୍କ ପାଖକୁ ଦଉଡ଼ି ଯାଆନ୍ତେ କି । ଏଇ ଜହ୍ନ ରାତିରେ କେଉଁ ନିର୍ଜନ ଗୁମ୍ଫା ଭିତରକୁ ପଶିଯାଆନ୍ତେ କି ଆଲାଦ୍ଦିନ୍‌ର କୁହୁକ ଦୀପ ପାଇଁ । ଆଉ ସେ ଦୀପଟା ମିଳିଗଲେ ଜିନ୍‌କୁ ପଠେଇ ନେଇଆସନ୍ତେ ଯୌବନର ଜଡ଼ିବୁଟି, ଫୁଲର ପୋଷାକ । ପକ୍ଷୀରାଜ ଘୋଡ଼ାକୁ ଡ଼କେଇ ଆଣନ୍ତେ । ତା ଉପରେ ବସି ଚାଲିଯାଆନ୍ତେ କେଉଁ ଏକ ଦ୍ୱୀପକୁ ଯେଉଁଠି ଥାଆନ୍ତେ କେବଳ

Digitized by PPRACHIN, SOA

ସୁରଭି ଆଉ ସେ । ଯେଉଁଠି ସୁରଭିଙ୍କ ଲାଜର ଓଢ଼ଣି ଉଡ଼ି ଯାଇଥାନ୍ତା ତାଙ୍କୁ ଦେଖି, ସେ ଟେକି ଧରନ୍ତେ ସୁରଭିଙ୍କୁ ତାଙ୍କ ଦୁଇ ବାହୁରେ, ନେଇଯାଆନ୍ତେ କେଉଁ ଏକ ଉପତ୍ୟକାକୁ ଯେଉଁଠି ଥାଆନ୍ତା ଖାଲି ଗୋଲାପ ପାଖୁଡ଼ାର ଶେଜ । ସୁରଭିଙ୍କୁ ସେ ଦେଖନ୍ତେ ଘଣ୍ଟା ଘଣ୍ଟା, ମନ ଭରିବା ପର୍ଯ୍ୟନ୍ତ ।

ଆଃ... । ପାଖରେ ଥିବା ଗୋଲାପ ଗଛର କଣ୍ଟାକୁ କେତେବେଳେ ହାତରେ ଧରି ନେଇଥିଲେ ତାଙ୍କ ଅଜାଣତରେ । ହାତରୁ ଧାର ଧାର ରକ୍ତ ବୋହି ଯାଇଥିଲା । ସେ କିନ୍ତୁ ବନ୍ଦ ହେବାକୁ ଦେଇନଥିଲେ । ତୁମେ ଭୋଗ୍ୟା ନୁହେଁ ସୁରଭି, ତୁମକୁ ଭୋଗ କରିବା ପାଇଁ ଭାବିବା ହିଁ ପାପ । ତୁମେ ପୂଜାର ଯୋଗ୍ୟ । ବୋହିଯାଉ ଏଇ ରୁଧିର । ଆତ୍ମଗ୍ଲାନିରେ ମରିବାକୁ ଛାଡ଼ିଦିଅ ମତେ । ଶିଡ଼ିରେ ତଳକୁ ଓହ୍ଲାଇଥିଲେ । ଖାଇବାକୁ ରୁମ୍‌ରେ ଦେଇଦେବାକୁ କହିଥିଲେ ଚିତ୍ରାଙ୍କୁ । ଖାଇ ସାରି ପୁଣି ପଢ଼ିଥିଲେ ସୁରଭିଙ୍କ ଡାଏରି । ରାତି ସାରା ତାଙ୍କ ରୁମ୍‌ର ଲାଇଟ୍ ଲିଭିନଥିଲା । ବିନିଦ୍ର ରଜନୀ କଟି ଯାଇଥିଲା ତାଙ୍କର ଖୋଲା ଆଖିରେ । ସେଇ ଡାଏରି ଗୋଟେ ସେଟ୍ ଜେରକ୍ସ କରି ସେଇଟା ଫେରେଇ ଦେଇଥିଲେ ଚିତ୍ରାଙ୍କୁ । କହିଥିଲେ, ତୁମ ସୁରଭି ମା'ଙ୍କୁ ଦେଇଦେବ । ଆଉ ଯଦି ସମ୍ଭବ ହୁଏ କହିଦେବ, ତାଙ୍କ ଅରୁଣ ଆସିବ ଖୁବ୍ ଶୀଘ୍ର । ସମାଜର ମୋହର ଦେଇ ତାଙ୍କୁ ନିଜର କରିନେବାକୁ ।

ଚିତ୍ରା କହୁଥିଲେ ଏକଥା କ'ଣ ସତ ଡାଡି ।

ଜୀବନରେ ଥରେ ପୁରୁଷାର୍ଥକୁ ସାକାର କରିବାକୁ ଦିଅ ବୋହୂ । କାହାକୁ ଡରି ଆଉ ଅରୁଣ ଅଟକି ଯିବନି । ସୁରଭି ଏବେ କେବଳ ମୋର, ତାଙ୍କୁ ମୋର କରିବା ପାଇଁ ଯାହା ଦରକାର କରିବାକୁ ମୁଁ ଏବେ ପ୍ରସ୍ତୁତ ।

ଠିକ୍ ଅଛି ଡାଡି, ମୁଁ ତାଙ୍କ ଝିଅକୁ କହୁଛି । ଆପଣଙ୍କ ପୁଅଙ୍କ ଦାୟିତ୍ୱ ମୋର । ଦୁଇଟି ଆତ୍ମାର ମିଳନ ହେବ, ସେଥିରେ କେହି ବାଧା ଦେବେନି ବୋଲି ମୋର ଆଶା ଓ ବିଶ୍ୱାସ ।

କିଛି ଗୋଟେ ଭାବୁଥିଲେ ଅରୁଣ ବଗିଚା ଆଡ଼କୁ ଚାହିଁ ।

ସୁରଭି ଜୀବନରେ ଗୋଟିଏ ଜିନିଷ ତାଙ୍କୁ ମାଗିଥିଲେ, ଟୋପାଏ ସିନ୍ଦୂର । ସେତିକି ଦେଇପାରିଲେ ସେ ସମ୍ପୂର୍ଣ୍ଣା ହେବେ । କେତେ କଥା ଭାବୁଥିଲେ ଅରୁଣ ତାଙ୍କୁ ନେଇ । ସମୟ ସବୁ କିଛି କରିପାରେ ସୁରଭି । ତୁମେ ଦିନେ ମୋର ହୋଇପାରିବ ସେ କଥା ମୁଁ କେବେ ବି ଭାବିନଥିଲି । ଏବେ ତୁମେ ମୋର । ତାଙ୍କର ଇଚ୍ଛା ହେଉଥିଲା ଫୁଲ ତୋଡ଼ାଟିଏ ନେଇ ସୁରଭିଙ୍କ ପାଖେ ପହଞ୍ଚିଯିବାକୁ । ଏଭଳି ଖୁସି ସବୁଠୁ ନିଜର ଲୋକ ସହିତ ହିଁ ବଣ୍ଟାଯାଇଥାଏ । ସୁରଭିଙ୍କ ଭଳି ଆଉ ନିଜର ତାଙ୍କ ପାଇଁ କିଏ ଥିଲେ ଯେ ! ନା ନା,

Digitized by PPRACHIN, SOA

ସୁରଭିଙ୍କୁ ସେ ନିଜେ ସରପ୍ରାଇଜ୍ ଦେବେ । ଆଉ ଏ କଥା ଶୁଣି ସୁରଭି କେମିତି ପ୍ରତିକ୍ରିୟା ପ୍ରକାଶ କରିବେ ସେ ତାଙ୍କ ସାମ୍ନାରେ ହିଁ ଦେଖିବେ । ସେ କ୍ଷମା ମାଗୁଥିଲେ ତାଙ୍କ ସ୍ତ୍ରୀଙ୍କ ଫଟୋ ପାଖେ ଠିଆ ହୋଇ । ଆଉ ଅନ୍ୟାୟ କରି ପାରିବିନି ସୁରଭିଙ୍କ ସହ । ଏବେ ତାଙ୍କୁ କିଛି ମୋ ଭାଗର ଖୁସି ବଣ୍ଟିବାକୁ ଦେବି ବୋଲି କହୁଥିଲେ ସ୍ତ୍ରୀଙ୍କ ଫଟୋ ଆଗରେ ।

ବହୁତ ଜରୁରୀ କଥା ଅଛି, ତୁମର ଏଠିକୁ ଆସିବା ଆବଶ୍ୟକ ବୋଲି ତେଜୁକୁ ଫୋନ୍ କରି ଡକେଇଥିଲେ ଚିତ୍ରା । ସେ ପାଞ୍ଚ ଦିନ ଭିତରେ ଆସି ପହଞ୍ଚିବାକୁ କଥା ଦେଇଥିଲା । ସ୍ୱପ୍ନ ସଜାଉଥିଲେ ଅରୁଣ, ଯାହା ବିଷୟରେ ବିନ୍ଦୁଏ ଜାଣିବାର ଅବକାଶ ନଥିଲା ସୁରଭିଙ୍କର । ସେ କିନ୍ତୁ ହୋଇ ଯାଇଥିଲେ ସ୍ଥିତପ୍ରଜ୍ଞ । କେବଳ ତାପସ୍‌ଙ୍କ ସ୍ମୃତିରେ ବଞ୍ଚୁଥିଲେ । ନିଜକୁ ସଙ୍କୁଚିତ କରୁଥିଲେ ଆହୁରି ବେଶି । ଯାହାକୁ ନେଇ ବ୍ୟସ୍ତ ହେଉଥିଲେ ନଟ ଆଉ ମିନି, ଯଦିଓ କିଛି କରିବାର ବାଟ ନଥିଲା ସେମାନଙ୍କ ପାଖରେ । ବହି ପଢୁଥିଲେ । ପୂଜାରେ ବେଶି ସମୟ କଟୁଥିଲା । ଚିତ୍ରା ବି ମଝିରେ ଆସି ଡାଏରିକୁ ସେଇଠି ରଖି ଚାଲି ଯାଇଥିଲେ । ଅଶ୍ୱିନୀ ଆଉ ସାନି ସ୍ୱପ୍ନ ଦେଖୁଥିଲେ ଏକ ସୁନ୍ଦର ଭବିଷ୍ୟତର, ଯେଉଁଠି ଥିଲା ପରିବାରର ମୋହର । ତେଜୁ ଫୋନ୍ କରିଥିଲା ଆଉ ପାଞ୍ଚ ଦିନରେ ପହଞ୍ଚିବ, ତେଜସ୍ୱିନୀ ନିବାସ ଚଳଚଞ୍ଚଳ ହୋଇ ଉଠିଥିଲା । ସୁରଭି ବ୍ୟସ୍ତ ହେଉଥିଲେ ଝିଅ ପାଇଁ । ନଟ ଉପରେ ମାଲିକାଣୀର କର୍ତ୍ତୃତ୍ୱ ଜାହିର କରୁଥିଲେ, ନଟ ଖୁସି ହେଉଥିଲା ମନେ ମନେ ।

ଧୀରେ ଧୀରେ ସ୍ୱାଭାବିକ ହେଉଥିଲେ ସୁରଭି । ଝିଅର ପସନ୍ଦ ନାପସନ୍ଦ ମନେ ପକାଇ ପକାଇ ନଟକୁ ପଠେଇ ବଜାରରୁ ବିଭିନ୍ନ ସାମଗ୍ରୀ ମଗାଉଥିଲେ । ଦେଖୁଥିଲେ ସକାଳୁ ସକାଳୁ ନଟ ଏବେ ବି ଫୁଲ ରଖୁଛି । ଫିକା ହସଟିଏ ହସି ଦେଉଥିଲେ ସେପଟକୁ ଦେଖି । ନଟର ବିଶ୍ୱସ୍ତତା ଉପରେ ଖୁସି ହେଉଥିଲେ ସେ । ଆଜିକାଲି ଏମିତି ଲୋକଟିଏ ମିଳିବା ବହୁତ କଷ୍ଟ । ମିନି ବି ଘରଟାକୁ ଆଦରି ନେଲାଣି । ତାପସ୍ ଯିବା ପରେ ତାଙ୍କ ନିଃସଙ୍ଗତାକୁ ଦୂର କରିବା ପାଇଁ କେତେ ଚେଷ୍ଟା କରୁଛନ୍ତି ସେମାନେ । ନା, ଏବେ ତାଙ୍କୁ ବାହାରିବାକୁ ପଡ଼ିବ । ତାପସ୍ କଣ ଆଉ ଫେରିବେ । ତାଙ୍କୁ ଏକୁଟିଆ ଏଇ ମିନି ଆଉ ନଟ ଭରସାରେ ଜୀବନ କାଟି ଦେବାକୁ ପଡ଼ିବ ।

ସନ୍ଧ୍ୟା ବେଳଟାରେ କାନ୍ଥରେ ଟଙ୍ଗା ହୋଇଥିବା ତାପସ୍‌ଙ୍କ ଫଟୋକୁ ଆଣି ସଫା କନାଟିଏ ଧରି ପୋଛୁଥିଲେ । ପ୍ରାୟ ସବୁଦିନ ଏଇ କାମଟି ସେ କରନ୍ତି । ମଝିରେ ମଝିରେ ଉଠିଯାଆନ୍ତି ବାହାରକୁ, ତାପସ୍ ଆଉ ସେ ଯେଉଁଠି ବସି ସବୁଦିନ ସନ୍ଧ୍ୟାବେଳେ ଗପୁଥିଲେ, ସେଇଠି ବସି ତାଙ୍କୁ ଅନୁଭବ କରନ୍ତି । ଲାଗେ ଯେମିତି ଏଇ ପାଖାପାଖି ତାପସ୍ ଅଛନ୍ତି ।

Digitized by PPRACHIN, SOA

ଆଉ ତାଙ୍କୁ ଦେଖୁଛନ୍ତି, କହୁଛନ୍ତି ସୁରୁ, ମୁଁ କୁଆଡ଼େ ଯାଇଛି କି ? ତୁମ ପାଖରେ ଏଇଠି ଅଛି । ତୁମେ ଏମିତି ମୁହଁ ଶୁଖେଇ ବସିଲେ ଜମାରୁ ଭଲ ଦିଶୁନ । ଟିକେ ହସିଦିଅ । ମନ୍ଦିର ଆଡ଼େ ଟିକେ ବୁଲି ଆସୁନ ଯାଇ, ତୁମ ଭୋଳା ବାବା ସେଇଠି ତୁମର ପ୍ରତୀକ୍ଷା କରିଛନ୍ତି । କେତେ ରାଗିବ ଆଉ ତାଙ୍କ ଉପରେ, ମୁଁ ଯିବାର ସାତ ମାସ ହେଲାଣି । ଏବେ ଦାୟିତ୍ୱ ନେଇ ଅଶ୍ୱିନୀ ଆଉ ସାନିର ବାହାଘର କାମ ବି କରେଇବ ମୋ ଅନୁପସ୍ଥିତିରେ । ଅଶ୍ୱିନୀ ବାହାଘର ଜାକଜମକରେ କରିବ । ସେ ଆମର ଗୋଟାଏ ବୋଲି ନାତି । ଶୂନ୍ୟକୁ ଚାହିଁ ଚାହିଁ ସବୁ କଥା ଗପି ଯାଉଥିଲେ ସ୍ୱାମୀଙ୍କ ସହିତ ।

ଝିଅ ଆସି ପହଞ୍ଚି ଯାଇଥିଲା । ମମିକୁ ଦେଖି ଖୁବ୍ କାନ୍ଦିଲା । ଥରେ ମନ ଖୋଲି ହସ ମମି, ଡାଡି ନଥିଲେ କ'ଣ ହେଲା ? ମୁଁ ନାହିଁ କି ? ଏଇଥି ପାଇଁ କହୁଛି ମୋ ସହ ଚାଲ, ଏଇଠି ଏକୁଟିଆ ତୁମେ ନିଜର ଟିକେ ବି ଯତ୍ନ ନେଉନ । ଅନାଉଥିଲା ମିନି ଆଡ଼କୁ, ସେ ଦୋଷୀ ଭଳି ଠିଆ ହୋଇଥାଏ ଖଣ୍ଡେ ଦୂରରେ । ସୁରଭି କହୁଥିଲେ ତାକୁ କଟ କଟ କରି ଚାହୁଁଛୁ କାହିଁକି, ସେ ଖୁବ୍ ଯତ୍ନ ନେଉଛି ମୋର ।

ତା'ହେଲେ ତୁମେ ଏତେ ଶୁଖିଲା ଦିଶୁଛ କାହିଁକି ?

ନଟ ସେପଟୁ ଯୋଡ଼ୁଥିଲା, ଭାତ ତିନି ଚାମଚରୁ ଚାମଚେ, ରୁଟି ତିନିଟାରୁ ଗୋଟେ, ସକାଳ ଖାଇବା ବନ୍ଦ । ଶୁଖିଲା ଦିଶିବେନି ତ କଣ ଦିଶିବେ । ତୁମକୁ କହିବି ବୋଲି କହିବାରୁ ରାଣ ନିୟମ ପକେଇବେ । ତୁମେ ଆସିଛ ମା, ବଡ଼ ମାଙ୍କୁ ଟିକେ ବୁଝେଇ କରି ଯିବ । ତାଙ୍କୁ ଏ ଅବସ୍ଥାରେ ଦେଖି ହେଉନି । ବାବୁ ଗଲାପରେ ତାଙ୍କ ଦେହରୁ ଶିରୀ ତୁଟିଗଲାଣି ।

ତାଗିଦ୍ କରୁଥିଲେ ସୁରଭି । ବହୁତ ବଡ଼ ବଡ଼ କଥା କହୁଛୁ । ଯା, ମୋ ମା ପାଇଁ ଚକୋଲେଟ୍ ସେକ୍ ବନେଇ ନେଇ ଆସେ ।

ଦୁଇ ଗ୍ଲାସ୍ ଆଣିବୁ । ମମି ବି ମୋ ସହ ପିଇବେ, କହୁଥିଲା ତେଜୁ ।

ମନା କରୁଥିଲେ ସୁରଭି । ତାଙ୍କୁ ପାଟି କରୁଥିଲା ତେଜୁ । ମୁରବୀପଣିଆ ଦେଖାଉଥିଲା ।

ଟିକେ ଫ୍ରେସ୍ ହୋଇ ଚକୋଲେଟ୍ ସେକ୍ ପିଇ ଦେଇ ଘରୁ ବାହାରି ଯାଇଥିଲା ତେଜୁ କିଛି କାମ ଅଛି କହି । ଆସିଲେ ସାଙ୍ଗ ହୋଇ ଡିନର କରିବା ବୋଲି ମମିକୁ କହୁଥିଲା । ଫୋନ୍ କରି ଚିତ୍ରାକୁ ଡକେଇଥିଲା ଗୋଟେ ପାର୍କକୁ । ସେଇଠି ଦୁଇ ସମବୟସ୍କା ବାନ୍ଧବୀ କଥା ଆରମ୍ଭ କରିଥିଲେ ଅରୁଣ ଆଉ ସୁରଭିଙ୍କ ସମ୍ପର୍କକୁ ନେଇ ।

Digitized by PPRACHIN, SOA

ଚିତ୍ରା - ବହୁତ ଜରୁରୀ କାମ ପାଇଁ ତୁମକୁ ଦିଲ୍ଲୀରୁ ଡକେଇଲି । କ୍ଷମା କରିବ ।

ତେଜୁ - କ'ଣ ଅଶ୍ୱିନୀ ଆଉ ସାନିର ବାହାଘର କଥା ପାଇଁ । ଅଶ୍ୱିନୀ ଆଉ ଦୁଇ ବର୍ଷ ପରେ ବିବାହ କରିବାକୁ ଚାହୁଁଛି । ମୁଁ ଭାବୁଛି ସାନିର ବି ସେମିତି ବୟସ ଅଧିକା ହୋଇଯାଉନି ଯେ ଆମେ ସେଥିପାଇଁ ବ୍ୟସ୍ତ ହେବା । ସେମାନେ ଦୁଇ ଜଣ ପରସ୍ପର ସହ ସମ୍ପର୍କରେ ଅଛନ୍ତି । ଚିନ୍ତା କରିବାର କ'ଣ ଅଛି ।

ଚିତ୍ରା - ନା, ଆଉ କିଛି କଥା । କେମିତି ଆରମ୍ଭ କରିବି ଜାଣିପାରୁନି ।

ତେଜୁ - ସେଇ କଥା ଶୁଣିବି ବୋଲି ଦିଲ୍ଲୀରୁ ଆସି ପହଞ୍ଚିଛି । ଯଦି କହିବାର ନଥିଲା ତାହେଲେ ଡାକୁଥିଲ କାହିଁକି ?

ଚିତ୍ରା - ମୁଁ ଯାହା କହିବି ତୁମକୁ ବିଶ୍ୱାସ କରିବାକୁ ପଡ଼ିବ । ମୁଁ ସୁରଭି ମା'ଙ୍କ କଥା କହିବି ।

ତେଜୁ - *(ଚମକି ପଡ଼ିଲା ତେଜୁ)* କଣ ହୋଇଛି ମୋ ମମିଙ୍କର । ସବୁ ଠିକ୍ ଅଛି ନା ! ତାଙ୍କ ଦେହ କିଛି ଖରାପ ନାହିଁ ତ ।

ଚିତ୍ରା - ଯଦି ମୋ ଶ୍ୱଶୁରଙ୍କ ସହ ତାଙ୍କ ବିବାହ କରି ଦିଆଯାଆନ୍ତା, ତେବେ

ତେଜୁ - ତୁମ ମୁଣ୍ଡ ଠିକ୍ ଅଛି ନା, କଣ କହୁଛ ତୁମେ ।

ଚିତ୍ରା - ମୁଁ ଠିକ୍ କହୁଛି । *(କଣ୍ଠରେ ଥିଲା ଦୃଢ଼ତା)*

ତେଜୁ - ଏମିତି ଅବାସ୍ତବ କଥା ତୁମ ମୁଣ୍ଡକୁ ଆସିଲା କେମିତି ।

ଚିତ୍ରା - ଏହା ସମ୍ପୂର୍ଣ୍ଣ ବାସ୍ତବ । ଏବେ ବି ସେମାନେ ପରସ୍ପରକୁ ଚାହାଁନ୍ତି । ତାଙ୍କର ଏ ସମ୍ପର୍କ ବିବାହ ପୂର୍ବର ।

ତେଜୁ - ତୁମେ ମୋ ମା'ଙ୍କୁ ଚରିତ୍ରହୀନା କହୁଛ । ତାଙ୍କ ସମ୍ମାନହାନି କରୁଛ । ଆଉ ମୁଁ ପଦଟିଏ ତାଙ୍କ ବିଷୟରେ ଶୁଣିବାକୁ ଚାହୁଁନି ।

ଚିତ୍ରା - ତୁମେ ଏକଥା ତାଙ୍କୁ ପଚାରିପାର । ମୋ ଶ୍ୱଶୁର ତାଙ୍କୁ ବିବାହ କରିବାକୁ ରାଜି ଅଛନ୍ତି । ଯଦି ବିଶ୍ୱାସ ନହେଉଛି ତେବେ ତୁମ ବୈଠକଖାନାର ପ୍ରଥମ ଆଲମାରୀର ଦ୍ୱିତୀୟ ଥାକରେ ଥିବା ତାଙ୍କର ଡାଏରିକୁ ପଢ଼ିପାର । ସେଥିରୁ ସବୁ ବୁଝିଯିବ । ତୁମ ମା' କାହା ପାଇଁ ସେ ବାଇଗଣୀ ରଙ୍ଗର ଫୁଲ ରଖନ୍ତି ତାଙ୍କୁ ପଚାରିବ ?

ଆଉ କିଛି ଶୁଣିବା ଅବସ୍ଥାରେ ନଥିଲା ତେଜୁ । ସେ ସେଠାରୁ ଦଉଡ଼ି ଚାଲି ଆସୁଥିଲା । ତା ମମି ଏମିତି କରି ପାରିବେନି । କେବେ ବି ନୁହେଁ । ଚିତ୍ରା କେମିତି ଏତେ ସବୁ କଥା

Digitized by PPRACHIN, SOA

କହି ପାରୁଛି । ସତରେ କ'ଣ ଏମିତି କିଛି ଅଛି ସେ ଆଲମାରୀ ଭିତରେ । ସେସବୁ ସେ ପଢ଼ିବାକୁ ଚାହୁଁଥିଲା । ମମିକୁ ସାଥୀଟିଏ ମିଳିଗଲେ ସେ ସବୁଠୁ ବେଶି ଖୁସି ହେବ । କିନ୍ତୁ ମମି ଡାଡିଙ୍କ ସହିତ ଥାଇ ବି କେମିତି ଭାବି ପାରୁଥିଲେ ଆଉ କାହାକୁ! ସତରେ କଣ ତା' ମମି ଛଳନାମୟୀ ଥିଲେ । ବାଟରେ ଆସୁ ଆସୁ ସେ ଦେଖୁଥିଲା କେତେ ବୟସ୍କ ଲୋକ ଏକାଠି ବସିଥିଲେ ସେମାନଙ୍କ ସାଥୀଙ୍କ ସହିତ । ସେ ଆଉ ବେଶି କିଛି ଭାବି ପାରୁନଥିଲା । ଖୁବ୍ ଶୀଘ୍ର ମମିଙ୍କ ଲେଖା ପଢ଼ିବାକୁ ବ୍ୟଗ୍ର ହୋଇ ପଡୁଥିଲା ।

କ୍ୟାବ୍‌ରୁ ଓହ୍ଲାଇ ଘର ଭିତରକୁ ଯାଇଥିଲା ଅନ୍ୟମନସ୍କ ଭାବେ । ସୁରଭି ପଚାରୁଥିଲେ ଡିନର ବେଳେ ଆସିବୁ କହୁଥିଲୁ । ଏତେ ଶୀଘ୍ର ଆସିଗଲୁ ଯେ । କାମ ସରିଗଲା କି ମା ?

କିଛି ଉତ୍ତର ଦେଇନଥିଲା ସେ । ତା ପଛେ ପଛେ ସୁରଭି ଆସୁଥିଲେ ଶୋଇବା ଘର ଆଡ଼େ । କେମିତି ଆଲମାରୀରୁ ସେ ମମିଙ୍କ ଲେଖା ଆଣିବ ସେ ବିଷୟରେ ଚିନ୍ତା କରୁଥିଲା । ମମିଙ୍କୁ ବାଧ୍ୟ କରି ରୋଷେଇ ଘରକୁ ପଠାଇଥିଲା ତାଙ୍କ ହାତର ଲେମ୍ବୁ ସରବତ ପିଇବା ବାହାନାରେ । ସେହି ସମୟ ଭିତରେ ସେ ଚିତ୍ରା କହିଥିବା ସ୍ଥାନରୁ ସେଇ ଡାଏରିଟା ଉଠେଇ ନେଇ ଆସିଥିଲା, ଆଉ ତାକୁ ନିଜ ଲଗେଜ୍ ଭିତରେ ରଖି ଦେଇଥିଲା ।

ତା ପରେ ସାଙ୍ଗ ହୋଇ ମା' ଝିଅ ଲେମ୍ବୁ ସରବତ ପିଇଥିଲେ । ଝିଅ ଏତେ ଦିନ ପରେ ଆସିଥିବାରୁ ଟିକେ ବି ପାଖରୁ ଛାଡୁନଥିଲେ ସୁରଭି । ପାଖରେ ବସି ଜ୍ୱାଇଁ, ନାତୁଣୀଙ୍କ କଥା ପଚାରୁଥିଲେ । ତା ଦେହ ମୁଣ୍ଡକୁ ଆଉଁସି ଦେଉଥିଲେ । ଡାଡିଙ୍କ କଥା ଯେତେବେଳେ ପଡୁଥିଲା ଆଖି ଛଳ ଛଳ ହୋଇ ଯାଉଥିଲା ତାଙ୍କର । ମନେ ମନେ ଭାବୁଥିଲା ତେଜୁ, ଚିତ୍ରା ଯାହା କହୁଛି କେମିତି ସତ ହୋଇପାରିବ । ଏବେ ବି ମୃତ ସ୍ୱାମୀଙ୍କ କଥା ଶୁଣି ଯେଉଁ ସ୍ତ୍ରୀ ଆଖିରେ ପାଣି ଆସିଯାଉଛି, ସେ କଣ କେବେ ବିଶ୍ୱାସଘାତ କରି ଥାଇପାରେ ତା ସ୍ୱାମୀ ସହିତ । ଅରୁଣ ଅଙ୍କଲ୍‌ଙ୍କୁ ବାହା ହୋଇ ସାଥୀଟିଏ ପାଇଲେ ସେ ମମିଙ୍କ ପାଇଁ ବହୁତ ଖୁସି ହେବ, କିନ୍ତୁ ତା ଡାଡିଙ୍କୁ ମମି ଧୋକା ଦେଇଥିବେ ସେ ଏ କଥାକୁ ବିଶ୍ୱାସ କରି ପାରୁନଥିଲା ।

ରାତି ଖାଇବା ଶେଷ ପରେ ସେ ମମିଙ୍କ ଶୋଇବାକୁ ଅପେକ୍ଷା କରୁଥିଲା ଶେଜରେ ପଡ଼ି ପଡ଼ି । ମମି ଶୋଇ ଯାଇଥିଲେ । ସେ ଦାଣ୍ଡ ଘର ଲାଇଟ୍ ଜାଳି ସେଇଠି ବସିଗଲା ପଢ଼ିବାକୁ । କଣ ଲେଖିଛନ୍ତି ମମି, ସତରେ ସେ ଅରୁଣ ଅଙ୍କଲ୍‌ଙ୍କୁ ଏତେ ଭଲ ପାଉଥିଲେ । କେବେ ବି ଭୁଲି ପାରିନାହାନ୍ତି । ପୁଣି ଥରେ ସେ ଆଲମାରୀ ଖୋଲେଇ ପକେଇଲା ଆଉ କିଛି ପାଇବା ଉଦ୍ଦେଶ୍ୟରେ । ସେଇଠୁ ଆଉ କିଛି ପାଇନଥଲା ସେ । ମମି ଆଉ ଡାଡିଙ୍କର ବ୍ୟକ୍ତିଗତ ଜିନିଷ ସେ କେବେ ବି ଖୋଲି ଦେଖିନି । ପର ଦିନ ସକାଳୁ ମମି ଗାଧୋଇବାକୁ

Digitized by PPRACHIN, SOA

ଯିବା ପରେ ସେ ସେମାନଙ୍କର ବ୍ୟକ୍ତିଗତ ଆଲମାରୀ ଖୋଜିବା ପାଇଁ ସ୍ଥିର କରି ଶୋଇଗଲା । ଦିନର ହାଲିଆ ଯୋଗୁଁ ଖୁବ୍ ଶୀଘ୍ର ତନ୍ଦ୍ରା ଘାରିଥିଲା ତା' ଆଖିକୁ ।

ସକାଳୁ ଉଠି ସେ ଦେଖିଲା ମମି ଉଠିଗଲେଣି । ଘର ଭିତରେ ଏପଟସେପଟ ହେଉଛନ୍ତି । ତାକୁ କହୁଥିଲେ ଉଠିଲୁଣି କି ମା' ଆସ ବାଲକୋନିରେ ବସିବା ଟିକେ, ଥଣ୍ଡା ପବନ ଦେଉଛି, ଭଲ ଲାଗୁଛି ।

ସେ ବ୍ରଶ୍ ଧରି ଚାଲି ଯାଇଥିଲା ସୁରଭିଙ୍କ ପଛେ ପଛେ । ମା' ଝିଅ ବସି ଗପୁଥିଲେ । ତେଜୁର ପାଟି ପାଖରେ ଗୋଟିଏ ପ୍ରଶ୍ନ ଅଟକି ଯାଉଥିଲା, ମମି ଅରୁଣ ଅଙ୍କଲ୍‌ଙ୍କ ପାଇଁ ମୋ ଡାଡିଙ୍କୁ ଧୋକା ଦେଇନ ତ ? ହେଲେ ଯେ ପଚାରି ପାରୁନଥିଲା ।

କିଛି ସମୟ ଗପିବା ପରେ ସୁରଭି ଗାଧୋଇବାକୁ ଚାଲି ଯାଇଥିଲେ । ଗାଧୁଆ, ଠାକୁର ପୂଜାରେ ସେ ପ୍ରାୟ ଦେଢ଼ ଘଣ୍ଟା ବିତାନ୍ତି ସବୁଦିନ, ତେଜୁ ପାଖରେ ସେତିକି ସମୟ ଥିଲା ସୁରଭି ଆଉ ତାପସ୍‌ଙ୍କ ସବୁ ଜିନିଷ ଯାଞ୍ଚ କରିବା ପାଇଁ । ସୁରଭି ଗାଧୁଆ ଘରେ ପଶୁ ପଶୁ ସେ ତାଙ୍କର ସବୁ କପ୍‌ବୋର୍ଡ୍, ଆଲମାରୀ, ଥାକ, ବ୍ୟାଗ୍ ଦେଖିନେଲା ତନ୍ନ ତନ୍ନ କରି । ହେଲେ ଡାଡିଙ୍କ ବ୍ୟତୀତ ଆଉ କାହାର ବି ସ୍ମୃତି ସେ ସେଠି ପାଇନଥିଲା । ଗୋଟେ ଆଲମୀରା ଉପରେ ସେଇ ଯେଉଁ ବହିଟା ସେ ଦିଲ୍ଲୀରେ ଦେଖିଥିଲା ଓ ମମିଙ୍କୁ କହିଥିଲା ରଖିବାକୁ ସେହି ବହିଟା ଅଳନ୍ଧୁ ହୋଇ ପଡ଼ିଥିବାର ଦେଖିଲା । ସେ ବହିର ଲେଖକ ଅରୁଣଙ୍କ ନାଁ ଦେଖି ସେ ତାକୁ ବି ନେଇ ରଖିଦେଲା ତା ଲଗେଜ୍ ଭିତରେ । ତାକୁ ଲାଗୁଥିଲା ସେ ବହିରେ କିଛି ତ ଅଛି, ଯେଉଁ କାରଣରୁ ସେ ମମିଙ୍କୁ କହିବା ସତ୍ତ୍ୱେ ବି ସେ ନେଇ ଚାଲିଆସିଲେ । ସେତେବେଳେ ତେଜୁ ଭାବିଥିଲା ଯେ ମମିଙ୍କର ମନେ ନଥିବ, ଏବେ ସେ ଜାଣି ନେଇଥିଲା ଯେ ଉଦ୍ଦେଶ୍ୟମୂଳକ ଭାବେ ମମି ତାକୁ ପଢ଼ିବାକୁ ଦେଇନଥିଲେ । ମନେ ମନେ ଚିଡ଼ି ଯାଉଥିଲା ସେ ତାଙ୍କ ଉପରେ । ଆଉ କିଛି ପାଇବା ଆଶାରେ ସେ ଡାଡିଙ୍କ ଆଲମୀରା ଖୋଜିବାରେ ଲାଗି ପଡ଼ିଥିଲା । ବୋଧେ ଡାଡି ଯିବା ପରେ ମମି ଆଉ ସେ ଆଲମୀରା ଖୋଲି ନଥିଲେ । ଆଲମାରୀ ଖୋଲୁ ଖୋଲୁ ସେ ଡାଡିଙ୍କୁ ଅନୁଭବ କରୁଥିଲା । ସବୁ ଜିନିଷକୁ ଜଡ଼େଇ ଧରୁଥିଲା ଛାତିରେ । ଏଇ ସବୁ ଜିନିଷରେ ତା ଡାଡିଙ୍କର ସ୍ପର୍ଶ ଥିବା ଭଳି ଅନୁଭବ କରୁଥିଲା । ତା ଭିତରେ ଥିଲା ଅନେକ କାଗଜପତ୍ର । ସବୁର ଉତ୍ତରାଧିକାରୀ ସେ ନିଜେ । ଡାଡି ମମି ତାକୁ କେତେ ଭଲ ପାଆନ୍ତି । ପରିବାର ପାଇଁ ବଞ୍ଚୁଥିଲେ ତା ମମି । ଏମିତି କେମିତି ହେଲା, ଆଉ କିଏ ଜଣେ ମମିଙ୍କ ମନରେ ଏମିତି ଘର କରି ରହିଗଲା ଯେ ଆଜି ବି ସେ ତାକୁ ଭୁଲି ପାରିନାହାନ୍ତି ।

Digitized by PPRACHIN, SOA

ଡାଡିଙ୍କ ଡାଏରି ମିଳିଗଲା ତାକୁ, ସେଇଟା ବି ସେ ନେଇଆସିଲା । ଗୋଟିଏ ଜାଗାରେ ମମିଙ୍କ ନାଁରେ ଡାଡିଙ୍କ ହାତ ଲେଖା ଚିଠି ଥିବା ଏକ ଲଫାପା ଥିଲା । ତାକୁ ବି ସେ ଲୁଚେଇ ରଖିଲା । ଆଉ କିଛି ବାକି ନଥିଲା ଖୋଜିବାକୁ । ସୁରଭି ତଥାପି ତାଙ୍କ କାମ ସାରି ନଥିଲେ । ସେ ଏସବୁ ନେଇ ତା ରୁମ୍‌କୁ ଚାଲି ଯାଇଥିଲା ।

ପ୍ରଥମେ ସେ ଅରୁଣଙ୍କ ଲିଖିତ ପୁସ୍ତକଟି ପଢ଼ିବାରେ ଲାଗିଲା । ପ୍ରତି ଧାଡ଼ିର ପ୍ରତି ଶବ୍ଦ ସବୁ ତା ମମିଙ୍କ ଉଦ୍ଦେଶ୍ୟରେ ହିଁ ଲେଖା ହୋଇଥିଲା । ଈର୍ଷା ହେଉଥିଲା ତା ନିଜ ମମିଙ୍କ ପ୍ରତି, ନାରୀଟିଏ ଭାବେ । ଜଣେ ଜଣକ ଜୀବନରୁ ଚାଲିଯିବା ପରେ ହିଁ ବୋଧେ ତାର ଆବଶ୍ୟକତା ଆଉ ଗୁରୁତ୍ୱ ଜୀବନରେ ବେଶି ଅନୁଭବ ହୁଏ । ସୁରଭି ଆସି ମଝିରେ କବାଟ ବାଡ଼େଇ ଡାକିଥିଲେ । ସେ କିନ୍ତୁ କାମର ବାହାନା କରି ଖୋଲି ନଥିଲା । ବହିଟାକୁ ନସାରି ସେ ଉଠି ପାରୁନଥିଲା । ବହି ପଢ଼ି ଆଖିରେ ଲୁହ ଆସି ଯାଉଥିଲା ତା'ର । ସମସ୍ତଙ୍କ ଭିତରେ ଥାଇ ବି ଅରୁଣ ଅଙ୍କଲ୍ ତା ମମିଙ୍କୁ ହିଁ ଖୋଜୁଥିଲେ । ହେଲେ ଦିନଟିଏ ସେ ଦେଖିନାହାନ୍ତି ମମିକୁ ତାଙ୍କଠାରୁ ଦୂରକୁ ଚାଲିଯିବା ପରେ । ଏମିତି କେମିତି ସମ୍ଭବ, ପ୍ରେମର କେଉଁ ରଙ୍ଗ ଏଇଟା ସେ ବୁଝି ପାରୁନଥିଲେ । ତାଙ୍କ ମନରେ ପ୍ରଶ୍ନ ଉଠୁଥିଲା ସତରେ କୌଣସି ପୁରୁଷ କଣ କେଉଁ ବି ନାରୀକୁ ଏତେ ଭଲ ପାଇପାରେ । ସେ ଚାହୁଁଥିଲା ନିଜେ ତା' ମମି ହୋଇ ଯାଆନ୍ତା କିଛି ସମୟ ପାଇଁ, ଆଉ କେଉଁ ଏକ ଅରୁଣ ତାକୁ ଏମିତି ଭଲ ପାଆନ୍ତା ।

ଈଶ୍ୱର ବି ବେଳେ ବେଳେ ଅତିକୁ ସହି ପାରନ୍ତିନି । ସେଥିପାଇଁ ବୋଧେ ସେମାନଙ୍କୁ ଅଲଗା କରି ଦେଇଥିଲେ । ବହିଟା ସରିବା ବେଳକୁ ଆଉ ରାଗ ଆସୁନଥିଲା ଅରୁଣଙ୍କ ଉପରେ, ସେ ଦୟା କରୁଥିଲା ତାଙ୍କୁ । ତା' ପାଇଁ ଅରୁଣ ପାଲଟି ଯାଇଥିଲେ ଜଣେ ସର୍ବହରା, ଦୟାର ପାତ୍ର । ସମୟର ଖେଳକୁ ସେ ଦେଖି ପାରୁଥିଲା । ସମୟ ଚକ୍ରରେ ପଡ଼ି ଦୁଇଟି ଆତ୍ମା କେମିତି ଛଟପଟ ହେଉଥିଲେ ତାକୁ ବି ବୁଝି ପାରୁଥିଲା । ମା' ଭାବେ ସୁରଭିଙ୍କ ପ୍ରତି କ୍ଷୋଭ ଆସୁଥିଲା କିନ୍ତୁ ନାରୀଟିଏ ହିସାବରେ ତାଙ୍କ ମନର ଯନ୍ତ୍ରଣାକୁ ସେ ପଢ଼ି ନେଇଥିଲା ।

ତେଜୁ ଥିଲା ମନୋବିଜ୍ଞାନର ଛାତ୍ରୀ । ଏସବୁ ପଢ଼ିବା ପରେ ସେ ଭାବୁଥିଲା ଏମିତି କାହିଁକି ହୋଇଥାଏ । ଗୋଟେ ନାରୀ ବା ପୁରୁଷ ମନରେ ଜଣକର ଛବି ଏମିତି କାହିଁକି ଆଙ୍କି ହୋଇଯାଏ ଯେ ସେ ତାକୁ ଭୁଲିପାରେନା । ସେ ଫ୍ଲାସ୍‌ବ୍ୟାକ୍‌କୁ ଚାଲିଯାଇଥିଲା । ଅରୁଣ ଅଙ୍କଲ୍‌ଙ୍କୁ ଛାଡ଼ି ଆସିବା ପରେ ମମି କେତେ ଦୁଃଖୀ ହୋଇ ପଡ଼ିଥିବେ । ସେ ଦେଖିଛି ଡାଡିଙ୍କର ଆଦବକାଇଦା, ଚଳଣୀ, କଠୋର ନିୟମ କେମିତି ମମିଙ୍କୁ ମେସିନ୍‌ଟିଏ କରି ଦେଇଥିଲା । ସେ ଯନ୍ତ୍ରଚାଳିତ ରୋବର୍ଟ ପରି ଡାଡିଙ୍କ ଇଚ୍ଛାକୁ ସମ୍ମାନ ଦେଇ ଦେଇ ନିଜର ସବୁ ଇଚ୍ଛାକୁ ମାରି ଦେଉଥିଲେ ।

Digitized by PPRACHIN, SOA

ଯେତେବେଳେ ସେ ଲୋଡୁଥିଲେ ସ୍ନେହଭରା କିଛି ଶବ୍ଦ ସେତେବେଳେ ତାଙ୍କୁ ଶୁଣିବାକୁ ମିଳୁଥିଲା ଡାଲି କାହିଁକି ଲୁଣିଆ ହେଲା, ରୋଷେଇ ଯଦି କରିବାକୁ ଇଚ୍ଛା ନାହିଁ ତେବେ କରିବା ଦରକାର ନାହିଁ, ଝିଅର ଦେହ ତୁମ ଅବହେଳାରୁ ହିଁ ଖରାପ ହେଲା ଏମିତି ଅନେକ କିଛି । ବିବାହବାର୍ଷିକୀରେ ସଜେଇ ହୋଇ ବସୁଥିଲେ ମମି, ଡାଡିଙ୍କୁ ଅପେକ୍ଷା କରି, ହେଲେ ଡାଡି ଭୁଲି ଯାଉଥିଲେ । ଅଫିସ୍‌କୁ ଛାଡ଼ି ଦେଲେ ମମିଙ୍କୁ ବାହାରକୁ ଯିବା ପାଇଁ କିଛି ସ୍ୱାଧୀନତା ବି ମିଳିନଥିଲା । ଘରର କୌଣସି ନିଷ୍ପତ୍ତି ନିଆଯିବା ବେଳେ ଡାଡିଙ୍କ ପାଇଁ ମମିଙ୍କ ମତାମତ କିଛି ଗୁରୁତ୍ୱ ରଖୁନଥିଲା । ଲୁହ ଜକେଇ ଆସୁଥିଲା ତେଜୁ ଆଖିରେ । ତା ଡାଡି ଥିଲେ କଠୋର ନିୟମର ମଣିଷ, ଆଉ ତାଙ୍କ ନିୟମ ସବୁ ତାମିଲ୍ ହେଉଥିଲା ମମିଙ୍କ ଉପରେ ।

ଭଲ ମାଆ, ଭଲ ସ୍ତ୍ରୀ, ଭଲ ବୋହୂ ହେବା ଚକ୍କରରେ ତାଙ୍କ ମମି ନିଜକୁ ଭୁଲି ଯାଇଥିଲେ । ସେହି କାରଣରୁ ସେ ବୋଧହୁଏ ଭୁଲି ପାରୁନଥିଲେ ଅରୁଣ ଅଙ୍କଲ୍‌ଙ୍କୁ । ତାଙ୍କ ମନରେ ସୁପ୍ତ ଭାବେ ରହିଯାଇଥିଲା ଅରୁଣ ଅଙ୍କଲ୍‌ଙ୍କ ପ୍ରତିଛବି । ବୋଧହୁଏ ସେ ଭାବି ନେଇଥିଲେ ଅରୁଣ ଅଙ୍କଲ୍‌ଙ୍କ ପାଖରେ ଥିଲେ ସେ ସବୁ ସୁଖ ପାଇ ପାରିଥାନ୍ତେ, କିନ୍ତୁ ଡାଡିଙ୍କ ପାଖକୁ ଆସିବା ପରେ ତାଙ୍କର ପ୍ରତ୍ୟେକ ଇଚ୍ଛାକୁ ଦଳି ଦିଆଯାଇଥିଲା ବିଭିନ୍ନ ଆଳରେ । ଏଇ ସିଦ୍ଧାନ୍ତରେ ଉପନୀତ ହେଉଥିଲା ସେ । ଆଉ ସେହି ସମାନ କଥା ବି ଅରୁଣ ଅଙ୍କଲ୍‌ଙ୍କ କ୍ଷେତ୍ରରେ ଘଟିଥିବ, ଯେଉଁ କାରଣରୁ ଦୁହେଁ ଦୁହିଁଙ୍କୁ ଭୁଲି ପାରିନାହାନ୍ତି ।

ଏବେ ଥିଲା, ଡାଡିଙ୍କ ଚିଠିର ପାଳି । ତାକୁ ଖୋଲି ପଢ଼ିବା ପୂର୍ବରୁ ସେ ମମିଙ୍କ ସହ କିଛି ଖାଇ ନେବାକୁ ଚାହୁଁଥିଲା । ସେତେବେଳକୁ କେତେଥର ନଟ କାକା ଆଉ ମମି ତାକୁ ଡାକି ସାରିଲେଣି । ସବୁ ଲୁଚେଇ ରଖିଦେଲା ।

ମା' ଝିଅ ସାମ୍ନାସାମ୍ନି ବସିଥିଲେ ଡାଇନିଂ ଟେବୁଲ୍‌ରେ । ତା ସାମ୍ନାରେ ଥିଲା ପସନ୍ଦର ଜଳଖିଆ ସବୁ । ଏମିତି ଗପୁ ଗପୁ ତେଜୁ କହୁଥିଲା ମମି, ଜାଣିଛ ଚିତ୍ରା ସାଙ୍ଗେ କଥା ହୋଇଥିଲି । ସେ ଆଜି ଡାକିଛି, ତା' ଘରକୁ ଯିବି ଏବେ । ଖାଇସାରି ବାହାରି ଯିବି । କଣ ଗୋଟେ ଜରୁରୀ କଥା ହେବ ବୋଲି କହୁଥିଲା ।

ଆଉ କଣ କହିବ, ସେଇ ତା' ଝିଅ ବାହାଘର କଥା ଆମ ଅଶ୍ୱିନୀ ସାଙ୍ଗରେ ଜଲ୍‌ଦି କରିଦେବାକୁ କହିବ । ଯାହା ହେଲେ ଝିଅର ମା', ବ୍ୟସ୍ତ ହେବା ସ୍ୱାଭାବିକ କଥା । କରିଦିଅ ଜଲ୍‌ଦି ସେମାନଙ୍କ ବାହାଘର । ଦୁହେଁ ଦୁହିଁଙ୍କୁ ପସନ୍ଦ କରନ୍ତି । ଯଦି କେଉଁ କାରଣରୁ ଏକାଠି ହୋଇ ନପାରିଲେ ଜଳିବେ ଭିତରେ ଭିତରେ ସାରା ଜୀବନ । ପାପ ଲାଗିବ ଆମ ସମସ୍ତଙ୍କୁ । ଆଉ ଡେରି କରନା ।

Digitized by PPRACHIN, SOA

ଆରେ ନା, ନା ମମି, ଅଲଗା କଥା ।

ଏଇ ତା ଶ୍ୱଶୁରଙ୍କ ବିଷୟରେ କ'ଣ କଥା ହେବ ବୋଲି ଡକେଇଛି ।

ବ୍ୟସ୍ତ ହୋଇ ପଡୁଥିଲେ ସୁରଭି, କହୁଥିଲେ କଣ ହୋଇଛି ତାଙ୍କର ।

ଜାଣିନି, ଗଲା ପରେ ଜଣାପଡ଼ିବ । ତେଜୁ କିନ୍ତୁ ଦେଖୁଥିଲା ତାଙ୍କ ମୁହଁକୁ, ଅତି ନିଜର ମଣିଷ ପାଇଁ ଯେତିକି ବ୍ୟସ୍ତ ହେବା କଥା ସେହି ଭଳି ପ୍ରତିକ୍ରିୟା ଦେଖି ପାରୁଥିଲା ତାଙ୍କ ମୁହଁରେ ।

ନଟ ଯାଉଥିଲା ତଳକୁ ଫୁଲ ରଖିବା ପାଇଁ, ସେହି ନିର୍ଦ୍ଦିଷ୍ଟ ସମୟ, ଆଉ ନିର୍ଦ୍ଦିଷ୍ଟ ଫୁଲ । ତେଜୁ ପଚାରୁଥିଲା ମମି, ଗୋଟେ କଥା ପଚାରିବି, ଖାଲି ସତ କହିବ । ତୁମକୁ ମୋ ରାଣ । ମିଛ କହିବନି ।

ଏଇ ପ୍ରଶ୍ନ କେବେ ଡାଡି ତୁମକୁ ପଚାରି ନାହାନ୍ତି, କିନ୍ତୁ ଆଜି ତାର ଉତ୍ତର ଜାଣିବା ଆବଶ୍ୟକ ଅଛି । ମୋ ବିଶ୍ୱାସ ଭାଙ୍ଗିବନି । କହୁଥିଲା ତେଜୁ ।

ତୁ ମତେ ପଚାରିବୁ, ମୁଁ ମିଛ କହିବି ବୋଲି ଭାବୁଛୁ କାହିଁକି ? ଯାହା ପଚାରିବା କଥା ପଚାର, ସବୁ ସତ କହିବି ।

ଏଇ ଫୁଲ କାହା ପାଇଁ ରଖି ଆସୁଥିଲ ତୁମେ, ଡାଡି ଚାଲିଯିବା ପରେ ମୁଁ, ଆଉ ନଟ ରଖିଆସିଛୁ ତୁମ ବିଶ୍ୱାସକୁ ସମ୍ମାନ ଜଣେଇ । କିଏ ସେ ?

ଆଜି ଏ ପ୍ରଶ୍ନ କାହିଁକି ମା ? ଠିକ୍ ଅଛି, ଶୁଣ ସେ ହେଉଛନ୍ତି ମୋ ପାଇଁ ଈଶ୍ୱର । ତାଙ୍କ ପୂଜା ପାଇଁ ଏଇ ଫୁଲ ମୁଁ ରଖେ ସେଇଠି, ସବୁ ଦିନ ।

କାନ୍ଦି ପକାଉ ପକାଉ ରହିଯାଉଥିଲା ତେଜୁ । ମନେ ପକାଉଥିଲା ଚିତ୍ରାଙ୍କ କଥା । ଅରୁଣ ଅଙ୍କଲଙ୍କ ପାଇଁ ସବୁଦିନ ଫୁଲ ରଖନ୍ତି ବୋଲି ମମି ତାକୁ କହିଥିଲେ । ମମିଙ୍କ ପାଇଁ ଈଶ୍ୱର ହେଉଛନ୍ତି ଅରୁଣ ଅଙ୍କଲ୍ । ମୋ ଡାଡି କିଛି ନୁହନ୍ତି । ତଥାପି ଧୈର୍ଯ୍ୟ ଧରି ଅପେକ୍ଷା କରୁଥିଲା, ଆଗକୁ କଣ କହିବାକୁ ଯାଉଛନ୍ତି ତା' ମମି ।

ସୁରଭି, କହୁଥିଲେ, ତୋ ଡାଡିଙ୍କୁ ସେ ଲୋକ ତାଙ୍କ କିଡ୍‌ନୀ ଦେଇଥିଲେ, ତା ବଦଳରେ ସେ ପ୍ରତିଦିନ ଫୁଲ ରଖିବା ପାଇଁ କହିଥିଲେ । ତାଙ୍କ ପରିଚୟ ନଦେବା ପାଇଁ କଥା ନେଇଥିଲେ ମୋ ଠାରୁ ।

ଆଉ ସମ୍ଭାଳି ପାରୁନଥିଲା ତେଜୁ । କାନ୍ଦି କାନ୍ଦି କହୁଥିଲା ମମି, ତୁମେ ମିଛ କହୁଛ । ତୁମେ ଚରିତ୍ରହୀନା । ତୁମ ଝିଅ ବୋଲି କହିବାକୁ ମତେ ଲାଜ ଲାଗୁଛି । କିଛି ବୁଝି

Digitized by PPRACHIN, SOA

ପାରୁନଥିଲେ ସୁରଭି, କହୁଥିଲେ ମା, ମୁଁ ସତ କହୁଛି । ତାଙ୍କ ହାତକୁ ଛାଡିଦେଇ ତେଜୁ ଆସି କବାଟ ବନ୍ଦ କରି ଦେଇଥିଲା ନିଜ ରୁମ୍‌ର ଭିତର ପଟୁ । ସେପଟେ ନଟ ଆଉ ମିନି ବି ବୁଝି ପାରୁନଥିଲେ କଣ ଚାଲିଛି ସବୁ । ସୁରଭି ବେଡ୍‌ରୁମ୍‌ରେ ବସି କାନ୍ଦୁଥିଲେ । ଝିଅ ତାଙ୍କୁ କହୁଛି ଚରିତ୍ରହୀନା । ତେଜୁ କାନ୍ଦି ଚାଲିଥିଲା ଅନେକ ସମୟ ଡାଡିଙ୍କୁ ମନେ ପକେଇ ପକେଇ । ଚିତ୍ରାର ଫୋନ୍ ଆସୁଥାଏ, କିନ୍ତୁ ସେ ଉଠାଉନଥାଏ । କାଟି ଦେଉଥାଏ ବାରମ୍ବାର । ଦ୍ୱିପହର ଖାଇବା ସମୟ ଗଡ଼ିଗଲାଣି । ଭୋକ ବି ହେଉଥାଏ । ବାହାରକୁ ଆସି ନିଜେ ଥାଳିରେ ଖାଇବା ବାଢ଼ି ନେଇ ରୁମ୍ ଭିତରେ ଖାଇନେଲା ସେ । ପେଟ ଥଣ୍ଡା ହେବା ପରେ ମୁଣ୍ଡ ବି ଟିକେ ଥଣ୍ଡା ହେଇଯାଇଥିଲା । ଡାଡିଙ୍କର ଚିଠିଟାକୁ ଖୋଲି ପଢ଼ିବାକୁ ସ୍ଥିର କଲା । କାଲିଠାରୁ ଆଜି ଭିତରେ ଏତେ ସବୁ ଘଟଣା ଘଟି ଯାଉଥାଏ ଯେ, ସେ ବି ଆଗକୁ ଆଉ କିଛି ଖରାପ ନହେଉ ବୋଲି ଭଗବାନଙ୍କୁ ଡାକୁଥାଏ ।

ଚିଠିଟା ଖୋଲି ସେ ପଢୁଥିଲା । ଡାଡି ଲେଖିଥିଲେ ମମିଙ୍କ ପାଇଁ, ଏତେ ବ୍ୟକ୍ତିଗତ ଚିଠି ପଢ଼ିବା ବେଳେ ତାକୁ ଖରାପ ଲାଗୁଥିଲା, କିନ୍ତୁ ସେ ପଢ଼ିବା ଆରମ୍ଭ କଲା ।

ସୁରୁ,

ଏଇ ଚିଠିଟା ଯେବେ ପଢ଼ିବ ସେତେବେଳେ ମୁଁ ନଥିବି । ତୁମେ ତୁମ ଜୀବନର ସବୁ କଥା ମତେ କହିଛ । କିନ୍ତୁ ନାରୀଟିଏ ତା ଜୀବନର ଗୋପନ କଥା ସମସ୍ତଙ୍କ ଆଗରେ ପ୍ରକାଶ କରି ପାରିନଥାଏ । ତୁମେ ଅରୁଣଙ୍କୁ ଏବେ ବି ଭଲ ପାଅ ମୁଁ ଜାଣିଛି । ତୁମେ ତାଙ୍କୁ କେବେ ବି ଭୁଲିନ । ଏକଥା ମୁଁ ତୁମକୁ ପଚାରିଥିଲି, ବୟସର ଅପରାହ୍ନରେ । ସମସ୍ତେ ଯେଉଁ କଥାକୁ ଗୋପନୀୟ ରଖନ୍ତି ତୁମେ ସେହି କଥାକୁ ମାନି ନେଇଥିଲ ମୋ ଆଗରେ । ଆଉ ତୁମର କି ଆସ୍ପର୍ଦ୍ଧା ଥିଲା ଅରୁଣଙ୍କ କଥା କହିବା ବେଳେ, ସେଥିରୁ ମୁଁ ବୁଝିଯାଇଥିଲି, ସେ ତୁମ ପାଇଁ କଣ ? ତୁମ ମନରୁ ତାଙ୍କୁ ବାହାର କରିବାର ବୋକାମୀ କେବେ ବି କରିନି । ତୁମ ଉପରେ ମୁଁ ରାଗିଥାନ୍ତି, ଆମେ ପାଟିତୁଣ୍ଡ କରିଥାନ୍ତେ । ଘରେ ଅଶାନ୍ତି ବଢ଼ିଥାନ୍ତା, ସେଥିପାଇଁ ମୁଁ ଚୁପ୍ ରହିଥିଲି ।

କିନ୍ତୁ ଯେଉଁଦିନ ସେ ଜଣେ ହାର୍ଟ ପେସେଣ୍ଟ ହୋଇ ବି ଖାଲି ତୁମ ସ୍ୱାମୀଙ୍କୁ ବଞ୍ଚେଇ ରଖିବା ପାଇଁ ତାଙ୍କ କିଡ୍‌ନୀ ଦେଇଦେଲେ ତୁମ ଦୁହିଁଙ୍କ ସମ୍ପର୍କ ପାଖରେ ମୁଁ ବନ୍ଧା ପଡ଼ି ଯାଇଥିଲି । ଏଇଥି ପାଇଁ ନୁହେଁ ଯେ ସେ ମତେ ଜୀବନ ଭିକରେ ଦେଇଥିଲେ, କେବଳ ଏଇଥି ପାଇଁ ଯେ, ବୟସର ଉତ୍ତରଣରେ ତୁମେ ଦୁହେଁ ବିନା ଦେଖାରେ ବିନା କଥାରେ ବି କେମିତି ଉଭୟକୁ ବୁଝି ପାରୁଥିଲ । ଆଉ ଜଣେ ଅନ୍ୟ ଜଣକ ପାଇଁ ତ୍ୟାଗ କରିପାରୁଥିଲ

Digitized by PPRACHIN, SOA

ବିନା ବାକ୍ୟବ୍ୟୟରେ । ତୁମେ ଏବେ ଭାବୁଥିବ ମୁଁ କେମିତି ଜାଣିଲି ଅରୁଣ ମତେ କିଡ୍‌ନୀ ଦେଇଛନ୍ତି ବୋଲି, ତୁମେ ଏତେ ଗୋପନୀୟ ରଖିବା ସତ୍ତ୍ୱେ । ମୋର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ହେବା ପରେ ମୁଁ ଆସିୟୁରେ ଅର୍ଦ୍ଧଚେତନ ଅବସ୍ଥାରେ ଥିବା ବେଳେ ତୁମେ ଅରୁଣ ପଠେଇଥିବା ଚିଠି ପଢ଼ି ତାଙ୍କୁ ଦେଖା କରିବାକୁ ଚାଲି ଯାଇଥିଲ । କିନ୍ତୁ ସେ ଚିଠିଟା ଛାଡ଼ି ଦେଇଥିଲ ସେଠାରେ । ମୋର ଚେତନା ଫେରିଥିଲା ମଝିରେ । ନର୍ସ ସେ ଚିଠିଟା ରଖିବା ବେଳେ ତାକୁ ମାଗିଥିଲି । ସେଇ ଦୁଇ ଧାଡ଼ି ଲେଖାରୁ ଜାଣି ପାରିଥିଲି ତୁମ ଅରୁଣ ହିଁ ତୁମକୁ ଫେରେଇ ଦେଇଛନ୍ତି ତୁମ ସିନ୍ଦୂରକୁ । ଆଖି ଛଳ ଛଳ ହୋଇ ଯାଇଥିଲା ତାଙ୍କ ପାଇଁ । ହେଲେ ଯେତେବେଳେ ତୁମେ କାନ୍ଦି କାନ୍ଦି ଫେରି ଆସିଥିଲ ତାଙ୍କୁ ପଛ କରି ସେଇ ଦିନ ବୁଝି ପାରିଥିଲି ପ୍ରେମ କଣ ? ଆଉ କାହିଁକି ତୁମେ ଦୁହେଁ ପରସ୍ପର ପ୍ରତି ଏତେ ଅନୁରକ୍ତ । ଅପରେସନ୍ ପରଠାରୁ ତୁମେ ଚିତ୍ରା ଘରକୁ ନଯିବା ମୋ ମନରେ ସନ୍ଦେହ ସୃଷ୍ଟି କରିଥିଲା ।

ଯେତେବେଳେ ତା' ଘରକୁ ଯାଇଥିଲି ସେତେବେଳେ ତା ଶ୍ୱଶୁରଙ୍କ ନାଁ ଅରୁଣ ବୋଲି ଜାଣିଲି, ସେତେବେଳେ ଜାଣିବାକୁ ଚେଷ୍ଟା କରିଥିଲି ସେ ତୁମ ଅରୁଣ ନୁହନ୍ତି ତ ! ଯେଉଁ ବହି ତୁମକୁ ଏୟାରପୋର୍ଟରେ ସେ ଭଦ୍ରବ୍ୟକ୍ତି କିଛି ବର୍ଷ ତଳେ ଦେଇଥିଲେ ସେ ବହି ମୁଁ ଦେଖି ନେଇଥିଲି ତାର ବହୁତ ଆଗରୁ । ଦିନେ ଅରୁଣଙ୍କୁ ଅପେକ୍ଷା କରି ତାଙ୍କ ଘରେ ବସିଥିଲି କିଛି ସମୟ, ସେହି ବହିଟା ପାଇଥିଲି ସେଠାରୁ । ପଢ଼ି ନେଇଥିଲି, ଆଉ ବୁଝିଯାଇଥିଲି ଅରୁଣଙ୍କ ଆରତୀ ହେଉଛନ୍ତି ତାପସ୍‌ର ସୁରଭି । ମୁଁ ଚିତ୍ରା ଘରକୁ ଯାଏ ବାରମ୍ବାର, ଖାଲି ଶୁଣିବାକୁ ତୁମ ବିଷୟରେ, କେବେ ତାଙ୍କ ପାଟିରୁ ବାହାରିଯିବ କି ତୁମ କଥା । କେବେ ବି ତୁମ ନାମ ସେ ନିଅନ୍ତିନି । କିନ୍ତୁ ସବୁଦିନ ତୁମେ ରଖୁଥିବା ଫୁଲ ପାଇଁ ସେ ଆସନ୍ତି, ସବୁ ମୁଁ ଜାଣିଛି । କିନ୍ତୁ କିଛି ବି କହେନି ତୁମକୁ, କାହିଁକି ଜାଣିଛ । ତୁମର ଆଉ ତାଙ୍କ ସମ୍ପର୍କରେ ଅପବିତ୍ରତାର ଗନ୍ଧ ବି ପାଇନଥିଲି । ତୁମକୁ ଯଦି କେବେ ଅରୁଣ ଆସି ଡାକନ୍ତି ମୋ ଅବର୍ତ୍ତମାନରେ ତେବେ ଚାଲିଯିବ ତାଙ୍କ ପାଖକୁ । ମୋର କିଛି ଅଭିଯୋଗ ନାହିଁ ସୁରୁ । ତୁମକୁ ମୋ ବନ୍ଧନରୁ ମୁକ୍ତ କରୁଛି ମୁଁ ।

ତୁମ ତାପସ୍

ଡେଜୁ ଖୋଲି ଦେଇଥିଲା ସେ ରୁମ୍‌ର ଦ୍ୱାର । ଦଉଡ଼ି ଯାଇଥିଲା ମମିଙ୍କ ପାଖକୁ । ମମିଙ୍କୁ ଧରି କାନ୍ଦୁଥିଲା କଇଁ କଇଁ ହୋଇ, କହୁଥିଲା କି ଭୁଲ୍ କରିଦେଲି ମୁଁ । ମମି, ମୋ ଦେହରେ ହାତ ଦେଇନ କେବେ, ଆଜି ମନ ଇଚ୍ଛା ମାର ମତେ । ମୋର ଭୁଲ୍

Digitized by PPRACHIN, SOA

ହୋଇଯାଇଛି । ଡାଡି ତୁମ ବିଷୟରେ ଜାଣି ତୁମର ଚରିତ୍ର ଉପରେ ଦିନେ ଆକ୍ଷେପ କରିନଥିଲେ, ମୁଁ ଆଜି କଣ କଲି ? ତୁମକୁ ଚରିତ୍ରହୀନା କହିଦେଲି । ସାଧାରଣ ସ୍ତ୍ରୀ ଲୋକଟିଏ ଭଳି ବିଚାର କରିଦେଲି ତୁମର ଚିନ୍ତାଧାରାକୁ । ତୁମର ପ୍ରେମର ସ୍ତରକୁ ଅତି ତଳକୁ ନେଇ ଆସିଲି ।

କଣ କହୁଛୁ ମା' ! ମୋତେ ସନ୍ଦେହ କରିବା ପାଇଁ ତୋ ପାଖରେ ଯଥେଷ୍ଟ କାରଣ ଥାଇପାରେ, ନହେଲେ ତୁ ମତେ ଆଜି ଏମିତି କହିନଥାନ୍ତୁ ! କଣ କହୁଛୁ, ଖୋଲିକି କହ । ଟେକୁ ତାଙ୍କ ହାତରେ ଧରେଇ ଦେଉଥିଲା ତା ଡାଡିଙ୍କ ଚିଠି । ସୁରଭି ଚଷମାଟା ମାଗୁଥିଲେ । ଟେକୁ ଚଷମାଟା ଧରେଇ ଦେଇ ଷ୍ଟୋଲ୍ ଗୋଟେ ଆଣିବାକୁ ଭିତରକୁ ଚାଲିଗଲା । କିଛି ସମୟ ପରେ ଆସି ସୁରଭିଙ୍କ ହାତରୁ ଚିଠିଟା ନେଇ ବାହାରକୁ ଚାଲିଗଲା । ସାଙ୍ଗରେ ନେଇ ଯାଇଥିଲା ସୁରଭିଙ୍କ ଲେଖା 'ସୁରଭିର ଅରୁଣ' ଆଉ ଅରୁଣଙ୍କ ବହି 'ଆଫ୍ଟର ୟୁ' । ଦାଣ୍ଡରେ ଯାଉଥିବା ଅଟୋକୁ ଠିକଣା ଦେଖାଇ ଅରୁଣ ଅଙ୍କଲ୍‌ଙ୍କ ଘରେର ପହଞ୍ଚେଇ ଦେବାକୁ କହୁଥିଲା । ଜୀବନ ସାରା ତା ଡାଡି ମମି ତା ବିଷୟରେ ନିଷ୍ପତ୍ତି ନେଇଛନ୍ତି । ଅଜାଡ଼ି ଦେଇଛନ୍ତି ସଂସାରର ସବୁ ଖୁସି ତା ଆଞ୍ଜୁଳା ଭିତରେ । ଆଜି ସେ ଯାଉଥିଲା ତା ମମିଙ୍କ ଜୀବନର ଖୁସି ପାଇଁ, ଗୋଟେ ବଡ଼ ନିଷ୍ପତ୍ତି ନେବାକୁ ।

ତାପସ୍‌ଙ୍କ ଚିଠି ପଢ଼ିବା ପରେ ପଥରମୂର୍ତ୍ତିଟେ ଭଳି ବସି ରହିଥିଲେ ସୁରଭି । ଭାବୁଥିଲେ ସବୁ ଜାଣିଥିଲେ ତାଙ୍କ ସ୍ୱାମୀ ଅରୁଣଙ୍କ ବିଷୟରେ । ହେଲେ କିଛି କହି ନଥିଲେ କେମିତି । ସେତେବେଳେ କହିଦେଇଥାନ୍ତେ ଯଦି ଆଜି ଆଉ ଏମିତି ବୋଝ ଭଳି ଲାଗୁନଥାନ୍ତା । କାହିଁକି ଲଢ଼ିଲେନି ତାପସ୍ ତାଙ୍କ ସହିତ । ତାଙ୍କ ପୁରୁଷାକାରର ଅହଂକୁ ସାବ୍ୟସ୍ତ କରିବାକୁ ଚେଷ୍ଟା କଲେନି । ଆଜି ସେ ଅରୁଣଙ୍କୁ ମନେ ପକାଇବାକୁ ବି ଚାହାଁନ୍ତିନି, ହେଲେ ତାପସ୍ କେମିତି ତାଙ୍କୁ ମୁକ୍ତ କରିପାରିବେ ତାଙ୍କ ବନ୍ଧନରୁ । ସେ ତାଙ୍କ ସ୍ତ୍ରୀ, ସେମାନଙ୍କ ସମ୍ପର୍କ ଜନ୍ମ ଜନ୍ମର । ଟେକୁ ଏସବୁ ଜାଣିବା ପରେ ସେ କେମିତି ଝିଅ ଆଗରେ ମୁହଁ ଦେଖାଇ ପାରିବେ । ନାରୀ ଦ୍ୱିଖଣ୍ଡିତା ହେବା ଉଚିତ୍ ନୁହେଁ ବୋଲି ସେ ଶିଖେଇଛନ୍ତି ଝିଅକୁ । ହେଲେ ସେ ନିଜକୁ ଭାଗ କରିଦେଇଛନ୍ତି ସାରା ଜୀବନ, ହେ ଭଗବାନ ! କଣ କଲ ତୁମେ, ସ୍ୱାମୀଙ୍କ ପାଖେ ଛୋଟ କରିଦେଲ, ଏବେ ଝିଅକୁ କେମିତି ସାମନା କରିବେ ସେକଥା ଭାବୁଥିଲେ । ଗୋଟା ଦ୍ୱିପହରେ ଝିଅଟା କୁଆଡ଼େ ଚାଲିଗଲା କିଛି ନକହି, ସବୁ ଠିକ୍ କର ପ୍ରଭୁ, ଡାକୁଥିଲେ ଅତି ବିନୀତ ହୋଇ ।

ଟେକୁକୁ ଅରୁଣଙ୍କ ବ୍ୟତୀତ କିଛି ଦିଶୁନଥିଲା । ସେ ଅଣନିଃଶ୍ୱାସୀ ହୋଇ ପଢୁଥିଲା ।

Digitized by PPRACHIN, SOA

ଚିତ୍ରାଙ୍କୁ ଫୋନ୍ କରୁଥିଲା ଅଟୋରୁ । ଘରେ ଅରୁଣ ଅଙ୍କଲ୍ ଅଛନ୍ତି କି ନାହିଁ ପଚାରୁଥିଲା । ସେ ଏକୁଟିଆ କଥା ହେବାକୁ ଚାହୁଁଥିଲା ତାଙ୍କ ସହିତ । ତାଙ୍କ ଘରେ ଚିତ୍ରା ଆଉ ଅରୁଣ ଅଙ୍କଲ୍ଙ୍କୁ ଛାଡ଼ି ଆଉ କେହି ନଥିଲେ ବୋଲି ନିଶ୍ଚିତ ହେବା ପରେ ସେ ପ୍ରସ୍ତୁତ କରୁଥିଲା ନିଜକୁ କେମିତି ସାମନା କରିବ ତା ମମିଙ୍କ ଜୀବନର ସବୁଠୁ ବଡ଼ ସତ୍ୟକୁ ।

ଅଟୋ ଅଟକି ଯାଇଥିଲା ଅରୁଣଙ୍କ ଘର ସାମ୍ନାରେ । ସବୁଆଡ଼େ ଧଳା ରଙ୍ଗର ଫୁଲର ସମାହାର । ଏଇଟା ତା' ମମିର ପ୍ରିୟ ରଙ୍ଗ । ସେ ଅନ୍ୟମନସ୍କ ହେଉଥିଲା, ତା ଘରେ ଯେଉଁଆଡ଼େ ଦେଖିବ, ସେଇଠି ଖାଲି ବାଇଗଣୀ ରଙ୍ଗ ଫୁଲର ହାଟ, ଆଉ ଏଇଠି ଧଳା ଫୁଲର । ଚିତ୍ରା ଅପେକ୍ଷା କରୁଥିଲେ ବାହାରେ ଠିଆ ହୋଇ । ଶୀତ ଦିନର ଖରାଟା ଟାଣ ଥିଲା । କିନ୍ତୁ ତେଜୁ ଟିକେ ବୁଲି ଆସିଲା ଲନ୍ ଭିତରେ । ଚିତ୍ରା କହୁଥିଲେ ସୁରଭି ମା' ଏଇ ଘରେ ପାଦ ଦେବା ପରେ ହିଁ ତାଡି ଲନ୍‌ଟାକୁ ଧଳା ରଙ୍ଗରେ ରଙ୍ଗେଇବାକୁ ସ୍ଥିର କରିଥିଲେ ।

ମମି ଏଠିକୁ ଆସିଥିଲେ, ପ୍ରଶ୍ନ ଥିଲା ତେଜୁର । ହଁ, ଏଠିକୁ ଯେଉଁଦିନ ଆସିଥିଲେ ସେଦିନ ହିଁ ତାପସ୍ ଅଙ୍କଲ୍ଙ୍କ ଦେହ ଖରାପ ହୋଇଥିଲା । କେମିତି ସାନିର ଦୁର୍ଘଟଣା ହୋଇଥିଲା, ଆଉ ତା ପରେ କେମିତି ତା ଶ୍ୱଶୁର ନିଜେ ହାର୍ଟ ପେସେଣ୍ଟ ହେବା ସତ୍ତ୍ୱେ କାହା କଥା ନ ମାନି କିଡ୍‌ନୀ ଦେଇଥିଲେ ସବୁ ଗୋଟି ଗୋଟି କରି କହି ଯାଇଥିଲେ ଚିତ୍ରା ସେଇ ଲନ୍ ଭିତରେ ଠିଆ ହୋଇ ।

ପ୍ରଶ୍ନ ଥିଲା ଚିତ୍ରାଙ୍କର, ମୁଁ ଯେଉଁ ପ୍ରସ୍ତାବ ଦେଇଛି ତୁମେ ସେଥିରେ ସହମତି ପ୍ରକାଶ କରୁଛ ତ ।

ତେଜୁର ଉତ୍ତର ଥିଲା ଏମିତି, କିଛି ପ୍ରଶ୍ନ ଅଛି ଯାହାର ଉତ୍ତର କେବଳ ଅରୁଣ ଅଙ୍କଲ୍ଙ୍କଠାରୁ ଜାଣିବାକୁ ଚାହୁଁଛି ।

ବାହାରେ ଏତେ ସମୟ ଠିଆ କରି ଗପୁଥିବାରୁ କ୍ଷମା ମାଗି ନେଇଥିଲେ ଚିତ୍ରା । ଶ୍ୱଶୁରଙ୍କ ରୁମ୍ ଆଡ଼କୁ ବାଟ ଦେଖାଇ ଦେଇ ନିଜେ ବାହାରେ ରହିଥିଲେ । ତେଜୁ ଯାଇ କବାଟ ଠକ୍ ଠକ୍ କଲା । ଅରୁଣ କବାଟ ଖୋଲି ତେଜୁକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଆଗରୁ ଯଦିଓ ସେ ତେଜୁକୁ ଭେଟିଥିଲେ । କିନ୍ତୁ ଅପ୍ରତ୍ୟାଶିତ ଭାବେ ନିଜ ରୁମ୍ ବାହାରେ ତାକୁ ଠିଆ ହୋଇଥିବା ଦେଖି ଚମକି ପଡ଼ିଲେ ।

ତେଜୁ ପାଦ ଛୁଇଁ ପ୍ରଣାମ କରୁଥିଲେ ।

ଅରୁଣ କହୁଥିଲେ, ଚିତ୍ରା ଘରେ ଅଛି । ମୁଁ ଡାକି ଦେଉଛି । ତୁମେ ଡ୍ରଇଂ ରୁମ୍‌ରେ ବସିଥାଅ ।

Digitized by PPRACHIN, SOA

ତେଜୁ - ଚିତ୍ରାଙ୍କ ସହିତ ଦେଖା ହୋଇସାରିଛି । ଆପଣଙ୍କ ପାଖକୁ ଆସିଛି ।

ଅରୁଣ - ଠିକ୍ ଅଛି, ଡ୍ରଇଂ ରୁମ୍‌କୁ ଚାଲ । ସେଠି ବସି ଗପିବା । ଯାହା କହିବାକୁ ଚାହୁଁଛ କହିବ ।

ତେଜୁ - ମୋ ମମିଙ୍କ ବିଷୟରେ କିଛି ବ୍ୟକ୍ତିଗତ କଥା ଥିଲା ଆପଣଙ୍କୁ ନେଇ । କେବଳ ଆପଣଙ୍କ ସହ କଥା ହେବି ।

ରୁମ୍‌ର କବାଟ ଭଲ କରି ଖୋଲି ଦେଇଥିଲେ ଅରୁଣ । ଆସ ମା', ଏଇଠି ଚେୟାରରେ ବସ । ନିଜେ ବସି ଯାଇଥିଲେ ଖଟ ଉପରେ । ଅପ୍ରସ୍ତୁତ ହୋଇ ପଡ଼ିଥିଲେ ସେ । ଭାବୁଥିଲେ, ତେଜୁ କଣ ଜାଣି ସାରିଛି ସବୁ ।

ତେଜୁ ରୁମ୍ ଭିତର ସାରା ଆଖି ପକାଉଥିଲା । ଅରୁଣ ଅଙ୍କଲ୍‌ଙ୍କ ସ୍ତ୍ରୀ ବହୁତ ସୁନ୍ଦର ଥିଲେ । ତାଙ୍କ ସହିତ ଗୋଟେ ବନ୍ଧେଇ ହୋଇଥିବା ଫଟୋ ଝୁଲୁଥିଲା କାନ୍ଥରେ । ଗୋଟେ ପରିବାର ଫଟୋ ମଧ୍ୟ ଥିଲା ସେ ରୁମ୍‌ରେ । ବହୁତ ସୁନ୍ଦର ପେଣ୍ଟିଂ ଝୁଲୁଥିଲା ରୁମ୍ ସାରା । ତାର ମନୋଭାବକୁ ପଢ଼ି ନେଇଥିଲେ ଅରୁଣ । କହୁଥିଲେଏସବୁ ତୁମ ଆଣ୍ଟି ତାଙ୍କ ପସନ୍ଦରେ କିଣିଥିଲେ ।

ତେଜୁ କହୁଥିଲା ସୁନ୍ଦର ପେଣ୍ଟିଂ ହୋଇଛି । ତାଙ୍କ ପସନ୍ଦ ବହୁତ ଭଲ ଥିଲା । ଆଉ କହୁଥିଲା ଅଙ୍କଲ୍, ମୋର ଆପଣଙ୍କୁ କିଛି ଦେଖାଇବାର ଥିଲା, ସେଥିପାଇଁ ଆସିଛି ମୁଁ । ଆଉ ପାଞ୍ଚ ଦିନ ଭିତରେ ଚାଲିଯିବି । ତା ପୂର୍ବରୁ ଗୋଟେ ଗୁରୁତ୍ୱପୂର୍ଣ୍ଣ କାମ ସାରିବାର ଅଛି, ସେଥିପାଇଁ ଆପଣଙ୍କ ପାଖକୁ ଆସିଛି । ବ୍ୟାଗ୍‌ରୁ କାଢ଼ିଥିଲା, ମମିର ଡାଏରି, ଅରୁଣଙ୍କ ବହି ଆଉ ଡାଡିଙ୍କ ଚିଠି । ସବୁ ରଖି ଦେଇଥିଲା ଅରୁଣଙ୍କ ଆଗରେ ।

ସେ ଭାବି ପାରୁନଥିଲେ ତେଜୁ ତାଙ୍କୁ ଏମିତି ଝଟକା ଦେବ ଏକା ସାଙ୍ଗରେ । ସେ ଚୁପ୍ ହୋଇ ଯାଇଥିଲେ କିଛି ସମୟ । ଉଠି ଠିଆ ହୋଇ ଯାଇଥିଲେ । ତେଜୁକୁ ସାମନା କରିବା ପାଇଁ ସାହସ ହେଉନଥିଲା ବୋଧେ, ତାକୁ ପଛ କରି ଠିଆ ହୋଇ ଯାଇଥିଲେ ଗୋଟେ ପେଣ୍ଟିଂ ଆଡ଼କୁ ନଜର କରି । ପାଞ୍ଚ ମିନିଟ୍ ବିତି ଯାଇଥିଲା ଏ ଭିତରେ । କେହି କିଛି କହୁନଥିଲେ କାହାକୁ ।

ଆରମ୍ଭ କଲା ତେଜୁ, କିଛି ବି ଦେଖିବେନି ଅଙ୍କଲ୍, ଏତେ ସବୁ ଜିନିଷ ମୁଁ ନେଇକି ଆସିଛି । ଆପଣଙ୍କ ଫୁଲଦାନୀରେ ଥିବା ବାଇଗଣୀ ରଙ୍ଗର ଫୁଲ ମୋ ବାଡ଼ିର ମର୍ଣ୍ଣିଂ ଗ୍ଲୋରି ବୋଲି ମନା କରିପାରିବେ କି ? ମୋ ଡାଡିଙ୍କୁ କିଡ୍‌ନୀ ଦେଇ ମୋ ମମିଙ୍କ ସିନ୍ଦୂର ରକ୍ଷା

Digitized by PPRACHIN, SOA

କରିଥିଲେ ବୋଧେ ଆପଣ । ସେଥିପାଇଁ ମୋ ମମିଙ୍କୁ ପ୍ରତିବଦଳରେ ମାଗିଥିଲେ କିଛି ଫୁଲ ପ୍ରତିଦିନ, ନା ଆଉ କିଛି ।

ଆପଣଙ୍କ ବହିର ଆରତୀ ଚରିତ୍ରଟି କିଏ ? ଆଉ ଆପଣଙ୍କ ପାଇଁ ପାଗଳୀ ହୋଇ ଆପଣଙ୍କୁ ନଦେଖି ବଞ୍ଚିବାର ମାଧ୍ୟମ କରି ନେଇଥିବା ମୋ ମମିର ଅରୁଣ ଆପଣ ନା ଆଉ କେହି ?

ଏବେ ସେ ତେଜୁକୁ ବୁଲି ଦେଖିଥିଲେ । ତା ଆଖିରେ ଥିଲା କିଛି ଏମିତି ଯେ, ସେ ସାନଟିଏ ହେଲେ ବି ତାକୁ ସିଧା ନଜରରେ ଦେଖି ପାରୁନଥିଲେ ଅରୁଣ । ବସି ପଡ଼ିଥିଲେ ଖଟ ଉପରେ । ହାତରେ ଟେକି ଧରିଥିଲେ ସୁରଭିଙ୍କ ହାତଲେଖା ଡାଏରିଟା । ନିଜ ଲେଖା ବହିଟାକୁ ଛୁଉଁଥିଲେ ଯିଏ ସୁରଭିଙ୍କ ଆବର୍ତ୍ତମାନରେ ତାଙ୍କ ଜୀବନର ମୂକସାକ୍ଷୀ ପାଲଟି ଯାଇଥିଲା । ଆଜି ସୁରଭିଙ୍କ ଝିଅ ଆସି ପଚାରୁଛି, ତା ମା ଯାହାକୁ ଭଲ ପାଏ ସେ ନିଜେ କି ନାହିଁ । ଉତ୍ତର ଦେଇ ପାରୁନଥିଲେ କିଛି ।

ତେଜୁ କହୁଥିଲା ଅଙ୍କଲ୍, ଆଜି ଚୁପ୍ ରୁହନ୍ତୁନି, ଟିକେ ସାହସ ଦେଖେଇଥିଲେ ଜୀବନ ସାରା ଏମିତି ସନ୍ତାପରେ ଜଳି ନଥାନ୍ତେ ଆପଣ । ଆଜି ଯଦି କିଛି କହିବେନି, ଖୋଲିବାକୁ ଯାଉଥିବା ଏକ ନୂତନ ପର୍ଦ୍ଦ ଏଇଠି ମୁଦି ହୋଇଯିବ । ମୁଁ ସବୁ ଜାଣିସାରିଛି । ଚିତ୍ରା ମତେ ସବୁ କହିଛନ୍ତି, ଆଉ ତାଙ୍କ କଥାକୁ ପ୍ରମାଣିତ କରୁଛି ଏସବୁ ଦସ୍ତାବିଜ । ସେଥିପାଇଁ ମୋତେ ଆଉ କିଛି ଲୁଚେଇବାକୁ ଚେଷ୍ଟା କରନ୍ତୁନି ।

ଯଦି ଚିତ୍ରା ମତେ ଆପଣ ଦୁଇ ଜଣଙ୍କୁ ଏକାଠି କରିବାର ପ୍ରସ୍ତାବ ଦେଇନଥାନ୍ତେ ତେବେ ଏଇଠି ଏଇ କାହାଣୀର ଅନ୍ତ ହୋଇ ଯାଇଥାନ୍ତା ବୋଧେ । କିନ୍ତୁ ଏବେ ବି ବାଟଟିଏ ଅଛି ଆପଣ ଦୁଇ ଜଣଙ୍କୁ ଏକାଠି କରିବା ପାଇଁ । ଆଉ ଏଇ ଚିଠିଟା ପଢ଼ନ୍ତୁ । ସେ ତା ଡାଡିଙ୍କ ଚିଠିଟା ଧରେଇ ଦେଉଥିଲା ।

ପଢୁଥିଲେ ଅରୁଣ, ଶ୍ରଦ୍ଧାରେ ମୁଣ୍ଡ ନଇଁ ଯାଉଥିଲା ତାଙ୍କର । ଚିଠିଟା ପଢୁ ପଢୁ କହୁଥିଲେ ସେ, ମା'ରେ ତୁମ ମମି କାହିଁକି ମତେ ବାହା ହୋଇପାରିନଥିଲେ ଏବେ ବୁଝୁଛି । ମୁଁ ସବୁବେଳେ ଈଶ୍ୱରଙ୍କୁ ଡାକୁଥିଲି ତାଙ୍କ ପାଇଁ । ଦୁନିଆର ସବୁ ଭଲ ପାଇବା, ସ୍ନେହ ଶ୍ରଦ୍ଧା ତାଙ୍କୁ ମିଳୁ । ତାଙ୍କୁ ବି ମିଳିଥିଲା ତାପସ୍‌ଙ୍କ ରୂପରେ । ମୁଁ ତାଙ୍କୁ ସ୍ୱାମୀ ଭାବେ ଏତିକି ସ୍ନେହ କରି ପାରିଥାନ୍ତି କି ନାହିଁ ଜାଣିନି । ସେ ସୁରଭିଙ୍କୁ ଏତେ ଭଲ ପାଉଥିଲେ ଯେ ତାଙ୍କର ସବୁଠାରୁ ବଡ଼ ଭୁଲ୍‌କୁ କ୍ଷମା କରି ଦେଇଥିଲେ । ଚିଠିଟା ପଢ଼ି ସାରି ସ୍ୱଗତୋକ୍ତି କରୁଥିଲେ ।

Digitized by PPRACHIN, SOA

ତେଜୁ – ଚିଠିଟା ପଢ଼ିବା ପରେ କଣ ନିଷ୍ପତ୍ତି ନେଲେ ଅଙ୍କଲ୍ । ଆଗକୁ କଣ କରିବେ ।

ଅରୁଣ – ନିଷ୍ପତ୍ତି ମୁଁ କେବେଠାରୁ ନେଇ ସାରିଛି । ଯେଉଁଦିନ ତୁମ ଡାଡି ଚାଲିଗଲେ ସେବେଠାରୁ । ସୁରଭିଙ୍କୁ କିଛି ସମୟ ଦେଇଥିଲି ତାପସ୍‌ଙ୍କ ମୃତ୍ୟୁକୁ ଭୁଲିବା ପାଇଁ । ତାଙ୍କ ନିଃସଙ୍ଗତାକୁ ଦୂର କରିବା ପାଇଁ, ତାଙ୍କୁ ତାଙ୍କ ପ୍ରେମକୁ ଫେରାଇ ଦେବା ପାଇଁ, ତାଙ୍କ ଓଠରେ ହସ ଫୁଟାଇବା ପାଇଁ । ତାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ଏବେ ମୁଁ ପ୍ରସ୍ତୁତ ।

ଯଦି ସମାଜ ନଚାହେଁ ତେବେ ତାଙ୍କୁ ନେଇ ଚାଲିଯିବି ଯେଉଁଠି ଆମ ପରିଚୟ ଖୋଜିବାକୁ ନଥିବେ କେହି ।

ତେଜୁ – ଯଦି ମମି ମନା କରନ୍ତି ? ତେବେ...

ଅରୁଣ – ମୋ ସୁରଭିଙ୍କୁ ଜୀବନରେ ଗୋଟିଏ କଥା ମାଗିଥିଲି ମୁଁ, ସେ କଥା ଦେଇଥିଲେ, ଜୀବନର ଯେ କୌଣସି ମୁହୂର୍ତ୍ତରେ ଯେତେବେଳେ ମୁଁ ତାଙ୍କୁ ଦରକାର କରିବି ସେ ମୋ ସହିତ ରହିବେ । ସେଥିପାଇଁ ତାଙ୍କର ମନା କରିବାର କିଛି କାରଣ ନାହିଁ ।

ତେଜୁ – ତଥାପି ଯଦି ମନା କରିଦିଅନ୍ତି ?

ଅରୁଣ – ସୁରଭି କଥା ଦେଲେ କେବେ ବି ଭାଙ୍ଗନ୍ତିନି ।

ତେଜୁ ଡାକୁଥିଲେ ଚିତ୍ରାଙ୍କୁ, କହୁଥିଲେ ମିଠା ଖୁଆଇବନି କି ?

ସେ ଆସୁଥିଲେ ହସି ହସି, ଲାଜରେ ଲାଲ୍ ପଡୁଥିଲା ଅରୁଣଙ୍କ ମୁହଁ । ବୋହୂକୁ ସେ ମୁହଁ ଉଠାଇ ଚାହିଁ ପାରୁନଥିଲେ ।

ତେଜୁ ଉଠୁଥିଲା ଅରୁଣଙ୍କ ପାଦ ଛୁଇଁ । ସାଙ୍ଗରେ ନେଇ ଯାଉଥିଲା ସବୁ ଦସ୍ତାବିଜ ।

ନାଟକର ଘଟଣାବଳୀ ପରି ଘଟିଯାଉଥିଲା ସବୁ, ସୁରଭି ତାଙ୍କ ଜୀବନରେ ପୁଣି ଥରେ ଆସିବେ ସେକଥା ଭାବି ପାରୁନଥିଲେ ଅରୁଣ । ସୁରଭିଙ୍କୁ ଫୋନ୍ କରି କହିଦେବାକୁ ଇଚ୍ଛା ହେଉଥିଲା ତାଙ୍କର, ବ୍ୟାଣ୍ଡ ବାଜା ନେଇ ତୁମକୁ ଆଣି ପାରିନଥିଲି ବୋଲି ଏତେ ଅଭିମାନ କରିଥିଲ ପରା, ଏବେ ଯିବି ମନ୍ଦିରରେ ତୁମକୁ ସିନ୍ଦୂର ପିନ୍ଧେଇ ନେଇ ଆସିବି । ତୁମେ ହେବ ମୋ ସ୍ତ୍ରୀ । ଅରୁଣର ସୁରଭି ।

ତେଜୁ ପହଞ୍ଚି ଯାଇଥିଲା ଘରେ । ମମିଙ୍କ ଖାଇବା ପିଇବା କଥା ନ ବୁଝି ଚାଲି ଯାଇଥିବାରୁ କ୍ଷମା ମାଗି ନେଇଥିଲା ତାଙ୍କ ଠାରୁ । ଦୁଇ ଦିନ ପାଇଁ ନଟ ଅଉ ମିନିକୁ ସେ ଘରୁ ବାହାରକୁ ପଠେଇବାକୁ ବ୍ୟବସ୍ଥା କଲା । କାରଣ ମମିଙ୍କ ସହିତ ଅନେକ ବ୍ୟକ୍ତିଗତ କଥା ତାର ଗପିବାର ଥିଲା । ମମି କଣ ଚାହାଁନ୍ତି, ସେ କଥା ବି ଜାଣିବାର ଥିଲା ।

Digitized by PPRACHIN, SOA

ସେଥିପାଇଁ ସେ ଦୁଇ ଜଣଙ୍କୁ ପାଖରେ ଥିବା ସେମାନଙ୍କ ବନ୍ଧୁବାନ୍ଧବଙ୍କ ଘରକୁ ଗାଡ଼ି କରି ପଠେଇଦେଲା । ସୁରଭି ବୁଝି ପାରୁନଥିଲେ କଣ ଚାଲିଛି । ତାଙ୍କୁ କିଛି ବି କହିବାକୁ ଦେଉ ନଥିଲା ତେଜୁ । ସେ ସବୁବେଳେ ସେମିତି, ଘରେ ତା ଇଛା ଉପରେ କାହାର ଜୋର୍ ଚାଲିବାକୁ ଦିଏନା । ଚୁପ୍ ରହୁଥିଲେ ସୁରଭି ।

ନଟ ଆଉ ମିନି ଚାଲି ଯାଇଥିଲେ । ଯିବା ପୂର୍ବରୁ ରାତି ପାଇଁ ଖାଇବା ରାନ୍ଧି ଦେଇଥିଲେ । ସନ୍ଧ୍ୟା ଧୂପ ଦେଇ ସାରିଥିଲେ ସୁରଭି । ତାଙ୍କୁ ଡାକିନେଲା ତେଜୁ ବେଡ୍‌ରୁମ୍‌କୁ । ସିଧା ସିଧା କଥା ଆରମ୍ଭ କରିଲା । ଆଉ ପାଞ୍ଚ ଦିନ ପରେ ଚାଲିଯିବି ମୁଁ ଦିଲ୍ଲୀ ।

ସୁରଭି - ଆଉ କିଛି ଦିନ ରହୁନୁ, ମୋତେ ଭଲ ଲାଗନ୍ତା । ତୋ ଡାଡି ଚାଲିଗଲା ପରେ ଜୀବନଟା ନିଃସଙ୍ଗ ହୋଇଯାଉଛି ଧୀରେ ଧୀରେ । କହୁଥିଲେ ସୁରଭି ।

ତେଜୁ - ମମି, ଅରୁଣ ଅଙ୍କଲ୍‌ଙ୍କ ସାଙ୍ଗରେ ଆଜି ଦେଖା କରିଥିଲି । ସେ ବି ଆଣ୍ଟି ଚାଲିଯିବା ପରେ ଏକୁଟିଆ ହୋଇଯାଇଛନ୍ତି । ତୁମେ ଦୁହେଁ ଯଦି....

ଚିତ୍କାର କରି ଉଠିଥିଲେ ସୁରଭି, ଆହତ ସିଂହୀ ଭଳି, କଣ କହୁଛୁ ତେଜୁ ।

ତେଜୁ ବି ସିଂହୀ ଛୁଆ, ସେ ବି ଜୋର୍‌ରେ କହିବା ଆରମ୍ଭ କରିଦେଲା, ତୁମେ ଦୁଇ ଜଣ ଏତେ ବର୍ଷ ପରେ ବି ପରସ୍ପରକୁ ଭୁଲିନ । ସେ ତାଙ୍କ ସ୍ତ୍ରୀ ଥାଇ ଆଉ ତୁମେ ତୁମ ସ୍ୱାମୀ ଥାଇ ବି ଉଭୟେ ଉଭୟଙ୍କ ପାଇଁ ବିନା ବାକ୍ୟବ୍ୟୟରେ ପ୍ରତୀକ୍ଷା କରୁଛ ମୃତ୍ୟୁକୁ ଦୀର୍ଘ ଦିନ ଧରି । କାହିଁକି ମମି, ଏତେ ଭୟ କାହାକୁ । ମୁଁ ତୁମ ଝିଅ, ରାଜି ଅଛି ଏ ସମ୍ପର୍କକୁ ନେଇ, ତାଙ୍କ ଘରେ ସମସ୍ତେ ରାଜି ଅଛନ୍ତି । ସେ ବି ରାଜି, ତା ପରେ ବି ଆମ ଆଗରେ ମହାନ୍ ହେବାର ଏ ନାଟକ କାହିଁକି ? ତୁମେ ତାଙ୍କୁ ପସନ୍ଦ କର, ଆଉ ସେ ତୁମକୁ ପସନ୍ଦ କରନ୍ତି, ଏକାଠି ରହିବା ପାଇଁ ଏହା ଠାରୁ ଜରୁରୀ ଆଉ କିଛି ନୁହେଁ । ତୁମେ ମନା କରୁଛ କାହିଁକି ?

ସୁରଭି - କାରଣ ମୁଁ ତୋ ଡାଡିଙ୍କର ସ୍ତ୍ରୀ ହୋଇ ରହିବାକୁ ଚାହେଁ । ଅରୁଣଙ୍କୁ ମୋ ଜୀବନରେ ଆସିବାକୁ ଦେଇ ପାରିବିନି ।

ଏମିତି ଅନେକ ସମୟ କଥା କଟାକଟି ପରେ କିଛି ବି ନିଷ୍କର୍ଷ ବାହାରି ନଥିଲା ମା' ଝିଅଙ୍କ ଯୁକ୍ତିରୁ । ଯିଏ ଯାହା ରୁମ୍‌ରେ ପଶି ଯାଇଥିଲେ କବାଟ ବନ୍ଦ କରି ।

ସୁରଭି କାନ୍ଦୁଥିଲେ ତାପସ୍‌ଙ୍କ ଫଟୋଟା ଧରି । କହୁଥିଲେ କେମିତି ମୁକ୍ତ କରି ଦେଇପାରିବ ତୁମେ ମୋତେ ତୁମ ବନ୍ଧନରୁ । ତୁମେ କିଏ ମତେ ମୁକ୍ତ କରିବାକୁ । ମୁଁ କେବଳ ତୁମ ବନ୍ଧନରେ ବାନ୍ଧି ହୋଇ ରହିବାକୁ ଚାହେଁ ମୃତ୍ୟୁ ପର୍ଯ୍ୟନ୍ତ । ଆଖି ଲୁହ ସବୁ ଟପ୍ ଟପ୍ ହୋଇ ପଡୁଥିଲା ବନ୍ଧେଇ ଫଟୋଟି ଉପରେ । ଅଭିମାନର ନା ଅନୁତାପର

Digitized by PPRACHIN, SOA

ସେଇଟା କେବଳ ସେ ନିଜେ ଜାଣିଥିଲେ । ସକାଳ ପାହି ଯାଇଥିଲା, ମା' ଝିଅ ଉଭୟ ଉଠିଥିଲେ କିନ୍ତୁ କିଛି କଥା ହେଉନଥିଲେ କେହି କାହା ସହିତ । ଫୁଲ ନେଇ ରଖି ଆସିଥିଲା ତେଜୁ । ସୁରଭି ତାକୁ ରାଗିକି ଚାହୁଁଥିଲେ ।

ଚିତ୍ରା ଫୋନ୍ କରୁଥିଲେ, କିନ୍ତୁ ତେଜୁ ଫୋନ୍ ଉଠାଉ ନଥିଲା । ସେପଟେ ତାକୁ ଅରୁଣ ପଚାରି ପଚାରି ବ୍ୟସ୍ତ କରି ଦେଉଥିଲେ । କାଲି ରାତିରେ ସ୍ୱାମୀଙ୍କୁ ଏ ପ୍ରସ୍ତାବ ସପକ୍ଷରେ ଆଣିବା ପାଇଁ କେତେ କଷ୍ଟ କରିବାକୁ ପଡ଼ିଥିଲା ଚିତ୍ରାଙ୍କୁ । ଏପଟେ ତେଜୁ ଫୋନ୍ ଧରୁନଥିଲା । ବ୍ୟସ୍ତ ହୋଇ ପଡୁଥିଲେ ସେ । ଅରୁଣ ମଧ୍ୟ ବେଶି ସମୟ ଅପେକ୍ଷା କରି ପାରିନଥିଲେ । ଦ୍ୱିପହରରେ ବୋହୂକୁ ଧରି ସେ ବାହାରି ପଡ଼ିଥିଲେ ସୁରଭିଙ୍କ ପାଖକୁ । ଅଭିମାନିନୀ ପ୍ରିୟାକୁ ବୁଝେଇବାକୁ ପଡ଼ିବ । ଝିଅ ପାଖେ କଣ ସହଜରେ ରାଜି ହେବେ ସୁରଭି, ତାଙ୍କୁ ଯିବାକୁ ପଡ଼ିବ । ଆଜି ବି ମନେ ପଡୁଥିଲା ସୁରଭିଙ୍କ ଥମ୍ ଥମ୍ ମୁହଁଟା, ଯେଉଁଦିନ ସେ ତାଙ୍କୁ ଛାଡ଼ି ଚାଲି ଯିବା ପାଇଁ କହିଥିଲେ । କେମିତି ଭୁଲିବେ ସୁରଭି, ତାଙ୍କ ଅରୁଣ ତାଙ୍କୁ ପର କରି ଦେଇଥିଲା ଗୋଟିଏ ପଦ କଥା କହି ।

ସେ ଜାଣିଥିଲେ ଆଉ କେହି ରାଜି କରେଇ ପାରିବେନି ସୁରଭିଙ୍କୁ ତାଙ୍କ ବିନା । ବାଟରୁ ଗୋଟେ ବାଇଗଣୀ ଟୁଲିପ୍‌ର ତୋଡ଼ା ନେଇ ପହଞ୍ଚି ଯାଇଥିଲେ ସୁରଭିଙ୍କ ଘର ଆଗରେ । କେମିତି ଗୋଟେ ଅଜଣା ଭୟ ଆଉ ରୋମାଞ୍ଚ ମନ ଭିତରେ ସୃଷ୍ଟି ହେଉଥିଲା । କଣ କହିବେ ସେ, କେଉଁଠୁ ଆରମ୍ଭ କରିବେ । ସୁରଭି ଯଦି ପୁରୁଣା କଥାକୁ ଧରି ବସନ୍ତି, ତେବେ ! ଗେଟ୍ ଖୋଲି ପଶୁ ପଶୁ ଭାବୁଥାନ୍ତି, ଆଜି ଯେମିତି ହେଉ ସୁରଭିଙ୍କୁ ସେ ମନେଇ ନେବେ । ତାଙ୍କର କିଛି କଥା ଶୁଣିବେନି ।

କଲିଂବେଲ୍ ଟିପି ଠିଆ ହେଲେ ଦୁହେଁ । ତେଜୁ ଆସି କବାଟ ଖୋଲିଲା । ବାହାରେ ଠିଆ ହୋଇ ରହିଲେ ଅରୁଣ । ତେଜୁ ଭିତରକୁ ଡାକୁଥିଲା । ସେ କହୁଥିଲେ ସୁରଭି ନ କହିଲେ ସେ ଯିବେ ନାହିଁ ଭିତରକୁ । ସୁରଭି ପରଦା ସେପଟୁ କହୁଥିଲେ ମୋ ଘରେ ଅତିଥି ବାହାରେ ଠିଆ ହୋଇ ରୁହନ୍ତି ନାହିଁ, ତାଙ୍କୁ ଭିତରକୁ ଆସିବାକୁ କହ ତେଜୁ ।

ଅରୁଣ ଭିତରକୁ ଆସୁଥିଲେ । ସୌଜନ୍ୟମୂଳକ ଭାବେ ପାଣି ଗ୍ଲାସେ ପିଇ ଚିତ୍ରା ଉଭୟଙ୍କୁ ଏକାଠି ଛାଡ଼ି ବଗିଚା ଆଡ଼େ ବାହାରିଲେ । ତାଙ୍କ ସାଙ୍ଗରେ ତେଜୁ ।

ଡ୍ରଇଂ ରୁମ୍‌ର ସୋଫା ଉପରେ ଅରୁଣ । ପରଦା ସେପଟେ ସୁରଭି ।

ସାରା ଘରର ପରିପାଟୀ ଖୁବ୍ ମାର୍ଜିତ, ସୁରଭିଙ୍କ ପସନ୍ଦରେ ସଜା ହୋଇଥିବା ଅନୁଭବ

Digitized by PPRACHIN, SOA

କରି ପାରୁଥିଲେ ସେ । କେହି କାହାକୁ କିଛି କହୁନଥାନ୍ତି । ସେମିତି ନିରବରେ ବିତି ଯାଉଥାଏ ମୁହୂର୍ତ୍ତ ପରେ ମୁହୂର୍ତ୍ତ ।

ଆରମ୍ଭ କଲେ ଅରୁଣ । ଅତିଥିଙ୍କୁ ଏମିତି ବସେଇ ସେଠି କାହିଁକି ଠିଆ ହୋଇ ରହିଲ ସୁରଭି । କିଛି କଥା ହେବନି ?

ସୁରଭି – ଆପଣଙ୍କ ପାଖରେ ମୁଁ କୃତଜ୍ଞ । ମୋ ସ୍ୱାମୀଙ୍କୁ କିଡ୍‌ନୀ ଦେଇ ମତେ ଋଣୀ କରିଛନ୍ତି । ମୁଁ କେବେ ବି ଆପଣଙ୍କ ଉପକାର ଭୁଲିବିନି ।

ଅରୁଣ – ଆଉ କିଛି କହିବନି । ତୁମ କଥା ଶୁଣିବାକୁ ଆସିଛି ।

ସୁରଭି – ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୋ ନାତି ଅଶ୍ୱିନୀ ଏବଂ ଆପଣଙ୍କ ନାତୁଣୀ ସାନିର ବିବାହରେ କୌଣସି ପ୍ରତିବନ୍ଧକ ହେବାକୁ ଦେବିନି । ଯଦି ସେମାନେ ନିଜେ ଚାହିଁବେ ଅଲଗା ହେବାକୁ ମୁଁ କିଛି କରିପାରିବିନି ।

ଅରୁଣ – ଆଉ ଆମ ସମ୍ପର୍କକୁ ନେଇ କିଛି କହିବନି ।

ସୁରଭି – 'ଆମେ' ଆଉ 'ଆମେ' ହୋଇ ନାହେଁ । ବହୁତ ବର୍ଷ ତଳୁ ଅଲଗା ହୋଇଯାଇଛି ଆମ ରାସ୍ତା । 'ମୁଁ' ଆଉ 'ଆପଣ' ହୋଇଯାଇଛେ ।

ଅରୁଣ – ଏବେ ତୁମେ ଚାହିଁଲେ 'ମୁଁ' ଆଉ 'ଆପଣ'ରୁ 'ଆମେ' ହୋଇପାରିବା ।

ସୁରଭି ପାଦଟା ଦୃଢ଼ କରି ରଖୁଥିଲେ ମାର୍ବଲ ଚଟାଣ ଉପରେ । ଅରୁଣ ଦେଖୁଥିଲେ ତାଙ୍କ ପାଦକୁ । କଳାଜାଇଟା ଏବେ ବି ଖୁବ୍ ସୁନ୍ଦର ଦିଶୁଥିଲା ତାଙ୍କ ଗୋଡ଼ରେ ।

ଅରୁଣ – ସୁରଭି, ମୁଁ ଆସିଛି ତୁମକୁ ନେଇଯିବାକୁ । ମନେ ଅଛି ତୁମର, ମତେ କଥା ଦେଇଥିଲ ଜୀବନରେ ଆମେ ଯେଉଁ ମୁହୂର୍ତ୍ତରେ ପରସ୍ପରକୁ ଦରକାର କରିବା ଉଭୟେ ଚାଲିଆସିବା ପରସ୍ପରର ପାଖକୁ । ଆଜି ତ ଆଉ କିଛି ବନ୍ଧନ ନାହିଁ ଆମ ପାଇଁ ।

ସୁରଭି – ଯଦି ତୁମ ସ୍ତ୍ରୀ ବଞ୍ଚିଥାନ୍ତେ, ଆଉ ମୁଁ ତୁମ ପାଖକୁ ଯାଇଥାନ୍ତି ପ୍ରେମର ଭିକ୍ଷା ନେଇ, ଗ୍ରହଣ କରି ପାରିଥାନ୍ତ ତୁମେ ମୋତେ ।

ଅରୁଣ – ସେଥିପାଇଁ ତ ତାପସ୍‌ଙ୍କ ଯିବା ପରେ ତୁମ ପାଖକୁ ଆସିଛି, ନେଇଯିବି ବୋଲି ସାଙ୍ଗରେ । ଆମେ ଦୁହେଁ ନିଃସଙ୍ଗତାରୁ ମୁକ୍ତି ପାଇଯିବା ।

ସୁରଭି – କିଏ କହିଲା ମୁଁ ନିଃସଙ୍ଗ ।

ଅରୁଣ – ସମୟ ଆଉ ପରିସ୍ଥିତି ଆମକୁ ଅଲଗା କରି ଦେଇଥିଲା, ଏବେ ପରଦା

Digitized by PPRACHIN, SOA

ଆଡୁଆଳରୁ ବାହାରି ଆସ ସୁରଭି । ଦେଖ, ତୁମ ଅରୁଣକୁ ମନ ପୂରେଇ, ଖାଲି ଚୁଟି ପାଚିଯାଇଛି, ଚମ ଲୋଚାକୋଚା ହୋଇଗଲାଣି । ହେଲେ ତୁମେ ଏବେ ବି ତାଜା ହୋଇ ରହିଛ ଏଇ ମନରେ । ଆଉ ଥରେ ସୁଯୋଗ ଦିଅ ।

ସୁରଭି – ମୁଁ ତାପସ୍‌ଙ୍କର । ମୁଁ ଦ୍ୱିଖଣ୍ଡିତା ହୋଇ ପାରିବିନି । ନାରୀ କଣ ବାଣ୍ଟି ହୋଇପାରେ ? ଆଜି କାହିଁକି ଏତେ ଦୟା ।

ଅରୁଣ – ଦୟା ନୁହେଁ । ପ୍ରତୀକ୍ଷାର ଅନ୍ତ । ତୁମ ସ୍ୱାମୀ ବି ତୁମକୁ ମୁକ୍ତ କରି ଦେଇଛନ୍ତି ତାଙ୍କ ବନ୍ଧନରୁ । ତାଙ୍କର ଇଚ୍ଛା ଥିଲା ଯଦି କେବେ ମୁଁ ଆସେ, ତେବେ ତୁମେ ମତେ ଗ୍ରହଣ କରିନେବ ।

ପରଦା ଆଡ଼େଇ ବାହାରି ଆସିଥିଲେ ସୁରଭି, କଣ କହିଲ ତୁମେ । ତାଙ୍କ ଇଚ୍ଛା ଥିଲା ତୁମ ପାଖକୁ ଚାଲିଯିବି, ସେଥିପାଇଁ ମୁଁ ତୁମକୁ ପୁନଃବିବାହ କରିବି ? ବାଃ, ବହୁତ ଭଲ, ତୁମର ଇଚ୍ଛା ହେଲା ଅଧା ବାଟରେ ଛାଡ଼ିଦେଲ । ସେ ଇଚ୍ଛା କଲେ ତୁମ ପାଖକୁ ପଠେଇ ଦେବାକୁ । କିଏ ତୁମେ ମାନେ । ମୋ ଜୀବନ ବିଷୟରେ ନିଷ୍ପତ୍ତି ନେବା ପାଇଁ ତୁମକୁ କିଏ ଅଧିକାର ଦେଲା । ମୁଁ ସୁରଭି, ମୋର ପରିଚୟ ହେଉଛି ମୁଁ ଜଣେ ନାରୀ । ମୁଁ ତାପସ୍‌ଙ୍କ ସ୍ତ୍ରୀ । ଅରୁଣଙ୍କ ପ୍ରେମିକା ହୋଇ ରହିବି ସାରାଜୀବନ । ଏ ନିଜସ୍ୱ ପରିଚୟ ମୋର । ସମାଜକୁ ଡରି ଆଉ କେତେ ବା ନିଜକୁ ଧୋକା ଦେବି । ହଁ, ଆଜି ମୁଁ କଣ୍ଠ ଫଟେଇ କହିପାରିବି ମୁଁ ସୁରଭି, କେବଳ ନିଜ ପାଇଁ ବଞ୍ଚିବାକୁ ଚାହେଁ । ମୁଁ ଅରୁଣ ଆଉ ତାପସ୍ ଉଭୟଙ୍କ ଜୀବନରେ ଏକ ପ୍ରବହମାନ ନଦୀ, ଯିଏ ତାର ଗତିପଥକୁ ପରିବର୍ତ୍ତନ କରିପାରିବନି । କେବେ ବି ନୁହେଁ ।

ଅରୁଣ – ଆଜି ମତେ ଫେରେଇ ଦିଅନି ସୁରଭି । ଆସ, ତୁମ ଅରୁଣ ତୁମକୁ ଅପେକ୍ଷା କରିଛି । ମୋ ହାତ ଧରି ଚାଲି ଆସ ।

ସୁରଭି – ସ୍ତ୍ରୀ ନୁହେଁ, କେବଳ ପ୍ରେମିକାଟିଏ ହୋଇ ବଞ୍ଚିବାକୁ ଚାହେଁ ତୁମର । ଦେଇପାରିବ ସେ ସମ୍ମାନ । କହିପାରିବ ସମାଜ ଆଗରେ କେବଳ ସୁରଭିକୁ ହିଁ ତୁମେ ପ୍ରେମ କରିଛ ସାରାଜୀବନ । କାଲି ବି ସେ ତୁମର ଥିଲା, ଆଜି ବି ତୁମର ।

ଅରୁଣ – ଆଜି ତୁମ ପାଖରେ ପତ୍ନୀ ହେବାର ସୁଯୋଗ ଅଛି ସୁରଭି, କେବଳ ପ୍ରେମିକା କାହିଁକି ? ତୁମର ଶବ୍ଦ ସବୁ ମତେ ଯନ୍ତ୍ରଣା ଦେଇଛି, ମୁଁ ଭୁଲ୍ କରିଛି, ଆଜି ମୋ ଭୁଲ୍‌କୁ ସୁଧାରିବାକୁ ଚାହେଁ, ଥରେ ମାତ୍ର ସୁଯୋଗ ଦିଅ ।

Digitized by PPRACHIN, SOA

ସୁରଭି – ଭଲ ହେଲା ମୋର ମନର କଥା ଅଜାଣତରେ ହେଉ ପଛେ ତୁମ ପାଖେ ପହଞ୍ଚିଗଲା ଅରୁଣ । ମୋ ଡାଏରି 'ସୁରଭିର ଅରୁଣ'ର ପ୍ରତ୍ୟେକ ଶବ୍ଦରୁ କଣ ବୁଝିଲ ?

ଅରୁଣ – ବୁଝିଲି ଯେ ତୁମେ କେବଳ ମୋର ହିଁ ଥିଲ ।

ସୁରଭି – ନା, ତୁମେ ବୁଝିବାରେ ଭୁଲ୍ କରିଦେଲ ଅରୁଣ । ତୁମେ ସୁରଭି ପାଇଁ ଏକ ଅନୁଭବ ଥିଲ, ରହିଛ ଆଉ ରହିବ ମଧ୍ୟ । ଅରୁଣ ଏକ ନିଚ୍ଛକ ସତ୍ୟ ଅନୁଭବ ସବୁ ସୁରଭିଙ୍କ ପାଇଁ । ଯାହାକୁ କେବଳ ମନରେ, ଭାବନାରେ ସାଇତି ରଖା ଯାଇପାରେ । ବାସ୍ତବରେ ଗ୍ରହଣ କରିହୁଏନା । ଫେରିଯାଅ ଅରୁଣ ପଛପାଦ ହୋଇ ।

ଅରୁଣ – ଆଜି ମୁଁ ଫେରି ଯିବାକୁ ଆସିନି । ତୁମେ ମୋର, ଆଜି ସେ ସ୍ୱୀକୃତି ଦେବା ପାଇଁ ଆସିଛି ।

ସୁରଭି – ମୁଁ ତୁମର, ସବୁଦିନ ପାଇଁ ତୁମର ଅରୁଣ, କିନ୍ତୁ ମୁଁ ତୁମକୁ କେବଳ ମୋ ଅନୁଭବରେ ବଞ୍ଚେଇ ରଖିବାକୁ ଚାହେଁ । ବାଲକୋନି ପଟକୁ ଚାହିଁ କହୁଥିଲେ, ସେଇ ଅସ୍ତଗାମୀ ଅରୁଣଙ୍କୁ ଦେଖିପାରୁଛ । ସେ ତାଙ୍କ ଲାଲିମାରେ କେମିତି ପଶ୍ଚିମ ଦିଗଟାକୁ ସୁନ୍ଦର କରି ସଜେଇ ଦେଇଛନ୍ତି । ଯେଉଁଠି କେବଳ ମେଞ୍ଚାଏ ଲାଲ୍ ରଙ୍ଗ ନେସି ହୋଇଯାଇଛି ଆକାଶରେ । ରକ୍ତିମ ପଳାଶ ଫୁଲ ପରି, ଯିଏ ତାର ସୌନ୍ଦର୍ଯ୍ୟରେ ବିମୁଗ୍ଧ କରି ଦେଇପାରେ, କିନ୍ତୁ ତାର ବାସ୍ନାହୀନତା ମୁହୂର୍ତ୍ତକରେ ମଣିଷର ସମ୍ମୋହନକୁ ଭାଙ୍ଗିଦିଏ । ତୁମ ସୁରଭି ଠିକ୍ ସେଇ ଅସ୍ତାରୁଣର ବାସ୍ନାହୀନ ରଙ୍ଗ ଭଳି । ଯିଏ କେବଳ ଦୂରରୁ ଆକର୍ଷିତ କରିପାରେ ଗୋଟେ ପ୍ରେମିକା ଭଳି, କିନ୍ତୁ ସ୍ୱୀକୃତି ପାଇପାରେନି ଅର୍ଦ୍ଧାଙ୍ଗିନୀର । ତୁମର ଏଇ ପଳାଶକୁ ମଥାରେ ଚଢ଼େଇଥିବା ମୋ ତାପସ୍‌ଙ୍କୁ ମୁଁ ଛାଡ଼ିପାରିବିନି ।

ଅରୁଣ – ସେ ତ ଏବେ ନାହାନ୍ତି ।

ସୁରଭି – କିଏ କହିଲା ? ସେଇଠି ତୁମ ପାଖରେ ତ ବସି ମତେ ଚାହିଁ ହସୁଛନ୍ତି । କାହାକୁ ଭଲ ପାଇବା ପାଇଁ ତାର ଶାରୀରିକ ଉପସ୍ଥିତି କଣ ଜରୁରୀ ଅରୁଣ, ତୁମକୁ ତ ନଦେଖି ବର୍ଷ ବର୍ଷ ଏଇ ହୃଦୟରେ ସାଇତି ରଖି ପାରିଛି । ମୋ ତାପସ୍‌ଙ୍କୁ କେମିତି ଅଲଗା କରିପାରିବି ମୋଠାରୁ ।

ଅରୁଣ – ହେଲେ ସୁରଭି, ସତ୍ୟତାକୁ ମାନି ନେବା ହିଁ ଜୀବନ ।

ସୁରଭି – ସାରା ଜୀବନ ସ୍ୱପ୍ନାବିଷ୍ଟ ହୋଇ ବଞ୍ଚିବା ପରେ ସତ୍ୟତା କିଛି ପ୍ରଭାବ ପକାଇ ପାରୁନି ମୋ ଉପରେ ଅରୁଣ । ମୁଁ କଥା ଦେଇ କଥା ଭାଙ୍ଗି ପାରେନା । ତାପସ୍‌ଙ୍କୁ

Digitized by PPRACHIN, SOA

କହିଥିଲି ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କର ହୋଇ ରହିବି । ତୁମକୁ ବି କଥା ଦେଇଥିଲି ତୁମଠୁ କେବେ ନିଜକୁ ଅଲଗା କରିପାରିବିନି । ନିଜେ ପଛେ ତ୍ରିଶଙ୍କୁ ହୋଇଗଲି, ଭିନ୍ନ କରିପାରିଲିନି କାହାକୁ ।

ଅରୁଣ – ପ୍ରତିଶୋଧ ନେଉଛ ସୁରଭି, ପଇଁଚାଳିଶ ବର୍ଷ ତଳର ।

ସୁରଭି – କିଏ କହିଲା ? ନିଜ ଉପରେ କିଏ କଣ କେବେ ପ୍ରତିଶୋଧ ନେଇପାରେ । ତୁମେ ଅଭିନ୍ନ ଅରୁଣ । ତୁମେ ଯାଅ, ପ୍ରତୀକ୍ଷା ସରିନି ଏବେ ବି, ମୋ ସମାଧି ତୁମକୁ ଅପେକ୍ଷା କରିବ ।

ଅରୁଣ – ସୁରଭି, ତୁମର ମନେ ଅଛି ଆମ ପ୍ରଥମ ଦେଖା । ପ୍ରଥମ ଦିନ କଲେଜରେ । ଚୁପ୍‌ଚାପ୍ ଠିଆ ହୋଇଥିଲ, ଆଉ ମୁଁ ଆସି ପହଞ୍ଚି ଥିଲି । କେତେ ସମୟ ଧରି ଆମେ ସେଇଠି ଏକୁଟିଆ ଥିଲେ । ଦୁହେଁ ଦୁଇଟି ଖୁଣ୍ଟ ପାଖେ ଠିଆ ହୋଇଥିଲେ । ପ୍ରଥମ ଦେଖାରେ ପସନ୍ଦ ଆସି ଯାଇଥିଲ ତୁମେ । ତୁମେ ନଜର ହଟେଇ ନେଲ, ହେଲେ ମୁଁ ତୁମକୁ ସେମିତି ଚାହିଁ ରହିଥିଲି । ପରେ ପରେ ସବୁ ସାଙ୍ଗ କଲେଜ୍ ଆସିଗଲେ । କିନ୍ତୁ ତୁମେ ମନରେ ଘର କରିନେଲ ।

ସୁରଭି – ଆଉ ତା ପରେ ତୁମେ ଦିନ ଦିନ ଧରି ଦଉଡ଼ିଲ ମୋ ପଛରେ, ମୋ ଠାରୁ ସମ୍ମତିଟିଏ ନପାଇବା ପର୍ଯ୍ୟନ୍ତ ।

ଅରୁଣ – ତୁମ ସରଳତା ଆଉ ଗାମ୍ଭୀର୍ଯ୍ୟ ମତେ ତୁମ ଆଡ଼କୁ ଆକର୍ଷିତ କରୁଥିଲା ବାରମ୍ବାର ।

ସୁରଭି – ମତେ କିନ୍ତୁ ତୁମର ବେପରୱା ଜୀବନଶୈଳୀ ଥିଲା ବହୁତ ପସନ୍ଦ ।

ଅରୁଣ – ସେଥିପାଇଁ ତ ଆମେ ପରସ୍ପରର ଏତେ ନିଜର ହୋଇପାରିଲେ ।

ସୁରଭି – ଆଉ ବୋଧେ ସେଥିପାଇଁ ଅଧା ବାଟରେ ହାତ ଛାଡ଼ି ଦେଇଥିଲ ।

ଅରୁଣ – ସୁରଭି, ନାରୀ ସର୍ବଦା ନମନୀୟ । ଯେଉଁ ଦିନ ସେ ତାର ଜିଦ୍‌ରେ ଅଟଳ ହୋଇଯାଏ ସେଦିନ ସାରା ସୃଷ୍ଟି ଦୋହଲାଇ ଦିଏ । ମୁଁ ଯେଉଁ ସୁରଭିଙ୍କୁ ଜାଣିଛି, ସେ କଣ ତୁମେ ? ମୋ ସୁରଭି ଆଖିରୁ ମନର କଥା ବୁଝିପାରନ୍ତି ।

ସୁରଭି – ନା, ମୁଁ ସେ ସୁରଭି ନୁହେଁ । 'ମୁଁ' କେବଳ ମୋର ପରିଚୟ ।

ଅରୁଣ – କି ଆସ୍ପର୍ଦ୍ଧା । ନାରୀ ପାଖରେ ଏ ଆସ୍ପର୍ଦ୍ଧା ଶୋଭା ପାଏନି ।

Digitized by PPRACHIN, SOA

ସୁରଭି – ଏଇ ଆସ୍ପର୍ଦ୍ଧା ଟିକକ ଦେଖାଇଥିଲେ ସମାଜର ଦ୍ୱାହି ଦେଇ ସମସ୍ତେ ନିଜ ନିଜ ବାଟରେ ମୋତେ ମୋ ସ୍ୱପ୍ନରୁ ବଞ୍ଚିତ କରିବାର ସାହସ କରି ପାରିନଥାନ୍ତେ ।

ଅରୁଣ – ଆଜି ତ ମୁଁ ଆସିଛି, ତୁମ ଅଧାଗଢ଼ା ଘରକୁ ତୋଳିବା ପାଇଁ, ତୁମର ସବୁ ସ୍ୱପ୍ନକୁ ପୂରଣ କରିବା ପାଇଁ ।

ହେଲେ କାହିଁକି ? ମୁଁ ପରିଣୀତା ତାପସଙ୍କର । ସମାଜକୁ ଆଜି କ'ଣ ଡରୁନ ଅରୁଣ ? ତୁମେ କେବେଠୁ ସୁରଭି ଜୀବନରେ ଅସ୍ତ ହୋଇ ସାରିଛ । ଅସ୍ତ ଅରୁଣ ତା'ର ରଙ୍ଗରେ ଭିଜେଇ ଦେଇପାରେ ଏ ସାରା ସଂସାରକୁ । ହେଲେ ସେ ଯେ ବାସ୍ନାହୀନ । ମୁଁ ବି ତୁମ ପାଇଁ ସେମିତି । ମୁଁ ତୁମ ପ୍ରେମର ଫଲ୍‌ଗୁରେ ହୋଲି ଖେଳିବାର ସମୟକୁ କେବେଠୁ ଅତିକ୍ରାନ୍ତ କରି ସାରିଛି । ଆଉ ତୁମ ଜୀବନରେ ବାସ୍ନା ଭରି ଦେବାକୁ ମୋ ହୃଦୟରେ ସ୍ପନ୍ଦନ ନାହିଁ । ତୁମ ଲୋହିତ ରଙ୍ଗର ଆବରଣରୁ ମୁକ୍ତ କର ଏଇ ଅସ୍ତାରୁଣର ସୁରଭିକୁ । ସ୍ୱରଟା ନଇଁ ଆସୁଥିଲା ତାଙ୍କର ।

ସୁରଭି ପରଦା ଆଢୁଆଳକୁ ଚାଲି ଯାଇଥିଲେ । ସ୍ୱପ୍ନ ସବୁ ପୁଣିଥରେ ଭାଙ୍ଗିବା ଆରମ୍ଭ କରିଥିଲେ । ଛାତିଟାକୁ ଧରି ବସି ଯାଇଥିଲେ ଅରୁଣ । ଚିତ୍ରା ଆସି ତାଙ୍କୁ ଉଠେଇ ନେଇ ଯାଇଥିଲେ । ଆକାଶରୁ ଲିଭି ଯାଉଥିଲା ଅସ୍ତାଚଳଗାମୀ ସୂର୍ଯ୍ୟଙ୍କର ଆଭା । ଲାଲ୍ ରଙ୍ଗଟା ମଳିନ ପଡୁଥିଲା ଧୀରେ ଧୀରେ । ଆଉ ମହଳଣ ପଡ଼ି ଆସୁଥିଲେ ବାଇଗଣୀ ରଙ୍ଗର ଫୁଲଗୁଡ଼ାକ । ତେଜୁ ଦେଖୁଥିଲା ତା' ମମିଙ୍କୁ- ଅରୁଣ ଅଙ୍କଲ୍ ଯେଉଁଠି ଠିଆ ହୋଇଥିଲେ ସେଠୁ ଧୂଳି ନେଇ ମୁଣ୍ଡରେ ମାରୁଥିଲେ ତା' ମମି, ସେ ଚାଲିଯିବା ପରେ । ଆଖିରେ ତାଙ୍କର ଥିଲା ଶ୍ରାବଣର ବନ୍ୟା । ବିସ୍ମିତ ହୋଇ ଚାହିଁ ରହିଥିଲା ତେଜୁ । ମନେ ମନେ ଭାବୁଥିଲା- ପ୍ରେମର ସଂଜ୍ଞା କ'ଣ କି ? ଜଣେ ଜଳିବ, ଆଉ ଜଣେ ପାଉଁଶ ହେବ – ଏୟା ତ ? ଏଇ ଦୁଇ ଜଣ ଆଉ କ'ଣ କରୁଛନ୍ତି ଯେ । ମନୋବିଜ୍ଞାନର ଛାତ୍ରୀ ହୋଇ ସେ ଫେଲ୍ ମାରୁଥିଲା ଉଭୟ ତା' ମମି ଆଉ ଅରୁଣ ଅଙ୍କଲ୍‌ଙ୍କୁ ବୁଝିବାରେ ।

❑ ❑ ❑

Digitized by PPRACHIN, SOA

ଗାଳ୍ପିକା ଓ ଔପନ୍ୟାସିକା ସୌମ୍ୟା ସାରସ୍ୱତା ପଣ୍ଡା ରେଭେନ୍‌ସା' ବିଶ୍ୱବିଦ୍ୟାଳୟରୁ ଏମ୍‌ଜେଏମ୍‌ସି ଏବଂ ବିପିୟୁଟିରୁ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ସମ୍ପ୍ରତି ସାମ୍ବାଦିକତା ଓ ଗଣ ଯୋଗାଯୋଗ କ୍ଷେତ୍ରରେ ଅଧ୍ୟାପନା ବୃତ୍ତିରେ ନିୟୋଜିତା। ପିଲାବେଳୁ ତାଙ୍କର ଲେଖାପଢ଼ାରେ ରୁଚି ରହି ଆସିଛି। ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ପତ୍ରପତ୍ରିକା ତଥା ସମ୍ବାଦପତ୍ରରେ ତାଙ୍କର ଗଳ୍ପ, କବିତା ଓ ସ୍ତମ୍ଭ ପ୍ରକାଶିତ ହୋଇ ବହୁଳ ଜନାଦୃତି ଲାଭ କରିଅଛି। ଆଧୁନିକ ସାହିତ୍ୟରେ ବିଶେଷ ରୁଚି ରଖୁଥିବା ଶ୍ରୀମତୀ ପଣ୍ଡା ଇଂରାଜୀ ସାହିତ୍ୟକୁ ମଧ୍ୟ ସ୍ୱକୀୟ କବିତା ମାଧ୍ୟମରେ ସମୃଦ୍ଧ କରିଛନ୍ତି। ଏତଦ୍‌ବ୍ୟତୀତ ସେ ଜଣେ ବ୍ଲଗର୍ ଭାବରେ ନିୟମିତ ବ୍ଲଗ୍ ଲେଖିଥାନ୍ତି। ତାଙ୍କର ପ୍ରତ୍ୟେକ ଲେଖା ମୌଳିକ ଚିନ୍ତା ଓ ଚେତନାରେ ସମୃଦ୍ଧ।

ଅଧ୍ୟାପିକା ପଣ୍ଡା ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ଜଣେ ସମ୍ଭାବନାମୟ ପ୍ରତିଶ୍ରୁତି। କବିତାରେ ସୂକ୍ଷ୍ମତା, ଗଳ୍ପରେ ସନ୍ତ୍ରମତା ଏବଂ ସ୍ତମ୍ଭରେ ଶାଣିତତା ହେଉଛି ତାଙ୍କ ଲେଖନୀର ବୈଶିଷ୍ଟ୍ୟ। 'ଅସ୍ତାରୁଣର ସୁରଭି' ତାଙ୍କର ପ୍ରଥମ ଉପନ୍ୟାସ। ସମୟ ସହିତ ବଦଳୁଥିବା ପ୍ରେମର ପରିଭାଷାକୁ ନେଇ ଆତ୍ମପ୍ରକାଶ ଲାଭ କରୁଛି ଏହି ସାରସ୍ୱତ ସୃଷ୍ଟି। ଏହି ଉପନ୍ୟାସରେ ସେ ଶାଶ୍ୱତ ପ୍ରେମ ଏବଂ ଏହାର ଚିରନ୍ତନ ମୂଲ୍ୟବୋଧକୁ ଏକ ଭିନ୍ନ ସ୍ୱାଦରେ ପରିବେଷଣ କରିବାର ଉଦ୍ୟମ କରିଛନ୍ତି। ଆଶା କରାଯାଏ, ଉପନ୍ୟାସ ଅସ୍ତାରୁଣର ସୁରଭି ପାଠକପାଠିକାଙ୍କ ଦ୍ୱାରା ଆଦୃତି ଲାଭ କରିବ।

ପ୍ରକାଶକ

CLASSICS

BK CLASSICS

ISBN 978-93-87265-25-7

9789387265257

₹ 195.00

www.bkpublication.in

Digitized by PPRACHIN, SOA